ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଫେବୃଆରୀ, ୨୦୧୮



## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା - ସମ୍ପାଦକ

Download Magazine from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Download Magazine from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।

Download Magazine from www.aahwaan.com

# ସୂଚୀପତ୍ର


ସମ୍ପାଦକୀୟ ୮

## ଗଳ୍ପ ବିଭାଗ

ରାମରହୀମ ୧୯
*ଶୈବାଳିନୀ ସାହୁ*

ଚମ୍ପାନାନୀର ଝିଅ ୨୬
*ଭାଗିରଥୀ ଯାନି*

ସୁନେଲି ସିଂହ - ୫ (କ) ୩୧
*ଅଶୋକ ବିଶ୍ୱାଳ*

ଲଟେରୀ ୩୭
*ଡା ସୁବାସ ଚନ୍ଦ୍ର ରାଉତ*

ମୌନ ପ୍ରହର ପ୍ରହରୀ ୫୧
*ପ୍ରମୋଦ କୁମାର ପଣ୍ଡା*

ଓଡ଼ିଆଣୀଙ୍କ ଧର୍ମ ୬୫
*ପଙ୍କଜ କୁମାର ପାଣିଗ୍ରାହୀ*

କଲେଜ ଫ୍ରେସର ପାର୍ଟି ୬୭
*ଅରବିନ୍ଦ ଆଚାର୍ଯ୍ୟ*

ରାହା ୭୨
*ନୃସିଂହ ଚରଣ ବେହେରା*

କିଣନ୍ତୁ ମାନବ ଅଙ୍ଗ ୮୧
*ମଧୁସ୍ମିତା ପଟ୍ଟନାୟକ*

ବାପରେ ! କେବେ ଆସିବୁ ୯୦
*ଜ୍ୟୋତିରଞ୍ଜନ ସାହୁ*

ଭଙ୍ଗାଘର ୯୫
*ମନୋରଞ୍ଜନ ମୁଦୁଲି*

ପରିଚୟ ୧୦୪
*ନରେଶ କୁମାର ବେହେରା*

ଭଙ୍ଗା ଝରକା ୧୧୪
*ଭାଗିରଥୀ ବେହେରା*

ପ୍ରତୀକ୍ଷା ୧୨୩
*ସସ୍ମିତା ସାହୁ*

ଅଧୁରା ପ୍ରେମ ୧୨୫
*ସୁବଳ ମହାପାତ୍ର*

ରସାବଳୀ ଓ ବିଲେଇକଳି ୧୩୧
*ଡା ସୌମ୍ୟରଞ୍ଜନ ମିଶ୍ର*

ଅଜ୍ଞାତ ବିରାଙ୍ଗନା ୧୩୩
*ପାରମିତା ମିଶ୍ର*

ଘରର ଇଜ୍ଜତ ୧୪୫
*ବିନୟ ମହାପାତ୍ର*

ଦତ୍ତକ ୧୪୭
*ପ୍ରତିଭା ପ୍ରିୟଦର୍ଶିନୀ*

ଅନ୍ତର୍ଦ୍ୱନ୍ଦ ୧୫୬
*ଦୀପାଞ୍ଜଳୀ ସାହୁ*

ମଣିଷ ପଣିଆ ୧୬୦
*ପ୍ରଣତୀ ମହାପାତ୍ର*

ବୃହତ୍ ସ୍ୱାର୍ଥୀ ୧୬୪
*ଶୁଭକାନ୍ତ ସାହୁ*

ପୂର୍ଣ୍ଣିମାରେ ଲାଗିଗଲା ଅମାବାସ୍ୟାର କଳଙ୍କ ୧୬୫
*ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର*

Download Magazine from www.aahwaan.com

## ପ୍ରବନ୍ଧ ବିଭାଗ


ଶ୍ରୀ ଶ୍ରୀ ଭୂଷଣ୍ଡେଶ୍ୱର : ଏକ ଐତିହାସିକ ଅନ୍ୱେଷଣ ୧୭୦
*ରବୀନ୍ଦ୍ର କୁମାର ସାମଲ*

ପୁରୀର ପ୍ରାଚୀନ ନାମ ୧୮୪
*ଶ୍ରୀବୈକୁଣ୍ଠନାଥ ଖଟୁଆ*

ଉଦ୍ଧବ ଗୀତା ୧୮୯
*ସୁଶାନ୍ତ ପୁରୋହିତ*

ଷାଠିଏ ମହଣ ଘିଅ ବନାମ ରାଧାର ନାଚ ୧୯୩
*ଡମ୍ବରୁଧର ପଟ୍ଟନାୟକ*

ସମାଜ ଗଠନରେ ଛାତ୍ରର ଭୂମିକା ୧୯୮
*ଶ୍ରୀ ରମାକାନ୍ତ ମିଶ୍ର*

କବି ଦୀପକ ମିଶ୍ର : ଏକ ଅନ୍ତରଙ୍ଗ ଅନୁଭବର ନକ୍ସା ୨୦୭
*ଅଧ୍ୟାପିକା ରଞ୍ଜିତା ପାତ୍ର*

ଲଙ୍ଗଳ ୨୧୧
*ଶ୍ରୀବୈକୁଣ୍ଠନାଥ ଖଟୁଆ*

ସନ୍ଥକବୀର ଦୋହା ଗୁଚ୍ଛ-୨ ୨୨୦
*ଡା ସୁବାସ ଚନ୍ଦ୍ର ରାଉତ*


## କବିତା ବିଭାଗ


ହଜିଲା ଶୈଶବ ୨୨୭
*ମନୋରଞ୍ଜନ ମୁଦୁଲି*

ଲେଖିବାର ମାନେ ୨୨୮
*ଡା ଅସିତ କୁମାର ସ୍ୱାଇଁ*

ବିତୃଷ୍ଣା ଜୀବନ ୨୩୦
*ସୁଶ୍ରୀ ମିନତିରାଣୀ ମେଣ୍ଡଲି*

ଶବ୍ଦହୀନ ନିଃଶ୍ୱାସ ୨୩୨
*ଅଶୋକ ବିଶ୍ୱାଳ*

ରାତି ୨୩୫
*ବରୁଣ କୁମାର ଦାସ*

ଯଥାର୍ଥ ୨୩୭
*ଶ୍ରୀରାଜଶେଖର 'ଚିମା'*

ନୀରବତା ୨୩୮
*ଡା ନୀଳମାଧବ କର*

ମା ୨୪୧
*ସ୍ୱରୂପା ମହାନ୍ତି*

ମୁଁ ଓ ତୁମେ ୨୪୨
*ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ*

ଶୀତ ସକାଳ ୨୪୩
*ଉମେଶ କୁମାର ବେହେରା*

ବାହାନା ୨୪୫
*ନିର୍ମଳ କୁମାର ଦଳାଇ*

ମୋ ପରିବାର ୨୪୭
*ରୋଜା ପଣ୍ଡା*

ଆମେ ଚାଲିଛୁ ତ ଭାଇ ଆଗେଇ ୨୫୨
*ଡା ସଂଜୀବକୁମାର ପାଣିଗ୍ରାହୀ*

ଅଲୋଡ଼ା କି ବାପା ମା' ୨୫୪
*ଜିତେନ୍ଦ୍ର କୁମାର କହଁର*

ମୁଁ ଓ ସକାଳ ୨୬୦
*ରଶ୍ମିତା ମହାନ୍ତ*

ପରୀଟିଏ ୨୬୨
*ବୈଚନ୍ଦ୍ର ମଲ୍ଲିକ*

ଅବାସ୍ତବ ସ୍ୱପ୍ନ ୨୬୭
*ଶୁଭଶ୍ରୀ ନାୟକ*

Download Magazine from www.aahwaan.com


ପ୍ରେମ ପରଶ ୨୬୯
*କ୍ଷେତ୍ରବାସୀ ଜେନା*

ଏଇଠି ୨୭୦
*ଶ୍ରୀ ରମାକାନ୍ତ ମିଶ୍ର*

ଏକ ଭାଙ୍ଗିଥିବା ସ୍ୱପ୍ନ ୨୭୪
*ସଞ୍ଜୟ ଦାସ*

ଦୁଇମୁହାଁ ଦାନବ ୨୭୫
*ଡା ସହଦେବ ସ୍ୱାଇଁ*

ଖିଲ୍‌ଜୀ ୨୭୭
*ରିଭୁ ଆଭୁଷଣ ପଣ୍ଡା*

ତୃପ୍ତି ୨୭୯
*ମାମାଜିନି ପ୍ରଧାନ*

ତୁମେ ଅଛ ବୋଲି ୨୮୨
*ସିପ୍ରା ନାମତା*

ମୁଖା ୨୮୪
*ଦେବସ୍ମିତା ବେହେରା*

ଆଦିବାସୀ ୨୮୬
*ଏମ୍. ବିଜୟ କୁମାର*

ତୁମେ ଆସୁଛ ବୋଧେ ୨୯୦
*ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ*

ଚିଲିକା ୨୯୩
*ଅନୁସୂୟା ମିଶ୍ର*

ଟୁଲିପ ୨୯୬
*ଓଁକାର ଦାଶ*

ବିଦାୟୀ ବରଷ ୨୦୧୭ ୨୯୭
*କାହ୍ନୁଚରଣ ସାହୁ*

ନୂଆ ବରଷ ୨୯୯
*କାହ୍ନୁ ଚରଣ ସାହୁ*

ଅସରାଏ ଫଗୁଣ ୩୦୧
*ମୃତ୍ୟୁଞ୍ଜୟ ହୋତା (ଆଲୋକ)*

କୋଣାର୍କ ୩୦୩
*ସ୍ୱାଗତ କୁମାର ପଣ୍ଡା*

ଚିଠି ୩୦୪
*ଶ୍ରଦ୍ଧାଞ୍ଜଳୀ ମିଶ୍ର*

ପ୍ୟାସା (ଅନୁବାଦ କବିତା) ୩୦୬
*ସରୋଜ କୁମାର ସାହୁ*

ତୁମେ ଆଏବ ବଲି ୩୦୮
*ବିଜୟିନୀ ପଣ୍ଡା*

ପ୍ରଦୀପ ପଣ୍ଡା ଅମର ରହେ ୩୧୧
*ସୁଦାମ ଗୌଡ଼*

ଭଲର ଫଲ୍ ସଭିଁକେ ଭଲ ୩୧୪
*ଆଶୁତୋଷ ମେହେର*

ମାନସୀ ପ୍ରେମିକା ୩୧୫
*ପଙ୍କଜ କୁମାର ପାଣିଗ୍ରାହୀ*

ପ୍ରେମିକର ରୋଦନ ୩୧୭
*କୁମାର ଲୋକେଶ*

କାଳିଆକୁ ଚିଠିଟିଏ ୩୧୮
*ପ୍ରଣତୀ ମହାପାତ୍ର*

ସମୟ ୩୨୧
*ଅଶୋକ କୁମାର ସେଠୀ*

ଆପେ ବଞ୍ଚିଲେ ବାପର ନାଁ ୩୨୩
*ବିନୟ ମହାପାତ୍ର*

ଜାନୁଆରୀ ଛବିଶି ୩୨୬
*ସନ୍ତୋଷ ପଟ୍ଟନାୟକ*

ମୁଁ ସେଇ କୁନ୍ଦୁଲୀ ପୀଡ଼ିତା କହୁଛି ୩୨୮
*ବିକେଶ ସାହୁ*

Download Magazine from www.aahwaan.com


| | |
|---|---|
| ହାଟ | ୩୩୧ |
| *ଶୁଭକାନ୍ତ ଦାସ* | |
| ପ୍ରେମିକା | ୩୩୪ |
| *ଶୁଭକାନ୍ତ ସାହୁ* | |
| ଅନ୍ତର୍ଦାହ | ୩୩୬ |
| *ଉଦୟନାଥ ଗୌଡ଼* | |
| ହେ କେଶବ | ୩୩୮ |
| *କାର୍ତ୍ତିକ ପାଣିଗ୍ରାହୀ* | |

## ଗଳ୍ପ-ସ୍ପର୍ଦ୍ଧା ବିଭାଗ

| | |
|---|---|
| ଦାୟିତ୍ୱ | ୩୪୧ |
| ସିପ୍ରା ନାମତା | |
| ସ୍ୱପ୍ନ | ୩୪୯ |
| *ବୈଚନ୍ଦ୍ର ମଲ୍ଲିକ* | |
| ପଶ୍ଚାତାପ | ୩୫୬ |
| *ବିଜୟ କୁମାର ପଣ୍ଡା* | |
| ଗୋଲାମଗିରି | ୩୬୧ |
| *ଦୀପକ ଷଡ଼ଙ୍ଗୀ* | |
| ବାପା | ୩୬୯ |
| *ପ୍ରଶାନ୍ତ କୁମାର ନାଥ* | |
| ଜାଗ୍ରତ ପ୍ରହରୀ | ୩୭୪ |
| *ଜିତେନ୍ଦ୍ର କୁମାର କହଁର* | |
| ପିତୃତ୍ୱ | ୩୮୫ |
| *ଅରବିନ୍ଦ ଆଚାର୍ଯ୍ୟ* | |
| ବାପା | ୩୯୧ |
| *ରାଧାକାନ୍ତ ଦାଶ* | |
| କୌତୁହଳ | ୩୯୭ |
| *ଶୁଭକାନ୍ତ ସାହୁ* | |
| ଅଭିଳାଷର ଅନ୍ତରାଳେ | ୩୯୯ |
| *ବିଜୟିନୀ ପଣ୍ଡା* | |
| ସବୁରାତିର ସକାଳ ନାହିଁ | ୪୧୦ |
| *ପାରମିତା ମିଶ୍ର* | |
| ତୁଳନା | ୪୧୭ |
| *ବଳବନ୍ତ ସାହୁ(ବବଲୁ)* | |
| ପରିଚୟ | ୪୨୬ |
| *ବିକେଶ ସାହୁ* | |
| ବଡ଼ ହେଲେ ମୁଁ ହାକିମ ହେବି | ୪୩୩ |
| *ସରସୀ ଆଚାର୍ଯ୍ୟ* | |
| ସମୟ | ୪୪୨ |
| *ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ* | |
| ଜୀବନର ମୋଡ | ୪୪୮ |
| *ସୁବଳ ମହାପାତ୍ର* | |
| ଗଳ୍ପସ୍ପର୍ଦ୍ଧାର ସଫଳ ପ୍ରତିଯୋଗୀ | ୪୫୮ |
| ମାର୍ଚ୍ଚ ଗଳ୍ପସ୍ପର୍ଦ୍ଧା ସୂଚନା | ୪୫୯ |


**ପବିତ୍ର ଶିବରାତ୍ରୀ (ଜାଗର) ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାର ତରଫରୁ ସମସ୍ତ ପାଠକପାଠିକା, ଲେଖକ ଲେଖିକା ଏବଂ ପୃଷ୍ଠପୋଷକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

Download Magazine from www.aahwaan.com

# ସମ୍ପାଦକଙ୍କ କଲମରୁ...



ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଆହ୍ୱାନ ଇ-ପତ୍ରିକାର ଫେବୃଆରୀ ମାସର ସଂସ୍କରଣ ଉପସ୍ଥାପନ କରୁଥିବା ବେଳେ ମୁଁ ବର୍ଷ ୨୦୦୭ କଥା ଭୁଲି ପାରେନାହିଁ । ସେହିବର୍ଷ ଫେବୃଆରୀ ଛଅ ତାରିଖ, ସରସ୍ୱତୀ ପୂଜାରେ ହିଁ ଆହ୍ୱାନର ପ୍ରଥମ ସଂସ୍କରଣ ପ୍ରକାଶିତ ହୋଇଥିଲା । ଏବଂ ଏହା ବର୍ତ୍ତମାନ ସୁଦ୍ଧା ନିରବଚ୍ଛିନ୍ନ ଭାବରେ ପ୍ରକାଶିତ ହୋଇ ଆସୁଛି ।

ଚଳିତ ମାସରେ ସ୍ୱାସ୍ଥ୍ୟ ଅବନତି ହେତୁ ପତ୍ରିକା ପ୍ରକାଶନରେ ବିଳମ୍ବ ହୋଇଥିବା ହେତୁ ମୁଁ କ୍ଷମାପ୍ରାର୍ଥୀ । ଆସନ୍ତୁ ପତ୍ରିକାକୁ ଉନ୍ମୋଚନ କରି ପ୍ରକାଶିତ ବିଭିନ୍ନ ଲେଖା ସବୁକୁ ପଢ଼ିବା ପୂର୍ବରୁ ବିଗତ ଏକ ମାସରେ ଦେଶ ଦୁନିଆରେ ଘଟିଥିବା କିଛି ଘଟଣା ଉପରେ ଦୃଷ୍ଟିପାତ କରିବା ଯାହା ଜନମାନସରେ ପ୍ରବଳ ପ୍ରତିକ୍ରିୟା ସୃଷ୍ଟି କରିଥିଲା ।

## ପାର୍ଲିଆମେଣ୍ଟରେ ରେଣୁକା ଚୌଧୁରୀଙ୍କ ହସ ଉପାଖ୍ୟାନ

ବିଗତ ସପ୍ତାହରେ ପାର୍ଲିଆମେଣ୍ଟରେ ପ୍ରଧାନମନ୍ତ୍ରୀ ବକ୍ତବ୍ୟ ଦେଉଥିବା ବେଳେ ବିରୋଧୀଦଳ ସଦସ୍ୟମାନେ ହଟଗୋଳ କରୁଥିବାର ଦେଖାଗଲା । ଏହି ସମୟରେ ସଭାପତି ମଞ୍ଚାସୀନ ଉପରାଷ୍ଟ୍ରପତି ଶ୍ରୀ ଭେଙ୍କୟା ନାୟଡୁ ବାରମ୍ବାର କଂଗ୍ରେସ ସଦସ୍ୟ ମାନଙ୍କୁ ଭଦ୍ରୋଚିତ ବ୍ୟବହାର କରିବାପାଇଁ ନିବେଦନ କରୁଥିବାର ଦେଖାଗଲା । କିନ୍ତୁ ଏହି ସମୟରେ ଏକ ଘଟଣା ଘଟିଲା ଯାହା ପରେ ହାସ୍ୟରୋଳରେ ପରିବର୍ତ୍ତିତ ହୋଇଥିଲେ ସୁଦ୍ଧା ଏହାକୁ ନେଇ ରାଜନୀତି ହେବା ଆରମ୍ଭ ହୋଇଗଲା । ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ସମୟରେ ଉଚ୍ଚ ସ୍ୱରରେ ହସୁଥିବା କଂଗ୍ରେସ ସଦସ୍ୟା ରେଣୁକା ଚୌଧୁରୀଙ୍କୁ ସଭାପତି ବାରମ୍ବାର

 Download Magazine from www.aahwaan.com

ତାଗିଦ କରୁଥିବା ସତ୍ତ୍ୱେ ସେ ହସ ବନ୍ଦ କରିନଥିଲେ, ଏବଂ ପରେ ପ୍ରଧାନମନ୍ତ୍ରୀ ହାସ୍ୟଛଳରେ କହିଲେ, ମହାଶୟ ତାଙ୍କୁ ହସିବାକୁ ଦିଆଯାଉ । ରାମାନନ୍ଦ ସାଗରଙ୍କ ରାମାୟଣ ଧାରାବାହିକ ପରେ ଏମିତି ହସ ସେ ଅନେକ ବର୍ଷପରେ ଶୁଣିବାକୁ ପାଉଛନ୍ତି । ଏହାକୁ ନେଇ ସମୁଦାୟ ସଂସଦରେ ହାସ୍ୟରୋଳର ବାତାବରଣ ସୃଷ୍ଟି ହୋଇଥିଲା । ସୂଚନାଯୋଗ୍ୟ ଯେ ରାମାୟଣ ଧାରାବାହିକର ଏକ ପ୍ରମୁଖ ଚରିତ୍ର ସୂର୍ପଣଖା ଏହିପରି ହସୁଥିବାର ଭିଡ଼ିଓ ତୁରନ୍ତ ସୋସିଆଲ୍ ମିଡ଼ିଆରେ ପ୍ରଚାର ହେବାରେ ଲାଗିଲା । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଜନୈକା ମହିଳା ସଦସ୍ୟାଙ୍କୁ ଅପମାନିତ କରିଲା କହି ବିରୋଧୀମାନେ ହଟଗୋଳ କରିଥିଲେ । ଏହାକୁ ନେଇ ବିଜେପି ତରଫରୁ କୈଫିୟତ ଦିଆଯାଇଥିଲା ଯେ ପ୍ରଧାନମନ୍ତ୍ରୀ କେବଳ ରାମାୟଣ କଥା କହିଥିଲେ, ସଦସ୍ୟା ଯଦି ନିଜକୁ ସୂର୍ପଣଖା ବୋଲି ମନେ କଲେ ସେଥିରେ ଦୋଷ କାହାର ?

## ସାଧାରଣତନ୍ତ୍ର ଦିବସରେ ଭାରତର ଶକ୍ତି ପ୍ରଦର୍ଶନରେ ବିଚଳିତ ପାକିସ୍ଥାନ

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଅତିଥି ଭାବରେ ଯୋଗ ଦେଇଥିବା ଦକ୍ଷିଣପୂର୍ବ ଏସିଆର ଦଶଟି ପ୍ରମୁଖ ଦେଶର ରାଷ୍ଟ୍ରପ୍ରମୁଖ ମାନଙ୍କ ଉପସ୍ଥିତି ସମାରୋହକୁ ଯେତିକି ଭବ୍ୟ କରିନଥିଲା ଏହାକୁ ନେଇ ପଡ଼ୋଶୀ ରାଷ୍ଟ୍ର ପାକିସ୍ଥାନରେ ହୋଇଥିବା ଆଲୋଚନା ଅତ୍ୟନ୍ତ ଆମୋଦକର ହୋଇଥିଲା । ଭାରତର ଶକ୍ତି ପ୍ରଦର୍ଶନରେ ବିଚଳିତ ପାକିସ୍ତାନର ଗଣମାଧ୍ୟମ ପ୍ରକାଶ୍ୟରେ ସୂଚେଇ ଦେଇଥିଲେ ଯେ ଭାରତ ସହ କୌଣସି ଭାବରେ ଯୁଦ୍ଧରେ ପାକିସ୍ଥାନ ଜିତିବା ଅବସ୍ଥାରେ ନାହିଁ । ଏବଂ ଯେଉଁଭାଳି ଭାବରେ ଭାରତ ସମୁଦାୟ ଦକ୍ଷିଣ ଏସିଆର ରାଷ୍ଟ୍ରମୁଖ୍ୟଙ୍କୁ ନେଇ ନିଜ ଭୂମିରେ ଏକତ୍ରିତ କରିପାରିଛି, ଯଦି ଯୁଦ୍ଧ ହୁଏ ପାକିସ୍ଥାନ ସପକ୍ଷରେ କେହି ବି ଠିଆ ହେବେ ନାହିଁ ବୋଲି ମତ ପ୍ରକାଶ ପାଇଛି ।

 Download Magazine from www.aahwaan.com

ଭାରତୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପ୍ରାଧାନ୍ୟ ଆନ୍ତର୍ଜାତିକ ସମାରୋହରେ ଯେଉଁଭଳି ଭାବରେ ବୃଦ୍ଧି ପାଇବାରେ ଲାଗିଛି, ଯଦି ପାକିସ୍ଥାନ କୌଣସି ପ୍ରକାର ଅନ୍ତରାଷ୍ଟ୍ରୀୟ ନୀତିରେ ପରିବର୍ତ୍ତନ ନ ଆଣେ ତ ଦେଶ ଦିନେ ନା ଦିନେ ବିକ୍ରୀ ହୋଇଯିବ ବୋଲି ପାକିସ୍ତାନର ଜନୈକ ପ୍ରତିଷ୍ଠିତ ସମ୍ପାଦକ ମତ ଦେଇଛନ୍ତି । ଅନ୍ୟପକ୍ଷରେ ଭାରତକୁ ଚିନ୍ତାରେ ରଖିବାପାଇଁ ବାରମ୍ବାର ସୀମାରେ ଉଲଂଘନ ପ୍ରକ୍ରିୟାକୁ ଜାରୀ ରଖିଥିବା ପାକିସ୍ତାନ ପାଇଁ ବର୍ତ୍ତମାନ ସର୍ଜିକାଲ୍ ଷ୍ଟ୍ରାଇକ୍ ଭଳି ଅଧିକ ଘଟଣା ଘଟିବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ମତ ପ୍ରକାଶ ପାଉଛି ।

## ପାଲେଷ୍ଟାଇନ୍ ଗସ୍ତରେ ଭାରତୀୟ ପ୍ରଧାନମନ୍ତ୍ରୀ

ବିଗତ ଦିନରେ ଭାରତ ଗସ୍ତରେ ଆସିଥିବା ଇସ୍ରାଏଲର ରାଷ୍ଟ୍ରପ୍ରମୁଖଙ୍କ ସହ ମୋଦୀଙ୍କ ଭାବପୂର୍ଣ୍ଣ ବନ୍ଧୁତ୍ୱକୁ ଦେଖି ଅନେକ ରାଜନୈତିକ ବୁଦ୍ଧିଜୀବି ଭାରତର ଇସ୍ରାଏଲ ସହ ବନ୍ଧୁତା ଅତୀତରେ ପାଲେଷ୍ଟାଇନ ପ୍ରତି ଥିବା ବନ୍ଧୁତାକୁ ତିକ୍ତତାରେ ପରିଣତ କରିପାରେ ବୋଲି ମତ ଦେଇଥିଲେ । ହେଲେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଚଳିତ ସପ୍ତାହରେ ପାଲେଷ୍ଟାଇନ ଭ୍ରମଣ ଯାଇଛନ୍ତି । ବିଶେଷ ସୂଚନାରେ ଜଣାଇ ଦେବାକୁ ଉଚିତ ମନେ କରୁଛି ଯେ ଏହି ଭ୍ରମଣ କାଳରେ ଶ୍ରୀ ମୋଦୀ ଜୋର୍ଡ଼ାନ ଗସ୍ତ ସାରିଦେଇ ସେଠାରୁ ପାଲେଷ୍ଟାଇନ୍ ଯିବାପାଇଁ ଜୋର୍ଡ଼ାନର ବାୟୁସେନାର ଜାହାଜ ବ୍ୟବହାର କରୁଥିବା ବେଳେ ଚିରଶତ୍ରୁ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ଅସ୍ତ୍ର ବିରତି ରଖି ପରସ୍ପର ସହ ମିତ୍ରଭଳି ବ୍ୟବହାର କରିଛନ୍ତି ଏବଂ ଇସ୍ରାଏଲର ବାୟୁସେନାର ଯାନ ପାଲେଷ୍ଟାଇନ୍ ବାୟୁସୀମାରେ ଅବାଧ ପ୍ରବେଶ କରିଛି । ଏହା କେବଳ ଶ୍ରୀ ମୋଦୀଙ୍କ କୂଟନୀତି ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି ବିଶ୍ୱ ସମୁଦାୟ କହୁଛି ।

 Download Magazine from www.aahwaan.com

ପାଲେଷ୍ଟାଇନର ରମଲ୍ଲାଠାରେ ମାତ୍ର ତିନିଘଣ୍ଟାର ରହଣୀ ମଧ୍ୟରେ ଶ୍ରୀ ମୋଦୀ ପାଲେଷ୍ଟାଇନକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ମିଳିବା ସପକ୍ଷରେ ଯୁକ୍ତି ରଖିଥିଲେ ।

## କାଶ୍ମୀର ଉପତ୍ୟାକାରେ ଆତଙ୍କବାଦୀ ଆକ୍ରମଣ

ବିଗତ କିଛିଦିନ ହେବ ପାକିସ୍ତାନ ଆନ୍ତର୍ଜାତିକ ସୀମାରେଖାରେ ଅସ୍ତ୍ରବିରତି ଉଲ୍ଲଂଘନ କରି ବାରମ୍ବାର ଭାରତ ଉପରକୁ ଗୁଳି ଓ ମୋର୍ଟାର ମାଡ଼ ଜାରି ରଖିଛି । ଏହାଫଳରେ ବ୍ୟାପକ ଧନଜୀବନ କ୍ଷୟକ୍ଷତି ହେଉଥିବାର ଖବର ପ୍ରତିଦିନ ଖବରକାଗଜରେ ବାହାରୁଛି । ବିଗତ ସପ୍ତାହରେ କାଶ୍ମୀର ଉପତ୍ୟାକାରେ ହୋଇଥିବା ଆକ୍ରମଣରେ ସୁରକ୍ଷାବଳ ସୈନିକ ସମେତ ସାଧାରଣ ଜନତା ମଧ୍ୟ ପ୍ରାଣ ହରାଇବାର ଦେଖିବାକୁ ମିଳୁଛି । ସୁଞ୍ଜୁଵାନ୍, କରନ ନଗର ଆଦି ଅଞ୍ଚଳ ମାନଙ୍କରେ ଆତଙ୍କବାଦୀଙ୍କ ଆକ୍ରମଣ ଦିନକୁ ଦିନ ପ୍ରବଳରୁ ପ୍ରବଳତର ହେବାରେ ଲାଗିଛି । ରକ୍ଷା ବିଶେଷଜ୍ଞଙ୍କ ମତରେ ଏହି ସବୁ ଆକ୍ରମଣ ପଛରେ ପାକିସ୍ତାନର ହାତ ରହିଛି । ଆନ୍ତର୍ଜାତିକ ସମୁଦାୟରେ ପାକିସ୍ତାନକୁ ଏକ ଘରକିଆ କରିଦେଇଥିବାର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଏହି ସବୁ ଗରିଲା ଯୁଦ୍ଧକୁ ପ୍ରୋତ୍ସାହନ ଦିଆଯାଉଛି । ଅନେକ ମାସ ଧରି ଉପତ୍ୟାକାରେ ଶାନ୍ତି ବଜାୟ ରହିବାପରେ ପୁଣିଥରେ କାଶ୍ମୀର ଉପତ୍ୟାକାରେ ଅଶାନ୍ତିର ବାତାବରଣକୁ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଧିକରୁ ଅଧିକ ଆତଙ୍କବାଦୀଙ୍କୁ ନିଯୁକ୍ତି ଦିଆଯାଇ ସେମାନଙ୍କ ଦ୍ୱାରା ଏହି ସବୁ ଘଟଣାକୁ ରୂପ ଦିଆଯାଉଛି । ଖୁବ୍ ଶୀଘ୍ର କୌଣସି ପ୍ରକାର ପଦକ୍ଷେପ ନ ନିଆଗଲେ ପୁଣିଥରେ ଭାରତର ଏହି ସ୍ୱର୍ଗଭୂମି ପୁଣିଥରେ ନର୍କରେ ପରିଣତ ହୋଇଯିବ ବୋଲି ଆମେ ମନେକରୁ ।

## ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଅଣ୍ଡାମାଡ

ବାଲେଶ୍ୱର ସହର ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ

 Download Magazine from www.aahwaan.com

ଆସିଥିବା ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଜଣେ ମହିଳା ଅଣ୍ଟା ଫୋପାଡ଼ିବା ଖବର ବିଗତ ସପ୍ତାହରେ ସମସ୍ତ ଗଣମାଧ୍ୟମ ପ୍ରମୁଖତାର ସହ ପ୍ରସାର କରିଥିଲେ ।

ଏହି ଘଟଣା ପରେ ପରେ ଅଭିଯୁକ୍ତ ମହିଳାଙ୍କୁ ପୋଲିସ ଗିରଫ କରିନେଇଥିଲେ । ମିଳିଥିବା ଖବର ଅନୁଯାୟୀ ମହିଳା ଜଣକ ଏକ ରାଜନୈତିକ ଦଳର ସଦସ୍ୟା ହୋଇଥିବା ବେଳେ ସେ କରିଥିବା ଏହି କାଣ୍ଡ ପରେ ପୋଲିସ ଆକ୍ରୋଶମୂଳକ ଭାବରେ ତାଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଇଥିବା କଥା ସେ ବାରମ୍ବାର ଜଣାଇଥିଲେ । ଅବଶ୍ୟ ସେ ଅଣ୍ଡା ମାଡ କରିବାପରେ ତାଙ୍କୁ ପୋଲିସ କର୍ମୀ ସୁରକ୍ଷିତ ଭାବରେ ଘଟଣାସ୍ଥଳରୁ ବାହାରକୁ ନେଉଥିବାର ଭିଜୁଆଲ୍ ଆମେ ଦେଖିବାକୁ ପାଇଥିଲୁ । କିନ୍ତୁ ଘଟଣାସ୍ଥଳରେ ଉପସ୍ଥିତ ଅନେକ ବ୍ୟକ୍ତିଙ୍କ ଆକ୍ରୋଶର ସେ ଶୀକାର ହୋଇଥିଲେ ଏବଂ ଯେଉଁଥିପାଇଁ ତାଙ୍କୁ ପରେ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ସୂଚନାଯୋଗ୍ୟ ଯେ ଅଣ୍ଡାମାଡ଼ କରିଥିବା ମହିଳାଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ଼ ଧାରା ୩୦୭ ଅନ୍ତର୍ଗତ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣର ଧାରାରେ ପୋଲିସ ମାମଲା ରୁଜୁ କରିଥିବା କଥା ଶୁଣାଯାଉଛି ।

ଓଡ଼ିଶାରେ ଅଣ୍ଡା ମାଡ଼ର ଘଟଣା ନୂଆ ନୁହେଁ । ଏହାପୂର୍ବରୁ ଅନେକ ଥରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାଜନୈତିକ ବ୍ୟକ୍ତି ଏବଂ ଶୋଭାଯାତ୍ରା ଉପରକୁ ଅଣ୍ଡାମାଡ କରାଯାଇଥିଲା ଏବଂ ଶାସକ ଦଳର ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନରେ ଏ ସବୁ ହୋଇଥିବା କଥା ସେ ସମୟରେ ଗଣମାଧ୍ୟମ ଜଣାଇଥିଲେ ।

## ପାଣ୍ଡିଆନଙ୍କ ଘରେ ଗୋବର ମାଡ଼

ବିଗତ ଦିନରେ ଓଡ଼ିଶାରେ ରାଜନୈତିକ ବାତାବରଣ ଉଷ୍ମ ଥିବା ବେଳେ ଜଣେ ଅଣରାଜନୈତିକ ବ୍ୟକ୍ତିଙ୍କ ନାମ କିନ୍ତୁ ଅଧିକ ଶୁଣିବାକୁ ମିଳିଥିଲା, ସେ ହେଉଛନ୍ତି

Download Magazine from www.aahwaan.com

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଆଇଏଏସ ଅଧିକାରୀ ଶ୍ରୀ କାର୍ତ୍ତିକେୟନ ପାଣ୍ଡିଆନ । ଅତୀତରେ ସେ ଓଡ଼ିଶାର ଅନେକ ଜିଲ୍ଲାର ଜିଲ୍ଲାପାଳ ଭାବରେ ରହି ଉଲ୍ଲେଖନୀୟ କାର୍ଯ୍ୟ କରିଥିବାର ଉଦାହରଣ ରହିଛି କିନ୍ତୁ ସାଂପ୍ରତିକ ସମୟରେ ଅନେକ ରାଜନୈତିକ ବ୍ୟକ୍ତିଙ୍କ କୁଦୃଷ୍ଟିରେ ସେ ରହିଛନ୍ତି । ଏହାର ପ୍ରମୁଖ କାରଣ ହେଲା ତାଙ୍କର ମୁଖ୍ୟମନ୍ତ୍ରୀଙ୍କ ସହ ନିକଟତା । ଶୁଣାଯାଉଛି ଯେ ନବୀନ ପଟ୍ଟନାୟକ ନେଇଥିବା ଅନେକ ଦୃଷ୍ଟାନ୍ତମୂଳକ ନିଷ୍ପତ୍ତି ପଛରେ ପାଣ୍ଡିଆନ୍ ବାବୁଙ୍କ ହାତ ରହିଛି । ଏବଂ ସଚିବାଳୟର ତୃତୀୟ ମହଲାର ସମସ୍ତ ନିଷ୍ପତ୍ତି କାଳେ ସେ ଏକା ଏକା ନିଅନ୍ତି । ତେଣୁ ବିଗତ ଦିନରେ ବିଜେଡିରୁ ବରଖାସ୍ତ ହୋଇଥିବା କିଛି ରାଜନେତା ତଥା ଅନେକ ଅସନ୍ତୁଷ୍ଟ ବାବୁଙ୍କ ଉପରେ ଅସନ୍ତୋଷ ଜଣାଇଛନ୍ତି ।

ବିଗତ ଦିନରେ କିଛି ବିଜେପି କର୍ମୀ ପାଣ୍ଡିଆନ୍ ବାବୁଙ୍କ ବାସଭବନ ଉପରେ ଅତର୍କିତ ଭାବରେ ଆକ୍ରମଣ କରିଥିଲେ । ସେତେବେଳେ ପାଣ୍ଡିଆନ୍ ବାବୁ ନିଜ ବାସ ଭବନରେ ନଥିଲେ ତଥାପି ରାଜନୈତିକ କର୍ମୀମାନେ ବାସଭବନ ହତାରେ ପ୍ରବେଶ କରି ସ୍ଲୋଗାନ୍ ଦେବାସହ ଧମକ ଓ ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ଆସିଥିଲା । ଆମେ ଦେଖୁଥିବା ଭିଜୁଆଲରେ ଅନ୍ତତଃ ଏହା ସବୁ ସତ୍ୟ ବୋଲି ଜଣାପଡୁଛି । କିନ୍ତୁ ଜଣେ ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତିରେ ତାଙ୍କ ଘରେ ପ୍ରବେଶ କରି ତାଙ୍କ ପରିବାରକୁ ଧମକାଇବା କେତେଦୂର ଯୁକ୍ତିଯୁକ୍ତ ?

## ବୈଜୟନ୍ତ ଜୟପଣ୍ଡା ବିଜେଡ଼ିରୁ ବରଖାସ୍ତ

ଜାନୁଆରୀ ୨୪ ତାରିଖରେ ଏକ ଅପ୍ରତ୍ୟାଶିତ ଘୋଷଣାରେ ବିଜେଡ଼ି ସୁପ୍ରିମୋ ଶ୍ରୀ ନବୀନ ପଟ୍ଟନାୟକ ଜନୈକ ପ୍ରମୁଖ ଦଳୀୟ ରାଜନେତା ଶ୍ରୀ ବୈଜୟନ୍ତ ଜୟ ପଣ୍ଡାଙ୍କୁ

Download Magazine from www.aahwaan.com

ଦଳବିରୋଧୀ କାର୍ଯ୍ୟ କରୁଥିବା ଦର୍ଶାଇ ଦଳର ପ୍ରାଥମିକ ସଦସ୍ୟପଦରୁ ବରଖାସ୍ତ କରିଛନ୍ତି । କୁନ୍ଦୁଲୀ ଘଟଣାରେ ବିରୋଧୀ ଦଳଙ୍କ ସମ୍ମୁଖୀନ ହେଉଥିବା ରାଜ୍ୟ ସରକାର ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏହିଭଳି ପଦକ୍ଷେପ ନେଇଥିବା କଥା କୁହାଯାଉଛି । ସେ ଯା ହେଉ ବେସରକାରୀ ସଂସ୍ଥା ଇମ୍ପାର ଭାଇସ୍ ଚେୟାରମେନ୍ ଭାବରେ ଦରମା ଗ୍ରହଣ କରୁଥିବା କଥା ପ୍ରଘଟ ହେବାପରେ ପଣ୍ଡାଙ୍କୁ ଦଳରୁ ବରଖାସ୍ତ କରାଯାଇଥିବା କଥା ଶୁଣାଯାଉଛି ।

ସୂଚନାଯୋଗ୍ୟ ଯେ ଶ୍ରୀ ପଣ୍ଡା ବିଗତ ଦିନରେ ଦଳରେ ଘଟୁଥିବା ବିଭିନ୍ନ ଘଟଣାବଳୀ ଉପରେ ରୋକଠୋକ ମନ୍ତବ୍ୟ ଦେଇ ଆସୁଥିବା ଦେଖିବାକୁ ମିଳୁଥିଲା । ଏବଂ ନିଜର ଲୋକସଭା ମଣ୍ଡଳୀରେ କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାକୁ ଦ୍ୱାହୀ ଦେଇ ସେ ରାଜ୍ୟରେ ଦଳର ପ୍ରମୁଖ ଚେହେରା ବୋଲି ମଧ୍ୟ ଅନେକ ମତ ଦେଇ ଆସୁଥିଲେ । ବିଗତ କେଇ ମାସ ହେଲା ଉଡ଼ା ଖବର ଶୁଣାଯାଉଥିଲା ଯେ ଶ୍ରୀ ପଣ୍ଡା ବିଜେପିରେ ଯୋଗଦାନ ଦେଇ ପାରନ୍ତି । ବିଗତ ବର୍ଷ ପଞ୍ଚାୟତ ନିର୍ବାଚନ ସମୟରେ ଶ୍ରୀ ପଣ୍ଡା ଅନେକ ଦଳ ବିରୋଧୀ କାର୍ଯ୍ୟ କରିଥିଲେ ଏବଂ ସେ ନିର୍ବାଚନରେ ସକ୍ରିୟ ଅଂଶ ଗ୍ରହଣ କରିନଥିଲେ ବୋଲି ଦଳ ପକ୍ଷରୁ କୁହାଯାଉଛି ।

ସୂଚନାଯୋଗ୍ୟ ଯେ ମଇ ୨୦୧୭ରେ ଦଳୀୟ ସହକର୍ମୀ ତଥାଗତ ଶତପଥୀଙ୍କ ସହ ଟ୍ୱିଟରରେ ଶ୍ରୀ ପଣ୍ଡାଙ୍କ ମତଭେଦ ହୋଇଥିଲା, ଯେତେବେଳେ ଶ୍ରୀ ପଣ୍ଡାଙ୍କ କିଛି ଟ୍ୱିଟ୍ ଦଳବିରୋଧୀ ଥିଲା ବୋଲି ଦାବୀ ହୋଇଥିଲା ।

## ମହାଶ୍ୱେତା ରାୟ ବିଜେପିରେ ଯୋଗଦେଲେ

ବିଗତ ଦିନର ଓଡ଼ିଆ ଚଳଚ୍ଚିତ୍ରର ପ୍ରମୁଖ ନାୟିକା ମହାଶ୍ୱେତା ରାୟ ଆନୁଷ୍ଠାନିକ ଭାବରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । ବିଗତ ଦିନରେ ଅନେକ ଓଡ଼ିଆ ଅଭିନେତା ରାଜନୀତିକୁ ଆପଣେଇବାରେ ପ୍ରାଥମିକତା ଦେଖାଇଛନ୍ତି ଏବଂ ସେମାନଙ୍କ

 Download Magazine from www.aahwaan.com

ଭିତରେ ନିକଟ ଅତୀତରେ ବିଜେଡ଼ିରୁ ବିଜେପିକୁ ଯାଇଥିଲେ ଶ୍ରୀ ମିହିର ଦାଶ । ତାଙ୍କ ପରେ ମହାଶ୍ୱେତାଙ୍କ ଆଗମନ ରାଜ୍ୟରେ ବିଜେପିକୁ ଷ୍ଟାର ଶକ୍ତିରେ ସମୃଦ୍ଧ କରିବ ବୋଲି କୁହାଯାଉଛି । ନିର୍ବାଚନ ରଣାଙ୍ଗନରେ ଏମାନେ କଣ ପ୍ରଦର୍ଶନ କରୁଛନ୍ତି ତାହା ତ ଦେଖିବାକୁ ରହିବ, ଅନ୍ତତଃ ଓଡ଼ିଶାବାସୀ ନିର୍ବାଚନ ସମୟରେ ଅଭିନେତା ମାନଙ୍କ ଦ୍ୱାରା ଆମୋଦିତ ହେବେ ନିଶ୍ଚୟ ।

ଅଶୀ ଦଶକରେ ଓଡ଼ିଆ ଚଳଚ୍ଚିତ୍ରରେ ନିଜର ଯାଦୁକାରୀ ଅଭିନୟ ଦ୍ୱାରା ସମସ୍ତ ଓଡ଼ିଆ ଚଳଚ୍ଚିତ୍ରଦର୍ଶକ ସମାଜକୁ ବାନ୍ଧି ରଖିଥିବା ମହାଶ୍ୱେତା ଜଣେ ସୁଦକ୍ଷା ଅଭିନେତ୍ରୀ ଏଥିରେ ଦ୍ୱିମତ ନାହିଁ । ଏକ ସୁଦୃଢ଼ ଏବଂ ସମୃଦ୍ଧ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାକୁ ସେ ରାଜନୀତିରେ ଯୋଗ ଦେଇଛନ୍ତି ବୋଲି କହିଛନ୍ତି । ମହାଶ୍ୱେତାଙ୍କ ପୂର୍ବରୁ ମିହିର ଦାସ, ଶ୍ରୀତମ ଦାଶ, ଅନୁ ଚୌଧୁରୀ, ଅଜିତ ଦାସ, ହରିହର ମହାପାତ୍ର ଆଦି କଳାକାରମାନେ ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି ।

## ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ପାର୍ବତୀ ଘୋଷଙ୍କ ଦେହାନ୍ତ

ଓଡ଼ିଶାର ବୟୋବୃଦ୍ଧା ଚଳଚ୍ଚିତ୍ର ଅଭିନେତ୍ରୀ, ପ୍ରଯୋଜିକା ଏବଂ ନିର୍ଦ୍ଦେଶିକା ପାର୍ବତୀ ଘୋଷଙ୍କ ଦୀର୍ଘ ସମୟଧରି ସ୍ୱାସ୍ଥ୍ୟ ଦୁର୍ବଳତା ହେତୁ ୮୫ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ ଶ୍ରୀମତି ଘୋଷ ବିଗତ ଅନେକ ଦିନ ହେବ ଦୁର୍ବଳ ସ୍ୱାସ୍ଥ୍ୟରେ ପୀଡ଼ିତା ଥିଲେ ।

୧୯୩୩ ମସିହାରେ କଟକରେ ମାନସିଂହପାଟଣାରେ ଜନ୍ମିତ ଚପଳା ନାୟକ, ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ମହିଳା ଅଭିନେତ୍ରୀ ଥିଲେ । ନିଜର ପ୍ରଥମ ଚଳଚ୍ଚିତ୍ର 'ଶ୍ରୀ ଜଗନ୍ନାଥ'ରେ ସେ ଅଭିନୟ କରି ସମସ୍ତଙ୍କୁ ଆକୃଷ୍ଟ କରି ପାରିଥିଲେ । ଏହାପରେ ସେ ଅନେକ

Download Magazine from www.aahwaan.com

ଚଳଚ୍ଚିତ୍ରରେ ଅଭିନୟ କରି ଦୃଷ୍ଟାନ୍ତମୂଳକ ସମ୍ମାନ ପାଇଥିଲେ । ନିର୍ମାତା ନିର୍ଦ୍ଦେଶକ ଗୌରପ୍ରସାଦ ଘୋଷଙ୍କୁ ବିବାହ କରିବାପରେ ସେ ନିଜକୁ ପାର୍ବତୀ ଘୋଷ ବୋଲି ପରିଚୟ ଦେଇଥିଲେ ।

ଓଡ଼ିଆ ଚଳଚ୍ଚିତ୍ର ଲକ୍ଷ୍ମୀ, କା ଏବଂ ସ୍ତ୍ରୀ ପାଇଁ ତାଙ୍କୁ ସମ୍ମାନିତ ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ମିଳିଥିଲା । ଏହା ବ୍ୟତୀତ ସେ ଜୟଦେବ ପୁରସ୍କାର ଏବଂ ବାଇସ୍କୋପ ସମ୍ମାନ ମଧ୍ୟ ପାଇଥିଲେ ।

୧୯୮୬ ମସିହାରେ ପାର୍ବତୀ ଘୋଷ, ଫକୀର ମୋହନ ସେନାପତିଙ୍କ କାଳଜୟୀ ଉପନ୍ୟାସ 'ଛଅମାଣ ଆଠଗୁଣ୍ଠ'କୁ ଆଧାର କରି ଏକ ଚଳଚ୍ଚିତ୍ର ନିର୍ମାଣ କରିବା ସହ ନିଜେ ସେଥିରେ ସାରିଆ ଭୂମିକାରେ ଅଭିନୟ କରିଥିଲେ ।

## ରାଜଧାନୀ ଏକ୍ସପ୍ରେସ ଏବେ ସମ୍ବଲପୁର ଦେଇ ଯିବ

ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର ଖବର, ଭୁବନେଶ୍ୱରଠାରୁ ନୂଆଦିଲ୍ଲୀ ଯାଉଥିବା ରାଜଧାନୀ ଏକ୍ସପ୍ରେସ ଟ୍ରେନ ବର୍ତ୍ତମାନ ସମ୍ବଲପୁର ଦେଇ ଯିବାଆସିବା କରିବ । ସପ୍ତାହରେ ଦିନଟିଏ ଏହି ଟ୍ରେନ୍ ଏହି ରୁଟରେ ଯାତ୍ରା କରିବ । ଏହା ଦ୍ୱାରା ପଶ୍ଚିମ ଓଡ଼ିଶାର ଲୋକମାନଙ୍କୁ ନୂଆ ଦିଲ୍ଲୀ ଯିବାକୁ ହେଲେ ହେଉଥିବା ଅସୁବିଧା ଅନେକାଂଶରେ ଦୂର ହୋଇପାରିବ । ଏହି ଟ୍ରେନ ୨୦୮୧୭/୨୦୮୧୮, ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ଭାୟା ସମ୍ବଲପୁର ସିଟି ଏବଂ ଝାରସୁଗୁଡ଼ା ଦେଇ ଗତି କରିବ । ଏହା କଟକ, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ଚକ୍ରଧରପୁର, ଅନାରା, ଗୋମୋହ, କୋଡେର୍ମା, ଗୟା, ମୁଘଲସରାୟ ଏବଂ କାନପୁର ସେଣ୍ଟ୍ରାଲ ଷ୍ଟେସନ ଦେଇ ଗତି କରିବ ।

## ଉତ୍ୟକ୍ତ ଜନତା ଥାନାରେ ନିଆଁ ଲଗାଇଲେ

Download Magazine from www.aahwaan.com

ଜେଲରେ ବନ୍ଦ ଥିବା ଜନୈକ ଅଭିଯୁକ୍ତର ମୃତ୍ୟୁରେ ଉତ୍ୟକ୍ତ ଜନତାଙ୍କ ଲଙ୍କାକାଣ୍ଡ, ସମ୍ବଲପୁର ଅନ୍ତର୍ଗତ ଅଇଁଠାପାଲି ଥାନାକୁ କଲେ ଭସ୍ମିଭୂତ । ଗୁରୁବାର ରାତିରୁ ଅଭିଯୁକ୍ତକୁ ଜେଲରେ ବନ୍ଦ କରି ରଖାଯାଇଥିଲା । ଏବଂ ରାତିରେ ଅଭିଯୁକ୍ତର ମୃତ୍ୟୁ ହୋଇଥିଲା । ମୃତ୍ୟୁର ପ୍ରାରମ୍ଭିକ କାରଣ ଜଣାପଡ଼ିନଥିଲେ ସୁଦ୍ଧା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଥାନା ପରିସରକୁ ଘେରିଯାଇ ନିଆଁ ଲଗାଇ ଦେଇଥିଲେ ।

ଦେଶ ଦୁନିଆରେ ଅନେକ ଘଟଣା ଦୁର୍ଘଟଣାର ଲେଖାଯୋଖା ପୁଣିଥରେ ଆସିବ ଆସନ୍ତା ମାସର ଆହ୍ୱାନ ଇ-ପତ୍ରିକାରେ । ଆଗାମୀ କାଲି ଶିବରାତ୍ରୀ ଏବଂ ଏହି ଅବସରରେ ସମସ୍ତ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଉଛି । ଆଶା କରୁଛି ଆପଣଙ୍କ ଶିବରାତ୍ରୀ ଆହ୍ୱାନ ସହିତ ଭଲରେ ବିତିବ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ । ଲେଖା କେବଳ ଇମେଲ୍ ଦ୍ୱାରା ହିଁ ସ୍ୱୀକାର କରାଯିବ । ପ୍ରତ୍ୟେକ ମାସରେ କେବଳ ଗୋଟିଏ କିମ୍ବା ସର୍ବାଧିକ ଦୁଇଟି ଲେଖା ସମେତ ନିଜର ଗୋଟିଏ ଛବି ଏବଂ ଠିକଣା ଲେଖି ପଠାନ୍ତୁ । ଯଦି ଲେଖା ପଠାଉଛନ୍ତି, ନିଜେ ଚୟନ କରି ଶ୍ରେଷ୍ଠ ବିବେଚିତ ଲେଖା ପଠାନ୍ତୁ । ଏକାଧିକ ଲେଖା ପଠାଇ ପ୍ରତ୍ୟେକ ମାସରେ ସେଥିରୁ ପ୍ରକାଶନ କରିବା ଅନୁରୋଧ କରନ୍ତୁ ନାହିଁ ।

Download Magazine from www.aahwaan.com

# ଗଳ୍ପ ବିଭାଗ

Download Magazine from www.aahwaan.com

# ରାମରହୀମ



ଶୈବାଳିନୀ ସାହୁ

ବିବେକ ଓ ବିଚାରର ତାଡ଼ନାରେ ଶ୍ରଦ୍ଧାଦେବୀ କ୍ରମେ କ୍ରମେ ନିଷ୍ପ୍ରଭ ହୋଇ ଯାଉଥିଲେ । ଜୀବନଯାକ ମିଛକୁ ଘୃଣା କରି ଆସିଥିବା ଶ୍ରଦ୍ଧାଦେବୀ ନିଜ ସ୍ୱାମୀଙ୍କ ନିକଟରେ ଏତେ ବଡ଼ ସତ୍ୟକୁ ବା କେମିତି ଲୁଚାଇ ରଖିବେ । ସେଭଳି କଲେ ଅକୃତଜ୍ଞତା ଓ ଚରମ କୃତଘ୍ନତାର ଦାବନଳରେ ବାକିତକ ଆୟୁଷ ତାଙ୍କୁ ଜଳି ଜଳି ବଞ୍ଚିବାକୁ ପଡ଼ିବ । କାନରେ ତୁହାଇ ତୁହାଇ ପ୍ରତିଧ୍ୱନିତ ହେଉଥିଲା ରହୀମର ଶାନ୍ତ ଅଥଚ ଅନୁନୟ ଭରା ଉକ୍ତି - "ଅପ୍‌ପି ଜାନ୍, ନନାଙ୍କୁ କଦାପି ଜଣାଇବେ ନାହିଁ ଏଇ ଘଟଣାକୁ । ଆଲ୍ଲାକୋ ଲାଖ୍ ଲାଖ୍ ଶୁକର୍ । ଏବେ ଆଉ କିଛି ବିପଦର କାରଣ ନାହିଁ ।" ଏବେ ସମୟ ଅପରାହ୍ନ ଚାରିଟା । ଆଉ କିଛି ସମୟପରେ ଅଫିସରୁ ଡ୍ୟୁଟି ସାରି ଘରେ ପହଞ୍ଚିବେ ତାଙ୍କର ସ୍ୱାମୀଦେବତା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ରାମଚନ୍ଦ୍ର ମିଶ୍ର । ପ୍ରଶାସନିକ ଦପ୍ତରରେ କର୍ତ୍ତବ୍ୟନିଷ୍ଠ ଆଉ କଡ଼ା ମିଜାଜର ବ୍ୟକ୍ତି ଭାବରେ ପରିଚିତ ରାମଚନ୍ଦ୍ର ବାବୁଙ୍କ ଗାମ୍ଭୀର୍ଯ୍ୟ ଭାବମୂର୍ତ୍ତୀ ଧିରେ ଧିରେ ସରଳ ଆଉ ତରଳ ହେବ ପତ୍ନୀଙ୍କର କପେ ଚା' ଆଉ ମଧୁର ସମ୍ଭାଷଣରେ । ସ୍କୁଲ ପଢୁଆ ତାଙ୍କର ଦୁଇ କୁନିପୁଅ ଠାକୁର ଘରେ ବସି ପ୍ରାର୍ଥନା କରିବେ, ବହିପତ୍ର ମେଲେଇ ପାଠ ପଢ଼ିବାକୁ ବସିବେ । ଶ୍ରଦ୍ଧାଦେବୀଙ୍କ ଚାରିଜଣିଆ ସଦସ୍ୟ ବିଶିଷ୍ଟ ଏଇ ଛୋଟ ପରିବାରରେ ସାରାଦିନ ନିଃଶବ୍ଦ କୋଠରୀ ଗୁଡ଼ିକରେ ମୋବାଇଲ୍, କମ୍ପ୍ୟୁଟର, ଟେଲିଭିଜନ୍, ପାଠପଢ଼ା, ଗପସପ ଶବ୍ଦରେ ପୁରି ଉଠିବ । କ୍ରମେ ରାତି ମାଡ଼ି ଆସିବ ଦୁଇ ପୁଅଙ୍କ କ୍ଲାନ୍ତ ଆଖିପତାରେ । ଦୁଇପୁଅ ଶୋଇଗଲା ପରେ ଏକାନ୍ତରେ ବସି ଶ୍ରଦ୍ଧାଦେବୀ ନିଜ ପତିଦେବଙ୍କୁ

Download Magazine from www.aahwaan.com

ରହୀମର ସହସ୍ର ରାଣ ନିୟମକୁ ତୁଚ୍ଛ କରି ସେଇ ସତ୍ୟଟିକୁ ନିଜ ପତିଦେବଙ୍କ ନିକଟରେ ବଖାଣି ବସିବେ କି ? ହଁ, ଅବଶ୍ୟ । ନହେଲେ ସତ୍ୟବ୍ରତା ଶ୍ରଦ୍ଧାଦେବୀଙ୍କ ହାତରେ ହିଁ ମୃତ୍ୟୁ ହେବ ମାନବିକତାର ।

ରାମଚନ୍ଦ୍ର ମିଶ୍ର । କୁଳୀନ ବ୍ରାହ୍ମଣ ପରିବାରର ସନ୍ତାନ । ବୟସ ମାତ୍ର ପଇଁତିରିଶି । ମାତ୍ର ବାଇଶି ବର୍ଷ ବୟସରେ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଟପ୍ପର ହୋଇ ସାରା ରାଜ୍ୟପାଇଁ ସୁଖ୍ୟାତି ଆଣିଥିଲେ । କହିବା ବାହୁଲ୍ୟ ରାମଚନ୍ଦ୍ର ବାବୁଙ୍କୁ ତାଙ୍କର ଉଚ୍ଚଶିକ୍ଷା ଓ ଉଚ୍ଚ ପଦବୀ ଅପେକ୍ଷା ତାଙ୍କର ପାରିବାରିକ ଆଭିଜାତ୍ୟ, ସଂସ୍କାର ଏବଂ ଉଚ୍ଚ ବ୍ୟକ୍ତିତ୍ୱ ପାଇଁ ତାଙ୍କଠାରୁ ଦୁଇଗୁଣ ବୟସର ବ୍ୟକ୍ତିମଧ୍ୟ ଯଥେଷ୍ଟ ମର୍ଯ୍ୟାଦା ଦେଉଥିଲେ । ତାଙ୍କର ଜେଜେବାପା ଥିଲେ ବିଶାଳ ବ୍ରାହ୍ମଣଶାସନର ପୁରୋଧା । ତୀର ତଲୱାରଠାରୁ ମିଶ୍ରଙ୍କ ଗୋଟିଏ ଗୋଟିଏ ବାକ୍ୟ ବେଶୀ ଶାଣିତ ଥିଲା । ଯେ କୌଣସି ସାମାଜିକ ସମସ୍ୟାର ସମାଧାନ ହେଉଥିଲା ରାମଚନ୍ଦ୍ର ବାବୁଙ୍କ ଜେଜେବାପାଙ୍କ ତଡ଼ିତ୍ ନିଷ୍ପତ୍ତି ଉପରେ । ଉଚ୍ଚଶିକ୍ଷା ପରେ ଉଚ୍ଚ ପଦବୀରେ ଅଧିଷ୍ଠିତ ହେଲାପରେ ଏବଂ ରାମଚନ୍ଦ୍ର ସପରିବାର ସହରରେ ଅଧିଷ୍ଠିତ ହେଲାପରେ ମଧ୍ୟ ନିଜ ଜନ୍ମ ମୂଳକରେ ତାଙ୍କର ପାରିବାରିକ ସୁଖ୍ୟାତି ଅତୁଟ । ଲୋକେ ଏବେ ବି କୁହାକୁହି ହୁଅନ୍ତି, "ଅଯୋଧ୍ୟା ନଥିଲେ ବି ଏବେ ବି ରାମଚନ୍ଦ୍ର ଅଛନ୍ତି ।"

ସହରରେ ରାମଚନ୍ଦ୍ରଙ୍କ ଦ୍ୱିତଳବିଶିଷ୍ଟ ନାତିକ୍ଷୁଦ୍ର ସୁରମ୍ୟ କୋଠା । ଉପର ମହଲା ନିର୍ମାଣ ହେବାପରେ ରାମଚନ୍ଦ୍ର ବାଉ ପରିବାର ଧରି ଉପର ମହଲାରେ ରହିବା ସହ ତଳ ମହଲାଟିକୁ ଗୋଟିଏ ସେଲ୍ଫ ଫାଇନାନ୍ସ କମ୍ପାନୀକୁ ଭଡ଼ା ସୂତ୍ରରେ ଦେଇଥିଲେ । ତଳ ମହଲାଟିକୁ ଭଡ଼ା ସୂତ୍ରରେ ଦେଇ ସାରିବା ପରେ ମଧ୍ୟ ପ୍ରାଚୀର ସଂଲଗ୍ନ ଗୋଟିଏ ଛୋଟିଆ ପ୍ରକୋଷ୍ଠ ବଳି ପଡ଼ିଥିଲା । ଘର ତିଆରିବେଳେ ସେଇ ଛୋଟ ରୁମଟି ବାଲି, ସିମେଣ୍ଟ ଓ

 Download Magazine from www.aahwaan.com

ଚିପ୍ସ ରଖିବାପାଇଁ ବ୍ୟବହୃତ ହେଉଥିଲା । ସେଇ ଅବ୍ୟବହୃତ ଛୋଟ କୋଠରୀକୁ ମୋବାଇଲ୍ ଫୋନ ରିପାୟରିଂ ଦୋକାନଟିଏ କରିବାପାଇଁ ଭଡ଼ାରେ ନେଇଥିଲା ରହୀମ । ନିଜ ଅନ୍ୟମନସ୍କତା ପାଇଁ ହେଉ ଅଥବା କାର୍ଯ୍ୟବ୍ୟସ୍ତତା ପାଇଁ ହେଉ, ରାମଚନ୍ଦ୍ରବାବୁ ରହୀମକୁ ଭଡ଼ା ସୂତ୍ରରେ ଦେବାପରେ ମଧ୍ୟ ନିଜକୁ ହଠାତ ବୁଝାଇ ପାରିନଥିଲେ । ବିଶେଷ କରି ପ୍ରତିଦିନ ଅଫିସକୁ ବାହାରିଗଲା ବେଳେ ରହୀମର ମୋବାଇଲ୍ ରିପାୟରିଂ ଦୋକାନରୁ ମୃଦୁସ୍ୱରରେ ବାଜୁଥିବା ମହମ୍ମଦିୟାନ୍ ପ୍ରେୟାର୍ ଆଉ ନିର୍ଦ୍ଦିଷ୍ଟ ଅଗରବତୀର ବାସ୍ନା ତାଙ୍କ କୁଳୀନ ଚେତନାରେ ନେସି ହୋଇ ଅସହ୍ୟ ବିରକ୍ତ ସୃଷ୍ଟି କରୁଥିଲା । ହେଲେ ହଜାରେ ପ୍ରଶାସନିକ ଦାୟିତ୍ୱ ମୁଣ୍ଡାଇ ନେଇ ଅଫିସରେ ପହଞ୍ଚିଲା ପରେ ଏ କଥାଟିକୁ ହୁଏତ ରାମଚନ୍ଦ୍ର ବାବୁ ଆଉ ଅଧିକ ଗୁରୁତ୍ୱ ଦେଉନଥିଲେ ଅଥବା ଫାଙ୍କା ସମୟ ଦେଖି ରହୀମକୁ ସେଠାରୁ ଉଠାଇ ଦେବାର ସାମାନ୍ୟ କାର୍ଯ୍ୟଟିକୁ ସମାପନ କରିବାକୁ ସେ ନିଜ ଖିଆଲ ପଣରେ ପାଶୋରି ପକାଉଥିଲେ ।

ଶେଖ୍ ରହୀମ । ବୟସ ହୋଇପାରେ ତିରିଶି । ହେଲେ ତା'ର କୃଷ୍ଣକାୟ ଶରୀରକୁ ଦେଖି ଯେ କେହି ବ୍ୟକ୍ତି କହିବ ରହୀମକୁ ଅତି ବେଶୀରେ କୋଡ଼ିଏ ହେବ । ରହୀମ ପିଲାଟି ଦିନରୁ ପିତୃମାତୃହୀନ । ନିଜ ବଡ଼ ଭଉଣୀଘରେ ସେ ବିତାଇଛି ନିଜ ଶୈଶବ ଓ କୈଶୋର । ଦିନେ ଦୂରାରୋଗ୍ୟ ବ୍ୟାଧିରେ ବଡ଼ ଭଉଣୀ ଆରପାରିକୁ ଚାଲିଗଲାପରେ ଭଗ୍ନୀପତି ଆଉ ଗୋଟିଏ ଝିଅ ସହ ନିକାହ୍ କରିନେଲେ ଆଉ ସେ ପରିବାରରୁ ବାହାରି ଆସିଥିଲା । ଏଇ ଖର୍ବକାୟ ଚେହେରାବିଶିଷ୍ଟ ରିମ୍ ତା' ଜୀବନରେ କେଉଁ ଝିଅର ହାତ ଧରିପାରିବ, ଏ ଆତ୍ମବିଶ୍ୱାସ ଠୁଳ ନ କରିପାରିବା ପରେ ଏବେ ତା'ର ଘର, ସଂସାର, ପରିବାର ଓ ଜୀବିକା କହିଲେ ଏଇ ଦୋକାନ । ସକାଳ ଆଠଟାରୁ ରାତି ନଅଟା ପର୍ଯ୍ୟନ୍ତ ଦୋକାନରେ

 Download Magazine from www.aahwaan.com

ବସିବାପରେ ସେ ଯାଇ ଶୋଇପଡ଼େ ସହରର ଶେଷ ମୁଣ୍ଡରେ ଥିବା ଏକ ମସଜିଦରେ ।

ରହୀମର ସେଠାରେ ଉପସ୍ଥିତି ବା କୌଣସି ଆଚରଣ ରାମଚନ୍ଦ୍ର ବାବୁ ବା ତାଙ୍କ ପରିବାର ପାଇଁ ଅଶ୍ୱସ୍ତିକର ନଥିଲା । ରାମଚନ୍ଦ୍ର ବାବୁଙ୍କ ଦୁଇ ପୁଅ ପ୍ରଥମେ ରହୀମକୁ ଚାଚା ଡାକୁଥିଲେ । ମାତ୍ର ରାମଚନ୍ଦ୍ର ବାବୁଙ୍କର ଗୋଟିଏ ତାଗିଦରେ ତାହା ରହୀମ କାକାକୁ ପରିବର୍ତ୍ତିତ ହୋଇଥିଲା । ହେଲେ ପତ୍ନୀ ଶ୍ରଦ୍ଧାଦେବୀଙ୍କୁ ରହୀମ ଅପ୍ପି ଜାନ୍ ଡାକ ତାଙ୍କର ମୃଦୁ ବିରକ୍ତି ପରେ ମଧ୍ୟ ପତ୍ନୀଙ୍କର ବହୁ ଅନୁରୋଧରେ ଅପାତତଃ ସ୍ୱୀକୃତ ହୋଇଥିଲା । ରହୀମର ବଡ଼ ଭଉଣୀ ମରିଗଲା ପରେ ସେ ପୁଣିଥରେ ବେଘର ହୋଇଛି । ଆଉ ତା ବଡ଼ ଭଉଣୀ ପାଖରୁ ପିଲାଟି ଦିନରୁ ରହୀମ ପାଇ ଆସୁଥିବା ମାଆର ମମତା, ତା'ର ବଡ଼ ଭଉଣୀକୁ ଅପ୍‌ପି ଜାନ୍ ସଂବୋଧନ - ଏ ସବୁ ବୃତ୍ତାନ୍ତ ଦିନେ ଶ୍ରଦ୍ଧାଦେବୀ ରହୀମଠାରୁ ଶୁଣିବା ପରେ ନିଜ ଆଡୁ ତାକୁ ଅପ୍‌ପି ଜାନ୍ ଡାକିବାକୁ ପ୍ରସ୍ତାବ ଦେଇଥିଲେ । ଏହା ରାମଚନ୍ଦ୍ର ବାବୁଙ୍କଠାରେ ଅଗ୍ରାହ୍ୟ ନ ହେଲେ ବି ସଂପୂର୍ଣ୍ଣ ନିରର୍ଥକ । ଦିନେ ପତ୍ନୀଙ୍କୁ କହିଲେ, "ରହୀମ ତୁମକୁ କ'ଣ ଅପ୍‌ପି ଜାନ୍ ବୋଲି ଡାକୁଛି ? ଅବଶ୍ୟ ଭଦ୍ର ଓ ନିରୀହ ପିଲାଟା ! ତୁମେ ତାକୁ କେତେବେଳେ କହି ସେ ଡାକଟିକୁ ନାନୀ ବା ଦିଦିରେ ପରିଣତ କର । ମୋତେ ପ୍ରଥମେ ପ୍ରଥମେ ସେ ସାର୍ ବୋଲି ଡାକୁଥିଲା । ମୁଁ ତ ନିଜେ ତାକୁ ସାର ଡାକରୁ ନନା ଡାକରେ ଅଭ୍ୟସ୍ତ କରାଇଲି । ଶ୍ରଦ୍ଧାଦେବୀ ରହୀମଠାରୁ ତାର ପରଲୋକଗତା ବଡ଼ ଭଉଣୀ ବାବଦରେ ବିଷଦ ଭାବରେ ଶୁଣିଥିଲେ । ତାଙ୍କୁ ମଧ୍ୟ ସେ କୁଆଡ଼େ ଡାକୁଥିଲା ଅପ୍‌ପି ଜାନ । ସଂସାର, ଖୋଦା ଓ ଈଶ୍ୱର କହିଲେ ତା'ର ଅପ୍‌ପି ଜାନ ଥିଲା ତା'ପାଇଁ ସବୁକିଛି । ରହୀମକୁ ବାପାର ସ୍ନେହ ଆଉ ମାଆର ମମତା ଯାଚି ଦେଉଥିବା ଏଇ ଅପ୍‌ପି ଜାନ ବି ଖୁଦାକା ପ୍ୟାରା ହୋଇଗଲା ପରେ ରହୀମ ମୁହଁରେ ସେଇ ଅପ୍‌ପି ଜାନ୍ ଡାକ ସଂରଚିତ

Download Magazine from www.aahwaan.com

ହୋଇଥିଲା ଶ୍ରଦ୍ଧାଦେବୀଙ୍କ ଉଦ୍ଦେଶ୍ୟରେ । ତାହା ପୁଣି ତାଙ୍କରି ଇଚ୍ଛା ଓ ପ୍ରସ୍ତାବରେ । ପିଲାଟି ଦିନରୁ ସବୁ ସଂପ୍ରଦାୟକୁ ସମାନ ଆଖିରେ ଦେଖି ଆସୁଥିବା ଶ୍ରଦ୍ଧାଦେବୀଙ୍କ ମାନବବାଦୀ ଚେତନାକୁ ପୂର୍ଣ୍ଣତା ଦେଇଥିଲା । ଅତଏବ ବହୁ ଧୈର୍ଯ୍ୟର ସହ ସ୍ୱାମୀଙ୍କୁ ଅନ୍ତତଃ ଏଇ ଡାକଟି ବନ୍ଦ ନ କରିବାକୁ ବୁଝାଇ ସଫଳ ହୋଇଥିଲେ ଏବଂ ଆତ୍ମ ପ୍ରସାଦ ଲାଭ କରିଥିଲେ ।

ରାତି ଦଶଟା । ସେତେବେଳକୁ ଦୁଇପୁଅ ତାଙ୍କର ଶୋଇ ପଡ଼ିଲେଣି । ରାତି ପାହିଲେ ସ୍ୱାଧୀନତା ଦିବସ । ବଡ଼ପୁଅର ବକ୍ତୃତା ପ୍ରତିଯୋଗୀତା ଓ ସାନ ପୁଅର ଦେଶାତ୍ମବୋଧକ ସଂଗୀତରେ ନୃତ୍ୟାଭିନୟ । ଆଉ ଅଧଘଣ୍ଟା ପରେ ସ୍ୱାମୀଙ୍କ ସହ ଡିନର୍ ପରେ ଦିବସଟିରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ସ୍ୱାମୀ ରାମଚନ୍ଦ୍ର ନିଜ ଅଫିସିଆଲ ୱାର୍କିଂ କୋଠରୀରୁ ଶ୍ରଦ୍ଧାଦେବୀଙ୍କୁ ପାଖକୁ ଡାକିଲେ । ବେଳେ ବେଳେ ସେ ଏମିତି ଡାକନ୍ତି । କିଛି ଗୁରୁତ୍ୱପୂର୍ଣ୍ଣ କଥା ଆଲୋଚନା ତାଙ୍କର ଡ୍ରଇଁ ରୁମରେ ବା ବେଡ଼ ରୁମରେ ନ ହୋଇ ସଂପାଦିତ ହୁଏ ଏଇ ପ୍ରକୋଷ୍ଠରେ ।

“ହଁ, ଗୋଟିଏ ଜରୁରୀ କଥା । ଆଉ ଖୁସିର ଖବର ବି । ଆଜି ଆଉଥରେ ମୁଁ ମୋର କିଡ଼ନୀର ଷ୍ଟାଟସ ଚେକ୍ ଅପ୍ କରାଇଲି । ଏକ ପ୍ରକାର ନର୍ମାଲ ଏବେ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଟିକିଏ ସତର୍କ ହୋଇ ଚଳିଲେ ଆଉ କିଛି ଅସୁବିଧା ନାହିଁ । ଯା ହେଉ ବହୁତ ବଡ଼ ବିପଦଟିଏ ଟଳିଗଲା । ମୁଁ ତ ପୁରା ନର୍ଭସ ଅବସ୍ଥାରେ ଥିଲି । ମୋର ଗୋଟିଏ କିଡ଼ନୀ ନଷ୍ଟ ଆଉ ଅନ୍ୟଟି ଆଫେକ୍ଟେଡ୍ ହେବାର ରିପୋର୍ଟ୍ ପାଇ ମୁଁ ତୁମକୁ ବି ପ୍ରଥମେ ଘଟଣାଟି ଲୁଚେଇ ଥିଲି ତୁମେ କୁଆଡ଼େ ଭାଙ୍ଗିପଡ଼ିବ, ସେଇ ଭୟରେ । ମୋ ଅଫିସିଆଲ ଭିତରେ କଥାଟିକୁ ସୀମିତ ରଖି ବିପୁଳ ଟଙ୍କା ବିନିମୟରେ ଗୋଟେ ସୁସ୍ଥ ମଣିଷର କିଡ଼ନୀ ଯୋଗାଡ଼ କରିବାକୁ ବହୁ ଚେଷ୍ଟା କରି ବିଫଳ ହେଉଥିଲା ବେଳେ ତୁମେ ଘଟଣାଟିକୁ କେଉଁ ସୂତ୍ରରୁ

 Download Magazine from www.aahwaan.com

ଜାଣିପାରି ଏତେ ଏତେ ଜଲଦି ମୋ ପାଇଁ କିଡ଼ନୀ ଡୋନେଟ୍ କରିବାକୁ କାହାକୁ ରାଜି କରାଇଲ ? ଇତି ମଧ୍ୟରେ ତିନିମାସ ବିତିଗଲାଣି । ହେଲେ ଆଜି ପର୍ଯ୍ୟନ୍ତ ସେ ଲୋକଟିକୁ ମୋ ଠାରୁ ଅଜ୍ଞାତ କରି ରଖିଛ କାହିଁକି ? ବିନା ମୂଲ୍ୟରେ ମୋତେ କିଡ଼ନୀ ଦାନ କରିଥିବା ଲୋକଟି ବାବଦରେ ଦୟାକରି ମୋତେ ଏବେ କୁହ । ସେ ରହସ୍ୟ ଉପରୁ ଏବେ ତ ପର୍ଦ୍ଦା ଉଠାଅ । ମୁଁ ଜାଣିଛି, କୌଣସି ଅର୍ଥ ବିନିମୟରେ ଆମେ ତା'ର ଋଣ ସୁଝିପାରିବା ନାହିଁ । ହେଲେ ମୁଁ ଅତିକମରେ ନିଶ୍ଚିତ ହେବି ଯେ ମୋ ଜୀବନରେ ସେଇ ଦେବଦୂତ ଜଣକ କିଏ ? ପ୍ଲିଜ୍ କୁହ ସେ କିଏ ?”

ଏତକ କଥା କହିସାରି କୋଠରୀ ଭିତରେ ରାମଚନ୍ଦ୍ର ନିଜ ମୃଦୁ ପଦଚାଳନା ବନ୍ଦକଲେ ଓ ହ୍ୱିଲ ଚେୟାରଟିକୁ ଟାଣି ନେଇ ପତ୍ନୀଙ୍କ ପାହରେ ବସିଲେ ଗୋଟିଏ ବାଧ୍ୟ ଶିଶୁପରି । ରୋଗ କିପରି ଗୋଟିଏ ସୁସ୍ଥସବଳ ଦୁର୍ମଦ ମଣିଷକୁ ହଠାତ୍ ଅସହାୟ କରିଦିଏ, ତାହା ସ୍ୱଚକ୍ଷୁରେ ଦେଖିଥିଲେ ଶ୍ରଦ୍ଧାଦେବୀ । ରୋଗ କାହାକୁ କେତେବେଳେ କେମିତି ବହୁ ସତର୍କତାର ସତ୍ତ୍ୱେ ଗ୍ରାସ କରିବ, କିଛି କହି ହେବନାହିଁ । ଶ୍ରଦ୍ଧାଦେବୀ ଆଉ କିଛି ଭୂମିକା ନ କରି ମୁହଁ ତଳକୁ କରି ଉଚ୍ଚାରଣ କଲେ, “ରହୀମ” ।

“ବାସ୍, ଆଉ କିଛି କହିବା ଆବଶ୍ୟକ ନାହିଁ । ମୁଁ ସବୁ ବୁଝିପାରିଲି । ହେଲେ ମୁଁ ଏବେ ବିଶ୍ୱାସ କରି ପାରୁନି ରହୀମ ଗୋଟିଏ ମୁସଲମାନ ହୋଇ ବି ଅଙ୍ଗଦାନ କେମିତି କରିପାରିଲା ?” ଏଇ ସବୁ କଥା କହିଲା ବେଳେ ରାମଚନ୍ଦ୍ର ବାବୁଙ୍କ କଣ୍ଠ ଥରିଉଠୁଥିଲା । ଶ୍ରଦ୍ଧାଦେବୀ ସ୍ୱାମୀଙ୍କ ଆଖିରେ ଦେଖି ପାରୁଥିଲେ ଢଳ ଢଳ ଅଶ୍ରୁ । ତାହା କୃତଜ୍ଞତାର ନା ପଶ୍ଚାତାପର, ନିଜ ଉଚ୍ଚ ବ୍ୟକ୍ତିତ୍ୱ ଭିତରେ ଛପି ରହିଥିବା ସେହି ଭୟଙ୍କର ଧର୍ମବିଦ୍ୱେଷକୁ ସ୍ୱାମୀ ଭିତରେ ଧିକ୍କାର କରୁଛନ୍ତି ନା ରହୀମର ସ୍ୱେଚ୍ଛାକୃତ ଅଙ୍ଗଦାନ ତାଙ୍କ ଶିକ୍ଷା, ଦୀକ୍ଷା,

Download Magazine from www.aahwaan.com

ସଂସ୍କାର ଓ ବ୍ୟକ୍ତିତ୍ୱରେ ମାନବିକତାର ନୂତନ ଅନୁଭୂତି ଆଣି ପାରିଛି ବୋଲି ଏ ଅଶ୍ରୁ । ଏ ପ୍ରଶ୍ନ ପଚାରିବାକୁ ଶ୍ରଦ୍ଧାଦେବୀ ସାହସ କରି ପାରୁନଥିଲେ । ବାଷ୍ପରୁଦ୍ଧ ଗଳା ଝାଡ଼ି ରାମଚନ୍ଦ୍ର ପଚାରିଲେ, "ରହୀମର ସ୍ୱାସ୍ଥ୍ୟ ଏବେ କିପରି ?" ଶ୍ରଦ୍ଧାଦେବୀ ସ୍ୱାମୀଙ୍କୁ ଚାହିଁ କହିଲେ, "ସେ ବି ସୁସ୍ଥ । ତା'ର ସବୁ ରିପୋର୍ଟ୍ ଦେଖିଥିଲି ।"

ପରଦିନ ସକାଳ । ଆଜି ସ୍ୱାଧୀନତା ଦିବସ । ଦୁଇପୁଅଙ୍କୁ ସ୍କୁଲରେ ରାମଚନ୍ଦ୍ରବାବୁ ସେଦିନ ମୁଖ୍ୟ ଅତିଥି । ପିଲାମାନଙ୍କ ସ୍କୁଲକୁ ପତ୍ନୀଙ୍କୁ ସାଥିରେ ନେଇ ବାହାରି ଯିବାକୁ ପ୍ରସ୍ତୁତ ହେଲାବେଳେ ରାମଚନ୍ଦ୍ର ବାବୁ ପତ୍ନୀଙ୍କୁ ପାଖକୁ ଡାକି କହିଲେ, "ରହୀମକୁ ବି କୁହ । ତାକୁ ମଧ୍ୟ ଆମ ସହ କାର୍ଯ୍ୟକ୍ରମକୁ ଯିବାକୁ । ସେ ଆଜି ଆମ ପରିବାର ସହ ସେଠିକି ଯିବ । ନା କଣ କହୁଛ ରହୀମର ଅପ୍‌ପି ଜାନ ?"

ସ୍ୱାମୀଙ୍କର ଏତକ କଥାରେ ଶ୍ରଦ୍ଧା ଦେବୀଙ୍କ ମନେ ହେଲା ଆଜି ହିଁ ରାମରହୀମ ଏକାଠି ହେଲେ ଓ ଭାରତ ପୁଣିଥରେ ସତରେ ସ୍ୱାଧୀନ ହେଲା ।

ମେଟ୍ରୋପଲିଟାନ୍ ହାଉସିଂ ବୋର୍ଡ଼ ସୋସାଇଟି
ସି-ଏ, ପ୍ଲଟ୍ ନଂ - ୯୪
କୋଲକାତା - ୭୦୦୧୦୫

Download Magazine from www.aahwaan.com

# ଚମ୍ପାନାନୀର ଝିଅ



ଭାଗିରଥୀ ଯାନି

ନିଜ ବସାରୁ ବାହାରି ପକ୍ଷୀଗୁଡ଼ିକ ଚତୁର୍ଦ୍ଦିଗକୁ ଖାଦ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଉଡ଼ି ଯାଆନ୍ତି । ସୂର୍ଯ୍ୟଙ୍କର ସୁନେଲି କିରଣ ଧାରେ ଧାରେ ବିଚ୍ଛୁରିତ ହୋଇ ପୃଥିବୀ ପୃଷ୍ଠରେ ପଡୁଥାଏ । କୃଷକଟି ହଳଲଙ୍ଗଳ ନେଇ ମହାଆନନ୍ଦରେ ବିଲକୁ ବାହାରିଲା । ଘରେ ତା ସ୍ତ୍ରୀ ଚମ୍ପା । ସେ ବାସି ପାଇଟି ଗୁଡ଼ିକ ଶେଷ କରିଥାଏ । ତାଙ୍କର ଛୋଟ ଝିଅଟିଏ । ତାଙ୍କ ଗାଁର ଟିକେ ଦୂରରେ ଥିଲା ଏକ ବିଦ୍ୟାଳୟ । ସେହି ପ୍ରାଥମିକ ବିଦ୍ୟାଳୟରେ ତା ବାପା ଝିଅଟିର ନାଁ ଲେଖାଇ ଦେଇଥିବାରୁ ସେ ପ୍ରଥମ ଶ୍ରେଣୀରେ ପାଠ ପଢ଼େ । ଚାହୁଁ ଚାହୁଁ ଝିଅର ବିଦ୍ୟାଳୟକୁ ପାଠ ପଢ଼ିଯିବାର ସମୟ ହୋଇ ଆସୁଥାଏ । ଝିଅପାଇଁ ମା ଚମ୍ପା ଖାଦ୍ୟ ତିଆରି କରି ଖାଇବାକୁ ଦେଲେ ଏବଂ ସମସ୍ତ ବହି ବସ୍ତାନି ପ୍ରସ୍ତୁତ କରି ବିଦ୍ୟାଳୟକୁ ପଠାଇଲେ । ଏହା ଥିଲା ମା' ଚମ୍ପାର ନିତ୍ୟକର୍ମ ।

ଝିଅର ସମସ୍ତ ଦାୟିତ୍ୱ ନେଇ ବିଦ୍ୟାଳୟକୁ ପଠାଇଲେ ପୁଣି ଏପଟେ ସ୍ୱାମୀ କାମରୁ ଫେରିବାର ବାଟ ଚାହିଁ ରହିଥାଏ ଘରେ । ବିଲରେ ହଳକାମ ସାରି ସୁଧାକର ଘରକୁ ଫେରିଲା । ଘରକୁ ଫେରି କିଛି ସମୟ ଥକି ବସି ପଡ଼ିଲା । ତାକୁ ଭାରି ଶୋଷ ଲାଗୁଥାଏ । ସ୍ୱାମୀ ମନକଥା ଜାଣିପାରି ଚମ୍ପା ପାଣି ଗିଲାସେ ବଢ଼େଇଦେଲା । ସେ ଶାନ୍ତିରେ ପାଣି ପିଇଦେଇ ଝିଅ କଥା ପଚାରିଲା । ଝିଅ ବିଦ୍ୟାଳୟ ଯାଇଛି ତ ? ଆନନ୍ଦରେ ଚମ୍ପା ସ୍ୱାମୀର ମୁହଁକୁ ଚାହିଁ ହଁ ଭରିଲା ।

ସେହି ଛୋଟ ଝିଅର ନାଁ କୁନି । ତାର ଜଣେ ଜେଜେ ଥାଆନ୍ତି । ତାଙ୍କୁ ବର୍ତ୍ତମାନ ୭୭

ବର୍ଷ ବୟସ ହେଲାଣି । ସେ ବିଶେଷ କିଛି କାମଧାମ କରି ପାରନ୍ତି ନାହିଁ । ଘରେ ବସି ରହିବା ଛଡ଼ା ଆଉ କିଛି କରନ୍ତି ନାହିଁ । ବେଳେ ବେଳେ ଚଲାବୁଲା କରନ୍ତି । ଅପରାହ୍ନ ହେଲେ ଝିଅ ଘରକୁ ଫେରେ । ଆଜି ଘରେ କେହି ଦିଶୁନାହାନ୍ତି ତେଣୁ ବ୍ୟାକୁଳ ହୋଇ ସେ ମା'କୁ ଖୋଜିବାରେ ବ୍ୟସ୍ତ ହୋଇଗଲା । ଜେଜେଙ୍କୁ ବାରମ୍ବାର ପ୍ରଶ୍ନ କରୁଥିଲା ମା କାହିଁ? ବାଡ଼ିରୁ ଘର ଭିତରକୁ ପଶି ଆସୁଥିବା ବାପାମା'ଙ୍କୁ ଦେଖି ସେ ଖୁସିରେ ଧାଇଁଯାଇ ମା'କୁ ଭିଡ଼ି ଧରିଲା ।

ସମୟ ଧିରେ ଧିରେ ଅତିକ୍ରାନ୍ତ ହେଉଥାଏ । ସେ ପ୍ରଥମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଦ୍ୱିତୀୟରେ ପଢ଼େ । ଭାରି ବୁଦ୍ଧିମତୀ ଝିଅଟିଏ ବୋଲି ତା ସ୍କୁଲରେ ସବୁ କହନ୍ତି । ବିଦ୍ୟାଳୟ ଯିବାରେ ସେ କେବେ ଅବହେଳା କରେ ନାହିଁ । ଶ୍ରେଣୀ ଗୃହରେ ସେ ଧ୍ୟାନ ଦେଇ ଶିକ୍ଷକ ପଢ଼ାଉଥିବା ପାଠ ସବୁ ପଢ଼େ ଓ ବୁଝେ । ସନ୍ଧ୍ୟାରେ ଘରକୁ ଫେରିଲେ ଅନ୍ଧାରରେ ଛୋଟ ପରିବାର ସମ୍ମୁଖରେ ଦିନରେ ଯାହା ସବୁ ଶିଖିଥାଏ ସେ ସବୁ କରି ଦେଖାଏ । ଯାହା ପଢ଼ିଥାଏ ସେ ସବୁ ଉଚ୍ଚ ସ୍ୱରରେ ବାପାମା ଆଉ ଜେଜେଙ୍କୁ ଶୁଣାଏ ।

ସୁଧାକର ଟିକେ ଶାନ୍ତ ସ୍ୱଭାବର ଲୋକ । କୁନି କେମିତି ଭଲ ପାଠ ପଢ଼ିବ, ଭଲ ଶିଷ୍ଟାଚାର ଶିଖିବ, ଭଲ ମଣିଷ ହେବ । ତାଙ୍କ ଅଞ୍ଚଳରେ କେମିତି ନାଁ କରିବ, ଗାଁ ମାଟିର ସମ୍ମାନ ରଖିବ... ଏହି ସବୁ ସ୍ୱପ୍ନ ଦେଖେ । ସେ ଜଣେ ସାଧାରଣ କୃଷକ ହେଲେ ସୁଧା ଦେଶ ଜାତି ପାଇଁ କିଛି ବି କରିବାପାଇଁ ସର୍ବଦା ଯତ୍ନଶୀଳ ରହେ । ପିଲାଦିନୁ ସେ ବି ଭଲ ପଢୁଥିଲା କିନ୍ତୁ ଦୁର୍ଭାଗ୍ୟର ବିଷୟ ସେ ନବମ ଶ୍ରେଣୀ ପଢୁଥିବା ସମୟରେ ତା ମାଆ ଚାଲିଗଲା । ଯାହା ଫଳରେ ସେ ଭାଙ୍ଗିପଡ଼ିଥିଲା । ଆଉ ପାଠପଢ଼ା ସେତିକିରେ ବନ୍ଦ ହୋଇଗଲା । ବାପାଙ୍କୁ ସାହାଯ୍ୟ କରିବାପାଇଁ ବିଲରେ ହଳ ବୁଲାଇବା କାମରେ ନିଜକୁ ନିୟୋଜିତ କରିଦେଲା ।

Download Magazine from www.aahwaan.com

ସେ ଚାହୁଁନଥିଲା ଯେ ତା ସହ ଜୀବନରେ ଯାହା ହେଲା ତା ଝିଅ ସହ ସେ ସବୁ ହେଉ । କୁନି ଭଲ ମଣିଷ ହେଉ ।

ଦିନକର କଥା କୁନି ପଡ଼ିଶାଘରର ତିନିଚାରି ଜଣ ଝିଅ ଦାଣ୍ଡ ଧୂଳିରେ ଖେଳୁଥାନ୍ତି ପୁଣି ଦୌଡ଼ାଦୌଡ଼ି ହେଉଥାନ୍ତି । ଖେଳ ସାରିଦେଇ କୁନି ଘରକୁ ଆସିବାପରେ ମନ ମାରି ବସିଥାଏ । ମା ପଚାରିଲେ କଣ ହେଲା ? ସେ କହିଲା ମା ସଙ୍ଗୀତା, ଅଞ୍ଜଳୀ, ସବିତା, ରଞ୍ଜିତା ସବୁ ମୋ ସହିତ ଖେଳୁଛନ୍ତି କିନ୍ତୁ ବିଦ୍ୟାଳୟ ଯାଉନାହାନ୍ତି କାହିଁକି ? ସେମାନେ ବି ବିଦ୍ୟାଳୟ ଯାଉଥିଲେ ଆମେ ସବୁ ମିଶିକି ଯାଇଥାନ୍ତୁ ଆସିଥାନ୍ତୁ । ମା ଚମ୍ପା ଚିନ୍ତାରେ ପଡ଼ିଗଲା । ସତ କଥା । ସେମାନେ ସବୁ ଖେଳାଖେଳି କରୁଛନ୍ତି କିନ୍ତୁ ବିଦ୍ୟାଳୟ ଯାଉନାହାନ୍ତି । ଆଉ ଏହାର ଗୋଟିଏ ପ୍ରମୁଖ କାରଣ ଥିଲା ସେମାନଙ୍କ ପରିବାରରେ ଅତ୍ୟଧିକ କାର୍ଯ୍ୟଭାର । ସେମାନେ ବିଦ୍ୟାଳୟ ଗଲେ ଘରେ କାମ କରିବ କିଏ ? ଟଙ୍କା କେଉଁଠି ଆସିବ ? ପରିବାରର ଭରଣପୋଷଣ କେମିତି ହେବ ? ସେମାନଙ୍କୁ ଏମିତି ଅନେକ ଚିନ୍ତା ଘାରୁଥାଏ । ପୁଣି ଅର୍ଥାଭାବ ହିଁ ଜୀବନ ବଞ୍ଚିବାରେ ବଡ଼ ବାଧକ ସାଜିଛି । ଏହିପରି ଅନେକ ସମସ୍ୟା । ତଥାପି ପଡ଼ୋଶୀ ମାନଙ୍କୁ ତାଙ୍କ ପିଲା ଛୁଆଙ୍କୁ କେମିତି ପାଠ ପଢାଇବେ । କିପରି ଭଲ ମଣିଷ ହେବେ ? ଆଦି ବୁଝାଇବାକୁ ଲାଗିଲା । ଫଳରେ କିଛି ଦିନପରେ ସେହି ପଡ଼ୋଶୀ ଜଣକ ତାଙ୍କ ଝିଅର ନାଁ ବିଦ୍ୟାଳୟରେ ଲେଖାଇଲେ । କୁନି ବହୁତ ଖୁସିଥିଲା । ନିତି କୁନି ଆଉ ସଙ୍ଗୀତା ସାଥୀ ହୋଇ ବିଦ୍ୟାଳୟ ଯାଉଥିଲେ । ଚମ୍ପାକୁ ବି ଆସ୍ୱସ୍ତ ଲାଗୁଥିଲା ଯେ ସେମାନେ ଏକାଠି ବିଦ୍ୟାଳୟ ଯାଉଛନ୍ତି ଓ ଆସୁଛନ୍ତି । ହେଲେ ଅନ୍ୟ ଝିଅମାନେ ବିଦ୍ୟାଳୟ ଯାଇ ପାରିଲେ ନାହିଁ ।

କୁନି କିନ୍ତୁ ନଛୋଡ଼ବନ୍ଧା ହୋଇ ମା ପାଖରେ ଜିଦ୍ କରି କହିଲା, ଯେମିତି ସଙ୍ଗୀତା

Download Magazine from www.aahwaan.com

ବିଦ୍ୟାଳୟ ଯାଉଛି ସେମିତି ଅନ୍ୟମାନେ ବି ଯାଇପାରିବେ । ଚମ୍ପା ଝିଅର ଜିଦ୍ ଆଗରେ ମଥା ନୋଇଁ ସବୁ ପରିବାରକୁ ବାରମ୍ବାର ଯାଇ ବୁଝା ସୁଝା କରିବାପରେ ଧିରେ ଧିରେ ସାହିର ସବୁ ଝିଅ ବିଦ୍ୟାଳୟରେ ନାଁ ଲେଖାଇଲେ । କୁନିର ଜିଦ୍ ଆଉ ଚମ୍ପାର ଚେଷ୍ଟା ଫଳରେ ବିଦ୍ୟାଳୟରେ ଝିଅ ମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା । ଏହି ବିଷୟରେ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା ମାନେ ଅବଗତ ହେଲେ । ସେମାନେ ଏହି ବିଷୟରେ ପରସ୍ପର ସହ କଥାବାର୍ତ୍ତା ବି ହେଲେ । ଏହି ସବୁ ସେହି କୁନି ଝିଅ ପାଇଁ ସମ୍ଭବ ହେଲା ବୋଲି ସମସ୍ତେ କହିଲେ । କୁନି ବିଷୟରେ ସବୁ ଜାଣିବାକୁ ଇଚ୍ଛା ପ୍ରକାଶ କଲେ ।

ସୁଧାକର ଭାରି ପରିଶ୍ରମୀ ବ୍ୟକ୍ତି । ଖରା, ବର୍ଷା, ଶୀତ କାକର ଆଦି ସହ୍ୟକରି ସେ ନିଜ କୃଷି କ୍ଷେତ୍ରରେ ମନ ଦେଇ ଉତ୍ତମ ଶସ୍ୟ ଉତ୍ପାଦନ କରି ନିଜ ପରିବାରର ଗୁଜରାଣ ମେଣ୍ଟାଉଥାଏ । ସମୟ ଅତିକ୍ରାନ୍ତ ହୋଇ ଚାଲିଥାଏ । କୁନୀ ଧିରେ ଧିରେ ବଡ଼ ହେଲା । ସେ ଯେତେବେଳେ ନିଜ ଗାଁ ମାଟିର ନିଜ ଅଞ୍ଚଳରେ ଥିବା ଅସହାୟ, ରୁଗ୍ଣ, ଜରାଜୀର୍ଣ୍ଣ ଲୋକମାନଙ୍କ ଦୁଃଖଦୁର୍ଦ୍ଦଶା ଦେଖିଲା ତା ମନରେ ଟିକେ ଦୟା ଆସୁଥିଲା । ସେ ବର୍ତ୍ତମାନ ମହାବିଦ୍ୟାଳୟରେ ଯୁକ୍ତ ତିନି ଶେଷ କରିଛି । ଶିକ୍ଷିତା କୁନୀ ବର୍ତ୍ତମାନ ନିଜ ଗ୍ରାମ ସମେତ ଆଖପାଖ ଗ୍ରାମରେ ଥିବା ଲୋକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ବିଷୟରେ କେମିତି ସଚେତନ କରିବ ସେଥିପାଇଁ ଉଦ୍ୟମ କରୁଛି । ସେ ନିଜ ସାଙ୍ଗମାନଙ୍କୁ ସାଥିରେ ନେଇ ଗାଁ ଗାଁ ବୁଲି ଲୋକମାନଙ୍କୁ ପାଠ ପଢାଇବାର ଉପାଦେୟତା ବିଷୟରେ ବୁଝାଉଛି । ସ୍ୱାସ୍ଥ୍ୟସେବାପାଇଁ ଡାକ୍ତରଖାନା ଯିବାପାଇଁ ପ୍ରୋତ୍ସାହନ କରୁଛି ।

ଧିରେ ଧିରେ ସମଗ୍ର ଅଞ୍ଚଳରେ କୁନି ଡାକ ନାଁ ହୋଇ ଯାଇଛି । ସେ ଅଳ୍ପ ବୟସର ଝିଅଟିଏ ହେଲେ ସୁଦ୍ଧା ସମସ୍ତଙ୍କର ପ୍ରିୟ ହୋଇ ଯାଇଛି । ସେ କହୁଥିବା କଥାର ମୂଲ୍ୟ

Download Magazine from www.aahwaan.com

ଲୋକମାନେ ବୁଝୁଛନ୍ତି । ସେଥିପାଇଁ ତା'ର ଢେର୍ ପ୍ରଶଂସା କରନ୍ତି ସମସ୍ତେ । କୋଇଲିର ସୁମଧୁର ସ୍ୱନକୁ ଯିଏ ପ୍ରଶଂସା କରେ ବା ନିନ୍ଦା କରେ, ସେଥିରେ କୋଇଲି ବିଚଳିତ ନ ହୋଇ ଯେମିତି ଆନନ୍ଦରେ କୁହୁ କୁହୁ ସ୍ୱରରେ ଗାନ କରୁଥାଏ । ଠିକ୍ ସେମିତି କୁନି କାହାର ପ୍ରଶଂସାରେ ବେଶ୍ ଖୁସି ବା ଦୁଃଖି ନ ହୋଇ ସେଗୁଡ଼ିକ ତା'ର କର୍ତ୍ତବ୍ୟ ମନେ କରି ଲୋକମାନଙ୍କ ସମସ୍ୟା ଗୁଡ଼ିକର ସମାଧାନର ପଥ ବତାଇ ଦେଉଥାଏ ।  ହଁ ପ୍ରକୃତରେ ସେହି କୁନି ଭଳି ଝିଅଟିଏ ଯଦି ଆମ ସମାଜରେ ଜନ୍ମ ହେଉ ଥାଆନ୍ତେ, ତାହେଲେ ଆଜି ଅନ୍ଧକାର ରୂପକ ଅଶିକ୍ଷିତ ସମାଜ, ସୂର୍ଯ୍ୟଙ୍କ ଆଲୋକ ସଦୃଶ୍ୟ ଶିକ୍ଷାର ଆଲୋକରେ ଆଲୋକିତ ହୋଇ ସୁସ୍ଥ ଏବଂ ଶିକ୍ଷିତ ସମାଜ ନିଃସନ୍ଦେହରେ ଗଠନ ହୋଇ ପାରନ୍ତା । ଆଉ ଆମର ସମସ୍ତ ପଥ ଆଜି ପରିଷ୍କାର ଭାବେ ଦୃଶ୍ୟମାନ ହେଉଥାନ୍ତା ।

ଗ୍ରାମ / ପୋ.ଅ.: ଦଳପଡ଼ା, ଭାୟା : ଖଜୁରୀପଦା
ଜିଲ୍ଲା : କନ୍ଧମାଳ, ଓଡ଼ିଶା ୭୬୨୦୧୨
ଭ୍ରାମ୍ୟଭାଷ : ୯୪୩୮୦୨୬୮୪୮

Download Magazine from www.aahwaan.com

# ସୁନେଲି ସିଂହ - ୫(କ)



ଅଶୋକ ବିଶ୍ୱାଳ

ଶୈଶବର ଏକୁଟିଆ ଦିନମାନ

ହାଏନା ମାନେ ଏକୁଟିଆ ସିଂହୀକୁ ଦେଖି ତା ଆଡକୁ ମାଡି ଆସିଲେ । ସିଂହୀ ସେମାନଙ୍କୁ ଡରାଇବାକୁ ଚେଷ୍ଟା କରୁଥାଏ । ହାଏନା ମାନେ ହଠାତ୍ ପାଖକୁ ନଆସି ସିଂହୀକୁ ବିରକ୍ତ କରିବାକୁ ଚେଷ୍ଟା କରୁଥାନ୍ତି । ସେମାନେ ଖାଉଥିବା ସିଂହୀର ଚାରିପଟେ ଘୂରି ବୁଲିଲେ । ସିଂହୀ ବେଳେବେଳେ ହାଏନାମାନଙ୍କ ଆଡକୁ ଦୌଡିଯାଉ ଥାଏ । ହେଟା ବାଘମାନେ କିଛି ସମୟ ପାଇଁ ଦୂରକୁ ଚାଲିଯାଉଥାନ୍ତି । ପୁଣି ପାଖକୁ ମାଡି ଆସୁଥାନ୍ତି । ସେମାନେ ଜାଣନ୍ତି କିଛି ସମୟ ପରେ ଏମିତି କରି କରି ସିଂହୀ ଥକି ଯିବ । ସିଂହୀକୁ ସେମାନେ ଡରାଇ ଚାଲିଥାନ୍ତି । କିନ୍ତୁ ସିଂହୀ ଜଲ୍ଦି ଜଲ୍ଦି ଖାଇ ଚାଲିଥାଏ । ଯେତିକି ସମ୍ଭବ ହେଲା ସିଂହୀ ଖାଇନେଲା । ହାଏନା ମାନେ ପାଖକୁ ମାଡିଆସୁଥାନ୍ତି । ସେ ଦେଖିଲା ଏତେଗୁଡାଏ ହାଏନା ମାନଙ୍କ ସାଙ୍ଗରେ ଲଢାଇ କରିପାରିବ ନାହିଁ । ତେଣୁ ଗୋଟିଏ କୁଦା ମାରି ସେଠାରୁ ଚାଲିଗଲା ଆଉ ହାଏନା ମାନେ ଆସି ସେ ଚିତଲ ହରିଣକୁ ଖାଇବାକୁ ଆରମ୍ଭ କଲେ ।

ସେ ନିଜ ଛୁଆ ମାନଙ୍କ ପାଖକୁ ଫେରିଗଲା । ଏଠି ଅନେକ ପାଖରେ ହାଏନା ମାନେ ଅଛନ୍ତି । ସେମାନେ ଛୁଆମାନଙ୍କୁ ମାରି ଦେଇ ପାରନ୍ତି । ସିଂହୀ ବର୍ତ୍ତମାନ ଖୁବ ସାବଧାନ ହୋଇ ଯାଇଥିଲା । ସେ ଛୁଆ ମାନଙ୍କର ରହିବା ସ୍ଥାନ ବଦଳାଇଲା । ସେମାନଙ୍କୁ ଏକ ନିରାପଦ ସ୍ଥାନକୁ ନେଇନେଲା । କିଛି ଦିନ ତଳେ ତାର ଆଉ ଦୁଇଟି ଛୁଆର ମୃତ୍ୟୁରୁ ସେ

 Download Magazine from www.aahwaan.com

ବିରାଟ ଶିକ୍ଷା ପାଇଥିଲା । ଛୁଆ ମାନଙ୍କୁ ଏକଦମ ନିରାପଦ ସ୍ଥାନରେ ରଖୁଥିଲା । ଏମିତି କିଛି ଦିନ କଟିଗଲା । ଏମିତି ଜୀବନ ମରଣ ସହ ଲୁଚକାଳି ଚାଲୁଥିଲା । ଏ ଭିତରେ ଛୁଆମାନେ ଟିକେ ବଡ ହୋଇ ଆସିଲେ ।

ସମୟ ବିତି ଯାଉଥାଏ । ଶିଶୁ ମାନଙ୍କର ଜୀବନରେ ବହୁତ କିଛି ଖୁବ ଶୀଘ୍ର ଘଟିଯାଏ । ସେମିତି ଏହି ସିଂହ ଦୁଇ ଛୁଆଙ୍କର ଜୀବନରେ କିଛି ନା କିଛି ଘଟୁଥାଏ । ସବୁ ମା'ର ଛୁଆ ଭଳି ଦୁଇ ଭାଇ ମା'ର ଆଖି ଆଗରେ ରହିଥାନ୍ତି । ସିଂହୀ ହେଉ ନା ଯିଏ କେହି ମା ହେଉ ସବୁ ବେଳେ ନିଜର ସନ୍ତାନକୁ ରକ୍ଷାକରେ ।

ଦୁଇ ଭାଇ ମରି ଯିବାର ଅନେକ ଦିନ ଘଟି ଗଲାଣି । ମା ସେମିତି ସବୁବେଳେ ସେମାନଙ୍କୁ ଲୁଚେଇ ରଖିଥିଲା । ଅନ୍ୟମାନଙ୍କ ନଜରର ଦୂରରେ ସେମାନେ ଟିକିଏ ବଡ ହୋଇ ଆସିଲେ । ଏ ଭିତରେ ସେମାନେ ମଝିରେ ମଝିରେ ଟିକିଏ ଅଧିକ ସମୟ ବାହାରେ କଟାଉ ଥିଲେ । ମା ଦ୍ୱାର ମୁହଁରେ ଶୋଉ ଯାଉଥିଲା । ଛୁଆ ଦୁହେଁ ମା କେଇ ଖୋଜ ଦୂରକୁ ଚାଲି ଯାଉ ଥିଲେ । ଆଖିରୁ ଟିକିଏ ଦୂର ହେଲା ମାତ୍ରେ ମା ସେମାନଙ୍କୁ ହାଲକା ଡାକ ଦେଉଥିଲା ଆଉ ଛୁଆ ଦୁହେଁ ଦୌଡି ଆସୁଥିଲେ । ସେମାନେ ମା ନଜର ଆଗରେ ଖେଳୁ ଥିଲେ ।

ଏ ସବୁ ଭିତରେ ବେଳେ ବେଳେ କିଛି ଖେଳ ମା'ର ଆଖିର ଆଗରେ ଘଟୁ ନଥିଲା । ଛୁଆମାନେ ଏମିତି ଆଉ ଲୁଚି ରହିବାକୁ ଚାହୁଁ ନଥିଲେ । ବେଳେବେଳେ ମନକୁ ମନ ବାହାରକୁ ଆସି ଯାଉଥିଲେ । ଏବେବି ସେମାନେ ବଡ ହୋଇ ନାହାନ୍ତି । ଅନ୍ୟ ଶିକାରୀ ପଶୁ ଏବେବି ସହଜରେ ସେମାନଙ୍କୁ ମାରି ଦେଇ ପାରନ୍ତି । କିନ୍ତୁ ସେମାନଙ୍କ ଖେଳୁଆଡ ପ୍ରବୃତି ସେମାନଙ୍କୁ ବହୁତ ସମୟରେ ବିପଦରତେ ପକାଇ ଦେଉଥିଲା । କିନ୍ତୁ ବିପଦରୁ ଶିକ୍ଷା

କରିବା ତ ହେଉଛି ପ୍ରକୃତିର ନିୟମ । ଏମିତ ଏକ ଘଟଣା ଘଟିଗଲା ।

ସିଂହୀ ଛୁଆଙ୍କୁ ଛାଡି ଖାଇବା ସଂନ୍ଧାନରେ ଥିଲା । ବୁଲୁ ବୁଲୁ ଦଳେ ଚିତଲ ହରିଣଙ୍କୁ ଦେଖିଲା । ସେହି ଦଳରୁ ଗୋଟିଏ ହରିଣକୁ ଶିକାର କରିବାକୁ ଚେଷ୍ଟା କଲା । ଶିକାର କରିବାରେ ଅନେକ ସମୟ ଲାଗିଗଲା । ଶିକାର କରି ପେଟ ଭରି ଖାଇ ନେଲା । ତାପରେ ନିଜର ଛୁଆଙ୍କ ପାଖକୁ ଫେରି ଆସୁଥିଲା । ମା'ର ଯିବା ଆଉ ଆସିବା ଭିତରେ ପ୍ରାୟେ ପାଂଚ ଘଂଟା ବିତିଗଲାଣି । ଛୁଆମାନେ ଏତେ ଲମ୍ବା ସମୟ ଆଉ ଛପି ରହି ପାରିଲେ ନାହିଁ । ତେଣୁ ମାର ଅନୁପସ୍ଥିତିରେ ବାହାରକୁ ବାହାରି ଆସିଲେ । ବୁଦାତଳେ ଲୁଚି ଗଡା ଗଡି ହେଉଥାନ୍ତି । ମଣିଷ ଛୁଆ ମିଛି ମିଛିକା କୁସ୍ତି କଲା ପରି ସେମାନେ ଗଡା ଗଡି ଆଉ ହାଲକା କାମୁଡା କାମୁଡି ହେଉଥାନ୍ତି । ଶରୀରରେ ନୂତନ ସ୍ଫୁର୍ତ୍ତୀ ଥାଏ । ଏମିତି ଗଡିଆ ଗଡି ହୋଇ ଛୁଆମାନେ ବାହାରକୁ ଚାଲି ଆସିଲେ । ବାହାରେ ଛୁଆମାନେ ସବୁବେଳେ ବିପଦ ମଧ୍ୟରେ ଥାନ୍ତି । ସବୁବେଳେ କେହି ନା କେହି ଶିକାରୀ ଜଙ୍ଗଲକୁ ତନ୍ନ ତନ୍ନ କରି ଦେଖୁଥାଏ । ବାଘ, ସିଂହ ତ ବଡ ଶିକାରୀ । ବାଜ ବା ଛଂଚାଣ ପକ୍ଷୀ କିଛି କମ ଶିକାରୀ ନୁହଁନ୍ତି । ଆକାଶରୁ କିଛି ଜାଣିବା ଆଗରୁ ଉଡି ଆସି ଛୋଟ ପଶୁଙ୍କୁ ଉଠାଇ ନିଅନ୍ତି । ତେଣୁ ଆକାଶରୁ ବିପଦ ଲାଗି ରହିଥାଏ । ଏହି ଛୋଟ ଶିଶୁ ସିଂହଙ୍କୁ ହୁଏତ ଛ,ାଣ ପକ୍ଷୀ ଆସି ଉଠାଇ ନେଇପାରେ । ଅନ୍ୟ ଶିକାରୀ ଜନ୍ତୁମାନେ ଆସି ସିଂହ ଛୁଆକୁ ମାରିଦେଇ ପାରିନ୍ତି । ସେମାନେ କିନ୍ତୁ କିଛି ଜାଣି ପାରିଲେ ନାହିଁ ଆଉ ବାହାରକୁ ଚାଲି ଆସିଲେ । ଭାଗ୍ୟକୁ କେଉଁ ଶିକାରୀ ସେମାନଙ୍କୁ ଲକ୍ଷ୍ୟ କରୁ ନଥିଲା । କିନ୍ତୁ ଏମିତିଆ ସମ୍ଭାବନା ବହୁତ କମ ।

ସେହି ବୁଦା ଏକ ନାଳର କୂଳରେ ଥିଲା । ଏମାନେ ଖେଳୁ ଖେଳୁ ନାଳର ଏକଦମ

Download Magazine from www.aahwaan.com

କୂଳକୁ ଚାଲି ଆସିଲେ ।ଗୀର ଜଙ୍ଗଲରେ ଝରଣାରେ ସାଧାରଣତଃ ବହୁତ କମ ପାଣି ରହେ ।ଏସବୁ ଝରଣା ଖୁବ କମ ଦିନ ପାଇଁ ଉଛୁଳା ରହେ ।ବାହରେ ବର୍ଷା ହେଲେ ଏ ଝରଣା ମାନଙ୍କର ହଠାତ୍ ପାଣି ଆସିଯାଏ ।ଏମିତି ଦିନେ ଖୁବ ଜୋରରେ ବର୍ଷା ହେଲା ।ଏ ଦୁଇ ଭାଇ ବର୍ଷା ପରେ ଖେଳୁଥିଲେ । ନାଳରେ ବହୁତ ପାଣି ଥିଲା । ସେମାନେ ବୋହିଯାଉଥିବା ପାଣିକୁ ଅନାଇ ରହିଲେ ।ପାଣିରେ ଫେଣ ସବୁ ବୋହି ଯାଉଥିଲା । ବାହାରେ ଜଳୀୟ ବାଷ୍ପ ଭରି ରହିଥିଲା ।ସେମାନଙ୍କ ଖେଳିବା ପାଇଁ ଇଛା ହେଲା । ସେମାନେ ଟିକିଏ ଦୌଡା ଦୌଡି ହେଲେ ।ଅଳ୍ପ ଟିକିଏ ଖୋଲା ଯାଗା ଥିଲା ।ତାପରେ ମଝିରେ ନାଳ ବୋହୁଥିଲା ।ସେହି ନାଳ ଉପରକୁ ଗଛ ସବୁ ମାଡି ଆସିଥିଲା । ପାଣିରେ ଅନେକ ଶୁଖିଲା ଡାଳ ଭାସି ଆସି ଗୋଟାଏ ଯାଗାରେ ଲାଗିଥିଲା ।ସେଠି ଟିକେ କମ ପାଣି ତେଣୁ ଡାଳ ଗୁଡିକ ମାଟିରେ ଲାଗି ଯାଇଥିଲା ।

ଏ ଭିତରେ ଗୋଟିଏ ଛୁଆ ନାଳ ଧାରକୁ ଚାଲିଗଲା ଆଉ ଆର ଛୁଆ ଖେଳୁ ଖେଳୁ ତାକୁ ଭୁଲରେ ଠେଲି ଦେଲା ।ତା ଗୋଡ ଖସି ଗଲା ।ସେ ନିଜର ଚାରି ଗୋଡରେ ମାଟିକୁ ଧରି ରଖିବାକୁ ଚେଷ୍ଟା କଲା । କିନ୍ତୁ ଖସି ଗଲା । ତଳେ ଖରସ୍ରୋତା ନାଳ, ପାଣି ଜୋରରେ ବୋହୁଛି ।ଏମିତିଆ ଅଦିନିଆ ନାଳରେ ବହୁତ ଛୋଟ ପଶୁ ପାଣିରେ ବୁଡି ପ୍ରାଣ ହରାନ୍ତି ।ଛୁଆଟି ପାଣିରେ ନ ପଡି ଭାଗ୍ୟବଶତଃ ଗୋଟିଏ ଶୁଖିଲା ଡାଳ ଉପରେ ଖସି ପଡ଼ିଲା ଆଉ ତାକୁ ଜାବୁଡି ଧରିଲା । ଡାଳଟି ପାଣିରେ ହଲ ହଲ ହେଉଥାଏ ।ଛୁଆର ଓଜନରେ ଡାଳଟି ପ୍ରାୟ ପାଣିକୁ ଛୁଉଁଥିଲା । ତାର ଆଉ ସାହାସ ନଥିଲା । ସେ ଗୋଡରେ ଡାଳକୁ ଜୋରରେ ଜାବୁଡି ଧରିଥିଲା ।ଅନ୍ୟ ଛୁଆ ଏମିତି ଅବସ୍ଥା ଦେଖି ଆଉ ଆଗକୁ ଗଲାନାହିଁ ।ତଳେ ଛୁଆଟି କୁଁ କୁଁ ହେଉଥାଏ ।

Download Magazine from www.aahwaan.com

ଏ ଛୁଆଟି ଧିରେ ଧିରେ ଡାକି ଚାଲିଥାଏ । ପ୍ରାୟେ ଦୁଇ ଘଂଟା ବିତିଗଲା । ଆଉ ଛୁଆଟି ଜାବୁଡି ଧରି ପାରୁନଥାଏ । ଆଉ ଅଳ୍ପ ସମୟ ପରେ ଛୁଆଟି ତଳେ ଖସି ପଡିବ । ଏଣେ ମା' ଶିକାର କରି ପ୍ରାୟେ ଛଅ ଘଂଟା ପରେ ଫେରିଲା ଆଉ ଧିର ସ୍ୱରରେ ଛୁଆମାନଙ୍କୁ ଡାକିଲା । ଗୋଟିଏ ଛୁଆ ଆସିଲା କିନ୍ତୁ ଅନ୍ୟ ଛୁଆ ଆସିଲାନାହିଁ । ସେ ଛୁଆଟି ତଳୁ ଧିର ସ୍ୱରରେ ଡାକୁଥାଏ । ମା ବୁଝିପାରିଲା ଘଟଣା କ'ଣ ? ବର୍ଷା ସମୟ, ନଦୀରେ ଅନେକ ପାଣି, ନାଳରେ ଅନେକ ପାଣି । ସିଂହମାନେ ସାଧାରଣତଃ ପହଁରନ୍ତି ନାହିଁ । ଯେତେବେଳେ ଶିକାର କରିବା ଅତି ଆବଶ୍ୟକ ହୋଇପଡେ କେବଳ ସେହି ସମୟରେ ପାଣିରେ ପଶନ୍ତି । ନାଳରେ ଖୁବ୍ ଜୋର୍ରେ ପାଣି ପ୍ରବାହିତ ହେଉଥାଏ । ସିଂହୀ ଏପଟ ସେପଟ ଅନାଇଲା । ବେଶି କିଛି ନଭାବି ପାଣି ଭିତରକୁ ଡେଇଁପଡିଲା ଆଉ ପହଁରି ପହଁରି ସେହି ଡାଳ ପାଖକୁ ଆସିଲା । ଛୁଆ ମାକୁ ଦେଖିକରି ମା'ର ପିଠିକୁ ଡେଇଁପଡିଲା ଆଉ ମା ଛୁଆ ଦୁହେଁ ବିପଦରୁ ବାହାରି କୂଳକୁ ଆସିଗଲେ ।

କୂଳରେ ପହଂଚି ମା ମାଟି ଉପରକୁ ଆସିଲା । ଛୁଆଟି ତଳକୁ ଖସି ପଡିଲା । ତା ଦେହ ଡରରେ ଜଡ ହୋଇ ଯାଇଥାଏ । ସେ ଗୋଟା ପଣେ ଥରୁଥାଏ । ଏତେ ସମୟ ପରେ ମାଟି ଉପରକୁ ଆସି ତାଦେହରେ ଜୀବନ ଆସିଲା ପରି ଲାଗୁଥାଏ । ସେ କିନ୍ତୁ ଗୋଡ ହଲାଇ ପାରୁ ନଥାଏ । ମା ଦେହକୁ ଜୋରରେ ଥରାଇ ଦେଲା । ତାର ରୁମ ସବୁ ଓଦା ହୋଇ ଯାଇଥିଲା । ଏମିତି ହଲିବାରୁ ପାଣି ଖସି ପଡିଲା । ସେ ଛୁଆକୁ ଚାହିଁଲା । ଛୁଆଟି ହଲି ପାରୁ ନଥାଏ । ମା ତାକୁ ମୁହଁରେ ଠେଲି ତଳେ ପକାଇ ଦେଲା ଆଉ ବହୁତ ଚାଟିଲା । ଅନ ଛୁଆଟି ପାଖରେ ଠିଆ ହୋଇ ବୋକା ଭଳି ଅନାଉ ଥାଏ । ମାର ଗରମ ଜିଭ ଚଟାରେ ଛୁଆ ଦେହରୁ ପାଣି ଶୁଖିଗଲା ଆଉ ରକ୍ତ ସଂଚାଳନ ହେଲା । ସେ ମା କୋଳରୁ

ଦୁଧ ଚୋଷିବାକୁ ଲାଗିଲା । ମାର କୋଳରେ ତା ଦେହରେ ନୂତନ ଜୀବନ ଆସିଲା । ଦୁଇ ଛୁଆ ନିଜ ଭିତରେ ଠେଲା ଠେଲି ହେଲେ । ତାପରେ ଆଖି ବନ୍ଦ କରି ଶାନ୍ତିରେ ମା ପହ୍ନାରୁ ଦୁଧ ଚୋଷିବାକୁ ଲାଗିଲେ ।

ଏମିତି ଜୀବନର ଏକ ବଡ ବିପଦ ଟଳିଗଲା ।

ଅନେକ ସମୟ ଛୁଆ ଦୁହେଁ ଦୁଧ ପିଇବାରେ ଲଗାଇ ଦେଲେ । ମା ପାଖରେ ସେମାନଙ୍କୁ ନିଦ ଲାଗୁଥିଲା । ମାକୁ ଲାଗି ଦୁହେଁ ନିଦରେ ଶୋଇ ପଡିଲେ ।

ସିଂହୀ ଚାରିଗୋଡ ଉଠାଇ ଶୋଇ ରହିଲା ।

କ୍ରମଶଃ

Download Magazine from www.aahwaan.com

# ଲଟେରୀ



ଡା ସୁବାସ ଚନ୍ଦ୍ର ରାଉତ

ପାଞ୍ଚ ବର୍ଷର ଝିଅ ରାଣୀ ଟିଭି ଆଡ଼କୁ ଆଙ୍ଗୁଠି ଦେଖେଇ ତା ମାଆାକୁ ପ୍ରଶ୍ନ କଲା, "ମାଆ, ସେ କିଏ, ଆଉ ସେ ଘରଟା ଏତେ ବଡ଼ ଦିଶୁଛି କେମିତି ?"

"ମା, ସିଏ ଇଂଲଣ୍ଡର ରାଣୀ, କୁଇନ ଇଲିଜାବେଥ; ଆଉ ରାଜା ରାଣୀଙ୍କ ଘରକୁ ଉଆସ କହନ୍ତି, ଘର ନୁହେଁ ।"

–"ମାଆ, ମୁଁ ବି ତ ରାଣୀ, ଆମର କାହିଁକି ଏମିତି ଘର ନାହିଁ?" ଅଳ୍ପ ବୟସର କୋମଳମତି ସରଳ ଝିଅ ତା ମାଆାକୁ ଗେଲ୍‌ହଇ ହୋଇ ପ୍ରଶ୍ନ କଲା ।

କୋଳକୁ ଆଉଜେଇ ନେଇ ମାଆ କହିଲେ, "ଆମର ଘର ତ ଛୋଟ ନୁହେଁ କିନ୍ତୁ ତାଙ୍କ ଭଳି ବଡ଼ ନୁହେଁ । ଆମରି ଏହି ଘରକୁ ଆମେ ଆହୁରି ବଡ଼ କରିତୋଳିବା । ଯଦି ତୋର ଏହି ବାପା ମାଆ ଆହୁରି ବଡ଼ ଘର କରି ନପାରିଲେ, ତାହେଲେ ତୁ ବଡ଼ ହେଲେ ତୋତେ ଗୋଟିଏ ରାଜକୁମାର ସାଥିରେ ବାହା କରିଦେବୁ । ତୁ ଯାଇ ସେଇ ରାଜକୁମାରଙ୍କ ଉଆସରେ ଆନନ୍ଦରେ ରହିବୁ । ରାଜ କୁମାର ବଡ଼ ହେଲାପରେ ରାଜା ହେବେ ଓ ତୁ ତାଙ୍କ ସ୍ତ୍ରୀ ହୋଇ ରାଣୀ ହେବୁ । ରାଜାଙ୍କ ସ୍ତ୍ରୀକୁ ସମସ୍ତେ ରାଣୀ କହନ୍ତି । ସେତେବେଳେ ତୁ ପ୍ରକୃତରେ ରାଣୀ ହୋଇ ଆମକୁ ସବୁ ଭୁଲି ଯିବୁ ।"

ଆଉ ୧୯ ବର୍ଷ ପରେ ରାଣୀ ଆଜି ବଡ଼ ହୋଇଯାଇଛି ସତ, କିନ୍ତୁ ରାଣୀ ହେବା ବଦଳରେ ଚାକରାଣୀ ହୋଇଯାଇଛି; ସେଇଠି, ସେଇ ଘରେ, ଯେଉଁ ଘରେ ସେ ଅସୁମାରି ସ୍ୱପ୍ନ ଦେଖୁଥିଲା । ସେଇ ମାଆ କୋଳର ସ୍ୱପ୍ନ ଦେଖାର ଛଅ ମାସ ପରେ ଭଗବାନ ମାଆାକୁ

 Download Magazine from www.aahwaan.com

ତାଙ୍କ ସ୍ୱର୍ଗ ଘରକୁ ଡାକିନେଲେ । ବଡ଼ ଗାଡ଼ି, ଉଆସ, ଚାକର ବାକର ଆଦି ସ୍ୱପ୍ନ ସବୁ ଉଭେଇ ଗଲେ ଯେଉଁ ଦିନ ତାର ମାଆ ପରଲୋକକୁ ଚାଲିଯିବାର ବର୍ଷେ ପରେ ବାପା ଆଉ ଗୋଟେ ମାଆକୁ ନେଇଆସିଲେ । ସବୁ ଆଶା, ଭରସା, ସାଙ୍ଗ, ସାଥି ଆତ୍ମୀୟମାନେ ସ୍ୱପ୍ନ ମିଳେଇ ଗଲା ଭଳି ଧୀରେ ଧୀରେ ଉଭେଇ ଗଲେ ।

ମାଆ ମରିବାର ବର୍ଷେ ପରେ ଦିନେ ବାପା ରାଣୀକୁ ଡାକି କୋଳରେ ବସେଇ କହିଥିଲେ, "ମା, ମୁଁ ଭାବୁଛି ତୋ ପାଇଁ ଗୋଟିଏ ନୂଆ ମା ଆଣିବି । ସେ ତୋର ଯତ୍ନ ନେବ । ମୁଁ ତ କାମକୁ ଯାଉଛି । ତୋ କଥା କିଏ ବୁଝିବ ? କିଏ ତୋତେ ଖାଇବାକୁ ଦେବ, ଗେଲ୍‌ହା କରିବ ? ତୋ ପାଠ ପଢ଼ାପଢ଼ି କଥା କିଏ ବୁଝିବ ?" ସରଳମତି ରାଣୀ କଅଣ ଜାଣିଥିଲା, ଯିଏ ଆସିବ ସେ ମାଆ ନୁହେଁ ନୂଆମା ହୋଇ ଆସିବ । ସଂସାରରେ ଏହିଭଳି ନୂଆମାଙ୍କୁ ବିମାତା କୁହାଯାଏ । ମା ଓ ନୂଆମା ମଧ୍ୟରେ ଥିବା ପାର୍ଥକ୍ୟ ବୁଝିବାକୁ ସେ ଅକ୍ଷମ ଥିଲା । ଏ ଦୁନିଆରେ କ୍ୱଚିତ କୌଣସି ବିମାତା ମାଆର କର୍ତ୍ତବ୍ୟ କରନ୍ତି ।

ନୂଆମା ଆସିବା ପରେ ତା'କୁ ଆଉ ଗୋଟିଏ ବଖରାରେ ଶୋଇବାକୁ ଦିଆଗଲା । କିଛି ମାସ ପର୍ଯ୍ୟନ୍ତ ବିଶେଷ କିଛି ଅସୁବିଧା ହେଲାନି କିନ୍ତୁ ଯେଉଁ ଦିନଠାରୁ ରାଣୀର ଗୋଟିଏ ନୂଆ ଭଉଣୀ 'ମାନି' ନୂଆମା କୋଳକୁ ଆସିଲା, ସେଇ ଦିନଠାରୁ ତାର ଜୀବନରେ କେବଳ ଝଡ଼ ବତାସହିଁ ବୋହିବାକୁ ଲାଗିଲା । ସମୟ ଗଡ଼ିଚାଲିଲା । ପ୍ରତି ଦିନ କିଛି ନା କିଛି ବାହାନାରେ ନୂଆମା ତାକୁ ଗାଳି ଦିଅନ୍ତି । ସାନଭଉଣୀ ମାନି ଛୋଟ ଥିଲାବେଳେ ବହୁତ ଗେଲ କରୁଥିଲା । ଟିକିଏ ବଡ଼ ହୋଇଗଲା ପରେ ନୂଆମା ତାକୁ ଶିଖେଇଲେ, "ତୁ ସେ ରାଣୀ ସାଥିରେ କାହିଁକି ମିଶୁଛୁ, ସମୟ ନଷ୍ଟ କରୁଛୁ । ପଢ଼ା ପଢ଼ି କର । ତା ସାଥିରେ ମିଶିଲେ ତୋର ସବୁ ନେଇଯିବ । ବଡ଼ ଭଉଣୀ ସେ । ତୋ ବାପା ତାକୁ ବହୁତ ଭଲ ପାଉଛନ୍ତି । ସବୁ

 Download Magazine from www.aahwaan.com

ଧନ ସମ୍ପତ୍ତି ତାକୁ ଦେଇଦେବେ; ହୁସିଆର ହୋଇ ଚଳ ।" ସବୁ ଦିନ ରାଣୀ ବିରୁଦ୍ଧରେ କହି କହି ଏମିତି ପରିସ୍ଥିତି ସୃଷ୍ଟି କରିଦେଲେ ଯେ ମାନି ତାଠାରୁ ଦୂରେଇ ଗଲା ।

ମାନି ଭଲ ଭଲ ପୋଷାକ ପିନ୍ଧେ । ପ୍ରତି ମାସରେ ନୂଆ ଫ୍ରକ, ନୂଆ ଶାଳୱାର, କାମିଜ ଓ ପାଇଜାମା ଇତ୍ୟାଦି ତା ପାଇଁ କିଣାଯାଏ । ରାଣୀ ନିମନ୍ତେ ପିନ୍ଧା ପୋଷାକ ପୁରୁଣା ହୋଇ ଚିରିଲା ପରେ ନୂଆ ପୋଷାକ କିଣାଯାଏ । ମାନି ନୂଆ ପୋଷାକ ପିନ୍ଧି ଘୁରି ବୁଲିଲା ବେଳେ ରାଣୀ ସତୃଷ୍ଣ ନୟନରେ ଭଉଣୀଆଡ଼କୁ ଅନେଇଥାଏ । ଜନ୍ମ ଦିନ, କୁଆଁର ପୁନେଇ, ରଜ, ପ୍ରଥମାଷ୍ଟମୀ ଆଦି କୌଣସି ଦିନରେ ରାଣୀ ନୂଆ ପୋଷାକ ପିନ୍ଧେନି, ତା'ପାଇଁ କନା କିଣା ହୁଏନି ବା ସିଲେଇ କରାଯାଏନି । ତାକୁ ଖେଳିବାକୁ ଛଡ଼ାଯାଏନି । କେହି ରକ୍ତ ସମ୍ପର୍କୀୟ ବନ୍ଧୁ ବାନ୍ଧବ ଘରକୁ ଆସିଲେ ତାକୁ ତାଙ୍କ ସାମନାକୁ ଯିବାକୁ ରାଣୀକୁ ଲାଜ ଲାଗେ । ଭାବନାରେ ବୁଡ଼ିଯାଏ; ଭାବେ, କେମିତି ଯିବି ଏଇ ପୋଷାକ ପିନ୍ଧି ! ଦୀର୍ଘଶ୍ୱାସ ପକାଏ । କିଏ ଜାଣେ ଏ ଦୀର୍ଘଶ୍ୱାସ କାହା ଉପରେ ପଡୁଥିବ ।

ମା ଚାଲିଯିବାର ଛଅ ବର୍ଷ ପରେ ଜେଜେ ଏ ପୃଥିବୀରୁ ବିଦାୟ ନେଇଗଲେ । ସେ ଦିନ ରାଣୀ ଓ ତାର ବାପା ଅଧୀର ହୋଇ କାନ୍ଦିବାକୁ ଲାଗିଲେ । ରାଣୀକୁ ଜେଜେ ବହୁତ ଭଲ ପାଉଥିଲେ । ଯେତେବେଳେ ଯାହା ମାଗେ, ଜେଜେ ସାଙ୍ଗେ ସଙ୍ଗେ ମଗେଇ ଦିଅନ୍ତି , କେବେ ନାହିଁ କରନ୍ତି ନାହିଁ । କେବେ ଗାଳି ଦିଅନ୍ତି ନାହିଁ । ପିଲା ବୟସରେ ସବୁ ଦିନ ସନ୍ଧ୍ୟାରେ ଜେଜେଙ୍କ କାନ୍ଧ ଉପରେ ସବାର ହୋଇ ରାଣୀ ବାହାରକୁ ବୁଲିଯାଏ । ଜେଜେ ହିଁ ଏ ଘରର ସର୍ବେ ସର୍ବା ଥିଲେ । ଘରର ସଉଦାପତ୍ର, ବ୍ୟାଙ୍କ କାରବାର ଆଦି ସବୁ କଥା ଜେଜେ ବୁଝୁଥିଲେ ଓ ସକଳ କଥାରେ ତାଙ୍କ ଉପଦେଶ ନିଆଯାଉଥିଲା । ନୂଆମା ସବୁବେଳେ ବାପାଙ୍କୁ କହନ୍ତି, "ତୁମେ ଘରର ସବୁ କଥା ବୁଝ ଏଣିକି, ବାପାଙ୍କର ବୟସ

ହେଲାଣି, କେତେ ବୁଝିବେ ।" ବାପା କହନ୍ତି, "ତାଙ୍କ ଆଗରେ ମୁଁ ଛୁଆ, ଆଉ ମୁଁ ସେଇ ଅଧିକାର ନେଇଗଲେ ସେ ନିଜକୁ ବୃଦ୍ଧ ଅନୁଭବ କରିବେ ଓ ଭାଙ୍ଗି ପଡ଼ିବେ । ସେଇଟା ମୁଁ ସହି ପାରିବିନି ।"

ଜେଜେ ଚାଲିଗଲା ପରେ ଦିନ ରାତି କାମ ଆଉ କାମ – ଆରାମ ଓ ବିଶ୍ରାମ ଆଦି ଶବ୍ଦମାନ ସେ ଭୁଲିଯାଇଥିଲା । ଖାଲି କାମ କରୁଥିଲେ ତ ଗୋଟେ କଥା ଥିଲା, କାମରେ ତୃଟି ଥାଉ ବା ନଥାଉ, ଖାଲି ଗାଳି ଆଉ ଗାଳି । ରାତି ନପାହୁଣୁ ସାବତ ମାଆର ଚିତ୍କାର । ପୋଡ଼ାମୁହିଁ, ଉଠ୍, ବାସି ଅଇଁଠା ବାସନ କେତେବେଳେ ମାଜିବୁ, ଘର ଝାଡୁ କେତେବେଳେ ହେବ, ଘର ପୋଛା କେତେବେଳେ କରିବୁ । ଏ ସବୁ ସରିଲେ ମୁଁ ଗାଧୋଇ ଯିବି ଓ ପୂଜା କରିବି । ଶୀଘ୍ର କାମ ସାରି ଚା ଜଳଖିଆ ତିଆରି କର । ଯେତେବେଳେ ଦେଖ, ଖାଲି ଶୋଇଛି । କି ଝିଅ ମୋ ମୁଣ୍ଡ ଉପରେ ଲଦି ଦେଇ ସଉତୁଣୀ ବିଦାୟ ନେଲା କେଜାଣି ! ମାଆ ଖାଇ ଅଲକ୍ଷଣୀ କଉଠିକାର, ଏକୁ ହେଲେ ସାଥିରେ ନେଇ ଯାଇଆଆନ୍ତା । ରାଣୀ ଆଖିରେ ସକାଳୁ ଲୁହ ଝରିଯାଏ, ଲୁହ ତ ନୁହେଁ, ଧାରା ଶ୍ରାବଣର ବର୍ଷା । ହେଲେ କେବେ ଜବାବ ଦେଇନାହିଁ ।

ଦିନେ ଦିନେ ବାପା ବିରକ୍ତ ହୁଅନ୍ତି, ନୂଆମାକୁ ଗାଳି ଦେଇ କହନ୍ତି, "ବିନି, ରାଣୀ କଅଣ ତୁମ ଝିଅ ନୁହେଁ । ତାକୁ ଟିକିଏ ବି ସ୍ନେହ ଦେଉନ ।" ଏମିତି ବହୁତ ଥର ଅଭିଯୋଗ ଶୁଣି ଶୁଣି ଦିନେ ବିନି ସିଧା ବାପାଙ୍କୁ ମୁହଁ ଉପରେ କହିଲା, "ମୋତେ ଏଇ ଝିଅ ପାଇଁ ଗାଳି ଦେଲେ ବା ମୋ ସାଥିରେ ଝଗଡ଼ା କଲେ ମୋ ଝିଅଙ୍କୁ ନେଇ ସିଧା ମୋ ବାପ ଘରକୁ ଚାଲିଯିବି । ତୁମେ ତୁମ ଗେଲ୍‌ହୀ ଝିଅକୁ ନେଇ ଏକୁଟିଆ ରହ ।" ସେହି ଦିନଠାରୁ ବାପା ନିରବ ହୋଇଗଲେ । ଧୀରେ ଧୀରେ ରାଣୀର ସ୍କୁଲ ଯିବା ବନ୍ଦ କରିଦିଆଗଲା ।

 Download Magazine from www.aahwaan.com

ଚାକରମାନଙ୍କୁ ମଧ୍ୟ ଧୀରେ ଧୀରେ ବିଦାୟ କରିଦିଆଗଲା ।

ବାପା ଦିନେ ରାଣୀକୁ ପାର୍କକୁ ବୁଲେଇ ନେଇଥିଲେ । ଗୋଟିଏ ବେଞ୍ଚ ଉପରେ ଦୁହେଁ ବସିଲେ । ବାପା ଝିଅର ହାତ ଧରି କହିଲେ, "ଝିଅ ତୁ ମୋତେ କ୍ଷମା କରିଦେ । ତୋ କଷ୍ଟ ମୁଁ ଆଉ ଦେଖିପାରୁନି । ମୁଁ ତୋ ନୂଆମାକୁ ଆଣିଲା ବେଳେ ଭାବିଥିଲି, ସବୁ ବିମାତା କଅଣ ଏକା ହେବେ ! କେହି ତ ବ୍ୟତିକ୍ରମ ହୋଇଥିବେ । କିନ୍ତୁ ମୋର ଓ ତୋର ଦୁର୍ଭାଗ୍ୟ । ଆଜି ତୋ ମାଆ ମୋର ବହୁତ ମନେ ପଡ଼ୁଛି ।" ରାଣୀ ବାପାଙ୍କୁ କୁଣ୍ଢେଇ କାନ୍ଦିବାକୁ ଲାଗିଲା ଓ ବାପାଙ୍କ ଆଖିରୁ ଲୁହ ବୋହିଯାଉଥିଲା ।

ରାଣୀ ତା ବାପାର ଦୁଃଖ ଦେଖିପାରିଲାନି । ତାର ନରମ ହାତରେ ତାଙ୍କର ଲୁହ ପୋଛିବାକୁ ଲାଗିଲା । ବାପାଙ୍କର କୋହ ଉପରେ କୋହ ଉଠୁଥାଏ । କହିବାକୁ ଲାଗିଲେ, "ତୋର ଲୁହ ଦେଖିବିନି ବୋଲି ଯାହାକୁ ଆଣିଲି, ସେଇ ତୋର ଦୁଃଖର କାରଣ ହେଲା । ଏହା ମୋ ଜୀବନର ଚରମ ଦୁର୍ଭାଗ୍ୟ ଓ ଭାଗ୍ୟର ବିଡ଼ମ୍ବନା ।"

"ବାପା, କାନ୍ଦନି । ତୁମ କାନ୍ଦ ମୁଁ ସହି ପାରିବିନି । ମୋ ଦୁଃଖର ଗରଳକୁ ଅମୃତ ଭାବି ପିଇଯିବି, ହେଲେ ତୁମ କଷ୍ଟ ଦେଖିପାରିବିନି ।"

"ତୋ ନୂଆମାକୁ ମୁଁ କିଛି କହିପାରୁନି; କାରଣ ମୁଁ ଯଦି କିଛି କହେ, ମୁଁ ନଥିଲାବେଳେ ତୋ ଉପରେ ଅଧିକ ଅତ୍ୟାଚାର କରିବ । ଏହା ମୁଁ ଜାଣେ ଓ ଆଉ ମଧ୍ୟ ଜାଣେ, ତୁ ମୋତେ ଏହି ଅତ୍ୟାଚାର କଥା କେବେହେଲେ କହିବୁନି । ମା, ଧୈର୍ଯ୍ୟ ଧର । ପ୍ରତ୍ୟେକ ନିଦାଘ ପରେ ମେଘଡମ୍ବରୁ ବାଜେ ଓ ଆକାଶରୁ ଅମୃତ ଝରିଆସି ଏ ଧରିତ୍ରୀକୁ ଶସ୍ୟ ଶ୍ୟାମଳା କରିଦିଏ । ମହାପୁରୁଷମାନେ କହିଛନ୍ତି, ମଣିଷ ଜୀବନ ବି ଠିକ ଏହାରି ସଦୃଶ । ସ୍ନେହ ଓ ଶ୍ରଦ୍ଧାହିଁ ବଞ୍ଚିରହିବାକୁ ଓ ପ୍ରତ୍ୟେକ ଆଘାତକୁ ପ୍ରତିହତ କରିବାକୁ ଶକ୍ତି ଦିଏ ।"

Download Magazine from www.aahwaan.com

ଏହି ଘଟଣା ପରେ ରାଣୀର ରାତି ଓ ଦିନ ମଧ୍ୟରେ କିଛି ପାର୍ଥକ୍ୟ ରହିଲାନି । ଦିନରେ ଘର ପାଇଁ ଓ ରାତିରେ ନିଜ ପାଇଁ କଠୋର ପରଶ୍ରମ କରିବାକୁ ଲାଗିଲା, ଏକ ତପସ୍ୟାଠାରୁ ଅଧିକ । ରାତିରେ ତା ରୁମ ଭିତରେ ସେ କଅଣ କରୁଥିଲା, ବାପାଙ୍କ ବ୍ୟତୀତ କେହି ଜାଣୁନଥିଲେ । ବର୍ଷକୁ ଦୁଇ ତିନି ଥର ବାପ ଝିଅ ସାତ ଆଠ ଦିନ ପାଇଁ ବୁଲି ଯାଉଛୁ କହି କୁଆଡେ ଚାଲିଯାଆନ୍ତି, ତାଙ୍କ ବ୍ୟତୀତ କେହି ଜାଣିପାରନ୍ତିନି ।

କିଛି ଦିନ ପୂର୍ବରୁ ଜଣେ ମଧ୍ୟସ୍ଥ ରାଣୀ ପାଇଁ ଏକ ପ୍ରସ୍ତାବ ଆଣିଥିଲେ । ଡ୍ରଇଁ ରୁମରେ ବାପାଙ୍କ ସାଥିରେ କଥାବାର୍ତ୍ତା ଚାଲିଥିଲା । ବିବାହ ପ୍ରସ୍ତାବ ଆସିଛି ଶୁଣି ନୂଆମା ଭିତରକୁ ପଶିଗଲେ । ନିଜକୁ ଚିହ୍ନେଇ ଦେଇ କହିଲେ, "ମୁଁ ଏ ବାବୁଙ୍କ ପତ୍ନୀ । ଆପଣ କାହାପାଇଁ ପ୍ରସ୍ତାବ ଆଣିଛନ୍ତି, ପୁଅ ଓ ପୁଅର ବାପା କଅଣ କରନ୍ତି ?"

"ଆଜ୍ଞା, ଆପଣଙ୍କ ବଡ଼ ଝିଅ ପାଇଁ ପ୍ରସ୍ତାବ ଆଣିଛି, ଆଇ.ଜି. ଶଙ୍କର ରଥଙ୍କ ଏକମାତ୍ର ପୁଅ ସଂବିତଙ୍କ ସହିତ ।"

ବଡ଼ ଝିଅ ପାଇଁ କଅଣ ପ୍ରସ୍ତାବ ଆଣିଛନ୍ତି, ମୋ ଝିଅ ନିମନ୍ତେ ଏ ପ୍ରସ୍ତାବ ଦିଅନ୍ତୁ । ବଡ଼ ଝିଅ ତ କଲେଜ ମାଡ଼ିନି, ତାକୁ କିଏ ବାହା ହେବ ? ସେଇଟା ଅମଙ୍ଗଳି, ମାଆକୁ ଖାଇଛି । ମୋର ତ ଡରି ଡରି ଦିନ ଯାଉଛି, ବାପାକୁ ଖାଇଲେ ମୁଁ ବିଧବା ହୋଇଯିବି । ବର ଘରକୁ ଖବର ଦିଅନ୍ତୁ, ଯଦି ବିବାହ କରିବେ ତାହେଲେ ମୋ ଝିଅ ସହିତ କରନ୍ତୁ, ନହେଲେ ନାହିଁ ।" ଅପ୍ରସ୍ତୁତ ହୋଇଗଲେ ରାଣୀର ବାପା ନଗେନ ମିଶ୍ର । ହାତ ଦେଖେଇ, ଇଙ୍ଗିତ କରି କିଛି କହିବାକୁ ଯେତେ ମନା କଲେ ମଧ୍ୟ ନୂଆମା ଉପରେ ତାର କୌଣସି ପ୍ରଭାବ ପଡ଼ିଲାନି ।

ଏତିକି ବେଳେ ରାଣୀ ଗୋଟିଏ ଟ୍ରେରେ ଚା ଜଳଖିଆ ଧରି ସେ ରୁମକୁ ଆସିଲା । ମଧ୍ୟସ୍ଥି ପଚାରିଲେ, "ଏ ଝିଅଟି କିଏ ।" ଚଟାପଟ ନୂଆମା କହିପକେଇଲେ, "ସେ ଆମ

 Download Magazine from www.aahwaan.com

ଚାକରାଣୀ ।" ଥମ କରି ରହିଗଲା ରାଣୀ, କିଛି ସମୟ ନିମନ୍ତେ ସ୍ଥାଣୁ ହୋଇଗଲା ଯେମିତି । ଟିପଏ ଉପରେ ଟ୍ରେ ଥୋଇ ଦେଇ ରାଣୀ ଦୌଡ଼ି ଦୌଡ଼ି ସେହି ରୁମରୁ ଅନ୍ତର୍ଦ୍ଧାନ ହୋଇଗଲା । ନଗେନ ବାବୁ କଟମଟ କରି ଅନେଇଲେ ମଧ୍ୟ ନୂଆମା ଉପରେ କୌଣସି ପ୍ରଭାବ ପଡ଼ିଲାନି ଓ ରାଣୀ ପଛେ ପଛେ ନୂଆମା ମଧ୍ୟ ତାଙ୍କ ରୁମକୁ ଚାଲିଗଲେ ।

ବହୁତ ଆଶା, ବିଶ୍ୱାସ ଓ ଧୈର୍ଯ୍ୟ ସହିତ ଏ ପର୍ଯ୍ୟନ୍ତ ନଗେନ ବାବୁ ଏ ସଂସାର ଚଳେଇ ଆଣିଥିଲେ । ହଠାତ ଗୋଟିଏ ନିର୍ଣ୍ଣୟ ନେଇଗଲେ । ମଧ୍ୟସ୍ଥିଙ୍କୁ କହିଲେ, "ଯିଏ ବାହା ହେବ, ଆପଣ ତାଙ୍କୁ ଆଣନ୍ତୁ ଓ ମୋର ବଡ଼ ଝିଅକୁ ଦେଖାନ୍ତୁ, ତା'ପରେ ତାଙ୍କ ପସନ୍ଦ ହେଲେ ଓ ମତାମତ ଜାଣିଲା ପରେ ମୁଁ ନିର୍ଣ୍ଣୟ ନେଇ କହିବି ।" ମଧ୍ୟସ୍ଥିକୁ ଗଲା ପୂର୍ବରୁ କହିଲେ, "ଯିଏ ଚା ଧରି ଆସିଥିଲା, ସେ ମୋର ବଡ଼ ଝିଅ ରାଣୀ ଓ ଯିଏ ଚାଲିଗଲେ ସେ ତାର ସାବତ ମାଆ । ମୋ ଝିଅ ବହୁତ ଭଲ ପାଠ ପଢ଼େ ।" ମଧ୍ୟସ୍ଥି ଟିପ୍ପଣୀ ଦେଲେ, "ସାବତ ମା ଏମିତି ବ୍ୟବହାର କରୁଛି !"

ନଗେନ ବାବୁ ଶୀଘ୍ର ଶୀଘ୍ର ବଡ଼ ଝିଅ ରୁମକୁ ଚାଲିଗଲେ । ରାଣୀ ତକିଆ ଉପରେ ମୁହଁ ମାଡ଼ି କାନ୍ଦୁଥାଏ । ବାପାଙ୍କୁ ଦେଖି କଇଁ କଇଁ ହୋଇ ଧକେଇ ଧକେଇ କହିଲା, "ବାପା ମୁଁ ଆଉ ବଞ୍ଚିପାରିବିନି । ଚାକରାଣୀ ଭଳି ଖଟୁଥିଲି ସତ, କିନ୍ତୁ ତୁମ ପାଇଁ କାମ କରୁଥିଲି; ମୋ ବାପା ପାଇଁ, ଆଉ କାହା ପାଇଁ ନୁହେଁ । ତୁମ ଝିଅ ହୋଇ ଏ ଅପମାନ ଆଉ ମୁଁ ସହି ପାରିବିନି ।" ଝିଅର ପିଠି ଓ ମୁଣ୍ଡକୁ ଆଉଁସି ଦେଇ ବାପା କହିଲେ, "ମା, ମୁଁ ଏବେ ବି ବଞ୍ଚିଛି । ତୋ ଦୁଃଖ ହେଉଛି ମୋ ଦୁଃଖ । ଏମିତ କିଛି କରନି ଯାହାଦ୍ୱାରା ମୁଁ ଭାଙ୍ଗିପଡ଼ିବି ଓ ବଞ୍ଚିପାରିବିନି । ଆଜି ତୋତେ କଥା ଦେଉଛି, ଅଳ୍ପ ଦିନ ମଧ୍ୟରେ ତୋର ଦୁଃଖ ଦୂର କରିବି, ଏହା ମୋର ତ୍ରିବାର ସତ୍ୟ ।" ବାପା କୋଳରେ ମୁଣ୍ଡ ରଖି ଆହୁରି ଜୋରରେ ରାଣୀ

Download Magazine from www.aahwaan.com

କାନ୍ଦିବାକୁ ଲାଗିଲା । ରାଣୀ ଭାବିବାକୁ ଲାଗିଲା, 'ବାପାଙ୍କ ହାତରେ କଅଣ ଅଛି ଯେ ମୋର ଦୁଃଖ ଦୂର କରିବେ ! ହେ ପ୍ରଭୁ ମୋତେ ରକ୍ଷା କର !'

ସେତେବଳକୁ ରାଣୀକୁ ୨୪ ବର୍ଷ ଓ ସାନ ଭଉଣୀ ମାନୀକୁ ୧୭ ବର୍ଷ । ଛାତି ଭିତରେ ଗୋଟାଏ କିଛି ଜିନିଷ ଓଜନିଆ ହୋଇଗଲା ଭଳି ଲାଗିଲା ରାଣୀକୁ । ସବୁ ଘରକାମ କରୁଛି, କିନ୍ତୁ ମଣିଷ ଭଳି ନୁହେଁ, ଗୋଟିଏ ଯନ୍ତ୍ର ଭଳି ବା ରୋବୋଟ ଭଳି । ନିର୍ଲିପ୍ତ, ନା ଖୁସି ନା ଦୁଃଖୀ । ନୂଆମା ମଧ୍ୟସ୍ଥିକୁ କହିଥିବା କଥା ତା କାନରେ ପଡ଼ିଥିଲା । ରାଣୀ ଭାବୁଥାଏ, 'ଏ ଜନ୍ମରେ ବୋଧେ ମୋର ବାହାଘର ହେବନି ।' ଏଇଠି ଖଟି ଖଟି ବୁଢ଼ୀ ହୋଇଯିବି । ନିଜକୁ କହିଲା, "ଯାହା ହେଲେ ବି ସେ ମୋର ଭଉଣୀ । ହଉ, ମୋର ଭଉଣୀଟା ବାହା ହୋଇଯାଉ । ମୋର ଈର୍ଷା କରିବା ଉଚିତ ନୁହେଁ । ସବୁ କଥା ପାଇଁ ଗୋଟେ ସମୟ ଥାଏ । ତାର ସମୟ ଆସିଲା, ସେ ବାହା ହେବ । ମୋ ଭାଗ୍ୟରେ ନାହିଁ, ମନ ଦୁଃଖ କଲେ କିଛି ହେବନି ।" କଥାରେ ଅଛି, ଯାହାର ମାଆ ନାହିଁ ତାହାର ସାହା ନାହିଁ । ଏହି କଥା ଭାବୁ ଭାବୁ ମାଆର ଆକୃତି ଆଖି ଆଗରେ ନାଚିଗଲା । ତାକୁ ଲାଗିଲା ଯେମିତି ମାଆ କହୁଛି, "ମା ମୋର, ମନ ଖରାପ କରନି । ମୁଁ ସବୁବେଳେ ତୋ ପାଖରେ ଅଛି ।" ତାକୁ ମନେହେଲା ଯେମିତି କିଏ ତା ପିଠି ଆଉଁସି ଦେଉଛି ।

ସେଦିନ ରବିବାର ସକାଳ ପ୍ରାୟ ୮ଟା ହୋଇଥିଲା । ବାପା ରାଣୀକୁ ଗୋଟିଏ ନିରୋଳା ସ୍ଥାନକୁ ଡାକିନେଇ କହିଲେ, "ଜଣେ ବାବୁ ୨/୩ ଘଣ୍ଟା ପରେ କନ୍ୟା ଦେଖିବାକୁ, ମାନେ ତୋତେ ଦେଖିବାକୁ ଆସୁଛନ୍ତି । ପ୍ରସ୍ତୁତ ହୋଇ ରହିଥିବୁ ।" ପ୍ରାୟ ଦିନ ୧୧ଟା ସମୟରେ ମଧ୍ୟସ୍ଥି ନଗେନ ବାବୁଙ୍କୁ ଖବର ଦେଲେ, ପନ୍ଦର ମିନିଟ ପରେ ସେ କିଛି ଲୋକଙ୍କୁ ଧରି କନ୍ୟା ଦେଖିବାକୁ ଆସିବେ । ନଗେନ ବାବୁ ତରତର ହୋଇ ରାଣୀକୁ ଡାକି ଏଇ ଖବର

Download Magazine from www.aahwaan.com

ଦେଇ କହିଲେ, "ମା, ସେ ଭଦ୍ର ଲୋକ ଆସିଲେ ଗୋଟିଏ ଶାଢ଼ୀ ପିନ୍ଧି କିଛି ମିଠା ଓ ଚା ଧରି ଆସିବୁ । ଏ ସବୁ ତୋର ମାଆ ବଞ୍ଚିଥିଲେ ତୋତେ ଶିଖେଇଥାନ୍ତା ।"

କିଛି ସମୟ ପରେ ଆଗନ୍ତୁକମାନେ ପହଞ୍ଚିଗଲେ । ନଗେନ ବାବୁ ତାଙ୍କୁ ଆଦର ସତ୍କାର କରି ଡାକିନେଇ ଡ୍ରଇଂ ରୁମରେ ବସେଇଲେ । ମଧ୍ୟସ୍ଥି ଗୋଟି ଗୋଟି କରି ଚିହ୍ନେଇ ଦେବାକୁ କହିଲେ, "ଇଏ ନଗେନ ମିଶ୍ର, ଅବସରପ୍ରାପ୍ତ ଚିଫ ଇଞ୍ଜିନିୟର ଯାହାଙ୍କ ବଡ଼ ଝିଅ ସହିତ ସଂବିତଙ୍କର ପ୍ରସ୍ତାବ ପଡ଼ିଛି । ଆଉ ଏ ବାବୁ ଶଙ୍କର ରଥ, ପୋଲିସ ଆଇ.ଜି. ଅଛନ୍ତି, ତାଙ୍କ ପତ୍ନୀ ଓ ଇଞ୍ଜିନିୟର ପୁତ୍ର ସଂବିତ ଯିଏ କନ୍ୟା ଦେଖିବାକୁ ଆସିଛନ୍ତି । ପରସ୍ପରକୁ ନମସ୍କାର ପ୍ରତିନମସ୍କାର କରିବା ପରେ ନଗେନ ବାବୁ କହିଲେ, ରାଣୀ ମୋର ବଡ଼ ଝିଅ, ବହୁତ ଭଲ ଝିଅ ଓ ଭଲ ଛାତ୍ରୀ । ଅର୍ଥନୀତିରେ ବି.କମ କରି ଟପର ହୋଇଛି । ବ୍ୟାଙ୍କ ପି.ଓ. ପରୀକ୍ଷା ପାଇଁ ଦରଖାସ୍ତ ଦେଇଛି ଏ ବର୍ଷ । ସେତିକି ନୁହେଁ, ସେ ମୋ ପତ୍ନୀଙ୍କ ବିୟୋଗ ପରେ ମୋର ଘର ସମ୍ଭାଳିଛି । ଘରର ସକଳ କାମ, ରନ୍ଧାବଢ଼ା ଆଦି ସବୁ କାମ କରେ । ଶଙ୍କର ବାବୁ ପ୍ରଶ୍ନ କଲେ, "ମଧ୍ୟସ୍ଥି କହୁଥିଲା, ଆପଣଙ୍କ ଝିଅ କିଛି ପଢ଼ିନି । ମୁଁ ତ ବିଶ୍ୱାସ କଲିନି । ଏତେ ବଡ଼ ଅଫିସର, ତାଙ୍କ ଝିଅକୁ କିଛି ପଢ଼େଇନଥିବେ କେମିତି !"

"ମୁଁ ସେ କଥା ପରେ କହିବି, ଆଗେ ଝିଅକୁ ନେଇ ଆସୁଛି । ଆପଣ ଯଦି ତାକୁ ଦେଖି ପସନ୍ଦ କରିବେ, ତେବେ ଅନ୍ୟାନ୍ୟ ବ୍ୟକ୍ତିଗତ କଥାବାର୍ତ୍ତା ହେବା", କହି ନଗେନ ବାବୁ ଭିତରକୁ ଚାଲିଗଲେ ।

ଅଳ୍ପ ସମୟ ପରେ ନଗେନ ବାବୁଙ୍କ ସହିତ ରାଣୀ ଗୋଟିଏ ଟ୍ରେରେ ଚା ଜଳଖିଆ ଧରି ଆସିଲା । ଆଗନ୍ତୁକମାନଙ୍କୁ ମୁଣ୍ଡ ନୁଏଁଇ ପ୍ରଣାମ କଲା । ଶଙ୍କର ବାବୁ ତାକୁ ବସିବାକୁ କହିଲେ । ରାଣୀ ବାପାଙ୍କ ଦିଗକୁ ଅନେଇଲା ଓ ସେ ମଧ୍ୟ ବସିବାକୁ ଇଙ୍ଗିତ ଦେଲେ ।

Download Magazine from www.aahwaan.com

ସୁନ୍ଦର ଗୋଟିଏ ନୀଳ ଶାଢ଼ୀ ପିନ୍ଧି ରାଣୀ ବସିଥିଲା, କୌଣସି ଲିପଷ୍ଟିକ ନାହିଁ, ଓଜନିଆ ଗହଣା ନାହିଁ କି ମୁହଁରେ ପାଉଡର ପ୍ରଲେପ ନାହିଁ । ଦୁଇ ହାତରେ ଚାରି ଚାରି ପଟ ସାଦା ପାଣି ଚୁଡ଼ି, ଦୁଇ କାନରେ ଦୁଇଟି ରିଙ୍ଗ ଥିଲା । ସେଇ ସାଦାସିଧା ପୋଷାକରେ ସେ ଅପୂର୍ବ ଦିଶୁଥିଲା । ଗୋରା ଦେହକୁ ଶାଢୀ ବହୁତ ମାନୁଥିଲା ।

ରାଣୀକୁ ଦେଖି ଶଙ୍କର ବାବୁ ଓ ସଂବିତଙ୍କ ମୁହଁ ପ୍ରସନ୍ନ ଦେଖାଗଲା । କହିଲେ, "ଝିଅ, ଗୋଟେ ପ୍ରଶ୍ନ ତୁମକୁ ପଚାରିବି ?"

"ଆଜ୍ଞା, ପଚାରନ୍ତୁ, ଉତ୍ତର ଜାଣିଥିଲେ କହିବି ।"

"କୁହ ଝିଅ, ବିବାହ ପରେ ଗୋଟିଏ ଝିଅର ନୂଆ ପରିବାର ପ୍ରତି କର୍ତ୍ତବ୍ୟ କଅଣ ହେବା ଉଚିତ ବୋଲି ତୁମେ ଭାବୁଛ ।"

"ମୋ ମତରେ ଝିଅ ବୋହୁ ହେଲା ପରେ ଘରର ସମସ୍ତଙ୍କୁ ଏକାଠି କରି ରଖିବାକୁ ପ୍ରଚେଷ୍ଟା କରିବା ଉଚିତ, କେବଳ ନିଜ ସ୍ୱାମୀକୁ ନେଇ ସଂସାର କରିବାକୁ ନୁହେଁ । ସ୍ୱାମୀ ସେଇ ପରିବାରର ମଣିଷ, ଯେଉଁ ପରିବାର ତାଙ୍କୁ ମଣିଷ କରିବା ନିମନ୍ତେ ଅନେକ ରକ୍ତକୁ ନିଗାଡ଼ି ଝାଳ କରି ବୁହେଇ ଦେଇଥିବେ ।"

ଏହା ଶୁଣି ଶଙ୍କର ବାବୁଙ୍କ ମୁହଁ ଉଜ୍ଜ୍ୱଳ ହୋଇଗଲା । "ମୁଁ ଏଇ ସଙ୍ଗେ ସଙ୍ଗେ ଏଇ ୨/୩ ମିନିଟ ଭିତରେ ଆସୁଛି" କହି ସଂବିତ ଓ ତା ମାଆକୁ ନେଇ ରୁମ ବାହାର ବାରଣ୍ଡାକୁ ଚାଲିଗଲେ । ପାଞ୍ଚ ମିନିଟ ପରେ ଫେରିଆସି କହିଲେ, "ହଉ ଯାଅ ଝିଅ, ତୁମକୁ ବୋହୁ କରିବାକୁ ଆମ ସମସ୍ତଙ୍କର ଏକାନ୍ତ ଇଚ୍ଛା । ତୁମର ଯଦି କିଛି ନିଜସ୍ୱ ଇଚ୍ଛା ବା ଅନିଚ୍ଛା ଅଛି, ତାହେଲେ ମୋତେ ଫୋନ କରି ବା ଇ-ମେଲ କରି ଜଣେଇଦେବ । ମୁଁ କିଛି ଖରାପ ଭାବିବିନି । ଏଇ କାଗଜରେ ମୋର ଫୋନ ନମ୍ବର ଓ ଇ-ମେଲ ଠିକଣା ଅଛି ।"

 Download Magazine from www.aahwaan.com

"ଆଜ୍ଞା, ବାପା ହିଁ ମୋର ସବୁକିଛି । ସେ ଯେଉଁଠି କହିବେ ମୁଁ ସେଠିକି ଯିବାକୁ ପ୍ରସ୍ତୁତ ଅଛି ।" ଏତିକି ଶୁଣି ଶଙ୍କର ବାବୁ ଯିବା ନିମନ୍ତେ ଉଠିଲେ । ନଗେନ ବାବୁ କହିଲେ, "ଆଜ୍ଞା, ଟିକିଏ ବସନ୍ତୁ । ଏଇ ଶୁଭ ବେଳାରେ ପାଟି ମିଠା ନକରି କେମିତି ଯିବେ ?"

"ନାଇଁ ଆଜ୍ଞା, ଦୁଇ ପଟରୁ ପୁରା ଫାଇନାଲ ହେଲେ ମିଠା ଖାଇବି, ଧନ୍ୟବାଦ ।

ନଗେନ ବାବୁ ବାଟେଇ ଦେବାକୁ ଗଲାବେଳେ ଗୋଟିଏ କାଗଜ ଶଙ୍କର ବାବୁଙ୍କୁ ଧରେଇ ଦେଇ କହିଲେ, ଏଇଟି ରାଣୀର ବିଶ୍ୱବିଦ୍ୟାଳୟର ଡିଗ୍ରୀ ସାର୍ଟିଫିକେଟର ଜେରକ୍ସ କପି, ଦେଖିନେବେ । ସାବତ ମାଆକୁ ଲୁଚେଇ ରାତିରେ ପାଠ ପଢ଼େ, ସେ ମୋତେ ଏହାର ଟେର ପାଆନ୍ତି ନାହିଁ । ବାଟରେ ଶଙ୍କର ବାବୁ ପଚାରିଲେ, "ଆଉ ଜଣକୁ ବିବାହ କରିଛନ୍ତି ନା ?"

"ଆଜ୍ଞା, ଠିକ ଶୁଣିଛନ୍ତି । ସେ ଓ ସାନ ଝିଅ ବାହାରକୁ ଯାଇଛନ୍ତି କୌଣସି କାମରେ । ଆପଣ ବାହାଘର ସମ୍ମତି ଦେଲେ ମୁଁ ତାଙ୍କୁ ପରେ ଜଣେଇବି ଓ ନିର୍ବନ୍ଧ କରିବା । ଆଉ କୌଣସି ବିଷୟରେ କିଛି କହିବାକୁ ଥିଲେ ମୋତେ ଜଣେଇବେ । ନମସ୍କାର ।"

"ସମ୍ମତି ତ ଦେଲି, ଆଉ କଅଣ ଦେବି ? ଏଇଟା ମୋ ତରଫରୁ ଫାଇନାଲ । ଆପଣ ଯଦି ରାଜି ଓ ଯଦି ଆଉ କୌଣସି ପ୍ରସ୍ତାବ ଆପଣଙ୍କ ପାଖକୁ ନଆସିଥାଏ ତେବେ ମୋତେ କହିଲେ ଶୁଭ ଦିନ ଦେଖି ମୁଁ ଆସି ଝିଅକୁ ସମ୍ମତି ମୁଦି ପିନ୍ଧେଇବି", କହି କାରରେ ବସି ଶଙ୍କର ବାବୁ ଚାଲିଗଲେ ।

ଘଣ୍ଟାଏ ପରେ ବିନି ଓ ମାନି ଫେରିଲେ । ନଗେନ ବାବୁଙ୍କ ହସ ହସ ମୁହଁ ଦେଖି ବିନି ଅନେଇଲେ । ଟିକିଏ ତରାଟି କରି ଚାହିଁଲେ । ମନକୁ ମନ ନଗେନ ବାବୁ ହସୁଥାଆନ୍ତି, ମୁଖମଣ୍ଡଳ ପ୍ରସନ୍ନ ଦେଖାଯାଉଥାଏ । ବଡ଼ ସନ୍ଦେହ ହେଲା ବିନିଙ୍କର । ଘଟଣା କଅଣ, କିଛି

 Download Magazine from www.aahwaan.com

ବୁଝିପାରିଲେନି । ସବୁବେଳେ ତ ଇଏ ୨୦୦୦ ଟଙ୍କିଆ ନୋଟ ହଜେଇଲା ଭଳି ମୁହଁ କରିଥାଆନ୍ତି, ଆଜି କଅଣ ହେଇଛି ! "କଅଣ ହେଇଛି ତୁମର ଆଜି ? ହସ ଲଡ୍ଡୁ ଖାଇଛ ନା କଅଣ ? ବିନିଙ୍କ ମୁହଁ ଚିନ୍ତାଗ୍ରସ୍ତ ଦେଖାଗଲା ।

"ହାଃ ହାଃ ହାଃ, ହୋ, ହୋ, ହଁ ମୁଁ ଆଜି ସତରେ ହସ ଲଡ୍ଡୁ ଖାଇଛି ।" ଆରେ ତୁମେ ପାଗଳ ହୋଇଗଲଣି ନା କଅଣ ? କଅଣ ହେଇଛି କହିଲ ? ଡାକ୍ତର ଡାକିବି ?

ବହୁତ ବର୍ଷ ହେଲା ମୋର ଅବସାଦ ବା ଡିପ୍ରେସନ ରୋଗ ଥିଲା, ଆଉ ସେ ରୋଗ ଆଜି ପରବର୍ତ୍ତିତ ହୋଇ ଇଉଫୋରିଆରେ ପରିଣତ ହୋଇଛି । ଇଉଫୋରିଆ ମାନେ କଅଣ ଜାଣିଛ, ମାନେ ଅତି ପ୍ରସନ୍ନତା, ହା, ହା, ହା ।

"କଅଣ ହେଇଛି କୁହ ?" ଯୋର ଦେଇ ବିନି ପ୍ରଶ୍ନ କଲେ ।

"ଆଜି ଦୁଇ ଦୁଇଟି ଭଲ ଖବର ମୋ ପାଇଁ ଆସିଛି । ପ୍ରଥମ, ରାଣୀର ବିବାହ ଶଙ୍କର ବାବୁଙ୍କ ପୁଅ ସହିତ ଠିକ ହୋଇଗଲା । ତୁମେ ଯିବାପରେ ଅକସ୍ମାତ ଆସି ସେ ପହଞ୍ଚିଲେ । ଝିଅକୁ ଦେଖି ପସନ୍ଦ ଆସିଗଲା ଓ ବିବାହ ଫାଇନାଲ କରି ଚାଲିଗଲେ ।"

"କଅଣ ହେଲା, ବିବାହ ଫାଇନାଲ ହେଇଗଲା ମୋ ଅନୁପସ୍ଥିତିରେ ! ଦେଖିବା କେମିତି ବାହାଘର କରିବ । ମୋ ଝିଅକୁ ବାହାଦେବି ସେଠି ବୋଲି ସେଦିନୁ ଭାବିରଖିଛି । କଅଣ ନା ରାଣୀର ବାହାଘର ହେବ ! ଆରେ ! ଗୋଟେ ପାଲା ଲାଗିଛି ଏ ଘରେ ବାପ ଝିଅଙ୍କର । ତୁମେ ଏଡ଼େ ପେଞ୍ଚୁଆ ! ଆଉ ସେ ମଉନମୁହିଁ, ତାକୁ ଦେଖିନେବି । ବେଶି ଗୋଳମାଳ କଲେ, ସତରେ ମୁଁ ବାପଘରକୁ ସବୁଦିନ ପାଇଁ ପଳେଇବି । ମୋତେ ଚିହ୍ନିନ । ରାଗରେ ବିନିଙ୍କ ମୁହଁ ଲାଲ ଦିଶୁଥାଏ । ଗୋଟା ପଣେ ଥରୁଥାଆନ୍ତି ।"

 Download Magazine from www.aahwaan.com

"ବିନି, ତୁମେ ସବୁଦିନ ପାଇଁ ବାପଘର ବା ତୁମ ଇଚ୍ଛା ଅନୁସାରେ ଯେ କୌଣସି ଘରକୁ ଯାଇପାର ।" ଅବାକ ହୋଇ ଆଁ କରି ଅନେଇଲେ, ବିନି । ଏମିତ ଉତ୍ତର ଶୁଣିବାରେ ସେ ଅଭ୍ୟସ୍ତ ନଥିଲେ ବା କେବେ ଶୁଣିନଥିଲେ ।

"ଆଉ ଗୋଟେ କଥା, ଆଜି ମୋ ବାପାଙ୍କର ଓକିଲ ଆସିଥିଲେ ଓ ବାପାଙ୍କର ଉଇଲ କପି ଦେଇଗଲେ । ତାଙ୍କର ସମ୍ପତ୍ତି ମଧ୍ୟରେ ଗ୍ରାମର ଘର, ଅଧିକାଂଶ ଜାଗା, ସବୁ ଜମିବାଡ଼ି, ଆମେ ବାସକରୁଥିବା ଏ ଘର, ଜାଗା ଓ ବ୍ୟାଙ୍କ ବାଲାନ୍‌ସ ଆଦି ଯାହା କିଛି ଅଛି, ସେ ସମସ୍ତ ଧନ ସମ୍ପତ୍ତି ରାଣୀ ନାମରେ ଉଇଲ କରିଦେଇଯାଇଛନ୍ତି । ଏ ସମସ୍ତ ସମ୍ପତ୍ତି ତାଙ୍କର ସ୍ୱଅର୍ଜିତ ସମ୍ପତ୍ତି । ଅଳ୍ପ କିଛି ପୈତୃକ ଜାଗା ଓ ଘର ଡିହ କେବଳ ମୋ ନାମରେ ଅଛି । ସେ ବଞ୍ଚିଥିବା ଯାଏ ମୁଁ ମୋ ନାମରେ କୌଣସି ଅଲଗା ବ୍ୟାଙ୍କ ଏକାଉଣ୍ଟ ରଖି ନଥିଲି । ସେ ସବୁ ଚଳଉଥିଲେ । ରାଣୀ ପ୍ରତି ତୁମର ବ୍ୟବହାର ଦେଖି ଦେଖି ସେ ନିଜ ପ୍ରିୟ ନାତୁଣୀର ଭବିଷ୍ୟତ ବିଷୟରେ ସନ୍ଦିହାନ ହୋଇ ଏଇ ପଦକ୍ଷେପ ବୋଧହୁଏ ନେଇଥିଲେ ।

ବାପାଙ୍କ ସ୍ୱର୍ଗାରୋହଣ ପରେ ତୁମେ ମୋ ଦରମାକୁ ଫୁର୍ତ୍ତି କରି ଉଡ଼େଇଦେଲ । ସାଙ୍ଗମାନଙ୍କ ସଙ୍ଗେ କିଟି ପାର୍ଟି, ସାଙ୍ଗମାନଙ୍କ ସାଥିରେ ଭାରତ ତଥା ବିଦେଶ ଭ୍ରମଣ ଓ ପିକନିକ ଆଦିରେ ବ୍ୟସ୍ତ ରହିଲ । ପ୍ରତି ମାସରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ନୂଆ ନୂଆ ଶାଢୀ କିଣିଲ । ବର୍ତ୍ତମାନ କେବଳ ମୋ ନିଜ ପେନସନ ଛଡ଼ା ମୋ ପାଖରେ ନିଜର କିଛି ନାହିଁ । ମୋ ବ୍ୟାଙ୍କ ପାସ ବୁକରେ କେତେ ଟଙ୍କା ଅଛି, ତୁମେ ଜାଣିଥିବ । କାରଣ ତୁମେ ତାକୁ ବ୍ୟବହାର କରୁଛ । ତୁମେ ଯେଉଁ ଘରେ ଏବେ ଠିଆ ହୋଇଛ, ତାହା ସେଇ ରାଣୀର, ଯାହାକୁ ଆଜିଯାଏ ଧୁତ୍‌କାରୁଥିଲ । ହା ହା ହା, ସେ ଚାହିଁଲେ ଏଇ ମୁହୂର୍ତ୍ତରେ ତୁମକୁ ଗଳା ଧକ୍କା ଦେଇ ବାହାର କରିଦେବ, ନହେଲେ ପୋଲିସ ଡାକି ତୁମ ଅତ୍ୟାଚାର

Download Magazine from www.aahwaan.com

ନିମନ୍ତେ ଏଫଆଇଆର ଦେବ । କଅଣ ଚାହୁଁଛ କହ ? ସେଠି ବାହାଘର ହେବ ନା ତୁମେ ଏ ଘର ଛାଡ଼ି ଚାଲିଯିବ ?" ତୁମେ ତା ଉପରେ ଯେତିକି ଅତ୍ୟାଚାର କରିଛ, ସେହି ସବୁ ବିଚାରକୁ ନେଲେ ତୁମେ ଦଣ୍ଡ ପାଇବାକୁ ଯୋଗ୍ୟ । ମୋ ସାନ ଝିଅକୁ ମୁଁ ପାଖରେ ରଖିବି । ତୁମକୁ ମୁଁ ବଡ଼ଝିଅର ଲାଳନ ପାଳନ ନିମନ୍ତେ ଆଣିଥିଲି କିନ୍ତୁ ତୁମେ ସ୍ୱାର୍ଥପର ହେଲ ଓ ତାକୁ ଦି ଆଖିରେ ଦେଖିଲନି ।


ବିନିଙ୍କର ମୁହଁ ଭୟାତୁର ଓ ଭାବନାଶୂନ୍ୟ ହୋଇ ଶେତା ପଡ଼ିଗଲା । ହଠାତ କେମିତି କେଜାଣି ତାଙ୍କର ଦୁଇ ଆଣ୍ଠୁ ଦେହର ଓଜନ ସମ୍ଭାଳିବାକୁ ଅକ୍ଷମ ହୋଇଗଲେ ଓ ସେ ଲଥ କରି ତଳେ ବସି ପଡ଼ିଲେ । ତାଙ୍କୁ ଲାଗିଲା, ଯେମିତି ଆକାଶରେ ସେ ଉଡ଼ୁଥିଲେ ଓ ହଠାତ କେହିଜଣେ ତାଙ୍କୁ ଚାବୁକ ମାରି ତଳକୁ ପେଲିଦେଲା ଓ ସେ ଧରିତ୍ରୀ ଉପରେ କଚିହୋଇ ପଡ଼ିଗଲେ । ତାଙ୍କ ଦେହ ଥରିବାକୁ ଲାଗିଲା, ଆଖି ଆଗରେ ଚାରି ଦିଗରୁ ଅନ୍ଧାର ମାଡ଼ିଆସିଲା । ସେ ଅନ୍ଧାର ମଧ୍ୟରେ ଏକ ଦିବ୍ୟ ଜ୍ୟୋତି ଦେଖାଗଲା ଓ ତା ମଧ୍ୟରେ ଏକ ଦଶଭୁଜା ଦୂର୍ଗା ମୂର୍ତ୍ତି ଅସ୍ତ୍ରଶସ୍ତ୍ର ସହିତ ତାଙ୍କ ଆଡ଼କୁ ମାଡ଼ିଆସିଲା ଭଳି ଦେଖାଗଲା ଯାହାଙ୍କର ମୁହଁ ଠିକ ରାଣୀ ଭଳି ଦେଖାଯାଉଥିଲା ।" ହଠାତ୍ ବିନି ଚେତାଶୂନ୍ୟ ହୋଇ ପଡ଼ିଗଲେ ।

ଅବସର ପ୍ରାପ୍ତ ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର

ଦୂରଭାଷ – ୭୯୭୮୦୫୯୮୫୧

Download Magazine from www.aahwaan.com

# ମୌନ ପ୍ରହର ପ୍ରହରୀ



ପ୍ରମୋଦ କୁମାର ପଣ୍ଡା

ଏକ

ମସ୍ତିଷ୍କ ଭିତରେ ଗଭୀର ଅନ୍ଧକାର ଚିରି ଆଲୋକ ଦିଗରେ ଚେତନା ତାର କାୟା ବିସ୍ତାର କରି ଆସୁଥିଲା । ଆଖି ଖୋଲିଲେ କ୍ଷେତ୍ର ମୋହନ । ଆଖି ଆଗରେ ଧଳା, ଚିକ୍କଣ ଛାତ । କୋଠରୀର ଦକ୍ଷିଣ ପାଖ ଝରକା ଫାଙ୍କ ଦେଇ ସକାଳ ସୂର୍ଯ୍ୟ କିରଣର କୋମଳ ରଶ୍ମି ଭିତରକୁ ପଶି ଆସିଥିଲା । ସାମନା କାନ୍ଥରେ ଶିବଙ୍କ ଧ୍ୟାନସ୍ଥ ମୁଦ୍ରାର ଗୋଟିଏ ଫୋଟ ।

ଖଟ ଉପରେ ଉଠି ବସି ଗୋଡ ତଳ କୁ ଝୁଲେଇ ବସିଲେ । ମୁଣ୍ଡ ନଇଁ ଗଲା । ସ୍ୱତଃମେବ ତାଙ୍କ ହାତ ଫୋଟ ଆଗରେ ଯୋଡି ହୋଇଗଲା ।

ଦୀର୍ଘ ୫୦ ବର୍ଷ କାଳ ଅସଂଖ୍ୟ ଦେବ-ଦେବୀଙ୍କୁ ଆହ୍ୱାନ-ବିସର୍ଜନ କରିବା ପଦ୍ଧତିରେ ଶେଷ ପର୍ଯ୍ୟାୟରେ ଯେଉଁ ଭଳି ଲୋମ-ଟାଙ୍କୁରା-ଶିହରଣ-ଭରା ପ୍ରଶ୍ନବାଚୀ ଲାଗି ଯାଇଥିଲା, ଚୈତନ୍ୟର ନୂତନ ଅନୁଭୂତି ପରେ ଦେହ-ବଳ ଭଳି ସେଥିରେ ମଧ୍ୟ ସ୍ଥିର ଭାବ ଆସି ଯାଇଥିଲା ।

ଖୁବ ବୈଭବପୂର୍ଣ୍ଣ ଘର ରମଣର । ପ୍ରଥମ ଦିନ ହିଁ ସେ ଭାବିଥିଲେ, ସେ କେଉଁ ଦାମିକା ଡାକ୍ତରଖାନାରେ ଅଛନ୍ତି । ତାଙ୍କ କୌତୁହଳ ପ୍ରଶ୍ନରେ ଋତୁପର୍ଣ୍ଣା ହସି କହିଥିଲେ - ଜେଜେ, ଏଇଟା ତମ ଘର । ଆମ ଘର ଥାଉ ଥାଉ ତମେ ଆଉ କୋଉଠି କାହିଁକି ରହିବ ?

- ଆମ ଘର ! ମନେ ମନେ ହସିଥିଲେ କ୍ଷେତ୍ର ମୋହନ ସାର ।

 Download Magazine from www.aahwaan.com

ଜୀବନ ସାରା ଶିକ୍ଷକତାରୁ ସଞ୍ଚି  ସାହି ଭିତରେ ଯେଉଁ ୧୦ ହାତିଆ ଘରଟି ତିଆରି କରିଥିଲେ ଇଏ ତ' ସେହି ଘର ନ ଥିଲା । ବରଂ ପୁରାପୁରି ଭିନ୍ନ ଥିଲା । ବିରାଟକାୟ କକ୍ଷ, ଭବ୍ୟ ପୂର୍ଣ୍ଣ ରେଶମୀ କନାରେ ସଜ୍ଜିତ ଦ୍ୱାର-ଝରକାର ପରଦା କନା, ବିଶାଳ ପଲଙ୍କ । ଦାମିକା ଆସବାବ ପତ୍ର । ଭାରୀ ସଣ୍ଠଣା ରେ ସଜ୍ଜା ଯାଇଛି ଘରର କୋଣ କୋଣ । ସେଇଟା ପୁଣି ତାଙ୍କ ଘର ! ଯଦିଓ ଋତୁପର୍ଣ୍ଣା ଅତି ସ୍ୱାଭାବିକ ଭାବେ ତାହା କହିଥିଲେ, ତଥାପି ତାଙ୍କର ମନେ ହେଲା, ତାଙ୍କର ଦୁର୍ବଳ ଓ ଅସହାୟ ଅବସ୍ଥାର ଉପହାସ କରାଯାଉଛି ! ଅତୀତର ଅନେକ ସ୍ମୃତି ତାଙ୍କ ମାନସ ପଟଳରେ ନାଚି ଉଠିଲା ।

ତାଙ୍କ ନନା ପ୍ରଚଣ୍ଡ କର୍ମ କାଣ୍ଡି- ଈଶ୍ୱର ବିଶ୍ୱାସୀ ବ୍ରାହ୍ମଣ ଥିଲେ । ପୂଜା-ପାଠ, ଦାନ ଧର୍ମ, ସତ୍ କର୍ମ ଆଦିରେ ତାଙ୍କର ଲାଳନ ପାଳନ ହୋଇଥିଲା । ନୂଆରେ ଖୋଲିଥିବା ସରକାରୀ ତହସିଲ ଅଫିସରେ ତାଙ୍କୁ ଚାକିରୀ । ନନା ବାରଣ କରିଥିଲେ । ଫାଇଲ ଚାଷ କରି ପେଟ ପୋଷିବୁ ? ବରଂ ମାଷ୍ଟ୍ର ହେ, ପାଠ ପଢା, ପିଲାଙ୍କୁ ସଂସ୍କାର ଶିଖା, ନିଜର ପେଟ ପୋଷେ, କିଛି ଦୋଷ ନାହିଁ ।

ସେ ନନାଙ୍କ କଥା ଶୁଣିଥିଲେ । ମାଷ୍ଟ୍ର ହୋଇ ପାଠ ପଢେଇଥିଲେ ।

ପୂଜାର ଗୁଢ ରହସ୍ୟ ନ ଜାଣି ମଧ୍ୟ ବ୍ରତ ହେଲା ପରଠୁଁ ଅନ୍ଧ ରୂପେ ନନାଙ୍କୁ ଅନୁସରଣ କରି ଫୁଲ, ତୁଳସୀ ଦେଇ ପୂଜା କରିବା ସେ କେବେହେଲେ ଭୁଲି ନ ଥିଲେ । ଠାକୁରଙ୍କୁ ଭୋଗ ଲଗାଇଲା ପରେ ହିଁ, ସେ ଖାଦ୍ୟ ଛୁଁଇଛନ୍ତି । ବାହାହେଲା ପରେ ତାଙ୍କ ସ୍ତ୍ରୀ ମଧ୍ୟ ସେହି ରାସ୍ତାର ପଥିକ ହୋଇଥିଲେ । ପ୍ରତ୍ୟେକ ସୋମବାର ଦିନ ଶିବ ଅଭିଷେକ ନ କଲେ ଦିହେଁ ଯାକ ଜଳ ସ୍ପର୍ଶ କରୁ ନ ଥିଲେ ।

ଅସୁସ୍ଥ ଶରୀରରେ ବି ସେ ସ୍କୁଲ ଯାଇ ତାଙ୍କ ପାଠ ପଢା ସାରି ଦେଇ ଆସୁଥିଲେ ।

 Download Magazine from www.aahwaan.com

ଅଥଚ ବଡପୁଅ ଜନ୍ମ ହେଲା ଦିନ ସେ ଖ୍ରୀଷ୍ଟିୟାନ ହାସପାତାଳର ପାଖ ଛାଡି ନ ଥିଲେ । ହେଡ୍ ସାର୍ କହିଥିଲେ - ସ୍କୁଲକୁ ଆସି ଯାଆନ୍ତୁ ସାରେ, ଆପଣ କ'ଣ ନର୍ସ ପାଲଟିଯିବେ ? ଗୋଟିଏ ଦିନ ର ଛୁଟି ପାଇଁ ପରେ ପଇସାଟିଏ ହେଲେ ମିଳିବ ।

ସେ ତିଳେ ହେଲେ ଭ୍ରୂକ୍ଷେପ କରି ନ ଥିଲେ । ସବୁଯାକ ଛୁଟି ଘର ଏବଂ ପିଲାଙ୍କ ପାଇଁ ସାରି ଦେଇଥିଲେ । ତାଙ୍କ ନନାଙ୍କ ଶେଷଦିନର ସାହାରା ସେ ଯେମିତି ହୋଇଥିଲେ, ପିଲାମାନେ ବି  ଶେଷଦିନରେ ତାଙ୍କର ସାହାରା ହେବେ, ଏଇ ଆଶାରେ ଜୀବନ-ଯାତ୍ରା ପଥରେ ବୀର ସୈନିକ ଭଳି ଆଗେଇ ଚାଲିଥିଲେ ।

ବଡ ଝିଅ ବାହାଘର ଖର୍ଚ୍ଚ ପାଇଁ ବଡପୁଅର ସ୍ତ୍ରୀ ଯେତେବେଳେ ଟଙ୍କାଟିଏ ବି ଦେବାକୁ ମନା କରି ଦେଇଥିଲା, ସେତେବେଳେ ସାନ ପୁଅ ବାହାଘର ର ସାରା ଖର୍ଚ୍ଚ ପୈତୃକ ଘରକୁ ତା ନାଁରେ କରି ଦେବାର ସର୍ତ୍ତ କଲା ପରେ ହିଁ କରିଥିଲା । ଅସହାୟ କ୍ଷେତ୍ର ମୋହନ ନିଜ ବାସଗୃହକୁ ସାନ ପୁଅ ନାଁରେ ଲେଖି ଦେଇଥିଲେ । ଚାକିରୀରୁ ଅବସର ନେଲା ପରେ ଯାହା କିଛି ଫଳ ପୁଷ୍ପ ମିଳିଥିଲା, ତାକୁ ସାନ ଝିଅର ବାହାଘରରେ  ପ୍ରଚଣ୍ଡ ଆତ୍ମ ବିଶ୍ୱାସରେ ଖର୍ଚ୍ଚ କରି ପକେଇଥିଲେ । କିନ୍ତୁ, ଶେଷରେ କଣ ହେଲା  ?

ସ୍ତ୍ରୀଙ୍କ ଦେହାନ୍ତ ପରେ ହଠାତ ସବୁ କିଛି ବଦଳି ଗଲା ଭଳି ସେ ଅନୁଭବ କଲେ ।

ତାଙ୍କ ଉପରେ ସାନ ପୁଅର ମାନସିକ ଚାପ ଆରମ୍ଭ ହେବାରେ ଲାଗିଲା । କେବଳ ତାଙ୍କ ପାଇଁ ବ୍ୟବସ୍ଥା ହୋଇ ପାରିବ । ପେନସନ୍ ୮୦୦/୯୦୦ ଟଙ୍କାରେ ଝିଅମାନଙ୍କର ବାରମ୍ବାର ଘରକୁ ଯିବା-ଆସିବା କରିବା ସାନ ବୋହୂର ବରଦାସ୍ତ ହେଉନି ।

ବଡ ଝିଅ ଉଘାଣ ଦେଲା - ଆମକୁ ବାପ-ଘରକୁ ଯିବା ଯୋଗ୍ୟ କରେଇଲନି ।

ସାନ ଝିଅ ଅଭିମାନ କଲା - ଅପାକୁ ଅଧିକ ଦେଲ ।

Download Magazine from www.aahwaan.com

ବଡପୁଅର ସ୍ତ୍ରୀ କହିଲା - ସବୁ ତ ସାନକୁ, ଝିଅ ମାନଙ୍କୁ ଦେଲ । ଆମ ପାଇଁ ଅଛି କଣ ଯେ, ଆମେ ତମ ବାପା-ଝିଅଙ୍କୁ ଦେବୁ ?

ବଡପୁଅ ଘରୁ ବାହାରିଗଲା ।

କ୍ଷେତ୍ର ମୋହନ ଅନୁଭବ କଲେ, ନିଜ ପରିଶ୍ରମରେ ତିଆରି ତାଙ୍କ ନିଜ ଘରେ ସେ ଅନାହୁତ ହୋଇ ପଡିଛନ୍ତି । ସିମେଣ୍ଟ-ଇଟାର କାନ୍ଥରେ ଯେଉଁ ଘରକୁ ତିଆରି କରି ଅନ୍ୟ ସହକର୍ମୀମାନଙ୍କ ଆଗରେ ନିଜ ଘର ତିଆରି ବାହାଦୂରିର ଡିଣ୍ଡିମ ପିଟୁଥିଲେ, ଅବସର ନେଲା ବେଳକୁ ସେହି ଘରର କାନ୍ଥରେ ଦାଗ ଲାଗି ଯାଇ କ୍ଷେତ୍ର ମୋହନଙ୍କର ଶିକ୍ଷକ ପଣିଆର ସ୍ବାଭିମାନରେ ଗଭୀର କ୍ଷତ ସୃଷ୍ଟି କରିସାରିଥିଲା ।

ବିବ୍ରତ ଓ ଗ୍ଲାନି ବୋଧ ଅବସ୍ଥାରେ କ୍ଷେତ୍ର ମୋହନ ସାର ଦିନେ ଘରୁ ବାହାରି ସାଇକେଲରେ ବୁଲୁଥିଲେ । ଶିଶିର କାନ୍ତ ରାସ୍ତାରେ ମିଶି ଆଶ୍ଚର୍ଯ୍ୟ ହେଲେ - ସାର, ଏ ବୟସରେ ଆହୁରି ସାଇକଲ୍ ଧରି ବୁଲୁଛନ୍ତି !

ସ୍ତ୍ରୀଙ୍କ ଦେହାନ୍ତ ଓ ଅବସର ପରର କ୍ଲେଶ ପୂର୍ଣ୍ଣ ଜୀବନର ଗାଥା ପ୍ରିୟ ଛାତ୍ର ଆଗରେ ସବୁ ବାନ୍ତି କରି ପକେଇ ଥିଲେ କ୍ଷେତ୍ର ମୋହନ ସାର । ସେଦିନ ଶିଶିର କାନ୍ତ ଆଗରେ କହୁ କହୁ କାନ୍ଦି ମଧ୍ୟ ଦେଇଥିଲେ ।

ଶିଶିର କାନ୍ତ ତାଙ୍କର ଛାତ୍ର ଥିଲେ । ହାଇସ୍କୁଲରେ ଭଲ ଛାତ୍ର, କିନ୍ତୁ ଖୁବ ଚଗଲା, ଖାଲି ସାରଙ୍କର ବେତମାଡକୁ ଡର ଥିଲା । ଚାକିରୀ କିମ୍ବା ବ୍ୟବସାୟ ନ କରି ବରଂ ସାମାଜିକ ସଂସ୍ଥାଟିଏ ଗଢି ତା ଜରିଆରେ ବୃଦ୍ଧାଶ୍ରମ ତିଆରି କରିଥିଲେ । ସାରଙ୍କ ଦୁଃଖକୁ ହୃଦୟଙ୍ଗମ କଲା ପରେ ଶିଶିର କାନ୍ତଙ୍କୁ ବୋଧହେଲା, ତାଙ୍କୁ ବୃଦ୍ଧାଶ୍ରମର ପ୍ରଥମ ବାସିନ୍ଦା ମିଳିଗଲେ ।

Download Magazine from www.aahwaan.com

ସେ ଦିନଠୁ ସାର ଆଉ ପିଲାମାନଙ୍କ ପାଖକୁ ଫେରି ନାହାନ୍ତି । ମ୍ୟୁନିସିପାଲିଟିର ହାତ ଗଣତି କିଛି ପେନସନ୍ ଟଙ୍କାର ଭରସାରେ ସାର ବୃଦ୍ଧାଶ୍ରମକୁ ଚାଲି ଯାଇଥିଲେ ! ବାହାର ଲୋକଙ୍କ କଥାରେ ବିବ୍ରତ ହୋଇ ପ୍ରଥମ କେତେ ଦିନ ଝିଅମାନେ ଆଶ୍ରମକୁ ଆସୁଥିଲେ । ପରେ ସେମାନେ ମଧ୍ୟ ଆସିବା ବନ୍ଦ କରି ଦେଇଥିଲେ ।

ସ୍ତ୍ରୀଙ୍କ ଶ୍ରାଦ୍ଧ ଦିବସରେ ସାରଙ୍କୁ ବ୍ୟସ୍ତ ହେବା ଦେଖି ଶିଶିର କାନ୍ତ କହିଲେ, "ସାର, ଦୁଃଖ କରନ୍ତୁନି । ଗରିବ, ଦୁଃଖୀ-ରଙ୍କିଙ୍କୁ ଖାଇବାକୁ ଦେଇଦେବା । ଆପଣଙ୍କ ସ୍ତ୍ରୀ ପାଇଯିବେ ।"

ଦୃଢ଼-କଣ୍ଠରେ ବିରୋଧ କଲେ ସେ, "ନା, ତାହା କେମିତି ହେବ ? ପୁଅ ଶ୍ରାଦ୍ଧ କରିବା ଶାସ୍ତ୍ର ବିଧେୟ । ତାକୁ କେମିତି କାଟି ହେବ ?"

ବଡପୁଅକୁ ଆଶ୍ରମକୁ ଡକା ଯାଇଥିଲା ।

ସେ କହିଥିଲା - ମୋ ପାଖରେ ପଇସା ନାହିଁ, ଶ୍ରାଦ୍ଧ କେମିତି କରିବି ?

- ତୋର ପଇସା ନାହିଁ ! ହଉ । ସାର ଶିଶିର କାନ୍ତକୁ କହିଥିଲେ - ତାକୁ ଦି'ହଜାର ଟଙ୍କା ଦେଇପାରିବ ? ମୋ ପେନସନ୍ ମିଳିଲେ ଦେଇଦେବି ।

ଆଜ୍ଞାଧୀନ ଛାତ୍ର ଶିଶିର କାନ୍ତ ତାଙ୍କୁ ଟଙ୍କା ଦେଇଥିଲେ । ସାର'ଙ୍କ ସ୍ତ୍ରୀଙ୍କ ଶ୍ରାଦ୍ଧ ହୋଇଥିଲା । ସେ ଆଉ ଶିଶିର କାନ୍ତ ଦୁହେଁ ଯାଇ ଖାଇ ଆସିଥିଲେ । ଶ୍ରାଦ୍ଧ ସିନା କରିଦେଲେ, ହେଲେ ଯାହାର ପେଟରେ ୯ ମାସ ରହିଥିଲା, ଠିଆ ହେଲା ଯାଏଁ ତାର ଅଳି-ଅର୍ଦ୍ଦଳୀ ଯିଏ ସମ୍ଭାଳିଥିଲା, ତାର ଶ୍ରାଦ୍ଧ ପାଇଁ କିଛି ଟଙ୍କା ତାଙ୍କ ପୁଅ ପାଖରେ ନାହିଁ – ଛି, ଧିକ୍ ଏ ଜୀବନକୁ ! ସ୍ୱାର୍ଥର ଗନ୍ତା ଘର ସବୁ ତାଙ୍କ ଔରସରୁ ହିଁ ଜାତ ହେବାର ଥିଲା ! ଦୁନିଆ ଯାକ ର ପିଲାଙ୍କୁ ସଂସ୍କାରିତ କରିବାର ଦାୟିତ୍ୱ ନେଲେ ସିନା, ନିଜ ପିଲାଙ୍କୁ

Download Magazine from www.aahwaan.com

ସଂସ୍କାରିତ କରି ପାରିଲେନି । ଯେତେବେଳେ ସେ ଏହାକୁ ଜାଣିଲେ-ଚିହ୍ନିଲେ, ସେତେବେଳେ ନେଡି ଗୁଡ କହୁଣୀକୁ ଚାଲି ଯାଇ ଥିଲା ।

ସେହି ଅବସ୍ଥାରୁ ତାଙ୍କୁ ଉଦ୍ଧାରିବା ପାଇଁ, ଜୀବନ ସାରା ପ୍ରତିଦିନ ଆହ୍ୱାନ-ବିସର୍ଜନ କରିଥିବା ସମସ୍ତ ଦେବ ଦେବୀଙ୍କୁ ଆକୁଳ ଭାବେ ଡାକିଥିଲେ ! ନିଜ ପିଲାଙ୍କ ଦୃଷ୍ଟିକୋଣ ନିମନ୍ତେ ବୋଧହୁଏ ସେ ହିଁ ଦାୟୀ ଥିଲେ– ସେ ହୃଦ୍‌ବୋଧ କରିଥିଲେ । ସେ ବି ନିଶ୍ଚୟ ସ୍ୱାର୍ଥକୁ ନେଇ ସଂସାର କରୁଥିଲେ । ନ ହେଲେ କି କେବଳ ନିଜ ସ୍ୱାର୍ଥ କଥା ହିଁ ପିଲାଏ ଚିନ୍ତା କରିଥାନ୍ତେ ! ଭାଇ ଭଉଣୀର ନିଛକ ପ୍ରେମର ପ୍ରତୀକ ଜଗନ୍ନାଥ ସଂସ୍କୃତିର ଓଡିଆ-ବ୍ରାହ୍ମଣ ଘରର ପିଲାଏ, ନିଜେ ନିଜର ଅସହଣ ଶତ୍ରୁ ପାଲଟିଥାନ୍ତେ ? ତାହା ପୁଣି ବାପା-ମାଆଙ୍କ କାନ୍ଧରେ ବନ୍ଧୁକ ରଖି !

ଏହି ଚିନ୍ତା ତାଙ୍କୁ ମନକୁ ଭିନ୍ନ ରାସ୍ତାର ପଥିକ କରି ରୋଗର ଘରେ ନେଇ ବସେଇ ଦେଇଥିଲା । ତାଙ୍କ ଦେହ ଖରାପ ଆଡକୁ ଗତି କରିଥିଲା । ଆଶ୍ରମକୁ ଆସିଥିବା ଜଣେ ଡାକ୍ତର ତାଙ୍କୁ କିଛି ଔଷଧ ମଧ୍ୟ ଦେଇଥିଲେ । ଔଷଧ ଖାଇବାକୁ ତାଙ୍କର ଇଛା ନ ଥିଲା ।

ସମ୍ମୁଖ ରେ ଅଭାବ ଓ ନିରାଶ ଜନିତ ମୃତ୍ୟୁର ଅହେତୁକ ଆଶଙ୍କା ସମୁଦ୍ରର କରାଳ ଲହରୀର ଢେଉ ଭଳି ଆଗକୁ ମାଡି ଆସୁଥିଲା । ଧୀରେ ଧୀରେ କର୍ମ କାଣ୍ଡି ନୈଷ୍ଠିକ ବ୍ରାହ୍ମଣ ଜଣକ ମନ୍ଦିର ଆଗରେ ହାତ ଯୋଡିବାକୁ କୁଣ୍ଠାବୋଧ କରି ଥିଲେ, ଅଗାଧୁଆ ଅନ୍ନ ଗ୍ରହଣ କରିବା ଆରମ୍ଭ କରିଥିଲେ । ଅବସର ପରେ ପ୍ରଥମ ଥର ପାଇଁ ମାନସିକ ଅବସାଦ ତାଙ୍କୁ ଏକ ଅଜଣା-ଅନ୍ଧକାରର ସାମୂହିକ ଆକ୍ରମଣ ସମ୍ମୁଖକୁ ନେଇ ଯାଇଥିଲା ।

ନିଜ ଜୀବନର ଏହି ଅକୁହା କଥା ସମୂହ ତାଙ୍କ ଆଖି ଆଗରେ ଏବେକାର ଦୃଶ୍ୟ ଭଳି ନାଚି ଉଠିଥିଲା । ନା, ଆଉ ପଛ କଥା ଦ୍ୱାରା କେବଳ ନିଜେ ହିଁ ରୋଗ ଭୋଗ କରିବାକୁ

ହେବ । ଋତୁପର୍ଣ୍ଣା କହୁଥିଲେ – କେବଳ ଆଜି ର ଚିନ୍ତା ହିଁ କରନ୍ତୁ । ନ ହେଲେ ଜଡତା ଆସି ଶରୀରରେ ବାସ କରିବ ।

ମନେ ମନେ ଈଶ୍ୱରଙ୍କୁ ସ୍ମରଣ କରି ନିତ୍ୟକର୍ମ ସାରିବାକୁ ସାର୍ ଗାଧୁଆ ଘର ଭିତରେ ପଶିଲେ ।

ଦୁଇ

ସେଦିନ, ଯେଉଁ ଦିନ ପ୍ରଥମ ଥର ପାଇଁ ସେ ଏହି ଘରେ ତାଙ୍କ ଚେତନା ଫେରିଥିଲା, ଅନୁଭବ କରିଥିଲେ, ସତେ ଯେମିତି ସେ ଏକ ଗାଢ ଦୀର୍ଘ ନିଦ୍ରାରୁ ଉଠିଛନ୍ତି ।

ଦେହରେ କେଉଁଠି ଟିକିଏ ହେଲେ ବ୍ୟଥାର ଅନୁଭବ ନ ଥିଲା । ମନେ ମନେ ନିଜକୁ ପରୀକ୍ଷା କରି ଦେହରେ ପୁରୁଣା ବଳର ଚେତନା ଫୁଲି ଫୁଲି ବାହାରକୁ ଆସିବାର ଅନୁଭବ କରୁଥିଲେ ।

ମନେ ପଡିଥିଲା, ଶିଶିର କାନ୍ତ ଙ୍କ ଆଶ୍ରମରେ ଦିନେ ସକାଳେ ସେ ଉଠି ପାରି ନ ଥିଲେ । ତା ପରର ଦୁଇଦିନ କାଳ ଆଶ୍ରମର ଅନ୍ତେବାସୀମାନେ ତାଙ୍କୁ ସାହାଯ୍ୟ କରୁଥିଲେ । ତା'ପରେ ? ସେ କଣ ଅଚେତ ଥିଲେ ?

ସଫା ସୁତୁରା ଗଦି ଉପରର ଦି ପାଖରେ ବାଡ ଦେଇ ଖଟରୁ ଓହ୍ଲାଇବା ରାସ୍ତାକୁ ବନ୍ଦ କରା ଯାଇଥିଲା । ବାଁ ପାଖର ଖଟ-ବାଡ ଉଠେଇ ଗୋଡ ଦୁଇଟିକୁ ତଳକୁ ଆଣି ସେ ଠିଆ ହେବା ପାଇଁ ଚେଷ୍ଟା କରିଥିଲେ । ଠିକ୍ ସେତିକିବେଳେ କୋଠରୀରେ ଆଉ ଜଣଙ୍କର ଉପସ୍ଥିତି ସେ ଅନୁଭବ କରିଥିଲେ ।

ଜଣେ କେହି ଉଲ୍ଲସିତ ହୋଇ କ୍ଷୀଣ କଣ୍ଠରେ ଚିତ୍କାର କରିଥିଲେ, "ଇସ୍ ଜେଜେ,

 Download Magazine from www.aahwaan.com

ଆପଣ ଠିଆ ହୋଇଛନ୍ତି !”

ସମ୍ମୁଖରେ ତାଙ୍କର ଜଣେ ଦିବ୍ୟ, ଶୁଭ୍ରାଙ୍ଗୀ ସ୍ତ୍ରୀ ଲୋକର ଚେହେରା ସ୍ପଷ୍ଟ ହୋଇ ଉଠିଥିଲା । ହେମନ୍ତ ପୂର୍ଣ୍ଣିମାର ଜହ୍ନ ସଦୃଶ ହସିଲା ହସିଲା ମୁହଁ, ଆମନ୍ତ୍ରଣ ପୂର୍ଣ୍ଣ ଚକ୍ଷୁ-ଯୁଗଳ !

ତାଙ୍କୁ ସେ ଜେଜେ ବୋଲି ସମ୍ବୋଧନ କରୁଛି ! ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ସେ ।

- ଆରେ, ଆପଣଙ୍କୁ ତ କେହି ହେଲେ ଧରି ନାହାନ୍ତି । ତଥାପି ଆପଣ ଠିଆ ହୋଇଛନ୍ତି । ଆରେ ବାଃ, ପୁରା ଫିଟ୍ !

କିଏ ମା ତମେ ?

- ମା କହୁଛନ୍ତି । ପୁଣି କିଏ ବୋଲି ପଚାରୁଛନ୍ତି । କୁହନ୍ତୁ ତ କିଏ ମୁଁ ?  ହସି ହସି ସେ ପଚାରିଥିଲେ ।

କ୍ଷେତ୍ର ମୋହନ ସାର ତାଙ୍କୁ ସତରେ ଚିହ୍ନି ପାରି ନ ଥିଲେ । କେଉଁଠି କେବେ ଦେଖିଲା ପରି ବି ମନେ ହେଉ ନ ଥିଲା । ବସିଲା ବସିଲା କଣ୍ଠରେ ସ୍ୱୀକାର କରିଥିଲେ - ହଁ, ଚିହ୍ନିତ ପାରୁନି । ତମର ପରିଚୟ ଦିଅ ।

ସେ କହିଥିଲେ - ଜେଜେ, ଏଇଟା ଆପଣଙ୍କ ଘର ।  ମୁଁ ଆପଣଙ୍କ ନାତୁଣୀ-ବୋହୂ । ଆପଣଙ୍କ ନାତି ରମଣ । ମୁଁ ତାଙ୍କ ସ୍ତ୍ରୀ । ଆମେ ବେଙ୍ଗାଲୁରୁରେ, ଆମ ଘରେ ଅଛେ । ଆପଣଙ୍କ ଦେହ ଟିକିଏ ବି ଭଲ ନ ଥିଲା । ଆପଣଙ୍କୁ ବ୍ରହ୍ମପୁରରୁ ଏଇଠିକୁ ଆପଣଙ୍କ ଅର୍ଦ୍ଧ ଚେତନ ଅବସ୍ଥାରେ ଅଣାଯାଇଛି ।

କ୍ଷେତ୍ର ମୋହନ ସାର ବିଶ୍ୱାସ କରିପାରୁ ନ ଥିଲେ । ସେ ତାଙ୍କ ପାଦ ଛୁଇଁ ପ୍ରଣାମ କରିଥିଲେ । ମୁଣ୍ଡରେ ଓଢଣା ଥିଲା । ପ୍ରଣାମ କଲା ପରେ  କହିଲେ - ଆସନ୍ତୁ ଜେଜେ, ଆପଣଙ୍କୁ ଆପଣଙ୍କ କାମ କରିବାରେ ସାହାଯ୍ୟ କରିବି । ଏଇଟା ମୋର ପ୍ରତି ଦିନର କାମ ।

 Download Magazine from www.aahwaan.com

ସେ ସକାଳୁ ଅଫିସ ଚାଲିଗଲେଣି । ରାତି ସାରା ଆପଣଙ୍କ ପାଖରେ ଜଣେ ନର୍ସ-ଦିଦି ରହନ୍ତି । ଦିନରେ ଆପଣଙ୍କ ପାଖରେ ମୋ ଚାକିରୀ । ଆସନ୍ତୁ ।

ଯନ୍ତ୍ରବତ୍ ସେ ତାଙ୍କ ପଛରେ ଚାଲିଥିଲେ ।

ରମଣ ତାଙ୍କ ବଡପୁଅର ପୁଅ । ଦିନେ କେବେ ହେଲେ ଗୋସେଇଁ ବାପାର ପକ୍ଷ ନେଇ ନ ଥିଲା । ବରଂ ଘରେ ଯାହା କିଛି ହେଉଥିଲା, ସେଥିର ମୂକ-ସାକ୍ଷୀ ରହିଥିଲା । ଆଜି ହଠାତ ପାଖରେ ଆଣି ରଖିଛି । ଆଶ୍ଚର୍ଯ୍ୟ ! ପ୍ରଶ୍ନ କରିଥିଲେ, "କଣ ମା ତମ ନା ?

- ଋତୁପର୍ଣ୍ଣା । ଜେଜେ, ଏଇ ବ୍ରସ ନିଅନ୍ତୁ । ଦାନ୍ତ ସଫା କରି ଦିଅନ୍ତୁ ।

ଆରେ, ଇଏ ତ ତାଙ୍କ ଦାନ୍ତ ଘଷା ବ୍ରସ । ଏଇଟା ବି ଧରି ଆସିଛନ୍ତି ? ସେ ବ୍ରସକୁ ଦେଖୁଥିବା ଦେଖି ଋତୁପର୍ଣ୍ଣା କହିଥିଲେ, "ହଁ, ଆପଣଙ୍କ ବ୍ରସ । ଶିଶିର କାନ୍ତ ଦାଦା କହୁଥିଲେ, ଆପଣ ଆସିଲାବେଳେ ଏଇ ବ୍ରସଟାକୁ ନେବାକୁ ଜିଦ୍ ଧରିଥିଲେ । ମୁଁ ଯେତେବେଳେ ନୁଆ ବ୍ରସ ଦେଲି, ଆପଣ ଫୋପାଡି ଦେଲେ । କହିଲେ, ମୋ ଧୋତି- ବ୍ରସ ହିଁ ବ୍ୟବହାର କରିବି । ମନେ ଅଛି ?"

ସେ ଏ କଥା କହିଥିଲେ ? ଟିକିଏ ହେଲେ ତାଙ୍କର ମନେ ନ ଥିଲା । ହେଲେ ତାଙ୍କର ମନେ ନାହିଁ କାହିଁକି ? କ'ଣ ହୋଇଥିଲା ତାଙ୍କର ?

ସେ ବିଷୟ ଋତୁପର୍ଣ୍ଣା ଙ୍କ ମୁହଁରୁ ଶୁଣିଥିଲେ ।

ରମଣ ସହ ଋତୁପର୍ଣ୍ଣା ଏକା ଅଫିସରେ ଚାକିରୀ କରୁଥିଲେ । ଦୁହିଁଙ୍କ ମନ ମିଶିଥିଲା । ଦୁହେଁ ସ୍ଥିର କରିଥିଲେ, ବାହା ହେବେ । ରମଣଙ୍କ ବାପା ମାଆ ରାଜି ନ ଥିଲେ । ଜାତି ବାହାଘରରେ ବନ୍ଧନ ସାଜିଥିଲା । କିନ୍ତୁ ଋତୁପର୍ଣ୍ଣା ଙ୍କ ବାପା ମାଆ ରାଜି ଥିଲେ । ଦୁହେଁ ସେଇଠି କୋର୍ଟ-ମନ୍ଦିର ଆଦିରେ ବାହାଘର ସାରି ଘରକୁ ଯାଇଥିଲେ । କିନ୍ତୁ ସେଇଠୁ ତଡା

Download Magazine from www.aahwaan.com

ଖାଇ ବୃଦ୍ଧାଶ୍ରମ ଯାଇଥିଲେ ଜେଜେଙ୍କ ଆଶୀର୍ବାଦ ନେବା ପାଇଁ । ସେତେବେଳକୁ ଶିଶିର କାନ୍ତ କ୍ଷେତ୍ର ମୋହନ ସାର ଙ୍କୁ ହାସପାତାଳ ନେଇ ସାରିଥିଲେ, କାରଣ ବୃଦ୍ଧାଶ୍ରମରେ ସାରଙ୍କ ଅବସ୍ଥା ଖରାପ ଦିଗକୁ ଗତି କରୁଥିଲା । ଲୋକଙ୍କୁ ଚିହ୍ନିପାରୁ ନଥିଲେ ସେ । ଡାକ୍ତର ଆଲଜାଇମର ରୋଗର ପ୍ରାରମ୍ଭିକ ସ୍ତର ବୋଲି ନିଦାନ କରିସାରିଥିଲେ ।

ସ୍ୱାମୀ-ସ୍ତ୍ରୀ ଦୁହେଁ ଯାକ ଆଗପଛ କିଛି ନ ବିଚାରି ପ୍ରଥମ ଉଡାଜାହାଜରେ ଜେଜେଙ୍କୁ ବେଙ୍ଗାଲୁରୁ କୁ ଆଣିଦେଇଥିଲେ । ହାସପାତାଳରେ ରଖିବା ଅପେକ୍ଷା ଘରେ ରଖି ଯତ୍ନ ନେଲେ ଏହାର ଉପଶମର ସମ୍ଭାବନା ବେଶି, ଏଇ ଧାରଣା ଜାତ ହେଲା ପରେ, ଜେଜେଙ୍କୁ ଡାକ୍ତରଖାନା ରୁ ଘରକୁ ନେଇ ଆସିଥିଲେ । ତା ପରେ ଋତୁପର୍ଣ୍ଣା ତାଙ୍କ ଚାକିରୀ ଛାଡି ଦେଇଥିଲେ । କାରଣ, ଜେଜେଙ୍କୁ ଦିନ ରାତି ପଇସାଟିଆ ଲୋକଙ୍କ ଜିମା ଛାଡିଦେବା ପାଇଁ ସେ ଆଦୌ ରାଜି ନ ଥିଲେ । ଜେଜେଙ୍କ ହାତ ଧରିଲେ ହିଁ ସେ ଚାଲିପାରୁଥିଲେ; ଗାଧୁଆ ଘର ଭିତରକୁ ନେଲେ କମୋଡ୍ ରେ ବସେଇ କବାଟକୁ ଆଉଜେଇ ଦେଇ ଆସୁଥିଲେ; ଯାହା କହିଲେ ତାହା ହିଁ ଖାଉଥିଲେ । ତେଣୁ ଜଣେ କିଏ ହେଲେ ନିରବଚ୍ଛିନ୍ନ ଭାବରେ କ୍ଷେତ୍ର ମୋହନ ଙ୍କ ପାଖେ ପାଖେ ରହିବା ଦରକାର; ଏଇ ବିଚାରରେ ଦିନରେ ଋତୁପର୍ଣ୍ଣା ଏବଂ ରାତିରେ ନର୍ସ ତାଙ୍କ ପାଖରେ ଜଗି ରହୁଥିଲେ । ତାହା ହିଁ ଋତୁପର୍ଣ୍ଣାଙ୍କ ଚାକିରୀ ଛାଡିବାର କାରଣ ଥିଲା । ଡାକ୍ତରୀ ଔଷଧ ତ ଦିଆ ଯାଉଥିଲା । ତା ଛଡା ବିକଳ୍ପ ଚିକିତ୍ସାର ମଧ୍ୟ ବନ୍ଦୋବସ୍ତ କରାଯାଇଥିଲା । ଶାରିରୀକ ବ୍ୟାୟାମ, ଉତ୍ତାପ-ଚିକିତ୍ସାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ଦୀର୍ଘ ଛଅ ମାସର ଚେଷ୍ଟା ପରେ କ୍ଷେତ୍ର ମୋହନ ସାର ଙ୍କ ଅବସ୍ଥାରେ ପରିବର୍ତ୍ତନ ଆସିଥିଲା ।

 Download Magazine from www.aahwaan.com

ତିନି

ଅଦିନିଆଁ ଝଡରେ ବସା ହରେଇ ଦେଇଥିବା  ବାଟ ବଣା ଚଢେଇଟିକୁ ବାଟ କଢେଇ ଆଣିଥିବା ଏହି ହସକୁଳା ଝିଅଟି ତାଙ୍କର କୋ ଜନ୍ମର ସାଥୀ ଥିଲା ? ଗୀତାରେ କୁହାଯାଇଥିବା ବାଣୀ କୁ ନନାଙ୍କ ଠୁଁ ଶୁଣିଥିଲେ - ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରୟଛନ୍ତି । ଅର୍ଥ ହେଲା - ମୋତେ ଯିଏ ଯାହା ଦେଇ ଡାକିଲେ ମଧ୍ୟ, ମୁଁ ତାହା ଗ୍ରହଣ କରେ; ସେମାନଙ୍କ କଥା ଶୁଣିଥାଏ ।

କିନ୍ତୁ କେବଳ ଯେ ଲୌକିକ ଫଳ ପତ୍ର ପାଣିର ଅଭିଷେକ, ତା ନୁହଁ । ସମ୍ପୂର୍ଣ୍ଣ ହୃଦୟର ସମର୍ପଣ ମଧ୍ୟ ତାଙ୍କ କାମ୍ୟ, ଏ କଥା ସେ ବହୁତ ଡେରିରେ ବୁଝିଲେ । ନିଜ ରକ୍ତ-ମାଂସର ପରଶରେ ଜାତ ରମଣ ତ କେବେ ଆସି ତାଙ୍କର ଭଲ ମନ୍ଦ ପଚାରି ନ ଥିଲା । ତାର ସ୍ତ୍ରୀ ଆଜି ତାଙ୍କ ଯତ୍ନ ନେଉଛି ! କେବଳ ତାଙ୍କ ସେବା ଶୁଶ୍ରୂଷା ନିମନ୍ତେ ଚାକିରୀ ଛାଡି ଦେଇଛି ।

କର୍ମ କାଣ୍ଡ ଉପରେ ବିଶ୍ୱାସ ହରେଇ ବସିଥିବା ମଣିଷ ଜଣକ - ଜୀବନ ଯାତ୍ରାର ଏହି ମୌନ ପ୍ରହରରେ ପ୍ରହରୀ ଭୂମିକାର ଉପଲବ୍‌ଧି ନିଃସନ୍ଦେହରେ ଏକ ଅନିର୍ବଚନୀୟ ସନ୍ତୁଷ୍ଟି-ସମ୍ପର୍ଣ୍ଣ-ସ୍ଥିର ଭାବର ଉତ୍ପନ୍ନ କରାଇ ଥାଏ - ଭଳି ସତରେ ଉପନୀତ ହେବା ପରେ ତାଙ୍କ ମନରେ ଥିବା ସମସ୍ତ ପ୍ରକାର ଗ୍ଲାନି ଓ ଅବସାଦ ଉଭେଇ ଯାଇଥିଲା । ତାଙ୍କ ନିକଟରେ ବିଶ୍ୱ ନିୟନ୍ତାଙ୍କ ଏଭଳି ସମାଧାନ ନୀତି ଏକ ଚମତ୍କାର ଓ ଅକୁଣ୍ଠିତ ଆଶୀର୍ବାଦ ବ୍ୟତୀତ ଅନ୍ୟ କିଛି ନ ଥିଲା ।

ନିତ୍ୟକର୍ମ ସାରିଲା ବେଳକୁ ଦୃଢ ନିଷ୍ଚୟର ଶେଷ ବିନ୍ଦୁରେ ସେ ପହଞ୍ଚି ସାରିଥିଲେ । ନାତୁଣୀ-ବୋହୂ ପାଖରୁ ସ୍ୱାଭାବିକ ରୂପେ ମିଳୁଥିବା ଏହି ଆଭିଜାତ୍ୟ ପୂର୍ଣ୍ଣ ମର୍ଯ୍ୟାଦା ଏବଂ ଅନାୟାସ ଆତିଥେୟ ଠାରୁ ତାଙ୍କର ମନ ଅନେକ ଦୂରରେ ବୃଦ୍ଧାଶ୍ରମରେ ରହୁଥିବା ଅସହାୟ

 Download Magazine from www.aahwaan.com

ଅନ୍ତେବାସୀ ମାନଙ୍କ ପାଖକୁ ଯିବାପାଇଁ ବ୍ୟାକୁଳ ହେବାରେ ଲାଗିଥିଲା । ସେ ସେଠାକାର ପ୍ରଥମ ବାସିନ୍ଦା ଥିଲେ । ତା ପରେ ଜଣେ ଜଣେ କରି ଆସି ସେଠାରେ ରହିବାରେ ଲାଗିଥିଲେ । ପ୍ରଥମେ ତାଙ୍କ ପାଇଁ ଶିଶିର କାନ୍ତ ପାଖ ମଠରୁ ଖାଇବାପାଇଁ ଦି ବେଳା ଆଣି ଦେଉଥିଲେ । ଧୀରେ ଧୀରେ ଯେତେବେଳେ ରହିବା ଲୋକଙ୍କ ସଂଖ୍ୟା ବଢିଲା, ପାଖ ଗାଁର ଜଣେ ସ୍ତ୍ରୀ ଲୋକ ଆସି ଖାଇବା ରାନ୍ଧି ଦେଇ ଯାଉଥିଲେ । ଆଶ୍ରମର ଆଉ ଅନ୍ୟାନ୍ୟ କାମ ସବୁ ଅନ୍ତେବାସୀମାନେ କରୁଥିଲେ । ନାତୁଣୀ-ବୋହୂ ଠୁଁ ମିଳୁଥିବା ଆତିଥ୍ୟର ବନ୍ଧନରେ ସେ ଆଉ ବାନ୍ଧି ହୋଇ ରହିବେନି । ବରଂ ଶିଶିର କାନ୍ତକୁ ତାର ଲକ୍ଷ୍ୟରେ ପହଞ୍ଚିବାରେ ତାକୁ ସାହାଯ୍ୟ କରିବେ - ପୁଣି ଜଣେ କିଏ କ୍ଷେତ୍ର ମୋହନ ଅବସାଦ ଗ୍ରସ୍ତ ନ ହୁଅନ୍ତୁ ।

ନିଜ ନିଷ୍ପତ୍ତିରେ ନିଶ୍ଚିତ ହୋଇ ସାର ନିଜକୁ ଅନେକ ସୁସ୍ଥ ଓ ପ୍ରଫୁଲ୍ଲିତ ମନେ କରୁଥିଲେ । ଋତୁପର୍ଣ୍ଣାଙ୍କ ଠାରୁ ନମ୍ବର ଆଣି ସେ ଶିଶିର କାନ୍ତ ପାଖକୁ ଫୋନ କଲେ । ତାଙ୍କ ଭଲ ହେବା ଖବର ଶୁଣି ଶିଶିର କାନ୍ତ ଅତି ଖୁସି ହୋଇ କହିଲେ- ମୁଁ ତ ଆଶା ଛାଡି ଦେଇ ଥିଲି ସାର । ହେଲେ ଭଗବାନଙ୍କ ଇଚ୍ଛା ହିଁ ମୂଳ ।

- ହଁ, ତାହା ନୁହଁ, ଆଉ କ'ଣ ? ସେ ଶିଶିର କାନ୍ତକୁ କହିଲେ - ମୁଁ ଆଶ୍ରମକୁ ଫେରିଯିବାକୁ ଚାହୁଁଛି । ହେଇପାରିବ ?

-ହେଇପାରିବ ? ସାର୍, ଲଜ୍ଜିତ କରୁଛନ୍ତି । ଆଶ୍ରମ ଆପଣଙ୍କର । ଆପଣ ଯେବେ ବି ଆସିପାରନ୍ତି ।

- ତା ହେଲେ ଟିକଟ କରି ଏଇ ନମ୍ବରରେ ମେସେଜ କରି ଦିଅ । ମୋ ପେନସନ୍ ମିଳିଗଲେ ତମ ପଇସା ଫେରେଇ ଦେବି । ମୁଁ ବ୍ରହ୍ମପୁର ଫେରିଯିବି ।

ବାର୍ତ୍ତାଳାପ ଶୁଣୁଥିବା ଋତୁପର୍ଣ୍ଣା ଆକଟ କରି କହିଲେ- ନାହିଁ ଜେଜେ, ହେବନି । ତମକୁ

ଆମେ ଛାଡିବୁନି । ଏ ବୟସରେ ତମେ ଯାଇ ପୁଣି ସେ ଆଶ୍ରମରେ ରହିବ ?

କ୍ଷେତ୍ର ମୋହନ ସାର ଅଳ୍ପ ହସି ବୁଝେଇଲା ଭଳି କହିଲେ- ମୁଁ ଆଉ ସେଇଠି କେବଳ ରହିବାକୁ ଯିବିନି । ବରଂ ଶିଶିର କାନ୍ତର ସହାୟକ ହେବି ।

ଋତୁପର୍ଣ୍ଣା ବିଶ୍ୱାସ କରି ପାରିଲେନି । ଦର ହସିଲା, ତଟସ୍ଥ ହୋଇ ଜେଜେଙ୍କୁ ଚାହିଁ କହିଲେ - ନା ନା, ହେଇ ପାରିବ ନାହିଁ । ଏ ବୟସରେ ଜେଜେ, ଏକୁଟିଆ ରହିବାଟା ଠିକ୍ ନୁହେଁ । ତମର ଦେଖାଶୁଣା କରିବ କିଏ ?

- କାହିଁକି, ମୋର କ'ଣ ଅସୁବିଧା ହେଲେ, ତମେ ଅଛ । ରମଣ ଅଛି । ଶିଶିର କାନ୍ତ ଅଛି । ଭାବୁଥିଲି, ଏ ଦୁନିଆରେ ମୁଁ ଏକୁଟିଆ । ଅବସର ନେଲା ପରେ ଯେ ଜୀବନ ସମାପ୍ତ ହୋଇଗଲା, ମୃତ୍ୟୁକୁ ଅପେକ୍ଷା କରି ରହିବା ଭୟ ମୋତେ ଦୁର୍ବଳ କରି ଦେଇଥିଲା । ମୁଁ ଏକଦମ ନିଶ୍ଚିନ୍ତ । ତମକୁ ଦେଖି ମୋର ସବୁ ଅବସାଦ ତୁଟି ଯାଇଛି । ରମଣର ଜୀବନରେ ତମର ଆବିର୍ଭାବ ଆକସ୍ମିକ ନ ଥିଲା । ତାଙ୍କର ଆଶୀର୍ବାଦ ଥିଲା । ତାଙ୍କର ଆଶୀର୍ବାଦ ଥିଲେ ହେଁ ଅନ୍ତଃକରଣ ଶୁଦ୍ଧତାର ସ୍ପର୍ଶ ଆମେ ପାଇପାରିବା । ତମ ଦୃଷ୍ଟିକୋଣର ଶୁଦ୍ଧତା ମୋତେ ଏକ ନୂଆ ଜନ୍ମର ଅନୁଭବ କରେଇ ପାରିଛି । ସେଥିପାଇଁ ତମକୁ ଅଶେଷ ଧନ୍ୟବାଦ ।

ସଂଧ୍ୟାରେ ରମଣ ଆସିଲାବେଳେ ସେ ଓ ଋତୁପର୍ଣ୍ଣା ବାହାର ବାଲକୋନୀରେ ବସି ଚାହା ପିଉଥିଲେ । ଜେଜେ ଏବଂ ଶିଶିର କାନ୍ତ କକାଙ୍କ ଶୁଣିଥିବା ବାର୍ତ୍ତାଳାପକୁ ଋତୁପର୍ଣ୍ଣା ରମଣଙ୍କୁ ଗୋଟି ଗୋଟି କରି ମୋବାଇଲରେ କହି ସାରିଥିଲେ । ସେଥିପାଇଁ ସବୁବେଳେ ରାତି ୯ରେ ଫେରୁଥିବା ରମଣ ଅଫିସରୁ ଅନୁମତି ନେଇ ଘରକୁ ଶୀଘ୍ର ଆସି ଯାଇଥିଲେ ।

ସେ ଆସି ବାଲକୋନୀରେ ଋତୁପର୍ଣ୍ଣା ଓ ଜେଜେଙ୍କ ପାଖରେ ବସି କହିଲେ- ଜେଜେ !

 Download Magazine from www.aahwaan.com

ବାପା, କକା, ପିଉସୀମାନେ ସମସ୍ତେ ଏଇଠିକୁ ତମ ଭଲ ହେବା ଖବର ଶୁଣି ଆସୁଛନ୍ତି । ଆଉ, ତମେ ଯିବ କୁଆଡେ ?

କ୍ଷେତ୍ର ମୋହନ ସାର୍ କହିଲେ- ଆଉ ଯିବି କୁଆଡେ ? ବ୍ରହ୍ମପୁର ତ ଯାଉଛି । ଦେଖେ ବାପା, ମୋ ଲାଗି ତମେ ପିଲା ଦିଟା ଆଉ କେତେ ହଇରାଣ ହେବ ? ମୁଁ ସୁସ୍ଥ ଅଛି । ଆଶ୍ରମ ଗଲା ପରେ ବି ମୋ ସାଇକେଲ ବନ୍ଦ ହେବନି । ପ୍ରଥମେ ବାଧ୍ୟ ହୋଇ ଆଶ୍ରମକୁ ଯାଇଥିଲି । ଏବେ, ମୋ ଇଚ୍ଛାରେ ଯାଉଛି । ତା ଛଡା ତୋ ଜେଜେ-ମାର ଶ୍ରାଦ୍ଧର ସମୟ ଆସି ଗଲାଣି । ଏ ଥର ଆମେ ତାକୁ ଆଶ୍ରମରେ ପାଳନ କରିବୁ । ତମେ ଦୁହେଁ ଆସିବ ?

ଋତୁପର୍ଣ୍ଣା ଓ ରମଣଙ୍କ ପାଖରେ ଚୁପ୍ ରହିବା ଛଡା ଅନ୍ୟ ଉପାୟ ନ ଥିଲା । କାରଣ, ଘରର ସମସ୍ତେ ଆସିବା କଥା ସେ କେବଳ ଜେଜେଙ୍କୁ ଅଟକେଇବା ପାଇଁ ମିଛରେ କହିଥିଲେ । କିଏ ଜଣେ ହେଲେ ଇଚ୍ଛା ପ୍ରକାଶ କରି ନ ଥିଲେ ବେଙ୍ଗାଲୁରୁ ଆସି ବାପାଙ୍କୁ ସେବା କରିବା ପାଇଁ ।

ତିନି ଜଣ ଯାକ ଚୁପଚାପ ବାଲକୋନୀରେ ଚାହାର ଢୋକ ଧିରେ ଧିରେ ନେଇ ସୁଉଚ୍ଚ ଅଟ୍ଟାଳିକାକାରଙ୍କର ପଶ୍ଚାତ ଭାଗରେ ସୂର୍ଯ୍ୟଙ୍କ ଦିଗବଳୟ ଉହାଡରେ ଖସିବା ଦୃଶ୍ୟକୁ ବଳପୂର୍ବକ ଉପଭୋଗ କରିବାର ପ୍ରୟାସରେ ଲାଗିଥିଲେ । ଏକ ଅକାରଣ ଅସନ୍ତୁଷ୍ଟର ଭିତର ନିଆଁରେ ରମଣଙ୍କର ମନ କୁହୁଳୁ ଥିଲା । କିନ୍ତୁ ଋତୁପର୍ଣ୍ଣା ଓ କ୍ଷେତ୍ର ମୋହନ ଉଭୟେ ସନ୍ତୁଷ୍ଟ ଥିଲେ । ବର୍ତ୍ତମାନକୁ ଗ୍ରହଣ କରିବାର କଳା ଓ କୌଶଳ ଯେ ଉଭୟେ ହୃଦୟଙ୍ଗମ କରିସାରିଥିଲେ ।

୨ୟ ତୋଟା ସାହି, ବିଜିପୁର, ବ୍ରହ୍ମପୁର, ଓଡିଶା (ମୋ-୮୭୭୩୨୪୪୮୮୮)

Download Magazine from www.aahwaan.com

# ଓଡ଼ିଆଣୀଙ୍କ ଧର୍ମ



ପଙ୍କଜ କୁମାର ପାଣିଗ୍ରାହୀ

ସ୍ୱାମୀ ଅବାକ ହୋଇ - ଗାଲ କୁ ଆଉଁସି କ'ଣ ଖରାବେଳେ ତରକାରୀ ଭଲ ହୋଇନଥିବା ହେତୁ ଗାଳି ଦେଲି ବୋଲି ?

ସ୍ତ୍ରୀ -ନାଇଁମ ସେମିତି କଣ ହୁଏ ?ଆମେ ପରା ଓଡ଼ିଆ ଘରର ଝିଅ ଭଲା ସ୍ୱାମୀଙ୍କ ଉପରକୁ ହାତ ଉଠାଇ ପାରିବୁ !

ସ୍ୱାମୀ-ଆଉ କ'ଣ ହାତଟା ପଡୁ ପଡୁ ବାଜିଗଲା ?

ସ୍ତ୍ରୀ-ନାଇଁ ନାଇଁ ସେମିତି କିଛି ନାହିଁ ମୁ ଗୋଟେ ତୁମର ସ୍ତ୍ରୀ ଯିଏ ଅଗ୍ନିକୁ ସାକ୍ଷୀ ରଖି ମୋ ବାପା ମା ଙ୍କ ଦଶ ଲକ୍ଷ ଖର୍ଚ୍ଚ କରି ବନ୍ଧୁ ବାନ୍ଧବ ମାନଙ୍କୁ ଖାଇବା ପିଇବା ଲୁଗା ପଟା ଦେଇ ତୁମକୁ ବିବାହ କରିଛି ହେଲେ ବିବାହର 20ବର୍ଷ ବିତିଗଲାଣି କେବେ ତୁମ ଗାଲରେ ଏମିତି ଚୁମାଟିଏ ଖୁଲମ ଖୁଲା ଦେଇଛି ?

ଯାହା ଏ ଛାର ମଶା ଟି ତୁମ ଗାଲରେ ଦଉଛି !ଆଉ ସେଇଥିପାଇଁ ମୋ ମନରେ ପ୍ରଚଣ୍ଡ କ୍ରୋଧ ସୃଷ୍ଟି ହେଲା,ଆଉ ମୁ ନିଜକୁ ନିଜେ ମଧ୍ୟ ସମ୍ଭାଳି ପାରିଲି ନାହିଁ !

ସ୍ୱାମୀ-ହେଲେ ଏମିତି ବ୍ରହ୍ମ ଚାପୁଡ଼ାଟିଏ ମାରିବ ?

ସ୍ତ୍ରୀ-ନାଇଁ ବା ପ୍ରଚଣ୍ଡ କ୍ରୋଧରେ ଜାଣି ପାରିଲି ନାହିଁ ହେଲେ ମୁ ଏମିତି କଣ ଯେ ଗୋଟେ କରିଦେଲି ଏତେ କଥା କହୁଛ ଯେ ?କାଳୀ ତ କ୍ରୋଧରେ ଶିବଙ୍କୁ ପାଦରେ ଦଳି ଦେଇଥିଲେ !

ସ୍ୱାମୀ-ତା ମାନେ ତୁମେ ମଧ୍ୟ କେବେ ଆହୁରି ଅଧିକ କ୍ରୋଧ ହେଲେ ମୋ ବେକରେ ପନିକି

Download Magazine from www.aahwaan.com

ଟା ପକାଇ ଦେବ ?

ସ୍ତ୍ରୀ-ନାଇଁ ମ .....ଏମିତି କଣ କହୁଛ ?

ସ୍ୱାମୀ-ନାଇଁ ନାଇଁ ଏଥିରେ ତୁମର କିଛି ଦୋଷ ନାହିଁ କେବଳ ତୁମର ସେଇ ଶିବ ପୁରାଣ ବିଷ୍ଣୁ ପୁରାଣ ସବୁ ଫିଙ୍ଗି ଦେଲେ ତୁମର ଆଉ ଏମିତି କ୍ରୋଧ ହେବ ନାହିଁ

ସ୍ତ୍ରୀ-ସେଗୁଡା ଫିଙ୍ଗିଦେଲେ ମୁ ବଞ୍ଚି ପାରିବି ନାହିଁ

ସ୍ୱାମୀ-ଠିକ........ଏଥର ତୁମେ ନିଜେ ନିଜେ ବିଚାର କର ଯେ ମଶା ମୋ ରକ୍ତ ଖାଇବାକୁ ଯେତିକି ଆସକ୍ତ ଥିଲା ତୁମେ ମୋପ୍ରତି ସେତିକି ଆସକ୍ତ ନଥିବା ହେତୁ ସେମିତି କରିପାରୁ ନଥିଲ ଆଉ ମୋ ଠାରୁ ତୁମ ଶିବ,ବିଷ୍ଣୁ ପୁରାଣ ତୁମ ପାଇଁ ବଡ ଆଉ କହିଲା ବେଳକୁ ଆମେ ଓଡ଼ିଆ ଘରର ଝିଅ ! ତୁମମାନଙ୍କ ଏହିଭଳି ଚିନ୍ତାଧାରା ଯୋଗୁ ଆଜି ଆମର ଏହିଭଳି ପରିସ୍ଥିତି ।

ଧନ୍ୟବାଦ ।


ସୋସିଆଲ ଫୋରୁମ ଇଣ୍ଡିଆ

ଛତ୍ରପୁର, ଗଞ୍ଜାମ, ଓଡିଶା.

ଫୋନେ: 9437324917 / 9861109584 / 06811-263084.

Download Magazine from www.aahwaan.com

# କଲେଜ ଫ୍ରେସର ପାର୍ଟି



ଅରବିନ୍ଦ ଆଚାର୍ଯ୍ୟ

କଲେଜରେ ଫାଷ୍ଟ ଇଅରର ପ୍ରଥମ ଫ୍ରେସର ପାର୍ଟି ପାଇଁ କିଛି ଝିଅ ବସି କଥା ହେଉଥାନ୍ତି । ସେମାନଙ୍କ ନା ଗୁଡିକ କହିରଖେ , ରୀନା ,ମିନା ,ସୁନିତା ....

ରୀନା : ଓଃ ...ବାପରେ ...କିଛି ବି ଭାବିପାରୁନି , ପାର୍ଟି ରେ କେଉଁ ଡ୍ରେସ ପିନ୍ଧି ଯିବି ?

ସୁନିତା : କାଇଁ ! ଅନଲାଇନ ରେ ଦେଖୁନୁ ..... ଆଜିକାଲି ତ ମସ୍ତ ମସ୍ତ ଡିଜାଇନ ଆଉ ଲାଟେଷ୍ଟ ଫେସନ ସବୁ ଅନଲାଇନ ରେ ଅର୍ଡର କଲେ ବହୁତ ସୁବିଧା ରେ ମିଳୁଛି ।

ମିନା : ଚାଲ .... ମୋବାଇଲ ରେ ସାଙ୍ଗହେଇକି ଅର୍ଡର କରିବା !

(ତିନି ଜଣ ଯାକ ମୋବାଇଲ ରେ ବିଭିର୍ଣ୍ଣ ପ୍ରକାର ଡ୍ରେସ ଦେଖିବାରେ ମଜ୍ଜି ଗଲେ )

ରୀନା : ୱାଅ ! ଏଇଟା କେତେ ସୁନ୍ଦର ଦିଶୁଚି ! ପୁରା କୁଲ ..... ନା ?

ମିନା : ହୁଁ ...ଠିକ ଯେ ,.......ଟିକେ ଛୋଟ ଆଉ ଡିପ ହେଇଛି । କଣ ତୋ ମମି ଏଇଟା ପିନ୍ଧିବାକୁ ଦେବେ ? ତୁ ୟାକୁ ପିନ୍ଧି କଲେଜ ଆସି ପାରିବୁ ?

ରୀନା : ଆରେ ବାବା , ଘରୁ ପିନ୍ଧିକି ଆସିବା କଥା ଉଠୁଛି କଣ ପାଇଁ ? ମୁଁ ବ୍ୟାଗ ରେ ପୁରେଇ ନେଇ ଆସିଥିବି ...... ବାଥରୁମ ରେ ଚେଞ୍ଜ କରିଦେବି .....ନାଁ କଣ ?

ଏମାନେ ଏମିତି କଥା ହେଉଥିଲା ଭିତରେ ସବିତା ବୋଲି ଝିଅଟିଏ ଦୂରରୁ ଥାଇ ଏମାନକ କଥା ମନଦେଇ ଶୁଣୁଥିଲା । ଠିକ ଏତିକି ବେଳକୁ କହିଲା ,

ସବିତା : ରୀନା , ....... ମମ୍ମି ଙ୍କୁ ନ ପଚାରି କିଛି ବି ଡ୍ରେସ ଏମିତି ଲୁଚେଇ ଲୁଚେଇ ପିନ୍ଧିବା ଭଲନୁହେଁ । ଫେସନ ନାଁ ରେ ଏମିତି ସବୁ ଝିଅ ମାନେ ଦେହକୁ ଫୁଙ୍ଗୁଳା କରିବା

 Download Magazine from www.aahwaan.com

ଆଡକୁ ବଢୁଛନ୍ତି । ସ୍କର୍ଟ ଟା ଛୋଟ ହେଇହେଇ 'ମିନି ' ହେଇଗଲାଣି ଆଉ ଜିନ୍ସ ... ନିକର ହେଇଗଲାଣି । ଟା ଦେହରେ ପୁଣି କେତେ ପ୍ରକାର ର କଟା ଫଟା ଡିଜାଇନ ତିଆରି ହେଲାଣି । ଏଗୁଡା ସବୁ ଅନୁଚିତ , ଭାରତୀୟ ସଂସ୍କୃତି ର ବିରୁଦ୍ଧ । ଆମେ ସମସ୍ତେ ପଢିବା ପାଇଁ ଆସିଛନ୍ତି , ଫେସନ ଦେଖେଇହେଲେ ଫାଷ୍ଟକ୍ଲାସ ମିଳିଯିବନି କି ଗୋଲ୍ଡ ମେଡାଲ ମିଳିବନି ! ବୁଝିଲ ?

ରୀନା : (ବ୍ୟଙ୍ଗ କରି ) ହଁ .... ମୁଁ ଯଦି ମୋ ମମ୍ମି ଙ୍କ କଥା ଶୁଣିବି , ତାହେଲେ ପାର୍ଟି ରେ ପୁରା ମାଉସୀ ଭଳିଆ ଦିଶିବି .....ପୁରା ମଫୁ ....ହା...ହା.... । ସବିତା , ପ୍ଲିଜ ତୁ ଆଉ ପ୍ରବଚନ ଦେ ନି ଲୋ । କଲେଜ ପଢୁ ପଢୁ ଏମିତି ବୁଢୀଙ୍କ ଭଳିଆ କଥା କହ ନି । ଆରେ ଆରେ ....ମନେ ପଡିଲା ... ତୁ ପରା ଗାୟତ୍ରୀ ପରିବାର ର । ଆଶ୍ଳିଳତା ବିରୁଦ୍ଧ ରେ ଆନ୍ଦୋଳନ ଚଲେଇଛୁ ପରା ? ହୋଲି ଦିନ ମୁଁ ଦେଖିଥିଲି ।

ସୁନିତା : ଆରେ ଚାଲ ଯିବା ..... ପୁଅ ଙ୍କ କଥା ବାର୍ତ୍ତା କୁ ଲୁଚି ଲୁଚି ଶୁଣିବା ! ଦେଖିବା ସେମାନେ କଣ କେମିତି ସଜବାଜ ହେଉଛନ୍ତି ପାର୍ଟି ପାଇଁ ! ଆସ !

(ଚାରି ଜଣ ଯାକ ଝିଅ ଲୁଚି ଲୁଚି ପୁଅ ମାନେ ହେଉଥିବା କଥା ବାର୍ତ୍ତା ଶୁଣିଲେ )

ରବି , ମୋହନ ,ମୋହିତ କଥା ହେଉଥିଲେ ........

ରବି : ଆରେ ଭାଇ ମୋହନ , ପାର୍ଟି ରେ କଣ ପିନ୍ଧିବୁ ବୋଲି ଭାବିଛୁ ?

ମୋହନ : ଆରେ ! ମୁଁ ତ ପାର୍ଟି ରେ ଏଞ୍ଜୟ କରିବାକୁ ଆସୁଛି । ଏଇ କଲେଜ ଝିଅ ଙ୍କ ଅଧା ଲଙ୍ଗୁଳି ଚେହେରା ଟିକେ ଦେଖିବାକୁ ମିଳିବ ତ ! ଯା ହେଉ ବହୁତ ମଜା ଲାଗିବ, ପୁରା ଫୁଲ ବୋବାଲ ...ମ !

ମୋହିତ : ଭାଇ , ଯିଏ ସବୁଠୁ କମ କପଡା ପିନ୍ଧିଥିବ ତାକୁ ହିଁ ... ମୁଁ 'ମିସ ଫ୍ରେସର '

 Download Magazine from www.aahwaan.com

ବୋଲି ଆଖ୍ୟା ଦେବି ...ହା...ହା .....ହା ...

(ତିନି ଜଣ  ଜୋର ଜୋର ରେ ହସୁଥିଲେ )

ରବି : ଏ ଝିଅ ଗୁଡା କେତେ ବୋକୀ , ଆଗ ଆମକୁ ଦେଖେଇବା ପାଇଁ କମ କପଡା ପିନ୍ଧନ୍ତି ....ଆଉ ତା  ପରେ  ...ପ୍ରବଚନ ଦିଅନ୍ତି ଯେ , ସେମାନେ ଡ୍ରେସ ଛୋଟ କରିଲେ କିଛିନାଇ ...କିନ୍ତୁ ପୁଅ ଙ୍କ ଚିନ୍ତା  ଧାରା ବଡ କରି ରଖିବା ଦରକାର ....ହା...ହା....ହା

ମୋହନ : ଆରେ ଭାଇ  ! ଖାଲି ସେଇ ସବିତା କୁ ଛାଡି ଦେଲେ ଆଉ ସବୁ ଝିଅ “ସେକ୍ସି “ ଶବ୍ଦ ଶୁଣିବାକୁ ଆମ ମୁହଁ କୁ ଚାହିଁ ରହିଥାନ୍ତି  ।

ମୋହିତ : ହଁ  ଭାଇ  ! ସତ କହିଲୁ .... ସବିତା ଟା ଭିତରେ ବହୁତ ଭଲ ଗୁଣ ଅଛି । ପାଠ ରେ ଯେମିତି ସଂସ୍କାର ବି ସେମିତି । ତା ବାପା ମା ଙ୍କ ସଂସ୍କାର ଯୋଗୁ ସେମିତି ହେଇଛି ।

ମୋହନ : ଭାଇ ଯାହା କହପଛେ ... ମୁଁ କିନ୍ତୁ ସବିତା ଭଳିଆ ଝିଅ  କୁ ପସନ୍ଦ କରିବି । ବାହା ହାବା ପାଇଁ ସବିତା ଭଳିଆ ଝିଅ ମୋର ପ୍ରଥମ ପସନ୍ଦ  ।

ରବି : ଆରେ ...ବାଃ  ରେ  ! ଏବେ ତ .. ତୁ  ସବୁ ଝିଅ ଙ୍କୁ କାମେଣ୍ଟ ପାସ କରୁଥିଲୁ .... । ଯେ କଣ  ? ଗାର୍ଲଫ୍ରେଣ୍ଡ  ପାଇଁ ସେକସି  , ଅଙ୍ଗପ୍ରଦର୍ଶନ ବାଲା ଝିଅ ....ଆଉ ବାହା ହବାକୁ ...ସବିତା ଭଳିଆ  ? ଏ କି କଥା  ?

ମୋହନ : ଭାଇ ... ଏଇ ଯେଉଁ  ସେକସି , ଫେସନ ବାଲି ଝିଅ ନୁହେଁ .....ସବୁ ଟାଇମ ପାସ ଆଉ ଗାର୍ଲ୍ ଫ୍ରେଣ୍ଡ  କରିବା ପାଇଁ  ଠିକ । କିନ୍ତୁ ବାହାଘର ପରେ ଘର କୁ ଘର ବନାଏ ସୁସଂସ୍କାରୀ ଝିଅ ....ବୁଝିଲୁ  ! ଯାହାକୁ ତୁମେ ବିଶ୍ୱାସ କରିପାରିବ ...ଯିଏ ଛୁଆ ମାନଙ୍କୁ ମଧ୍ୟ ଠିକ ସଂସ୍କାର ଦେଇ ପାରିବ ।

ରବି : ହଁ ...ବହୁତ  ସୁନ୍ଦର ଚିନ୍ତାଧାରା । ଚାଲ ଯିବା ପାର୍ଟି ପାଇଁ ବହୁତ କାମ ବାକି

Download Magazine from www.aahwaan.com

ଅଛି ......ଚାଲ ।

ମୋହିତ : କାଲି ମୋ ଭଉଣୀ ସରିତା ବି ପାର୍ଟି କୁ ଆସିବ , ସମସ୍ତେ ମନେ ରଖିଥିବ ବେ , ତା ଭାଇ ବି ଏ କଲେଜ ରେ ପଢୁଛି । କେହି ବି ୟାଡୁ ସ୍ୟାଡୁ କାମେଣ୍ଟ ଛାଡ , ଆଖି ବି ପକେଇବନି ....ବୁଝିଲ ?

ରବି : କି ଆଶ୍ଚର୍ଯ୍ୟ ! ନିଜ ଭଉଣୀ ର ଚିନ୍ତା ସମସ୍ତଙ୍କୁ ....ଆଉ ଅନ୍ୟ ର ଭଉଣୀ ପାଇଁ ....ହୁଁ ?

ମୋହିତ : ( ରବି କୁ ଧକ୍କା ଦେଲା ) କଣ କହିଲୁ ?..... ମୁଁ କୌ ଝିଅ କୁ କହିନି .... ପୁରା ଖୋଲା ଖୋଲି ହେଇ ଆସିବାକୁ .....।

ଝିଅ ମାନେ ତ ଆମ ପାଇଁ ଏମିତି ବେଶ ହେଇ ଆସନ୍ତି । କେହି ଝିଅ ଅନ୍ୟ ଝିଅ କୁ ଏମିତି ଡ୍ରେସ ରେ ଦେଖି ଖୁସି ହୁଏନି । ଟିକେ ଭାବ ... ଏ ଝିଅ ଗୁଡା ନିଜ ଦାମିକା ମୋବାଇଲ ରେ ସ୍କ୍ରୀନ ଗାର୍ଡ ଲଗାନ୍ତି , କଭର କରି ରଖନ୍ତି .....କାହିଁକି ନାଁ ... ମୋବାଇଲ ଖରାପ ନହେଉ ବୋଲି ...ତେବେ ନିଜକୁ କଭର କରି ରଖିପାରନ୍ତେ ନି ? ସବିତା ବି ତ ଝିଅ ... କୁହ ତ ଆମ ଭିତରୁ କେହି ତା ପ୍ରତି ଅଭଦ୍ର ଚିନ୍ତା ଆଣି ପାରିଛ ? କେହି ତାକୁ କମେଣ୍ଟ ପାସ କରିଚ ? ନାଁ ......

ଯାହା ବି ଇଜ୍ଜତ କମେଇଛି ସିଏ ନିଜେ ....ନାଁ କଣ କହୁଛ ?

ମୁଁ ତ , ମୋ ଭଉଣୀ ସରିତା କୁ କହିଦେଇଛି , ସିଏ ସବିତା ସହିତ ସାଙ୍ଗ ହେଉ । ସେ ଫେସନ ବାଲି , ଛୋଟ ଡ୍ରେସ୍‌ସ ବାଲି ଙ୍କ ଠୁ ଦୂରରେ ରହୁ ।

(ରୋହିତ ... ମଧ୍ୟସ୍ଥି କରି କହିଲା ....ଭଲ କଥା ...କିନ୍ତୁ ବହୁତ ଭାଷଣ ହେଇଗଲା ...ଏବେ ପ୍ଲିଜ ଆଉ ନିଜ ନିଜ ଭିତରେ ମାଡ ଗୋଳ କରନା .... ଚାଲ ଯିବା । ଭୁଲ ଆମ

 Download Magazine from www.aahwaan.com

ସମସ୍ତଙ୍କର , ଆରେ ଆମେ ଯଦି ସେ ଝିଅ ଙ୍କ ଛୋଟ କପଡା କୁ ଅନାଦେଖା କରନ୍ତେ , ସପୋର୍ଟ ନ କରନ୍ତେ , ତେବେ କାହାକୁ ଦେଖେଇବାକୁ ସେମାନେ ପିନ୍ଧିବେ ? ହୁଁ ...... ? ଏ ଥର ଆମେ ସବୁ ସେଇ ଝିଅ କୁ ଭୋଟ କରିବା ଯିଏ ଶାଳିନ ହେଇଥିବ , ଆମେ ସୁଧୁରିଲେ ହିଁ ସେମାନେ ବି ସୁଧୁରିବେ | କମସେ କମ ଆମ କଲେଜ ରେ ଆମ କ୍ଲାସ ରେ ତ କିଛି ସୁଧାର ଆସିବ ... ନାଁ କଣ କହୁଛ ? )

(ଏମାନଙ୍କ କଥା ସେ ଚାରି ଜଣ ଝିଅ ଶୁଣି ସ୍ତବ୍ଧ ହେଇଯାଇଥିଲେ ......)

ରୀନା : (ହସି ହସି କହିଲା ) ମୁଁ ସେଇ ଡ୍ରେସ ପିନ୍ଧିବେ , ଯାଉ ଟା ମୋ ମମ୍ମି ଠିକ ବୋଲି କହିବ | ଏମିତି ବି ଆମେ ଏଠିକି ପଢିବାକୁ ଆସିଛନ୍ତି , ଫେସନ ଦେଖେଇବାକୁ ନୁହେଁ .....ଠିକ ନାଁ ?

( ଚାରି ଜଣ ଝିଅ ଜୋର ରେ ହସିଉଠିଲେ )

www.molekhaa.wordpress.com

WA: 7008667785

Download Magazine from www.aahwaan.com

# ରାହା



ନୃସିଂହ ଚରଣ ବେହେରା

ଗୀତା ଗୌରବର୍ଣ୍ଣର ସାଧାରଣ ଝିଅଟିଏ । ଦେଖିବାକୁ ଖୁବ୍ ସୁନ୍ଦର । ଯୁବତୀ ବୟସରେ ଆଖିରେ ତା'ର ଆଖିଏ ସ୍ୱପ୍ନ । ଅନ୍ୟ ଯୁବତୀଙ୍କ ଭଳି ସେ ମଧ୍ୟ ସ୍ୱପ୍ନ ଦେଖେ । ଭଲ ପାଠ ପଢିବ, ଚାକିରୀ କରିବ । ନିଜ ଗୋଡରେ ନିଜେ ଠିଆ ହେବ । ନିଜ ମନ ପସନ୍ଦର ପୁଅକୁ ବିବାହ କରି ଘର ସଂସାର କରିବ । ସହରରେ ନିଜର ଘରଟିଏ କରିବ । ସେଇ ଘରେ ସେ ତା ସ୍ୱାମୀ ଓ ପୁଅ ଝିଅଙ୍କ ସହିତ ସୁଖରେ ତାର ଜୀବନ ବିତାଇ ଦେବ ।

ଏମିତି ତ ମଣିଷ ତା' ଜୀବନରେ କେତେ ଯେ ସ୍ୱପ୍ନ ଦେଖେ ତାର ହିସାବ ନଥାଏ । ଗୀତା ମଧ୍ୟ ତା' ସୁନେଲି ଭବିଷ୍ୟତ ପାଇଁ ଏମିତି କେତେ ସ୍ୱପ୍ନ ଦେଖେ । ତା'ର ବି.ଏ. ପଢାର ଶେଷ ବର୍ଷର ସମୟ । ସେ ଅନଲାଇନରେ ଜଣେ ଯୁବକ ସହିତ ଦିନେ ବନ୍ଧୁତା ସ୍ଥାପନ କଲା । ଯୁବକଟି ନିଜକୁ ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ପୁଅ ବୋଲି ପରିଚୟ ଦେଲା । ସେ ଫ୍ଲୋରିଡାରୁ ଏମ୍.ବି.ଏ କରି ବର୍ଷେ ହେଲା ବାପାଙ୍କ ବ୍ୟବସାୟରେ ଯୋଗ ଦେଇଛି । ତା'ର ନାମ ମନୋହର ଗୁପ୍ତା ଏବଂ ନାଗପୁର ତାଙ୍କର ନିଜର ଘର ଅଛି । ଧୀରେ ଧୀରେ ନିୟମିତ କଥାବାର୍ତ୍ତାର ଆଦାନ ପ୍ରଦାନ ଯୋଗୁଁ ସେ ଦୁହିଁଙ୍କ ଭିତରେ ଘନିଷ୍ଟତା ବଢିଲା । ଗୀତାକୁ ମନୋହର ବିନା ତା ଜୀବନର କାନଭାସ୍ ଖାଲି ଖାଲି ଲାଗିଲା । ସେ ଅନୁଭବ କଲା,ମନୋହର ବିନା ସେ ବଞ୍ଚିପାରିବ ନାହିଁ । ତେଣୁ ସେମାନେ ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଲେ ।

ସମୟ କାହାରିକି ଅପେକ୍ଷା କରେନା । ବି.ଏ. ପାଶ କଲା ପରେ ପରେ ପରିବାର ମନା

Download Magazine from www.aahwaan.com

କରିବା ସତ୍ତ୍ୱେ ମଧ୍ୟ ସେମାନେ ନାଗପୁରର କୋର୍ଟରେ ବିବାହ କଲେ । ବିବାହ ପରେ ମନୋହର ଗୀତାକୁ ଗୋଟିଏ ଭଡାଘରେ ନେଇ ରଖିଲା । ଗୀତା ଏଥିରେ ଆଶ୍ଚର୍ଯ୍ୟ ହୋଇ ମନୋହରକୁ ପଚାରିଲା ! "ଏହି ନାଗପୁରରେ ତୁମର ନିଜର ଘର ଥାଇ ଆମେ ଭଡାଘରେ କାହିଁକି ରହିବା ?" ଦେଖ ଆମେ ଦୁହେଁ ଆମ ପସନ୍ଦରେ କୋର୍ଟରେ ବିବାହ କରିବା ଯୋଗୁଁ ଆମ ଘର ଲୋକ ଟିକିଏ ଅସନ୍ତୁଷ୍ଟ ଅଛନ୍ତି । ଏମିତି ପରିସ୍ଥିତିରେ ମୁଁ କେଉଁ ସାହସରେ ତୁମକୁ ନେଇ ଆମ ଘରକୁ ଯିବି,ମନୋହର କହିଲା ।

ଗୀତା ଆଉ କିଛି ନ ପଚାରି ମନୋହରକୁ କହିଲା, ତୁମେ ବ୍ୟସ୍ତ ହୁଅନି । ଧୀରେ ଧୀରେ ସବୁ ଠିକ୍ ହୋଇଯିବ । ସମୟଠୁଁ ବଡ ବୈଦ୍ୟ ଆଉ କେହି ନାହାନ୍ତି, ଏଇ ଦୁନିଆରେ । ଦେଖିବି ଦିନେ ନା ଦିନେ ତୁମ ଘର ଲୋକ ମୋତେ ଗ୍ରହଣ କରିନେବେ ।

ଧୀରେ ଧୀରେ ସେମାନଙ୍କ ଜୀବନ ସାଧାରଣ ଗତିରେ ଆଗେଇବାକୁ ଲାଗିଲା । ହେଲେ ଗୀତା ପଡୋଶୀ ମାନଙ୍କ ସହିତ ସହଜରେ ମିଶି ପାରୁ ନଥିଲା, ତା'ର ମୁଖ୍ୟ କାରଣ ହେଲା ଭାଷା ! ନାଗପୁରରେ ପ୍ରାୟତ ସମସ୍ତେ ମରାଠୀ ଭାଷାରେ କଥା ହୁଅନ୍ତି ଆଉ ଗୀତାକୁ ମରାଠୀ ଆସେନି । ତେଣୁ ସେ ନିଜକୁ ବହୁତ ଅସହାୟ ମନେ କରେ । ପ୍ରତିଦିନ ନଅଟା ବେଳେ ମନୋହର ଘରୁ ବାହାରିଯାଏ ଆଉ ପୁଣି ସନ୍ଧ୍ୟା ଆଠଟା ବେଳକୁ ଫେରେ । ଦିନତମାମ୍ ଘରେ ଏକୁଟିଆ ବସି ବସି ଗୀତା ବୋର୍ ହୋଇଯାଏ । ବେଳେବେଳେ ମନୋହରର କଥାବାର୍ତ୍ତା ଓ ଚାଲିଚଳଣି ଦେଖି ଗୀତାର ସନ୍ଦେହ ହୁଏ । ହେଲେ ସେ ମନୋହରକୁ କିଛି କହି ପାରେନା । ବେଳେବେଳେ ସେମାନଙ୍କର ଝଗଡାବି ହୁଏ । ସେ ଝଗଡା ପୁଣି ଦୂର ହୋଇଯାଏ ମନୋହର ପ୍ରେମ ପୂର୍ଣ୍ଣ ସମ୍ଭାଷଣରେ ।

ଦିନେ ସୁଯୋଗ ଦେଖି ଗୀତା ବଜାରକୁ ଯାଇ କିଛି ବହି କିଣି ଆଣିଲା । ତା ସହିତ

Download Magazine from www.aahwaan.com

ଖଣ୍ଡିଏ ସହଜ ମରାଠୀ ଶିକ୍ଷା ବହି ମଧ୍ୟ ନେଇ ଆସିଲା । ମନୋହରକୁ ଲୁଚାଇ ଲୁଚାଇ ସେ ମରାଠୀ ଭାଷା ଶିଖୁଥାଏ । ପ୍ରାୟ ତିନିମାସ ପରେ ସେ କାମଚଳା ମରାଠୀ ଶିଖିଗଲା । ହେଲେ ସେ ମନୋହର ସହିତ କେବେବି ମରାଠୀରେ କଥାବାର୍ତ୍ତା କରେନି । କାରଣ,ସେ ଭାବିଥିଲା ଯେଉଁଦିନ ସେ ଶ୍ୱଶୁର ଘରକୁ ଯିବ ସେଦିନ ସେ ମରାଠୀରେ କଥାବାର୍ତ୍ତା କରି ସମସ୍ତଙ୍କୁ ଚମକାଇ ଦେବ । ହେଲେ ତା'ର ଭାବନା ଭାବନାରେ ହିଁ ରହିଗଲା,ଯେଉଁଦିନ ପଡୀଶାଘରର ଝିଅ ତାଙ୍କ ଘରକୁ ଆସିଲା,ସରିତାର କଥା ତା' ସ୍ୱପ୍ନର ଘରକୁ କ୍ଷଣକ ମଧ୍ୟରେ ଭାଙ୍ଗି ଚୁନା ଚୁନା କରିଦେଲା ।

ସରିତା ଆସି କହିଲା ମନୋହର କୈଣସି ବ୍ୟବସାୟୀ ନୁହେଁ ବରଂ ଗୋଟିଏ ଦୋକାନରେ ସେଲସ୍ମ୍ୟାନ ଭାବରେ କାମ କରେ । ତାର ଏ ସହରରେ କେହି ନାହାନ୍ତି କିମ୍ବା କୈଣସି ଘର ମଧ୍ୟ ନାହିଁ । ଏକଥା ଶୁଣି ଗୀତାକୁ ଚାରିଆଡ ଅନ୍ଧାର ଦିଶିଲା । ତାକୁ ଲାଗିଲା ସତେ ଯେମିତି ତା ପାଦ ତଳୁ ମାଟି ଅତଡା ଖସିଯିବ । ସେ ଏବେ କ'ଣ କରିବ କିଛି ଭାବି ପାରିଲା ନାହିଁ । କାରଣ ଏବେ ସେ ମା' ହେବାକୁ ଯାଉଛି । ସେଦିନ ମନୋହର ଘରକୁ ଫେରିଲା ପରେ ସେମାନଙ୍କ ଭିତରେ ବହୁତ କଳି ଝଗଡା ହେଲା । ଗୀତାର ଏକା ଯିଦ୍ ସେ ଶ୍ୱଶୁର ଘେରକୁ ଯିବ ଆଉ ଏ ଭଡା ଘରେ ରହିବ ନାହିଁ । ମନୋହର ବହୁତ ବୁଝେଇବା ପରେ ଯାଇ ଗୀତା ଶାନ୍ତ ହେଲା ।

ବିଧିର ବିଧାନ ବଡ ବିଚିତ୍ର । କେତେବେଳେ ଯେ କଣ ଘଟିବ କିଏ ବା କହିପାରିବ ? ଦିନେ ସକାଳେ ଘର ଆଗରେ ପୋଲିସ ଆସି ହାଜର । ଦୁଇ ବର୍ଷ ତଳର ଏକ ବୋମାମାଡ ଗଟଣାରେ ପୋଲିସ ମାମଲା ରୁଜୁକରି ଅଭିଯୁକ୍ତ ମାନଙ୍କୁ ଖୋଜୁଥିଲା । କିନ୍ତୁ ଠାବ କରି ପାରୁନଥିଲା । ଆଉ ଏକ ଜମି ମାମଲାର ଖୋଳତାଡ କରୁ କରୁ ମନୋହରର ସନ୍ଧାନ

Download Magazine from www.aahwaan.com

ପୋଲିସ ପାଇଲା । ଆଉ ଏବେ ଆସିଛି ତାକୁ ଗିରଫ କରିବାକୁ । ଦେଖୁ ଦେଖୁ ଗୀତା ସାମ୍ନାରେ ପୋଲିସ୍ ମନୋହରକୁ ଗିରଫ କରି ଥାନାକୁ ନେଇଗଲା । ଗୀତା ମୁଣ୍ଡରେ ଏବେ ଚଡକ ପଡିଲା । ସେ ଏବେ କ'ଣ କରିବ ? ତା ପାଇଁ ତ ସବୁ ବାଟ ବନ୍ଦ । ଶ୍ବଶୁରଘରର ଠିକଣା ଯେହେତୁ ଜାଣିନି, ସେଠିକି ତେଣୁ ଯାଇ ପାରିବନି । ଆଉ ବାପଘର ଲୋକମାନଙ୍କର ବିରୋଧ ସତ୍ତ୍ୱେ ସେ ମନୋହରକୁ ବାହା ହୋଇଥିବାରୁ ସେଠିକି ମଧ୍ୟ ଯାଇପାରିବନି । ଗୀତାକୁ ଲାଗିଲା ସତେ ଯେମିତି ଜୀବନର ଚାରିଛକରେ ଆଜି ଏକୁଟିଆ ଛିଡା ହୋଇଛି । ସେ କେଉଁଠିକି ଯିବ ?କ'ଣ କରିବ ? ଏହି କଥା ଭାବି ଭାବି ଆଉ କାନ୍ଦି କାନ୍ଦି ଅଖିଆ ଅପିଆ ଦୁଇଦିନ କଟିଗଲା । ହେଲେ ତାକୁ ତ ପୁଣି ବଞ୍ଚିବାକୁ ହେବ । ନିଜ ପାଇଁ ନହେଲେ ପେଟରେ ବଢୁଥିବା ଛୁଆଟେ ପାଇଁ ବଞ୍ଚିବାକୁ ହେବ । ସେ ହଠାତ୍ କିଛି ସ୍ଥିର କରିପାରୁ ନଥାଏ । ସେ ଦିନ ସେକେଣ୍ଡ ସଟରଡେ, ସରକାରୀ ଅଫିସ ସବୁ ବନ୍ଦ । ଅପରାହ୍ନ ସମୟରେ ଜଣେ ଟିପ୍ଟପ୍ ପୋଷାକ ପିନ୍ଧାବାବୁ ଆସି ତା ଘରେ ପହଞ୍ଚିଲେ । ଯାହାକୁ ଗୀତା ଆଗରୁ କେବେ ଦେଖି ନଥିଲା । ସେ' ବାବୁ ଜଣ ନିଜକୁ ମନୋହରର ବନ୍ଧୁ ଭାବରେ ନିଜକୁ ପରିଚିତ କଲେ । ମନୋହରକୁ ପୋଲିସ୍ ଗିରଫ ଖବର ଶୁଣି ସେ ତା ପାଖକୁ ଯାଇଥିଲେ । ବନ୍ଧୁର ଅନୁରୋଧ ରକ୍ଷାକରି ସେ କିଛି ସାହାଯ୍ୟ କରିବାକୁ ଆସିଛନ୍ତି । ସେ ଚଳିବା ପାଇଁ ଗୀତାକୁ ପାଞ୍ଚ ଶହ ଟଙ୍କା ଦେଲେ ଏବଂ ଯିବା ପୂର୍ବରୁ କହିଗଲେ ଯେ,ଦୁଇ ଦିନ ଭିତରେ ତା ପାଇଁ ଅଲଗା ବ୍ୟବସ୍ଥା କରିଦେବେ ।

ସେ ବାବୁ ଚାଲିଗଲା ପରେ ତାଙ୍କ କଥାରେ ଗୀତାର ସନ୍ଦେହ ହେଲା । ଗୀତାକୁ ତାଙ୍କ ଚାହାଣୀ କାହିଁକି ଭଲ ଲାଗିଲା ନାହିଁ । ଏହି ବାବୁ ଜଣଙ୍କ ଭରସାର ପାତ୍ର ନୁହନ୍ତି ବୋଲି ତାର ଦୃଢ ଧାରଣା ହେଲା । ତେଣୁ ସେ ରାତା ରାତି ସେ ସ୍ଥାନ ଛାଡି ଯିବା ପାଇଁ

Download Magazine from www.aahwaan.com

ମନସ୍ଥ କଲା । ନିଜର ଦୁଇ ଚାରିଖଣ୍ଡ ପିନ୍ଧା ଲୁଗା ଓ ସବୁ ସାର୍ଟିଫିକେଟକୁ ବ୍ୟାଗରେ ପୁରାଇ ସେହି ରାତିରେ ରେଳ ଷ୍ଟେସନ୍ରେ ଯାଇ ପହଞ୍ଚିଗଲା । ଷ୍ଟେସନରେ ପହଞ୍ଚି ଦେଖିଲା ରେଳଗାଡିଟିଏ ଆସି ପ୍ଲାଟଫର୍ମରେ ଲାଗିଛି । କିଛି ଲୋକ ଗାଡିରେ ଚଢିବା ପାଇଁ ଦଉଡା ଦଉଡି କରୁଛନ୍ତି । ସେ ବି ସେହି ଲୋକମାନଙ୍କ ସାଥିରେ ମିଶିଗଲା ଆଉ ଗୋଟିଏ ଡବାକୁ ଉଠିଯାଇ ଖାଲି ସିଟଟିଏ ଦେଖି ବସି ପଡିଲା ।

କିଛି ସମୟପରେ ଗାଡି ଚାଲିଲା । ଆଉ ଗାଡି ଚାଲିବା ସହିତ "ବଞ୍ଚିବାର ରାହା ଖୋଜି ଖୋଜି ଆଗେଇ ଚାଲିଥିଲା ଗୀତାର ମହାଜୀବନର ଯାତ୍ରା" । ଷ୍ଟେସନ୍କୁ ଆସିବା ବାଟରେ ସେ ଅଳ୍ପ କିଛି ଖାଇ ଦେଇଥିଲା । ଗାଡି ଚାଲିଲା ପରେ ଥଣ୍ଡା ପବନ ତା ଦେହକୁ ସ୍ପର୍ଶ କରିବାକୁ ଲାଗିଲା । ଥଣ୍ଡା ପବନର ସ୍ପର୍ଶରେ ତା ଆଖି ମୁଜି ହୋଇଗଲା । ବେଶ୍ କିଛି ସମୟ ସେ ଶାନ୍ତିରେ ଶୋଇପଡିଲା ।

ଏମିତି କିଛି ସମୟ ବିତିଗଲା ପରେ ହଠାତ୍ କାହାର ଡାକରେ ନିଦ ଭାଙ୍ଗିଗଲା । ଆଖି ମଳି ଦେଖେତ ସାମନାରେ ଟିଟି ତାକୁ ଟିକେଟ୍ ମାଗୁଛନ୍ତି । ବିନା ଟିକେଟରେ ଯାତ୍ରା କରିବା ଦଣ୍ଡନୀୟ ଅପରାଧ ଜାଣି ମଧ୍ୟ ସେ ଟିକେଟ କରି ନଥିଲା । ତାକୁ ତ ଲକ୍ଷ୍ୟସ୍ଥଳ ଜଣା ନାହିଁ ! ସେ କେଉଁ ଜାଗାର ଟିକେଟ୍ କାଟିବ ? ତେଣୁ ସେ କିଛି ନକହି ମୁଣ୍ଡ ତଳକୁ କରି ଛିଡା ହେଲା । ଟିଟି ସାକାନ୍ୟ ବିରକ୍ତ ହୋଇ ପରବର୍ତ୍ତି ଷ୍ଟେସନରେ ଗାଡିରୁ ଓହ୍ଲାଇ ଦେଇ ପୋଲିସକୁ ହସ୍ତାନ୍ତର କରିବେ ବୋଲି କହିବାରୁ ସେ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା । ତା'ର ଏପରି ଅବସ୍ଥା ଦେଖି ଜଣେ ଭଦ୍ରବ୍ୟକ୍ତି ତା' ପାଇଁ ପଇସା ଦେଇ ଟିକେଟର ବ୍ୟବସ୍ଥା କରିଦେଲେ । କିନ୍ତୁ ଗୀତା ସେହିପରି ଛିଡା ହୋଇ କାନ୍ଦୁଥାଏ । ତା' ପାଖକୁ ସେ ଭଦ୍ରବ୍ୟକ୍ତି ଜଣକ ଆସି ପଚାରିଲେ,"କ'ଣ ଘରୁ ରାଗିକରି ପଳାଇ ଆସିଚ କି ?",ତାଙ୍କ କଥାର କୌଣସି

Download Magazine from www.aahwaan.com

ଉତ୍ତର ନଦେଇ ସେ କେବଳ ମୁଣ୍ଡ ହଲାଇ ସମ୍ମତି ଜଣାଇଲା । ସେ ଭଦ୍ରବ୍ୟକ୍ତି ତାକୁ ଆଶ୍ୱାସନା ଦେଇ କହିଲେ,ଚିନ୍ତା କର ନାହିଁ,ତୁମ ଅସୁବିଧା କଥା ପରେ ଚିନ୍ତା କରିବା । ଏବେ ତୁମେ ନିଶ୍ଚିନ୍ତ ହୋଇ ତୁମ ସିଟ୍ରେ ବସିଯାଅ ।

ଗାଡି ସେମିତି ଚାଲିଥାଏ । ଗୀତା ତା' ଭବିଷ୍ୟତର ଅନ୍ଧକାରକୁ ଚିରି କେମିତି ଆଗକୁ ବଢିବ ସେ ବିଷୟରେ ଭାବି ଭାବି କେତେବେଳେ ପୁଣି ଶୋଇ ପଡିଛି । ରାତିପାହି ସକାଳ ହେଲା । ସେ ଭଦ୍ରବ୍ୟକ୍ତି ଜଣକ ଗାଡିରୁ ଓହ୍ଲାଇଲେ ଆଉ ତାଙ୍କ ପଛେ ପଛେ ଗୀତା ମଧ୍ୟ ଗାଡିରୁ ଓହ୍ଲାଇଲା । ଉଭୟେ ଷ୍ଟେସନ ବାହାରକୁ ଯାଇ ଗୋଟିଏ ଟ୍ୟାକ୍ସିରେ ବସିଲେ । ଗାଡି ଦୃତ ଗତିରେ କିଛିବାଟ ଗଲା ପରେ ଗୋଟିଏ କଚ୍ଚା ରାସ୍ତାରେ ଅଳ୍ପବାଟ ଯାଇ ଗୋଟିଏ ବଡ ଗେଟ୍ ସାମନାରେ ଅଟକିଗଲା । ଦୁଇଜଣ ଯାକ ଗାଡିରୁ ଓହ୍ଲାଇ ଗେଟ୍ ଖୋଲି ଭିତରକୁ ଗଲେ । ତାହାଥିଲା ଏକ ଫାର୍ମ ହାଉସ୍ । ସେମାନଙ୍କୁ ଦେଖି ଜଣେ ବୃଦ୍ଧା ଘର ଭିତରୁ ବାହାରି ଆସି ପଚାରିଲେ, "ଏ ଝିଅଟି କିଏ ?" ଭଦ୍ରବ୍ୟକ୍ତି ଜଣକ କିଛି ଉତ୍ତର ଦେବା ପୂର୍ବରୁ ଗୀତା ତାଙ୍କ ପାଦଛୁଇଁ ପ୍ରଣାମ କଲା । ପୂଅର ଉତ୍ତରକୁ ଅପେକ୍ଷା ନ କରି ବୃଦ୍ଧା ଗୀତାକୁ ସାଥିରେ ନେଇ ଘର ଭିତରକୁ ପଶିଗଲେ ।

ଜଳଖିଆ ଖାଇ ସାରି ପୁଅ ବଜାରକୁ ଗଲା ପରେ ପରେ ଘରେ ରହିଗଲେ ଗୀତା ଏବଂ ସେ ବୃଦ୍ଧା । ଗୀତାର ଚେହେରାକୁ ଦେଖି ବୃଦ୍ଧା ଜଣକ ଜାଣି ସାରିଥିଲେ କି ତା ଉପରେ ଗୋଟିଏ ଝଡ ବୋହି ଯାଇଛି । ତେଣୁ ସେ ବିଶେଷ କିଛି ନ ପଚାରି କଥା ଛଳରେ କହିଲେ," ଦେଖ୍ ମା ତୁ କେଉଁଠୁ ଆସିଛୁ,ତୋର ଏମିତି ଅବସ୍ଥା କେମିତି ହେଲା,ସେ ବିଷୟରେ ମୁଁ ତତେ କିଛି ପଚାରିବିନି" । ତୁ ଯେତେବେଳେ ମୋ ଉପରେ ଭରସା କରିବୁ,ନିଜର ଭାବିବୁ,ସେତେବେଳେ ମୋତେ ସବୁକଥା ନିଜେ ଆସି କହିବୁ । ମୋ ଉପରେ

 Download Magazine from www.aahwaan.com

ଏତିକି ଭରସା ରଖ ଆଉ ମୋତେ ତୋ ମନର ଦୁଃଖକୁ ଖୋଲି କହିଦେ । ଦେଖିବୁ ତତେ ବହୁତ ହାଲୁକା ଲାଗିବ । ଏକା ଏକା ରହିବା ଯେ କେତଯେ କଷ୍ଟକର ସେ କଥା ମୋ ଅପେକ୍ଷା ଆଉ କିଏ ବି ବୁଝିପାରିବେନି । ମୁଁ ତୋର ମା ପରି । ଏ ଘରେ ଆମେ ବୁଢାବୁଢୀ ଦୁଇଜଣଙ୍କ ଛଡା ଆଉ ଚାରିଜଣ ଲୋକ ଅଛନ୍ତି,ଚାଷ କାମ ବୁଝନ୍ତି । ଏଇ ପୁଅଟି ଯାହା ସହିତ ତୁ ଆସିଲୁ ସେ ହେଉଛି ମୋ ସାନ ପୁଅ । ସେ ଘର ଆଉ ବାହାରର ସବୁ କଥା ବୁଝେ । ମୁଁ ରୋଷେଇ କରେ,ଆମେ ସମସ୍ତେ ଏକାଠି ଏଇଠି ଖାଉ । କେତେବେଳେ ବୋହୁ ଆସେ ତେବେ ଘରେ ପିଠା ପଣା ହୁଏ । ମୋର ପାଞ୍ଚଟି ପୁଅ,ଝିଅ ଅଛନ୍ତି । ମୋର ସିନା ଜନ୍ମିତ ଝିଅ ନାହାନ୍ତି କିନ୍ତୁ ମୋର ପାଞ୍ଚବୋହୁ ମୋର ପାଞ୍ଚ ଝିଅ । ସେମାନେ ସମସ୍ତେ ମୋତେ ବହୁତ୍ ଭଲ ପାଆନ୍ତି । ମୋର ବଡପୁଅ ଇଂଜ୍ଞିନିୟର ସେ ତା ସ୍ତ୍ରୀ ସହ ଦିଲ୍ଲୀରେ ରହେ । ତା' ତଳ ଦୁଇ ଜଣ ପୁଅ ତାଙ୍କ ସ୍ତ୍ରୀଙ୍କ ସହିତ ଆମେରିକାରେ । ଚତୁର୍ଥ ପୁଅ ବୈଜ୍ଞାନିକ,ସେ ତା' ସ୍ତ୍ରୀ ସହ ବାଙ୍ଗାଲୋରରେ ରୁହେ । ଏଇ ସାନ ପୁଅଟି ମୋ ପାଖରେ ଥାଏ । ସେ ବି ଚାକିରୀ କରୁଥିଲା । କିନ୍ତୁ ଏ ଘରର ଦାଇତ୍ୱ ବୁଝିବା ପାଇଁ ସେ ଚାକିରୀ ଚାଡି ଦେଲା । ତା' ସ୍ତ୍ରୀ ଚାକିରୀ କରେ,ଏକ ସରକାରୀ କଲେଜରେ ସେ ଅଧ୍ୟାପିକା । ସେ ତା' ଚାକିରୀ ସ୍ଥାନରେ ପୁଅଝିଅ ସହିତ ରହେ । ମଉସା ସେମାନଙ୍କ ପାଖରେ ରହନ୍ତି । ଯେତେବେଳେ ପୁଅ ବୋହୁ ପାଖକୁ ଯାଏ,ମଉସା ଏଠାକୁ ଆସନ୍ତି । ପ୍ରତ୍ୟେକ ଛୁଟିରେ ବୋହୁ ଓ ପିଲାମାନେ ଏଠାକୁ ଆସନ୍ତି । ତା'ଛଡା ମୁଁ କେତେବେଳେ କେମିତି ଯାଇ ବୁଲି ଆସେ । ସବୁ ପୁଅଙ୍କର ଦୁଇଟି ଲେଖାଏଁ ପିଲା । ବଡପୁଅର ଦୁଇଟି ପୁଅ । ଅନ୍ୟ ମାନଙ୍କର ପୁଅଟିଏ ଝିଅଟିଏ । ଆମେରିକାରେ ରହୁଥିବା ବେଳେ ଦୁଇ ପୁଅଙ୍କର ପିଲାମାନଙ୍କର ଜନ୍ମ ବେଳକୁ ମୁଁ ଆମେରିକା ଯାଇ ପ୍ରାୟ ଛମାସ ଲେଖାଏଁ ଯାଇ ରହି ଆସିଛି । ଚାରିଥର ଆମେରିକା

Download Magazine from www.aahwaan.com

ଗଲାପରେ ଆଉ ମୋର ଯିବାକୁ ଇଛା ନାହିଁ । ସେମାନେ ଅନେକ ଥର ଡାକିଲେଣି । ମାତ୍ର ଏ ସ୍ଥାନ ଛାଡି ଆଉ କୁଆଡେ ଯିବାକୁ ଇଛା ହେଉନାହିଁ । ଏ ମାଟିର ମୋହ ମୋତେ ବାନ୍ଧି ରଖିଛି । ପିଲାଦିନେ ମୁଁ ଯୌଥ ପରିବାରରେ ବଢିଥିଲି । ସମୟ ବଦଳିବା ସହିତ ପରିବାରର ବୋଝ,ପିଲାଙ୍କୁ ମଣିଷ କରିବାର ଦାଇତ୍ୱ ଆଉ ମୋର ସ୍ୱପ୍ନକୁ ନେଇ ଗତି କରୁ କରୁ ଆଜି ଏ ଅବସ୍ଥାରେ ପହଞ୍ଚିଛି । ସମୟ କାହାକୁ ଅପେକ୍ଷା କରେନା । ଏଠି କିଛି ଅସୁବିଧା ନାହିଁ । ତୁ ଆସିବା ବେଳେ ଯେଉଁଠୁ କଚ୍ଚାରାସ୍ତାକୁ ଗାଡି ଓହ୍ଲାଇଲା ମାନେ ଏଠାରୁ ଚାରି କିଲୋମିଟର ଦୂରରେ ବଜାର,ଡାକ୍ତରଖାନା,କେତେକ ସରକାରୀ ଅଫିସ୍ ଅଛି । ଯାହା ଦରକାର ହୁଏ ପୁଅ ହେଉ କିମ୍ବା ଅନ୍ୟ ଲୋକମାନେ ଯାଇ ସେଠାରୁ ନେଇ ଆସନ୍ତି ।

ଗୀତା ସବୁକଥା ଶୁଣୁଥାଏ । ତା ଆଖିରୁ ଧାର ଧାର ଲୁହ ବୋହିଯାଉଥାଏ । ନିଜର କୋହ ସମ୍ଭାଳି ନପାରି ସେ କହିଲା,ତାର ଜନ୍ମ ସମୟରେ କେହି ଖୁସି ନଥିଲେ କେବଳ ମୋ ମା' ଛଡା । ମା' ମୋ ପାଇଁ ବହୁତ କଷ୍ଟ ସହିଛି । ଆମ ଘରେ ଭାଇ ମାନଙ୍କୁ ସମସ୍ତେ ଆଦର,ସ୍ନେହ କରନ୍ତି । ସେ କୁଆଡେ ତାଙ୍କ ଘର ପାଇଁ ଗୋଟିଏ ବୋଝ ଥିଲା । ଭାଇ ମାନଙ୍କୁ ଇଂଲିଶ୍ ମିଡିୟମ ସ୍କୁଲରେ ପଢାଇବାକୁ ପଠାଗଲା ଆଉ ତାକୁ ଗାଁ ସ୍କୁଲ୍କୁ । ସେ ପାଠ ପଢାରେ ଭାଇମାନଙ୍କଠୁଁ ଭଲ ଥିଲା । ତା'ର ସ୍କୁଲ ଶିକ୍ଷକ ମାନେ ଯେତେବେଳେ ତା' ବାପାଙ୍କ ଆଗରେ ତାର ପ୍ରଶଂସା କରନ୍ତି ବାପା ସେତେବେଳେ ବହୁତ ରାଗି ଯାଆନ୍ତି । ମୋ ଭଲ ମନ୍ଦର ସାଥି ଥିଲା କେବଳ ମୋ ମା' । ପରୀକ୍ଷା ସମୟରେ ଘରକାମ ନକରି ପାଠ ପଢି ବସିଲେ ଜେଜେ ମା ନାନା ପ୍ରକାର କଥା କହେ । ସେ କହେ,ହଁ ପାଠ ପଢି ମାଜିଷ୍ଟ୍ରେଟ୍ ହୋଇଯିବୁ । ସେ ପାଠଶାଠ ଛାଡି ଘର କରଣା ଶିଖିଲେ । ଘରକରଣା କାମ ଶିଖିଲେ ଶାଶୁଘରେ କାମ ଦେବ । ବହୁତ କଷ୍ଟରେ ଭଗବାନଙ୍କ ଦୟାରୁ ପ୍ରତିଦିନ ଦଶ କିଲୋମିଟର

ଦୂରକୁ ସାଇକେଲ୍ରେ ଯିବା ଆସିବା କରି ଡିଷ୍ଟିଙ୍କସନ୍ରେ ପାସ୍ କଲି । ମୋର ପାଠପଢ଼ା ଶେଷବର୍ଷ ମୁଁ ନିଜେ ମୋର ଏଇ ଦୁର୍ଦ୍ଦିନକୁ ଡାକି ଆଣିଥିଲି । ଅନଲାଇନ୍ରେ ମନୋହର ସହୁତ ବନ୍ଧୁତା । ବନ୍ଧୁତାରୁ ଘରଲୋକଙ୍କ ବିରାଧ ସତ୍ତ୍ୱେ କୋର୍ଟ ମ୍ୟାରେଜ୍ । ଶେଷରେ ଠକାମୀର ଶୀକାର ହୋଇ ଘରଦ୍ୱାର ଛାଡି ଲକ୍ଷ୍ୟହରା ହୋଇ ରେଳଗାଡିରେ ଯାଉ ଯାଉ ଆଜି ମୁଁ ଏଠି । ତଥାପି ମୋ ଦୁର୍ଭାଗ୍ୟ ମୋ ସାଙ୍ଗ ଛାଡିନି । ଏବେ ମୁଁ ଅନ୍ତଃସତ୍ତ୍ୱା । କ'ଣ କରିବି କିଛି ସ୍ଥିର କରି ପାରୁନାହିଁ ।

ଏହା ଶୁଣି ବୃଦ୍ଧା ତା ମୁଣ୍ଡକୁ ଆଉଁସି କହିଲେ,ମୋର ତ ଝିଅ ନାହାନ୍ତି । ଆଜିଠୁ ତୁ ମୋ ଝିଅ । ତୁ ଏଇଠି ରହ । ଆଗକୁ ଆଉ ପାଠପଢି ନିଜ ଗୋଡରେ ନିଜେ ଠିଆ ହୋଇ ଗର୍ବର ସହିତ ତୋ ସନ୍ତାନର ପାଳନ ପୋଷଣ କର ।

ଏତିକି ଶୁଣିବା ପରେ ଗୀତା କାନ୍ଦି କାନ୍ଦି ବୃଦ୍ଧାଙ୍କୁ କଣ୍ଢାଇ ପକାଇ କହିଲା,ମା' ମୁଁ ଏପର୍ଯ୍ୟନ୍ତ ମୋ ଭାଗ୍ୟର ନିନ୍ଦା କରୁଥିଲି । ବଞ୍ଚିବାର ରାହା ଖୋଜୁଥିଲି । ମୋର ଏତେ ବଡ ଭାଗ୍ୟ କି ମୋତେ ଆପଣଙ୍କ ଭଳି ମା' ମିଳିଗଲେ । ମୁଁ ଆଉ ଚିନ୍ତା କାହିଁକି କରିବି । ଠିକ୍ ଅଛି, ମୁଁ ବି ପାଠ ପଢିବି ନିଜ ଗୋଡରେ ଠିଆ ହୋଇ ମୋ ସନ୍ତାନକୁ ଗୋଟିଏ ସୁରକ୍ଷିତ ଭବିଷ୍ୟତ ଦେବି ।

୨୧୭,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ
ଭୋଇ ନଗର,ଭୁବନେଶ୍ୱର-୨୨
ଦୂରଭାଷା ନଂ-୯୦୯୦୪୫୯୭୪୫

 Download Magazine from www.aahwaan.com

# କିଣନ୍ତୁ ମାନବ ଅଙ୍ଗ



ମଧୁସ୍ମିତା ପଟ୍ଟନାୟକ

ମୂଳ ହିନ୍ଦୀ - ଅନୀଲ ନିଗମ 'ବେଖବର'

ଓଡିଆ ଅନୁବାଦ - ମଧୁସ୍ମିତା ପଟ୍ଟନାୟକ

ଆମ କମ୍ପାନି ଏମିତି ଏକ ଖାନ୍‌ଦାନୀ ନାକ ପ୍ରସ୍ତୁତ କରିଛି, ଯେତେ ବଡ ବଦନାମୀର ମୌକା ହେଉନା କାହିଁକି ତାହା ଉଚ୍ଚତା ଏମିତି ରଖାହେଇଛି ଯେ ତାହା କୌଣସି ପରିସ୍ଥିତିରେ ତଳକୁ ହେବନି । ନାକର ଡିଜାଇନ୍ ଆଉ ଶେପ୍ ମଧ୍ୟ ବିଭିନ୍ନ ପ୍ରକାରର ରଖାଯାଇଛି । ଆମ କମ୍ପାନୀ ଦ୍ୱାରା ପ୍ରସ୍ତୁତ ନାକର ଶୁଙ୍ଘିବା ଶକ୍ତି ପାଇଁ ପାୱାର ଫୁଲ ରିମୋଟ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି । ମାଇଲ୍ ମାଇଲ୍ ଦୁରରେ କାହା ଘରେ କ'ଣ ରନ୍ଧା ହେଉଛି ତାହା ଆପଣମାନେ ଘରେ ବସି ଶୁଙ୍ଘି ପାରିବେ...

ଆଜ୍ଞା କଣ କହିଲେ..? ଆପଣଙ୍କ ଦିଲ୍ (ହୃଦୟ)କୁ ଆପଣଙ୍କ ପ୍ରେମିକା ଭାଙ୍ଗି ଦେଇଛି ? ନୋ ପ୍ରୋବ୍ଲେମ୍ ! ଆପଣ ଆମ କମ୍ପାନି ଦ୍ୱାରା ପ୍ରସ୍ତୁତ ଅନ୍‌ବ୍ରେକେବଲ୍ ଦିଲ୍ ନେଇଯାଆନ୍ତୁ ଆଉ ଯେଉଁଠି ଯାହା ମନ ତା ସହ ଦିଲ୍ ଲଗାନ୍ତୁ । ସାହାସ ଅଛି ଯଦି ଭାଙ୍ଗିକରି ଦେଖାଅ ! ଆମ କମ୍ପାନିର ଦିଲ୍ ଫିଟ୍ କରିବା ପରେ ପ୍ରେମିକା ଯେତେ ନିର୍ଦ୍ଦୟୀ ହେଇଥାଉ କିମ୍ବା ସ୍ତ୍ରୀ ଯେତେ ଅତ୍ୟାଚାରୀ ହେଉଥାଉ,ଆପଣଙ୍କ ଦିଲ୍କୁ କେବେବି ଭାଙ୍ଗି ପାରିବେନି । କାରଣ ଏହା 'ଭଙ୍ଗାପ୍ରୁଫ୍ ଦିଲ୍' । ବଡରୁ ବଡ ଝଟ୍‌କାକୁ ଅରାମରେ ସମ୍ଭାଳି ନେବ । ରକ୍ତର ସୁପରଫାଷ୍ଟ ପମ୍ପିଙ୍ଗ୍ କରିବାରେ ଏହାର ମୁକାବିଲା ଅନ୍ୟ କେଉଁ ପମ୍ପ କରିପାରିବ ନାହିଁ । ଦୁର୍ବଳ ହୃଦୟବାଲାଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ । ଦୁଇଟା

Download Magazine from www.aahwaan.com

ଦିଲ୍ ସହ ଗୋଟେ ଛୋଟ ଦିଲ୍ ମାଗଣା । ଆମ ପାଖରେ ସବୁ ପ୍ରକାର ଦିଲ୍ ଭରପୁର ଷ୍ଟକ୍ ଉପଲବ୍ଧ ଅଛି । ଯେମିତିକି ପ୍ରେମିକର ମନ୍‌ଚଲା ଦିଲ୍, ପତିର ସହନଶୀଳ ଦିଲ୍, ପତ୍ନୀର ପ୍ରେମମୟୀ ଦିଲ୍, ନେତାର ଅଲାଜୁକ ଦିଲ୍, ପତିର ସହନଶୀଳ ଦିଲ୍, ଅପରାଧିର ହତ୍ୟାକାରୀ ଦିଲ୍ ଇତ୍ୟାଦି.., ହେଲେ ନକଲି ମାଲ୍ ପ୍ରତି ସାବଧାନ ! ଦିଲ୍ କିଣିବା ପୂର୍ବରୁ ଆମ କମ୍ପାନିର ଟ୍ରେଡ଼ ମାର୍କ ଅବଶ୍ୟ ଯାଞ୍ଚ କରିନିଅନ୍ତୁ । ଦିଲ୍ ଛଡା ଅନ୍ୟ ଅଙ୍ଗଗୁଡିକର ବ୍ୟବସାୟରେ ଆମ କମ୍ପାନି ଅର୍ନ୍ତରାଷ୍ଟ୍ରୀୟ ସ୍ତରରେ ଟକ୍କର ଦେବାଭଳି । ଲାଟେଷ୍ଟ ଟେକ୍ନୋଲୋଜି ଦ୍ୱାରା ପ୍ରସ୍ତୁତ ହେଇଥିବା ମାନବଅଙ୍ଗ ପୁରା ବିଶ୍ୱରେ ଏକ୍ସପୋର୍ଟ କରାଯାଉଛି । ଏସବୁର କ୍ୱାଲିଟି ଏତେ ବଢ଼ିଆ ଯେ ଅସଲି ମାନବ-ଅଙ୍ଗ ଏସବୁ ଆଗରେ ପାଣି ପିଇବେ । ଆସନ୍ତୁ ଏବେ ଆମ କମ୍ପାନି ଦ୍ୱାରା ପ୍ରସ୍ତୁତ ଅନ୍ୟ ମାନବ ଅଙ୍ଗଗୁଡିକରେ ବିଶେଷତ୍ୱ ବିଷୟରେ ଜାଣିବା ଯାହା ଦ୍ୱାରା ଆପନମାନଙ୍କୁ କୌଣସି ଅଙ୍ଗ ପାଇଁ ଇଆଡେ ସିଆଡେ ଚକ୍କର କାଟିବାକୁ ପଡିବନି ।

'ଗୁର୍ଦା' ମାନେ 'କିଡନୀ'- ଆଜିକାଲି ଦିଲ୍ ଭଳିଆ କିଡ୍ନି ଫେଲ୍ ହେବାର ଖତରା ସାଧାରଣ ଘଟଣା ହୋଇଗଲାଣି । ହେଲେ ଆମେ ଥାଉଁ ଥାଉଁ ଆପଣମାନଙ୍କୁ ଆଉ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଆମ କମ୍ପାନି ଏକେ ଆରକୁ ବଳି ବଢ଼ିଆ କ୍ୱାଲିଟିର କିଡନି ପ୍ରସ୍ତୁତ କରୁଛି । ଏହାର ସବୁଠୁ ବଢ଼ିଆଗୁଣ ହେଲା ଏହା ରକ୍ତକୁ ଭଲ ଭାବରେ ଛାଣି ସଫା କରିବା ସହ ପରିସ୍ଥିତିର ଗମ୍ଭୀରତାକୁ ବୁଝି ରକ୍ତକୁ କଣ୍ଟ୍ରୋଲରେ ରଖେ । ଉଦାହରଣ ସ୍ୱରୂପ,ଧରି ନିଅନ୍ତୁ ଯେ ଆପଣଙ୍କର କାହା ସହିତ ଝଗଡା ହେଲା ପରେ ଆପଣଙ୍କ ରକ୍ତ ଗରମ ହୋଇ ଫୁଟିଲେ ତାର ତାପମାତ୍ରା ବଢ଼ିବାର ଆଶଙ୍କା ଅଛି । ଦୁର୍ଯୋଗକୁ ସାମ୍ନାବାଲା ଯଦି ଶକ୍ତିଶାଳୀ ହୋଇଥିବ ଏହା ଆପଣଙ୍କ ରକ୍ତକୁ ସାଙ୍ଗେ ସାଙ୍ଗେ ଥଣ୍ଡା କରିଦେବ । ଯାହା

Download Magazine from www.aahwaan.com

ଦ୍ୱାରା ଆପଣ ଠିକ୍‌ଠାକ୍ ଲାଙ୍ଗୁଳ ଯାକି ସେଠୁ ଖସିଯିବାରେ ସଫଳ ହେବାକୁ ସକ୍ଷମ ହେବେ । ଡାକ୍ତରମାନଙ୍କ ଦ୍ୱାରା ଆମ କମ୍ପାନି କିଡ୍ନି ଲଗେଇବାର ପରାମର୍ଶ ଦିଆଗଲେ ଉଚିତ୍ କମିଶନ୍ର ବ୍ୟବସ୍ଥା ମଧ୍ୟ ରହିଛି । ହୋଲସେଲ୍ରେ କିଡ୍ନିର ଦାମ୍ ୨୫ ପ୍ରତିଶତ ଡିସ୍କାଉଣ୍ଟରେ ମଧ୍ୟ ଦିଆଯିବ ।

'ଫେପ୍ରେଡ୍' ମାନେ 'ଲଙ୍ଗ୍‌ସ'(ଫୁସ୍ଫୁସ୍)- ବିଡି,ତମାଖୁ,ସିଗାରେଟ୍ ଆଦିର ପ୍ରୟୋଗ କରୁଥିବା ଲୋକମାନଙ୍କୁ ପ୍ରାୟତଃ ଏହାର ରିପେୟରିଂ କରିବାକୁ ପଡିଥାଏ । ହେଲେ ଆମ କମ୍ପାନି ଦ୍ୱାରା ପ୍ରସ୍ତୁତ ଫୁସ୍ଫୁସ୍ ଉପରେ କୌଣସି ପ୍ରକାର ତମାଖୁ ପ୍ରଭାବ ପକେଇ ପାରିବ ନାହିଁ । ଥରେ ଆମ କମ୍ପାନି ଦ୍ୱାରା ପ୍ରସ୍ତୁତ ଫସ୍ଫୁସ୍ର ଯୋଡି ଲଗେଇ ଦିଅନ୍ତୁ । ତାପରେ ଯେତେ ଇଚ୍ଛା ସେତେ ସିଗାରେଟ୍ ପିଅନ୍ତୁ ବା ଦିନଯାକ ଗୁଟୁଖା ଚୋବାନ୍ତୁ,ଫିକର କରିବାର କିଛି ଆବଶ୍ୟକତା ହି ନାହିଁ । ଆମ କମ୍ପାନିର ଫସ୍ଫୁସ୍ ଆଗରେ ଆସ୍ଥମା ଥିବା ଲୋକର ଦମ୍ ବାହାରି ଯିବ । ଏହାର ବିଶେଷତା ହେଉଛି ଯଦି ପ୍ରଦୁଷଣ ଯୋଗୁଁ ତାଜା ଆଉ ସ୍ୱଚ୍ଛ ବାୟୁ ଆପଣଙ୍କୁ ମିଳି ପାରୁନି ତେବେ ଆପଣ ଯେ କୌଣସି ପେଟ୍ରୋଲ୍ପମ୍ପକୁ ଯାଇ ତାଜା ପବନ ନିଜ ଫସ୍ଫୁସ୍ରେ ପୁରାଇ ପାରିବେ । ଏହା ପରେ ଆପଣ ଯେତେ ଅସ୍ୱସ୍ତିକର ପରିବେଶରେ ଥାଆନ୍ତୁ ନା କାହିଁକି ଆପଣ ସହି ସଲାମତ ରହିବେ ।

'କଲେଜା' ମାନେ 'ଲିଭର'- ଆଜିକାଲି ଏ ମହଙ୍ଗା ଯୁଗରେ ବାହା ହେବାକୁ ହେଲେ ଯୁବପୀଢ଼ିର କଲେଜା ମଜବୁତ୍ ହେବା ଦରକାର ଯାହାକି ବହୁତ କମ୍ ଲୋକଙ୍କଠି ଦେଖିବାକୁ ମିଳେ । ତେଣୁ ଏ ବିଷୟରେ ଚିନ୍ତା କରି ଆମ କମ୍ପାନି ବହୁତ ରିସର୍ଚ୍ଚ କରିବା ପରେ ଏମିତି ଏକ କଲିଜା ପ୍ରସ୍ତୁତ କରିଛି ଯାହାକି ବିବାହିତ ପ୍ରାଣୀମାନଙ୍କ ପାଇଁ ବହୁତ ଉପଯୋଗୀ ଅଟେ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଲଢ଼େଇ ହେଲେ ସେମାନଙ୍କ ମଧ୍ୟରୁ ଯିଏ ଆମ କମ୍ପାନିର କଲିଜା

 Download Magazine from www.aahwaan.com

ଲଗେଇଥିବ ସେ ନିଶ୍ଚୟ ଭାଗରେ ଜିତିବ । ଯଦି ଆପଣ ଏହାକୁ ବ୍ୟବହାର କରି ନାହାନ୍ତି ତାହେଲେ ଆଜି ହିଁ ନିଜର ଅର୍ଡର ବୁକ୍ କରାନ୍ତୁ । ଯଦି ପସନ୍ଦ ନ ଆସେ ତେବେ ମନିବ୍ୟାକ୍ ମାନେ (ଟଙ୍କା ଫେରସ୍ତ ପାଇବା) ର ଫୁଲ୍ ଗ୍ୟାରେଣ୍ଟି । ପତି-ପତ୍ନୀଙ୍କ ବ୍ୟତୀତ ଆମ କମ୍ପାନି ଦ୍ୱାରା ପ୍ରସ୍ତୁତ କଲେଜା ଚାକିରି କରୁଥିବା ଲୋକମାନଙ୍କ ପାଇଁ ମଧ୍ୟ ଉପଯୁକ୍ତ । ଯେଉଁମାନଙ୍କୁ ନିଜ ବସ୍‌ଙ୍କ ସାମ୍ନାକୁ ଯିବା ଆସିବା ସମୟରେ ଭୟ ଲାଗେ ସେମାନେ ଥରଟେ ଆମର କଲିଜାକୁ ଲଗେଇ ନିର୍ଭୟ ହୋଇ ବସ୍‌ଙ୍କ ସାମ୍ନାକୁ ଯାଆନ୍ତୁ । ବସ୍ ଆପଣଙ୍କୁ ଗାଳି ଦେବା ଆରମ୍ଭ କଲେ ତାଙ୍କର କଲିଜା ଭୟରେ କମ୍ପିବ । କର୍ମଚାରୀ ୟୁନିୟନ୍ର ଲିଡର ପରା ଆମ କମ୍ପାନିର କଲିଜା ଲଗେଇ ନିଜର ସବୁ ସର୍ତ୍ତ ପୂରଣ କରେଇ ନେଉଛନ୍ତି !

ନାକ- ଆମ କମ୍ପାନି ଦ୍ୱାରା ପ୍ରସ୍ତୁତ ନାକ ଏବେ ବହୁତ ଡିମାଣ୍ଡ୍ରେ ଅଛି । କାରଣ ନାକ କାଟିବାର ଘଟଣା ଆଜିକାଲି ବହୁମାତ୍ରାରେ ବଢ଼ିବାରେ ଲାଗିଛି । ସବୁବେଳେ ସାଇ-ପଡିଶା ତଥା ବନ୍ଧୁବାନ୍ଧବ ପରସ୍ପରର ନାକ କାଟିବାର ମଉକା ଖୋଜିଥାନ୍ତି । ଆମ କମ୍ପାନି ଏମିତ ଏକ ଖାନ୍ଦାନ ନାକ ପ୍ରସ୍ତୁତ କରିଛି,ଯାହାକି ଯେତେ ବଡ ବଦ୍ନାମୀର ମୌକା ହେଉନା କାହିଁକି କେବେବି କଟିବ ନାହିଁ । ଏହାର ଉଚତାକୁ ଏପରି ରଖାଯାଇଛି ଦେ ତାହା କୌଣସି ପରିସ୍ଥିତିରେ ତଳକୁ ହେବ ନାହିଁ । ନାକର ଡିଜାଇନ୍ ଆଉ ଆକାର ବିଭିନ୍ନ ପ୍ରକାରର ରଖାଯାଇଛି । ଆମ କମ୍ପାନୀ ଦ୍ୱାରା ପ୍ରସ୍ତୁତ ନାକର ଶୁଙ୍ଘିବା ଶକ୍ତି ପାଇଁ ପାଓ୍ୱାର ଫୁଲ ରିମୋଟ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି । ମାଇଲ୍ ମାଇଲ୍ ଦୁରରେ କାହା ଘରେ କ'ଣ ରନ୍ଧା ହେଉଛି ତାହା ଆପଣମାନେ ଘରେ ବସି ଶୁଙ୍ଘି ପାରିବେ । ଆଜି ସନ୍ଧ୍ୟା ବେଳେ ସ୍ତ୍ରୀ ଖାଇବା ପୋଡି ଦେଇଛି,ଏକଥା ସ୍ୱାମୀମାନଙ୍କୁ ଅଫିସ୍ରେ ବସି ବସି ଜଣା ପଡିଯିବା ସହ ସେମାନେ ବାହାରେ ଚୁପ୍‌ଚାପ୍ ଖାଇବାର ପ୍ରୋଗ୍ରାମ୍ କରିପାରିବେ । ଆଜିର ଏଇ

ସୋସାଇଟିର ବହୁତ ଲୋକ ଆମ କମ୍ପାନିର ବଢ଼ିଆ ନାକକୁ ଲଗେଇ ବଡ ଗର୍ବର ସହ ବୁଲିଛନ୍ତି । କାହାକୁ ଜଣା ମଧ୍ୟ ପଡିବନି ଯେ ଏମାନଙ୍କର ଅସଲି ନାକ କଟିଛି ବୋଲି..

କାନ- ଯଦି ଆପଣଙ୍କ କାନ ପରିପକ୍ୱ ନୁହେଁ ତେବେ ଆମ ପାଖକୁ ଆସନ୍ତୁ । ଆମେ ଆପଣଙ୍କୁ ଏମିତି ପକ୍କା କାନ ଦେବୁ ଯାହା ଦ୍ୱାରା ଆପଣ ନିଜେ ହିଁ ନିଜ କଥା ଉପରେ ଭରସା କରି ପାରିବେନି । ପିଲାମାନଙ୍କ ପାଇଁ ବିଶେଷ ପ୍ରକାରର 'କାନମୋଡା ପ୍ରୁଫ୍ କାନ' ମିଳିବ ଯାହାକୁ ଲଗେଇବାପରେ ମା-ବାପା କି ଶିକ୍ଷକ ଯେତେ ଚେଷ୍ଟା କରନ୍ତୁ କେବେବି କାନ ମୋଡିବାରେ ସଫଳତା ହାସଲ କରିପାରିବେନି । ବିଶେଷ କରି ମହିଳାମାନଙ୍କ ପାଇଁ ତିଆରି ହୋଇଥିବା କାନରେ ଅନ୍ୟମାନଙ୍କର ଖୁସୁର୍-ଫୁସୁର୍ ଶୁଣିବା ପାଇଁ ଡିଟେକ୍ଟର ଫିଟ୍ କରାଯାଇଛି । ଏ ପଦ୍‌ଦକାର କାନ ଶାଶୁ-ବୋହୁଙ୍କ ପାଇଁ ବହୁତ ଉପଯୋଗୀ ବୋଲି ପ୍ରମାଣିତ ହୋଇ ସାରିଛି ।

ସ୍ୱାମୀ ମାନଙ୍କ ପାଇଁ ମଧ୍ୟ ଏଇ ଭଳି ବଢ଼ିଆ କାନ ପ୍ରସ୍ତୁତ କରାଯାଇଛି । ସେମାନେ ଚାହିଁଲେ ସ୍ତ୍ରୀମାନଙ୍କର କଥାକୁ ଗୋଟେ କାନରେ ଶୁଣି ଆର କାନ ବାଟେ ବାହାର କରିପାରିବେ କିମ୍ବା ଚୁପଚାପ୍ କାନର ସ୍ୱିଚ୍ ଅଫ୍ କରିଦେଇ ପାରିବେ । ତାପର ଯିଏ ଯେତେ ପ୍ରକାର କଟୁବଚନ କହୁ ସେସବୁ ଆଉ ସେମାନଙ୍କ କାନରେ ପଶିବ ନାହିଁ । ଆଜିକାଲି ହୋ-ହାଲ୍ଲାର ପଦୂଶଣ ଏତେ ବଢ଼ିଗଲାଣି ଯେ ଆମର ଏଇ ପ୍ରାକୃତିକ କାନ ସେସବୁକୁ ଆଉ ଯୋଗ୍ୟ ହୋଇ ରହିନାହାନ୍ତି । ସେଥିପାଇଁ ଆମ କମ୍ପାନିର ଭଲ୍ୟୁମ୍ କଣ୍ଟ୍ରୋଲବାଲା କାନ ଲଗାନ୍ତୁ ଆଉ ଆରାମରେ ଶବ୍ଦ ପ୍ରଦୂଶଣ ରହିତ ଜୀବନ ବିତାନ୍ତୁ । ଯୁବଗୋଷ୍ଠୀଙ୍କ ପାଇଁ ଏଫ୍.ଏମ୍. ରେଡିଓ ତଥା ସିଡି ପ୍ଲେୟରଯୁକ୍ତ କାନ ମଧ୍ୟ ଉପଲବ୍ଧ । ଏଥିପାଇଁ ଆପଣଙ୍କୁ ହେଡଫୋନ୍ ଲଗେଇବାର ଆବଶ୍ୟକତା ନାହିଁ । କାନରେ ଫିଟ୍‌କରା ହୋଇଥିବା ସୁଇଚ

Download Magazine from www.aahwaan.com

ଅନ୍ କରିବା ମାତ୍ରେ କାନରେ ପପ୍-ସଙ୍ଗ୍ ବାଜି ଉଠିବ ।

'ଜୁବାନ' ମାନେ 'ଜିଭ'- ବର୍ତ୍ତମାନ ସମୟରେ ବହୁତ ଲୋକ ନିଜ ଜିଭ ଯୋଗୁଁ ବହୁତ ହଇରାଣରେ ପଡୁଛନ୍ତି । ଏମିତିରେ ଏଇ ଜିନିଷଟା ସବୁବେଳେ ବନ୍ଦ ରହେ ନଚେତ୍ ଆବଶ୍ୟକତା ଠାରୁ ଅଧିକା ଚାଲେ । ଏଇ ଦୁଇଟା ମାମଲା ମଧ୍ୟରୁ ଯଦି ଗୋଟିକର ଆପଣ ଶୀକାର ହୋଇଥାନ୍ତି ତେବେ ତୁରନ୍ତ ନିଜର ଜୁଭକୁ ବଦଳାଇ ଦିଅନ୍ତୁ ଏବଂ ଆମ କମ୍ପାନି ଦ୍ୱରା ପ୍ରସ୍ତୁତ ସବୁଠୁ ବଢ଼ିଆ ଜିଭକୁ ବ୍ୟବହାର କରନ୍ତୁ । ଗାଁ ଭଳି ସାଦାସିଦା ବୋହୁମାନଙ୍କ ପାଇଁ ଆମେ 'କଇଁଛ ଛାପ' ଜିଭ ବନେଇଛୁ । ଏ ପ୍ରକାର ଜିଭର ଗତି ଆଉ ଧାର ଲାଜବାଜ୍ ଅଟେ । ବେପାରୀମାନଙ୍କ ପାଇଁ ସ୍ୱତନ୍ତ୍ର ଧରଣର ମିଠାକଥା କହିବା ଜିଭର ନିର୍ମାଣ କରାଯାଇଛି । ଯାହାକି ଗ୍ରାହକମାନଙ୍କୁ ପଟେଇବାରେ ସଫଳତା ହାସଲ କରିପାରୁଛି । ନେତା ତଥା ମନ୍ତ୍ରୀମାନଙ୍କ ପାଇଁ 'ଭାଷଣବାଜି ଜିଭ' ବାହାର କରିଛୁ । ଏହି ଜିଭର ବିଶେଷତା ହେଉଛି ଯେ କୌଣସି ପରିସ୍ଥିତିରେ ଯେ କୌଣସି ବିଷୟ ଉପରେ ଯେତେ ସମୟ ଲାଗୁ ବିନା ଅଟକି ଲଗାତାର ଭାଷଣ ଝାଡ଼ି ପାରିବେ । ଏହା ଛଡ଼ା

ନିର୍ବାଚନ ସମୟରେ ଏହି ଜିଭରେ ପ୍ରତିଶ୍ରୁତି ଭଣ୍ଡାର ପୂର୍ବରୁ ରେକଡର୍ ହୋଇ ରହିଛି ଯାହାକି ନିର୍ବାଚନ ପରେ ପରେ ଆପେ ଆପେ ନଷ୍ଟ ହୋଇଯାଏ । ଓକିଲମାନଙ୍କ ପାଇଁ ଆମ କମ୍ପାନି ବହୁତ ବଢ଼ିଆ ଧରଣର ଜିଭ ବାହାର କରିଛି । ଏହି ଜିଭ ବଡ଼ କୁଶଳତାର ସହ ସତକୁ ମିଛ ଓ ମିଛକୁ ସତ ପ୍ରମାଣିତ କରିବାରେ ବେଶ୍ ପାରଙ୍ଗମ । ଆଦର୍ଶବାଦୀ ଓକିଲଙ୍କ ପାଇଁ ଆମ ପାଖରେ ଅଲଗା ପ୍ରକାରର ଜିଭ ମଧ୍ୟ ଉପଲବ୍ଧ ଅଛି ଯାହାକି ନିର୍ଦ୍ଦୋଷକୁ ମୁକୁଳେଇବାର ତଥା ଦୋଷୀକୁ ଦଣ୍ଡ ଦେବାର ଦକ୍ଷତା ରଖୁଛି ।

ଆଖି- ମଣିଷର ସବୁ ଅଙ୍ଗ ମଧ୍ୟରୁ ଆଖି ହେଉଛି ସବୁଠୁ ବେଶୀ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ।

Download Magazine from www.aahwaan.com

ତା ବିନା ମଣିଷର ଜୀବନ ହୋଇଯାଏ ବିନା ଲେନ୍ସର କ୍ୟାମେରା ନହେଲେ ବିନା ବିଜୁଳିର ବଲବ୍ । ଆଖିର ମହତ୍ତ୍ୱକୁ ବୁଝି ଆମ କମ୍ପାନି ତା ଉପରେ ସ୍ୱତନ୍ତ୍ର ଭାବରେ ରିସର୍ଚ୍ଚ କରି ସବୁଠାରୁ ଉନ୍ନତମାନର ଆଖି ପ୍ରସ୍ତୁତ କରିଛି । ଲଫଙ୍ଗା-ମଜ୍ନୁ ଟାଇପ୍ର ଯୁବକମାନଙ୍କ ପାଇଁ ଏମିତି ଆଖି ତିଆରି କରିଛୁ ଯିଏକି ଯେ କୌଣସି ସୁନ୍ଦରୀ ଝିଅକୁ ଦେଖିବା ମାତ୍ରେ ଅଟୋମେଟିକ୍ ଆଖି ମାରିବା ଆରମ୍ଭ କରିଦେବ । ଫେଶନ୍ୱାଲି ଯୁବତୀଙ୍କ ପାଇଁ ଆମ ପାଖରେ 'ହରିଣଛାପ ଆଖି ଅଛି' । ସେହିପରି ଗୁଣ୍ଡାମବାଲୀମାନଙ୍କ ପାଇଁ 'ଭୟାନକ ଆଖି' ମଧ୍ୟ ଅଛି । ଏହା ସାହାଯ୍ୟରେ ଯାହାକୁ ଚାହିଁବ ସହଜରେ ଡରେଇ ଧମକେଇ ପାରିବ । ପୁଲିସ୍ୱାଲାଙ୍କ ପାଇଁ ଦମ୍ଭୀଲାଆଖି ଉପଲବ୍ଧ ଅଛି । ଏହାର ବିଶେଷତା ହେଉଛି ଯେ ଏହା ସଭ୍ୟ ନାଗରିକମାନଙ୍କୁ ଆଶ୍ୱସନା ଦେଇଥାଏ ତଥା ଦୋନମ୍ବରୀ କାମ କରୁଥିବା ଅପରାଧିମାନଙ୍କ ଆଖିରେ ଆଖି ମିଶେଇ ପାରେ । ରାଜନୀତିଜ୍ଞମାନଙ୍କ ପାଇଁ ବିଶେଷ ଭାବରେ 'କୁମ୍ଭୀରକାନ୍ଦଣା' ଆଖି ପ୍ରସ୍ତୁତ କରାଯାଇଛି । ଏହା ସାହାଯ୍ୟରେ ସେମାନେ ଜନତାଙ୍କ ସମ୍ମୁଖରେ ଦୁଃଖ ପ୍ରକଟ କରିବା ପାଇଁ କିଛି ମିନିଟ୍ ମଧ୍ୟରେ ଗ୍ୟାଲନ୍ ଗ୍ୟାଲନ୍ ଲୁହ ଝରେଇ ପାରିବେ । ବାକି ମାଗୁଥିବା ଲୋକମାନଙ୍କ ପାଇଁ ଆମ ପାଖରେ ବଢ଼ିଆ ବ୍ୟବସ୍ଥା ଅଛି । ଯାହା ସାହାଯ୍ୟରେ ସେମାନେ ଆରାମରେ ଋଣ ଦେଇଥିବା ଲୋକଠୁ ଆଖି ଚୋରେଇ ଖସି ଯାଇପାରିବେ । ପତ୍ନୀମାନେ ତ ଆମ କମ୍ପାନିର ଆଖି ଲଗେଇ ନିଜ ସ୍ୱାମୀମାନଙ୍କ ଉପରେ ସହଜରେ ନଜର ମଧ୍ୟ ରଖିପାରିବେ ।

ହାତ- କାମଧନ୍ଦା କରୁଥିବା ଲୋକମାନଙ୍କ ପାଇଁ ହାତ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ସେହିପରି ବେରୋଜଗାରମାନଙ୍କୁ ମଧ୍ୟ ହାତ ଉପରେ ହାତ ରଖି ଘରେ ବସି ରହିବା ପାଇଁ ହାତର ଆବଶ୍ୟକତା ନିଶ୍ଚିତ ଭାବରେ ଅଛି । ତେଣୁ ଏ ବିଷୟରେ ଚିନ୍ତା କରି

Download Magazine from www.aahwaan.com

ଆମ କମ୍ପାନି ବିଭିନ୍ନ ପ୍ରକାରର ହାତ ନିର୍ମାଣ କରିଛି । ମହିଳାମାନଙ୍କ ପାଇଁ କୁଶଳତାର ସହ ସ୍ୟାଣ୍ଡେଲ ଆଉ ବେଲଣାକାଠି ଚଳେଇବା ବାଲା ହାତ ବହୁତ ଲୋକପ୍ରିୟ ହୋଇପାରିଛି । ପକେଟ୍ମାରମାନଙ୍କ ପାଇଁ ଆମ ଦ୍ୱାରା ତିଆରି ହୋଇଥିବା ହାତ ଏତେ ଚତୁରତାର ସହ କାମ କରେ ଯେ ଖୋଦ୍ ପକେଟ୍ମାରକୁ ମଧ୍ୟ ଜଣା ପଡେନି କେତେବେଳେ କାମ ହୋଇଗଲା ବୋଲି । ଗୁଣ୍ଡାମବାଲିମାନଙ୍କ ପାଇଁ ସ୍ୱତନ୍ତ୍ର ଧରଣର ଫୁର୍ତ୍ତିଲା ହାତ ଆପଣଙ୍କୁ ମିଳିପାରିବ ଯାହା ସାହାଯ୍ୟରେ ଚାକୁ,ଖଣ୍ଡା,ଟାଙ୍ଗିଆ ଭଳି ଖତରନାକ ହତିଆର ବ୍ୟବହାର କରିବା ସହଜ ହୋଇପାରିବ । ଦେଶର ସୁରକ୍ଷା କରୁଥିବା ସୈନିକମାନଙ୍କ ପାଇଁ ଆମେ ବହୁତ ପରିଶ୍ରମ କରି 'ମଜବୁତ୍ ହାତ' ପ୍ରସ୍ତୁତ କରିଛୁ । ହେଲେ ଆତଙ୍କବାଦୀ ଗ୍ରାହକମାନେ ଆମକୁ କ୍ଷମା କରିବେ । କାରଣ ନିରୀହ ତଥା ନିର୍ଦ୍ଦୋଷ ଲୋକଙ୍କ ରକ୍ତରେ ହାତକୁ ରକ୍ତରଞ୍ଜିତ କରିବା ପାଇଁ ଆମ କମ୍ପାନି କୌଣସି ପ୍ରକାରର ହାତ ତିଆରି କରିନି କି ଭବିଷ୍ୟତରେ କେବେ ପ୍ରସ୍ତୁତ ମଧ୍ୟ କରିବ ନାହିଁ ।

ମସ୍ତିଷ୍କ-ମାନବ ଶରୀରର ଯଦି ସବୁଠାରୁ ଅବାଗିଆ ଅଙ୍ଗ ଖୋଜା ଯାଏ ତେବେ ତାହା ହେଉଛି ତାର ମୁଣ୍ଡ । କାରଣ ତା ଭିତରେ ଥିବା ପ୍ରତ୍ୟେକ କଳକବ୍ଜା ଏତେ କୋମଳ ଯେ ଛୋଟ ଛୋଟ କଥାରେ ଶୀଘ୍ର ଖରାପ ହୋଇଯାଏ । ଯେମିତି ବିବାହ ବାର୍ଷିକୀ ଭୁଲିଗଲେ ପତ୍ନୀର ମୁଣ୍ଡ ଖରାପ ହୋଇଯାଏ । ଚାକର ଦରମା ବଢ଼େଇବା କଥା କହିଲେ ମାଲିକର ମୁଣ୍ଡ ବିଗିଡ଼ି ଯାଏ । ତେଣୁ ଏହି ସବୁ ମୁଣ୍ଡ ଜନିତ ସମସ୍ୟା ଗୁଡିକୁ କାବୁ କରିବା ପାଇଁ ଆମ କମ୍ପାନି କମ୍ପ୍ୟୁଟର ଖଞ୍ଜିତ ମୁଣ୍ଡର ନିର୍ମାଣ କରିଛି,ଯିଏକି ପ୍ରତ୍ୟେକଙ୍କର ସୁବିଧା ଅନୁସାରେ କାମ କରିବାକୁ ସକ୍ଷମ । ତାର ମେମୋରି ଏତେ ପାଓ୍ୱାରଫୁଲ ଯେ ଗତଜନ୍ମରେ କରିଥିବା ମୁର୍ଖାମୀକୁ ମଧ୍ୟ ସେ ମନେ ରଖିଥାଏ । ଦୟାକରି ଗ୍ରାହକମାନେ ମନେରଖନ୍ତୁ ଯେ ଧୋକା

Download Magazine from www.aahwaan.com

ଦେଉଥିବା ଓ ଚାଲ୍ବାଜିରେ ଏକ୍ସପର୍ଟ ଥିବା ମୁଣ୍ଡ ଆଜିକାଲି ବହୁତ ଡ଼ିମାଣ୍ଡରେ ଅଛି । ସେଥିପାଇଁ ଆପଣମାନଙ୍କୁ ବହୁତ ଅର୍ଥ ବ୍ୟୟ କରିବାକୁ ପଡିବ ତଥା ଦୁଇବର୍ଷ ପୂର୍ବରୁ ଏପରି ମୁଣ୍ଡର ଡେଲିଭରି ହୋଇ ପାରିବ ନାହିଁ । ହେଲେ ସମଜ୍‌ଦାର ତଥା ସାଧାସିଧା କିସମ ମୁଣ୍ଡର ଫାଲତୁ ଷ୍ଟକ ଆମ ପାଖରେ ପଡ଼ି ରହିଛି । କାରଣ ଏହାର ଡିମାଣ୍ଡ ବହୁତ କମ୍ । ତେଣୁ ଏ ପ୍ରକାର ମୁଣ୍ଡ ପାଇଁ ଆମେ ୧୦୦% ପ୍ରତିଶତ ଡ଼ିସକାଉଣ୍ଟ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ଅଛୁ ।

ସାମ୍ବିଧାନିକ ଚେତାବନୀ !- ମାନବ ଅଙ୍ଗର ବ୍ୟାପାର କରିବା ଆଇନ୍ ଅନୁସାରେ ଅବୈଧ ଅଟେ । ନୋଟ୍- ଦୟାକରି ଏସବୁ ଉପରେ ଧ୍ୟାନ ଦିଅନ୍ତୁ ନାହିଁ । ଧନ୍ୟବାଦ ।

୨୭,ବ୍ରହ୍ମେଶ୍ୱର ବାଗ
ଟଙ୍କପାଣି ରୋଡ, ଭୁବନେଶ୍ୱର
ଫୋନ ନଂ-୭୨୦୫୮୫୦୮୩୧
ଭୁବନେଶ୍ୱର

Download Magazine from www.aahwaan.com

# ବାପରେ ! କେବେ ଆସିବୁ



ଜ୍ୟୋତିରଞ୍ଜନ ସାହୁ

ନୂତନ ବର୍ଷର ପ୍ରଥମ ଦିନ । ଚାରିଆଡ ଉତ୍ସବ ମୂଖର । କେଉଁଠି ସିନେମା ଗୀତର ତାଳେତାଳେ ଝୁମିଯାଉଛନ୍ତି ଯୁବଗୋଷ୍ଠୀ ତ କେଉଁଠାରୁ ଭାସି ଆସୁଛି ମଦ ମାଂସର ଉତ୍କଟ ଗନ୍ଧ ପୁଣି କିଏ ହାତପାତି ଦେଉଛି କାଳିଆ ସାଆନ୍ତ ପାଖରେ । କିନ୍ତୁ ଆଜିଭଳି ଦିନରେ ଖୁବ୍ ଚୁପ୍ ଚାପ୍ ବସିଥାନ୍ତି ବଟ ବାବୁ । ମନରେ କାହିଁକି କେଜାଣି ଭରିରହିଛି ବିଷାଦର କଳାବାଦଲ । କିଛି ସମୟ ଚୁପ୍ ଚାପ୍ ବସିବା ପରେ ବଟ ବାବୁ ଚାଲିଗଲେ ନିଜ ବେଡରୁମ୍ କୁ । ବେଡତଳେ ଥିବା ପୁରୁଣା ଟ୍ରଂକ ଭିତରୁ ବାହାର କଲେ ସେହି ପୁରୁଣା ଭଂଗା ଚଷମାଟିକୁ । ଅତି ଯତ୍ନରେ ତାକୁ ନେଇ ରଖିଦେଲେ ନିଜ ସାର୍ଟ ପକେଟରେ । ନିଜର ପୁରୁଣା ସ୍କୁଟରଟିକୁ ବାହାର କରୁକରୁ ବଟବାବୁ ଡାକ ପକାଇଲେ "ଶୁଣୁଛ ଲାଲି ! ବାହାରିଲଣି ?" କିଛି ସମୟପରେ ଘର ଭିତରୁ ବାହାରିଲେ ବଟ ବାବୁଙ୍କ ସ୍ତ୍ରୀ ଲାଲି । ବଟ ବାବୁଙ୍କ ସ୍କୁଟର ପଛରେ ବସି କହିଲେ, "ଚାଲ ।" ଆଉ ଏହାପରେ ବଟବାବୁଙ୍କ ସ୍କୁଟରଟି ମାଡିଚାଲିଲା ଆଗକୁ ଆଗକୁ । ପାଖାପାଖି ଗୋଟିଏ ଘଣ୍ଟା ସ୍କୁଟରଟି ଚାଲିବାପରେ ହଠାତ୍ ଆଟକିଗଲା କେନାଲ ରୋଡର ଗୋଟିଏ ମାଇଲ ଖୁଣ୍ଟ ପାଖରେ ଯେଉଁଥିରେ ଲେଖାଅଛି *** ବନ୍ଧ ୦୩ କିମି.□ ଗାଡିରୁ ଓହ୍ଲାଇ ଦୁହେଁ ଚୁପ୍ ଚାପ୍ ଛିଡାହେଲେ ଆଉ ଦୀର୍ଘ ନିଶ୍ୱାସଟିଏ ଛାଡି କିଛି ସମୟ ଚାହିଁରହିଲେ ନୀଳଆକାଶକୁ । ବଟବାବୁ ପକେଟରେ ଥିବା ନିଜର ଭଂଗା ଚଷମାଟିକୁ ବାହାର କରି ପିନ୍ଧିଲେ ଆଉ ଚାହିଁଲେ ଲାଲିକୁ । ଦୁହେଁ ଦୁହିଁଙ୍କୁ ଦେଖୁଥାନ୍ତି ଆଉ ଦୁହିଁଙ୍କ ନୟନରୁ ଝରିପଡୁଥାଏ ଉଷ୍ଣ ଜଳବିନ୍ଦୁ । ଆଖି ଆଗରେ ତାଂକର ନାଚିଯାଉଥାଏ

Download Magazine from www.aahwaan.com

ସେଦିନର ଘଟଣା ।

ଆଜିପରି ସେଦିନ ମଧ୍ୟ ଥିଲା ନବବର୍ଷର ପ୍ରଥମ ଦିନ । ବଟବାବୁଙ୍କ ମନ ବି ଥିଲା ଖୁବ୍ ଖୁସି । ପୁଅ ତାଂକର ଚାରିବର୍ଷ ପରେ ଆମେରିକାରୁ ଫେରିଛି । ବହୁତ ଦିନ ପରେ ପୂରା ପରିବାର ଏକାଠି ଥିଲା ନୂଆ ବର୍ଷର ପ୍ରଥମ ଦିନରେ । ସମ୍ ବଟବାବୁଙ୍କ ଏକମାତ୍ର ପୁତ୍ର । ଖୁବ୍ ଭଲ ପାଏ ବାପା ମାକୁ । ମାଙ୍କ ପାଇଁ ସିଏ ଆମେରିକାରୁ ଆଣିଥିଲା ଗୋଟିଏ ସୁନ୍ଦର ଡାଇମଣ୍ଡ ନେକଲେସ୍ । ସେହି ନେକଲେସ୍ ଟିକୁ ମା ଗଳାରେ ପିନ୍ଧେଇ ଦେଇ କହିଥିଲା, “ଆଲୋ ମା’ ଏଇ ନେକଲେସ୍ ଟା ତୋତେ ଖୁବ୍ ମାନୁଛି ।” ଏହା ଶୁଣି ବଟ ବାବୁ କହିଲେ, “ମୋତେ କାହିଁ ଭଲ ଦେଖାଯାଉନି । ବୁଝିଲ ଲାଲି ଏଇଟା ତୁମକୁ ମାନିବ ନାହିଁ । ଏଇଟା ଆମ ଭାବି ବୋହୂ ଗଳାରେ ଭଲ ମାନିବ ।” ସମ୍ ଏହା ଶୁଣି କହିଲା, “ହଁ ମୁଁ ଜାଣିଥିଲି । ତୁମକୁ ଭଲ ଲାଗିବ ନାହିଁ । ସେଇଥି ପାଇଁ ତୁମର ଏ ଚଷମାଟା ଆଣିଛି । ବହୁତ ଦାମିକୀୟା । ଏଇ ଚଷମା ଭିତରୁ ମା’କୁ ଭଲ କରି ଦେଖିଲ । ମା ସୁନ୍ଦର ଦିଶୁନି ।” ବଟବାବୁ ହସିଦେଇ କହିଲେ, “ତୁ ଟା ଭାରି ଦୁଃଷ୍ଟ ହୋଇଗଲୁଣି ଲାଗୁଛି ମାଡ ଅଭାବ ପଡିଲାଣି ।” ଏହା ପରେ ଘର ଉଲ୍ଲସିତ ହୋଇଉଠିଲା ପରିବାରର ଆତ୍ମୀୟତା ଭିତରେ । କିଛି ସମୟ ପରେ ସମ୍ କହିଲା, “ବାପା ! ଚାଲୁନ ଟିକିଏ *** ଡ୍ୟାମ ପଟେ ବୁଲାବୁଲି କରି ଆସିବା । ବହୁତ ଦିନ ହୋଇଗଲା *** ଡ୍ୟାମ ପଟେ ଯାଇନି । ଆଜି ନୂଆ ବର୍ଷଟାରେ ସେପଟେ ଟିକିଏ ବୁଲିଆସିବା । ଆଉ ହଁ ମା ମୋ ପାଇଁ ଦେଶୀ ଚିକେନ କଷା ଟା ଗରମ କରିଦେଇଥିବୁ । ମୁଁ ସଂଧ୍ୟା ରେ ଫେରି ଆସିଲେ ଖାଇବି "□ ଏହାକହି ବାହାରିଗଲେ ବାପପୁଅ ଦୁଇଜଣ । ବାଟରେ ସମ୍ ବଟବାବୁଙ୍କୁ କହୁଥାଏ, “ବାପା ଚଷମାଟା ଭଲ ହୋଇଛିନା ?” ବଟବାବୁ କହିଲେ, “ବଢିଆ ହୋଇଛି । ଅପଢା ଅଦେଖା ଲେଖାବି ସ୍ପଷ୍ଟ

Download Magazine from www.aahwaan.com

ପଢିହେଉଛି । ବିଦେଶୀ ଚଷମାଟି । କଣ ଆମର ସାହୁ ଅପଟିକାଲସ୍ ର ଚଷମା ହୋଇଛି ?" ଏହା କହି ବାପ ପୁଅ ହସାହସି ହୋଇ ସ୍କୁଟରଟିରେ ମାଡିଚାଲିଥାନ୍ତି ଆଗକୁ ଆଗକୁ ।

ସେଦିନ ସେହି ଡ୍ୟାମକୁ ପିକନିକ କରିବାକୁ ଆସିଥିଲେ ଗୋଟିଏ ଯୁବଗୋଷ୍ଠୀ । ମଦ ମାଂସର ଆସର ସାଂଗକୁ ଡିଜେରେ ଅଶ୍ଳୀଳ ଗୀତର ତାଳେତାଳେ ଅଭଦ୍ର ନୃତ୍ୟର ଆସର ଜମିଥିଲା ଡ୍ୟାମର ପିକନିକ ସ୍ପଟରେ । ନୂଆ ବର୍ଷରେ ଜୀବନକୁ ଉପଭୋଗ କରିବାର ଏହି ନିଆରା ପରମ୍ପରାଟା ଜଣାନାହିଁ ଆମ ଓଡିଆ ଯୁବଗୋଷ୍ଠୀଙ୍କ ମଧ୍ୟରେ କେବେଠାରୁ ଆଦୃତହେଲା କିନ୍ତୁ ଏକଥା ସତ ଯେ ଏହା ଆମର ଓଡିଆତ୍ୱକୁ ନଷ୍ଟ କରିଦେଲା । ସେଦିନ ସେହି ନିଶାସକ୍ତ ଯୁବଗୋଷ୍ଠୀ ପିକନିକ ସାରି ଫେରୁଥିବା ସମୟରେ ତାଂକର ଗାଡି ଚଳାଉଥିବା ନିଶାଗ୍ରସ୍ତ ଡ୍ରାଇଭର କେନାଲ ଉପର ଅଣଓସାରିଆ ରାସ୍ତାରେ ଭାରସାମ୍ୟ ହରାଇ ଧକ୍କାଦେଲା ଗୋଟିଏ ସ୍କୁଟରକୁ । ଯେଉଁ ସ୍କୁଟରଟିରେ ଆସୁଥିଲେ ବଟବାବୁ ଆଉ ତାଂକ ପୁଅ ସମ୍ । ଧକ୍କା ହେବାପରେ ସ୍କୁଟରଟି ଛିଟିକି ପଡିଲା ଅପରପାର୍ଶ୍ୱର ଜଂଗଲିଆ ବୁଦା ଭିତରକୁ । ଏହା ଦେଖି ବିଚଳିତ ନିଶାଗ୍ରସ୍ତ ଡ୍ରାଇଭର ନିର୍ଜନତାର ସୁଯୋଗନେଇ ଖସି ଚାଲିଗଲେ । ଏପଟେ କ୍ଷତାକ୍ତ ବାପପୁଅ ଦୁହେଁ ଦୁର୍ଘଟଣାପରେ ହୋଇପଡିଥିଲେ ସଂଜ୍ଞାହୀନ । କାହାରି ନଜର ପଡିନଥିଲା ସେହି ବାପ ପୁଅଙ୍କ ଉପରେ । ସଂଜ ନଇଁ ଆସିଲା ଆଉ ମାଡିଆସୁଥିଲା ରାତ୍ରି । ଶୀତୁଆ ସଞ୍ଜର କାକର ସ୍ପର୍ଶଟା ସତେ ଯେପରି ଡାକି ଉଠାଇଦେଲା ବଟବାବୁଙ୍କୁ । ଆଖି ଖୋଲିଲେ ବଟବାବୁ । କଥା କହୁଥାଏ ଯନ୍ତ୍ରଣା ଶରୀରର ପ୍ରତ୍ୟେକଟି ଅଂଗରୁ । ବହୁ କଷ୍ଟରେ ବଟବାବୁ ଡାକଲେ "ସମ୍ ! ବେଟା ସମ୍ ।" କିନ୍ତୁ ଆସିଲାନି କିଛି ଉତ୍ତର । ପୁନରାୟ ଡାକିଲେ । କିନ୍ତୁ ତାଂକ ସ୍ୱରକୁ ଗ୍ରାସ କରୁଥାଏ ସେଠାକାର ନିର୍ଜନତା । ବଟ ବାବୁ କିନ୍ତୁ ଜାଣନ୍ତି ନିର୍ଜନତା ଭିତରେ ବି ତାଂକର ସମ୍ ଏଇଠି କେଉଁଠି ଅଛି ।

Download Magazine from www.aahwaan.com

ଏତିକିବେଳେ କାନକୁ ଛୁଇଁଗଲା ଗୋଟିଏ ଶବ୍ଦ । ଆଉ ସେ ଶବ୍ଦଟା ଥିଲା ମୋବାଇଲର । କିନ୍ତୁ କେଉଁଠି ଥିଲା ମୋବାଇଲଟା ଝାପ୍ସା ଦେଖିଲେ ମୋବାଇଲର ଆଲୋକ । ଘୋସାରି ଘୋସାରି ହୋଇ ପହଞ୍ଚିଲେ ମୋବାଇଲ ପାଖରେ । କିଛି ସ୍ପଷ୍ଟ ଦେଖାଯାଉ ନଥାଏ ବଟବାବୁଙ୍କୁ । ଅପେକ୍ଷା କଲେ କଲ୍ କୁ । କିଛି ସମୟ ପରେ ପୁଣି ରିଂଗ ହେଲା ଫୋନଟି । ଏଥର କଲ୍ କୁ ରିସିଭ୍ କଲେ ବଟବାବୁ । ସେପଟରୁ ବ୍ୟସ୍ତବିବ୍ରତ ଲାଲି ବିରକ୍ତ ହୋଇ କହିଲେ, "କଣ ତୁମର କିଛି ବୁଦ୍ଧିବିବେକ ଅଛି ନା ନାହିଁ । ରାତି ୯ଟା ବାଜିଲାଣି । କେଉଁଠି ଅଛ ?" ଏକ ନିଶ୍ୱାସରେ ପ୍ରଶ୍ନ କରିଗଲେ ଲାଲି । ସେପଟରୁ ବଟବାବୁ ଏତିକି ମାତ୍ର କହିଲେ, "ଆମର ସ୍କୁଟରର ଶାଳବଣି କେନାଲ ଜଂଗଲ ପାଖରେ ଆକ୍ସିଡେଣ୍ଟ ହୋଇଯାଇଛି ।" ବାସ୍ ଆଉ କିଛି ଜାଣନ୍ତି ନାହିଁ ବଟବାବୁ । ତା ପରେ ନିଜକୁ ଠାବକଲେ ହସ୍ପିଟାଲର ବେଡ ଉପରେ । ସଂଜ୍ଞା ଫେରିବା ପରେ ତାଂକର ପ୍ରଥମ ପ୍ରଶ୍ନ ଥିଲା, "ସମ୍ କାହିଁ ! କେଉଁଠି ଅଛି ମୋ ସମ୍ ?" ଏତିକିବେଳେ ୱାର୍ଡ ବାହାରେ ଶୁଣାଗଲା ଲାଲିଙ୍କ ହୃଦୟ ବିଦାରକ କ୍ରନ୍ଦନର ସ୍ୱର । ବୁଝିବାକୁ ଆଉ କିଛି ବାକିନଥିଲା ବଟବାବୁଙ୍କର ।

ଘଟଣାର କିଛିଦିନ ପରେ ବଟବାବୁ ଆଉ ଲାଲି ଗଲେ ସେହି ଅଭିଶପ୍ତ କେନାଲ ପାଖକୁ । ବଟବାବୁ ଦେଖିଲେ ସେହି ମାଇଲ ଖୁଣ୍ଟଟି ଯେଉଁଥିରେ ସମ୍ ର ମୁଣ୍ଡଟି ଗଭୀର ଆଘାତ ପାଇଥିଲା ଆଉ ମୃତ୍ୟୁକୁ ମିଳିଯାଇଥିଲା ଗୋଟିଏ ସୁନ୍ଦର ବାହାନା । ସେଦିନ ସେହି ମାଇଲ ଖୁଣ୍ଟଟିରେ ବଟ ବାବୁ ଦେଖିପାରୁଥିଲେ ସମ୍ ର ନିରୀହ ରକ୍ତ ଛିଟା । ହଠାତ୍ କଣ ଗୋଟିଏ ଚକଚକ ଦେଖାଗଲା ବଟବାବୁକଂ ଆଖିକୁ । କିଛି ଗୋଟିଏ ମିଳିବା ଆଶାରେ ଦୌଡିଗଲେ ବଟବାବୁ । ଅତି ଯତ୍ନ ରେ ଉଠାଇଲେ ସେହି ଜଂଗଲିଆ ବୁଦା ଭିତରୁ ତାକୁ । ରାସ୍ତାରୁ ଥାଇ ଲାଲି ପଚାରୁଥିଲେ, "କଣ ପାଇଲ ?" ବଟବାବୁ କହୁଥିଲେ, "ଆରେ ଲାଲି !

 Download Magazine from www.aahwaan.com

ମୋ ସମ୍ ର ଶେଷ ସନ୍ତକଟାରେ !"

ଏକଥା ଭାବୁଭାବୁ ଲାଲି କହିଲେ ଚାଲ ଯିବା । ଏତିକି କହି ଲାଲି ସ୍କୁଟର ଡିକିରୁ ବାହାର କଲେ ଟିଫିନଟା । ଦୁହେଁ ଗଲେ ସେହି ଜଂଗଲିଆ ବୁଦା ଆଡକୁ । ଆଉ ଲାଲି ଅତି ଯତ୍ନରେ ପରଶିଦେଲେ ଦେଶୀ କୁକୁଡା ମାଂସ ଗୋଟିଏ ଶାଳପତ୍ର ଖଲିରେ । ଆଉ କହିଲେ, "ବାପାରେ ! କେବେ ଆସିବୁ । ମାଂସ ଥଣ୍ଡା ହୋଇଯିବ ରେ ।"

Download Magazine from www.aahwaan.com

# ଭଙ୍ଗାଘର



ମନୋରଞ୍ଜନ ମୁଦୁଲି

ଅତୀତର ଟୁକୁରା ବାସ୍ତବ ସବୁ ଗୋଟେଇ ଯୋଡ଼ିବା ସମ୍ଭବ ନୁହେଁ, ତଥାପି ବେଳେ ବେଳେ ମାନସପଟରେ ସ୍ୱପ୍ନ ହୋଇ ଆସିଯାଏ । ପିଲା ସମୟର ଆଦର ସ୍ନେହ ଦେଇଥିବା ସାଇ ଭାଇ ପରିବାର ପରିଜନ ଠାରୁ ଦୂରକୁ ଆସିଯାଇଛି, ଆଉ ମଧ୍ୟ ସମୟ ସୁଅରେ କିଛି ପରିଜନ ଆରପାରିକୁ ଚାଲି ଯାଇଛନ୍ତି । ତଥାପି ମନରେ ବେଳେ ବେଳେ ଅତୀତ ସେହି ଦିନଗୁଡିକ କଳାବାଦଲରେ ବିଜୁଳି ଚମକିଲା ପରି ଆସି ଥାଏ । ଆମ ଗାଁ ମୁଁଣ୍ଡର ମଶାଣି ଦୁଇପାଖରେ ବିସ୍ତୃତ ଘାସ ପଡିଆ । ପାଖରେ ସିଜୁ କଣ୍ଟାବୁଦା ଆଉ ମଝିରେ ମଝିରେ ଭୂଇଁବରକୋଳି ଆଉ ବଇଁଚକୋଳି ଗଛ । ଅନତି ଦୂରରେ ଆମ ଗାଁ ନିମ୍ନମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟ । ଖେଳଛୁଟି ସମୟରେ ଆମେ ପ୍ରାୟ ଯାଇ ବରକୋଳି ବଇଁଚ କୋଳି ତୋଳି ଖାଇଥାଉଁ । ଜଙ୍ଗଲ ଆଡ଼କୁ ଲମ୍ବିଯାଇଥାଏ ମାଟି ରାସ୍ତା । ଦୁଇ ପାଖରେ କୋରେଇଁ ଫୁଲ ସୁନ୍ଦର ଦେଖା ଯଉଥାଏ । ଅତି ମନୋରମ ଦୃଶ୍ୟ ଓ ସୁଗନ୍ଧ ବାସ୍ନାରେ ଆତ୍ମତୃପ୍ତି ମିଳୁଥାଏ । ଖେଳଛୁଟି ଘଣ୍ଟାଶବ୍ଦକୁ ଅପେକ୍ଷା କରି ରହିଥାନ୍ତି ପ୍ରତ୍ୟେକ ପିଲା । ପାଖରେ ଆମ୍ବତୋଟା, ଆମ୍ବ ବଉଳ ମହକରେ ଚାରିଆଡେ ବସନ୍ତର ବାସନ୍ତୀ ଆସର । କନିଅର ଫୁଲ ଗଛତଳେ ସ୍କୁଲ ଗେଟ୍ ପାଖରେ ଠିଆ ହୋଇ ଅପେକ୍ଷା କରିଥିଲା ମିନି କେଉଁ ସାଙ୍ଗ ଝିଅକୁ । ପିଲାବେଳେ ଖୁବ୍ ଲାଜକୁଳା ଥିଲି ମୁଁ । ଝିଅ ପିଲାଙ୍କୁ ମୁହଁ ଟେକି ଚାହିଁ ପାରୁନଥିଲି ଆନ୍ୟ ପିଲାଙ୍କ ଭଳି । ଝିଅମାନଙ୍କ ଠାରୁ ଟିକିଏ ଦୂରେଇ ରହୁଥିଲି । ପଞ୍ଚମରୁ ଷଷ୍ଠକୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଗୋଟିଏ ଅଲଗା ମଜା ଥିଲା ସେତେବେଳେ । ପଞ୍ଚମରେ ଚଟାଣରେ ବସି

 Download Magazine from www.aahwaan.com

ପଢିବା ଆଉ ଷଷ୍ଠ ସପ୍ତମରେ ବେଞ୍ଚ ଟେବୁଲରେ ପଢିବା ଏକ ଅଲଗା ମଜା । ମୁଁ ଶ୍ରେଣୀରେ ପ୍ରଥମ ଧାଡିରେ ବସେ । ମୋର ବିପରିତ ବାଳିକା ଧାଡିରେ ମିନି ବସୁଥିଲା । ଷଷ୍ଠ ଶ୍ରେଣୀରୁ ମିନି ଆମ ଗାଁ ସ୍କୁଲରେ ନାମ ଲେଖାଏ । ଦୀର୍ଘ ଏକ ବର୍ଷ ଭିତରେ ଦିନଟିଏ ବି ସେ ମୋତେ କେବେବି କଥାପଦେ କହିନଥିଲା । ଶ୍ରେଣୀ ଗୃହରେ ସେ ସବୁବେଳେ ମୋତେ ଦେଖୁଥାଏ । କେବେ କେବେ ଯଦି ମୋ ମୁହଁ କୁ ଦେଖି ଦିଏ ସେ ହସିଦେଇ ତଳକୁ ମୁହଁ କରି ଦିଏ । ମୁଁ ଯଦିଓ କେତେଥର ଦେଖିଛି ହେଲେ ମୋ ଭିତରେ ପ୍ରତିକ୍ରିୟା ଆସିନଥିଲା । ପ୍ରଥମଥର ସେଦିନ ସେ ସ୍କୁଲ କନିଅର ଗଛପାଖରେ ମୋ ହାତରେ ବରକୋଳି ଦେଖି କହିଲା ମୋତେ ଗୋଟେ କୋଳି ଦେବ । ଏତିକି ଶୁଣି ହଠାତ ମୋ ଭିତରେ ଏକ ମୃଦୁ କମ୍ପନ ଅନୁଭବ ହୋଇଥିଲା । ଟିକିଏ ଇତସ୍ତତଃ ହୋଇ ଦୁଇ ପାଖକୁ ଚାହିଁଲି, ଧରିଥିବା ଚାରିଟା କୋଳି ତା ହାତକୁ ବଢେଇ ଦେଲି । ସେ ହଠାତ ମୋତେ କହିଲା ...ଆରେ ମଜା କରୁଥିଲି ସବୁ କୋଳି ମୋତେ ଦେଇଦେଲ । ତୁମେ ଦୁଇଟି ନିଅ..ଏଇ ତୁମେ ଶବ୍ଦରେ ମୋ ଜୀବନର ପ୍ରଥମ ପ୍ରୀତି ରେଖା ହୃଦୟରେ ଆଙ୍କିଥିଲା । ଝିଅ ପିଲାଙ୍କ ଛାଇ ଦେଖିଲେ ଦୂରେଇ ଯାଉଥିଲି । ସେଦିନ ଏପରି ଏକ ଦୁର୍ବଳ ମୂହୁର୍ତ୍ତରେ ମୋ ମନକୁ ମିନି କେମିତି ଆକ୍ରମଣ କରିଥିଲା କେଜାଣି ! ଧୀରେ ଧୀରେ ସୂତାଖିଅରେ ମିଶ୍ରି ଜମାଟ ବାନ୍ଧିଲା ପରି ପ୍ରୀତିର ମଧୁ କଣିକା ଗୁଡିକ ଧୀରେ ଧୀରେ ଜମାଟ ବାନ୍ଧିବାକୁ ଆରମ୍ଭ କଲା । କଥା ହେବାକୁ ସଙ୍କୋଚ ଲାଗୁଥିଲା, ମିନି ମୋତେ ନିର୍ଭୟରେ କଥା ହେଉଥିଲା । ମୋ ମନରେ ଲଜ୍ୟା ଓ ଭୟର ଦୁଇଟି ଆସ୍ତରଣ ରହିଥିଲା । ମୁଁ ଜାଣିପାରୁ ନଥିଲି... ମିନି ମନଭିତରେ କଣ ଏଭଳି ପ୍ରେମର ପ୍ରଜାପତିଟି ଡେଣା ହଲେଇ ଉଡିବାକୁ ଚେଷ୍ଟା କରୁଛି । ଧିରେ ଧିରେ ଘୁଣ ପୋକ କଠିନ କାଠକୁ କାଟିବା ପରି ଅଦୃଶ୍ୟ ମନଭିତରେ ମଧ୍ୟ ଅଦୃଶ୍ୟ ପ୍ରେମ କୀଟ କାଟିବା ଆରମ୍ଭ କରିଥିଲା ।

 Download Magazine from www.aahwaan.com

ପ୍ରଥମ ସମ୍ଭାଷଣରେ ମିନିର ଆକର୍ଷଣ ମୋତେ ଯେତେ ପ୍ରଭାବିତ କରିଥିଲା ତା ଠାରୁ ତାର ଆଖିର ପ୍ରତିଟି ପଲକ ମୋତେ ଶରବିଦ୍ଧ କରୁଥିଲା । ମିନି ମୋ ସହ ଖୁବ ସୁନ୍ଦର ଭାବରେ ଖୋଲା ହୃଦୟରେ କଥା ହେଉଥିଲେ ମଧ୍ୟ ମୁଁ ଏତେଟା ନିର୍ମଳ ଖୋଲା ହୃଦୟରେ କଥା କରିପାରୁନଥିଲି । ତାର ସ୍କୁଲରେ ସବୁ ପିଲାଙ୍କ ସଙ୍ଗେ କଥା ବାର୍ତ୍ତା ବ୍ୟବହାର ଆତି ସୁନ୍ଦର ଓ ମାର୍ଜିତ ଥିଲେ ମଧ୍ୟ ମୋ ପ୍ରତି ଯେମିତି ଟିକିଏ ଅଲଗା ମୋତେ ପରିଲକ୍ଷିତ ହେଉଥିଲା । ମୁଁ ବେଳେ ବେଳେ ମିନିକୁ ନେଇ କଳ୍ପନାର ସାଗର ଭିତରେ ବୁଡିଯାଉଥିଲି । କଳ୍ପନା ତ ବାସ୍ତବ ନୁହେଁ...., ଭାବିଲା ପରେ ମୋ କଳ୍ପନାରେ ପୂର୍ଣ୍ଣଚ୍ଛେଦ ପକାଏ । କିନ୍ତୁ କଳ୍ପନା ଭିତରେ ମଧ୍ୟ ମୁଁ ଏକ ବାସ୍ତବ ସୁଖ ଅନୁଭବ କରି ପାରୁଥିଲି । ଆଉ ଏକ ଅବିସ୍ମରଣୀୟ ଦିନ ମୋ ସ୍କୁଲ ଜୀବନର । ଶରୀର ଅସୁସ୍ଥ ଯୋଗୁଁ ମୁଁ ଦୁଇଦିନ ସ୍କୁଲ ଯାଇ ନଥିଲି । ଏହା ଭିତରେ ମୁଁ ଆମ ସ୍କୁଲରୁ ନେସନାଲ୍ ସ୍କୋଲାର୍ସିପ୍ ପରୀକ୍ଷା ପାଇଁ ବିବେଚିତ ହୋଇଛି । ଏଖବର ପ୍ରଧାନ ଶିକ୍ଷକଙ୍କ ଠାରୁ ମିନି ଶୁଣି ସାରିଥିଲା । ଶୁଭ ଖବର ଓ ଅଭିନନ୍ଦନ ଦେବାପାଇଁ ସେ ଖୁବ୍ ଛଟପଟ ହେଉଥିଲା । ଅନ୍ୟ ପିଲା ଓ ଝିଅ କେତେ ଜଣ ଆଶାବାଦୀ ଥିଲେ । ସେମାନେ ସୁଯୋଗ ନ ପାଇ ଟିକିଏ ଆନମନା ଥିଲେ । କିନ୍ତୁ ମିନି ଏ ଖବର ଦେବା ପାଇଁ ମୋ ପାଖକୁ ଆସି ଅତ୍ୟନ୍ତ ଖୁସି ହୋଇ ଶୁଭେଚ୍ଛା ଓ ଶୁଭକାମନା କରିଥିଲା । ସେ ମୁହୂର୍ତ୍ତରେ ମୁଁ ଏକ ଅଦ୍ଭୁତ ଅନୁଭୂତି ଅନୁଭବ କରୁଥିଲି । ଲାଗୁଥିଲା ମୋ ପାଇଁ ଏ ପୃଥିବୀର ଭଗବାନ କିଛି ଆପଣାର ଲୋକ ସୃଷ୍ଟି କରିଛନ୍ତି । ମିନି କଣ ତାଙ୍କ ଭିତରୁ ଜଣେ ।

ନିମ୍ନ ମାଧ୍ୟମିକ ପରୀକ୍ଷାରେ ଓ ନେସନାଲ୍ ସ୍କୋଲାର୍ସିପ୍ ପରୀକ୍ଷା ଭଲ ନମ୍ବର ରଖି ପାସ କଲାପରେ ମୋତେ ସରକାରୀ ବିଦ୍ୟାଳୟରେ ପଢ଼ିବାକୁ ପଡ଼ିଲା । ଅନ୍ତେବାସୀ ହୋଇ

Download Magazine from www.aahwaan.com

ପଢ଼ିବାକୁ ହେଲା । ମିନି ମଧ୍ୟ ଆମ ଗାଁ ସ୍କୁଲରୁ ପାସ କରି ପାଖ ହାଇସ୍କୁଲକୁ ପଢ଼ିବା ପାଇଁ ଚାଲିଗଲା । ମନେ ମନେ ଅନେକ ସମୟରେ ମିନି କଥା ମନେପଡେ । ତା'ର ସ୍ମିତହସ ଭିତରେ ଅନେକ ଅକୁହା କଥା ଯେମିତି ଅସ୍ପଷ୍ଟରେ କହି ହେଉଥିଲା । ପଢ଼ାର ଚାପ ଭିତରେ ମଧ୍ୟ ମିନିର କଥା ଚାଲି ହସ ଯେମିତି ମୋ ସ୍ମୃତିରେ ସେମିତି ଅପରିବର୍ତ୍ତି ରହିଥିଲା । ଛୁଟିରେ ହଷ୍ଟେଲରୁ ଘରକୁ ଆସିଲେ ଅନେକ ଥର ଭାବେ ପାହାଡ ଆରପଟେ ମିନିର ଗାଁକୁ ସାଇକେଲ ନେଇ ଯାଇ ଥରେ ବୁଲି ଆସନ୍ତି ସୌଭାଗ୍ୟ ବସତଃ ଗାଁ ଦାଣ୍ଡରେ ଦେଖା ଟିକିଏ ହୋଇ ଯାଆନ୍ତା । ଥରେ ଦୁଇ ଥର ମଧ୍ୟ ମିନି ଗାଁର ମୋ ପୁରୁଣା ବନ୍ଧୁ ସଙ୍ଗେ ଯାଇଛି, ହେଲେ ଥରଟିଏ ବି ମିନିକୁ ଦେଖି ପାଇନଥିଲି ।

ଆଶା ଥିଲା ମ୍ୟାଟ୍ରିକ୍ ପରୀକ୍ଷା ସେଣ୍ଟର ପ୍ରତି ବର୍ଷ ଗୋଟିଏ ସ୍କୁଲରେ ପଡ଼େ । ନିଶ୍ଚୟ ସେଇଠି ଦେଖା ହେବ । ଏଇ ଆଶାଟି ମଧ୍ୟ ପରୀକ୍ଷାର ପନ୍ଦର ଦିନ ଆଗରୁ ଲିଭିଯାଇଥିଲା । ସେ ବର୍ଷ ଆମ ହାଇସ୍କୁଲରେ ମିନିର ସେଣ୍ଟର ପଡ଼ିଲା ଆଉ ଆମମାନଙ୍କ ଅନ୍ୟ ଏକ ହାଇସ୍କୁଲରେ ପଡ଼ିଥିଲା । ମିନି ସହ ଦେଖାହେବାର ସୁଯୋଗ ଆଉ ମିଳିନଥିଲା । ପରୀକ୍ଷା ପରେ ହଷ୍ଟେଲରୁ ମୋର ସବୁ ବେଡିଙ୍ଗ ପତ୍ର ନେଇ ଘରକୁ ଫେରିବା ପରେ ମନରେ ଆଉ ପାଠପଢ଼ା ଚିନ୍ତା ନଥିଲା । ଦୁଇ ମାସ ପୁରା ଛୁଟି । ମାଇଁ ଆସିଥିଲେ, ବୋଉକୁ ମଧ୍ୟ କହିଛନ୍ତି ପରୀକ୍ଷା ପରେ ମାସକ ପାଇଁ ମାମୁ ଘରକୁ ଯିବା ପାଇଁ ।

ମୁଁ ମାତ୍ର ପାଞ୍ଚଟି ଦିନ ମାମୁଁ ଘରେ ରହିଛି ଫେରି ଆସିଲି । ମନଟା କିନ୍ତୁ ଏକ ପୁରୁଣା ନିଶାକୁ ପୁଣି ଆପଣେଇବା ପାଇଁ ସ୍ୱପ୍ନ ଦେଖୁଥିଲା । ମନଟା କାହିଁକି ଏଇମିତି ଏକ ମରୀଚିକା ପଥରେ ଧାଇଁ ଥାଏ । ଏଇଟା କଣ କୈଶୋର ବୟସରେ ଏକ ଭାବପ୍ରବଣ ରୋଗ ନା ଏଇଟା ବୟସର ଦୋଷ । ଏଇଟା କେବେବି ମୋ ମନରେ ସେତେବେଳେ ଆସି ନଥିଲା । କୈଶୋର

Download Magazine from www.aahwaan.com

ବୟସର ପ୍ରଣୟ ପରିଧି ଟା ବଢ଼ି ବଢ଼ି ଚାଲିଥାଏ । ବୈଶାଖ ମାସ ପଣା ସଂକ୍ରାନ୍ତିରେ ପ୍ରତି ବର୍ଷ ମିନିର ଗାଁର ପାହାଡ ତଳ ଝରଣା ପାଖ ସିଦ୍ଧେଶ୍ୱର ମନ୍ଦିରରେ ମେଳା ଲାଗେ । ସାତଦିନ ମେଳା ଓ ରାତିରେ ବାଦୀ ପାଲା ହୋଇଥାଏ । ଆଶା ଥିଲା ହୁଏତ ଏଥର ମିନି ସହ ବୈଶାଖୀ ମେଳା କିମ୍ବା ବାଦୀପାଲାରେ ଭେଟ ହୋଇପାରେ । ଘରେ ବୋଉ ବାରଣ କରିଥିଲା ରାତି ଅନିଦ୍ରା ହେଇ ପାଲା ଦେଖି ଯାଆନା । କିନ୍ତୁ ମନଟା ଛଟପଟ ହେଉଥିଲା ଏକ ବହୁ ପ୍ରତିକ୍ଷୀତ ଆଶାକୁ ନେଇ । ଗୋଟିଏ ଦିନ ବୋଉର ବାରଣ ସତ୍ତ୍ୱେ ଯାଇଥିଲି । ପାଲା ଆରମ୍ଭ ପୂର୍ବରୁ ମୋର ଆଖି ଦୁଇଟା ଚଳଚଞ୍ଚଳ ହୋଇ ଉଠି ଥିଲା । ଖୋଜୁଥିଲା ଆକାଶର ଶତ କୋଟି ତାରା ମଧ୍ୟରୁ ବହୁ ପ୍ରତିକ୍ଷିତ ଧୃବ ତାରାଟିକୁ । ସୌଭାଗ୍ୟ ବସତଃ ମୋର ମିନି ଉପରେ ନଜର ପଡ଼ିଲା । ସତରେ ସେ ଥିଲା ଅନନ୍ୟା ନକ୍ଷତ୍ର ଧୃବତାରା । ବାରି ହେଉଥିଲା ଶହ ଶହ ଦର୍ଶକଙ୍କ ମଧ୍ୟରେ ନିଆରା । ମୁଁ ମୋର ଦୁଇ ଆଖିକୁ ବିଶ୍ୱାସ କରିପାରୁନଥିଲି । ସେଇଠି ବସିଛି ....ସେ ମିନି ତ । ଏମିତି ଚିନ୍ତା କରୁଥିବା ଭିତରେ ତା ପାଖରେ ବସିଥିଲା ତାର ସାଙ୍ଗ ଲତା । ସିଏ ମଧ୍ୟ ଆମର କ୍ଲାସରେ ସେକେଣ୍ଡ ହେଉଥିଲା । ଲତା ମୋତେ ଠିକ୍ ଚହ୍ନିପାରି ମିନି କାନ ପାଖରେ କିଛି ଫୁସ୍ ଫୁସ୍ କରି ମୋ ଆସିବା ସମ୍ବାଦଟା ପ୍ରାୟ କହିଥିବ । ହଠାତ ମିନି ବସିଥିବା ଜାଗାରେ ଠିଆ ହୋଇ ମୋ ଆଡ଼କୁ ଖୋଜିଲା ଖୋଜିଲା ଦୁଇ ଆଖିକୁ ନିକ୍ଷେପ କରି ଥିଲା । ହଠାତ୍ ମୋତେ ଦେଖିଲା ପରେ ଦିତୀୟା ଚାନ୍ଦ ଟା ଯେମିତି ପୂନେଇ ଚାନ୍ଦ ପରି ହସିଉଠିଥିଲା । ମୋ ପାଖକୁ ଉଠିଆସୁଥିଲା ।ବସିଥିବା ଲୋକ ଭିଡକୁ ଆଡେଇ ଆଡେଇ ବାହାର କୁ ଆସି ଥିଲା ମିନି । ହାତ ଠାରି ମୋତେ ଡାକୁଥିଲା ମିନି । ମୁଁ ଭିଡ଼ ଅତିକ୍ରମ କରି କେମିତି ଆସିଥିଲି ଜାଣିପାରିନଥିଲି ।ମିନି ମୋର ଡାହାଣ ହାତକୁ ଦୁଇହାତରେ ମୁଠେଇ ଧରି କହିଲା ମୋ

 Download Magazine from www.aahwaan.com

କଥା ମନେପଡ଼େ ।ତୁମ ପରୀକ୍ଷାରେ ନିଶ୍ଚୟ ଭଲ ହୋଇ ଥିବ ।ମୁଁ ପ୍ରତିଦିନ ଠାକୁର ଙ୍କ ପାଖରେ ତୁମ ପରୀକ୍ଷା ଭଲ ପାଇଁ ଜଣାଏ । ନିଶ୍ଚୟ ଭଲ ରେଜଲ୍ଟ ହେବ । ଏତେ ସବୁ ମିନି ମୁହୂର୍ତ୍ତ କ ମଧ୍ୟରେ କହିଯାଇଥିଲା । ନିର୍ବାକ ହୋଇ ଶୁଣୁଥିଲି । ନିରବତା ଭଙ୍ଗ କରି ପଚାରିଲି ଭଲ ଅଛ ??? ସତେ ଯେମିତି ମୋ ବାକ୍ ଶକ୍ତି ରୁଦ୍ଧ ହୋଇ ଖାଲି ପ୍ରତିଧ୍ୱନୀ ହେଉଥିଲା ଭଲ ଅଛ ଶବ୍ଦଟା । ମିନି କହୁଥିଲା ଚାଲ ଘରକୁ ଯିବା ଆମଘର ତୁମେ ଦେଖି ନଥିବ । ଘରେ ବସି ତୁମସହ ବହୁତ କଥା ହେବି । ତୁମେ ତ କିଛି ପଚାରୁ ନାହଁ ।କଣ ତୁମ ମନ ଠିକ ନାହିଁ ।ଏମିତି ଅନେକ କଥା କହି ଚାଲିଥାଏ ମିନି ।ସ୍ଥିର ହେଇ ଚାହିଁ ରହିଥାଏ ମିନିର ଦୁଇ ଆଖିକୁ ।ସେ ଯାହା କହୁଥିଲା ଆଖି ଦୁଇଟା ତା ଠାରୁ ଅଧିକ ଅବ୍ୟକ୍ତ ଭାଷା ରେ କହିଲା ପରି ମନେହେଉଥିଲା ।ମୋର ଅନିଚ୍ଛା ସତ୍ତ୍ୱେ ମିନି ତାଙ୍କ ଘରକୁ ଡାକି ନେଇଥିଲା । ମିନିର ମା ମିନିକୁ ପାଲା ପାଖରୁ ଫେରିବା ଦେଖି ପଚାରିଲେ , କାହିଁକି ପାଲା ପାଖରୁ ଚାଲି ଆସିଲୁ , ପାଲା କଣ ଭଲ ହେଉନାହିଁ । ମିନି ଉତ୍ତର ରେ କହିଲା ... ନାଁ ମା, ମୋ ସ୍କୁଲର ଜଣେ ସାଙ୍ଗ ଆସି ଛନ୍ତି ।ସେ ଆମଘର ଟି କେବେ ଦେଖିନାହାନ୍ତି ।ଦେଖେଇବା ପାଇଁ ଆଣି ଛି ।ମୁଁ ମିମି ବାପା ଓ ବୋଉଙ୍କୁ ପ୍ରଣାମ କରି ଥିଲି ।ମିନି ମୋର ପରିଚୟରେ କହିଲା ଏ ଆମ କ୍ଲାସ ର ଫାଷ୍ଟ ହୁଅନ୍ତି ଆଉ ସ୍କୋଲାର୍ସିପ୍ ହୋଲ୍ଡ଼ର୍ । ଦୁଇ ଜଣ ପ୍ରାୟ କୋଡିଏ ମିନିଟ୍ କଥାବାର୍ତ୍ତା ହୋଇ ଧୀରେ ଧୀରେ ମେଳା ଆଡ଼କୁ ଫେରି ଆସି ଥିଲୁ ।

ସେହି ଦିନର ମିନି ଘରେ ମାତ୍ର ଅଳ୍ପ କେତେ ମିନିଟରେ ମୁଁ ଯାହା ଦେଖିଥିଲି ମୋ ମନରେ ଅନେକ ଗୁଡ଼ିଏ ରେଖା ଟାଣି ହୋଇଯାଇଥିଲା । ସେ ଦିନର ମିନି ଘରର ପ୍ରତି ଟି ଛବି ମନେ ରହିଛି । ଅନେକ ଦିନ ପୁରୁଣା ମାଟି ଘର । ଜରାଜୀର୍ନ୍ନ ଅବସ୍ଥା ରେ ଘରର ଚାଳ ଛପର ।ଦୁଇ ବଖରା ଘର ,ଭିତର ଅଗଣା ରେ ରୋଷେଇ ଅଉ କାଠର ଦୁଇଟା ପୁରୁଣା

Download Magazine from www.aahwaan.com

ଚେୟାର ।ଶାସନ ବ୍ରାହ୍ମଣ ପରିବାର ।ମିନିର ବାପା ପେଷାରେ ପଣ୍ଡିତ ଯଜମାନି କରନ୍ତି ।ଅଗଣାରେ ମିନିର ବାପା ପାଲା ଶୁଣି ଶୁଣି ତାକୁଡୀରେ ସୂତା ପାକଳ କରୁଥିଲେ ପଇତା ପାଇଁ । ସ୍ୱଳ୍ପସମୟ ଭିତରେ ମିନିର ମା ଗୋଟିଏ କଂସା ଥାଳିରେ ଦୁଇଟି ଚକୁଳି ପିଠା କ୍ଷୀର ଚିନି ଆଉ କାଚଗ୍ଲାସ୍ ରେ ପାଣି ଧରି ହାଜର । ମୋର ବାରଣ ସତ୍ତ୍ୱେ ମିନି ଚେଆର୍ ଟିଏ ଆଣି ଥୋଇଦେଲା । ଆତିଥ୍ୟତା କୁ ଏଡେଇ ନପାରି ଗୋଟିଏ ପିଠା ଖାଇଲି । ପାଣି ଗ୍ଲାସ ମିନି ମୋ ପାଖରେ ଧରି ଠିଆହୋଇ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲି ଥାଏ ।ମିନି ମା କହୁଥିଲେ ...କେତେ ଗପୁଚୁ ପୁଅଟାକୁ ଖାଇବାକୁଦେ । ସଙ୍ଗେ ସଙ୍ଗେ ତଉଲିଆ ଆଣି ମିନିର ମା ଆସି ଥିଲେ । ଏଇ କେଇପଦ କଥାବାର୍ତ୍ତା ଭିତରେ ଅନେକ ଆନ୍ତରିକତା ଅନୁଭବ କରୁଥିଲି । ସେହି ବୈଶାଖୀ ସନ୍ଧ୍ୟା ପରେ ମିନି ସଙ୍ଗେ ଦେଖା ହୋଇନଥିଲା ।କଥା ହେବାର ସୁଯୋଗ ମିଳିନଥିଲା ।ଏବେ ଯେମିତି ମୋବାଇଲ ଆଉ ଫୋନ୍ ବହୁଳ ସେସବୁ ସାତସପନ ଥିଲା ।ମୋର ରେଜଲଟ୍ ବାହାରିଲା,କଲେଜରେ ଆଡ଼ମିଶନ ହେଲା ।ଗାଁ ମାଟି ଛାଡ଼ି ସହରକୁ କଲେଜ ଆଉ ଇଞ୍ଜିନିୟରିଂ କରିବା କୁ ଚାଲି ଯାଇଥିଲି । ଇଞ୍ଜିନିୟରିଂ ଚାକିରୀ ମଧ୍ୟ କଲିକତା ରେ ପାଇଲି । ଗାଁର ସବୁ ବାସ୍ତବ ନିଛକ ସଂପର୍କ ଗୁଡ଼ିକ ସହରୀ ହାଏ ହାଲୋ ଆଡ଼କୁ ଧୀରେ ଧୀରେ ପରିବର୍ତ୍ତିତ ହୋଇଯାଉଥିଲା ।ଏହା ଭିତରେ ଦୀର୍ଘ ବାର ତେର ବର୍ଷ ବିତିଯାଇ ଥିଲା ।ଗାଁ ଭିତରୁ ଆମେ କକା ମାନଙ୍କୁ ଆମର ପୈତୃକ ପୁରୁଣା ଘରଦ୍ୱାର ଛାଡି ଟାଉନ କୁ ଚାଲି ଆସି ଥିଲୁ ।ମୁଁ କଲିକତାରୁ ଘରକୁ ଛୁଟି ନେଇ ଆସିଥିଲି । ସକାଳୁ ଅଗଣାରେ ବସି ଚା ପିଉଥିଲି ।ମୋ ବୋଉ କହିଲେ ଆରେ ଆସିଛୁ ତ ଟିକିଏ ଆମ ଗାଁ ଭିତର ପୁରୁଣା ଘର ଆଡେ ବୁଲି ଆସିବୁ ।ସମସ୍ତଙ୍କୁ ଭେଟିଆସିବୁ ।

ସକାଳ ସାତଟାରେ ମୁଁ ଆମ ପୁରୁଣା ଘର ଅଭିମୁଖେ ଗାଡ଼ି ନେଇ ବାହାରିଲି ।ଗାଁ

 Download Magazine from www.aahwaan.com

ରାସ୍ତା ସବୁ ନୂଆ ନୂଆ ଲାଗୁଥିଲା । ଆମଘର ପଖ ବଉଳ ଗଛ ଆଉ ନାହିଁ । ଗାଁର ମଝିରେ ବଡ଼ କୂଅରେ ବରଗଛ ଗୋଟିଏ । ପରିତ୍ୟକ୍ତ ଅବସ୍ଥା ଭଳି ଲାଗୁଥିଲା । ଗାଁରେ ପାଣି କଳ ଲାଗିଲାଣି । ପୁରଣା ଘର ସ୍ଥାନରେ କିଛି ପକ୍କାଘର ମଧ୍ୟ ଦେଖି ଥିଲି । ଆମ ପୁରୁଣା ଘରେ ବଡ଼ମାଙ୍କୁ ପ୍ରଣାମ କରି ଭିତରକୁ ଗଲି । ମୋର ପୁରଣା ସେହି ପଢ଼ା ଟେବୁଲ ଚେୟାର ।ଚେୟାର ଟାଣିଆଣି ବସିଲି । ଆମ ବଡ଼ମା ସଙ୍ଗେ କଥା ବାର୍ତ୍ତା ହେଉ ହେଉ ପଢ଼ା ଟେବୁଲ ଉପରେ ଅନେକ ଦିନରୁ ପଡ଼ି ଥିବା କେତେଟା ଲଫାଫା ଓ ନିମନ୍ତ୍ରଣ କାର୍ଡ଼ ମୋ ଆଖରେ ପଡ଼ିଲା । ଗୋଟାଏ ଶୁଭବିବାହ ଲେଖା ଥିବା ଖାମ୍ ହାତରେ ନେଇ ଦେଖିଲି ବହୁତ ଦିନର ପୁରୁଣା କାର୍ଡ଼ ।ଖୋଲିଲି...ଭିତରେ ଲେଖାଥିଲା ଶକୁନ୍ତଳା(ମିନି) ୱେଡ଼ସ୍ ପ୍ରଭାତ (ରାଜୁ)ହଠାତ୍ କାର୍ଡ଼ ରୁ ନାଁଟା ଆବିଷ୍କାର କଲାପରେ ମୋ ମନରାଇଜରେ ପୁଣି ସେହି ସୁପ୍ତ ଭାବପ୍ରବଣତା ଜାଗ୍ରତ ହୋଇ ଥିଲା । କାର୍ଡ଼ ଟା ପୁରା ଖୋଲିଲି....ଭିତରେ ଆଉଏକ ଛୋଟ କାଗଜ । ମିନିର ହାତଲେଖା ଛୋଟ ଚିଠିରେ ଲେଖାଥିଲା "ପାଇବ କି ନାହିଁ ଜାଣେନା ପାଇଲେ ନିଶ୍ଚୟ ଆସିବ । ମୁଁ ବହୁତ ଖୁସିହେବି"□ ଏମିତି ପଢିବା ଭିତରେ ମୋର ଛାତି ଟା କ୍ରମଶଃ ପ୍ରସାରିତ ହୋଇ ଯାଉଥିଲା□ କାର୍ଡ଼ ଟା ଚାରି ପାଞ୍ଚଥର ପଢ଼ି ଥିଲି । କାର୍ଡ଼ ଟା ଉପରେ ମୋ ନାମ ଲେଖା ଥିଲା । କାର୍ଡ଼ ଟା ନେଇ ଗାଡ଼ିରେ ରଖିଲି । ପୁଣି ଚାଲିଲି ପାହାଡ଼ ସେପାରି ମିନିର ଗାଁ ଆଡେ । ଯିବା ବାଟରେ ସେହି ପୁରୁଣା ଗାଁ ସ୍କୁଲ ଆହୁରି ମୋ ମନ ଭିତରେ ଅତୀତ କୁ ମନ୍ଥନ କରୁଥିଲା । ପାହାଡ ପାରିହୋଇ ମିନି ଗାଁର ମଝିରେ ଗାଡ଼ି ରଖିଲି ।ଜଣେ ବୟସ୍କ ଲୋକ ମୋ ଗାଡ଼ି ପାଖକୁ ଆସି ପଚାରିଲେ ।ବାବୁ କାହାକୁ ଖୋଜୁଛନ୍ତି...□ମୁଁ ଆଙ୍ଗୁଳି ଦେଖାଇ ଭଙ୍ଗାରୁଜା ମାଟି କାନ୍ଥ କେଇଟାକୁ ନିର୍ଦ୍ଦେଶ କରି ପଚାରିଲି ମଉସା ଏଇ ଭଙ୍ଗା ଘରଟା କାହାର । ସେ ଉତ୍ତର ରେ କହିଲେ । ଆମ ଶାସନ ର

Download Magazine from www.aahwaan.com

ମୁଖ୍ୟ ପିତାମ୍ବର ମିଶ୍ର ଥିଲେ, ତାଙ୍କ ଘରଥିଲା । ବୁଢ଼ା ବୁଢୀ ପାଞ୍ଚ ବର୍ଷ ହେବ ଏକା ବରଷ ରେ ସ୍ୱର୍ଗ ବାସହେଲେ । ଘର ଅବସ୍ଥା ଭଲ ନଥିଲା ।ଦୁଇ ତିନି ବର୍ଷ ହେବ ଝଡ଼ ବର୍ଷାରେ ଭାଙ୍ଗିଗଲା । ମୁଁ ପଚାରିଲି ତାଙ୍କର ଏଠି ଆଉ...ଏତିକି କହୁ କହୁ ମଉସା ଜଣକ କହିଲେ ।ନା...ଗୋଟାଏ ଝିଅକୁ କେବେଠୁ ବାହା କରେଇ ଦେଇ ଛନ୍ତି । ଜୋଇଁ ବଡ ଲୋକ ...ଗାଡ଼ି...ବାଡି... ଫେକିଟିରି... □ବଡ଼ଲୋକ ଆଉ ଏଣେ କିଏ ଆସିବ । ଘର ଦିବଖରା ଭାଙ୍ଗି ଦିହଟା ପଡ଼ିଛି । ମଉସାଟିର କଥା ଶୁଣୁ ଶୁଣୁ ମନଟା ଖୋଜୁଥିଲା ଆଉ କାହାକୁ ।ପଚାରିଲି ଝିଅ ଜୋଇଁ ଏବେ କେଉଁଠି । ଶୁଣିଥିଲୁ ପାରାଦୀପ ଆଡେ କୁଆଡେ ରୁହନ୍ତି ।ଏହାପରେ ମଉସା ଙ୍କୁ ନମସ୍କାର କରି ଗାଡ଼ି ବୁଲେଇ ଫେରିଲି ଘରକୁ । ସେ ପୁରୁଣା ନିମନ୍ତ୍ରଣ ପତ୍ରଟି ଗାଡ଼ି ରୁ ନେଇ ମୋ ସୁଟକେସ୍ ରେ ରଖିଲି । ସେହି କାର୍ଡ଼ ଟା ମୋତେ ଆଜି ବି ଅନେକ ପ୍ରଶ୍ନ ପଚାରୁଛି । ଆଉ ସେଦିନ ଯେଉଁ ଘର ଅଗଣାରେ ମୁଁ ଚକୁଳି ପିଠା ଖାଇଥିଲି , ଆଜି ତାର ଏମିତି ଅବସ୍ଥା । ମିନିର ବାହାବେଦୀ ତ ଏଇ ଘର ଅଗଣା ରେ ହୋଇଥିବ । ଏଇ ଘର କାନ୍ଥରେ ମିନିତ ଘୃତ ସିନ୍ଦୂର ଟିକା ସାତ ବସୁଧାରା ଲଗେଇ ଯାଇ ଥିବ ।ଆଜି ଏ ଭଙ୍ଗା ଘରକୁ ମିନି କଣ ତିର୍ଥର ମାନ୍ୟତା ଦେଇନଥିବ ! ମିନି କଣ ତାଜମହଲ ର ସ୍ୱପ୍ନରେ ତା ଏନ୍ତୁଡି ଶାଳକୁ ଭୁଲି ଯାଇ ଥିବ ।ବାହାଘର ପରେ ଝିଅ କଣ ପିତୃ ପୁରୁଷ ପୁରୁଣା ଘରକୁ ଭୁଲିଯାଏ । ଭଙ୍ଗା ମାଟିର ଚାରିଟା କାନ୍ଥକୁ ମିନି କଣ ପ୍ରାଚୁର୍ଯ୍ୟର ତରାଜୁରେ ମାପିଥିବ । ନିଶ୍ଚୟ ଭଙ୍ଗାଘରର କାନ୍ଥ ଚାରୋଟି ମିନି ପାଇଁ ସ୍ୱର୍ଗ ଥିଲା ଆଉ ତିର୍ଥ ହୋଇ ରହିବ । ............

Download Magazine from www.aahwaan.com

# ପରିଚୟ



ନରେଶ କୁମାର ବେହେରା

ଆକାଶର ତାରାଗୁଡିକ ଧିରେ ଧିରେ ଲୁପ୍ତ ହୋଇଯାଉଛନ୍ତି । ରାତି ସାରା ସ୍ଥିର ରହିବାପରେ ପବନର ଗତିରେ ଏକ ତୀବ୍ରତା ସୃଷ୍ଟି ହୋଇଅଛି । ପୁର୍ବ ଆକାଶର ଛାତି ଚିରି ଏକ ତୀକ୍ଷଣ ସୁନେଲୀ ରଶ୍ମି ବାହାରକୁ ଛିଟିକି ଆସୁଅଛି ଏବଂ ଦୁର ପାହାଡର ଶିଖରେ ପକ୍ଷୀଦଳ ଉଡିଯାଉଛନ୍ତି ।

ପ୍ରଭାତର ଆଗମନ ନିତିଦିନ ଏଭଳି ଢଂଗରେ ହେଉଥିଲା, କିନ୍ତୁ ଆଜିର ପ୍ରଭାତ, ଏକ ନୂତନ ଆଶାର ପ୍ରକାଶ ନେଇ ଆସୁଥିଲା । ଗତକାଲିର ସେହି ବିରାଟ ଦୁର୍ଘଟଣାର ଏକମାତ୍ର ସାକ୍ଷୀ, ଯିଏକି ନିଜ ଦ୍ୱିତୀୟ ଜନ୍ମ ପାଇଛନ୍ତି, ତା'ର ବୟାନ ନେବାପାଇଁ, ସେହି ଆତଙ୍କବାଦୀମାନଙ୍କୁ ଚିରଦିନ କଠୋର କାରାଦଣ୍ଡ ଦେବାପାଇଁ; ଦେଶର ବହୁ ପତ୍ରପତ୍ରିକା, ଦୁରଦର୍ଶନ ଓ ରେଡିଓ ସଂସ୍ଥାମାନଙ୍କ ସାଂବାଦିକଗଣ ବହୁ ଆଶାରେ ସକାଳୁ ସକାଳୁ ଆସି ଅପେକ୍ଷା କରିଛନ୍ତି ।

ସହରର ସମସ୍ତ ବ୍ୟକ୍ତି ନିଜନିଜ କାର୍ଯ୍ୟରେ ଲିପ୍ତଥା'ନ୍ତି । ଗାଡି, ମଟରର ଶବ୍ଦରେ ବାତାବରଣ ଗର୍ଜିଉଠୁଥାଏ । ହସପିଟାଲରେ ବି ଆଜିର ବାତାବରଣଟା ଗର୍ମାଗରମ୍ । ବିଶେଷ କରି ୨୧୯ନଂ. ରୁମ୍ ପାଖରେ । ଯେଉଁଠି ଥାନ୍ତି ଚିତ୍ରକାର 'ଚିତ୍ରା' - ବେହୋଶ୍ । ସମ୍ମୁଖରେ ତାଙ୍କ ଗତକାଲିର ସେହି ବିରାଟ ଆତଙ୍କବାଦୀଙ୍କ କାଣ୍ଡ ଘଟିଯାଇଥିଲା । ଚିତ୍ରା ସେହି ଆତଙ୍କବାଦୀମାନଙ୍କୁ ଦେଖିଛନ୍ତି; ଆଉ ସେ ହିଁ ହେଉଛନ୍ତି ଏକ ମାତ୍ର ସାକ୍ଷୀ ।

ଚିତ୍ରା ଜଣେ ସୁପ୍ରସିଦ୍ଧ ଚିତ୍ରକର । ସମସ୍ତେ ତାଙ୍କୁ ଜାଣନ୍ତି । ତାଙ୍କରି ଦୃଷ୍ଟି... ତୀକ୍ଷ୍ଣ...

 Download Magazine from www.aahwaan.com

ଠିକ ଶାଗୁଣା, ଚିଲଙ୍କ ପରି; ଯେଉଁମାନେ ସୁ-ଉଚ୍ଚରେ ଉଡି ମଧ୍ୟ ନିଜ ଶିକାରକୁ ଲକ୍ଷ୍ୟ କରିପାରନ୍ତି... ଚିତ୍ରକରଙ୍କ ଚିତ୍ରକଳା ବି ପ୍ରାକୃତିକ, ସୁନ୍ଦର ଓ ସଜୀବ; ବିଶେଷ କରି ଚିତ୍ରାଙ୍କ ।

--- --- O --- ---

ପୁଣି ସେହି ଗୁଳି-ବନ୍ଧୁକର ଶବ୍ଦ... ଚିତ୍କାର... ଆର୍ତ୍ତନାଦ... ଦୁଇ ମିନିଟରେ ସବୁ ଶୁନଶାନ୍ ... ରକ୍ତ... ରକ୍ତ... କେବଳ ରକ୍ତ... କିଏ ସେ... ମୋତେ ମାରୁନି କାହିଁକି... କାହିଁକି ? ମୁଣ୍ଡରେ ଏକ ପ୍ରକାର ବ୍ୟଥା... ହାତ... ହାତରେ କିଛିଟା ଝିମ୍‌ଝିମ୍ ଲାଗୁଛି ... ଆଖିଟା ଖୋଲୁନି କାହିଁକି... ଆଃ...ହା...କ'ଣ କିଛି ଜଣାପଡୁନାହିଁ... ମୁଁ... ମୁଁ କେଉଁଠି !!! ହଁ... ବୋଧହୁଏ ଯମପୁରରେ... ମୁଁ... ମୋ ଆତ୍ମା... ମୁକ୍ତି ପାଇଛି... କିନ୍ତୁ ଏ କଷ୍ଟ... ଏ ହାତଟା କାହିଁକି ଏପରି ଲାଗୁଛି... ଆଉ ମୋତେ... କିଛି ଦିଶୁନି କାହିଁକି... କି ଆଶ୍ଚର୍ଯ୍ୟ... କ'ଣ ମୁଁ ବଞ୍ଚିଛି ? ? ବୋଧେ ମୁ ବଞ୍ଚିଛି... ନା...ନା... ମୁଁ କାହିଁକି ବଞ୍ଚିଛି... ମୋତେ ସେମାନେ ମାରିଲେନି... ମୋତେ ମାରିଦିଅ... ମାରିଦିଅ... ମାର ମୋତେ... ... କଷ୍ଟରେ ଆଖିଟିଏ ଖୋଲିଲେ । ଦେଖିଲେ ମୁଣ୍ଡ ଉପରେ ପଙ୍ଖାଟିଏ ବୁଲୁଥାଏ । ସ୍ଥାନଟି ସମ୍ପୂର୍ଣ୍ଣ ଅଜଣା ।

“ଡକ୍ଟର୍, ପେସେଣ୍ଟର୍ ହୋଶ ଆସିଗଲା ।”

ବେକଟି ବୁଲାଇ ଦେଖିଲେ, ପାଖରେ ନର୍ସଟି ଛିଡା ହୋଇଥାଏ, ଦୁଇଟି ଚୌକିରେ ପୋଲିସ ଦୁଇଜଣ ବସିଥାନ୍ତି; ନିଜ ହାତରେ ପାଇପ୍ ଦୁଇଟି ଲାଗିଛି । ସାଲାଇନ୍ ଲାଗିଥାଏ । ନର୍ସର

Download Magazine from www.aahwaan.com

ଡାକଶୁଣି ସାଙ୍ଗେ ସାଙ୍ଗେ ଡାକ୍ତର ଓ ପୋଲିସ ଦୁଇଜଣ ଚିତ୍ରାଙ୍କ ପାଖକୁ ଆଗେଇଗଲେ । ସେମାନେ ଚିତ୍ରାଙ୍କ ବୟାନ୍ ନେବେ । କିଏ ସେମାନେ... ଯେଉଁମାନେ ଏହି କାଣ୍ଡଟି କଲେ; ତାଙ୍କର ଫୋଟୋଗ୍ରାଫ୍ ତ ନାହିଁ... ଚିତ୍ରାଙ୍କ ହାତର ଚିତ୍ରଟିଏ ଦରକାର...

ପୁଣି ହୋଶ୍ ଚାଲିଗଲା ଚିତ୍ରାଙ୍କର । ଡାକ୍ତର ପୁଣି ଡାକିଲେ... କିନ୍ତୁ ସେ ଚାହୁଁନାହାଁନ୍ତି... ଭାବୁଥାନ୍ତି କିଏ ସେମାନେ... ଓ କାହିଁକି ସେମାନେ ଏପରି କଲେ ?

— — ୧ — —

ଚିତ୍ରକର ଚିତ୍ରାଙ୍କର ଚେତା ଫେରିଆସିଲା, ପୋଲିସ ପଚାରିଲେ, ସାମ୍ବାଦିକ ପଚାରିଲେ,... କିନ୍ତୁ ସମସ୍ତଙ୍କ ପାଇଁ ସେହି ଏକା ଉତ୍ତର, ସେ ସେମାନଙ୍କୁ ଦେଖିନାହାନ୍ତି, ସେମାନଙ୍କର କୌଣସି ପରିଚୟ ନାହିଁ । ବାସ୍, ଶେଷ ହୋଇଗଲା ସବୁ କାହାଣୀ, ପୁଣି ଆରମ୍ଭ ହେବ ସେହି ଆତଙ୍କବାଦୀଙ୍କ କାର୍ଯ୍ୟକଳାପ, ଲୁଟ୍‌ତରାଜ୍, ଡକାୟତ ଇତ୍ୟାଦି... କ'ଣ ପାଇଁ ? କାହା ପାଇଁ ଏସବୁ କରନ୍ତି ସେମାନେ, ଏହା କେବଳ ଭଗବାନ ଜାଣନ୍ତି । ସେମାନେ କି ମଣିଷ ? ପଶୁ ! ପଶୁଠାରୁ ବଳି ହୀନ । ମଣିଷର ମାଂସ ଖାଉଛନ୍ତି ଶିକାର କରି । ମଣିଷ-ମଣିଷ, ପଶୁ-ପଶୁ, କିଛି ପାର୍ଥକ୍ୟ ନାହିଁ, ଏ ଦୁହିଁଙ୍କ ମଧ୍ୟେ ।

ପଚାଶଜଣ ଯାତ୍ରୀଙ୍କ ପଚାଶ ପଚାଶ ଚିତ୍କାର, କ୍ରନ୍ଦନ, ରକ୍ତ ବନ୍ୟାରେ ଭାସୁଥିବା ପଚାଶ ପରିବାରଙ୍କ ସାହାରା-ବେସାହାରା ମଣିଷଙ୍କ କାହାଣୀ ସଂବାଦପତ୍ର, ରେଡିଓ, ଟିଭିର ଦୁଇ ଧାଡିର କାହାଣୀ ହୋଇ ସରିଗଲା ସେହି ଦିନ, ସେହି କ୍ଷଣି । କିନ୍ତୁ, ଚିତ୍ରା ଅଛନ୍ତି, ତାଙ୍କର ଏକାନ୍ତ ଜୀବନରେ, ବହୁତ ଦୂରରେ ... ଭାବନାରେ - ସ୍ୱପ୍ନରେ - ପ୍ରତିଟି ମୂହୁର୍ତ୍ତରେ ନାଚି

Download Magazine from www.aahwaan.com

ଉଠୁଥାଏ ସେହି ଦୁଇମିନିଟ୍‌ର ଖେଳ, ଛୁଟି ଆସୁଥାଏ ରକ୍ତ ବନ୍ୟାର ସୁଅ । ବାରମ୍ବାର ଚେଷ୍ଟାକରି ସେ ହାରିଯାଉଥାନ୍ତି । କିଏ ସେହି ବ୍ୟକ୍ତି ? କାହିଁକି ସେ ତାଙ୍କୁ ନ ମାରି ଛାଡି ଦେଲା ? ତା'ର ଚେହେରା... ଲମ୍ବା ମୁହଁ... ଖଣ୍ଡାଧାର ଭଳି ନାକ... ମୁଣ୍ଡରେ ଗାମୁଛାଟିଏ... ଉଜ୍ଜ୍ୱଳ ଚେହେରାରେ ଅଳ୍ପ ଦାଢି... ବେଶ୍ ଆକର୍ଷଣ... ବୟସ ପ୍ରାୟ ୨୫-୨୬ ହେବ । ତୁଳିରେ ଆଙ୍କୁ ଆଙ୍କୁ କାନ୍‌ଭାସରେ ସେହି ବ୍ୟକ୍ତିର ମୁହଁଟି ଫୁଟି ବାହାରିଲା । ସୁନ୍ଦର ଚେହେରା, ଆଖିରେ କିଛିଟା ଦୁଃଖ ଓ କ୍ରୋଧର ଜ୍ୱାଳା ଯେପରି... ଦୃଶ୍ୟ ହେଉଥାଏ । ଚିତ୍ରଟି ସମ୍ପୂର୍ଣ୍ଣ ସେହି ବ୍ୟକ୍ତିଟିର ହେଲେ ମଧ୍ୟ ବହୁତ ପାର୍ଥକ୍ୟ ଅଛି ଏହି ଚିତ୍ର ଓ ସେହି ପ୍ରକୃତ ଶରୀରର... ଏକ କାନ୍ଧରେ ଝୁଲୁଥିବା - ହାତରେ ଧରିଥିବା ମସିନ୍‌ଗନର ବ୍ୟକ୍ତି ମଧ୍ୟେ ।

ଚିତ୍ରା ଭାବୁଥାନ୍ତି... ବାରଂବାର... ବାରଂବାର ।

--- --- ୨ --- ---

... ... ସେଦିନ ସେ ନିଜର ସ୍କୁଲର ଛାତ୍ରଛାତ୍ରୀମାନଙ୍କ ସହ ଯାଇଥାନ୍ତି ପିକ୍‌ନିକ୍‌ରେ । ସେହି ବସରେ ୪୦ ଜଣ ଛାତ୍ରଛାତ୍ରୀଙ୍କ ବ୍ୟତୀତ କେତେକ ସହକାରୀ ଶିକ୍ଷକ ମଧ୍ୟ ଥାଆନ୍ତି । ପିଲାମାନେ ବହୁ ଖୁସିରେ, ମଜାରେ ଗୀତଗାଇ... ଗୀତଶୁଣି ଉପଭୋଗ କରୁଥାନ୍ତି । ବସ୍‌ଟି ଚାଲିଥାଏ ଧରଣୀବକ୍ଷରେ ଏକ ନିର୍ଦ୍ଦିଷ୍ଟ ଆଶା ନେଇ, ଦୃତଗତିରେ, ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ । ଚିତ୍ରାଦେବୀ ବସିଥାନ୍ତି ସବା ମଝିରେ, ଝର୍କା ପାଖ ସିଟରେ । ବାମ ପାର୍ଶ୍ୱରେ ଦୁଇଟି ଝିଅ ବସିଥାନ୍ତି, ଗପୁଥାନ୍ତି । ଚିତ୍ରାଦେବୀ ହେଉଛନ୍ତି ଚିତ୍ର ଶିକ୍ଷୟତ୍ରୀ, ସମସ୍ତେ ତା'ଙ୍କୁ ଜାଣନ୍ତି ଓ ଭଲପାଆନ୍ତି । ତାଙ୍କ ଚିତ୍ରରେ ଫୁଟି ଉଠେ ପ୍ରକୃତି ଓ ମନୁଷ୍ୟର ଭାବନା-ଅନ୍ତର୍ବାକ୍ୟ । ମୂଖ୍ୟତଃ ସେ ଯେ କୌଣସି ବ୍ୟକ୍ତିର ମୁହଁ ଦେଖି ତା'ର ବାଲ୍ୟ, ଯୌବନ ଓ ବୃଦ୍ଧାବସ୍ଥାର ଚିତ୍ର

Download Magazine from www.aahwaan.com

ଆଙ୍କିଦେଇ ପାରନ୍ତି । ଏହା ହେଉଛି, ତାଙ୍କ ଚିତ୍ରର ବିଶେଷତା ।

ସମୟ ଅପରାହ୍ନ ୩ଟା । ଗୋଟିଏ ପରେ ଗୋଟିଏ ପାହାଡ ଚଢି ଚାଲିଯାଉଥିଲା ବସ୍‌ଟି । ହଠାତ୍ ଅଟକିଗଲା, ବିନା କାରଣରେ, ବିନା ଦ୍ୱିଧାରେ, ପାହାଡର ମଧ୍ୟ ଭାଗରେ; ସମସ୍ତଙ୍କ ପ୍ରାଣ ଯେପରି ଝୁଲିବାକୁ ଲାଗିଲା, ଜୀବନ ଓ ମୃତ୍ୟୁର ତରାଜୁରେ । ଘୋଡାର ଟାପୁ ସ୍ୱର ଓ ବନ୍ଧୁକର ଗର୍ଜନରେ ଚାରିଦିଗ କମ୍ପିବାରେ ଲାଗିଲା । କ୍ଷଣିକ ମୁହୂର୍ତ୍ତରେ ବସ୍‌ଟି ଶାନ୍ତ ହୋଇଗଲା । କିଛି କ୍ଷଣପରେ ... ବସ୍‌ଟି ପୁଣି ଚିତ୍କାରରେ ଥରିବାରେ ଲାଗିଲା । ଓହ୍ଲାଇ ଯାଉଥିବା ଡାକୁ ସର୍ଦ୍ଦାର୍ ପୁଣି ଫେରି ଦେଖିଲେ,... ରକ୍ତରେ ଜର୍ଜରିତ ସ୍ତ୍ରୀଟିଏ, ଚିତ୍କାର କରୁଛି, ରକ୍ତ ନଦୀ ମଝିରେ । ମୁହଁଟି ଲାଲେ ଲାଲ୍ ହୋଇଯାଇଛି । କିଛିକ୍ଷଣ ପାଇଁ ସ୍ଥିର, ଚାହିଁ ରହିଲେ ସର୍ଦ୍ଦାର୍ । ସେହି ସ୍ତ୍ରୀଟିର ମୁହଁଟିକୁ ଦେଖି, ବସ୍ତ୍ରକୁ ଦେଖି, ରକ୍ତରେ ଧୋଇଯାଉଥିବା ବସ୍ତ୍ରଟିଏ, ଯେପରି ସେ କେବେ ପ୍ରଥମେ ତାଙ୍କୁ ଦେଖିଛନ୍ତି, କିଏ ବା ହୋଇପାରେ, କିଏ ବା ସେ... ପାଖକୁ ଯାଇ କାନ୍ଧରେ ହାତଦେବା କ୍ଷଣି ଚିତ୍କାର କରି ଉଠିଲେ... ମାରିଦିଅ... ମୋତେ ମାରିଦିଅ୍ । ସେହି ସ୍ତ୍ରୀଟିର ସ୍ପର୍ଶରେ ଏବଂ କଥାରେ ସ୍ଥିର ହୋଇ, ଟିକେ ରହି ପୁଣି ପାଗଳଙ୍କ ଭଳି ଚାଲି ଆସିଲେ ସର୍ଦ୍ଦାର ।

ଚିତ୍ରା ଦେବୀଙ୍କ ହାତରେ ଗୁଳିଟିଏ ପ୍ରବେଶ କରିସାରିଥିଲା ଏବଂ ସେ ସେଇଠି ବେହୋଶ୍ ପଡିଗଲେ ।

--- --- ୩ --- ---

 Download Magazine from www.aahwaan.com

ଚିତ୍ରଟିକୁ ଦେଖୁ ଦେଖୁ ହଠାତ୍ ସେହି ବ୍ୟକ୍ତିଟିର ବାଲ୍ୟକାଳର ଚିତ୍ର କରିବାକୁ ଇଛା ହେଲା । କ'ଣ ପାଇଁ କେଜାଣି ମନଟା ଆପେ ଆପେ ଟାଣି ହୋଇଗଲା, ସେହି ଚିତ୍ରଟିର ଆଖି, ଓଠ, ମୁହଁ, ବାଳ ଇତ୍ୟାଦିକୁ ନେଇ ଆଙ୍କିଗଲେ ଏକ ଲୟରେ ଚିତ୍ରା । ରଙ୍ଗ ଓ ତୁଳିର ସମ୍ମିଶ୍ରଣରେ ଚିତ୍ରାଙ୍କ ହାତଟି ଆଙ୍କୁଥାଏ... ଏକ ଅସମ୍ପୂର୍ଣ୍ଣ ଚିତ୍ର... ରୁ ଏକ ସମ୍ପୁର୍ଣ୍ଣ । ଚିତ୍ରାଙ୍କ ମୁହଁରେ ହସ ଖେଳିଗଲା... କିଛି କ୍ଷଣପରେ ଭୟ ଓ କ୍ରୋଧରେ ମୁହଁଟି ଲାଲ୍ ହୋଇଗଲା । ପୁଣି କାନ୍ଦିବାକୁ ଲାଗିଲେ... କାନ୍ଦି କାନ୍ଦି ଅନ୍ୟ ଏକ ରୁମ୍‌କୁ ଚାଲିଗଲେ । ସେହି ରୁମରେ ଏକ ଡାଏରୀରୁ ଫୋଟୋଟିଏ ବାହାର କରି ନେଇ ଆସିଲେ । ସେ ଫୋଟୋଟି ନିଜ ଭାଇର । ଖୁବ୍‌ଭଲ ପାଉଥିଲେ ସେ ନିଜ ଭାଇ ସଂଜୀବକୁ... କିନ୍ତୁ ଆଶ୍ଚର୍ଯ୍ୟର କଥା ଏହି ଚିତ୍ର ଓ ସଂଜୀବର ଫଟୋରେ କୌଣସି ଫରକ୍ ନଥିଲା । ଚିତ୍ରାଙ୍କ ଚିତ୍ରରେ ତ' କିଛି ଭୁଲନାହିଁ । ତା'ମାନେ, ସେହି ଉଉଲ ଡାଉଲ ଚେହେରା, ଆଉ ଖିଲିଖିଲି ହସ, ସୁନ୍ଦର ସୁନ୍ଦର ଆଖିର ସଂଜୀବ କ'ଣ ଆଜି ଡାକୁଙ୍କ ସର୍ଦ୍ଦାର୍ ବନିଯାଇଛି ?

— ବାର ବର୍ଷ ପୂର୍ବର କଥା । ସେଦିନ ରାକ୍ଷୀ ପୂର୍ଣ୍ଣିମୀ । ସମସ୍ତଙ୍କ ଘରେ ଖୁସିର ପର୍ବ । ନାଚଗୀତରେ ମସ୍‌ଗୁଲ୍ । କିନ୍ତୁ ଏହି ପର୍ବର ଦିନଟି ଆତଙ୍କର ଦିନ ହୋଇପାରେ, କେହି ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ ।

ସମୟ ସକାଳ ୯ଟା । ସବୁ ଭଉଣୀମାନେ ନିଜ ନିଜ ଭାଇମାନଙ୍କୁ ରାକ୍ଷୀ ବାନ୍ଧୁଥା'ନ୍ତି ନିଜ ନିଜର ରକ୍ଷାସକାଶେ । ଚିତ୍ରା ମଧ୍ୟ ବାନ୍ଧିସାରିଥାଏ ନିଜର ସାନଭାଇ ସଂଜୀବକୁ । ଚିତ୍ରାର ବୟସ ସେତେବେଳେ ୧୭ ଏବଂ ସଂଜୀବକୁ ୧୩ ପ୍ରାୟ । ଏହି ଦୁଇଙ୍କ ସହ ଅନ୍ୟ କେତେକଙ୍କର ଭାଇ-ଭଉଣୀ ମଧ୍ୟ ବିଛୁଡିଗଲେ ସେହି ଭୟାବହ କାଣ୍ଡରେ । ସହସା ଏକ ବିଜୁଳିର ଝଟକା ପରି ଚାଲି ଆସିଲେ ଡାକୁଦଳ । କିଏ ବିଧବା ହେଲା, ତ' କିଏ ବାପ

Download Magazine from www.aahwaan.com

ଛେଉଣ୍ଡ, ମା' ଛେଉଣ୍ଡ; ସେହି ଗ୍ରାମର ପ୍ରତ୍ୟେକ ଘରର ଚାଳରେ ଆତଙ୍କ କାଳର ନିଆଁ ଲାଗିଯାଇ ସର୍ବନାଶ କରିଦେଇଥିଲା । ଚିତ୍ରା ଓ ସଂଜୀବ ଆଗରେହିଁ ତାଙ୍କ ପିତାମାତାଙ୍କର ମୃତ୍ୟୁ ଘଟିଥିଲା । ତା' ପରେ ଆରମ୍ଭ ହେଇଥିଲା ଖେଳ ଦୁଃଶାସନର । ସେମାନେ ବନ୍ଧୁକ ଛାଡି କେତେ ନାବାଳିକା, ବାଳିକା, ବିବହିତା, ଅବିବାହିତା ଝିଅମାନଙ୍କ ସହ ଖେଳିବାରେ ଲାଗିଲେ । ଚିତ୍ରାର ବି ଇଜ୍ଜତ୍‌ଗଲା... ସବୁ କିଛି ଗଲା... ସର୍ବ ଶେଷରେ ତା'ର ଭାଇ ମଧ୍ୟ...□

--- --- ୪ --- ---

ସୂର୍ଯ୍ୟ ଅସ୍ତ ହୋଇଯାଇଥିଲେ । ତଥାପି ମେଘର ଅଂଶରୁ କିଛିଟା ରକ୍ତିମ ରେଖା ଛୁଟି ଆସୁଥାଏ । ଶାନ୍ତ, ନିର୍ମଳ ବାତାବରଣରେ ସମସ୍ତେ ବିଦାୟ ଘେନି ନିଜ ନିଜ ବସାକୁ ଫେରିଆସୁଥା'ନ୍ତି । ଦୁର ଦେବଦାରୁ ବୃକ୍ଷର ପତ୍ର ଗୁଡିକର ଓଠରେ ବି ବିଦାୟର ପ୍ରଭାବ ଥିଲା । ଆକାଶର ସ୍ୱଚ୍ଛତା ଏବଂ ମେଘର ଗୋଲାପୀ ପବନରେ, ଯେପରି ଅତର ମିଶାଯାଇଛି । ଏହି ସୁନ୍ଦର ପରିବେଶ ମଧ୍ୟେ କିଏ ଯେପରି ମେଞ୍ଚାଏ କାଳି ଢାଳି ଦେଇଛି, ଠିକ୍ ଚିତ୍ରକରଙ୍କ ଭାଷାରେ.. ଚିତ୍ରାଦେବୀ ଚିନ୍ତିତ ଥିଲେ । ବାଲକୋନିର ଠିକ ମଝିରେ କୁର୍ସିପରେ ବସି ଭାବୁଥାନ୍ତି; କିଏ ସେହି ବ୍ୟକ୍ତି... କିଏ ସେ... ସେ କ'ଣ ତା' ନିଜର ଭାଇ ? ନା, ସେ ମୋ ଭାଇ ହୋଇପାରେନା ! କଦାପି ନୁହେଁ ! କିନ୍ତୁ, ସେ ଦିନର ଘଟଣା, ସେ ଦିନ ତ ସିଏ ହଜିଯାଇଥିଲା । ବୋଧେ ତା' ପରଠୁଁ... ତା' ପରର ପ୍ରଭାବ ତା' ଜୀବନରେ... ନା' ନା'... ଯା' ବାପା-ମା'ଙ୍କୁ ନିଜ ଆଖି ସାମ୍ନାରେ ହତ୍ୟା ଏବଂ ନିଜ ଭଉଣୀକୁ ବଳାତ୍କାର

 Download Magazine from www.aahwaan.com

କରାଯାଇଛି, ସେ ପୁଣି ଆଜି ?... କାହିଁକି... କାହିଁକି ବା ସେ ଅନ୍ୟର ବାପାମା'ଙ୍କୁ ମାରୁଛି... କାହିଁକି ସେ ଅନ୍ୟଜଣକୁ ବିଧବା, ଅନାଥ କରୁଛି ? କ'ଣ ସେଇ ଅନାଥ ପିଲାମାନେ ବି ସେମାନଙ୍କ ଭଳି ଡାକୁ ଓ ଆତଙ୍କବାଦ ହୋଇ ଏହି ଦେଶର ସଭ୍ୟତା ଓ ମର୍ଯ୍ୟାଦାକୁ ଲୁଣ୍ଠନ କରିବା ପାଇଁ ? ନା, ନା' ଏହା ଅସମ୍ଭବ, ଏହା କଦାପି ହୋଇପାରିବନି ! ମୁଁ ଏହି ଅପକର୍ମ କେବେହେଲେ ହେବାକୁ ଦେବିନାହିଁ । ତା'ର ଫୋଟୋଚିତ୍ର ମୁଁ ପୋଲିସକୁ ଦେବି; ସେ ଦଣ୍ଡିତ ହେବ... ନିଶ୍ଚୟ ଦଣ୍ଡିତ ହେବ ସେ... ସେ କିଏ ହେଉନା କାହିଁକି... ମୋ ଭାଇ କିନ୍ତୁ ନୁହଁ । ମୋ ଭାଇତ' ମରିଯାଇଛି ବାରବର୍ଷ ପୂର୍ବେ । ସେଇ ସଂଜୀବ ଆଉ ଏହି ଡାକୁ ଭିତରେ ବହୁତ ପାର୍ଥକ୍ୟ । ନା - ସେ ମୋର ଭାଇ ନୁହଁ ... ସେ ମୋର ଭାଇ ନୁହଁ...□

ହଠାତ୍, ଏକ ସ୍ୱରରେ ତାଙ୍କ ଭାବ, ଚିନ୍ତା କୁଆଡେ ଉଭେଇ ଗଲା ।

"ମ୍ୟାଡାମ୍, ଆପଣଙ୍କ ଚିଠି", ଘରର ଚାକରଟି ଚିଠିଟିଏ ଆଣିଦେଲା ।

ଚିଠି, ଏହି ସମୟରେ ? କାହାର ବା' ହୋଇପାରେ, ଭାବି, ଚିଠିଟି ଧରି ତଳ ହଲକୁ ଚାଲି ଆସିଲେ ।

ନୀଳ ଲଫାଫାଟିଏ । ଲେଖାହୋଇଛି - ଚିତ୍ରାଦେବୀ, ଚିତ୍ରକର । ଆଉ କିଛି ନୁହଁ; ମୋହରଟିଏ ବି ଲାଗିନି । ପଢିବାକୁ ଲାଗିଲେ...

*// // ଚିତ୍ରାଦେବୀଙ୍କୁ ପ୍ରଣାମ !*

*ମୁଁ ସଂଜୀବ... ସେହି ବାରବର୍ଷର ଅନାଥ ଓ ଆଜିର ଆତଙ୍କବାଦୀ, ଡାକୁ ସର୍ଦ୍ଦାର ।*

*ତୁମେ ବୋଧେ ମୋ ବିଷୟରେ ଭାବୁଥିଲ; ମୁଁ ଏପରି କାହିଁକି ହେଲି, କିପରି ହେଲି । ମୋତେ ସରକାର ଇନାମ୍ ରଖିବେ, ... ଫାଶି ଦେବେ... ଇତ୍ୟାଦି ଇତ୍ୟାଦି ।*

Download Magazine from www.aahwaan.com

ମୁଁ ବି ଜାଣେନା ଦିଦି, ଭଗବାନ କାହିଁକି ଏ ବାରବର୍ଷର ପିଲାଟିକୁ ଅନାଥ କରି ପୁଣି ରକ୍ତରେ ଖେଳିବାକୁ ଆଦେଶ ଦେଲେ । ମୁଁ ଜାଣେନା କାହିଁକି ଏ ନିର୍ବୋଧ ବାଳକଟି ଏପରି ରୂପ ଗ୍ରହଣ କଲା । ସବୁ କିଛି ପାଇଁ ସମୟ ଦାୟୀ । ଯାହାର ଯାହା ଅଛି, ଯାହା ହେଲା, ଏବଂ ଯାହା ହେବ ତାହା ଭାଗ୍ୟ ହାତେ ଲେଖା ।

ସେଦିନ... ତୁମେ ଥିଲ ୧୨ବର୍ଷର; ତୁମକୁ... ତୁମର ରକ୍ତରେ ବୁଡିଯାଇଥିବା ଦେଖି ମୁଁ ମୋର ବାକ୍‌ଶକ୍ତି ହରାଇ ବସିଲି । ମୁଁ ଅଚେତ୍ ହୋଇଗଲି । ତା' ପରେ ଜଣେ ବୃଦ୍ଧ - କରିମ ଚାଚା ମୋତେ ନେଇ ଆଶ୍ରୟ ଦେଲେ, କିନ୍ତୁ ଭଗବାନ ତାଙ୍କୁ ବି ଅଳ୍ପଦିନରେ ନିଜ ପାଖକୁ ଡାକିନେଲେ । ତା'ପରେ ସେହି ଅନାଥ ବାଳକ... ଏକୁଟିଆ ଭୋକରେ ପୀଡ଼ିତ... ଦିନେ ଡାକୁ ଦଳରେ ପ୍ରବେଶ କଲା... ତାଙ୍କରି ନମକ୍ ଖାଇ ମୁଁ ବି ଆଜି ଡାକୁଙ୍କ ସର୍ଦ୍ଦାର ବନିଗଲି । ପୁଣି ବହୁ ବର୍ଷ ପରେ ସେଦିନ ତୁମକୁ ଦ୍ବିତୀୟଥର ରକ୍ତାକ୍ତ ଶରୀରରେ ଦେଖି ମୋର ଚେତନା ଫେରିଆସିଲା । ଯାହା ହେଇଛି... ହୋଇଯାଇଛି... ସେଥିପାଇଁ ମୋତେ କ୍ଷମାକରିବେ । ମୁଁ ଜାଣେ, ମୁଁ କ୍ଷମାର ପାତ୍ର ନୁହେଁ ।

ଏହି ଆତଙ୍କବାଦୀଙ୍କ ଉଦ୍ଦେଶ୍ୟ ଆଉ କିଛି ନୁହେଁ... କେବଳ ଭୋକ ଶୋଷ ମେଣ୍ଟେଇବା । ଭୋକ ମେଣ୍ଟେଇବାର ବିଭିନ୍ନ ଉପାୟ ଥାଇପାରେ; କିନ୍ତୁ ଯିଏ ବାଲ୍ୟାବସ୍ଥାରୁ ଅନାଥ ହୋଇ ଏଭିଳି କାର୍ଯ୍ୟରେ ଲିପ୍ତ ରହିଛି, ତା' ସମ୍ମୁଖରେ ଆଉ କୌଣସି ଉପାୟ ନାହିଁ । ଖାଇବାକୁ ମିଳିଲେ ଖାଇବ, ଉପଭୋଗ କରିବ । ଆଉ ଯଦି ପ୍ରାୟଶ୍ଚିତ କରିବାକୁ ଚାହେଁ, ତେବେ ଆତ୍ମହତ୍ୟା କରିବ; ଏହା ଆମର ନିୟମ ।

ଯେତେବେଳେ ମଣିଷ ଅନ୍ୟାୟ କରିଛି, ସେତେବେଳେ ବି ସେ ଭାବିଛି, ମଣିଷର ଭଲପାଇଁ ସେ ଏହା କରୁଛି, ଅନ୍ୟ କୌଣସି କାରଣ ପାଇଁ ନୁହେଁ । ସେଥିପାଇଁ ତାକୁ ଦୋଷୀ ସାବ୍ୟସ୍ତ

Download Magazine from www.aahwaan.com

*କରିବା, ଶାସ୍ତି ଦେବା, ନା'... ତାହା କଦାପି ହୋଇପାରେନା ! ମନୁଷ୍ୟର ଶରୀର ପ୍ରକୃତିର ଏକ ସୁନ୍ଦର ଉପହାର । ସେ ନିଜକୁ ଉତ୍କୃଷ୍ଟ କରିବାପାଇଁ କିଛି ବି କରିପାରେ । ସ୍ୱୟଂ ମଣିଷହିଁ ମଣିଷକୁ ଏହି ଅଧିକାର ଦେଇଛି ଯେ, ଏହାର ରକ୍ଷା ସକାଶେ ସେ ଅନ୍ୟର ପ୍ରାଣ ମଧ୍ୟ ନେଇପାରିବ ।*

*ଏ ସବୁ ଚିନ୍ତାଧାରା ଛାଡି ମୁଁ ଆଜି ପ୍ରାୟଶ୍ଚିତ କରିଛି । ତୁମେ ପୋଲିସକୁ ଖବର ଦେବ, ମୋ ଚିତ୍ରଟି ଦେଖେଇବ, ମୁଁ ଆଜୀବନ କାରାଦଣ୍ଡ ଭୋଗିବି... ନା' ସେସବୁ ହୋଇପାରିବନି । ଆଉ କୌଣସି କଷ୍ଟ ମୋ ଜୀବନରେ ଆସିବନି; ମୁଁ ଏହି ଦୁଃଖ କଷ୍ଟ, ସୁଖ-ସୁବିଧାର ଦୁନିଆଁର ଜଞ୍ଜାଳରୁ ମୁକ୍ତ ହୋଇଯାଇଛି; ମୋ ଆତ୍ମା ଲୀନ ହୋଇଯାଇଛି, ମୋ ଶରୀର ଏ ଭୁଇଁରେ ମିଶିଯାଇଛି । ଅତି ଶେଷରେ ତୁମକୁ ଦେଉଛି ମୋର ଶେଷ ପରିଚୟ, ଏକ ଅମୂଲ୍ୟ ସମ୍ପଦ, ତୁମେ ବାନ୍ଧିଥିବା ସେଇ ରାକ୍ଷୀଟି... ।। ।।*

ଲାଫାଫା ଭିତରୁ ରାକ୍ଷୀଟି ବାହାରକଲେ ଚିତ୍ରା, କିନ୍ତୁ ସହସା ଏକ ତୀବ୍ର ପବନଟି ଆସି ଭସାଇ ନେଇଗଲା ରାକ୍ଷୀଟିକୁ... ବହୁଦୂରକୁ... ମିଶିଯାଇଥିବ 'ଚିତ୍ରା-ଭାଇ'ର ଶରୀରରେ...
□□

ସମ୍ପାଦକ, ଗଞ୍ଜାମର କବିତାଘର, ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

# ଭଙ୍ଗା ଝରକା



ଭାଗୀରଥୀ ବେହେରା

ଭାଙ୍ଗିଗଲେ ବି ଝରକା ଯୋଡ଼ି ପାରୁଥାଏ ଘରର ଭିତର ସଂସାର ସହ ବାହାରର ଅଜଣା ଦୁନିଆ । ଧିରେ ଧିରେ ବାହାରର ଚରିତ୍ର ସବୁ ନିଜର ହେଇଯାଏ ଘର ଭିତରର ମଣିଷମାନଙ୍କ ସହ । ଭଙ୍ଗାଝରକା କେବେ ଅସ୍ୱୀକାର କରେନା ସମ୍ପର୍କ ଯୋଡ଼ିବାକୁ ।

ସବୁଦିନ ପରି ଆଜି ମଧ୍ୟ ଅନିରୁଦ୍ଧ ବସିଛି ନିଜ ସରକାରୀ ବାସଭବନର ଭଙ୍ଗାଝରକା ପାଖରେ । ଭାରାକ୍ରାନ୍ତ ତାଙ୍କର ମନ ଓ ଶରୀର । ତା'ର କାରଣଟିଏ ଅଛି । ଚାକିରିର ପନ୍ଦର ବର୍ଷ ମଧ୍ୟରେ ତାଙ୍କର ଏ ସପ୍ତମ ଥର ପାଇଁ ବଦଳି । କାଲି ଯେମିତି ହେଲେ ତାଙ୍କୁ ରାମଗଡ଼ର କଲେଜ ଛାଡ଼ି ବ୍ରହ୍ମପୁର ମହାମାୟୀ କଲେଜରେ ଜଏନ କରିବାକୁ ହେବ ଇତିହାସ ବିଭାଗରେ ଅଧ୍ୟାପକ ଭାବେ । ମୁଣ୍ଡଟା ବଥଉଛି ବେଶୀ । ଏ କଲେଜରେ ଜଏନ ହେବାର ବର୍ଷେ ପୁରିନି, ପୁଣିଥରେ ଏ ପ୍ରକାର ବଦଳି । ରାଜ୍ୟର ରାଜନୀତି ଶିକ୍ଷା ଓ ଶିକ୍ଷକମାନଙ୍କ ଜୀବନକୁ ଉଇ ଭଳି ଚରିଯାଉଛି ।

ରୁମର ଲାଇଟକୁ ବନ୍ଦ କରିଦେଲେ ସେ । ଆଲୁଅର ଜୀବନଟା ଖାଁ ଖାଁ ଲାଗିଲାଣି । ତାଙ୍କୁ ଏବେ ଚାଳିଶି କି ଏକଚାଳିଶି ବର୍ଷ ହେବ । ଏ ଯାଏଁ ସେ ଏକା । ଅବିବାହିତ ଓ ଦାୟିତ୍ୱହୀନ । ଦାୟିତ୍ୱହୀନ ଏଥିପାଇଁ ଯେ ଭାଇବନ୍ଧୁ ପରିବାରର କୌଣସି ବୋଝ ତାଙ୍କର ନାହିଁ । ତା' ଅର୍ଥ ନୁହଁ ଯେ ସେ ଏ ସଂସାରରେ ଏକା ।

ବାପା ମଲାପରେ ଯୁବକ ବୟସରୁ ଘରର ସଂପୂର୍ଣ୍ଣ ଦାୟିତ୍ୱ ତାଙ୍କରି ମୁଣ୍ଡରେ ପଡ଼ିଥିଲା । ଶିକ୍ଷକକତାରୁ ଅଧ୍ୟାପନ । ଜୀବନ ଭିତରେ ଦୁଇ ଭଉଣୀର ବାହାଘର ସାରିଛନ୍ତି

 Download Magazine from www.aahwaan.com

ସେ । ଦୁଇଭଉଣୀ ପରେ ସାନ ଭାଇର ପାଠପଢା । ଏ ସବୁ ଦାୟିତ୍ୱ ତୁଲାଉ ତୁଲାଉ ତାଙ୍କ ନିଜ ବିବାହ ବୟସ କେତେବେଳେ ଗଡିଗଲା ମୋଟେ ଜଣା ପଡିଲା ନାହିଁ । ସାନ ଭାଇ ଚାକିରି କରୁ କରୁ ପ୍ରେମବିବାହ କରି ଘର ଛାଡିଦେଲା ଯେ, ବୁଢ଼ୀ ମା ତାକୁ ଝୁରିଝୁରି ମରିଗଲା । ଯେଉଁମାନଙ୍କ ଦାୟିତ୍ୱ ବହନ କରୁକରୁ ତା ଜୀବନର ଅନେକ ବସନ୍ତକୁ ସେ ଭୁଲିଯାଇଛି, ସେମାନେ ମଧ୍ୟ କେବେବି ନିଜର ହୋଇ ତାଙ୍କ ବିଷୟରେ ଭାବି ନାହାନ୍ତି ।

ଏ ସ୍ୱାର୍ଥପର ଦୁନିଆରେ ପର ତ ପର ନିଜର ଆଉ ନିଜର ହେଇନାହାନ୍ତି । ସେଥିପାଇଁ ଆଜିଯାଏଁ ସେ ଏକୁଟିଆ ଓ ନିଃସଙ୍ଗ । ଯେତେବେଳେ ସେ ନିଜେ ନିଜ ପାଇଁ ଭାବିବାକୁ ଚେଷ୍ଟାକଲେ ତାଙ୍କର ଆଉ ସାହାସ ନଥିଲା କାହା ଆଗରେ ବାହାଘର କଥା ହେବାକୁ । ସମସ୍ତିଙ୍କର ଗୋଟିଏ କଥା - "ଅନିରୁଦ୍ଧ ବାବୁ, ବୟସ ଗଡିଗଲା ପରେ ବାହାଘରର ମଜା ଆଉ ମିଳିବ ନାହିଁ । ଯଦି ପାରିବେ ଘରେ ବସି ବସି ବୁଢୀ ହେଇଥିବା ଝିଅ, ବିଧବା କି ସ୍ୱାମୀଛଡା ସ୍ତ୍ରୀ ଦେଖି ସଂସାର କରିଦିଅ । ବାକି ଜୀବନ କଟିଯିବ ।" ଯେମିତି ଜୀବନଟା ଏକ ଗାଡି । ପେଟ୍ରୋଲ ସରିଗଲେ ଚାଲିବନି । ଏ କଥା ଶୁଣିଶୁଣି ଅନ୍ୟମାନଙ୍କ ସହ ନିଜ ଉପରେ ମଧ୍ୟ ରାଗ ଆସେ । ରାଗ ଆସେ ନିଜର ଅସଜଡା ଘରକୁ ଦେଖି । ରାଗ ଆସେ ଅସ୍ତବ୍ୟସ୍ତର ଜୀବନକୁ ନେଇ ।

ବେଳେବେଳେ ଅନିରୁଦ୍ଧ ଭାବନ୍ତି କେତେ ଭଲ ହେଇଥାନ୍ତା ଯଦି ତାଙ୍କର ସୁନ୍ଦର ସ୍ତ୍ରୀଟିଏ ଥାଆନ୍ତା । ସକାଳୁ ସକାଳୁ ତାଙ୍କ ମନ ମୁତାବକ ଜଳଖିଆ ଖୁଆଇ ପିଆଇ ରୋମାଣ୍ଟିକ ହସ ସହ କାମକୁ ଛାଡନ୍ତେ । କାମସାରି ଘରକୁ ଫେରୁଫେରୁ ଅପେକ୍ଷାରତ ସୁନ୍ଦରୀ ସ୍ତ୍ରୀ ତାଙ୍କ ଗଳାରେ ସର୍ପିଣୀ ବାହୁ ଦୁଇ ଦେଇ କହିଥାଆନ୍ତେ - "ଦିନଯାକ ତୁମକୁ ବହୁତ ମିସ କରିଛି । ଭଲହେଇଥାନ୍ତା ଯଦି ଘରେ ଦୁଇ ତିନିଟା ଛୁଆ ଖେଳିବୁଲି ଗହଳି

କରିଥାଆନ୍ତେ । ଘରଟା ସବୁବେଳେ ପୁରାପୁରି ଲାଗିଥାଆନ୍ତା ।”

କିନ୍ତୁ ତାଙ୍କରି ଭାଗ୍ୟରେ ଏ ସବୁ କାହିଁ ? ଚାକିରି, ଧନସମ୍ପତ୍ତି, ସମାଜରେ ମାନସମ୍ମାନ ସବୁଥାଇ ମଧ୍ୟ ସେ ଏକୁଟିଆ । ତାଙ୍କର ଯତ୍ନ ନେବାକୁ, ତା'ଙ୍କୁ ଭଲପାଇବାକୁ, ତାଙ୍କରି ସମସ୍ତ ଦୁଃଖକୁ ବାଣ୍ଟିନେବାକୁ ଏଠି କେହି ବି ଜଣେ ନାହିଁ ।

ଝରକା ବାହାରକୁ ଏକ ଲୟରେ ଅନେକ ରହିଥିଲେ ଅନିରୁଦ୍ଧ । ଏବେବି ମନଟା ଭାରାକ୍ରାନ୍ତ । କିନ୍ତୁ ଏ କି ବ୍ୟତିକ୍ରମ ? ଭଙ୍ଗାଝରକାରୁ ଦେଖା ଯାଉଥିବା ପୁରୁଣା ଜରାଜୀର୍ଣ୍ଣ ମନ୍ଦିରରେ ଆଜି ଆଳତି ଘଣ୍ଟାର ଶବ୍ଦ କାହିଁକି ନାହିଁ ? ବରଂ କିଏ ଜଣେ ବାହୁନି ବାହୁନି କାନ୍ଦୁଛି । ସେ କାନ୍ଦ ଏତେ କରୁଣ ଯେ ଶୁଣିବା ଲୋକଙ୍କର ହୃଦୟ ଫାଟିପଡିବ ନିଶ୍ଚୟ । ସବୁବେଳେ ଦେଖାଯାଇଥିବା ନାରୀଟି ଆଜି ଦେଖାଯାଉ ନାହିଁ କାହିଁକି ?

“ସାଧୁନନା ! ଓ ସାଧୁନନା । ଟିକେ ଶୁଣିବକି ?” ନିଜ ପାଇଁ ରଖିଥିବା ରାନ୍ଧୁଣିଆ ଭାଇନାକୁ ଡାକିଲେ ସେ ।

ସାଧୁନନା ଆସି ଘର ଭିତରର ଲାଇଟ୍ ଲଗାଇଲେ । “ଲାଇଟ୍ ବନ୍ଦ ଥାଉ ସାଧୁନନା । ଆଲୁଅ କେମିତି ଖାଇଗଲା ଭଳି ଲାଗୁଛି ।” ଲାଇଟ୍ ବନ୍ଦ କରିଦେଲେ ସାଧୁନନା ।

“କ'ଣ ପାଇଁ ଡାକିଲେ ମାଷ୍ଟର ଜୀ ?”

“ସାଧୁନନା ! କିଏ ଏତେ ବାହୁନି କାନ୍ଦୁଛି ସେ ଭଗ୍ନ ମନ୍ଦିରରେ ? ଘଣ୍ଟଆଳତି ମଧ୍ୟ ଆଜି ଶୁଣା ଯାଉନି । ବର୍ଷେ ବିତିଗଲା ଏ ଝରକା ଠିକ ହୋଇପାରିଲା ନାହିଁ । ଯାହା ହେଲା ଭଲ ହେଲା । ମୋ ଜୀବନଟା ମଧ୍ୟ ଠିକ ଏଇ ଭଙ୍ଗାଝରକା ପରି । ତା ଦେଇ ସାରା ଦୁନିଆକୁ ଦେଖିହେବ ସିନା, କିନ୍ତୁ ବାହାର ଦୁନିଆ ପାଇଁ ଏ ଝରକା ଅସଜଡା ଓ ଅନାବଶ୍ୟକ । ଏ ବର୍ଷେ ଭିତରେ ଝରକା ସହିତ ମୋର ଘନିଷ୍ଠତା ବଢି ଯାଇଛି ।

 Download Magazine from www.aahwaan.com

ସବୁବେଳେ ମୁଁ ଦେଖିଛି ଝରକା ସେପଟର ମନ୍ଦିର, ଘଣ୍ଟ ଆଳତି ଓ ଅଦେଖା ପୁଜାରିଣୀ । ଦିନେ ନ ଦେଖିଲେ ଦିନ ସରିଲା ଭଳି ଲାଗୁନି । କିନ୍ତୁ ଆଜି ଏ କାନ୍ଦ କାହିଁକି ?”

“କଣ କହିବି ମାଷ୍ଟର ଜୀ । ପାହାଡ ପାଦତଳ ଏ ଅଞ୍ଚଳରେ ଅନେକ ଆଦିବାସୀ । ଏବେବି ଅନ୍ଧ ବିଶ୍ୱାସ ସେମାନଙ୍କ ଜୀବନକୁ ମାଡି ବସିଛି । ଯେଉଁ ଝିଅଟିକୁ ଆପଣ ସବୁବେଳେ ଦେଖୁଛନ୍ତି ବଡ ଅଭାଗିନୀଟେ । ଏ ଗାଁକୁ ବୋହୁହୋଇ ଆସିବା ପର ଦିନ ସ୍ୱାମୀର ମୃତ୍ୟୁ ହେଲା ସର୍ପ ଦଂଶନରେ । ପୁଅ ମୃତ୍ୟୁର ତେର ଦିନ ଶାଶୁ ଶ୍ୱଶୁରଙ୍କ ମରଣ ପୁରୁଣା ଘରକାନ୍ଥ ପଡିଯିବାରୁ । ସେଇ ଦିନଠୁ ଗାଁ ଲୋକଙ୍କ ଆଗରେ ସେ ପାଲଟିଲା ଡାହାଣୀ । ଗାଁ ଲୋକେ ପଥର ମାରି ମାରି ତା’କୁ ଗାଁରୁ ବାହାର କରିଦେବାକୁ ଯାଉଥିଲେ । କିନ୍ତୁ ପ୍ରାଣ ବଞ୍ଚେଇବାକୁ ଯାଇ ଏ ପୁରୁଣା ମନ୍ଦିରକୁ ପଶିଗଲା ।”

ପୁରୁଣା ମନ୍ଦିରର ପୂଜାରୀ ଆତ୍ମହତ୍ୟା କରିଥିଲା ବୋଲି ସେ ମନ୍ଦିର ଅଭିଶପ୍ତ ଓ ଭୂତକୋଠରୀ - ଏ କଥା ଗାଁ ଲୋକେ ବିଶ୍ୱାସ କରନ୍ତି । ଲୋକମାନେ ମନ୍ଦିର ଯିବା ଛାଡି ଦେଇଥିଲେ । ସେ ଦିନଠୁଁ ବିଚାରୀ ସେଇ ମନ୍ଦିରରେ ପଡି ରହିଛି । ଦିନର ଆଲୁଅ ତା’ ପାଇଁ ମନା । ସନ୍ଧ୍ୟାର ଆଳତି ତା’ ଜୀବନ । ମନ୍ଦିର ପୂଜାରୀର ବିଧବା ବୁଢ଼ୀ ସ୍ତ୍ରୀ ଗାଁ ଗାଁ ଭିକ ମାଗି ଯାହାସବୁ ଆଣୁଥିଲା ଦୁହେଁ ଚଳି ଯାଉଥିଲେ । କିନ୍ତୁ ଆଜି ସେ ମଧ୍ୟ ସଂସାର ଛାଡିଦେଲେ । ସେଥିପାଇଁ ବାହୁନି ବାହୁନି କାନ୍ଦୁଛି ବେଚାରୀଟା । ତା’ ଦୁନିଆ ଯେମିତି ଉଜୁଡିଗଲା । କଅଁଳ ବୟସରୁ ଏ ଯନ୍ତ୍ରଣା । ଏ ଦଣ୍ଡ । ଏ ଯାତନା !”

ସାଧୁନନା ବଡ ଦୁଃଖର ସହ କଥାସବୁ କହିଗଲେ ।

କିଛି ସମୟ ପାଇଁ ଅନ୍ଧାରଭରା ରୁମ୍‌ଟା ଅତି ଗୋପନୀୟ ହୋଇଉଠିଲା ।

“ମାଷ୍ଟର ଜୀ ! କାହାକୁ କିଛି କହିବେନି । ନଚେତ ଏ ଅଞ୍ଚଳର ଲୋକେ ଆପଣଙ୍କୁ

 Download Magazine from www.aahwaan.com

ଛାଡିବେନି । ଆସନ୍ତା ରାତି ଦୁଇଟାରୁ ଚାରିଟା ସମୟରେ କେତେକ ଗାଁର ଭେଣ୍ଡିଆ ମନ୍ଦିରରେ ନିଆଁ ଲଗେଇ ଝିଅଟାକୁ ମାରିଦେବାକୁ ଭୁଟୁଭାଟ ହେଇଛନ୍ତି । ହେ ଭଗବାନ ! କିଏ ଜଣେ ଭଦ୍ରଲୋକ ଥାଆନ୍ତା କି ! ବିଚାରୀର ଜୀବନଟା ଉଦ୍ଧାର କରି ଏ ଗାଁରୁ ନେଇଯାଇଥାନ୍ତା ।" ଏତିକି କହି ସାଧୁନନା ରୋଷେଇ କରିବାକୁ ଚାଲିଗଲେ ।

ମନ ବିଚଳିତ ହେଲା ଅନିରୁଦ୍ଧଙ୍କର । ଆଧୁନିକ ଯୁଗର ଏ ପୃଥିବୀରେ ଏବେ ବି ଏ ପ୍ରକାର ଅନ୍ଧବିଶ୍ୱାସ । ଅର୍ଥାତ୍ ଆଉ ଦୁଇ ଦିନ ପରେ ସେ କେବେବି ଝିଅଟିକୁ ଦେଖି ପାରିବେନି । ଝିଅଟା ନିଆଁରେ ଜଳିଜଳି ଦଗ୍ଧିଭୂତ ହେଇଯିବ । କି ଦୋଷ ତା'ର ? କ'ଣ କରିପାରିବେ ଅନିରୁଦ୍ଧ ?

କେଜାଣି କାହିଁକି ଅନିରୁଦ୍ଧଙ୍କର ମନଟା ଅଶାନ୍ତ ହେଇଗଲା । ବିଚଳିତ ହେଇଗଲା ତା'ଙ୍କର ସମସ୍ତ ସଂସାର ଓ ସତ୍ତା । ଏ ବର୍ଷେ ଭିତରେ କେମିତି କେଜାଣି ଗୋଟେ ଅଜଣା ସମ୍ପର୍କ ଗଢ଼ିଉଠିଛି ସେ ମନ୍ଦିର ସହ । ସେ ମନ୍ଦିରରେ ଥିବା ଅଦୃଶ୍ୟ ନାରୀ ସହ । ସେ ବଜାଉଥିବା ନିତିଦିନିଆ ଆଳତିଘଣ୍ଟା ସହ । ଏକୁଟିଆ ଜୀବନର ସାଥି ଭଙ୍ଗାଝରକା ସହ ।

X X X X X

ରାତିସାରା ନିଦ ହେଲାନି ଅନିରୁଦ୍ଧଙ୍କୁ । ଏକ ଅଜଣା ଭୟ ମନ ଭିତରେ ଚକାମାରି ବସିଛି ବିଷାକ୍ତ ସାପ ବସିଲା ଭଳି । ଏକ ଅଜଣା ଆତଙ୍କ ସୃଷ୍ଟି ହେଇଛି ହୃଦୟରେ । କିଛି ଗୋଟେ କରି ନେବାର ତୀବ୍ର ଇଚ୍ଛା ବାରମ୍ବାର ତାଙ୍କୁ ଉଦ୍ବର୍ଷ କରୁଛି । ଆଖି ବନ୍ଦ କରି ପଡିରହିଲେ ମଧ୍ୟ ନିଦ ଆସୁନାହିଁ । ନିଃସଙ୍ଗ ତା' ଜୀବନରେ କାହାପାଇଁ କିଛି କରିବାର ପ୍ରଶ୍ନ ତାଙ୍କୁ ବାରମ୍ବାର ଆନମନା କରୁଛି । ଜଣେ ଅଧ୍ୟାପକ ହୋଇ କ'ଣ ସେ ଏ ପ୍ରକାର କୁକର୍ମର ବିରୋଧ କରିପାରିବେନି ? ପୋଲିସ ପାଖକୁ ଯିବେକି ? ଯଦି ପୋଲିସ୍ ସେମାନଙ୍କ

Download Magazine from www.aahwaan.com

ସହ ଏ ପାପ କର୍ମରେ ସାମିଲ ଥିବେ .... ?

ଉଦ୍ଦେଶ୍ୟହୀନ ହୋଇ ଏ ଜାଗାରୁ ସେ ଜାଗା ବୁଲି ବୁଲି ଚାକିରି କରିବା ଅପେକ୍ଷା କିଛି ଗୋଟେ ଉଦ୍ଦେଶ୍ୟମୂଳକ କାମ କରିବା ଢେର୍ ଭଲ । ଶେଯ ଉପରୁ ଧଡକିନା ଉଠିଗଲେ ସେ । ଅନ୍ଧାର ଭିତରୁ ଭବିଷ୍ୟତର ଆଲୁଅଟିକେ ଚମକି ଉଠିଲା ତାଙ୍କରି ଜୀବନର ଏଇ ଘଡିସନ୍ଧି ମୁହୂର୍ତ୍ତରେ । ନିଜର ଡ୍ରେସ୍ ଓ ଅନ୍ୟାନ୍ୟ ଆବଶ୍ୟକ ବସ୍ତୁ ସବୁ ସାଉଁଟିବାରେ ଲାଗିଲେ । ନିଜର ଅଟାଚ ଧରି ଅନ୍ଧାର ଭିତରେ ସରକାରୀ ବାସ ଭବନ ଛାଡି ଏକାମୁହାଁ ହୋଇ ବାହାରିଗଲେ ।

ମନ୍ଦିରର ଏପଟ ସେପଟ ଭଲ ଭାବରେ ନିରେଖି ଦେଖିନେଲେ ଅନିରୁଦ୍ଧ । କାଳେ କିଏ ତା'ଙ୍କୁ ପିଛା କରିଥିବ । ଏ ସମୟରେ ନିଜ ବାସଭବନର ସାଧୁନନା ଉପରେ ମଧ୍ୟ ସେ ଭରଷା କରିପାରିବେନି । ପାଦ ଚିପିଚିପି ପ୍ରବେଶ କଲେ ମନ୍ଦିର ଭିତରକୁ ।

"କିଏ ତମେ ? କ'ଣ ବା ଆଉ ମୋ ପାଖରେ ଅଛି ଯେ ତମେମାନେ ନେବାକୁ ଆସିଛ ? ଯେତେ ଶୀଘ୍ର ପାରିବ ଏଠୁ ଚାଲିଯା । ନଚେତ ମୁଁ ଡାହାଣୀ ତମକୁ କଞ୍ଚା ଖାଇନେବି ।" ଡରେଇଲା ଭଳି କହିଲା ଝିଅଟି ।

"ଦୟାକରି ପାଟି କରନ୍ତୁ ନାହିଁ । ମୁଁ ଆପଣଙ୍କର କୌଣସି ଅସୁବିଧା କରିବାକୁ ଆସିନାହିଁ ।" ଅନୁରୋଧର କଣ୍ଠସ୍ୱରରେ କହିଲା ଅନିରୁଦ୍ଧ ।

"କିଏ ତମେ ?"

"ମୋତେ ତମେ ଜାଣି ପାରିବନି । ମୁଁ ଏ ଗାଁ କଲେଜର ଇତିହାସ ଅଧ୍ୟାପକ ଅନିରୁଦ୍ଧ । ମୁଁ ଏ ଗାଁର ବାସିନ୍ଦା ନୁହଁ । ତେଣୁ ଭୟ କରିବାର କିଛି ନାହିଁ । ତମେ ମୋତେ ଦେଖ କି ନାହିଁ ମୁଁ ଜାଣିନି । ମୁଁ କିନ୍ତୁ ମନ୍ଦିର ସାମ୍ନାରେ ଥିବା ସରକାରୀ ବାସ ଭବନରୁ

ସବୁବେଳେ ତୁମକୁ ଦେଖେ ।"

"ସେ ଭଙ୍ଗାଝରକାରୁ ?"

ଭଙ୍ଗାଝରକା କଥା ଶୁଣି ବେଶୀ ଖୁସି ହେଲା ଅନିରୁଦ୍ଧ । ତାହା ହେଲେ ଝିଅଟା ତାଙ୍କୁ ସବୁବେଳେ ଦେଖୁଛି । ତାଙ୍କୁ ଲାଗୁଥିଲା ଏ ବର୍ଷେ ଭିତରେ ଭଙ୍ଗାଝରକାଟା ସେମାନଙ୍କ ମଧ୍ୟରେ ଗୋଟେ ସମ୍ପର୍କ ଗଢି ଦେଇଛି ।

"ହୁଁ । ସେଇ ଭଙ୍ଗାଝରକାରୁ । ତମେ ଜାଣିଛ, କାଲି ତମକୁ ଲୋକମାନେ ନିଆଁରେ ଜାଳିଦେବେ ?"

ଏ କଥା ଶୁଣି ଶିହିରି ଉଠିଲା ଝିଅଟା । ସେ ଅନ୍ଧାର ଭିତରେ ଅନିରୁଦ୍ଧର ଆହୁରି ପାଖକୁ ଘୁଞ୍ଚି ଆସିଲା ।

"ମୁଁ ତ ସେଇ ଦିନ ମରିଯାଇଥିଲି ଯେଉଁ ଦିନ ଏ ଗାଁ ଲୋକେ ମୋତେ ଅଭିଶପ୍ତା କହି ପଥର ମାରିଥିଲେ ।" ଡରିଡରି ଉତ୍ତର ଦେଲା ଝିଅଟା ।

"ମୋ ସାଙ୍ଗରେ ଯିବ ?" ଝିଅଟିର ହାତ ଧରି ପଚାରିଲେ ଅନିରୁଦ୍ଧ । ଏପରି ଏକ ଅପ୍ରତ୍ୟାଶିତ ପ୍ରଶ୍ନ ଜଣେ ଅପରିଚିତ ଅଜଣା ବ୍ୟକ୍ତିଠୁ ଆପଣାପଣ ପାଇ ନିର୍ଭୟ ହେଲା ସେ ।

"କୁଆଡେ ?"

"କାଲି ମୋତେ କଲେଜ ଛାଡି ବ୍ରହ୍ମପୁରକୁ ଯିବାକୁ ପଡିବ । କିନ୍ତୁ ତମେ ଯଦି ଚାହିଁବ ଏବେ ହିଁ ମୁଁ ଚାଲିଯିବ । ତମକୁ ନେଇ ଯିବି ଏ ଅଞ୍ଚଳରୁ, ଅନେକ ଦୂରକୁ ।" ପ୍ରତିଶ୍ରୁତି ଦେଲା ଅନିରୁଦ୍ଧ ।

"କିନ୍ତୁ ......"

"କିନ୍ତୁ ଫିନ୍ତୁର ସମୟ ନାହିଁ ଆମ ପାଖରେ । ମୁଖ୍ୟ ସଡକ ଛାଡି ଆମକୁ ପାହାଡ

 Download Magazine from www.aahwaan.com

ପାଦଦେଶ ଦେଇ ଲୁଚିଲୁଚି ରେଳଷ୍ଟେସନକୁ ଯିବାକୁ ପଡିବ ।"

"ହେଲେ ଆପଣ......."

"ଠିକ୍ କଥା । ମନରେ ଆଶଙ୍କା ଆସିବା ସୁନିଶ୍ଚିତ । କାରଣ ତମ ଜୀବନରେ କେବଳ ଯନ୍ତ୍ରଣା ହିଁ ମିଳୁଛି । ମୋ ଜୀବନରେ ମୁଁ ବି ସଂସାରର ସମସ୍ତ ଦାୟିତ୍ୱ ବହନ କରୁକରୁ ବୟସର ଚାଳିଶି ସୋପାନରେ ପହଞ୍ଚିଛି । ଏବେ ମୁଁ ଏକୁଟିଆ । ଯଦି ଜଣେ ଜୀବନସାଥି ମିଳିଯାଏ, ବାକି ଜୀବନଟା ସୁଖରେ କାଟିଦେବି ।"

"ବ୍ରହ୍ମପୁର ସହରପାଖ କନିଷିରେ ମୋ ବୋଉର ପୁରୁଣା ଭଙ୍ଗା ଘରଡିହ ଅଛି । ଭାବୁଛି ତମେ ଯଦି ଚାହିଁବ ମୋ ଭଙ୍ଗାଘରକୁ ସଜାଡି ଦେବ । ସୁଖରେ ରହିବା ।"

"ତଥାପି କାହିଁକି ଜୀବନରେ ସୁଖର ଆଉ ଆଶା ନାହିଁ ।" ନିରାଶ ଭାବରେ ଝିଅଟା ଉତ୍ତର ଦେଲା ।

ଅନିରୁଦ୍ଧ ଝିଅଟିର ଅସମଞ୍ଜକୁ ଭଲ ଭାବରେ ବୁଝିପାରିଲେ । ଏମିତି ଅଚାନକ ଜଣେ ଅଜଣା ଅପରିଚିତ ସହ ନାରୀଟିଏ କେମିତି ଭରଷା କରିବ । ସମୟ ନଷ୍ଟ ନ କରି ସନ୍ଧ୍ୟାର ଅଧାଜଳା ଦୀପଟିକୁ ଜଳାଇଲେ ସେ । ସେ ଦୀପକୁ ସାକ୍ଷୀ ରଖି ମା ମଙ୍ଗଳାଙ୍କ ଆଗରେ ଝିଅଟିର ମଥାରେ ସିନ୍ଦୁର ପିନ୍ଧାଇଲେ । ଅଧିକ ସମୟ ନଷ୍ଟ ନ କରି ଝିଅଟିର ହାତକୁ ଧରି ଆଗେଇବାକୁ ଲାଗିଲେ ପାହାଡ ତଳ ଅନ୍ଧାର ରାସ୍ତାରେ ।

ପଛରେ ରହିଗଲା ରାୟଗଡା ସରକାରୀ କଲେଜର ବାସ ଭବନ । ଅନିରୁଦ୍ଧଙ୍କ ଏ ନୂତନ ଦାୟିତ୍ୱ ଓ ଯାତ୍ରାର ମୁକ ସାକ୍ଷୀ ହେଲା ସେ ଭଙ୍ଗାଝରକା । ଯେମିତି ହେଲେ ଭୋର ହେବା ପୂର୍ବରୁ ପହଞ୍ଚିବାକୁ ହେବ ରେଳଷ୍ଟେସନ ..... । ରାୟଗଡା ଛାଡିଦେଲେ ଜୀବନ ବଞ୍ଚିଯିବ । ପହଞ୍ଚିଯିବେ ନିଜ ଜନ୍ମମାଟି ବ୍ରହ୍ମପୁର ରେଳଷ୍ଟେସନରେ .... । ଏକ ନୂତନ

 Download Magazine from www.aahwaan.com

ସକାଳର ଅପେକ୍ଷାରେ....... ।

ପଛକୁ ଘୁଞ୍ଚି ଘୁଞ୍ଚି ଯାଉଛି ଭଙ୍ଗାଝରକା । କେତେ ସହଜରେ ଯୋଡିଦେଲା ଦୁଇଟି ଅଜଣା ମଣିଷର ସଂପର୍କ । ଝରକା ଭାଙ୍ଗିଗଲେ କି କେବେ ଅସ୍ୱୀକାର କରନା ଘର ଭିତର ସଂସାର ସହ ବାହାର ଦୁନିଆର ସଂପର୍କକୁ..... ।

- : ଠିକଣା :-

ସଂପାଦକ - ଗଞ୍ଜାମର କବିତାଘର

ମାର୍ଫତ - ପ୍ରଧାନ ଶିକ୍ଷକ, ଶ୍ରୀ ମର୍ଦ୍ଧରାଜ ଉଚ୍ଚ ବିଦ୍ୟାଳୟ, ଖଲ୍ଲିକୋଟ

ଖଲ୍ଲିକୋଟ, ଗଞ୍ଜାମ - ୭୬୧୦୩୦, ମୋ - ୮୨୮୦୨୨୩୬୪୪

Download Magazine from www.aahwaan.com

# ପ୍ରତୀକ୍ଷା



ସସ୍ମିତା ସାହୁ

କିଶୋର ସେଦିନ ଘରକୁ ଫେରୁଥାଏ । ନୂଆବର୍ଷ ଉପଲକ୍ଷେ ମିଳିଥିବା ଛୁଟିକୁ ସେ ପରିବାର ଲୋକଙ୍କ ସହ ଅତିବାହିତ କରିବାକୁ ଚାହୁଁଥିଲା । ନୂଆଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ସେ ପହଞ୍ଚିବାପରେ ରେଳଷ୍ଟେସନରେ ପହଞ୍ଚି ଅନୁଗୁଳ ପାଇଁ ଟିକଟ ଆଣିଲା । ପୁରୀ-ଦୁର୍ଗ୍ ଏକ୍ସପ୍ରେସରେ ବସିବାପରେ ଘର କଥା ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଲା । ଝିଅଟିଏ ଶାଶୁଘରକୁ ଗଲାପରି ବାହାରେ ଚାକିରି କରିଥିବା ପୁଅଟି ଫୁରସତରେ ଘରକୁ ଆସିଲେ କୁଣିଆ ପରି ଲାଗିଥାଏ । କିଛିଦିନ ପରିବାର ଲୋକଙ୍କ ସହ ସମୟ ବିତାଇ ପୁଣି ନିଜ କର୍ମକ୍ଷେତ୍ରକୁ ଫେରିବାକୁ ପଡ଼ିଥାଏ । ଏମିତି କଥା ଭାବୁ ଭାବୁ କିଶୋର ଅନୁଗୁଳରେ ପହଞ୍ଚି ସାରିଥାଏ । ଷ୍ଟେସନଠାରୁ ପନ୍ଦର କିଲୋମିଟର ଦୂରରେ ଘର । ବସଷ୍ଟାଣ୍ଡ ବୋଲି ଏକ ବରଗଛ ମୂଳରେ ଲୋକମାନେ ବସ ପାଇଁ ଅପେକ୍ଷା କରି ବସିଥାନ୍ତି । ଗଛଠାରୁ ଅଳ୍ପଦୂରରେ ଗୋଟିଏ ଛୋଟିଆ ଦୋକାନଟିଏ । କିଶୋର ସେ ଦୋକାନକୁ ଯାଇ ଚା' ପିଇବାପାଇଁ ଦୋକାନୀଙ୍କୁ ଖୋଜୁ ଖୋଜୁ ଜଣେ ବୃଦ୍ଧାଙ୍କୁ ଦେଖିବାକୁ ପାଇଲା । ସେ ଯେବେ ବି ଘରକୁ ଆସେ ସେ ଦୋକାନରୁ ଚା ପିଇବାକୁ କେବେ ବି ଭୁଲେ ନାହିଁ । "ମାଉସୀ, ଗୋଟେ କପ୍ ଚା' ମିଳିବ କି ?"

ବୃଦ୍ଧା ନିରସିଆ ହସଟିଏ ହସିଦେଇ କହିଲା, "ଏଇ ଦେଉଛି ପୁଅ । ବସ ବସ ।... ଏ ମୋ ପୁଅ ରାଜୁ ବା... ବଜାରକୁ ଯାଇଛି ଯେ କେତେବେଳ ହେଲାଣି.." ବୁଢ଼ୀ ଅନବରତ କହି ଚାଲିଥାଏ । କିଶୋର ହାତକୁ ଚା' କପଟିଏ ବଢ଼େଇଦେଇ ସେ ପୁଣି କହିଲା, "ଏକା ବୁଢ଼ୀ

 Download Magazine from www.aahwaan.com

ଲୋକଟା ମୁଁ । କେତେ କଣ କରିବି କୁହ ? ଟୋକାଟା କୌଣସି କଥାକୁ ନିଘା ନାହିଁ । ଯାଇଛି ଯେ ଯାଇଛି । ଆଜି ତା ଜନ୍ମଦିନ ବୋଲି କ୍ଷୀରିଟିକେ ବସେଇଚି । ଯାଉଛି ଦେଖି ଆସିବି...” ବୁଢ଼ୀ ଦୋକାନପଛ କୁଡ଼ିଆ ଭିତରକୁ ଚାଲିଗଲା । କିଶୋର ଚା’ କପ ସାରିଦେଇ ସେଇଠି ଟଙ୍କା ଥୋଇଦେଉ ଦେଉ ଅଧିକ ଦଶ ଟଙ୍କାଟିଏ ରଖିବାର ଦେଖି ପାଖରେ ଥିବା ଜଣେ ଲୋକକହିଲା, “ବାବୁ ଚା’ ଟଙ୍କା ତ ଦେଲ ଆଉ ଏଇ ଦଶଟଙ୍କା କାହିଁକି ?” କିଶୋର କହିଲା, “ବୁଢ଼ୀର ପୁଅର ଜନ୍ମଦିନଟା, ତ ସେଇଥିପାଇଁ...” କିଶୋରକୁ ଆଶ୍ଚର୍ଯ୍ୟ ହୋଇ ସେ ଲୋକଟା ଚାହିଁ କହିଲା, “କୋଉ ପୁଅ ? ବୁଢ଼ୀର ପୁଅ ଦୁଇବର୍ଷ ତଳେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛି । ସେଇଦିନୁ ଏଇ ବୁଢ଼ୀ ପାଗଳି ହୋଇଯାଇଛି । ସବୁ ଯିବା ଆସିବା ଲୋକଙ୍କୁ ସେଇ ଏକା କାହାଣୀ କହି ଚାଲିଛି ।”

ବୁଢ଼ୀ ଚାଳ ପାଖରେ ମଥା ନୋଇଁଦେଇ ବାହାରକୁ ଆସୁ ଆସୁ, “ରାଜୁରେ... ଏ ରାଜୁ...” କହି ଡାକ ଦେଉଥିଲା । କିଶୋର ନିସ୍ତବ୍ଧ ସେଠାରୁ ଫେରି ଆସୁଥିଲା ।

Download Magazine from www.aahwaan.com

# ଅଧୁରା ପ୍ରେମ...



ସୁବଳ ମହାପାତ୍ର

(ବେଳେବେଳେ ଏମିତି ହୁଏ କି କିଛି ବିଷୟ଼ ଉପରେ ଆମେ ଚିନ୍ତା କଲା ବେଳେ କିଛି ପ୍ରଶ୍ନ ଆମ ମନ ଭିତରେ ପଶି ଆସେ ଓ ଆମେ ନିଜେ ନିଜ ସହ କଥା ହୁଅନ୍ତି ଗଳ୍ପ ଟି ସେମିତି ଏକ ବିଷୟ଼ ବସ୍ତୁ କୁ ନେଇ ଲିଖିତ ସେଦିନ ସେ ବସି ଭାବୁଥିଲା କିଛି ଦିନ ପୂର୍ବରୁ ଘଟି ଯାଇଥିବା ଘଟଣା ଟିଏ ଘଟଣା ତ କହି ହେବନି ଦୁର୍ଘଟଣା ଟିଏ...)

ସେଦିନ ସେ ଆସିଥିଲା ...

କାହିଁକି ?...

କେଜାଣି ?...

ସେ ଏମିତି ଆସେ ମଝିରେ ମଝିରେ ଠିକ ଆସିବ, ଯେତେବେଳେ ମନଦୁଃଖ ଥିବ, ନହେଲେ ଯେତେବେଳେ ଟେନସନ ଅଧିକ ଥିବ କି ଏକା ଏକା ଲାଗୁଥିବ ଏପରି ସମୟ଼ ରେ ସେ କାହିଁକି ଆସେ କେଜାଣି ? କେମିତି ଜାଣେ ସେ ଏତେ କଥା ? କିଏ କହେ ତାକୁ ଆସିବାକୁ ? ନା କିଏ ଦିଏ ତାକୁ ମୋ ଖବର ? ମୁଁ ରାଗି କି ଗାଳି ଦେଉଥିବି ଆଉ ସେ ହସି ହସି ସବୁ କଥା କୁ ଆଡେଇ ଯାଉଥିବ

ସେଦିନ କିନ୍ତୁ ଆସିଥିଲା ରାତି ଅଧାରେ...ଯେତେବେଳେ ସମସ୍ତେ ଶୋଇ ସାରିଥିଲେ... ବାହାରେ ବୁଲା କୁକୁର ହୋ ଓ ଓ ଓ କରି ରଡି ପକାଉଥିଲେ...

ବାହାରେ ଲାଗିଥିବା ବାରଲାଇଟ ଟା ଦପ ଦପ ହୋଇ ଜଳୁଥିଲା.... ପବନ ର ସଅଁ ସଅଁ ଶବ୍ଦ ରହି ରହି ଝରକା ର ଫାଙ୍କ ଦେଇ ଘର ଭିତରେ ପଶୁଥିଲା ...

 Download Magazine from www.aahwaan.com

ବାପାଙ୍କ ଘୁଙ୍ଗୁଡ଼ି ଆର ଘରୁ ଏଯାଏଁ ଶୁଭୁଥିଲା....ଆସି ଉଠେଇଲା ସେ ମୋତେ କହିଲା, "ଚାଲ ଏ ଜହ୍ନ ଆଲୁଅରେ ଟିକେ ବୁଲି ଆସିବା ମନଟା ଜମାରୁ ଭଲ ନାହିଁ ଆଜି"

ମୁଁ ଆଷ୍ଚର୍ଯ୍ୟ ହୋଇ ଚାହିଁଥିଲି ତାକୁ

ଏ ରାତିରେ ?

ପୁଣି ଏତେ ଚୁଲବୁଲି ଝିଅ ର ମନ ଖରାପ ?

ସତ କହିଲେ ଆଜି ଯାଏଁ ତା'ର ମନ ଦୁଃଖ ହେବା ମୁଁ କେବେ ଦେଖି ନଥିଲି ସବୁ ଅବସ୍ଥା ରେ ଖାପ ଖୁଏଇନେବା ଝିଅଟିଏ ଥିଲା ସେ ସବୁବେଳେ ହସ ହସ ମୁହଁ କେଜାଣି ଶେଷ ଥର ସେ କେବେ କାନ୍ଦିଥିଲା କଷ୍ଟ ହେଲେ ବି ହସୁଥିବ, ଗାଳି ଦେଲେ ବି ହସୁଥିବ ଛୋପରି ଖଣ୍ଡିଏ ଆଜି ଯିଏ ତାକୁ ଗାଳି ଦେଇଥିବ, କାରଣ ଥାଉ କି ନଥାଉ, କାଲି ସକାଳୁ ସେ ତା ସହ ଆସି ହସି ହସି କଥା ହେଉଥିବ ବେଳେବେଳେ ତ ହସି ହସି ଗଡିଯାଏ କିନ୍ତୁ, ତା'ର ଏହି ଗୁଣ ଗୁଡିକ ତ ମୋତେ ଭଲଲାଗେ କାହିଁକି ? କାହିଁକି କଣ ମ ? ଗୋଟେ ପୁଅ ଆଉ କଣ ଚାହେଁ କି ?

ତାକୁ କେବେ କିଛି କହି ନ ଥିଲି ନା ମୁଁ ତାକୁ କହିଥିଲି ଭଲପାଏ ବୋଲି ନା ସେ ମୋତେ କହିଥିଲା କେହି କାହାକୁ କିଛି କହି ନ ଥିଲେ ବି ମୁଁ ନିଜକୁ ପ୍ରେମିକ ଓ ତାକୁ ପ୍ରେମିକା ହିସାବରେ ସଜେଇ ସାରିଥିଲି କେଉଁଦିନୁ ବେଳେ ବେଳେ ତା' ଉପରେ ହକ ଜାହିର କଲାବେଳେ ତା ହସ ହସ ମୁହଁ ରେ କେମିତି ଗୋଟେ ରେଖା ପଡ଼ିଯାଏ, କଣ ଭାବେ ସେ କେଜାଣି ? ମୁଁ କିନ୍ତୁ ଜାଣିଲେ ବି ଆହୁରି ଆହୁରି ତାଗିଦ କରେ ତାକୁ ଆଜି ସିନା ମୁଁ ତା ପ୍ରେମିକ ହୋଇନି, କାଲି କୁ ତ' ହେବି ନା ତେଣୁ ଆଜିଠୁ ହକ ଖୋଜିବାରେ ଅସୁବିଧା କଣ ? ତା ମନର ଅବସ୍ଥା କେବେ ମୁଁ ଜାଣିବାକୁ ଚେଷ୍ଟା କରିନଥିଲି କାହିଁକି କରିବି ? ସେ ତ

 Download Magazine from www.aahwaan.com

ସବୁବେଳେ ହସୁଥାଏ

ଜଣେ ମଣିଷ ହସେ କେତେବେଳେ ?

ଯେତେବେଳେ ସେ ଖୁସିଥାଏ ।

ଖୁସିଥାଏ ମାନେ...ମନ ଖୁସିଥାଏ ।

ତେବେ ମନ ର ଅବସ୍ଥା ଆଉ କଣ ବୁଝିବି ? ସେ ତ ଖୁସି ଅଛି । ସବୁବେଳେ ଖୁସିଥାଏ, ମାନେ ତା ମନ ଖୁସି ଥାଏ ସବୁବେଳେ । ମୁଁ ଗାଳି କଲେ ବି ସେ ହସେ, ମୁଁ ରାଗିଲେ ବି ସେ ହସେ, ତାକୁ ଅଣ୍ଡର ଏସ୍ଟିମେଟ କଲେ ବି ସେ ହସେ । ଯେମିତି ହସ ଟା ତା ଜୀବନ । ନହସିଲେ ସେ ମରିଯିବ । ହେତ... କୁଆଡେ ପଳେଇଲିନି ମୁଁ ...

ହଁ, ସେ ଆସିଥିଲା, ରାତି ଅଧା ରେ, ମୋ ବେଡ଼ ପାଖକୁ, ମୋତେ ଉଠେଇଲା ଆଉ କହିଲା, "ଚାଲ ଏ ଜହ୍ନ ଆଲୁଅରେ ଟିକେ ବୁଲି ଆସିବା" । କିନ୍ତୁ ସେ ଆସିଲା କେମିତି ? ପୁଣି ମୋ ବେଡ଼ରୁମ କୁ ରାତି ଅଧା ରେ । ହେଃ.. ସେକଥା କିଏ ଚିନ୍ତା କରେ ସେତେବେଳେ ? ରାତି ଅଧା.. । ସେ ପାଖ ଘରେ ରହୁଥିଲା । ଆମ ପଡୋଶୀ । ଛଅ ବର୍ଷ ହେଲାଣି । ଆମେ ତ ଥିଲୁ ୨୫ ବର୍ଷ ହେଲା । ମୋ ଜନ୍ମ ପୂର୍ବରୁ । ଏଇଟା ଆମ ନିଜ ଘର । ସେମାନେ କିନ୍ତୁ ଆସିଥିଲେ ଛଅ ବର୍ଷ ତଳେ, ଭଡାରେ । କାହିଁକି ? ମୁଁ ଜାଣିନି... ତା ବାପାଙ୍କର ବଦଳି ହୋଇଥିବ, ନହେଲେ ପୁରୁଣା ଘର ମାଲିକ ଭଡା ବଢ଼େଇ ଦେଇଥିବ, ନ ହେଲେ କଲେଜ ପାଖ ହେଉଥିବ । ମୁଁ କଉ ଥିଲି ସେତେବେଳେ ଯେ ଜାଣିବି ? ମୁଁ ତ ରହୁଥିଲି ହଷ୍ଟେଲ ରେ । ଛଅ ମାସରେ ଥରେ ମୁଁ ଘରକୁ ଆସେ । ସେଥର ଆସିଲା ବେଳେ ଦେଖିଲି ନୂଆ ଝିଅଟିଏ, ଆମ ଘର ଆଗ ଦେଇ ଡେଇଁ ଡେଇଁ ଗଲା । କି ଅଜବ ଝିଅ ଇଏ ? କଲେଜ ପଢ଼ିଲାଣି କିନ୍ତୁ ଛୁଆଳିଆମୀ ଛାଡ଼ିନି । ଡେଇଁ ଡେଇଁ ଯାଉଛି, ପୁଣି ବାଟରେ ପଡିଥିବା ଗୋଡି , ପଥର କୁ

 Download Magazine from www.aahwaan.com

ଲକ୍ଷ୍ୟ କରି ଗୋଇଠା ମାରୁଛି, ଠିକ ଯେମିତି ପୁଅ ପିଲା ମାରନ୍ତି । ଗୋଟେ ଗୋଡି ଆସି ମୋ ପାଖରେ ପଡିଲା । ମୁଁ ରାଗି କରି ତାକୁ ଅନେଇଲି । ସେ, ସରି, ସରି କହି ପୁଣି ଆଉ ଗୋଟେ ଗୋଡି କୁ ଗୋଇଠା ମାରି ଡେଇଁ ଡେଇଁ ପଳେଇଲା । ମୁଁ ହସିଲି । କାହିଁକି କେଜାଣି ସତର ବର୍ଷ ବୟସ ରେ ମୋ ଛାତି ଟା, ଭିନ୍ନ କାରଣ ପାଇଁ ଧକ ଧକ ହେଲା । ଜୋର ରେ । ଏମିତି ବି ହୁଏ ? ନିଜେ ନିଜକୁ ପଚାରିଥିଲି ।

ତା' ପରେ ? ତା' ପରେ କ'ଣ । ସନ୍ଧ୍ୟା ରେ ତା ମା' ଆଉ ମୋ ମା' ଫାଟକ ପାଖରେ କଥା ହେଉଥିଲେ । ମୁଁ ବାହାରେ ପବନ ଖାଉଥିଲି । ସେ ଆସି ତା' ମା ପାଖରେ ଠିଆହେଲା ଆଉ ମୋ ମା, ମୋତେ ଡାକିଲେ । କଥା କରେଇଲେ । ଆମେ ଏକା କ୍ଲାସ ରେ ପଢୁଥିଲୁ । ସେ ମୋ ଘର ପାଖ କଲେଜ ରେ ଆଉ ମୁଁ ? ମୁଁ ଘରଠୁ ଦୁଇଶହ କିଲୋମିଟର ଦୁରରେ । ମନ ନଥିଲା ଏତେ ଦୁରକୁ ଯିବା ପାଇଁ । ସେଥିପାଇଁ ତ ରାଗରେ ଛଅ ମାସରେ ଥରେ ଆସୁଥିଲି ଘରକୁ । ୟା ପରଠୁ କିନ୍ତୁ ରାଗିବା ଆହୁରି ବଢି ଯାଇଥିଲା ଘର ଲୋକଙ୍କ ଉପରେ କିନ୍ତୁ ଘରକୁ ଆସୁଥିଲି ମାସକୁ ଥରେ । ତା'ପରେ ପନ୍ଦର ଦିନ ରେ ଥରେ । ଏ ଭିତରେ ଛଅ ବର୍ଷ ବିତି ଯାଇଥିଲା ।  ପାଠ ? କିଆଁ ପଚାରୁଛନ୍ତି ? ପାଠ ସରି ଯାଇଥିଲା । କଣ ପଢୁଥିଲୁ କି ? ପନ୍ଦର ଦିନରେ ଥରେ ଘରକୁ ଆସିଲେ ପାଠ ହୁଏ ? ତଥାପି ପାସ । ହଁ... ସେ ଅବସ୍ଥା ରେ ପାସ କରିବା ଟା ବି ବଡ କଥା । କଉ ଅବସ୍ଥା ? ଛାଡ ମ.. ଶୁଣିବାର ଅଛି ଶୁଣ, ନହେଲେ ନାହିଁ । କହିଲି ପରା," ସେଦିନ ମୋ ଛାତି ଟା, ଭିନ୍ନ କାରଣ ପାଇଁ ଧକ ଧକ ହେଲା" । ହଁ, ତାକୁ କହି ନଥିଲି । କିନ୍ତୁ ମୁଁ ଝାନ ସାଇଡ ଲଭ କରି ପାରିବି ନା... । ନା, ସେଥିପାଇଁ ବି ଅନୁମତି ଦରକାର ? ?

ହଉ ହଉ ଶୁଣ, ତା ପାଇଁ ପୁଅ ଦେଖା ଚାଲିଥିଲା ଆଉ ମୋ ପାଇଁ ଚାକିରୀ ଖଣ୍ଡେ ।

 Download Magazine from www.aahwaan.com

କାହାକୁ କିଛି ମିଳୁ ନଥିଲା । ନା ତାକୁ ପୁଅ ନା ମୋତେ ଚାକିରୀ । ଚାକିରୀ ଖଣ୍ଡେ ମିଳି ଯାଇଥିଲେ ଅବା ଦୁଇଟା ଯାକ ମିଳି ଯାଇଥାନ୍ତା । କେମିତି ? ହେଃ.. କେମିତି କଣ ମ , ନବୁଝିଲା ପରି ହଉଛ ? ମୋତେ ଚାକିରୀ ମିଳିଲେ, ମୁଁ ପରା ଗୋଟେ ପୁଅ ... କିନ୍ତୁ ମୋତେ ଚାକିରୀ ମିଳୁ ନଥିଲା ଆଉ ତାକୁ ସବୁ ପୁଅ ରିଜେକ୍ଟ କରୁଥିଲେ । ମା, ଆଗରେ ମନଦୁଃଖ କଲେ ବି ଭିତରେ ଭିତରେ ମୁଁ ଖୁସି ହେଉଥିଲି । ଯାହା ହେଲେ ବି ମୋ ପ୍ରେମିକା ଆଉ କାହା ସହ ବାହାହବ ମୁଁ ପ୍ରେମିକ ହୋଇ ସମ୍ଭାଳିବି କି ? ହଁ, ଏବେ ବୁଝି ପାରୁଛ ତ ...

ଏତେ ଦିନ ପରେ ମୋତେ ଗୋଟେ କମ୍ପାନୀ ରେ ଚାକିରୀ ମିଳିବାର ସମ୍ଭାବନା ଥିଲା । ଦୁଇଟା ରାଉଣ୍ଡ ସରି ଯାଇଥିଲା । ଖାଲି ଏଚଆର (HR) ରାଉଣ୍ଡ ବାକିଥିଲା । ମନ ଭିତରେ ବହୁତ ଖୁସିଥିଲି । ପଇସା ବେଶୀ ନ ଦିଅନ୍ତୁ ପଛେ, ଆମ ଚାରି ବାପା ମା ଙ୍କର ଦୁଇଟା ଟେନସନ ତ ଦୂରହେବ । ଏବେ ଆଉ ପଚାରନି, ଚାରି ବାପା ମା କେମିତି ଆଉ ଦୁଇଟା ଟେନସନ କଣ । ବୁଝି ଯା ।

ସେଇଦିନ ସିଏ ଆସିଲା, ରାତି ଅଧା ରେ । ମୁଁ ଶୋଇଥିଲି । ଉଠେଇଲା ଆଉ ଆମେ ଘରୁ ବାହାରି ଚନ୍ଦ୍ର ଆଲୋକ ରେ ଧିମା ଧିମା ପବନ ରେ ବୁଲିଲୁ । ଚାଲି ଚାଲି କେତେବାଟ ଯିବୁ ? ସେଇ ପାଖରେ ବୁଲିଲୁ । ସେ ମୋ ହାତ ଧରିଥିଲା । ଦେହ ଭିତରେ ମୋ ରକ୍ତ ଗୁଡା ଯେମିତି ଧାଉଁଥିଲେ, କହି ପାରିବିନି । ତା ବାଳ ଖୋଲା । ବାଳ ଆଉ ଶାଲୱାର ର ଚୁନି ପବନ ରେ ଉଡୁଥିଲେ । ମୁଁ ତା' ମୁହଁ କୁ ଅନେଇ ପାରୁନଥିଲି । କାହିଁକି କଣ ? ପୁଅ ପିଲା ଟେ ହେଲେ ବି ମୋର ପୁଣି ଲାଜ ଅଛି ନା ନାହିଁ ? ମୋତେ ଅଫର ମିଳିଲା ପରେ ତାକୁ କେମିତି ପ୍ରପୋଜ କରିବି ସେଇୟା ଚିନ୍ତା କରୁଥିଲି । ଏପଟେ ତା ସହ କଥା ବି ହେଉଥିଲି । ମୁଣ୍ଡ ଦୁଇ ଆଡେ କାମ କରୁଥିଲା । ଆମେ ଏପଟ ସେପଟ ହୋଇ ବୁଲୁଥିଲୁ । ବେଶୀ ସମୟ, କିଛି କଥା ନ ହୋଇ ଚୁପଚାପ ଚାଲୁଥିଲୁ । କିଛି ସମୟ ଏଣୁ ତେଣୁ କଥା ହେଉ ଥିଲୁ ।

Download Magazine from www.aahwaan.com

ସେମିତି କିଛି ଅଧିକ କଥା ନୁହଁ । ଯେଉଁ କଥା ଆମେ ପ୍ରାୟ ସବୁ ଦିନ ହେଉ । ଯେମିତି କି.. ଆଜି କଣ ରୋଷେଇ ହେଇଛି ତମ ଘରେ । ଆଜି କେଉଁ ସାଙ୍ଗ କୁ ଫୋନ କରିଥିଲି । କେଉଁ ସାଙ୍ଗ କୁ ଚାକିରୀ ମିଳିଗଲା । କେଉଁ ସାଙ୍ଗ ର ବାହାଘର ଆର ମାସ ରେ । କିଏ ତା ସ୍ତ୍ରୀକୁ ନେଇ କୁଆଡେ ବୁଲିବାକୁ ଗଲା । ଏମିତି ସବୁ ...କିଛି ସମୟ ପରେ ଆସିଲୁ ଘରକୁ ।

ପରଦିନ ସକାଳୁ ତା ମାଙ୍କ କାନ୍ଦ ରେ ମୋ ନିଦ ଭାଙ୍ଗିଲା । ମୁଁ କିଛି ବୁଝି ପାରୁ ନଥିଲି । ଦୌଡ଼ି ଯାଇ ଦେଖିଲା ବେଳକୁ ତା ମଲା ଶରୀର ଟା ଫ୍ୟାନ ରୁ ତଳକୁ ଝୁଲୁଥିଲା । ରାତିରେ କେହିଜଣେ ପୁଅଘର ବାହାଘର କରିବେ ବୋଲି ଫୋନ ଦ୍ୱାରା ଜଣେଇ ଦେଇଥିଲେ । ସେ ଚୁପଚାପ ଥିଲା, ନା କିଛି କହିଥିଲା, ନା ବିରକ୍ତି ହୋଇଥିଲା, ନା ଖୁସି ଥିଲା । କେବଳ ଥରେ ମାତ୍ର ତା ସାନ ଭାଇ କୁ କହିଥିଲା," ଭଲ ହେଲାନି" ।

ଆଗରୁ ଥରେ ସେ ବାହାଘର ବିଷୟ ରେ ଘରେ କହିଥିଲା ବୋଲି ତାକୁ କୁଆଡେ ତା' ବାପା ପ୍ରବଳ ପିଟିଥିଲେ । ତା' ଝୁଲୁଥିବା ଲାସ ର ଗୋଡ ଦୁଇଟି କୁ ଧରି ତା ମା' ବାହୁନି ବାହୁନି କାନ୍ଦୁଥିଲେ । ମଝିରେ ମଝିରେ ମୋ ନାଁ ଟି ମୁଁ ଶୁଣିବାକୁ ପାଉଥିଲି । ଘରର ଅନ୍ୟ ସମସ୍ତଙ୍କ ମୁହଁ ରେ କିଛି କିଛି ଚିନ୍ତା ର ରେଖା ଦେଖା ଯାଉଥିଲା । କାହିଁକି ସେ ଏମିତି କଲା ? ଆମକୁ ତ ଜଣେଇ ପାରିଥାନ୍ତା । କିଏ କିଏ ଆହାଃ.. ଚୁ.. ଚୁ.. କରୁଥିଲେ । ପୋଲିସ ଆସି ସାରିଥିଲା ।

ଆଉ ମୁଁ ?

ମନେପକେଇ ପାରୁନଥିଲି ରାତି ରେ ସେ ସତରେ ଆସିଥିଲା ନା ସ୍ୱପ୍ନ ରେ ....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

Download Magazine from www.aahwaan.com

# ରସାବଳୀ ଓ ବିଲେଇକଳି



ଡା ସୌମ୍ୟରଞ୍ଜନ ମିଶ୍ର

ଇଂରାଜୀ ନୂଆବର୍ଷ ଆରମ୍ଭରେ ମନ ଖୋଜୁଥିଲା ଗୋଟାଏ ଭଲଲୋକର ମୁହଁ ଦେଖିବାକୁ । ଯାହା ହେଉ, ବହୁଦିନପରେ ସୁଦର୍ଶନର ଦେଖାମିଳିଲା । ଜରିଭର୍ତ୍ତି ରସଗୋଲା ଧରି ମୁହଁ ମିଠା କରିବାକୁ ନୂଆବର୍ଷରେ ସେ ଆମ ଘରେ ହାଜର । ତାକୁ ଦେଖି ମୋ ସ୍ତ୍ରୀ ମଧ୍ୟ ବହୁତ ଖୁସି ହେଲା । ହେଲେ ସୁଦର୍ଶନର ମିଠା ଜରିକୁ ଦେଖି ମୋ ଆଡ଼କୁ ତରାଟି ଚାହିଁଲା । ଆଜିକାଲି ମୋର ମିଠା ଖାଇବାରେ ବହୁ କଟକଣା । ପେଟ ନାମକ ଅଙ୍ଗଟି ସମୟ ସହ ତାଳଦେଇ ଆଗଉ ଆଗଉ ବହୁବାଟ ଆଗେଇ ଆସିଲାଣି ବୋଲି ମୋ ସ୍ତ୍ରୀଙ୍କ ମତ । ମୁଁ କିନ୍ତୁ ନିର୍ବିକାର । ମୋର କୋଉ ଆଉଥରେ ବାହାହେବାର ଅଛି ଯେ !

ଜଳଖିଆ ଥାଳିଆରେ ରସାବଳୀ ଦେଖି ସୁଦର୍ଶନ ମୋତେ ପଚାରିଲା - ଘର ଆଡ଼କୁ ଯାଇଥିଲ କି ଭାଇନା ? ନାଇଁରେ... କାମରୁ ଫୁରୁସତ ମିଳିଲେ ତ ଯିବି । ବାପା ଆସିଥିଲେ । ଯାହା କୁହ ଭାଇନା, କେନ୍ଦ୍ରାପଡ଼ା ରସାବଳୀର ସୁଆଦ ନିଆରା । ସେ ଭାବବିହ୍ୱଳ ହୋଇଗଲା । କେବେ ଯାଇଛୁ କେନ୍ଦ୍ରାପଡ଼ା ? - ମୁଁ ପଚାରିଲି । ଏମିତି ମେଳା ମଉଛବ, ପାର୍ବଣରେ ମଥୁରା କେକ ସହ କେନ୍ଦ୍ରାପଡ଼ା ରସାବଳୀ ଖାଇଛି ବୋଲି ସେ ଜଣାଇଦେଲା । ହଉ ଏଇଟା ଖା - ଥାଳିଆର ରସାବଳୀ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲି ମୁଁ । ରସାବଳୀ ଖାଉ ଖାଉ ସେ କହିଲା - ଏଇଟା କେମିତି ଟିକେ ଅଲଗା ଲାଗୁଛି । ଏଟା ବରାଦୀ ରସାବଳୀ । ମୋ ପାଖକୁ ଆଣିବେ ବୋଲି ବାପା ବରାଦ କରି ତିଆରି କରାଇଛନ୍ତି । ଏଇଟା ହେଉଛି ଖାଣ୍ଟି କେନ୍ଦ୍ରାପଡ଼ା ରସାବଳୀ । ମୋ କଥାରେ ଅସ୍ମିତା ଫୁଟି ଉଠିଲା ।

Download Magazine from www.aahwaan.com

ମୋତେ ଦୁଇଟା ରସଗୋଲା ଦଉନ, ଯେଉଁଗୁଡ଼ା ସୁଦର୍ଶନ ଆଣିଛି - ସ୍ତ୍ରୀକୁ ଅନେଇ କହିଲି ମୁଁ । ସେ କିଛି କହିବା ଆଗରୁ ସୁଦର୍ଶନକୁ ପଚାରିଲି - ଏଗୁଡ଼ା ଓଡ଼ିଶା ରସଗୋଲା ନା ବଙ୍ଗଳାର ? ସୁଦର୍ଶନ ଚଟକରି ଉତ୍ତର ଦେଲା ଗାଙ୍ଗୁରାମ, ଯେମିତି ମୋ ପ୍ରଶ୍ନର ଉତ୍ତର ଦେବାକୁ ଅନେଇ ବସିଥିଲା । ତାକୁ ଟିକେ ଶାନ୍ତିରେ ଖାଇବାକୁ ଦେବନି ଦେଖୁଛି ? ଏଇ ନିଅ ତୁମ ରସଗୋଲା । ଟେବୁଲ ଉପରେ ଗିନାଟାକୁ କଚାଡ଼ି କହିଲା ମୋ ସ୍ତ୍ରୀ ।

ରସଗୋଲାକୁ ଦେଖି ମୁଁ ଭୁଲିଗଲି ଓଡ଼ିଶା ବଙ୍ଗଳାର ବିଲେଇ କଳି ଓ ମୋ ସ୍ତ୍ରୀର ଆକଟ ଗାଳି । ହେଲେ ମନରେ ପ୍ରଶ୍ନ ଗୁଡ଼ିଏ ଉଙ୍କି ମାରିବାରେ ଲାଗିଲେ । ଗାଙ୍ଗୁରାମ୍ କିଏ ? ସେ କଣ ଓଡ଼ିଶାର ନା ବଙ୍ଗଳାର ? ନା ଅନ୍ୟ କୌଣସି ପ୍ରଦେଶର ? କେବେ ସେ ମିଠା ତିଆରି କଲେ ? ଏତେ ଗୁଡ଼େ ଗାଙ୍ଗୁରାମ୍ ଦୋକାନ କେମିତି ଖୋଲିଲା ? ସମସ୍ତେ କ'ଣ ତାଙ୍କର ପିଲାକବିଲା ?

ଏତେ କଣ ଭାବୁଛ ଭାଇନା ? ଜଲ୍‌ଦି ସାର । ଆଉ ଦି'ଟା ଖାଇବନି କି ? ସୁଦର୍ଶନ କଥାରେ ସମ୍ବିତ ଫେରିଲା ମୋର । ଟପାଟପ୍ ରସଗୋଲା ଦୁଇଟା ଉଦରସ୍ଥ କରି ପକାଇଲି ମୁଁ । ସୁଦର୍ଶନ ଓ ମୋ ସ୍ତ୍ରୀ ପରସ୍ପରକୁ ଚାହିଁ ମୁରୁକେଇ ହସୁଥିଲେ । ବର୍ଷର ପ୍ରଥମ ଦିନର ଗୋଟାଏ ଭଲ ଘଟଣା ଘଟିଲା ।

ମଧ୍ୟଖଣ୍ଡୀ, ଶ୍ରୀ ବଳଦେବଜୀୟୁ

କେନ୍ଦ୍ରାପଡ଼ା - ୭୫୪୨୧୨

ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨

ଇମେଲ୍ : dr.srmishra@gmail.com

Download Magazine from www.aahwaan.com

# ଅଜ୍ଞାତ ବିରାଙ୍ଗନା



ପାରମିତା ମିଶ୍ର

୧୯୨୦ ମସିହା, ଦେଶରେ ଅସହଯୋଗ ଆନ୍ଦୋଳନର ପ୍ରଭାବ ସାରା ଦେଶରେ ମହାମାରି ପରି ବ୍ୟାପିଗଲା । ଅପରପକ୍ଷେ ରଙ୍ଗୁନ ଆମ ପଡୋଶୀ ରାଷ୍ଟ୍ରରେ ତା'ର କୌଣସି ପ୍ରଭାବ ନଥିଲା । ବୃହତ ଭାରତରେ ବର୍ମା ଓ ରଙ୍ଗୁନ ମଧ୍ୟ ଅଂଶ ଥିଲେ, ଭାରତରୁ ଅଲଗା ହେଲା ପରେ ବି ଏକ ଭାବନାତ୍ମକ ସମ୍ବନ୍ଧ ରହିଥିଲା ଆମ ଦେଶ ପ୍ରତି । ସେ ସମୟରେ ବହୁତ ଲୋକ ଦେଶ ଛାଡି ବର୍ମା ଓ ରଂଗୁନ ଭଳି ଜାଗାକୁ ଚାଲି ଯାଉଥିଲେ, ମୋ ଆପ୍ପା ମଧ୍ୟ ସେହି ସମୟରେ ତମିଲନାଡୁ ଛାଡି ରଙ୍ଗୁନ ଚାଲି ଯାଇଥିଲେ । ସେଠାରେ ରହି ଧିରେ ଧିରେ ସେ ଏକ ସୁନା ଖଣିର ମାଲିକ ବନିଯାଇଥିଲେ । ମୋ ଦେଶ ବାହାରେ ରହୁଥିଲେ ସିନା କିନ୍ତୁ ମନରେ ଦେଶ ପ୍ରେମ ଟିକେ ବି କମି ନଥିଲା । ଦେଶ ବାହାରେ ରହି ସୁଧା ସେ ଭାରତୀୟ ହେବାର କର୍ତ୍ତବ୍ୟରେ କେବେ ହେଳା କରିନଥିଲେ । ମୋ ଆପ୍ପା ଅର୍ଥ ଆକାରରେ ବା ଅନ୍ୟ ପ୍ରକାରେ ଦେଶର ହିତରେ ସାହାଯ୍ୟ ପାଇଁ ସବୁବେଳେ ତତ୍ପର ଥିଲେ । ମୋର ଜନ୍ମ ସେଇଠି ବର୍ମାରେ ହି ହୋଇଥିଲା । ଆମ ଘରର ମାହୋଲ ଏକ ସ୍ୱାଧୀନତା ସେନାନିର ଘର ପରି ହିଁ ଥିଲା, ଆପ୍ପା ଆଉ ଆମ୍ମା ସବୁବେଳେ ଭାରତର ସ୍ୱତନ୍ତ୍ରତା ବିଷୟରେ ଚର୍ଚ୍ଚା କରୁଥିଲେ । ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ଓ ଇଂଗ୍ରେଜମାନଙ୍କ ବର୍ବରତାର କଥା ଶୁଣି ପିଲାବେଳୁ ହିଁ ମୋ ମନରେ ସ୍ୱାଧିନତାର ବହ୍ନି ଜଳି ଉଠିଥିଲା । ପିଲାବେଳୁ ହିଁ ଆମକୁ ଶିଖା ଯାଇଥିଲା ଦେଶ ସର୍ବପ୍ରଥମ ସ୍ୱରାଜ ଆମର ଲକ୍ଷ୍ୟ ।

ଆମ ଘରକୁ ସେଦିନ ବହୁତ କୁଣିଆ ଆସିଥିଲେ । ଘରେ ସମସ୍ତେ ବହୁତ ଖୁସି ଥିଲେ

 Download Magazine from www.aahwaan.com

। ହଠାତ ରେଡିଓରୁ ଆସୁଥିବା ଏକ ଖବର ଶୁଣି ଘରେ ମାତମର ମାହୋଲ ଖେଳିଗଲା । ମୁଁ କିଛି ବୁଝିପରିଲିନି ଘଟଣା କଣ ? ଭଗତ ସିଂଙ୍କୁ ଫାଶି ହୋଇଥିଲା । କିନ୍ତୁ ଭଗତ ସିଂ କିଏ ? ତାପର ଦିନ ମୁଁ ଖବର କାଗଜରେ ଭଗତ ସିଂ ବିଷୟରେ ପଢିଲି ମୋ ଆଖିରେ ପାଣି ଆସିଗଲା । ଭଗତ ସିଂ ସେ ସବୁ କାହାଣୀ ଠାରୁ ଅଧିକ ବଳିଷ୍ଠ ଥିଲା ଯାହା ମୁଁ ପଢିଥିଲି । କିନ୍ତୁ ତା ସହ ପ୍ରତିଶୋଧର ଏକ ନିଆଁ ମୋ ମନରେ ଜଳି ଉଠିଥିଲା । ଇଛା ହେଉଥିଲା ସେଇ ବର୍ବର ଜାତି ଉପରେ ଗୁଳି ବରଷେଇ ଦିଅନ୍ତି । ମୋ ଅପ୍ପା ଗାନ୍ଧିଜୀଙ୍କୁ ବହୁତ୍ ମାନୁଥିଲେ । ମତେ ଅହିଂସାର କଥା ସବୁ ବୁଝାଉଥିଲେ ସେ, କିନ୍ତୁ ମୁଁ ତାକୁ ସହମତ ହୋଇ ପାରୁନଥିଲି, ମତେ ଅସହ୍ୟ ହେଉଥିଲା । ମୁଁ ଏକମତ ହୋଇ ପାରୁନଥିଲି । ମୁଁ ଭଗତ ସିଂ ପରି ବନ୍ଧୁକ ଧରି ଅଭ୍ୟାସ କରିବା ଆରମ୍ଭ କଲି । ମୋ ସାମ୍ନାରେ ଇଂଗ୍ରେଜ ହିଁ ମୋର ଗୁଳିର ଲକ୍ଷ୍ୟ ଥିଲେ । ସେତେବେଳେ ମତେ ପ୍ରାୟ ଦଶ ବର୍ଷ ହେବ । ଦିନେ ଆମ ଘରକୁ ଜଣେ ମହାନ ବ୍ୟକ୍ତିତ୍ୱ ଆସିଲେ, ମୋ ଘରେ ସମସ୍ତେ ଗାନ୍ଧିଜୀଙ୍କୁ ବହୁତ ମାନୁଥିଲେ ତେଣୁ ସେମାନେ ସମସ୍ତେ ଗାନ୍ଧିଜୀଙ୍କ ସ୍ୱାଗତ ସମ୍ବର୍ଧନାରେ ଲାଗି ପଡିଲେ । ସେଠି ମତେ ଖୋଜା ପଡିଲା କିନ୍ତୁ ମୁଁ ତ ମୋର ବନ୍ଧୁକ ଚଳନା ଅଭ୍ୟାସରେ ବ୍ୟସ୍ତ ଥିଲି । ଗାନ୍ଧିଜି ମୋ ପଖକୁ ଆସିଲେ ମୁଁ ତ ଜାଣିବି ପାରିଲିନି ସେ କେତେବେଳେ ଆସିଲେ, ମୋ ହାତର ବନ୍ଧୁକ ତାଙ୍କୁ ଭଲ ଲାଗିଲାନି, ସେ କହିଲେ ହିଂସା ଆମକୁ ପତନ ଆଡକୁ ଟାଣି ନେବ, କେବେଳ ଅହିଂସାରେ ହିଁ ପରମଧର୍ମ । ମୁଁ ତାଙ୍କ ସହ ଏକମତ ନଥିଲି, ଇଂରେଜ ମାନେ ଯୋଉ ହିଂସା କରୁଛନ୍ତି ? କିନ୍ତୁ ମୁଁ ତାଙ୍କୁ କିଛି କହିଲିନି । ସେ ଚାଲି ଗଲା ପରେ ମୁଁ ପୁଣି ଅଭ୍ୟାସରେ ଲାଗିଲି । ମୁଁ ଇଟା ଜବାବ ପଥରରେ ଦେବାକୁ ବିଶ୍ୱାସ କରୁଥିଲି । ଘରେ ମୋ କଥା କେହି ବୁଝି ପାରୁନଥିଲେ କିନ୍ତୁ ସେତେବେଳେ କେହି ଜଣେ ଥିଲେ ଯାହାର ଚିନ୍ତାଧାରା ମତେ ବେସ

 Download Magazine from www.aahwaan.com

ପ୍ରଭାବିତ କରିଥିଲା । ଯିଏ ପ୍ରତିସୋଧରେ ବିଶ୍ୱାସ ରଖୁଥିଲେ । ଭଗତ ସିଂର ଫାସିର ପ୍ରକୃତରେ ଜଦି କିଏ ବିରୋଧ କରିଥିଲା ସେ ହେଉନ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ । ମୁଁ ନିଜକୁ ନେତାଜୀଙ୍କ ଆଦର୍ଶରେ ଢାଳି ଦେଲି । ନେତାଜୀଙ୍କର ସବୁ ଭାଷଣକୁ ବଡ ଧ୍ୟାନରେ ଶୁଣେ ଆଉ ତାକୁ ମନେ ରଖି ଖାତାରେ ଲେଖିପକାଏ । ଖବରକାଗଜରେ ବାହାରୁଥିବା ନେତାଜୀଙ୍କ ସବୁ ଫୋଟୋକୁ ମୁଁ ସଂଗ୍ରହ କରି ସାଇତି ବାକୁ ଲାଗିଲି । ମୋ ପାଇଁ ନେତାଜୀ ମୋର ହିରୋ ଥିଲେ । ମୋର ଆଦର୍ଶ । ସେ ବିଶ୍ୱାଶ କରୁଥିଲେ ଯେ ବ୍ରିଟେନ ପରି ଦେଶକୁ ଆମେ ହରାଇ ପାରିବା ଇଚ୍ଛା ଶକ୍ତି ବଳରେ ଓ ମୁ ବି ତାଙ୍କୁ ବିଶ୍ୱାସ କରୁଥିଲି । ମୁ ସ୍ୱପ୍ନ ଦେଖେ କେବେ ନେତାଜୀ ରଂଗୁନ ଆସିବେ, କେବେ ମୁ ତାଙ୍କୁ ଭେଟିବି । ଭେଟିଲେ କଣ କଥା ହେବି । ମୁ ତ ଅଭ୍ୟାସ ବି କରୁଥିଲି ମୁ ନେତାଜୀଙ୍କ ସହ ମିଶିଲେ ତାଙ୍କୁ ପ୍ରଥମେ ତାଙ୍କରି ନାରା କହିବି ଜୟ ହିନ୍ଦ ଆଉ ସାଲୁଟ୍ କରିବି ।

ନେତାଜୀଙ୍କ ବିଷୟରେ ମୁ ବହୁତ ପଢିଛି ,ତାଙ୍କ ବ୍ୟକ୍ତିମତ ସମ୍ପୁର୍ଣ୍ଣ ଅଲଗା ଥିଲା । ସେ କହୁଥିଲେ ଯେ ଦେଶର ସୈନ୍ୟ ସବୁଠୁ ମଜବୁତ ହେବା ଦରକାର୍ । ସବୁଠୁ ନିଆରା ତାଙ୍କ ବ୍ୟକ୍ତିତ୍ୱ । ତାଙ୍କ ଆଖିରେ ସମସ୍ତେ ସମାନ ନାରୀ, ପୁରୁଷ, ଧନୀ, ଗରିବ ସମସ୍ତେ ପରିଶେଷରେ କେବଳ ଭାରତୀୟ । ନେତାଜୀ ସୈନ୍ୟ ବନାଉଥିଲେ, ସେ ଦେଶ ବାସିଙ୍କୁ ଆହ୍ୱାନ କରୁଥିଲେ ସୈନ୍ୟ ବନିବାକୁ । ସେ ପ୍ରଥମ ଲୋକ ଯିଏ କି ପ୍ରଥମ ମହିଳା ସୈନ୍ୟ ବାହିନି ବନେଇଥିଲେ । ମୁ ସ୍ୱପ୍ନ ଦେଖୁଥିଲି ମତେ କେବେ ସେ ସୁଯୋଗ ମିଳିବ । ମୋର ଅପେକ୍ଷ୍ୟାର ଅନ୍ତ ହେଲା । ଆଉ ଜଲଦି ହିଁ ମୋ ଇଚ୍ଛା ପୁରା ହେଲା । ମୋର ବୟସ ସେତେବେଳକୁ ପନ୍ଦର ହେବ । ସ୍କୁଲରୁ ଫେରିଲା ବେଳେ ରେଡିଓରେ ଖବର ଆସୁଥିଲା, ମୋ କାନରେ ନେତାଜୀଙ୍କ ନା ପଡିଲା ମାତ୍ରେ ମୁ ସେଇଠି ଠିଆ ହୋଇ ଗଲି, ଶୁଣିଲି

 Download Magazine from www.aahwaan.com

ନେତାଜୀ ରଂଗୁନ ଆସୁଛନ୍ତି, ଖୁସିରେ ମୋ ଗୋଡ ତଳେ ଲାଗୁ ନଥିଲା । ବର୍ଷେ ତଳେ ଯେଉଁ ପୁର୍ଣ୍ଣ ସଂଗ୍ରହଣ ନାରା ସେ ଲଗେଇ ଥିଲେ ତାହା ପୁରା ହେବାକୁ ଯାଉଥିଲା । ସେ କହୁଥିଲେ ଯେ ଆମ ଦେଶକୁ ସ୍ୱାଧିନ କରିବାକୁ ହେଲେ ଆମର ମରିବାର ଇଚ୍ଛା ପ୍ରଖର ହେବା ଆବଶ୍ୟକ । ସେ ଆହ୍ୱାନ କରୁଥିଲେ ଯେ ମତେ ତୁମର ରକ୍ତ ଦିଅ, ମୁ ତୁମକୁ ଆଜାଦି ଦେବି, ରକ୍ତ ହିଁ ତୁମକୁ ଆଜାଦ କରିପାରିବ । ମତେ ଇଚ୍ଛା ହେଉଥିଲା ସେହି କ୍ଷଣି ନିଜର ଶେଷ ରକ୍ତ ବୁନ୍ଦକ ତାଙ୍କୁ ଅର୍ପିତ କରିଦେବାକୁ । ଭାଗ୍ୟକୁ ସେତେବେଳେ ନେତାଜୀଙ୍କ ଦାନ କ୍ୟାମ୍ପ ଲାଗିଥିଲା , ବହୁତ ଲୋକ ନିଜ ସମର୍ଥ ଅନୁସାରେ ଦାନ ଦେଉଥିଲେ ମୁଁ ମୋର ସବୁ ସୁନାଗହଣା ସେଠି ସବୁ ଦେଇ ଆସିଲି କିନ୍ତୁ ଦାନ ନେଉଥିବା ବ୍ୟକ୍ତି ମତେ ଅଜିବ ନଜରରେ ଦେଖିଲେ ଆଉ ମୋ ନା ପଚାରିଲେ, ମୁ କହିଦେଲି ମୋ ନା ରାଜମଣି । ମତେ ଶାନ୍ତି ଲାଗୁଥିଲା ମୁ ଦେଶ ପାଇଁ କିଛି କରିଛି, ଆଉ ମୋର ବିଶ୍ୱାସ ଥିଲା ନେତାଜୀ ମୋର ଦାନ ସ୍ୱିକାର କରିବେ ।

ସ୍କୁଲରୁ ଫେରିଲା ବେଳକୁ ମୋ ଆପ୍ପା ସାଙ୍ଗରେ କେହି ବସିଥିବାର ଦେଖିଲି, ମୁ ଧିରେଧିରେ ଭିତରକୁ ଗଲି , ମୁ ମୋ ଆଖିକୁ ବିଶ୍ୱାସ କରିପାରିଲିନି ଓହ ସେ ନେତାଜୀ, ସତରେ ସେ ନେତାଜୀ ଥିଲେ । ମୁଁ ଆଶ୍ଚର୍ଯ୍ୟରେ କେବଳ ତାଙ୍କୁ ଚାହିଁ ରହିଗଲି ,ମୋ ପାଟିରୁ କିଛି କଥା ବାହାରିଲାନି କିନ୍ତୁ ମତେ ବଡ ଅସନ୍ତୋଷ ଲାଗିଲା, ଦେଖିଲି ସେ ଆମ ଘରକୁ ମୁ ଦାନରେ ଦେଇ ଆସିଥିବ ଗହଣା ଫେରେଇବାକୁ ଆସି ଥିଲେ । ମୁ କହିଦେଲି ଏସବୁ ଗହଣା ତ ମୋର ତ ସେ ଏସବୁ ମୋ ଆପ୍ପାକୁ କାହିକି ଦେଉଛନ୍ତି । ଆପଣ ହିଁ କହନ୍ତିନା ଏ ଆନ୍ଦୋଳନ ଆମ ସମସ୍ତଙ୍କ ତେବେ ଆପଣଙ୍କୁ ଏ ସବୁ ନେବାକୁ ହିଁ ପଡିବ । କିନ୍ତୁ ନେତାଜୀ ଗହଣା ନେବାକୁ ମନା କରିଦେଲେ, କହିଲେ ଲକ୍ଷ୍ମୀ ବା ଟଙ୍କା, ଧନ ତ ଅସିବ ବା ଚାଲିଯିବ

 Download Magazine from www.aahwaan.com

କିନ୍ତୁ ସରସ୍ୱତୀ କେବେ କାହାକୁ ଛାଡି ଯିବନି । ସେହିଦିନଠୁ ସେ ମୋ ନାମ ସରସ୍ୱତୀ ରଖିଦେଲେ । ତାପରେ ମୋ ନା ହେଲା ସରସ୍ୱତୀ ରାଜମଣି । ହେଲେ ମୁ ବି ମୋ ଜିଦ୍ଦିରେ ଅଟଳ ଥିଲି ମୁ କହିଲି ଏ ଗହଣା ମୁ ସେତେବେଳେ ନେବି ଜେତେବେଳେ ଆପଣ ମତେ ନିଜ ସୈନ୍ୟ ଦଳରେ ସାମିଲ କରିବେ । ମୋ ଘରେ ଜାଣି ଥିଲେ ଯେ ଆମ ପାଇଁ ସ୍ୱରାଜ ପ୍ରଥମ ବାକି ସବୁଠୁ ଅଧିକ, କିନ୍ତୁ ନେତାଜୀ ମାନୁ ନଥିଲେ କହୁଥିଲେ ମୁ ବହୁତ ଛୋଟ ଏବେ । ପିଲା ଦିନୁ ମୁ ଏଇ ସ୍ୱପ୍ନ ଦେଖିଛି ଯେ ମୁ ନେତାଜୀଙ୍କ ସୈନ୍ୟରେ ସାମିଲ ହେବି । ହାତରେ ଆସିଥିବା ସୁଯୋଗକୁ ମୁ ଏତେ ସହଜରେ କେମିତି ଛାଡିଥାନ୍ତି ଶେଷରେ ମୋ ଜିଦ୍ଦ ଆଗରେ ନେତାଜୀ ହାର ମାନିଲେ କିନ୍ତୁ ସର୍ତ୍ତ ରଖିଲେ ମୋର ଅଭ୍ୟାସ ନର୍ସରୁ ଆରମ୍ଭ କରିବା ପାଇଁ । ମୋ ପାଇଁ ଏତିକି ଯଥେଷ୍ଟ ଥିଲା ମୁ ବାସ ନେତାଜୀଙ୍କୁ ଯୋଗ ଦେବାକୁ ଚାହୁ ଥିଲି । ତେଣୁ ମୁ କିଛି ନଭାବି ହଁ ଭରିନେଲି ।

ଇଣ୍ଡିଆନ ନେସନାଲ ଆର୍ମି(INA)ରେ ମୋର ଅଭ୍ୟାସ ଆରମ୍ଭ ହେଲା । ମୁ ନିଜର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଥିଲି ଯୁଦ୍ଧ ପିଡିତ ମାନଙ୍କୁ ସେବା କରିବାରେ । ହେଲେ ମୋ ମନ ମାନୁ ନଥିଲା । ମତେ ଦେଶ ପାଇଁ କିଛି କରିବାର ଥିଲି କିଛି ରୋମାଚକ୍ । ମୁ ତାର ସୁଯୋଗ ଅପେକ୍ଷ୍ୟାରେ ରହିଲି । ଦିନେ ମୁ ଔଷଧ ରକ୍ଷଣ ବେକ୍ଷଣ କଲାବେଳେ କିଛି ଦେଖିଲି , ମୋର ନଜର ଆଇ.ଏନ୍.ଏର ଜଣେ ସଦସ୍ୟ ଉପରେ ପଡିଲା ସେ ଜଣେ ଇଂରେଜ ଲୋକ ସହ କିଛି କଥା ହେଉଥିଲେ ଯଦିଓ ତାଙ୍କ କଥାବାର୍ତ୍ତା ମୁ ଶୁଣିପାରିଲିନି କିନ୍ତୁ ସେ କିଛି ଟଙ୍କା ନେବାର ବି ଦେଖିଲି । ମୁ ତତ୍କ୍ଷଣାତ ନେତାଜୀଙ୍କ ପାଖକୁ ଗଲି ଆଉ ତାଙ୍କୁ ଗୋଟି ଗୋଟି କରି ସବୁ କହିଲି ଓ ନେତାଜୀ ମୋର ସବୁ କଥାକୁ ବିନା କିଛି କହି ବିଶ୍ୱାସ କଲେ ସାଙ୍ଗେସାଙ୍ଗ ତାଙ୍କ ଲୋକକୁ ଅନୁଧ୍ୟାନ ପାଇଁ ପଠେଇଲେ । ଆଉ ତାପରେ ନେତାଜୀ ସେ

Download Magazine from www.aahwaan.com

କଥା କହିଲେ ଯାହା ଶୁଣିବାକୁ ମୁ ତରସିକୁ ଥିଲି ମୁ ସୈନ୍ୟ ଅଭ୍ୟାସରେ ଯୋଗ ଦେଇ ପାରିବି । ମୁ ଖୁସିରେ ନାଚିବାକୁ ଲାଗିଲି । ବୋଧେ ନେତାଜୀ ବୁଝିଥିଲେ ଯେ ମୁ ତାଙ୍କ ସିପାହୀ ହୋଇପାରିବି ।

ରଂଗୁନରୁ ପ୍ରାୟ ସାତ କୋଶ ଦୁରରେ ଆଇ.ଏନ୍.ଏର କ୍ୟାମ୍ପ୍ । ମୋ ଭଳି ଆହୁରି କେତେ ଯୁବକ ,ଯୁବତୀ ସେଠି ଅଭ୍ୟାସ କରନ୍ତି । ଦେଶ ପାଇଁ ମରିବା ମାରିବା ସିପାହୀ ମାନଙ୍କ ଆଖିରେ ସଫା ଦିଶୁଥିଲା । ମୋର ଉତ୍ସାହ ଆହୁରି ଦ୍ୱିଗୁଣିତ ହୋଇ ଯାଇଥିଲା । ଆଇ.ଏନ୍.ଏ ର କ୍ୟାମ୍ପରେ ମୋର ଦିନ ଆରମ୍ଭ ହେଉଥିଲା ଭୋର ଚାରିଟାରୁ । ଭାରି କଷ୍ଟ ହେଉଥିଲା କିନ୍ତୁ ଏଇ ଅନୁଭୁତି ହିଁ ତ ମୁ ଚାହୁଥିଲି । ଆମ ନାରି ବ୍ରିଗଡେରେ ସମସ୍ତେ ବର୍ଦ୍ଦି ପିନ୍ଧିଥିଲେ । ମତେ ସେ ବର୍ଦ୍ଦି ପିନ୍ଧି ବଡ ଗର୍ବ ଲାଗୁଥିଲା । ସେ ସମୟରେ ନାରୀମାନଙ୍କ ପାଇଁ ଉପବସ୍ତ୍ର କେବଳ ଶାଢି ଥିଲା ତେଣୁ ଏ ବର୍ଦ୍ଦି ସତରେ ଏକ ବିପ୍ଲବ ଲାଗୁଥିଲା । ଧିରେଧିରେ ଅଭ୍ୟାସ ବଢୁଥିଲା । ନେତାଜୀ ଆମକୁ ବିଭିନ୍ନ ପ୍ରକାର ବନ୍ଧୁକ ଚାଳନାର ଅଭ୍ୟାସ କରାଉଥିଲେ । ଯୁଦ୍ଧ ସମୟରେ ବିରୋଧ ତଥା ନିଜକୁ ବଞ୍ଚାଇ ରଖିବାକୁ ଯାହା ଯାହା ଯୁଦ୍ଧ କଳା ଦରକାର ସେ ଅଭ୍ୟାସ ଅମେ ଶିଖୁଥିଲୁ । ସେତେବେଳର ଦିନ ଗୁଡିକ ବଡ କଠିନ ଥିଲା କିନ୍ତୁ ମୋ ପାଇଁ ମୋର ସବୁଠୁ ସୁନ୍ଦର ଦିନ ଥିଲା ମୁ ସାରା ଜୀବନ ସେସବୁ ମନେ ରଖିବି ।

ବର୍ଷା ଦିନର ଅରମ୍ଭରେ ବର୍ମାରେ ସବୁ ସ୍କୁଲ ବନ୍ଦ କରି ଦିଆ ଯାଉଥିଲା । କିନ୍ତୁ ଆମ ସ୍କୁଲ ନୁହେଁ । ଆଇ.ଏନ୍.ଏ ଦିନରେ ଚବିଶ ଘଣ୍ଟା ଓ ବର୍ଷର ୩୬୫ ଦିନ ତିଳେ ନରହି ଅଭ୍ୟାସ ଚାଲିଥାଏ । ସ୍ୱରାଜ ପାଇଁ ସମସ୍ତେ ସତେ ଯେପରି ଜୀବନ ଜିଇଁବା ମଧ୍ୟ ପାସୋରି ଜାଇଥିଲେ । ବର୍ଷା ସହ ଦେଶ ପାଇଁ କିଛି ଖରାପ ବାତାବରଣ ବି ଆସିଥାଏ । ବର୍ଷାର

 Download Magazine from www.aahwaan.com

ଫାଇଦା ଉଠାଇ ବିରୋଧି ମାନେ ଅନୈତିକ କାମ କରିବାକୁ ପଛାନନ୍ତିନି । ଏପଟେ କ୍ୟାମ୍ପରେ ଆମର ଅଭ୍ୟାସ ଚାଲିଥାଏ । ଏଠି ସବୁ ସୈନ୍ୟମାନଙ୍କ ମଧ୍ୟରେ ବଡ ଭଲ ବନ୍ଧୁତା ଥାଏ । ମୁ ଏଠି ଦୁର୍ଗା ସହ ମିଶିଲି ଭାରି ସାହାସି ଝିଅ ସେ । ଆମର ବଂଧୁତା ହୋଇଗଲା । କିଛି ଦିନର ଆଭ୍ୟାସ ପରେ ମତେ ଆଉ ଦୁର୍ଗାକୁ ରାଣି ଝାନସି କ୍ୟାମ୍ପକୁ ପଠାଗଲା । ନେତାଜୀ ଦେଖିବାକୁ ଚାହୁଥିଲେ ଆମ ଭିତରେ ସତରେ କିଛି କରି ଦେଖେଇବାର ସାହସ ଅଛି କି ନାହିଁ । ମୁ ତ ଏଇ ମୁହୂର୍ତ୍ତକୁ ଚାହି ବସିଥିଲି କେବେ ମତେ ନିଜକୁ ଏକ ସଚ୍ଚା ସିପାହୀ ବୋଲି ପ୍ରମାଣିତ କରିବାର ସୁଯୋଗ ମିଳିବ ଆଉ ସେଦିନ ବି ଆସିଲା । ନେତାଜୀ ମୋ ପାଇ କିଛି ଭାବିଥିଲେ । ଆଉ ସେ କାମ ପାଇ ମତେ ଆଉ ଦୁର୍ଗାକୁ ବଛା ଯାଇଥିଲା । ସେତେବେଳେ ନେତାଜୀଙ୍କ ଆଜ୍ଞା ଆମ ପାଇଁ ବେଦର ଗାର ଥିଲା । ମତେ ଆଉ ଦୁର୍ଗାକୁ ନିଜର କେଶ କଟାଇବାକୁ ପଡିଲା । ଆମକୁ ଏକ ଛଦ୍ମ ବେଶ ଦିଆଗଲା । ଆମକୁ ପୁରା ପୁଅଟିଏ ଭଳି ବନେଇ ଦିଆ ଗଲା । ଆଉ ତାପରେ ନେତାଜୀ ଆମକୁ କହିଲେ ଆମକୁ କଣ କରିବାର ଥିଲା ।

ସେଦିନଠୁ ମୋ ନାଁ ଆଗରେ ଗୁପ୍ତଚରର ନାଁଟେ ଲାଗିଗଲା । ହଁ ନେତାଜୀ ଆମକୁ ଗୁପ୍ତଚର ସିପାହୀ ବନେଇଲେ । ମୋର ଉତ୍ସୁକତା ଆହୁରି ବଢୁଥିଲା ଏଇକାମକୁ ନେଇ । ଆମକୁ ବ୍ରିଟିଶ କ୍ୟାମ୍ପରେ ଗୁପ୍ତଚର ହୋଇ ଯିବାର ଥିଲା । ସେଠି ରହି ସେଠିକା ସବୁ ଭେଦ ନେତାଜୀଙ୍କୁ ଦେବା ଆମର କାମ ଓ ସେଥି ସକାଶେ ଆମର ଛଦ୍ମ ବେଶ ତଥା ପୁରୁଷ ଅବତାର ନିହାତି ଆବଶ୍ୟକ ଥିଲା ।

ବର୍ମାରୁ ପ୍ରାୟ ୭୦୦ କିଲୋମିଟର ଦୁରରେ ଏକ ବ୍ରିଟିଶ କ୍ୟାମ୍ପ ଥିଲା । ବ୍ରିଟିଶର ମାନଙ୍କୁ ସହାୟକ ପିଲା ଆବଶ୍ୟକ ଥାଏ । ସେଠିକା ସ୍ଥାନିୟ ପିଲା ମାନଙ୍କୁ ସହାୟକ

 Download Magazine from www.aahwaan.com

ହିସାବରେ ରଖନ୍ତି । ଆମକୁ ବି ସେଠି ସହାୟକ ପିଲା ହିସାବରେ ରଖଗଲା । ଏଠି ଆମର କାମ ହେଲା ବ୍ରିଟିଶର ମାନଙ୍କ ଜୋତା ପଲିଶ କରିବା, ସଫାସଫି କରିବା, କଚରା ଉଠେଇବା ଇତ୍ୟାଦି । କିନ୍ତୁ ଆମର ଅସଲ କାମ ଥିଲା ଇଂଗ୍ରେଜ ମାନେ ଦ୍ୱିତିୟ ବିଶ୍ୱ ଯୁଦ୍ଧରେ କଣ ପଦକ୍ଷେପ ନେବେ ତାହା ଜାଣିବା ଓ ନେତାଜୀଙ୍କ ପାଖକୁ ପଠାଇବା । ନେତାଜୀ କହୁଥିଲେ ଶତ୍ରୁର ଶତ୍ରୁ ଆମର ମିତ୍ର । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଭରତିୟ ସୈନ୍ୟ ଜାପାନ ତରଫରୁ ଇଂଗ୍ରେଜ ମାନଙ୍କ ବିପକ୍ଷରେ ଲଢୁଥିଲା । ଗାନ୍ଧିଜୀଙ୍କ ବିରୋଧ ସତ୍ୱେ ନେତାଜୀ ନିଜର ଅଭିଯାନ ଚଲାଇଥିଲେ । ତେଣୁ ଇଂଗ୍ରେଜ ମାନଙ୍କ ପ୍ରତେକ ପଦକ୍ଷେପ ଆମ ପାଇ ଜରୁରି ଥିଲା ।

ଏଠି ସଭିଏଁ ମତେ ମଣି ବୋଲି ଡାକୁଥିଲେ । ମତେ କାମର ଉତ୍ସାହ ତ ଥିଲା କିନ୍ତୁ ଭାରି ଭୟ ଲାଗୁଥିଲା ,ମନରେ ଭାବୁଥିଲି ଯଦି ଇଂଗ୍ରେଜ ମୋର ଅସଲ ପରିଚୟ ଜାଣିନିଅନ୍ତି ତେବେ ମୁ କଣ କରିବି ?

ମୁଁ ଓ ଦୁର୍ଗା ନିଜ କାମରେ ଲାଗିଗଲୁ । ଆମେ ସେଠି ସବୁ କଥାକୁ ବଡ ସୟମରେ ଶୁଣୁଥିଲୁ । ଧିରେ ଧିରେ ସାହାସ ବଢିଲା ଓ ଆମେ କାଗଜପତ୍ର ଦେଖିବା ଆରମ୍ଭ କଲୁ । ଆଇ.ଏନ.ଏ ରେ ନିଜକୁ ବଞ୍ଚାଇ ରଖିବାର ଯେଉଁ ଅଭ୍ୟାସ କରିଥିଲୁ ତାହା ଏଠି କାମ ଦେଲା । ଯେତେବେଳେ ଯାହା ହାତ ଲାଗୁଥିଲା ଆମେ ତାକୁ ହାତେଇ ନେଉଥିଲୁ । ଏଠି ସ୍ଥାନିୟ ବାସିଂଦା ନେତାଜୀଙ୍କୁ ବହୁତ ମାନୁଥିଲେ ସେ କିଛି ଲୋକଙ୍କ ସହୟତାରେ ସେହି ଖବର ସବୁ ଆଇ.ଏନ୍.ଏ ପଠାଉଥିଲୁ । ଆମର ଦେଉଥିବା ସୁଚନା ଆଇ.ଏନ୍.ଏ ର ବହୁ କାମରେ ଆସୁଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନେତାଜୀଙ୍କୁ ବନ୍ଧୁକ , ଗୁଳା ବାରୁଦର ବହୁତ

Download Magazine from www.aahwaan.com

ଆବଶ୍ୟକତା ଥିଲା ଆଉ ଇଂଗ୍ରେଜ ମାନଙ୍କ ପାଖରେ ଅଭାବ ନଥିଲା । ଆମେ ହଥିଆର ସବୁ କଚରା ବସ୍ତାରେ ଭରି ନେତାଜୀଙ୍କ ପାଖକୁ ପଠାଉଥିଲୁ । ଏସବୁ କାମ ବହୁତ ବିପଦପୂର୍ଣ୍ଣ ଥିଲା । ନେତାଜୀ ଆମକୁ ପ୍ରଥମେ ହିଁ କହିଥିଲେ ଏସବୁ କାମରେ ଜୀବନ ଯିବାର ଆସଙ୍କା ବହୁତ ଅଧିକ୍ । କାରଣ ଗୁପ୍ତଚର ମାନେ ସବୁଠୁ ବିପଦର କାମ, ସେମାନଙ୍କୁ ଶତ୍ରୁର ଆଖି ଆଗରେ ଠିଆ ହୋଇ ଅଥଚ ଶତ୍ରୁକୁ ନ ଜଣେଇ ଲଢେଇ କରିବାକୁ ହୁଏ । ତେଣୁ ଯଦି କେବେ କେହି ଧରା ପଡିଯାଉ ସେଇଠି ହିଁ ଆତ୍ମହତ୍ୟା କରିନେବ ଏବଂ ବାକି ଲୋକ ସେଠୁ ପଳାୟନ କରିବ । ଏମିତି କରିବା ଦ୍ୱାରା ଆମର ଭେଦ ଆଉ ବାହାରି ପାରିବନି । ଆମକୁ ଏଇଠିକି ଆସିବାର ପ୍ରାୟ ବର୍ଷେ ହୋଇଜାଇଥିଲା, ଦିନେ ମୁଁ ଦେଖିଲି ଇଂଗ୍ରେଜ ସିପାହି ମାନେ ଦୁର୍ଗାକୁ ବାନ୍ଧି ନେଉଛନ୍ତି । ମୁଁ ତୁରନ୍ତ ସେଠୁ ଚାଲିଜିବାର ଥିଲା କିନ୍ତୁ ମୋ ଗୋଡ ଉଠିଲାନି । ମୁ ସେଠୁ କିଛି ଦୁରରେ ଲୁଚିକି ରହିଲି । ଦୁର୍ଗା ମୋର ବନ୍ଧୁ ମୁ ତାକୁ ଏତେ ବଡ ବିପଦରେ ଏକାକି କେମିତି ଛଡିଥାନ୍ତି । ମୁଁ ଏତେ ସ୍ୱାର୍ଥପର ହୋଇପାରିବିନି । କିଛି ସମୟ ଲୁଚିକି ରହିଲା ପରେ ମତେ କିଛି ଉପାୟ ଆସିଲା । ମୁ ବର୍ମାର ସ୍ଥାନିୟ କପଡା ପିନ୍ଧି ସେହି ଜେଲକୁ ଗଲି ନାରୀ ସଫେଇ କର୍ମି ବନିକି, ଯେଉଠି ଦୁର୍ଗା ବନ୍ଦ ଥିଲା । ଏବେ ଛଦ୍ମବେଶ ଧରିବାରେ ପାରଙ୍ଗମ ହୋଇଯାଇଥିଲି ମୁଁ । ସମୟ ଦେଖି ମୁ ଦୁର୍ଗାକୁ ଇଶାରା କରିଦେଲି, ସେ ବୁଝିଗଲା । ଯେମିତି ଇଂଗ୍ରେଜ ସୈନ୍ୟ ଟିକେ ସମୟ ବାହରକୁ ଗଲା ମୁ ଝଟ୍ ପଟ୍ କରି ଚାବି ଉଠେଇ ତାଲା ଖୋଲିବାକୁ ଲାଗିଲି । ଭାରି ଭୟ ଲାଗୁଥିଲା କିନ୍ତୁ ମୁ ଦୁର୍ଗାକୁ ସେଠୁ ବାହାର କରିନେଲି ଆଉ ଆମେ ବିନା ନିଶ୍ୱାସରେ ଦୌଡିବାକୁ ଲାଗିଲୁ । ଆଗରେ ଆମେ ଦୁହେଁ ଆମ ପଛରେ ସିପାହୀ । ସେମାନେ ତନ୍ନ ତନ୍ନ କରି ଆମକୁ ଖୋଜୁଥିଲେ କିନ୍ତୁ ଆମ ପାଦ ଟିକେ ବି ତଳେ ରହୁ ନଥିଲା । ହଠାତ ଏକ ଗୁଳି ଆସି ସିଧା ବାଜିଲା ମୋ

Download Magazine from www.aahwaan.com

ଗୋଡରେ କିନ୍ତୁ ତଥାପି ମୋ ଗୋଡ କୋଉଠି ରହିନି । ମୁ ଦୁର୍ଗାକୁ ସେଠୁ ପଳଇବାକୁ କହିଲି କିନ୍ତୁ ସେ କହିଲା ଏବେ ମରିବାହେଉ ବା ବଂଚିବା ସାଥି ହୋଇ ରହିବା । ମତେ ସାହାସ ମିଳିଲା । ବହୁତ କଷ୍ଟ ହେଉଥିଲା ମତେ ଦୁର୍ଗା ସାହାରା ଦେଇ ଆଣିଲା । ସେତେବେଳେ ଆମକୁ କେମିତି ବି ହେଉ ଇଂଗ୍ରେଜଙ୍କ ହାତରେ ଆସିବାର ନଥିଲା । ଆମେ ପାଖ ଜଙ୍ଗଲକୁ ଦୌଡିଲୁ , ସେଠି ଏକ ଝଙ୍କାଳିଆ ବଡ ଗଛ ଉପରେ ଯାଇ ବସିଗଲୁ । ଇଂଗ୍ରେଜ ସିପାହି ଏବେବି ଆମକୁ ଖୋଜୁଥିଲେ । ୩ ଦିନ ସେମିତି ଅଖିଆ ଅପିଆ ବସିରହିଲୁ ସେହି ଡାଳରେ କେଜାଣି କେମିତି ମୁ ନିଜେ ବି ଜାଣିନି । ମରଣ ଠାରୁ ବି ବେସି ଭୟ ଲାଗୁଥିଲା ନେତାଜୀଙ୍କ ଭରସା ଭାଙ୍ଗି ଜିବାର୍ । ଚତୁର୍ଥ ଦିନ ଆମେ ତଳକୁ ଆସିଲୁ । ଏବେ କିଂତୁ ମୋର ସାହସ ମରିବା ପ୍ରାୟ, ମୋର ଗୋଡଟି ଆଉ ତା ଜାଗାରେ ନଥିଲା ପରି ଲାଗୁଥିଲା । କିଂତୁ ସେତେବେଳେ ମୋର ମନେ ପଡିଗଲା ନେତାଜୀଙ୍କର ସେହି ସାହସିକ ବକ୍ତବ୍ୟ ସବୁ । ସେ କହୁଥିବା କଥା ସବୁ ମୋ ଭିତରେ ପୁଣି ପ୍ରାଣ ସଂଚାରଣ କଲା । ମୁ ପୁଣି ଚାଲିଲି । ଗନ୍ତବ୍ୟ ସ୍ଥଳ ଏବେ ଆହୁରି ବହୁତ ବାଟ ଆମେଦୁହେଁ ଦୁହିଁଙ୍କ ସାହାସ ବନି ଆଗକୁ ବଢିଲୁ । ଏବେବି ବିପଦ ପୁରା ସରି ନଥିଲା ତେଣୁ ଆମେ ସତର୍କତାର ସହ ଚାଲିବାକୁ ଲାଗିଲୁ । ରାସ୍ତା ସାରା ବହୁତ କଷ୍ଟ କରି ପ୍ରାୟ ୮ ରୁ ୧୦ ଘଣ୍ଟାର ଯାତ୍ରାପରେ ଆମେ ରଂଗୁନରେ ପହଂଚିଲୁ । ପଡି ଉଠି ଆମେ କ୍ୟାମ୍ପରେ ପହଂଚିଲୁ । ଆମ ଘରେ ପହଂଚି ଗଲୁ । ଏବେ ଆଉ ଡର ନଥିଲା ମନର ଭୟ ଉଭେଇ ଜାଇଥିଲା କିଂତୁ ଭିତରକୁ ଯିବାର ଆଉ ଶକ୍ତି ଆମଠି ନଥିଲା । କ୍ୟାମ୍ପ ସାମ୍ନାରେ ହି ଆମେ ଲୋଟି ପଡିଲୁ । ଆମ ଲୋକ ଆମକୁ ସେଠୁ ଉଠେଇ ନେଲେ । ସେମାନେ ଆମକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ କାରଣ ଦୁର୍ଗା ଧରା ପଡିବା ଏବଂ ମୋ ଗୋଡରେ ଗୁଳି ବାଜିବା କଥା ସେମାନେ ପାଇ ଥିଲେ । ଭାବିଥିଲେ

 Download Magazine from www.aahwaan.com

ଆମେ ଆଉ ବଞ୍ଚି ନଥିବୁ । ସେ ଯାହା ହେଉ ଆମର ଚିକିତ୍ସା ହେଲା ସେଠି । ଆମେ ସୁସ୍ଥ ହୋଇଗଲୁ । ମୋ ଗୋଡରେ ବାଜିଥିବା ଗୁଳି ସେତେବେଳେ ହୁଅତ ବହୁତ ପିଡା ଦାୟକ ଥିଲା କିନ୍ତୁ ମୋ ପାଇଁ ଏକ ସାହାସିକ ମେଡାଲ ଥିଲା । ମତେ ଗର୍ବ ଲାଗୁଥିଲା । ତାର କିଛି ଦିନ ପରେ ମୋ ପାଖକୁ ନେତାଜୀଙ୍କର ଏକ ପତ୍ର ଆସିଥିଲା । ମୁ ବାରମ୍ବାର ତାକୁ ପଢୁଥିଲି ତଥାପି ମୋର ମନ ମାନୁ ନଥିଲା । ମୁ ବଡ ଯତ୍ନରେ ସାଇତିକି ରଖିଲି । ସେ ଲେଖିଥିଲେ ଯେ ଆମେମାନେ, ମୁ ଓ ଦୁର୍ଗା ବଡ ସାହାସିକର କାମ କରିଥିଲୁ । ମୁ ଖୁସିରେ ଫୁଲି ଯାଇଥିଲି ଯେତେବେଳେ ସେ ଲେଖିଲେ ଯେ ମୁ ବୋଧେ ଦେଶର ସର୍ବ କନିଷ୍ଠ ଗୁପ୍ତଚର ଯିଏ କି ମାତ୍ର ୧୭ ବର୍ଷରେ ଏସବୁ କାମକରିଛି । ଏସବୁ ପଢିଲା ବେଳେ ମୁଁ ଗଦଗଦ ହୋଇ ଯାଉଥିଲି ଖୁସି ତ ବହୁତ ଥିଲି କିଂତୁ ସବୁଠୁ ଅଧିକ ମତେ ଶାନ୍ତି ଲାଗୁଥିଲା ମୁ ନେତାଜୀଙ୍କ ବିଶ୍ୱାସକୁ ଜିତି ଯାଇଥିଲି । ତାଙ୍କର ମୋ ଉପରେ ଥିବା ବିଶ୍ୱାସ ଜିତି ଯାଇଥିଲା । ତାର କିଛି ବର୍ଷ ପରେ ମୁ ମୋର ପରିବାର ସହ ଭାରତ ଚାଲିଗଲି ।

ପୁଣି ସେଦିନ ଆସିଲା, ମୋ ଛାତି ଫାଟିଗଲା ଶୁଣିକି, ଖବର ଆସିଲା ୧୯୪୫, ଅଗଷ୍ଟ ମାସ ୧୮ତାରିଖ । ସେ କାଳ ଦିନରେ ମୋ ଆଦର୍ଶ ପୁରୁଷ, ଆମ ଆଦରର ନେତାଜୀ ଦୁର୍ଘଟଣାରେ ଦେହ ତ୍ୟାଗ କଲେ ବୋଲି ଖବର ଆସିଲା କିନ୍ତୁ କାହିକି କେଜାଣି ମୋ ମନ ମାନୁ ନଥିଲା ମୁ ଅପେକ୍ଷ୍ୟା କଲି ସେ ଆସିବେ ବୋଲି, ଆଉ ତାଙ୍କ ଦେଖିଥିବା ସ୍ୱପ୍ନ ସତ ହେଲା । ସେ ଯାହା କହିଥିଲେ ତାହା ଅକ୍ଷରେ ଅକ୍ଷରେ ସତ ହେଲା । ୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ । ସ୍ୱରାଜ ଆସିଲା । ମୋ ଦେଶ ଆଜାଦ ହେଲା । ମୁଁ ଭାବୁଥିଲି ନେତାଜୀ ଏ ଖବର ପାଇ ସତେ କି ରାଜ ରାସ୍ତାକୁ ଦୌଡ଼ି ଆସନ୍ତେ, ପୁଣି ତାଙ୍କର ସେହି ନାରା ଜୟ ହିନ୍ଦ କହି । କିନ୍ତୁ ଏମିତି ହେଲାନି ସେ ହଜିଗଲେ, କେଉଁଠି ବିଲିନ ହୋଇଗଲେ

 Download Magazine from www.aahwaan.com

। ବୋଧେ ସେ ଯେଉଁ ସ୍ବାଧୀନତା ଚାହିଁଥିଲେ ଏ ସେମିତି ନଥିଲା । ଆଜାଦ ହିନ୍ଦ ଫୌଜ ମଧ୍ୟ ଭାଙ୍ଗିଗଲା, କିଏ କୁଆଡେ ଚାଲିଗଲେ । ଏତେ ବର୍ଷ ପରେ ବି ମୋ ଆଜାଦ ହିନ୍ଦ ଫୌଜ ସୈନ୍ୟ ମାନଙ୍କୁ ସ୍ବତନ୍ତ୍ରତା ସେନାନିର ସମ୍ମାନ ଟିକେ ବି ମିଳିଲାନି । ସେମାନେ ବି ଛାତିରେ ଗୁଳି ଖାଇଛନ୍ତି ଦେଶପାଇ କିନ୍ତୁ ଦେଶ ତାଙ୍କୁ ଆଦରି ପାରିଲାନି । ମୋ ନେତାଜୀ ଏ ଅନ୍ୟାୟ କେବେ ସହି ନଥାନ୍ତେ ।

ଆଉ ମୁଁ , ତ କଣ ହେଲା ମୋ ଦେଶର ଲୋକ ମତେ ଆଦରିଲେନି କିନ୍ତୁ ମୁ ମାନୁଛି ଜେ ମୁ ମୋ ଦେଶର ଜଣେ ବିରଙ୍ଗନା, ଅଜ୍ଞାତ ରହିଲେ କଣ ହେଲା, କିନ୍ତୁ ସେ ଗୁଳିର ଚିହ୍ନ ମତେ ମନେ ପକେଇ ଦିଏ ମୁ କ'ଣ ?

ମୁଁ ବି ଲଢିଛି,ମୁ ବି ଗଢିଛି ମୁଁ ବି ଦେହରେ ଗୁଳି ଖାଇଛି ।
ମୁ ତ ନେତାଜିଙ୍କ ପଥର ପଥିକ, ମୁ ବି ସ୍ବାଧିନତାର ସୈନିକ୍ ।
ସରସ୍ବତୀ ରାଜମଣି ମୋ ନା କେହି ଜାଣି ପାରିଲେନି ମୁଁ ଅଜ୍ଞାତ
କିନ୍ତୁ ମୁଁ ମାନେ ମୁଁ ବି ବିରାଙ୍ଗନା ।
ମୁଁ ବି ଆଜାଦ ହିନ୍ଦୁସ୍ଥାନର ସ୍ବପ୍ନ ଦେଖିଛି, ମୁଁ ବି ସେଦିନ ଗର୍ବରେ ଫାଟି ପଡିଲି,
ମୋ ଭାରତ ଯେବେ ସ୍ବତନ୍ତ୍ର ହେଲା ।

କିନ୍ତୁ ନୁଆ ଭାରତରେ ମୁଁ କାହିଁ କାହିଁକି ମୋ ନାଁ କୋଉଠି ନାହିଁ ।

ବସନ୍ତ ବିହାର, ଆମ୍ବପୁଅ, ବ୍ରହ୍ମପୁର, ଓଡ଼ିଶା

Download Magazine from www.aahwaan.com

# ଘରର ଇଜ୍ଜତ



ବିନୟ ମହାପାତ୍ର

(ଆମ ସମ୍ବିଧାନ ନାରୀକୁ ସମାନ ଅଧୀକାର ଦେଲେ ବା ଲାଭ କଣ ? ଆମେ ଆମ ପରିବାରରେ ଝିଅକୁ ପୁଅ ସହିତ ସମାନ ଅଧୀକାର ଦେବା ଏଯାଏ ଶିଖି ପାରିଲୁନି । ଗଳ୍ପରେ ପ୍ରେମକୁ ଏକ ଉଦାହରଣ ଭାବେ ନିଆ ଯାଇଛି, କିନ୍ତୁ ଝିଅଙ୍କୁ ଚାଲିବା, କଥା କହିବା, ପୋଷାକ ପିନ୍ଧିବା, ଖେଳକୁଦ୍ କରିବା ବା ପାଠ ପଢ଼ିବା ପାଇଁ ପୁଅଙ୍କ ସହିତ ସମାନ ଅଧୀକାର ଦେଇ ପାରିଛୁ କି ? )

ବୋଉ ବାପାଙ୍କୁ ଚୁପ କରି କହିଲା, ଜାଣିଚ, ତମ ପୁଅ ବଡପିଲା ହୋଇଗଲାଣି ସେ କୋଉ ଝିଅକୁ ଭଲ ପାଉଛି, ପୁଅ ତୁମର ପ୍ରେମ କଲାଣି । ବାପା ଠୋ ଠୋ ହୋଇ ହସିଲେ କହିଲେ, ହା, ହା, ହା ପୁଅ କାହାର ? ? ପୁଅ ମୋର ଯୁବକ ହେଲାଣି କଲେଜରେ ପାଠ ପଢୁଛି ଏ ବୟସରେ ପ୍ରେମ କରିବନି ତ କଣ ବୁଢା ହେଲେ କରିବ ? ମୁଁ କଲେଜ ପଢ଼ିଲା ବେଳେ ଦି ଦିଟା ଝିଅ ଫସେଇ ରଖିଥିଲି । ବୋଉ ଲାଜେଇ ଗଲା । ମୋତେ ଖୁସି ଲାଗିଲା, ବାପା ମୋର ଓପନ ମାଇଣ୍ଡେଡ ମଡର୍ଣ୍ଣ ବାପା ।

ଦିଦି ବି କଲେଜରେ ପଢେ, ବୋଉ ଦିନେ ପଢା ଟେବୁଲ ଝାଡୁ ଝାଡୁ ଦିଦିର କେମିଷ୍ଟ୍ରି ବହିରୁ କହାର ଲଭଲେଟର ଦେଖିଦେଲା । ପୁରା ଘରକୁ କମ୍ପେଇ ଦେଲା, ଦିଦିକୁ ଦି ଚାପୁଡା ମାରି ପଚାରିଲା କିଏ ସିଏ ଟୋକା ? ତୋତେ କଲେଜ ପଠେଇ ଭୁଲ ହେଇଗଲା । ବାପାଙ୍କର ଇଜ୍ଜତ ମହତ ପଦାରେ ପକେଇବୁ ତୁ । ବାପା ଶୁଣିଲେ, ମୁଣ୍ଡରେ ହାତ ବାଡେଇ ଭାଗ୍ୟକୁ ବହେ ନିନ୍ଦିଲେ, କପାଳକୁ ଦୋଷ ଦେଲେ, ଯୁଗ କୁଆଡେ ଗଲା ବୋଲି ନିଜକୁ

 Download Magazine from www.aahwaan.com

ନିଜେ ପଚାରି ହେଲେ । ଘରର ଇଜ୍ଜତ ଚାଲିଗଲା କହିଲେ । ଝିଅ ଜନ୍ମ କରି ମନସ୍ତାପ କରୁଥିଲେ ।

ମନେ ମନେ ଭାବୁଥିଲି, କୁଆଡେ ଗଲେ ସେଇ ଓପନ ମାଇଣ୍ଡେଡ୍ ମଡର୍ଣ୍ଣ ବାପା ? ଏମିତି ଦୋହରା ମାନସିକତା କେମିତି ଦେଖାଇ ପାରନ୍ତି ନିଜର ଜନ୍ମ କଲା ପିଲାଙ୍କ ପାଇଁ । ପୁଅ ପ୍ରେମ କଲେ ଘରର ଇଜ୍ଜତ ବଢେ, ଝିଅ ପ୍ରେମ କଲେ ଘରର ଇଜ୍ଜତ ଯାଏ ? ? ?

Download Magazine from www.aahwaan.com

# ଦତ୍ତକ



ପ୍ରତିଭା ପ୍ରିୟଦର୍ଶିନୀ

ନାନୀ ଆଉ ବଡ ଭାଇନା ପାଖରୁ ନିରାଶ ହୋଇ ଫେରିବା ପରେ ସମ୍ପୂର୍ଣ୍ଣ ସହର ବୁଲିବୁଲି କିଛି ସୁରାକ ମିଳିଛି । ସେଇ ତଥ୍ୟକୁ ନେଇ ପୋଲିସ ସାହାଯ୍ୟରେ ବୋଉକୁ ଖୋଜିବାକୁ ହେବ । ଥାନାରେ ପହଞ୍ଚିବା ବେଳକୁ ସେଠି ପ୍ରବଳ ଗହଳି । ଅନେକ ବୃଦ୍ଧ ବୃଦ୍ଧା ଜଣେ ଝିଅକୁ ନେଇ ଅନେକ ଅନୁନୟ କରୁଛନ୍ତି । ସମଗ୍ର ଘଟଣା ଓ ସଂପୃକ୍ତ ଚରିତ୍ର ମାନଙ୍କ ବିଷୟରେ ଜାଣିବାକୁ ତିଳେମାତ୍ର ଆଗ୍ରହୀ ନଥିଲେ ଦେବଦତ୍ତ । ସପ୍ତାହକ ଛୁଟି କୁ ଆଉ ୫ଦିନ ବଢାଇବାକୁ ପଡିଛି । ସେଥିରୁ ଗୋଟାଏ ଦିନ ଏମାନଙ୍କ ଯୋଗୁଁ ବୃଥା ହେବାର ସମ୍ଭାବନା ଦେଖି ବିରକ୍ତିରେ ବସିଗଲେ ଆଗନ୍ତୁକଙ୍କ ପାଇଁ ଉଦ୍ଦିଷ୍ଟ କାଠ ବେଞ୍ଚରେ । ବୋଉବି ଅଯଥା ଟେନ୍‌ସନ୍ ଦେଉଛି । କାହାକୁ କିଛି ନକହି କୁଆଡେ ଉଭାନ ହୋଇଯାଇଛି ? ! ? ମନେପଡିଗଲା, ପିଲାଦିନେ ଥରେ ଦୋଳ ମେଳଣରେ ସେ ହଜିଯାଇଥିଲେ । ନିଜ ଗାଁ ମେଳଣ, ସମସ୍ତେ ପରିଚିତ, ତଥାପି ତାଙ୍କୁ କୋଳରେ ନଧରିବା ଯାଏଁ ବୋଉ କାନ୍ଦି କାନ୍ଦି ଅଧାପ୍ରାଣ ହୋଇଯାଇଥିଲା । ସେ ସିନା ବିଦେଶରେ ଥିଲେ, କିନ୍ତୁ ନାନୀ ଆଉ ବଡ ଭାଇନା ତ ଭାରତରେ ଥିଲେ । ତାଙ୍କୁ ନିଜ ଯିବା ସ୍ଥାନ ଓ ରହଣି ବିଷୟରେ ସୂଚେଇ ଦେଇଥିଲେ କି ପୁରାଣ ଅଶୁଦ୍ଧ ହେଇଯାଇଥାନ୍ତା କେଜାଣି ବୋଉର ! ଏତିକି ବେଳେ ପାଖରେ ବସିଥିବା ପ୍ରାୟ ବୋଉ ବୟସର ବୃଦ୍ଧାଜଣକ ପଚାରିଲେ,"ବାପାରେ, ଏ କଲ୍ ଗାର୍ଲ କ'ଣ ? ତାଙ୍କୁ ଲୋକ କାହିଁକି କଲ୍ କରନ୍ତି ? ତାଙ୍କ ଭଲମନ୍ଦ ବୁଝିବାକୁ ନା ନିଜ ଦୁଃଖସୁଖ କହିବାକୁ ? କଲ୍ ତ ସମସ୍ତଙ୍କ ଫୋନକୁ ଆସେ, ଯାଙ୍କ ଫୋନକଲ ରେ କି ଅସୁବିଧା ?" ଜଣେ ବୟୋଜ୍ୟେଷ୍ଠ

 Download Magazine from www.aahwaan.com

ମହିଳାଙ୍କ ମୁହଁରୁ ଏମିତି ଅବାନ୍ତର ପ୍ରଶ୍ନ ଶୁଣି ଭ୍ରୁକୁଞ୍ଚନ କଲେ ଦେବଦତ୍ତ । କହିଲେ,"ଆଣ୍ଟି, ଏମାନେ ଗଣିକା । କଲଗାର୍ଲ ଏମାନଙ୍କ ଆଧୁନିକ ନାଁ । ଆପଣ ଏଥିରେ କାହିଁକି ମୁଣ୍ଡ ଦଉଛନ୍ତି ! ବୃଦ୍ଧା ଅଧିକ ବିବ୍ରତ ହୋଇ କହିଲେ,"ଆମ ମାନଙ୍କ ଭଳି ଅଲୋଡା ଅଖୋଜା ବୁଢାବୁଢୀଙ୍କ ପାଇଁ ଝିଅଟା ଖୁବ୍ କରେ । ଯୋଉମାନେ ଦେହ ଲୋଡାପଡିଲେ ତାକୁ କଲ୍ କରୁଥିଲେ, କାହିଁ କେହିତ ତା ପିଠିରେ ପଡିଲେନି ପୋଲିସ ଧରି ଆଣିଲା ବେଳେ । କହିଲୁ ପୁଅ,  ଦୋଷ କ'ଣ ଖାଲି ଏ ଝିଅଟାର ? ନିଜ ଦେହକୁ ସମର୍ପି କେତେ ନିରୀହ ଝିଅଙ୍କୁ ରକ୍ଷା କରନିଥିବ ସେ ! ନହେଲେ ଏଇ ଯୋଉମାନେ ଟଙ୍କା ଦେଇ ତାକୁ ଶଯ୍ୟା ସଙ୍ଗିନୀ କରୁଥିଲେ, ସେମାନେ ଦେହ ଭୋକରେ ଆଉ କାହାକୁ ବଳାତ୍କାର କରିଥାନ୍ତେ, ଯଦି ସେ୍ ନଥାନ୍ତା । ପାଶବିକ ପ୍ରବୃତ୍ତିର ନିଦାନରେ ଆହୁରି କେତେ ଝିଅଙ୍କ ଅସ୍ମିତା ସ୍ୱାହା ହେଇଥାନ୍ତା । ମୋହିନୀ ଟା ଆମର ଭାରି ଭଲ ଝିଅଟେ । କେତେ ସ୍ନେହ ତାର ଆମ ମାନଙ୍କ ଭଳି ଅଲୋଡା ଶୁଷ୍କପତ୍ର ମାନଙ୍କ ପାଇଁ । ସବୁ ରୋଜଗାର ଖପେଇ ଦିଏ ଆମ ବୃଦ୍ଧାଶ୍ରମରେ । ତାକୁଇ ସାଙ୍ଗରେ ନେଇଯିବାକୁ ଆସୁଛୁ ଆମେ  ଏଠିକି । ହେଲେ ଏ ଥାନାବାବୁ ଶୁଣୁନି କିଛି । ତୁ ତ ପୁଅ ବଡ ବଡୁଆ ଧୋବ ଧାଉଳିଆ ଭଦ୍ରଲୋକ ଲାଗୁଛୁ । ତୁ ଥରେ କୁହନ୍ତୁ ଯଦି....କାଳେ ଶୁଣନ୍ତେ । ପୁଣି ଗୋଟେ ଅବାନ୍ତର  ଅନୁରୋଧ ରେ ବିରକ୍ତ ହୋଇ ଦେବଦତ୍ତ ସେଠୁ ଉଠି ଚାଲିଆସିଲେ ହୋଟେଲକୁ ।

ନନାଙ୍କ ଜଣେ ପୁରୁଣା ବନ୍ଧୁ, ମହାନ୍ତି ମଉସା ଜଣେ ଅବସରପ୍ରାପ୍ତ ଉଚ୍ଚପଦସ୍ଥ ଅଫିସର । ସେ ହିଁ ପୋଲିସର ବଡ ଅଧିକାରୀଙ୍କ ସହିତ ଦେବଦତ୍ତଙ୍କ ସାକ୍ଷାତକାର ବ୍ୟବସ୍ଥା କରାଇଦେଲେ । ଅତ୍ୟଧିକ ଯାତ୍ରାକ୍ଲିଷ୍ଟ ଶରୀର ଟିକେ ଢୁଳେଇ ପଡିବାବେଳେ ହଠାତ ଲାଗିଲା ବୋଉ ଯେମିତି ମୁଣ୍ଡକୁ ଆସ୍ତେ ତକିଆ ଉପରେ ଥୋଇ ପିଠି ଥାପୁଡେଇ ଧୋ

 Download Magazine from www.aahwaan.com

ବାଇଆ ଗୀତ ବୋଲୁଛି ତା ମଧୁର କଣ୍ଠରେ । ବୋଉ ବଡ ଗାୟୀକା ନୁହେଁ, ହେଲେ ତା ନାନାବାୟା ଗୀତ ହେଉ କି ଲକ୍ଷ୍ମୀପୁରାଣ ଅବା ଜଗନ୍ନାଥଙ୍କ ଭଜନ ଜଣାଣ, ସବୁ ସୁଲଳିତ ଶୁଭେ । ପିଲାଦିନେ ନାନୀ ଗୀତ ଶିଖୁଥିଲା ଯେ ବୋଉ ତା କଣ୍ଠର ସୁରକ୍ଷା ପାଇଁ ମିଠା, ଆଚାର ଇତ୍ୟାଦି ଖୁଆଇ ଦିଏନି । ସେଇଥିପାଇଁ ନାନୀ ସବୁବେଳେ ବୋଉ ଉପରେ ଚିଡିଚିଡି ହୁଏ । ଭାଇନା ବି ବୋଉର ସଞ୍ଚୟ ଉପରେ ହାତସଫା କରି କେବେ ସାଙ୍ଗଙ୍କ ସହିତ ସିଗାରେଟ ଟାଣେ, ନିଜ ଇଚ୍ଛାର ଜିନିଷ କିଣେ । ଦେବଦତ୍ତ ହିଁ ଥିଲେ ବୋଉର ଗଣ୍ଠିଧନ 'ଦେବୁ' । ସାନ ଛୁଆଟି ମା ର ଅଧିକ ସ୍ନେହ ପାଉଛି ଭାବି ବଡ ଦୁଇଜଣ ଦେବୁକୁ ଇର୍ଷା କରନ୍ତି । ଦେବୁ ବି ସେ ଦୁହିଁଙ୍କ ଠାରୁ ଭିନ୍ନ ଥିଲେ । ଶାନ୍ତ, ଶିଷ୍ଟ, ସରଳ, ବୁଦ୍ଧିମାନ ଆଉ ବୋଉର ଏକଦମ ଆଜ୍ଞାଧିନ । ଥରେ ସାଙ୍ଗପିଲାଙ୍କ ସହିତ କ୍ରିକେଟ ଖେଳି ଆଣ୍ଠୁ ଛିଡି ଯାଇଥିଲା ବୋଲି ବାହାରେ ଖେଳିବା ମନା ହୋଇଗଲା ତାଙ୍କୁ । ସେମିତି ସାଥିପିଲାଙ୍କ ଠୁ ଶୁଣି ଅଶ୍ରାବ୍ୟ କଥାପଦେ କହିଦେବା ଦିନରୁ ମଧ୍ୟ ସାଙ୍ଗ ମାନଙ୍କୁ ନେଇବି ବୋଉର ତୀକ୍ଷ୍ଣ ଦୃଷ୍ଟି ରହିଥାଏ । ନନା ଏତେବଡ ଅଫିସର । ଘରେ କୌଣସି କଥାର ଅଭାବ ନଥାଏ, କେବଳ ଶାନ୍ତି ବ୍ୟତୀତ । ନନା ଖୁବ ବଦରାଗୀ । ବୋଉକୁ ଥରେ ଗାଳିଦେଇ ଧକ୍କା ମାରିଦେଲେ, କାନ୍ଥରେ ବାଜି ବୋଉର ମୁଣ୍ଡ ଫାଟିଗଲା । ବନ୍ଦ କୋଠରୀର ସେ ଘଟଣା ଦୁର୍ଭାଗ୍ୟ ବଶତଃ ଦେଖି ପକାଇଥିଲେ ଦେବଦତ୍ତ । ସେବେଠୁ ବୋଉପ୍ରତି ଅଧିକ ସମ୍ବେଦନା ଥିଲା ତାଙ୍କ ମନରେ । ସେଇଥିପାଇଁ ବୋଉର ସବୁକଥା ସେ ଅନାୟାଶ ମାନିଯାନ୍ତି । ବୋଉର ବି ତା ଦେବୁ ଉପରେ ଅଖଣ୍ଡ ବିଶ୍ୱାସ । ନନାଙ୍କ ସହ ଝଗଡା କରି ସେ ଦେବଦତ୍ତଙ୍କୁ ପଢିବା ପାଇଁ ବିଦେଶ ପଠାଇଥିଲା । ମା କାନିଧରି ବଢିଥିବା ଦେବୁ ବିଦେଶରେ ଚଳିପାରିବ ବୋଲି ନନାଙ୍କୁ ବିଶ୍ୱାସ ନଥିଲା । ପଢା ସରିବା ପରେ ଜର୍ମାନୀରେ

 Download Magazine from www.aahwaan.com

ଭଲ ଚାକିରୀଟିଏ ମିଳିଲା । ବୋଉର ଖୁସି କହିଲେ ନସରେ ।ପ୍ରଥମେ ଚାକିରୀ ଅବଧି ୩ବର୍ଷ ପାଇଁ ଥିଲା ।

ସେଇ ଭିତରେ ବର୍ଷେ ବ୍ୟବଧାନରେ ଭାଇନା ଅନ୍ୟ ଜାତିରେ ଓ ନାନୀ ଅନ୍ୟ ଧର୍ମରେ ନିଜ ପସନ୍ଦରେ ନନା ବୋଉଙ୍କୁ ନଜଣାଇ ବାହାହେଇଗଲେ । ଭାଇନା ଅପେକ୍ଷା ନାନୀ ଲାଗି ବେଶୀ ବ୍ୟଥିତ ହେଲେ ନନା ବୋଉ ଯେହେତୁ ଭିଣୋଇ ନାନୀ ଯୋଗ୍ୟ ନଥିଲେ ବିଭିନ୍ନ ଦିଗରୁ ଆଉ ନାନୀ ଥିଲା ନନାଙ୍କ ଗେହ୍ଲୀ । ଭାଉଜ ବି ପ୍ରଥମରୁ ଦୁର୍ବ୍ୟବହାର କରିଲେ, ତେଣୁ ମର୍ମାହତ ନନା ଦୁହିଁଙ୍କ ପାଇଁ ଦ୍ୱାର ବନ୍ଦ କରିଦେଲେ ଘରର । ଅବସର ପରେ ମିଳିଥିବା ସବୁଅର୍ଥ ଖଟେଇ ବେଶ ବଡ ଆଉ ବିଳାସପୂର୍ଣ୍ଣ ଘରଟିଏ ତୋଳିଥିଲେ । ନନାଙ୍କ ପେନସନ ସେ ଦୁହିଁଙ୍କ ଚଳିବା ପାଇଁ ଯଥେଷ୍ଟ ଥିଲା । ଏବେ ଦୁହିଁଙ୍କ ନଜର ଥିଲା ଦେବଦତ୍ତଙ୍କ ଉପରେ । ହେଲେ ୩ବର୍ଷର ୟୁରୋପ ରହଣୀ ସମୟରେ ଦେବଦତ୍ତଙ୍କ ପରିଚୟ ହୁଏ ଉର୍ମି ସହିତ । ଅଣଓଡିଆ ଝିଅ । ଧନାଢ୍ୟ ପିତାମାତାଙ୍କ ଏକକ ସନ୍ତାନ । ସାଙ୍ଗ ମାନଙ୍କ ସହ ୟୁରୋପ ବୁଲିଯିବା ବେଳେ ଦୁହିଁଙ୍କ ପରିଚୟ ପରବର୍ତ୍ତି ସମୟରେ ପ୍ରେମରେ ପରିଣତ ହୁଏ । ଏପଟେ ନନା ବୋଉ ମଧ୍ୟ କୁଳୀନ ବ୍ରାହ୍ମଣ ଘରର ଶିକ୍ଷିତା ସୁନ୍ଦରୀ ଝିଅଟିଏ ମନୋନୀତ କରିଥାନ୍ତି, ଦେବଦତ୍ତଙ୍କ ସମ୍ମତିକୁ ଅପେକ୍ଷା ଥାଏ କେବଳ । ଦେବ କିନ୍ତୁ ପହଞ୍ଚିଲେ ଉର୍ମିର ବାପାଙ୍କୁ ସାଙ୍ଗରେ ନେଇ । ନନାଙ୍କ ଅଭିମାନକୁ ବାଧିଲା ବୋଲି ରୋକଠୋକ ମନାକରି ତାଙ୍କୁ ଚାଲିଯିବାକୁ କହିଲେ । ବୋଉ ତା ଏକମାତ୍ର ଭରସା ଉପରୁ ଭରସା ହରେଇ ଭାଙ୍ଗି ପଡୁଥିଲା । ଭାବି ଶ୍ୱଶୁରଙ୍କ ଏଭଳି ଅପମାନରେ ଦେବଦତ୍ତ ନିଜକୁ ଦୋଷୀ ମାନିନେଇ ତାଙ୍କରି ସହିତ ସେଇଦିନୁ ଘରଛାଡିଥିଲେ, ବୋଉର ମମତା ଓ ନନାଙ୍କ ଆକଟକୁ ଏଡେଇଦେଇ । ଶ୍ୱଶୁରଙ୍କ ପୃଷ୍ଠପୋଷକତାରେ ତାଙ୍କ ରୀତିନୀତି ଅନୁସାରେ

 Download Magazine from www.aahwaan.com

ବିବାହ ସମ୍ପାଦିତ ହେଲା ଉର୍ମି ସହିତ, ନନା ବୋଉଙ୍କୁ ଜଣାଇବା ମଧ୍ୟ ଆବଶ୍ୟକ ମଣିଲେ ନାହିଁ । ଶ୍ୱଶୁର ଘର ଛତ୍ରଛାୟାରେ ଗଢିଲେ ସଂସାର । ଶ୍ୱଶୁରଙ୍କ ଜିଦରେ କିଛି ବର୍ଷ ସ୍ୱଦେଶକୁ ଫେରିଥିଲେ ସତ, କିନ୍ତୁ ଉର୍ମି ପ୍ରରୋଚନାରେ ପୁଣି ଦେଶଛାଡି ବିଦେଶରେ ଚାକିରୀ କରିବାକୁ ଚାଲିଗଲେ ।

ଏଇ ଭିତରେ ଦୁଇଟି ସନ୍ତାନଙ୍କ ଆଗମନରେ ପରିପୂର୍ଣ୍ଣ ହୋଇଛି ସଂସାର । ଶାଶୁଙ୍କ ମୃତ୍ୟୁପରେ ଶ୍ୱଶୁର ଏବେ ତାଙ୍କ ସହିତ ରୁହନ୍ତି ମୁରବୀ ଭାବରେ । ଅତ୍ୟଧିକ ଉଚ୍ଚ ରକ୍ତଚାପ ଓ ଡାଇବେଟିସ୍ ଯୋଗୁଁ ନନାବି ଚାଲିଗଲେ କିଛି ବର୍ଷ ତଳେ । ସେତେବେଳେ ନାନୀ ବୋଉକୁ କାଳେ ଢେର ବୁଝାଇଲା ତା ପାଖରେ ରହିବାକୁ, ଦେବଦତ୍ତଙ୍କ ଶ୍ୱଶୁରଙ୍କୁ ଉଦାହରଣ ବି ଦେଲା । ହେଲେ ନାରାଜ ବୋଉର ଉତ୍ତର,"ମୁଁ ତାଙ୍କଭଳି ନିର୍ଲ୍ଲଜ ନୁହେଁ ରେ ମା, ଝିଅଘର ପାଣି ପିଇବା ଯୋଉଠି ଆମ ସଂସ୍କାର ବିରୁଦ୍ଧ, ସେଠି ଝିଅ ଦୁଆରେ ପଡିରହିବା ମୋ ପାଇଁ ମରଣ ସାଙ୍ଗେ ସମାନ ।" (ଏସବୁ କଥା ନାନୀ ଏଥର କହୁଥିଲା) । ବାପାଙ୍କ ଅନ୍ତେ ଚଳିବା କିଛି ଅସୁବିଧା ନଥିଲା, ତେବେ ପରିଣତ ବୟସରେ ଏକୁଟିଆ ରହିବା ଚିନ୍ତାଜନକ ନିଶ୍ଚୟ । ନନାଙ୍କ ଯିବାପରେ ଥରଟିଏ ଆସିଥିଲେ ସେ ବୋଉ ପାଖକୁ । ସ୍ନେହମୟୀ ବୋଉ ନିଜ ଆଦରର ଧନକୁ ଶିଶୁଟିଏ ଭଳି ଆଦର କରୁଥାଏ । ଦୀର୍ଘ ଏକ ଦଶନ୍ଧିର ବିଚ୍ଛେଦ ମାତୃହୃଦୟକୁ ବିଗଳିତ କରୁଥାଏ । କେତେ ଆଗ୍ରହରେ କହୁଥିଲା,"ଦେବୁରେ, ଆମଦେଶକୁ ପଳେଇ ଆସୁନୁ । ତୋ ପରିବାର ନେଇ ଏଇଠି ରହ । ମୋ ଶେଷ ଜୀବନ ତୋ ପାଖରେ କଟନ୍ତା ।" ସେଦିନ ବୋଉକୁ ବୁଝେଇପାରିଲେ ନାହିଁ ଯେ, ପ୍ରଥମରୁ ତାଙ୍କ ପରିବାର ସହ ସମ୍ପର୍କ ରଖିବାକୁ ଅନିଚ୍ଛୁକ ଉର୍ମି ଏବେ ଭାରତ ଫେରିବାକୁ ମଧ୍ୟ ନାରାଜ । ଗତ ଦଶହରା ବେଳେ ଟିଭି ସମ୍ବାଦରେ ଦେଖିଲେ ଜଣେ ବୃଦ୍ଧା ପୁଅ ଅପେକ୍ଷାରେ ମୃତ୍ୟୁବରଣ କରିଥିଲେ

Download Magazine from www.aahwaan.com

ଆଉ ଅପେକ୍ଷାରତ ମା'ର କଙ୍କାଳକୁ ସତ୍କାର କରିବାକୁ ପୁଅ ପହଞ୍ଚିଲା ୬ମାସ ପରେ । ସେଦିନ ଖୁବ ବିଚଳିତ ହୋଇ ବୋଉକୁ ଫୋନ କରିଥିଲେ । ନିୟମିତ କଥାହେବାର ପ୍ରତିଶ୍ରୁତି ବି ଦେଇଥିଲେ । ତେବେ ୟା ଭିତରେ ୪-୫ମାସ ବିତିଗଲାଣି ଫୋନ ନକରିବାର । ନିକଟରେ ଜଣେ ପୁଅ ନିଜ ରୋଗିଣୀ ମା କୁ ଛାତରୁ ପେଲି ମାରିଦେବା ଘଟଣାରେ ବିବ୍ରତ ହୋଇ ଆସିଥିଲେ ବୋଉ ପାଖକୁ । ଉର୍ମି ସହିତ ଅନେକ ଯୁକ୍ତିତର୍କ କରି ନିଜ ନିଷ୍ପତ୍ତି ଶୁଣାଇ ଆସିଛନ୍ତି ଏଥର ବୋଉକୁ ସାଙ୍ଗରେ ନେଇଯିବେ ବୋଲି ।

ଏଠି ପହଞ୍ଚି ଦେଖନ୍ତି ବୋଉ ଘରେ ନାହିଁ, କି ଘରଟା ମଧ୍ୟ ଆଉ ତାଙ୍କର ହୋଇନାହିଁ । ବୋଉ ୨ ମାସ ତଳେ ବିକ୍ରି କରିଦେଇଛି ଘର । ବଡ ଭାଇନା କି ନାନୀ ପାଖକୁ ଯାଇଥିବ ଭାବି ସେମାନଙ୍କ ଘରକୁ ଯାଇ ବିମର୍ଷ କଲେ । ତା କଥା ମାନି ତା ପାଖରେ ନରହିବାକୁ ନେଇ ନାନୀର ରାଗ ଆଉ ତାଙ୍କୁ ନଜଣାଇ ଘର ବିକ୍ରି କରିଥିବାରୁ ଭାଇନାର କୋର୍ଟ କଚେରୀ ଯାଏଁ ଯିବା ଧମକ । ଏଭିତରେ ବୋଉ ଲାଗି ଚିନ୍ତା କାହାର ନଥିଲା । ସେଠୁ ଫେରି ପୋଲିସ ପାଖକୁ ଯିବାରେ ସେଠି ଏଇ ବୁଢାବୁଢୀ ଓ ତାଙ୍କ ସଂରକ୍ଷିକା କଲଗାର୍ଲ କୁ ନେଇ ହଟଗୋଳ ଯୋଗୁଁ ଆଉଗୋଟେ ଦିନ ଛୁଟି ନଷ୍ଟ ହେଲା ।

ସନ୍ଧ୍ୟାରେ ନିର୍ଦ୍ଧାରିତ ସମୟରେ ସେହି ଉଚ୍ଚ ପଦସ୍ଥ ପୋଲିସ ଅଫିସରଙ୍କ ସହିତ ସାକ୍ଷାତ ହେବା ପୂର୍ବରୁ ଘର ଆଖପାଖ ଲୋକଙ୍କ ସହିତ ସାକ୍ଷାତ କରି ଆଉ କିଛି ତଥ୍ୟ ପାଇବା ଆଶାରେ ଦେବଦତ୍ତ ବାହାରି ପଡିଲେ । ସେଇ ଗଳିକନ୍ଦିରେ ବିତିଥିଲା ତାଙ୍କ ପିଲାଦିନ । ରୂପରେଖ ଅନେକ ବଦଳି ଯାଇଥିଲେ ବି ଆଜିମଧ୍ୟ ଖୁବ ଆପଣାର ଲାଗେ । ସେଠିକା ଲୋକଙ୍କଠୁ ଜାଣିଲେ ବୋଉ କାହାକୁ ଘର ବିକିଛି । ସେ ବ୍ୟକ୍ତିଙ୍କ ପାଖରେ ପହଞ୍ଚି ଜାଣିଲେ ଯେ ଘରବିକ୍ରିରେ ମଧ୍ୟସ୍ଥତା କରିଥିଲା 'ମୋହିନୀ', ସେଇ 'ମୋହିନୀ' କଲଗାର୍ଲ,

Download Magazine from www.aahwaan.com

ଯାହାଲାଗି ଥାନାରେ ବୃଦ୍ଧଙ୍କ ଭିଡ ଲାଗିଥିଲା । ତେବେ ମୋହିନୀ ଯୋଗୁଁ ହିଁ ଘରପାଇଁ ବେଶୀ ମୂଲଚାଲ ସମ୍ଭବ ହେଲାନି ଆଉ ତାଙ୍କୁ କ୍ଷତି ହେଲା ବୋଲି ନୁଆ ମାଲିକ ଜଣଙ୍କ ଅବସୋସ କରୁଥିଲେ । ବୋଉ ବିଷୟରେ ମୋହିନୀ ଠାରୁ ଅଧିକ ଜାଣିହେବ, ପୁଣି ବୋଉର ସେ କଲଗାର୍ଲ ସହ ପରିଚୟ ବି ବଡ ଆଶ୍ଚର୍ଯ୍ୟଜନକ । ସନ୍ଧ୍ୟାରେ ପୋଲିସ ଅଫିସରଙ୍କ ସହିତ ବୋଉକୁ ଖୋଜିବା ପାଇଁ ଅନୁରୋଧ କରିବାବେଳେ , ବୃଦ୍ଧବୃଦ୍ଧାଙ୍କ ସାହାରା ମୋହିନୀ ପାଇଁ ମଧ୍ୟ ସୁପାରିସ କଲେ । ଜାମିନ ପାଇଁ ମୁଚାଲିକା ଅର୍ଥ ସେ ନିଜେ ବହନ କରିବେ ବୋଲି ଆଗୁଆ ସମ୍ମତି ବି ଜଣାଇଲେ ।

ସେଦିନ ରାତିଟା ବଡ ଉତ୍କଣ୍ଠାରେ କଟିଲା । ପରଦିନ ପହଞ୍ଚିଲେ ସେହି ବୃଦ୍ଧାଶ୍ରମରେ । ମୋହିନୀ ମଧ୍ୟ ମୁକ୍ତହୋଇ ପହଞ୍ଚିଥାଏ, କଲଗାର୍ଲ ସଞ୍ଜ୍ଞା ପଚାରିଥିବା ବୃଦ୍ଧା ଜଣକ ତା ଦେହମୁଣ୍ଡକୁ ଆଉଁସି ଦେଉଥାନ୍ତି । ଦେବଦତ୍ତ ତାଙ୍କ ପାଖକୁଯାଇ ନିଜ ପରିଚୟ ଦିଅନ୍ତେ ବୃଦ୍ଧା ତାଗିଦ କରିବା ସ୍ୱରରେ କହିଲେ,"ତୁ ମାଳବିକା ଅପାର ପୁଅ, ଦେବୁ ! କାଲି କହିଲୁନି ? ଆଉ କାହିଁକି ଆସିଲୁ ବାପା ? ବୋଉ ଥିଲା ବେଳେ ଟିକେ ତୋ ମୁହଁ ଦେଖେଇଥାନ୍ତୁ ଯଦି ଅପା ଆଉ କିଛିଦିନ ବଞ୍ଚିଥାନ୍ତା ନିଶ୍ଚୟ । କେତେ ଝୁରି ହେଉଥିଲାରେ ତୋତେ । ସବୁବେଳେ କହେ, କେହି ନହେଲେ ମୋ ଦେବୁ ନିଶ୍ଚୟ ଆସିବ । ସେଇ ପିଲାଟା ମୋର ସବୁଠୁ ଗୁଣର । ସ୍ତ୍ରୀ ଯେତେ ପାଖରେ ଶୋଇ କାନରେ କହିଲେ ବି ନାହିନାଡର ସମ୍ପର୍କକୁ ଛିଣ୍ଡେଇ ପାରିବନି । ମୃତ୍ୟୁ ଯାଏଁ ଦେବୁ ଛଡା ଆଉ କାହା ନାଁ ନଥିଲା ତୁଣ୍ଡରେ । ତତେ ସମ୍ପର୍କ କରିବାର ବହୁ ଚେଷ୍ଟା କରି ବିଫଳ ହେଲୁ ସେଦିନ । ତୋ ଭାଇ ଭଉଣୀଙ୍କୁ ଖବର କରିବା ଉପାୟ ନଥିଲା ଆମ ପାଖରେ । ଏଇ ମୋହିନୀ ତାଙ୍କୁ ଥରେ ସଂଜ୍ଞାହୀନ ଅବସ୍ଥାରେ ରାସ୍ତାରୁ ଉଠାଇ ଆଣିଥିଲା । ସୁସ୍ଥ ହେବାଯାଏଁ ଏଇଠି ଥିଲେ । ବହୁତ ସେବା

 Download Magazine from www.aahwaan.com

କରିଛି ମୋହିନୀ ତାଙ୍କର, ଯେମିତି ଆମମାନଙ୍କ ସେବା କରେ । ଭଲ ହେଲାପରେ ତତେ ଫୋନ କଲେ, ହେଲେ ତୋ ପଟୁ କିଛି ଉତ୍ତର ପାଇଲେନି ରେ ବାପା । ହଠାତ ଝୁଙ୍କ ଧରିଲେ ଘର ବିକ୍ରି କରିବେ । ମୋହିନୀ କେତେ ବୁଲିବୁଲି ଗ୍ରାହକ ଠିକଣା କଲା । ଘର ବିକ୍ରିହେଲା । ସେ ଟଙ୍କାତକ ବ୍ୟାଙ୍କରେ ଅଛି । ଅପା ସେଇ ବାବଦ ହିସାବ କାଗଜପତ୍ର ମୋ ଜିମା ଦେଇ ଯାଇଛି । ଶେଷ ସମୟ ତକ ଏଇଠି ଆମରି ସାଙ୍ଗରେ ରହିଲେ । ମଡା ରଖି କେତେ ଆଉ ଅପେକ୍ଷା କରିଥାନ୍ତୁ ତୁମ ମାନଙ୍କୁ ? ସେଥିପାଇଁ ଆମେମାନେ ମିଶି ସଂସ୍କାର କର୍ମ କରିଲୁ । ଏଠି ସବୁ ବୁଢାବୁଢୀଙ୍କ ଅବସ୍ଥା ଏମିତିଆ । କାହାକୁ ପିଲାମାନେ ଘରୁ ତଡିଦେଇଛନ୍ତି ତ କିଏ ନିଜ ଆତ୍ମସ୍ୱାଭିମାନ ନେଇ ପଳେଇ ଆସିଛି । ଭଲହେଲା ମୁଁ ନିଃସନ୍ତାନ । ସାରା ଜୀବନ ବାଞ୍ଝ ବୋଲି ଗଞ୍ଜଣା ଶୁଣିବା ନିଜ ପିଲାଙ୍କ ଠାରୁ ଏମିତି ତିରସ୍କାର ପାଇବା ଅପେକ୍ଷା କମ୍ କଷ୍ଟଦାୟକ ନିଶ୍ଚୟ । ଆମ ଶାସ୍ତ୍ର କହେରେ ପୁଅ, ଆତ୍ମାଟିଏ ଜନ୍ମନେବା ପାଇଁ ଜନନୀ ଜଠର ନିଜେ ଚୟନ କରେ । ତେଣୁ ବାପା ମା ଯେମିତିକା ହୁଅନ୍ତୁ ପଛେ, ତାଙ୍କୁ ତୁମେ ବାଛିଚ ଯେତେବେଳେ, ତୁମେହିଁ ଆଡଜଷ୍ଟ କରିବା ଉଚିତ । ହେଲେ ଦେହ, ମନ ର ସୁଖ ପାଇବା ପାଇଁ ଜୀବନସଙ୍ଗୀ ମୋହ ରେ ଜନକ-ଜନନୀକୁ ହତାଦର କଲେ କିମ୍ବା ଗୋଡରେ ଆଡେଇ ତୁମେ ମାନେ ଆଦୌ ଠିକ କରୁନାହଁରେ ପିଲେ । ଏଇ ମୋହିନୀ ଆମ ଭଳି ଅସହାୟଙ୍କ ଆଶାବାଡି ସାଜିଛି । ତାକୁ ମୁକୁଳେଇବାରେ ସାହାଯ୍ୟ କରି ତୁ ଆମ ଉପରେ ବଡ ଉପକାର କରିଛୁ ବାବା । ଆ ମୋ ସାଙ୍ଗରେ । ତୋ ବୋଉ ଦେଇଯାଇଥିବା କାଗଜପତ୍ର ତୋତେ ଜିମା ଦେଇଦେଲେ ମୋତେ ଗୋଟାଏ ଗୁରୁ ଦାୟିତ୍ୱରୁ ମୁକ୍ତି ମିଳିବ ।"

ପଶ୍ଚାତାପ ଓ ଅନୁଶୋଚନା ରେ ବୋଉ ଲାଗି ବିକଳ ହୋଇ କାନ୍ଦିଉଠିଲେ

 Download Magazine from www.aahwaan.com

ଦେବଦତ୍ତ । ନନା ଓ ବୋଉ, ଉଭୟଙ୍କୁ ଚିତାଗ୍ନି ଦେବା କି ମୃତ୍ୟୁ ସଂସ୍କାର ହେବା ଦୂରକଥା, ଶେଷ ସମୟରେ ଦେଖିବାକୁ ବି ସକ୍ଷମ ହେଲେନି । ମନେ ପଡୁଥିଲା, ଏଠି ବୋଉ ମୃତ୍ୟୁର ଚିରଶୀତଳ ନିଦ୍ରାରେ ତାଙ୍କୁ ଝୁରିହେଇ ଶୋଇପଡୁଥିଲା ବେଳେ ସେ ସେଠି ଉର୍ମିର ଜନ୍ମଦିନ ପାଳନ କରିବାରେ, ଭବ୍ୟ ପାର୍ଟି ଏଞ୍ଜୟ କରିବାରେ ମସଗୁଲ ଥିଲେ । ଆତ୍ମା ଧିକ୍କାର କରୁଥିଲା । କିନ୍ତୁ ସମୟକୁ ଶତଚେଷ୍ଟା କରି ପଛକୁ ଫେରାଇ ହେବନାହିଁ । ଆଉ କିଛିଦିନ ଛୁଟି ବଢାଇ ନେଲେ ଦେବଦତ୍ତ । ନିତି ବୃଦ୍ଧାଶ୍ରମ ଆସି ସେହି ସନ୍ତାନହୀନା ବୃଦ୍ଧାଙ୍କ ସହିତ ସମୟ ବିତାନ୍ତି । ବୋଉ ସମ୍ପତ୍ତିର ଚାରିଭାଗ କରି ଭାଗେ ବୃଦ୍ଧାଶ୍ରମକୁ ଦାନ କରିଦେଇଛି ମୋହିନୀ ତତ୍ତ୍ୱାବଧାନରେ, ଏବଂ ବାକି ତିନିଭାଗ ତିନି ପିଲାଙ୍କ ପାଇଁ ଛାଡିଯାଇଛି । ଦେବଦତ୍ତ ମନ୍ୟ ନିଜ ଭାଗର ସମ୍ପତ୍ତି ତକ ମୋହିନୀ ଜିମାରେ ଆଶ୍ରମ କୁ ଦାନ କରିଦେଲେ । ଦିନେ ସେ ବୃଦ୍ଧାଙ୍କୁ ଅନୁରୋଧ କଲେ,"ମା, ମୋର ଗୋଟେ କଥା ରଖିବ ? ଯେମିତି ସନ୍ତାନହୀନ ମାତାପିତା ଅନାଥ ଶିଶୁଙ୍କୁ ଦତ୍ତକ ଭାବେ ଆପଣାଇ ନିଜ ସଂସାର ପରିପୂର୍ଣ୍ଣ କରନ୍ତି, ସମିତି ମୁଁ ତୁମକୁ ଦତ୍ତକ ମା ରୂପେ ଗ୍ରହଣ କରିବାକୁ ଚାହେଁ । ମନା କରନି । ମୋ ବୋଉକୁ ମୁଁ ଆଉ ଫେରିପାଇବିନି, ତେବେ ବୋଉକୁ ତୁଭ ଭିତରେ ଦେଖି ଏ ଅନାଥ ଦେବୁ ମନରେ ମାତୃସ୍ନେହ ପାଇବାର ଲାଳସା ଜାଗିଛି । ମୋ କଥା ରଖିଦିଅ ।" ବୃଦ୍ଧାଙ୍କ ଶୁଖିଲା ଆଖିରୁ ବୋହୁଥିଲା ମମତାର ଲୁହ ଏବଂ ଦେବଦତ୍ତଙ୍କୁ ଆବୋରି ଥିଲା ବିଳପିତ ମାତୃତ୍ୱର ବହୁ ପ୍ରତିକ୍ଷିତ ଏକ ବହଳ ଆଶ୍ଳେଷ ।

ଲିଙ୍କ୍ ରୋଡ଼, କଟକ

Download Magazine from www.aahwaan.com

# ଅନ୍ତର୍ଦ୍ୱନ୍ଦ



ଦୀପାଞ୍ଜଳୀ ସାହୁ

ଶୀତୁଆ ସକାଳ । ସିପ୍ରା ପ୍ରତିଦିନ ପରି ଆଜି ମଧ୍ୟ ମର୍ଣିଙ୍ଗ ୱାକ୍‌ରେ ବାହାରିଛି । ମାତ୍ର ଆଜି ତାର ମୁଖମଣ୍ଡଳରେ ବିଷର୍ଣ୍ଣତା ବାରି ହୋଇପଡୁଛି । ୧୦ଟା ବେଳେ ଘରେ ହେବାକୁ ଥିବା ପ୍ରହସନକୁ ସେ କୌଣସି ମତେ ରୋକିଦେଇ ପାରିବ କି ? ଘରେ କଣ କହି ସେ ଏପରି କରିବ ? ବାପା ମା ତା କଥା ଶୁଣିବେ କି ? ସିପ୍ରାର ପାଦ ଯେତିକି ଆଗକୁ ଆଗକୁ ଯାଉଥାଏ, ତା ଜୀବନର ଗତିପଥ ସେତିକି ପଶ୍ଚାତପଦ ହେଉଥାଏ । ମନେ ପଡ଼ିଯାଉଥାଏ ବର୍ଷା ଦିନର ସେଇ ଘଟଣା । କଲେଜରୁ ଫେରିବା ବାଟରେ ହଠାତ ଦୁଇଜଣ ଦୁର୍ବୃତ୍ତ କଳାପଲସରରେ ଗାଡିଟାକୁ ଏପରି ବୁଲାଇଲେ ଯେ ସିପରା ସ୍କୁଟର ଅଟକାଇବାକୁ ବାଧ୍ୟ ହେଲା । ତା ପରେ ଜଣେ ଦୁର୍ବୃତ୍ତ ସ୍କୁଟର ଚାବି ଛଡାଇ ନେଇ ତାର ମୋବାଇଲ, ଗହଣା ସବୁ ମାଗିଲା । ସିପ୍ରା ପ୍ରାଣ ଭୟରେ ସବୁ ଦେବାକୁ ପ୍ରସ୍ତୁତ ହେଉଥିବାବେଳେ ଭଗବାନଙ୍କ ଦୂତ ସଦୃଶ ଏକ ଯୁବକଙ୍କର ଆବିର୍ଭାବ ହେଲା । ଶୁନଶାନ ବାଟରେ ସେ ହିଁ ଏକାଥିଲେ ସିପ୍ରାର ସାହା ଭରସା । ସତେ ଅବା ସେ ସିପ୍ରାର ଅନ୍ତର୍ବେଦନା ଜାଣି ପାରିଲେକି ? ବାଇକ ରଖିଲେ ଘଟଣାସ୍ଥଳୀରେ । ତାଙ୍କୁ ଦେଖି ଦୁର୍ବୃତ୍ତ ଦୁଇଜଣ ପଲସର ଧରି ଆଖିପିଛୁଳାକେ ସେଠାରୁ ଚମ୍ପଟ ହୋଇଗଲେ । ସିପ୍ରା ମନ ଭିତରୁ ସେଯାଏ ଭୟ ଯାଇ ନ ଥାଏ । ଯୁବକ  ଜଣକ ତାକୁ ଚାହିଁଲେ । ସେ ବି ତାଙ୍କୁ ଚାହିଁଲା । ଯେପରି ବଳିଷ୍ଠ ସେପରି ସୁନ୍ଦର । ସେଇ ପ୍ରଥମ ଦେଖାରେ ସିପ୍ରାର ମନ ଗୋଟାପଣେ ତାଙ୍କର ହୋଇଗଲା । ଯୁବକ କହିଲେ ଠିକ ଅଛନ୍ତି ମାଡାମ ? ସିପ୍ରା ହଁ କହି ତା ବାଟରେ ଓ ଯୁବକ ତାଙ୍କ ବାଟରେ ଚାଲିଗଲେ । ଘଟଣାକୁ ଦୁଇ

 Download Magazine from www.aahwaan.com

ବର୍ଷ ବିତି ଗଲାଣି । ତଥାପି ସିପ୍ରା ମନ ଅଗଣାରେ ସେଇ ଅଜଣା ଯୁବକ ଘର କରି ରହିଛନ୍ତି ।

ଘଣ୍ଟାକଣ୍ଟା ଆଗକୁ ଯିବା ସହିତ ସିପ୍ରାର ହୃତସ୍ପନ୍ଦନ ତୀବ୍ରରୁ ତୀବ୍ରତର ହେଉଥାଏ । ସେ ମର୍ଣିଙ୍ଗ ୱାକ୍ ସାରି ଘରକୁ ଫେରିଲା । ନିତ୍ୟକର୍ମ ସାରି ଠାକୁରଙ୍କୁ ମୁଣ୍ଡିଆଟେ ମାରିଲା । ଅକୁଳ ବିକଳ ହୋଇ ଠାକୁରଙ୍କୁ ପ୍ରାର୍ଥନା କଲା । ଯେଉଁ ବରପାତ୍ର ଘର କନ୍ୟା ଦେଖିବାକୁ ଆସୁଛନ୍ତି, ସେମାନେ ତାକୁ ନାପସନ୍ଦ କରି ଦିଅନ୍ତୁ । ବରପାତ୍ର କେନ୍ଦ୍ରୀୟ ସରକାରୀ ଅଫିସ, ବାପା ଜଜ, ମା ଡାକ୍ତର । ପୁଣି କୁଆଡେ ଧନସମ୍ପତ୍ତି ପ୍ରଚୁର । ବାପା ଅବା ଏପରି ପ୍ରସ୍ତାବକୁ ନା କରିବେ କିପରି ?

ସମୟ ସକାଳ ୯ଟା । ମା, ବାପା ଦୁହେଁ ଅତିଥି ଚର୍ଚ୍ଚା ପ୍ରସ୍ତୁତିରେ ବ୍ୟସ୍ତ । ସିପ୍ରା ଥରକୁ ଥର ଘଣ୍ଟାକୁ ଦେଖି ଦୀର୍ଘ ନିଶ୍ୱାସ ଛାଡୁଥାଏ । ମନରେ ଶକ୍ତି ସଞ୍ଚୟ କରୁଥାଏ । ମା'କୁ କହି ଦେବ କି ? ଦୋ ଦୋ ପାଞ୍ଚ ପରିସ୍ଥିତିରେ ସିପ୍ରା । କଣ କରିବ ସେ ? ଜଣେ ଅଜଣା ଅଚିହ୍ନା ଯୁବକକୁ ସେ ଯେ ମନ ପ୍ରାଣ ଦେଇ ଭଲ ପାଇ ବସିଛି, ଏକଥା କଣା କାହାକୁ ବୁଝାଇ ହେବ ? ପୁଣି ସେ ଯୁବକ କଣ ତାକୁ ପାଇବାକୁ ସେତିକି ବ୍ୟାକୁଳ ଯେତିକି ସେ ଅଛି ?ସେ ବିବାହିତ ନା ଅବିବାହିତ ? ଏକଥା ବି ତ ତାକୁ ଜଣା ନାହିଁ । ସିପ୍ରାର ଅନ୍ତର୍ଦ୍ୱନ୍ଦ ବଢିବାରେ ଲାଗିଲା ।

କଲିଙ୍ଗ ବେଲ ବାଜିଉଠିଲା । ସିପ୍ରା ଚମକି ପଡିଲା । ସତେ ଯେପରି ତାର ଅନ୍ତରର ଆଶା ଅସୁମାରୀର ସମୟ ଶେଷ ହେବାର ଘଣ୍ଟା ବାଜିଲା । କିଚେନରେ ଥାଏ ସିପ୍ରା ସେମାନେ ଆସିଗଲେ ବୋଲି ମା କହିଲେ । ସିପ୍ରା ନତମସ୍ତକ ହୋଇ ବରପାତ୍ର ପିତା-ମାତା ଦୁହିଁଙ୍କୁ ପ୍ରଣାମ କଲା । ବରପାତ୍ରର ଜରୁରୀ କଲ ଆସିବାରୁ ସେ ଏଟେଣ୍ଡ କରିବାକୁ

 Download Magazine from www.aahwaan.com

ବାହାରକୁ ଚାଲି ଯାଇଥାନ୍ତି ।

ସିପ୍ରା ମଧ୍ୟ ଗୋଟିଏ ଚାଉଳରେ ଗଢା ।  ରଙ୍ଗ, ରୂପ, ସ୍ୱାସ୍ଥ୍ୟ, ଶିକ୍ଷା କୌଣସିଥିରେ ଖୂଣ କାଢି ହେବନି । ବରପାତ୍ରର ପିତା-ମାତା ସିପ୍ରାସହ କିଛି ସମୟ କଥାବାର୍ତ୍ତା ହେବାପରେ ତାକୁ ପ୍ରସ୍ଥାନ କରିବାକୁ ନିର୍ଦ୍ଦେଶ ଦିଆଗଲା । ଯାଉ ଯାଉ ସେ ଶୁଣିଲା "ଝିଅଟି ଆମର ପସନ୍ଦ ହେଲା" ବୋଲି । ସିପ୍ରା ଭାବୁଥାଏ ଭଲହେଲା ବରପାତ୍ର ତାକୁ ଦେଖିନାହାନ୍ତି । ତେବେ ବରପାତ୍ର ସହିତ କଥା ହେବାବେଳେ ସେ ସବୁ କଥା ତାଙ୍କୁ କହି ଦେବ ଓ ତାକୁ ନାପସନ୍ଦ କରିବାକୁ ନିବେଦନ କରିବ । ଏବେ ତାର ଆଶା ଉଜ୍ଜିବୀତ ହେବାପରି ଲାଗିଲା ।

କିଛି ସମୟ ପରେ ପୁଣି ସିପ୍ରାର ମା ଆସି ତାକୁ କହିଲେ ବରପାତ୍ରର ମା ତାକୁ ଶଗୁନ ଦେବେ ବୋଲି । ସିପ୍ରା ଦେହରେ ଶୀହରଣ ଖେଳିଗଲା, ଭୟର ଓ ଆଶ୍ଚର୍ଯ୍ୟର । ବରପାତ୍ର ତ ତାକୁ ଦେଖି ବି ନାହାନ୍ତି, ତେବେ ଶଗୁନ ଦେବାର ପ୍ରଶ୍ନ ଉଠିଲା କିପରି ? ଏବେ ବି କଣ ବିନା ଦେଖାରେ ପିତାମାତାଙ୍କ ନିର୍ଦ୍ଦେଶରେ ଜୀବନସାଥୀ ବାଛିନେବାର ଯୁଗ ଅଛି ! ସିପ୍ରା ଯନ୍ତ୍ରଚାଳିତ ପରି ଉଠିଲା ଓ ଚାଲିବା ଆରମ୍ଭ କଲା । ବରପାତ୍ର ପ୍ରତି ଏଇ କ୍ଷଣକ ଆଗରୁ ତାର ଯାହା ଚିନ୍ତାଧାରା ଥିଲା ସବୁ ଓଲଟ ପାଲଟ ହୋଇଗଲା । ଭାବିଲା ଆଉ କାହା ଉପରେ ନିର୍ଭର ନ କରି ନିଜକୁ ଦୃଢ ହେବାକୁ ହେବ । ପରକ୍ଷଣରେ ଭାବିଲା ଯଦି ସବୁ କଥା ଏବେ ସେ କହିଦିଏ ତେବେ ବାପା ମା'ଙ୍କ ସମ୍ମାନରେ ଆଞ୍ଚ ଆସିଯିବ । ପୁଣି ଆନ୍ଦୋଳିତ ହେଲା ତା ମନ । ଭଗବାନ କଣ ଏତେ ନିର୍ଦ୍ଦୟ ! ଏପରି ଧର୍ମ ସଙ୍କଟରେ ତାକୁ ଏକାକୀ ଛାଡିଦେଲେ ? ଏତିକି ଚିନ୍ତା  କରୁ କରୁ  ଡ୍ରଇଂ ରୁମରେ ସେ ପହଞ୍ଚି ସାରିଲାଣି । ଦେଖିଲା ମା ବାପା, ବରପାତ୍ର ମାତା-ପିତା ସମସ୍ତେ ଆନନ୍ଦିତ ଓ ଉତ୍ସବ ମୁଖରୀତ । ଏପଟେ ଥରେ ଚାହିଁବନି ? ଏପରି ଏକ ସମ୍ବାଦରେ ସିପ୍ରା ଚାହିଁଦେଲା....... ସେଇ ଯୁବକ ତା'ର ମନ

Download Magazine from www.aahwaan.com

ଅଗଣାର ତା ସମ୍ମୁଖରେ ଠିଆ । ସ୍ତମ୍ଭୀଭୂତ ହୋଇପଡିଲା ସିପ୍ରା ।

ଏଥର ସମର ଓ ସିପ୍ରାକୁ କଥାବାର୍ତ୍ତା ହେବାପାଇଁ ଏକୁଟିଆ ଛାଡିଦିଆଗଲା । ସିପ୍ରା କିଛି କହିବା ପୂର୍ବରୁ ସମର କହିବା ଆରମ୍ଭ କଲେ, "ତୁମକୁ ଦେଖିବା ପରେ ମୁଁ ତୁମକୁ ହିଁ ଜୀବନସାଥୀ କରିବି ବୋଲି ଭାବିନେଇଥିଲି । ସେଦିନ ତୁମ କଲେଜ ୟୁନିଫର୍ମ ଦେଖି ତୁମ କଲେଜ ବିଷୟରେ ତ ଜାଣିଗଲି, କିନ୍ତୁ ତୁମ ଘର ଠିକଣା ଖୋଜିବାକୁ ମୋତେ ଦୁଇ ବର୍ଷ ଲାଗିଗଲା ।"

ନୀରବତା ଭିତରେ ସିପ୍ରାର ସବୁ ପ୍ରକାର ଅନ୍ତର୍ଦ୍ୱନ୍ଦର ଅବସାନ ଘଟିଲା ।

ଓଡିଶା ସଚିବାଳୟ ସେବା ସଂଘ

ଭୁବନେଶ୍ୱର

ଇ ମେଲ: msdipasahu@gmail.com

Download Magazine from www.aahwaan.com

# ମଣିଷ ପଣିଆ



ପ୍ରଣତୀ ମହାପାତ୍ର

ଦିନ କର କଥା । ।

ଗୋଟିଏ ଗାଁରେ ଗୋଟିଏ ଛୋଟ ପରିବାର ।

ସେ ପରିବାରରେ ଥାନ୍ତି ବାପାମାଆଙ୍କ ସହ ଛୋଟ ପୁଅଟିଏ ।ଖୁବ୍ ହସଖୁସିରେ ଥାନ୍ତି ସେମାନେ ।ବାପା ଜଣେ ଦିନ ମଜୁରିଆ ।ପରିବାରର ସଦସ୍ୟଙ୍କ ଆବଶ୍ୟକତା ଅନୁସାରେ ଚଳିବାକୁ କିଛି ବି ଅସୁବିଧା ହୁଏ ନାହିଁ ।ଏମିତି ଭାବରେ ଚଳୁଥିଲା ତାଙ୍କ ସଂସାର । ।

ହଠାତ୍ ଦିନେ ଦୁଃଖର କଳାବାଦଲ ଘୋଟିଆସିଲା ପରିବାର ଟି ଉପରେ ।ଗୋଟିଏ ଦୁର୍ଘଟଣା ରେ ବାପାଜଣଙ୍କ ଅନ୍ୟ ଦୁଇ ଜଣଙ୍କୁ ପରକରି ଆରପାରିକୁ ଚାଲିଗଲେ ।ମା କଣ କରିବେ କିଛି ବୁଦ୍ଧି ବାଟ ପାଇଲେ ନାହିଁ ।ଧୀରେ ଧୀରେ ଅଭାବ ଦେଖାଦେଲା ଦିନେ ଦିନେ ଉପବାସରେ ରହୁଥାଆନ୍ତି ।କେତେ ଦିନ ଉପାସ ରହିବେ । ମାଆ ହୋଇ ପିଲାର ଭୋକିଲା ଆଖିକୁ ସହି ପାରିଲେ ନାହିଁ ।

ବାଧ୍ୟହୋଇ କାମ କରିବାକୁ ପଦାକୁ ଗୋଡ଼ କାଢିଲେ ।କି କାମ ଅବା କରିବେ ।ପରଘରେ ବାସିପାଇଟି କଲେ । ଅଇଁଠା ବାସନ ମାଜିଲେ ।ମନରେ ଦୁଃଖ ଆସୁଥାଏ, ଖାଲି ପୁଅଟି ର ମୁହଁ ଚାହିଁ ସବୁ ସହିଯାଉ ଥିଲେ ।ପିଲାଟି ବଡ଼ ହେଲା ।ପାଠପଢିବା ବୟସ ହେଲା । ମାଆ ଭାବିଲା , ମୋତେ ଯେତେ ଦୁଃଖକଷ୍ଟ ହେଉ ପଛେ ମୁଁ ଏ ପିଲାକୁ ପାଠ ପଢାଇ ବଡ଼ ହାକିମ କରିବି ।

ଏଭଳି ଭାବି ପୁଅକୁ ନେଇ ସ୍କୁଲରେ ନାମ ଲେଖା କଲା ।ଆଉ ସେହିଦିନଠାରୁ ପୁଅ

 Download Magazine from www.aahwaan.com

ପାଠ ପଢିବାକୁ ଗଲା ।ଦିନକର କଥା ।ପୁଅ ଆସି ମାଆ କୁ କହିଲା, ମୋର ଗୋଟିଏ ବହି ଦରକାର ।ମାଆ ପୁଅକୁ ବୁଝାଇଲା,ମାସ ଶେଷରେ ମୋତେ ଦରମା ମିଳିଲେ ମୁଁ ତୋର ବହି କିଣି ଦେବି ।

ଦିନେ ସ୍କୁଲ ଛୁଟି ପରେ ପିଲାଟି ଦେଖିଲା କେଁ ।ଣସି ପିଲାର ସେହି ବହିଟି ପଡିଛି ।କେହି ନ ଦେଖିବା ଭଳି ସେ ବହିଟିକୁ ପିଲାଟି ନିଜ ବସ୍ତାନିରେ ପୁରାଇ ଘରକୁ ନେଇ ଆସିଲା ।ଘରକୁ ଆସି ମାଆ କୁ ବି ବହିଟିକୁ ଦେଖାଇଲା । ମାଆ କହିଲେ ଠିକ୍ ଅଛି, ତୋର ତ ବହି ହୋଇଗଲା, ଏଥର ଆଉ ବହି କିଣିବା ଦରକାର ପଡିବ ନାହିଁ ।

କିଛି ଦିନ ପରେ ପିଲାଟି ଏକ କଲମ ଆଣି ମାଆ କୁ ଦେଖାଇଲା ।ମା ,ମୁଁ ଏ କଲମଟି ସ୍କୁଲରୁ ପାଇଛି ।ମାଆ କହିଲେ ଠିକ୍ ଅଛି, ତୁ ସେଥିରେ ଲେଖା ଲେଖି କର ।

ଏମିତି ଏମିତି ପ୍ରତ୍ୟେକଦିନ ପିଲାଟି ସ୍କୁଲରୁ କିଛି ନା କିଛି ଜିନିଷ ଲୁଚାଇ ଆଣେ ।ମାଆଙ୍କୁ ମଧ୍ୟ ଦେଖାଏ । ଛୋଟ ଛୋଟ ଚୋରି କରୁ କରୁ ପିଲାଟି ଦିନେ ଜଣେ ଲୋକର ବାଡ଼ି ରୁ କିଛି ପିଜୁଳି ଚୋରି କରି ଆଣିଲା ।ମାଆକୁ ଦେଲା ।ମାଆ ପୁଅ ଆଣିଥିବା ପିଜୁଳି ଖାଇ କହିଲେ, ଆରେ ଏ ଗୁଡିକ ଖୁବ୍ ମିଠା ଲାଗୁଛି ।ଆଉ କିଛି ଆଣିବୁ ତ ।

ଏମିତି ଭାବେ ପିଲାଟି ବାହାରୁ ଛୋଟ ମୋଟ ଚୋରିକଲା ।କାହାର ଖେଳନା ଆଣିଲା ତ କାହା ର ବହି ଚୋରିକଲା ।ବିଦ୍ୟାଳୟରେ ଶିକ୍ଷକ ତାକୁ ବାହାର କରିଦେଲେ ସ୍କୁଲ ରୁ ।ପିଲାଟି ବଡ ହେଉଥାଏ । ।

ପାଠଶାଠ ନ ପଢି ଯା ତା ଘରୁ ଚୋରି କଲା ।ଦିନେ ଗୋଟିଏ ସାଇକେଲ ଚୋରିକଲା ।ନୂଆ ସାଇକେଲ ।ଚୋରି ସାଇକେଲ ଅନ୍ୟଜଣକୁ ବିକ୍ରୀ କରି କିଛି ଟଙ୍କା ଆଣିଲା ।ମାଆ ମଧ୍ୟ ପୁଅର ଏତାଦୃଶ କାମରେ କିଛି କହନ୍ତି ନାହିଁ ।ପରଘରୁ ଚୋରିକରିବା

 Download Magazine from www.aahwaan.com

ତା'ର ନିତିଦିନିଆ କାମ ହେଲା ।ଦିନେ ରାତିରେ ଜଣେ ଧନୀ ଲୋକ ଘରୁ ଚୋରି କରିବା ସମୟରେ ଧରା ପଡିଲା ।

ପୋଲିସ ଆସି ବାନ୍ଧି ନେଲା ।

ଏଥିରେ ମାଆ  ମନ ବଡ ଦୁଃଖ ହେଲା ।ପଇସା ପତ୍ର ଯୋଗାଡ କରି ପୁଅକୁ ଜାମିନ ରେ ମାଆ ଆଣିଲେ ।ପୁନର୍ବାର ପୁଅଟି ଚୋରିକଲା ।ଜଣକ ଘରୁ ଚୋରି କରିବା ସମୟରେ ଗୃହକର୍ତ୍ତା ଦେଖି ନେଲେ ।ତହିଁ ଉତ୍ତାରୁ ସେ ଗୃହକର୍ତ୍ତା ଙ୍କୁ ପିଲାଟି ମାରିଦେଲା ।ଇତିମଧ୍ୟରେ ପୋଲିସ ଖବର ପାଇ ପିଲାଟି କୁ ଆରେଷ୍ଟ କରି କୋର୍ଟ ଚାଲାଣ କଲା ।ବିଚାର ଚାଲିଲା ।ବିଚାର ଶେଷରେ ବିଚାରପତି ତାକୁ ଫାଶୀଦଣ୍ଡରେ ଦଣ୍ଡିତ କଲେ ।

ଫାଶୀ ଦିନ ଉପସ୍ଥିତ ।

ପିଲାଟି କୁ ପଚରା ଗଲା, ତୁମର ଶେଷ ଇଚ୍ଛା କଣ କୁହ ? ।ଉତ୍ତରରେ ପିଲାଟି କହିଥିଲା, ମୁଁ ମୋ ମାଆକୁ ଦେଖାକରିବି ।ଫାଶୀ ସମୟ ପୂର୍ବରୁ ମାଆ ପୁଅଙ୍କ ଦେଖାସାକ୍ଷାତ ହେଲା ।

ପିଲାଟି ନିଜ ପାଖରେ ଏକ ଧାରୁଆ ବ୍ଲେଡ୍ ରଖିଥିଲା ।ସେହି ବ୍ଲେଡ୍ ରେ ମାଆର ବେକ କାଟିଦେଲା ।ମାଆ ଦେହ ରୁ ଧାରଧାର ରକ୍ତ ବହିଯାଉଥାଏ  ।ଏଭଳି ଦୃଶ୍ୟ ଦେଖି ଉପସ୍ଥିତ ଥିବା ସମସ୍ତ ଲୋକ ଅବାକ୍ ହୋଇ ଯାଇଥିଲେ ।ଯେତେବେଳେ ପିଲାଟିକୁ ପଚରାଗଲା,ତୁମେ ତୁମ ମାଆକୁ କାହିଁକି ହତ୍ୟା କଲ ?ପିଲାଟି ସୁନ୍ଦର ଉତ୍ତର ଦେଇଥିଲା ।କହିଲା ଏଭଳି ମାଆ ଖାଲି ମୋ ପାଇଁ ବିପଜ୍ଜନକ ନୁହେଁ, ଏ ସମାଜ ପାଇଁ ମଧ୍ୟ ଖରାପ ।କାରଣ ଯେଉଁ ମା ପିଲାକୁ ଠିକ୍ ରାସ୍ତା ନ ଦେଖାଇ ଭୁଲ୍ ରାସ୍ତାରେ ପରିଚାଳିତ କରେ ସେଭଳି ମାଆ ର ଏ ସମାଜରେ ରହିବାର କୌ ।ଣସି ଅଧିକାର ନାହିଁ ।

 Download Magazine from www.aahwaan.com

ଖାଲି ପିଲାଟିଏ ଜନ୍ମ କରିଦେଲେ କେହି ମାଆ ହୋଇଯାଏ ନାହିଁ ।ପିଲାକୁ ଉତ୍ତମ ରୂପେ ଗଢ଼ିବା ,ଭଲ ସଂସ୍କାର ଦେବା,ଭୁଲ୍ ଠିକ୍ ର ଧାରଣା ଦେଇ ଭଲ ମଣିଷ କରିବା କାମ ହିଁ କେବଳ ଜଣେ ମାଆ ହିଁ କରିପାରେ ।ଯେତେବେଳେ ମୁଁ ଭୁଲ୍ ରାସ୍ତାରେ ଯାଉଥିଲି,ମୋତେ ଠିକ୍ ବାଟକୁ ଆଣିବା ପରିବର୍ତ୍ତେ ପ୍ରୋତ୍ସାହନ ଦେଉଥିଲା, ନିଜ ବିବେକ କୁ ବଳି ଦେଇ ଯନ୍ତ୍ରଣାମୟ ପାହାଡ ଉପରେ ଯିଏ ଗଡେଇ ଦେଇଥିଲା,ସେଭଳି ମାଆ କୁ ଏଭଳି ଶାସ୍ତି ଦରକାର ।

ଯଦି ମଣିଷ ଜୀବନ ପାଇ ମାନବିକତାଭଳି ସୁନ୍ଦର ମୂଲ୍ୟବୋଧ ନାହିଁ ସେଭଳି ମଣିଷଏ ସମାଜରେ ବଞ୍ଚି ରହିବାର  କୈ ।ଣସି ଆବଶ୍ୟକତା ନାହିଁ ।କାନ୍ଦି କାନ୍ଦି ଏତିକି କହିସାରିବା ପରେ ସେହି ଧାରୁଆ ବ୍ଲେଡ୍ ରେ ନିଜ ବେକ ମଧ୍ୟ କାଟିଦେଲା ।

ଆଉ ସବୁଦିନ ପାଇଁ ଆର ପାରିକୁ ଚାଲିଗଲା ।

ଶିକ୍ଷୟତ୍ରୀ

ଫକୀରମୋହନ ନଗର

ବାଲେଶ୍ୱର

Download Magazine from www.aahwaan.com

# ବୃହତ ସ୍ୱାର୍ଥୀ



ଶୁଭକାନ୍ତ ସାହୁ

ପିଲାଟି ପ୍ରତ୍ୟହ ମନ୍ଦିରକୁ ଯାଇ ନିଷ୍ଠାର ସହ ଠାକୁରଙ୍କୁ ଡ଼ାକୁଥିଲା । କ୍ରମଶଃ ବସ୍ତୁବାଦୀ ହୋଇପଡୁଥିବା ପୃଥିବୀରେ ସନ୍ତୁମାନେ ଯେଉଁଠି ଭୌତିକ ବସ୍ତୁ ସଂଗ୍ରହର ପ୍ରତିଯୋଗିତାରେ ବ୍ୟସ୍ତ, ପିଲାଟିର ଭକ୍ତି କିନ୍ତୁ ଥିଲା ନିଷ୍କାମ । ନିଜ ପାଇଁ କେବେ କିଛି କାମନା କରିନି । ଖୁସିରେ ଥିଲେ କହେ, "ହେ ଠାକୁର, ଏହି ସାରା ସଂସାରେ ବ୍ୟାପିଯାଉ । ଆଉ ଦୁଃଖରେ କହେ", ଏମିତି ଦୁଃଖ କେହି ବି କେବେ ନ ପାଆନ୍ତୁ ।

ଦିନେ ତା'ଭକ୍ତିରେ ପ୍ରସନ୍ନ ହୋଇ ଠାକୁର ଆବିର୍ଭୂତ ହୋଇ କହିଲେ, "ସବୁ ଦିନେ ତ ସାରା ଦୁନିଆର ମଙ୍ଗଳ କାମନ କରୁଛୁ, ଏବେ ନିଜ ପାଇଁ କିଛି ମାଗ୍" ପିଲାଟି ସହର୍ଷେ ଉତ୍ତରିଲା, "ମୁଁ ତ ପ୍ରତିଦିନ କେବଳ ନିଜ ପାଇଁ ହିଁ ମାଗି ଆସିଛି । ଅନ୍ୟ ମାନଙ୍କ ସ୍ୱାର୍ଥ ତ ସଂକୀର୍ଣ୍ଣ, ହେଲେ ମୋ ସ୍ୱାର୍ଥ ତ ବୃହତ୍ତମ । ସାରା ପୃଥିବୀର ହିତରେ କ'ଣ ମୋର ହିତ ନୁହେଁ ? କେବଳ ନିଜ ହିତ କାମନା କରିବା ଆନ ପ୍ରତି ଇର୍ଷାପରାୟଣତା ନୁହେଁ କି ? ଅନ୍ୟମାନେ ଦୁଃଖରେ ବଢୁଥିବା ବେଳେ ମୁଁ କ'ଣ ସତରେ ସୁଖୀ ହୋଇ ପାରିବି ? ? ତା'ର ପ୍ରଶ୍ନ ରୂପୀ ଉତ୍ତରରେ ଠାକୁର ଅତ୍ୟନ୍ତ ପ୍ରସନ୍ନ ହୋଇ ଇଚ୍ଛା କରୁଥିଲେ ଏକାଦଶାବତାର ନିଅନ୍ତେ କି ପୃଥିବୀ ପୃଷ୍ଠରେ ଏଇ ପିଲାଟି ପରି ଏକ ଦରଦୀ ହୃଦୟ ତଥା ଉଦାର ମନଯୁକ୍ତ ସାଧାରଣ ମାନବ ହୋଇ ।

ମୋବାଇଲ: ୯୦୪୦୩୨୦୧୮୬

Download Magazine from www.aahwaan.com

# ପୂର୍ଣ୍ଣିମାରେ ଲାଗିଗଲା ଅମାବାସ୍ୟାର କଳଙ୍କ



ସମ୍ବିତ ସତ୍ୟପ୍ରକାଶ ମିଶ୍ର

ସରସ୍ୱତୀ ପୂଜା ପୂର୍ବ ଦିନର ସେଇ ଘଟଣା ଆଜି ଯାଏଁ ବି ମାନସ ପଟରେ ଦୋଳାୟମାନ ହେଉଛି । ସରଧାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ । କେଶବ ଚନ୍ଦ୍ର ରାଉତ ଓ ଦୟାନିଧି ପ୍ରଧାନ ଦୁଇ ଶିକ୍ଷକ ଓ ସ୍କୁଲରେ ପଢୁଥିବା କିଛି ବାଳକ ବାଳିକା ମାନେ ମିଶି ପୂଜା ପାଇଁ ସାଜସଜ୍ଜା କରୁଥିଲେ । ଗୁରୁ ସ୍ଥାନୀୟ ହେଲେ ମଧ୍ୟ ମନୁଷ୍ୟର ଯେତେବେଳେ ପଶୁ ପ୍ରବୃତି ଜାଗ୍ରତ ହୁଏ ସେ କଣ କରିବସେ ନିଜେ ମଧ୍ୟ ଜାଣିପାରେ ନାହିଁ । ଧିରେ ଧିରେ ବେଳ ଗଡି ଗଡି ଚାଲିଥାଏ । ପ୍ରାୟ ସାଜସଜ୍ଜା କାମ ସରିଯାଇଥାଏ । ଗୁରୁ ଦୟାନିଧି ପ୍ରଧାନଙ୍କ ତତ୍ତ୍ୱାବଧାନରେ ବାଳକମାନେ ବାହାରର କାମ (ଯଥା:- ପୂଜାସାମଗ୍ରୀ ଆଣିବା, ଭୋଗ ବରାଦ ଦେବା, ଆମ୍ବ ତୋରଣ ତିଆରି କରିବା ଇତ୍ୟାଦି)ରେ ବ୍ୟସ୍ତ ଥାଆନ୍ତି । ପ୍ରାୟ କିଛି ବାଳିକା ଯେଉଁ ମାନଙ୍କ ଘର ଦୂରରେ ସେମାନେ ପଳେଇ ଯାଇଥାଆନ୍ତି । ସପ୍ତମ ଶ୍ରେଣୀରେ ପଢୁଥିବା ପାଞ୍ଚ ଜଣ ଛାତ୍ରୀ ନତା, ମିଲୁ, କୁନି, ଜିତା, ପୂନୀ ପୂଜା ସ୍ଥାନଟିରେ ସାଜସଜ୍ଜା କରୁଥାନ୍ତି । ଘର ଓଳାଓଳି କରୁଥାନ୍ତି । ଏ ସବୁକୁ ଲକ୍ଷ୍ୟ କରୁଥାନ୍ତି ଗୁରୁ କେଶବ ଚନ୍ଦ୍ର ରାଉତ । ଯାହା ହେଲେ ବି ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ..... । ଆଜିକାଲିର ସରକାରୀ କଳର ବ୍ୟବସ୍ଥାକୁ ନେଇ ସ୍କୁଲର ଶ୍ରେଣୀଗୃହରେ ଶିକ୍ଷକ ବାସ କରନ୍ତି । ସେଇଠି ପିଲାଙ୍କ ପାଇଁ କଳାପଟା, ଭାରତ ମାନଚିତ୍ର ଓ ସେଇଠି ଗୁରୁଜୀଙ୍କ ଖଟ, ଟିଭି, ପୋଷାକ ପାଇଟି, ରୋଷେଇ ସାମାନ । ଏ ସବୁ ଚିତ୍ର ଦୃଶ୍ୟମାନ ହେଲେ ବ୍ୟବସ୍ଥାର ଅବସ୍ଥା ବୁଝିବାକୁ ବେଶୀ ସମୟ ଲାଗେନାହିଁ । ଅତି ଗରିବ ପରିବାରରେ ଜନ୍ମ 'ପୂନୀ'ର । କୁମାର ପୂର୍ଣିମାରେ ଜନ୍ମ ହୋଇଥିବାରୁ ବାପାମା' ତା ନାଁ ରଖିଥିଲେ 'ପୂନୀ' । ଖଟିଖିଆ ମୂଲିଆ ବାପାମା'ଙ୍କ ସ୍ୱପ୍ନ

 Download Magazine from www.aahwaan.com

ଆମେ ନ ହେଲୁ ନାହିଁ ଝୁଅଟି ପାଠ ପଢୁ । ଦୁନିଆ ଦେଖୁ । ବଡ ମଣିଷ ହେଉ । ଓଳିଏ ଖାଇଲେ ଦି ଓଳି ଉପାସ ରହନ୍ତି ତା ବାପାମା । ପୂଜା ଦିନର ଘଟଣା । ଗାଁ ପୁରା ଶୁନଶାନ । ସ୍କୁଲରେ ଭିଡ ଜମିଥାଏ ଗାଁ ଲୋକଙ୍କର । ପୂନୀର ରକ୍ତ ଜୁଡୁବୁଡୁ ଶରୀର ଶ୍ରେଣୀ ଗୃହର ତଳେ ପଡିଥାଏ । ସେ ସମ୍ପୂର୍ଣ ନିଶ୍ଚେତ ଥାଏ । ତାର ଜାମା ଫ୍ରକ ସ୍ଥାନେ ସ୍ଥାନେ ଛିଣ୍ଡି ଯାଇଥାଏ । ପ୍ରସ୍ଫୁଟିତ କୈଶୋର ଆଜି କ୍ଷତ ବିକ୍ଷତ ହୋଇ ପ୍ରଚୁର ରକ୍ତ ସ୍ରାବ ହେଉଥାଏ । କିଏ ସେ ଅମଣିଷ ? କିଏ କରିଛି ପୂନୀ ଭଳି କୁନି ଝିଅର ଏପରି ଦୁର୍ଦଶା ? ତାକୁ ଟିକ ଟିକ କରି କାଟି ଦେବାକୁ ଇଚ୍ଛା ହେଉଛି । ତାକୁ କଠିନରୁ କଠିନ ଦଣ୍ଡ ମିଳିବା ଦରକାର । ପୁନି ନ୍ୟାୟ ପାଇବା ଦରକାର । ଏ ସବୁ ଚିନ୍ତା କଲା ଭିତରେ ପୂନୀର ବାପାମା ଭୟ ଓ ଲଜ୍ଜାରେ ନିଜେ ଅପରାଧୀ ଭଳି ହେଉଥିଲେ । ପୂନୀ ନ୍ୟାୟ ପାଇବା ଦରକାର । ଗାଁର ଇଜ୍ଜତ ରଖିବାକୁ ଯାଇ ଗାଁ ସମସ୍ୟାର ସମାଧାନ ଗ୍ରାମସଭାରେ ହୁଏ । ଅତି ଆବଶ୍ୟକ ହେଲେ ମାମଲା ଥାନା କଚେରୀକୁ ଯାଏ । ନ ହେଲେ କୋଚିତ । ଗାଁ ବଇଦ ଆସି ମଇଲମ ଓଷୁଅ ପାଣି ଦେଇଥାନ୍ତି । ଭୟରେ ପୁଣି ଦେହରେ ପ୍ରବଳ ଜର । ଖାଲି ଥରୁଥାଏ । ଡରୁ ଥାଏ । ଆଖି ଲୁହରେ ଶେଯ ପଟା ଓଦା ହେଇଯାଉଥାଏ । କିଏ ବା ବୁଝିବ ପୂନୀର ଦୁଃଖ । ପୂନୀ ନ୍ୟାୟ ପାଇବା ଦରକାର । ତା ପରଦିନ ଗ୍ରାମସଭା ବସିଲା । ଗାଁ ମୁରବୀ ମାନେ ବସିଲେ । ଗୋଟିଏ ପାର୍ଶ୍ୱରେ ପୂନୀ ଓ ତା ବାପାମା ଏବଂ ଅନ୍ୟ ପାର୍ଶ୍ୱରେ ଆଦର୍ଶ ଶିକ୍ଷକ ଗୁରୁ କେଶବ ଚନ୍ଦ୍ର ରାଉତ ମୁହଁ ତୋଡ କରି ଠିଆ ହୋଇଥାନ୍ତି, ସତେ ଯେପରି ଗୋଟିଏ ମହାନ କାର୍ଯ୍ୟ କରି ଫେରିଛନ୍ତି ଓ ଦର୍ଶକ ସାଜିଛନ୍ତି ଗ୍ରାମବାସୀ ବୃନ୍ଦ । ପୂର୍ବ ଘଟଣା କ୍ରମରେ, ସରସ୍ୱତୀ ପୂଜା ପୂର୍ବ ଦିନ ଦ୍ୱିପହର ସମୟରେ ସପ୍ତମ ଶ୍ରେଣୀର ସେଇ ପାଞ୍ଚ ଜଣ ବାଳିକା କାର୍ଯ୍ୟବ୍ୟସ୍ତ ଥିବା ସମୟରେ ଏ ସବୁକୁ ଲକ୍ଷ୍ୟ କରୁଥିଲେ ଗୁରୁଜୀ । ପୂନୀ ଘର ଓଲୋଉଥିଲା । ଘର ଓଲୋଉଥିବା ସମୟରେ ତାର ପ୍ରସ୍ଫୁଟିତ କୈଶୋର ଆକର୍ଷିତ କରିଥିଲା ଗୁରୁଜୀଙ୍କୁ ଓ

 Download Magazine from www.aahwaan.com

ଜାଗ୍ରତ ହୋଇଥିଲା ତାଙ୍କର ପଶୁ ପ୍ରବୃତି । ସେ ପୂନୀ ଦ୍ୱାରା ନିଜର କାମନାର ତୃଷ୍ଣା ମେଣ୍ଟାଇବାକୁ ଚାହିଁ ଏହାର ଏକ ସୁନ୍ଦର ପରିକଳ୍ପନା କରିଥିଲେ । ସେ ସେଠାରେ ଥିବା ପାଞ୍ଚ ଜଣ ଝିଅଙ୍କୁ ଗୀତ ଗାଇବା ପାଇଁ କହିଲେ । ଗୁରୁଙ୍କ ନିର୍ଦ୍ଦେଶରେ ସମସ୍ତେ ଜଣଙ୍କ ପରେ ଜଣେ ଗୀତ ଗାଇଲେ । ପୂନୀ ମଧ୍ୟ ତାର କୋମଳ କଣ୍ଠ ସ୍ୱରରେ ଗୀତଟିଏ ଗାଇଲା । ପୂନୀର ଗୀତର ପ୍ରଶଂସା କରି ଗୁରୁଜୀ ତାକୁ ୧୦୦ ଟଙ୍କା ପୁରସ୍କାର ଦେଲେ । ଏହା ଦେଖି ଅନ୍ୟ ପିଲାମାନଙ୍କ ମନ ଟିକେ ଦୁଃଖ ହେଲା । ଏହା ପରେ କିଛି ସମୟ ପରେ ନିଜର ମୁଣ୍ଡ ବିନ୍ଧୁଥିବାର ଅଭିନୟ କରି ମୁଣ୍ଡ ଚିପିବା ପାଇଁ ଏକୁଟିଆ ରହୁଥିବା ଶ୍ରେଣୀ ଗୃହକୁ ଡାକିଲେ ସେ ପୂନୀକୁ । ପୂନୀ ମଧ୍ୟ ଗୁରୁ ସେବା କରିବାପାଇଁ ତତ୍ପର ହୋଇ ତା ମଧ୍ୟକୁ ଚାଲିଗଲା । ଗୁରୁଜୀ ଲୁଙ୍ଗି ପିନ୍ଧି ଖଟ ଉପରେ ଶୋଇଥାନ୍ତି । ପୂନୀ ପ୍ରଥମେ ମୁଣ୍ଡ ଚିପିଲା । କିଛି ସମୟ ପରେ ସେ ଗୋଡ ମୋଡିବାକୁ କହିଲେ । ଗୋଡ ମୋଡିବାର କିଛି ସମୟ ଯାଇନି ପୂନୀ ସହିତ ଏ କଣ ହେଉଛି ସେ କିଛି ଜାଣିପାରୁନଥିଲା । ସବୁ କଥା ସମସ୍ତେ ଶୁଣିଲେ । ପୂନୀ ଲାଜରେ, ଭୟରେ ଗୋଟା ଥରୁଥାଏ, ଆଖି ଲୁହ ଆଖିରେ ମରୁଥାଏ । ପୂନୀର ବାପାମା ଝିଅର ଭବିଷ୍ୟତକୁ ଚିନ୍ତା କରି ଏ କଥା ପ୍ରଘଟ ନ କରିବାକୁ ସମସ୍ତଙ୍କୁ ଅନୁରୋଧ କଲେ । ପୂନୀ ଶରୀରରେ ଯେ ଅମାବାସ୍ୟାର କଳଙ୍କ ଲାଗିଯାଇଥାଏ ଏ କଥା କେବଳ ସେ ଓ ତା ମା ଜାଣିଥାନ୍ତି । ଗ୍ରାମ ସଭାର ନିଷ୍ପତି କ୍ରମେ ମୁରବୀମାନେ ପୂନୀର ଚିକିତ୍ସା ବାବଦକୁ ୩୫୦୦୦/-ଟଙ୍କା ଓ  ଅପରାଧ କରିଥିବା ପାଇଁ ଅଭିଯୁକ୍ତ ଶିକ୍ଷକଙ୍କୁ ପୂନୀକୁ ବିବାହ କରିବାକୁ ନିର୍ଦ୍ଦେଶ ଦେଲେ । ଶିକ୍ଷକ ଯେ ପୂର୍ବରୁ ବିବାହିତ ଓ ୪ ଟି ସନ୍ତାନର ଜନକ ଏ କଥା ଗାଁ ଲୋକ ଜାଣି ମଧ୍ୟ ମୁହଁରେ ତୁଣ୍ଡି ବାନ୍ଧିଥାନ୍ତି । ସବୁ ସେଇ ପଇସାର ଖେଳ । ଖଟିଖିଆ ଗରିବ ଲୋକଙ୍କ ଦୁଃଖ ବୁଝୁଛି କିଏ ? କିଛି ଦିନ ପରେ ପୂନୀ ନୀତି ଦିନିଆ ଜୀବନ । ଏମିତି କିଛି ଦିନ ବିତିଯାଏ । କିନ୍ତୁ, ପୂନୀ ସାଜିଥିଲା ୭ ମାସର ଗର୍ଭବତୀ । ଗରିବ ଅଶିକ୍ଷିତ

Download Magazine from www.aahwaan.com

ଲୋକ । ଯେତେବେଳେ ସପ୍ତମ ଶ୍ରେଣୀର ଚପଳମତୀ କିଶୋରୀ ସାଜେ ୭ ମାସର ଗର୍ଭବତୀ । ଅବସ୍ଥା କଣ ହୁଏ ? ପାଠପଢାରେ ଡୋରି ବାନ୍ଧିଯାଏ । ସବୁଦିନ ପାଇଁ ଲାଗିଯାଏ କଳଙ୍କର ଟିକା । ଖାଲି କଳ୍ପନା ଜଳ୍ପନା ଭିତରେ ବଞ୍ଚିଯିବା କଥା । ପ୍ରବଳ ପ୍ରସବ ବେଦନା ଭିତରେ ଶିଶୁ କନ୍ୟାଟିଏ ଜନ୍ମ ଦେଇ ସବୁଦିନପାଇଁ ଆଖି ବୁଜିଦେଲା ପୂନୀ । ଶିଶୁ କନ୍ୟାଟିକୁ ଦେଖି ପୂନୀର ମା କୁହେ ଯଦି ପୂନୀରେ ଲାଗିଲା ଅମେଇସିଆର ଦାଗ କଣ ତୁ ଜାରଜା, ଊଅାଁଶି, ପାପିନୀ ନା କଳଙ୍କିନୀ । ଶିଶୁ କନ୍ୟାଟିକୁ ଛେଚି ଛେଚି ମାରିବାକୁ ଚେଷ୍ଟା କରିବାକୁ ଉଦ୍ୟତ ହୁଅନ୍ତେ କନ୍ୟାଟିର ଖିଲି ଖିଲି ହସ ତାଙ୍କ ମାତୃ ହୃଦୟରେ ଆନ୍ଦୋଳନ ସୃଷ୍ଟି କରେ ।

ଅତିଥି ଅଧ୍ୟାପକ, ପ୍ରାଣୀ ବିଜ୍ଞାନ ବିଭାଗ,

ଢେଙ୍କାନାଳ କନିଷ୍ଠ ମହାବିଦ୍ୟାଳୟ, ଢେଙ୍କାନାଳ -୭୫୯୦୦୧, ଓଡ଼ିଶା,


sambitsm1987@gmail.com

Download Magazine from www.aahwaan.com

# ପ୍ରବନ୍ଧ ବିଭାଗ

Download Magazine from www.aahwaan.com

# ଶ୍ରୀ ଶ୍ରୀ ଭୂଷଣ୍ଡେଶ୍ୱର



ରବୀନ୍ଦ୍ର କୁମାର ସାମଲ

ଶ୍ରୀ ଶ୍ରୀ ଭୂଷଣ୍ଡେଶ୍ୱର : ଏକ ଐତିହାସିକ ଅନ୍ୱେଷଣ

ଦୃଶ୍ୟମାନ ହେଉଥିଲା ପ୍ରଶାନ୍ତ ସାଗରର ନୀଳ ଜଳରାଶି । ତଟ ଦେଶରେ କଳ କଳ ଛଳ ଛଳ ମ୍ଲାନ ଶବ୍ଦର ସମାହାର ସହିତ ତା'ର ଘୋ ଘୋ ଭୀମ ଗର୍ଜନ । ତଟ ଭୂମି ଆଡ଼କୁ କ୍ଷୀପ୍ର ଗତିରେ ଧାଇଁ ଆସୁଥିଲା ଅସଂଖ୍ୟ ଅସଂଖ୍ୟ ଫେନଯୁକ୍ତ ଲହଡ଼ିମାଳା । ପ୍ରତ୍ୟୁଷର ମୃଦୁ୍ୟମନ୍ଦ ମଳୟରେ ଦର୍ଶକର ଦେହମନ ପୁଲକିତ ହୋଇ ଉଠୁଥିଲା । ପୂର୍ବାଶାରେ ଧିରେ ଧିରେ ଆଲୋକ ରଶ୍ମୀର ଆଭା ବିକରିତ ହେଉଥିଲା । ସାଗରର ଗୁରୁଗର୍ଜନ ଭିତରେ ଦେବପୀଠରୁ ପ୍ରାତଃକାଳୀନ ସ୍ତବପାଠର ସ୍ୱର କିମ୍ବା ଘଣ୍ଟାଧ୍ୱନୀ ସ୍ୱଷ୍ଟ ଶୁଣା ଯାଉନଥିଲେ ବି ଉଷାଲୋକରେ ଦିଶି ଦିଶି ଯାଉଥିଲା ବିଶାଳକାୟ ଦେବାଳୟର ରୂପକାନ୍ତି । କୂଳୁକୂଳୁ ଧ୍ୱନୀ କରି ମହୋଦଧିର ମାଳମାଳ ଢେଉ ସମୂହ ଧୋଇ ଦେଉଥିଲା ଦେବସ୍ଥଳୀର ପାଦଦେଶକୁ । ଦେବପୀଠର ଦକ୍ଷିଣ ପାର୍ଶ୍ୱରେ ସମୁଦ୍ରକାନ୍ତା ସୁବର୍ଣ୍ଣରେଖାର ମିଳନସ୍ଥଳ । ତା'ର ପୂର୍ବୋତ୍ତର ଭାଗରୁ ଦେଖାଯାଉଥିଲା ବିସ୍ତୀର୍ଣ୍ଣ ଶ୍ୱେତ ବାଲୁକା ରାଶିର ପର୍ବତଶ୍ରେଣୀ । ଆଉ ପାର୍ଶ୍ୱରେ ଶୋଭା ପାଉଥିଲା କ୍ଷୀଣକାୟ ଏକ ସ୍ରୋତଟିଏ । ପୁଣି ସେଇ ପାଦଦେଶରେ ଥାଇ ଯେଉଁ ସୁବୃହତ୍ ଦେବମନ୍ଦିରଟି ଦୃଶ୍ୟମାନ ହେଉଥିଲା, ତାହାକୁ କୁହାଯାଉଥିଲା ସାଗରତୀର୍ଥ ଭୂଷଣ୍ଡେଶ୍ୱର ।

ଓଡ଼ିଶା ରାଜ୍ୟର ଉତ୍ତର ସୀମାରେ ପ୍ରବାହିତ ହେଉଥିବା ଏହି ସୁବର୍ଣ୍ଣରେଖା ନଦୀ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ପୃଷ୍ଠା । ଏହି ନଦୀର ମୁହାଣ ନିକଟରେ ବାଲେଶ୍ୱର ଜିଲ୍ଲାର

 Download Magazine from www.aahwaan.com

ଭୋଗରାଇ ଥାନାସ୍ଥିତ ଜୟରାମପୁର ଗ୍ରାମର ଉତ୍ତରପାର୍ଶ୍ୱରେ ଥିବା ଆହୁତି କୁଣ୍ଡ ନାମକ ସ୍ଥାନରୁ ଖ୍ରୀ୧୯୭୦ ମସିହାରେ ଏକ ତାମ୍ରଶାସନ ଆବିଷ୍କୃତ ହେବାରୁ ଜଣାଗଲା ଯେ, ଖ୍ରୀ ୫ମ/୬ଷ୍ଠ ଶତାବ୍ଦୀରେ ଏଠାରେ ଗୋଟିଏ ପୋତାଶ୍ରୟ ଭିତ୍ତିକ ନଗରସଭ୍ୟତା ଏବଂ ବୋଧିବିହାର ନାମକ ବୌଦ୍ଧ ବିହାରଟିଏ ଥିଲା । ପୁନଶ୍ଚ ସେହି ଗ୍ରାମର ଦକ୍ଷିଣ ପଶ୍ଚିମ ପାର୍ଶ୍ୱରେ 'ଗଡ଼ବଣ' ନାମକ ସ୍ଥାନରେ ତ୍ରୟୋଦଶ ଶତାବ୍ଦୀରେ ତତ୍କାଳୀନ ଓଡ଼ିଶାର ଶାସକ ରାଜା ତୃତୀୟ ଅନଙ୍ଗଭୀମ ଦେବ ଓଡ଼ିଶାର ଉତ୍ତରପୂର୍ବ ଭାଗରେ ମୁସଲମାନ ମାନଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଯେଉଁ ୩୮ଟି ଗଡ଼ଜାତ ମଣ୍ଡଳ ଗଠନ କରି ସେଥିରେ ଜଣେ ଜଣେ ଶାସକଙ୍କୁ ନିଯୁକ୍ତି କଲାବେଳେ ସୁବର୍ଣ୍ଣରେଖା ନଦୀ ମୁହାଣ ଦେଇ ମୁସଲମାନ ଶତୃସୈନ୍ୟମାନେ ରାଜ୍ୟ ଭିତରକୁ ପ୍ରବେଶ କରି ଆସିବାର ସମ୍ଭାବନାକୁ ଚିନ୍ତାକରି ସେଠାରେ ମଧ୍ୟ ଏହି ୩୮ ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରୁ ଗୋଟିଏ ଗଡ଼ଜାତ ମଣ୍ଡଳ ଗଠନ କରି ତା'ର ସୁରକ୍ଷା ପାଇଁ କିରାତ ମାନଙ୍କୁ ନିଯୁକ୍ତି ଦେଇଥିଲେ । କିରାତମାନେ ଏହି ମଣ୍ଡଳରେ ଶାସନ କରୁଥିବା ହେତୁ ଏହାକୁ ସମୟକ୍ରମେ କିରାତଗଡ଼ କୁହାଗଲା । ସମୟର ଗତି ଚକ୍ରରେଆଜି ସେଠାରେ କିରାତଗଡ଼ ନଥିଲେ ସୁଦ୍ଧା ତା'ର ଧ୍ୱଂସାବଶେଷ ଏଣେତେଣେ ବିଚ୍ଛିନ୍ନ ହୋଇ ପଡ଼ିଥିବା ବେଳେ ମାଟିତଳୁ ବହୁ ଐତିହାସିକ ସ୍ମୃତି ସ୍ୱାକ୍ଷର ଆବିଷ୍କୃତ ହେଉଛି । ପୁନଶ୍ଚ ଷୋଡ଼ଶ ଶତାବ୍ଦୀରେ ଏହି ନଦୀ ମୁହାଣରେ ପିପିଲି ବନ୍ଦର ଥିବା ବେଳେ ନଦୀ କୂଳରେ ଖରିଦ ପିପଳ, ଝାଡ଼ପିପଳ, ହରିଣକୁଲି, ମନୁନଗର ଆଦି ଗ୍ରାମ ଗୁଡ଼ିକ ଥାଇ ତା'ର ସ୍ମୃତି ହୋଇ ଦେଖା ଦେଉଅଛି ।ଏହାର ଅନତି ଦୂରରେ କମର୍ଦ୍ଧା ଓ ସାହେବନଗର ପାଟଣାଠାରେ ବନ୍ଦର ଭିତ୍ତିକ ନଗର ସହିତ ଜଳେଶ୍ୱର ସରକାର ଅଧୀନସ୍ଥ ପିପିଲି ନାମକ ମାହାଲଟାଏ ମଧ୍ୟ ଥିଲା । ଏଥି ସହିତ ହରିଣକୁଲି ଗ୍ରାମରେ କ୍ରୀତଦାସ ବଜାର ତଥା

 Download Magazine from www.aahwaan.com

ଅନ୍ୟାନ୍ୟ ଐତିହାସିକ ତଥ୍ୟାଦି ଆମର ହାତଛଡ଼ା ହୋଇନାହିଁ । ଏପରି ତଥ୍ୟଯୁକ୍ତ ଐତିହ୍ୟ ମଧ୍ୟରେ ନଦୀ ମୁହାଣରେ ଥିବା କୁମ୍ଭୀରଗଡ଼ି ମୌଜାରେ ଏକ ବିଶାଳ ଶିବଲିଙ୍ଗ ଦୀର୍ଘଦିନଧରି ଜଙ୍ଗଲ ମଧ୍ୟସ୍ଥ ମାଟି କାଦୁଅରେ ପୋତି ହୋଇ ରହିଥିବା ବିଶାଳ ଶିବଲିଙ୍ଗ ସୌଭାଗ୍ୟକ୍ରମେ ଲୋକଲୋଚନକୁ ଆସି ବିସ୍ମୟ ସୃଷ୍ଟି କରିଛି । ଅବଶ୍ୟ ଏଅ କଥା କବିବର ରାଧାନାଥ ରାୟ ତାଙ୍କ ରଚିତ 'ଉଷା' କାବ୍ୟରେ ଅତିସୁନ୍ଦର ଭାବେ ଧରି ରଖିଥିବାର ଦେଖାଯାଏ;

ଯାମକୁଣ୍ଡା ଯହିଁ ଘନ-ତାଳି-ବନ-ଶ୍ୟାମଳତୀରା

ସୁବର୍ଣ୍ଣ ତଟିନୀ ସିନ୍ଧୁ ଅଙ୍ଗେ ଅଙ୍ଗ ଢାଳେ ଗଭୀରା ।

ବେନିଙ୍କର ଯହିଁ ନୀର ସଂଘର୍ଷଜ ଧିର ନିର୍ଘୋଷ

ଉପୁଜାଏ ଦେବ ଭୂଷଣ୍ଡ-ଈଶ୍ୱରେ ନିରତେ ଶେଷ ।

(ରାଧାନାଥ ଗ୍ରନ୍ଥାବଳୀ, ପୃଷ୍ଠା : ୫୭)

କବିବର ରାଧାନାଥ ରାୟ ଖ୍ରୀ୧୮୭୭ ମସିହାରେ ବାଲେଶ୍ୱର ଶିକ୍ଷା ବିଭାଗରେ ଜଏଣ୍ଟ ଇନ୍‌ସ୍ପେକ୍ଟର ଥିବା ବେଳେ ଏ ମାଟିରେ ଥିବା ତତ୍‌କାଳୀନ ଏମ୍.ଭି. ସଂସ୍କୃତ ବିଦ୍ୟାଳୟ ପରିଦର୍ଶନ କରିବାକୁ ଆସି ଭୋଗରାଇର ବହୁ ଐତିହ୍ୟକୁ ତାଙ୍କର ଏହି କାବ୍ୟରେ ଧରି ରଖିଛନ୍ତି । ଆଉ ଯାମକୁଣ୍ଡ ଅଧୁନା ବାଲିଆପାଳ ଥାନାରେ ରହିଥିବା ବେଳେ ସେଠାକାର ପ୍ରାକୃତିକ ଶୋଭା ମଧ୍ୟରେ ସେ ବିମୋହିତ ହୋଇ ସେ ସ୍ଥାନର ତାଳବନ ଦେଖିଥିବାର ଉଲ୍ଲେଖ କରିଛନ୍ତି । ସମ୍ଭବତଃ ସେ ବାଲିଆପାଳ ରାସ୍ତାରେ ଆସି ଭୋଗରାଇର ବିଭିନ୍ନ ସ୍ଥାନ ଦେଖିବାର ସୁଯୋଗ ପାଇଥିଲେ । ଆଉ ଏତିକି ବେଳେ ଭୂଷଣ୍ଡେଶ୍ୱରଙ୍କୁ ମଧ୍ୟ ସେ

 Download Magazine from www.aahwaan.com

ଦେଖିଥିଲେ ।

ଭୂଷଣ୍ତେଶ୍ବର ଶିବଲିଙ୍ଗ ଗ୍ରାନାଇଟ୍ ପଥରରେ ନିର୍ମିତ ହୋଇଥିବା ବେଳେ ଏହାର ଓଜନ ୧୬୮୦ କ୍ୱିଣ୍ଟାଲ୍, ଉଚ୍ଚତା ବାରଫୁଟ ଛଅଇଞ୍ଚ, ଶକ୍ତିସ୍ଥଳ ଯେଉଁ ଅଂଶକୁ ନେଇ ବେଢ଼ି ହୋଇ ରହିଛି ତାହାକୁ ନେଲେ ଷୋହଳ ଫୁଟ, ଶକ୍ତିସ୍ଥଳର ପରିଧି ସଇଁତିରିଶି ଫୁଟ, ଶକ୍ତି ଉପରକୁ ଥିବା ଚାରିଫୁଟ ଅଂଶଟି ଗୋଲାକାର ନଥାଇ ଚତୁଃଷ୍କୋଣ ସୃଷ୍ଟି କରିଛି । ଏହାର ଉପର ଅଂଶ ଅଷ୍ଟକୋଣାକାର, ତା'ର ଉପର ଅଂଶ ମସୃଣ ତଥା ସ୍ତମ୍ଭାକାର ଗୋଲ । ଉପର ଭାଗର ପ୍ରାୟ ଏକ ଫୁଟ ତଳକୁ ଗୋଟିଏ ରେଖାଚିତ୍ର ରହିଛି, ଯାହାକୁ ସାଧାରଣ ଲୋକମାନେ ଲିଙ୍ଗ ଦେବତାଙ୍କ ଉପବୀତ ବୋଲି ଅନୁମାନ କରୁଥିବା ବେଳେ ଚିତ୍ର କିମ୍ବା ମୂର୍ତ୍ତି ଗବେଷକ ମାନଙ୍କ ବ୍ୟତୀତ ଅନ୍ୟ କେହି ମତାମତ ଦେବା ଭୁଲ ହୋଇପାରେ । ତଥାପି ଆମ୍ଭ ମତରେ ସମ୍ଭବତଃ ଏହା କୌଣସି ତାନ୍ତ୍ରିକ ରେଖାଚିତ୍ର ହୋଇପାରେ । ପୁନଶ୍ଚ ଏହି ଲିଙ୍ଗ ଦେବତା ଏକ ବେଦୀ ଉପରେ ରହି ଆସିଥିବାରୁ ମନେ କରାଯାଇପାରେ । ବେଦୀଟି କଳା ମୁଗୁନି ପଥରରେ ନିର୍ମିତ ହୋଇଥିଲେ ମଧ୍ୟ ଏହା ଚତୁଷ୍କୋଣାକାର ବର୍ଗକ୍ଷେତ୍ର ପରି ଲମ୍ବ ଓ ଓସାରଯୁକ୍ତ, ପ୍ରାୟ ପାଞ୍ଚଫୁଟ ଥିବା ବେଳେ ବେଦୀର ଗଭୀର ଚାରିଫୁଟ । ଚାରି ପାର୍ଶ୍ୱରେ ଘେରି ରହିଥିବା ଅଂଶର ମୋଟେଇ ଏକ ଫୁଟ । ବେଦୀର ଭିତର ତଳ ଅଂଶରେ ଅଷ୍ଟଦଳ ପଦ୍ମର ଚିତ୍ର ଅଙ୍କିତ । ମାତ୍ର ବେଦୀଟି ଲିଙ୍ଗ ଦେବତାଙ୍କ ପାଖରୁ ପ୍ରାୟ ପାଞ୍ଚଫୁଟ ଦୂରରେ ଅଛି । ଲିଙ୍ଗ ଦେବତା ଅଷ୍ଟକୋଣ ଏବଂ ବେଦୀ ଭିତରେ ଅଷ୍ଟଦଳ ପଦ୍ମଥିବାରୁ ଏହା ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଅଷ୍ଟଲିଙ୍ଗ ଆରାଧନାର ପ୍ରତିଫଳନ ବୋଲି ମନେ କରାଯାଇପାରେ । ତେବେ ସେହି ଅଷ୍ଟ ଲିଙ୍ଗ ପୂଜା ହେଉଛି;

୧. ପୂର୍ବ : ଓଁ ସର୍ବାୟ କ୍ଷିତି ମୂର୍ତ୍ତୟେ ନମଃ

 Download Magazine from www.aahwaan.com

୨. ଐଶାନ୍ୟ : ଓଁ ଭର୍ବ୍ୟାୟ ଜଳ ମୂର୍ତ୍ତୟେ ନମଃ

୩. ଉତ୍ତର : ଓଁ ରୁଦ୍ରାୟ ଅଗ୍ନି ମୂର୍ତ୍ତୟେ ନମଃ

୪. ବାୟୁ : ଓଁ ଉଗ୍ରାୟ ବାୟୁ ମୂର୍ତ୍ତୟେ ନମଃ

୫. ପଶ୍ଚିମ : ଓଁ ଭୀମାୟ ଆକାଶ ମୂର୍ତ୍ତୟେ ନମଃ

୬. ନୈରୃତ : ଓଁ ପଶୁପତୟେ ଯଜମାନ ମୂର୍ତ୍ତୟେ ନମଃ

୭. ଦକ୍ଷିଣ : ଓଁ ମହାଦେବାୟ ସୋମମୂର୍ତ୍ତୟେ ନମଃ

୮. ଅଗ୍ନେ : ଓଁ ଈଶାନାୟ ସୂର୍ଯ୍ୟ ମୂର୍ତ୍ତୟେ ନମଃ

ବଙ୍ଗଳା ଭାଷାରେ ରଚିତ 'ଶିବପୁରାଣ'ର ଉତ୍ତରଖଣ୍ଡସ୍ଥ ତୃତୀୟ ପର୍ବରେ ବର୍ଣ୍ଣିତ ହୋଇଛି ଯେ, ଏକଦା ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଆରାଧନା କରୁଥିବା ସମୟରେ ବିଶାଳ ସାଗର ମଧ୍ୟରେ ଏକ ଜ୍ୟୋତିର୍ଲିଙ୍ଗଙ୍କୁ ଦର୍ଶନ କରିବାକୁ ପାଇଲେ । ସେଥିରୁ ସେ ବୁଝିପାରିଲେ ଯେ ସେ ହେଉଛନ୍ତି ମହାଲିଙ୍ଗଙ୍କ ମଧ୍ୟରୁ ଏକ ଆତ୍ମଲିଙ୍ଗ । ଏହାପରେ ବ୍ରହ୍ମା ତାଙ୍କ ସଂପର୍କରେ ଅଧିକ ଜାଣିବାକୁ ଚାହିଁବାରୁ ସେ ଦେଖିଲେ, ସାଗର ପରିବେଷ୍ଟିତ ଶୈବାଳ ଦ୍ୱୀପ ମଧ୍ୟରେ ସେହି ମହାଲିଙ୍ଗ ଅବସ୍ଥାନ କରୁଛନ୍ତି । ଆଉ ଏହି ମହାଲିଙ୍ଗଙ୍କୁ ଭୂଷଣ୍ଡେଶ୍ୱର ବୋଲି କୁହାଯାଉଛି । ଏ ସମ୍ପର୍କରେ ଖୁବ୍ ସୁନ୍ଦର ଭାବେ କବି ସ୍ୱର୍ଗତଃ କାଳି ପ୍ରସନ୍ନ ଦାସ ବଙ୍ଗୀୟ ଭାଷାରେ ବର୍ଣ୍ଣନା କରିଛନ୍ତି ।

ବର୍ଣ୍ଣିତ କାହାଣୀ ଅନୁଯାୟୀ ଆମେ ସେଠାରେ ଦେଖିବାକୁ ପାଉଁ ଯେ, ମହାଲିଙ୍ଗଙ୍କ ପୂର୍ବ ଦିଗରେ ବିଶାଳ ଅଶାନ୍ତ ମହୋଦଧି, ଉତ୍ତରରେ ଅର୍ଦ୍ଧ ପ୍ରୋତଥିତ ପରିତ୍ୟକ୍ତ କ୍ଷୀଣକାୟ ସିମୁଳିନଦୀ, ଦକ୍ଷିଣରେ ଚିରସ୍ରୋତା ସୁବର୍ଣ୍ଣରେଖା ନଦୀ ମୁହାଣର କଳକଳ ନିନାଦରେ ପ୍ରବାହିତ ବିପୁଳ ଜଳରାଶି । ପଶ୍ଚିମ ପାର୍ଶ୍ୱରେ ବିଶାଳ ଶସ୍ୟ କ୍ଷେତ୍ରର ସବୁଜିମା ଅଥବା

 Download Magazine from www.aahwaan.com

ଉଜୁଡ଼ା ଶସ୍ୟର ସାମୁହିକ କିଆରୀ । ବର୍ଷା ଋତୁର ଶୁଭାରମ୍ଭ ମାତ୍ରେ ଏ ଅଂଶ ସମ୍ପୂର୍ଣ୍ଣ ଜଳମଗ୍ନ । ଗ୍ରୀଷ୍ମଋତୁର ପ୍ରାରମ୍ଭରେ ଦକ୍ଷିଣ ଦିଗରୁ ବହି ଆସୁଥିବା ସୁଲୁସୁଲିଆ ମୌସୁମୀର ପ୍ରବାହରେ ମୁହାଣ ସ୍ଥିତି ଜଳସଂଘର୍ଷରେ ସୃଷ୍ଟି ହେଉଥିବା କ୍ଷୁଦ୍ରାତିକ୍ଷୁଦ୍ର ଜଳକଣାରେ ପରିବେଶଟି କୁହୁଡ଼ିମୟ ହୋଇ ଉଠେ । ତେଣୁ ଏଠାରେ ଥିବା ଦର୍ଶକ ତଥା ଭକ୍ତମାନେ ଗ୍ରୀଷ୍ମକୁ ଆଦୌ ଜାଣିପାରନ୍ତି ନାହିଁ । ସମ୍ଭବତଃ ଏପରି ପରିବେଶକୁ ଲକ୍ଷ୍ୟକରି ଲେଖକ ସ୍ୱର୍ଗତଃ ଦାସଙ୍କ ଭାଷାରେ ଶୈବାଳ ଦ୍ୱୀପର ରୂପ ସମ୍ଭାରକୁ ଏଡ଼ାଇ ଦିଆଯାଇ ନ ପାରେ । ମୂଳ ସଂସ୍କୃତ ଶିବପୁରାଣରେ 'ଘୁଷୁଣେଶଂ' ଶବ୍ଦଟି ବଙ୍ଗଳା ଭାଷାରେ 'ଭୂଷଣ୍ଡେଶ୍ୱର' ବୋଲି ବର୍ଣ୍ଣିତ ହୋଇଥିବାର ଦେଖାଯାଏ ।

ଏହି ଭୂଷଣ୍ଡେଶ୍ୱରଙ୍କୁ ନେଇ ଏକ କିମ୍ବଦନ୍ତୀପୂର୍ଣ୍ଣ ପୌରାଣିକ କଥାବସ୍ତୁ କଥାକାର ପ୍ରଫେସର ମନୋଜ ଦାସଙ୍କର 'Heritage' ସମେତ ବହୁ ପତ୍ରପତ୍ରିକାରେ ପ୍ରକାଶ ପାଇଛି । ଏଥିପ୍ରତି ଆମେ ଟିକିଏ ନଜର ରଖିଲେ ସବୁକଥା ଭଲଭାବେ ଜାଣିପାରିବା । ଲଙ୍କାର ରାଜା ରାବଣ ବିଶ୍ୱବିଜୟ କରିବାପାଇଁ ହିମାଳୟରେ ମହାଦେବଙ୍କୁ ଆରାଧନା କରି ତାଙ୍କ ପାଖରୁ ବରପ୍ରାପ୍ତି ସହ ଏକ ଆତ୍ମଲିଙ୍ଗ ପାଇଥିଲେ । ଆତ୍ମଲିଙ୍ଗ ଦାନ କରିବା ସହ ସେ ଗୋଟିଏ ସର୍ତ୍ତ ରଖିଲେ ଯେ, ଯଦି ଆତ୍ମଲିଙ୍ଗ ଭୂ-ସ୍ପର୍ଶ କରନ୍ତି, ତେବେ ସେ ମହାମେରୁ ପାଲଟି ଯିବେ । ରାବଣ ଏଥିରେ ସହମତ ହୋଇ ଆତ୍ମଲିଙ୍ଗଙ୍କୁ ମହାଦେବଙ୍କ ପାଖରୁ ଗ୍ରହଣ କରି ଶ୍ରୀଲଙ୍କାକୁ ଫେରିବା ପଥରେ ସନ୍ଧ୍ୟା ନଇଁ ଆସିଲା । ସନ୍ଧ୍ୟା ହେଲେ ରାବଣ ଧ୍ୟାନ କରିବାପାଇଁ ପ୍ରତିଦିନ ବସିବାକୁ ଯାଆନ୍ତି । ସନ୍ଧ୍ୟା ହୋଇ ଆସୁଥିବାର ଦେଖି କିନ୍ତୁ ଚିନ୍ତା କରୁଥିବା ଅବକାଶରେ ଅଦୂରରେ ଥିବା ଗୋଟିଏ ଗାଇଆଳ ପିଲାକୁ ଦେଖି ପାଖକୁ ଡାକି କିଛି ସମୟପାଇଁ ସେହି ଆତ୍ମଲିଙ୍ଗଙ୍କୁ ଧାରଣ କରିବାକୁ କହିଲେ । ସେ କହିଲେ ଧ୍ୟାନ ଶେଷ

 Download Magazine from www.aahwaan.com

ହେବାପରେ ସେ ପିଲାଟି ପାଖରୁ ଆତ୍ମଲିଙ୍ଗଟି ନେବେ । ଏହି କଥାନୁସାରେ ରାବଣ ପିଲାଟିକୁ ଆତ୍ମଲିଙ୍ଗଙ୍କୁ ଧରାଇ ଦେଇ ଧ୍ୟାନ କରିବାକୁ ବସିଲେ । କିନ୍ତୁ ସମୟ ପରେ ଆତ୍ମଲିଙ୍ଗ କ୍ରମେ ଓଜନିଆ ହୋଇ ଯାଉଥିବାର ଉପଲବ୍ଧି କରି ପିଲାଟି ତା'ର ଅସାମର୍ଥ୍ୟତା ପ୍ରକାଶ କରି ଚିତ୍କାର କଲା । ଏଥିରେ ରାବଣର ଧ୍ୟାନ ଭଗ୍ନ ହୋଇଗଲା ଏବଂ ସେ ତାହା ଜାଣିପାରି ଯଥାଶୀଘ୍ର ଉଠି ଆସି ଆତ୍ମଲିଙ୍ଗଙ୍କୁ ଧାରଣ କରିବା ପୂର୍ବରୁ ଲିଙ୍ଗଦେବତା ମହାମେରୁ ପାଲଟି ଯାଇ ଭୂମିସ୍ପର୍ଶ କରି ସାରିଥିଲେ । ଏହାପରେ ରାବଣ ସେହି ଦେବତାଙ୍କୁ ଉଠାଇ ନ ପାରି ଦୁଃଖରେ ସ୍ୱଦେଶ ଫେରି ଗଲା ।

ଏବେ ଉପରୋକ୍ତ କିମ୍ବଦନ୍ତୀପୂର୍ଣ୍ଣ ଗପଟିକୁ ଐତିହାସିକ ଦୃଷ୍ଟିରୁ ବିଚାର କରାଯାଉ । ସୋମବଂଶୀୟ ରାଜାମାନେ ପ୍ରଥମେ ପ୍ରାଚୀନ ଦକ୍ଷିଣ କୋଶଳ ରାଜ୍ୟରେ ରାଜତ୍ୱ କରୁଥିଲେ । ସେମାନଙ୍କ ଶାସନର ପ୍ରାରମ୍ଭରୁ କାଳଚୁରୀ (ଚେଦୀ) ରାଜ୍ୟମାନଙ୍କ ସହିତ ଘନ ଘନ ଯୁଦ୍ଧ ଲାଗି ଆସୁଥିଲା । ୧୦ମ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମହାଶିବଗୁପ୍ତ ଯଯାତି - ୧ମ କୋଶଳର ରାଜା ଥାଇ ଉତ୍କଳର ଶାସନ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଓଡ଼ିଶାରେ ଭୌମକର ପ୍ରାଜ୍ଞୀମାନଙ୍କର ଶାସନଗତ ଦୁର୍ବଳତାର ସୁଯୋଗ ନେଇ ଏବଂ ବଙ୍ଗପାଳ ରାଜ୍ୟମାନଙ୍କର ଗୃହଯୁଦ୍ଧ ଲାଗିଥିବାରୁ ସୁବିଧା ପାଇ କମ୍ବୋଜୀୟ ପାଳ ରାଜାମାନେ ଉତ୍ତର ଏବଂ ପଶ୍ଚିମ ବଙ୍ଗଳାକୁ ଅଧିକାର [୨] କରିବା ସହିତ ଦଣ୍ଡଭୁକ୍ତି ମଣ୍ଡଳ ଅଧିକାର କରିନେଲେ । ଏହାପରେ ସେମାନେ କ୍ରମେ ଉତ୍ତର ତୋଷାଳୀକୁ ଅଧିକାର କରିବାପାଇଁ ପ୍ରୟାସ ଚଳାଇଲେ । ତେବେ ଏତିକି ବେଳେ ଏହି ଦଣ୍ଡଭୁକ୍ତି ମଣ୍ଡଳର ଦକ୍ଷିଣସୀମା ପ୍ରାୟ ବାଲେଶ୍ୱର ଯାଏ ପ୍ରସାରିତ ହୋଇଥିଲା । ଖ୍ରୀ ୯୮୦ରୁ ଖ୍ରୀ ୧୦୦୮ ମସିହା ମଧ୍ୟରେ ସୋମବଂଶୀୟ ରାଜା ଧର୍ମରଥ ଶତ୍ରୁରାଜ୍ୟକୁ ଛାରଖାର [୩] କରିଥିବା ପ୍ରସଙ୍ଗ ମହୁଲପଡ଼ା

 Download Magazine from www.aahwaan.com

ତାମ୍ରଶାସନରୁ ଜଣାପଡ଼େ । ମାତ୍ର ତାଙ୍କପରେ ନହୁଷ ଖ୍ରୀ ୧୦୦୮ରୁ ଶାସନ କରିଥିଲେ ମଧ୍ୟ ଏତିକି ବେଳେ ଦଣ୍ଡଭକ୍ତି, ଦକ୍ଷିଣ ରାଢ଼, ଗୌଡ଼ ଆଦି ରାଜ୍ୟ ନିଜର ସ୍ୱାଧୀନତା ଘୋଷଣା କଲେ । ସୋମବଂଶୀୟ ରାଜା ନହୁଷଙ୍କ ସ୍ୱଳ୍ପକାଳର ରାଜତ୍ୱପରେ ସେହି ବଂଶର ଇନ୍ଦ୍ରରଥ ରାଜା ହୋଇଥିବା ସମୟରେ ଦାକ୍ଷିଣାତ୍ୟର ରାଜେନ୍ଦ୍ରଚୋଳଙ୍କ ଅଭିଯାନ (ଖ୍ରୀ୧୦୨୧-୧୦୨୩) ବେଳେ ଏ ସବୁ ରାଜ୍ୟ ଜୟ କରିଥିଲେ [୪] ବି ତାଙ୍କ ପରବର୍ତ୍ତୀ ସମୟରେ ଏ ସବୁ ରାଜ୍ୟମାନଙ୍କୁ କାଳଚୁରୀ (ଚେଦୀ)ମାନେ ଆସି ପୁଣି ଶାସନ କରିବାକୁ ଲାଗିଲେ । ମାତ୍ର ସୋମବଂଶୀୟ ରାଜା ମହାଶିବଗୁପ୍ତ ଯଯାତି - ୨ୟ ଉତ୍କଳ, କଙ୍ଗୋଦ ଓ କୋଶଳର ରାଜାଥାଇ ନିଜର ରାଜନୈତିକ କୌଶଳରେ ବଙ୍ଗଳା ସହିତ ବନ୍ଧୁତା କରି ସେହି ପାଖରୁ ଗୌଡ଼ ଓ ରାଢ଼କୁ ଜୟ କରିବା [୫] ସହିତ ଦଣ୍ଡଭୁକ୍ତି ମଣ୍ଡଳକୁ ମଧ୍ୟ ଅଧିକାର କରିନେଲେ । ଫଳରେ ଯଯାତି-୨ୟଙ୍କ ପରାକ୍ରମରେ ଭୟଭୀତ ହୋଇ କାଳଚୁରୀ(ଚେଦୀ) ରାଜାମାନେ ବଙ୍ଗଳାର ସୀମାକୁ ଆଉ ଯୁଦ୍ଧ କରିବାକୁ ଆସିଥିବାର କୌଣସି ପ୍ରମାଣ ନାହିଁ [୬] । ସୋମବଂଶୀୟ ରାଜାଙ୍କ ଗୋଟିଏ ତାମ୍ରଶାସନରେ ଏହି ଯୁଦ୍ଧ ସମ୍ପର୍କରେ ବର୍ଣ୍ଣିତ ହୋଇଛି କି;

ରାମାହରାଶ୍ଚେ ବଦ୍ଧଜାଟ୍ୟାନ୍
ସଭଉପେଡ଼ି ପ୍ରଭୃତିନ୍ ବିରାଧାନ୍
ମୁଣ୍ଡାନ୍ ବିକଲ୍ପ୍ୟାହିତ ଶବ୍ର୍ବରାମଃ
ସ ଲକ୍ଷ୍ମଣୋ ରାମଇବାପ୍ତ ସେତୁ । [୭]

ଅର୍ଥାତ ପରାଜିତ ଚେଦୀ ବଂଶର ସେହି ରାଜା ସମସ୍ତ ସୁଖଶାନ୍ତି(ରାମା) ହରାଇ ଅହିତ ମୁଣ୍ଡାଜାତୀୟ ଲୋକଙ୍କ ପରି ମୁଣ୍ଡରେ ଜଟାବାନ୍ଧି ସେତୁବନ୍ଧ ଆଡ଼କୁ (ଦକ୍ଷିଣ ଦିଗକୁ) ରାମଲକ୍ଷ୍ମଣଙ୍କ ପରି ରାଜ୍ୟ ହରାଇ ପଳାୟନ କଲେ ।

 Download Magazine from www.aahwaan.com

ଏଠାରେ ପୁଣି ଆଉ କେତେକ ପ୍ରଶ୍ନ ଦେଖାଦିଏ ଯେ, ଚେଦୀମାନେ ଏ ଅଞ୍ଚଳରେ ଥିଲେ କି ନାହିଁ ଏବଂ ସେମାନଙ୍କର ଆରାଧ୍ୟ ଦେବତା କିଏ ଥିଲେ ? ଚେଦୀମାନେ ପୂର୍ବରୁ ସୋମବଂଶୀୟ ରାଜାଙ୍କ ପାଖରୁ ପରାଜିତ ହୋଇଥିବା ପ୍ରସଙ୍ଗ ବର୍ଣ୍ଣିତ ହୋଇଥିବା ବେଳେ ଯଯାତି-୨ୟଙ୍କ ଶାସନ ତୃତୀୟ ବର୍ଷ ଏ ଅଞ୍ଚଳକୁ ଅଭିଯାନ କରିଥିବା ପ୍ରସଙ୍ଗ ଇତିହାସ ପୃଷ୍ଠାରୁ ଜଣାପଡ଼େ । ସେ ଖ୍ରୀ ୧୦୨୪ରୁ ଖ୍ରୀ ୧୦୪୦ ଯାଏ ରାଜତ୍ୱ କରିଥିବା ସମୟ ମଧ୍ୟରେ ଖ୍ରୀ ୧୦୨୭ ମସିହାରେ ଗୌଡ଼, ରାଢ଼ ଏବଂ ଦଣ୍ଡଭୁକ୍ତି ଜୟ କରିଥିଲେ ।

ମୟୁରଭଞ୍ଜ ଜିଲ୍ଲାର ଉଦଳା ସବ୍‌ଡିଭିଜନରୁ ପ୍ରାପ୍ତ ଏକ ଶିଳାଲେଖରେ 'ମଦର୍ଦ୍ଧା' [୮] ନାମ ଥିବା ବେଳେ ସେନକପାଟ ଅଭିଲେଖରେ 'ଅମର୍ଦ୍ଦକ ତୀର୍ଥନାଥ' [୯] ବିଷୟରେ ଉଲ୍ଲେଖ ଅଛି । ଏହି ଅଭିଲେଖ ଗୁଡ଼ିକ ଚେଦୀବଂଶୀୟ ରାଜାମାନଙ୍କ ପୃଷ୍ଠପୋଷକତାରେ ଓଡ଼ିଶାରେ ପାଶୁପତ ଧର୍ମୀ ଶିବାଚାର୍ଯ୍ୟମାନେ ପ୍ରାଧାନ୍ୟ ବିସ୍ତାର କରିଥିଲେ । ଲିପି ଦୃଷ୍ଟିରୁ ଏହା ଖ୍ରୀଷ୍ଟିୟ ନବମ ଶତାବ୍ଦୀ [୧୦] ବୋଲି ଡ: ସତ୍ୟନାରାୟଣ ରାଜଗୁରୁ ସ୍ଥିର କରିଛନ୍ତି । ତେଣୁ ଏଥିରୁ ସ୍ପଷ୍ଟ ହୋଇଯାଏ ଯେ, ଚେଦୀ (କାଳଚୁରୀ)ମାନେ ଶୈବଧର୍ମର ପୃଷ୍ଠପୋଷକତା କରୁଥିବା ହେତୁ ସେମାନେ ଶୈବଧର୍ମୀ ଥିଲେ । ପୁନଶ୍ଚ ଉପରବର୍ଣ୍ଣିତ ଅଭିଲେଖ ଅନୁସାରେ 'ମଦର୍ଦ୍ଧା' ଓ 'ଅମର୍ଦ୍ଦକ ତୀର୍ଥନାଥ' ଶବ୍ଦଦ୍ୱୟ ସୁବର୍ଣ୍ଣରେଖା ନଦୀ ପାର୍ଶ୍ୱସ୍ଥ ଅମର୍ଦ୍ଧା ନାମକ ସ୍ଥାନକୁ ବୁଝାଉଛି । ଅତଏବ ସେ ସମୟରେ ନୌବାଣିଜ୍ୟ ମାଧ୍ୟମରେ ଶୈବାଚାର୍ଯ୍ୟମାନେ ନଦୀ ମୁହାଣ ଯାଏ ଆସି ଧର୍ମ ପ୍ରଚାର କରିଥିବା ସମ୍ଭବ । ସେମାନେ ଶୈବଧର୍ମର ଆନୁଗତ୍ୟ ପାଇ ସୋମବଂଶୀୟ ଆକ୍ରମଣରେ ଭୟଭୀତ ହୋଇ ଦାକ୍ଷିଣାତ୍ୟକୁ ପଳାୟନ କରିବା ସମୟରେ ଏଠାରେ ଥିବା ତାଙ୍କ ଦେବତାଙ୍କୁ ସେମାନେ ତ୍ୟାଗ କରି ପଳାୟନ କରିଥିବେ ।

ଖ୍ରୀ ଅଷ୍ଟମ,ନବମ ଓ ଦଶମ ଶତାବ୍ଦୀରେ ଓଡ଼ିଶାରେ ବୌଦ୍ଧ ମହାଯାନୀମାନଙ୍କ ଦ୍ୱାରା

 Download Magazine from www.aahwaan.com

ତନ୍ତ୍ର ଉପାଦନା କରା ଯାଉଥିବା ସମୟରେ ଶୈବ, ଶାକ୍ତ ଓ ବୌଦ୍ଧ ଧର୍ମର ସମ୍ମିଶ୍ରଣ ଘଟିଥିଲା ।[୧୧] ପୂର୍ବରୁ ବର୍ଣ୍ଣିତ ହୋଇ ସାରିଛି ଯେ ପଞ୍ଚମ/ଷଷ୍ଠ ଶତାବ୍ଦୀରେ କର୍ଣ୍ଣସୁବର୍ଣ୍ଣର ରାଜା ଶଶାଙ୍କଙ୍କ ବୌଦ୍ଧ ବିଦ୍ୱେଷନୀତି ଯୋଗୁଁ ଧ୍ୱଂସ ସାଧିତ ହୋଇ ଶୈବ ଧର୍ମର ପ୍ରସାର ଘଟିଥିଲା । କିନ୍ତୁ ଭୌମକର ମାନେ ଓଡ଼ିଶାର ପୂର୍ବୋତ୍ତର ଭାଗ ଅଧିକାର କରିବା ପରେ ସେଠାରେ ମୃତପ୍ରାୟ ବୌଦ୍ଧଧର୍ମର ପୁନରୋଦ୍ଧାର କରିଥିଲେ । [୧୨] ଅର୍ଥାତ ଏତିକି ବେଳେ (ନବମଶତାବ୍ଦୀ)ରେ ସୁବର୍ଣ୍ଣରେଖା ନଦୀ ମୁହାଣସ୍ଥ ଧ୍ୱଂସପ୍ରାପ୍ତ ବୋଧିପଦକ ବିହାରର ପୁନଃ ସଂସ୍କାର କରାଯାଇ ବୌଦ୍ଧଭୀକ୍ଷୁ ଓ ଭୀକ୍ଷୁଣୀ ମାନଙ୍କ ରହିବା ବ୍ୟବସ୍ଥା ହୋଇଥିଲା । ଓଡ଼ିଶା ଓ ବଙ୍ଗ ଦେଶରେ ସହଜିଆ ଧର୍ମର ପ୍ରସାର ସଂଗେ ସଂଗେ ଗୌଡ଼ୀୟ ବୈଷ୍ଣବ ଧର୍ମର ବିକାଶ ଲାଭକଲା । ଓଡ଼ିଶାରେ କାଳଚକ୍ର ଓ ତନ୍ତ୍ରଯାନର ପ୍ରସାର ଅଧିକ ମାତ୍ରାରେ ଅନୁସୃତ ହେଲା । ସେଥିରୁ ପଞ୍ଚମାକାର [୧୩] ସମ୍ପୃକ୍ତ ମହାକାଳୀ ଓ ମହାକାଳ ଭୈରବ ଉପାସନାର ସୃଷ୍ଟି ହେଲା । ଏହାକୁ ସହଜଯାନର ଗୋଟିଏ ଆନୁଷଙ୍ଗିକ ପଦ୍ଧତି ବୋଲି କୁହାଯାଏ । ଏଠାରେ ମଧ୍ୟ ଏହା ପ୍ରତୀୟମାନ ହେଉଥିବାର ଜଣାପଡ଼େ । କାରଣ ଜୟରାମପୁର ଗ୍ରାମରେ ସେହି ଆହୁତି କୁଣ୍ଡର ଅନ୍ୟ ଅଂଶ ଖୋଦିତ ହେଉଥିବା ବେଳେ ମହାକାଳ ଭୈରବ ମୂର୍ତ୍ତି ଆବିଷ୍କୃତ ହୋଇଅଛି । ସହଜଯାନର ମୌଳିକ ନୀତି ହେଲା ସମ୍ଭୋଗ ସଂଗେ ଅପାର୍ଥିବ ସୁଖ ଲାଭ କରିବା । ତନ୍ତ୍ର ଉପାସନା ପଦ୍ଧତିରେ ଆଚାର ବିଚାର ନଥାଇ ମଦ୍ୟ, ମୁଦ୍ରା ଓ ମୈଥୁନର ବ୍ୟାପକ ପ୍ରସାର ଘଟିଥିଲା । ଯଯାତି-୨ୟଙ୍କ ଶାସନ କାଳରେ ମଧ୍ୟ ଏହାର ପ୍ରଭାବ ବଢ଼ି ଚାଲିଥିଲା ବୋଲି କବିଡିଣ୍ଡିମ ଜୀବଦେବାଚାର୍ଯ୍ୟଙ୍କ 'ଭକ୍ତି ଭାଗବତ' ପୁସ୍ତକରୁ ସୂଚନା ମିଳେ । [୧୪] ଯଯାତି -୨ୟ ଯାଜପୁରକୁ ତାଙ୍କର ରାଜଧାନୀ ଭାବେ ଗ୍ରହଣ କରିବାପରେ ଏହି ତନ୍ତ୍ର ବିଲୋପ ପ୍ରକ୍ରିୟା ଆରମ୍ଭ କରି ବ୍ରାହ୍ମଣ୍ୟ ଧର୍ମର ପୁନଃ ପ୍ରତିଷ୍ଠା

Download Magazine from www.aahwaan.com

କରିବାପାଇଁ ସେ ଶୈବଧର୍ମର ପୃଷ୍ଠପୋଷକତା କଲେ ।[୧୫] ଏଥିପାଇଁ ସେ ଯାଜପୁରରେ ବ୍ରାହ୍ମଣ୍ୟଧର୍ମର ପ୍ରତିଷ୍ଠା ପାଇଁ ଛଅଶହ ବୌଦ୍ଧ ତାନ୍ତ୍ରିକଙ୍କୁ ହତ୍ୟା କରିବା ସହ ତନ୍ତ୍ରପୀଠମାନଙ୍କୁ ନିଶ୍ଚିହ୍ନ କରି ସେଠାରେ ଦଶାଶ୍ୱମେଧ ଯଜ୍ଞ କରିଥିବା ପରି ସୁବର୍ଣ୍ଣରେଖା ନଦୀ ତୀରସ୍ଥ ଧ୍ୱଂସପ୍ରାପ୍ତ ବୋଧିପଦକ ବିହାରର ପୁନଃ ସଂସ୍କାର ହୋଇ ଗଢ଼ି ଉଠିଥିବା ବୌଦ୍ଧ ତନ୍ତ୍ରପୀଠ ମାନଙ୍କୁ ଯଯାତି-୨ୟ ଧ୍ୱଂସ କରି ସମୁଦ୍ରତୀରରେ ବିଶାଳ ଶୈବପୀଠ ସହ ବିଶାଳ ଲିଙ୍ଗମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନାର ବ୍ୟବସ୍ଥା କଲେ ଏବଂ ସେଠାରେ ପୂର୍ବକାଳରୁ ଉତ୍ପୀଡ଼ିତ ହୋଇ ଆସୁଥିବା ବ୍ରାହ୍ମଣ୍ୟ ଧର୍ମର ପୁନରୋଦ୍ଧାର କରିବା ଲାଗି ସେ ସେଠାରେ ବିଶାଳ ଯଜ୍ଞର ଆୟୋଜନ କରିଥିବା ସମ୍ଭବ । ସୋମବଂଶୀୟ ରାଜା ଯଯାତି-୨ୟ ଗୌଡ଼ଦେଶ, ରାଢ଼ ଓ ଦଣ୍ଡଭୁକ୍ତି ମଣ୍ଡଳ ଜୟ କରି ସେଥିରୁ ପ୍ରାପ୍ତ ଅର୍ଥରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିର୍ମାଣ କାର୍ଯ୍ୟ [୧୬] ଆରମ୍ଭ କରିଥିବା ବେଳେ ଓଡ଼ିଶାରେ ବହୁ ସାଂସ୍କୃତିକ କୀର୍ତ୍ତିରାଜିମାନ ନିର୍ମାଣ କରିଥିବା ବିଷୟ ତଥ୍ୟାନୁସନ୍ଧାନରୁ ଜଣାପଡୁଥିବା ବେଳେ ସୁବର୍ଣ୍ଣରେଖା ନଦୀ ମୁହାଣରେ ଭୂଷଣ୍ଡେଶ୍ୱରଙ୍କ ବିଶାଳ ମନ୍ଦିର ନିର୍ମାଣ କରିଥିବା ସମ୍ଭବ ।

ଏବେ ଆମେ ଖୋଜିପାଉଁ ଯେ, ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରୁ ଏହି ନଦୀ ମୁହାଣରେ ପିପିଲି ବନ୍ଦର ଗଢ଼ି ଉଠିଥିଲା । ଏହି ନଦୀ ମୁହାଣକୁ (୧୬୮୦) ବଣିକ ମାନେ ଆସିବା ବେଳେ ସେଠାକାର ଭୂମିର ଯେଉଁ ପରିଚୟ ମିଳୁଥିଲା, ତାହା ବ୍ରିଟିଶ ମ୍ୟୁଜିୟମରୁ ସଂଗୃହୀତ ଜାହାଜ ଚଳାଚଳ ଦସ୍ତାବେଜରୁ ସ୍ପଷ୍ଟ ଜଣାପଡ଼େ ଯେ, ସୁବର୍ଣ୍ଣରେଖା ନଦୀ ମୁହାଣରେ ଗୋଟିଏ ବିଶାଳ ବୃକ୍ଷ୍ୟର ଶାଖା ପ୍ରଶାଖା ମଧ୍ୟ ଦେଇ ଏହ ବିରାଟ ମନ୍ଦିର ଖୁବ୍ ଭଲଭାବରେ ସମୁଦ୍ର ମଧ୍ୟସ୍ଥ ଭାସି ଆସୁଥିବା ବାଣିଜ୍ୟିକ ପୋତ ଉପରକୁ ଦେଖାଯାଉଥିଲା ।[୧୭] ଖ୍ରୀ

Download Magazine from www.aahwaan.com

୧୬୮୭ ମସିହାର ରବର୍ଟ୍ କେମ୍ପଥର୍ନଙ୍କ ଡାଇରେକ୍ସନ୍ ଅଫ୍ ସେଲିଂରେ 'ପଇଣ୍ଟ ଡି ଗାଲେ (ସିଂହଳର ଦକ୍ଷିଣ ପଶ୍ଚିମ ଦିଗରେ ଅବସ୍ଥିତ)' ଠାରୁ ପିପିଲି ବନ୍ଦର ପର୍ଯ୍ୟନ୍ତ ଉପକୂଳସ୍ଥ ଲ୍ୟାଣ୍ଡମାର୍କ ଗୁଡ଼ିକର ଅବସ୍ଥିତି, ଦୂରତ୍ୱ ଇତ୍ୟାଦିର ବର୍ଣ୍ଣନାରେ ତତ୍କାଳୀନ ପିପିଲି ବନ୍ଦରର ନିର୍ଭୁଲ ଚିହ୍ନଟ ସମ୍ପର୍କୀୟ ତଥ୍ୟ ମିଳିଥାଏ । ଏହି ତଥ୍ୟ ଇଞ୍ଜିନିୟର୍ ଦୁର୍ଗାପ୍ରସାଦ ପତିଙ୍କ 'ପୋର୍ଟ୍ସ ଏଣ୍ଡ ଲ୍ୟାଣ୍ଡମାର୍କ୍ସ' ପୁସ୍ତକର ପ୍ରଥମ ପୃଷ୍ଠାରେ ବିବୃତ ହୋଇଥିବା ବେଳେ ଡଃ କାର୍ତ୍ତିକେଶ୍ୱର ପାତ୍ରଙ୍କ ରଚିତ 'ଦି ପୋର୍ଟ୍ସ ଇନ୍ ଓଡ଼ିଶା' ପୁସ୍ତକର ୨୧୨ ପୃଷ୍ଠାରେ ଉଲ୍ଲେଖ ଅଛି, "There is anchorage off Subarnarekha river mouth, 8 miles from the coast in depths of from 4.5 to 5 fathoms, muddy bottom with the pagoda bearing 327." ପୁନଶ୍ଚ ସ୍ୱର୍ଗତଃ କବି ମାନଗୋବିନ୍ଦ ବେହେରାଙ୍କ ଦ୍ୱାରା ସଂଗୃହୀତ ତଥା ଲିଖିତ ପୁସ୍ତକ 'ଭୂଷଣ୍ଡ ପୁରାଣ' ମଧ୍ୟ ଏହି ମତକୁ ସମର୍ଥନ କରୁଛି । ସେହିପରି କ୍ଷିତିନ୍ଦ୍ରନାଥ ଠାକୁର ଓ କ୍ଷେମେନ୍ଦ୍ରନାଥ ଠାକୁରଙ୍କ ସମ୍ପାଦନାରେ ପ୍ରକାଶିତ 'ତତ୍ୱବୋଧିନୀ' ପତ୍ରିକାରେ ଖ୍ରୀ ୧୮୬୨ ମସିହାର ଭାଦ୍ର ସଂଖ୍ୟାରେ ଉଲ୍ଲେଖ ହୋଇଛି ଯେ ନଦୀର ଉତ୍ତର ପାର୍ଶ୍ୱରେ ବିରାଟ ମନ୍ଦିର ଥିବା ବେଳେ ପୂର୍ବୋତ୍ତର ଭାଗରେ ବିଶାଳ ଶ୍ୱେତ ବାଲୁକାରାଶିର ପର୍ବତ ଶ୍ରେଣୀ ଏବଂ ତାର ପାର୍ଶ୍ୱରେ ଗୋଟିଏ କ୍ଷୀଣକାୟ ନଦୀ ସ୍ରୋତ ଦୃଶ୍ୟାୟମାନ [୧୮] ହେଉଥିଲା । ମନ୍ଦିରଟି ଭଗ୍ନପ୍ରାୟ ଥିବା ବେଳେ ଭିତରେ ଥିବା ବିଶାଳ ଶିବଲିଙ୍ଗ ଭୂମିରେ ପତିତ । ମନ୍ଦିରର ଲମ୍ବ ୧୦୦ ଫୁଟ ଥିବା ବେଳେ ଓସାର ଜାଣିବାର ଉପାୟ ନାହିଁ । କାରଣ ମନ୍ଦିର ଚଟାଣର କିଛି ଅଂଶ ସମୁଦ୍ର ଲହଡ଼ିରେ ଧୋଇ ଯାଇଥିଲା । ସ୍ଥାନୀୟ ଲୋକମାନଙ୍କ ମତରେ ସେହି ମନ୍ଦିର ମୁସଲମାନ ମାନଙ୍କ ଆକ୍ରମଣରେ [୧୯] ଭାଙ୍ଗିଯାଇଥିଲା । ଚଟାଣରେ ବିଛା ଯାଇଥିବା ମସୃଣ ପଥରରେ ସୁଦୃଶ୍ୟ ଚିତ୍ରମାନ ଅଙ୍କିତ ହୋଇଥିବା ବେଳେ ମନ୍ଦିରର କିଛି ଅଂଶ

Download Magazine from www.aahwaan.com

ଦେଖିବାକୁ ମିଳୁଥିଲା । ମନ୍ଦିର ଭିତରେ ଥିବା ଲିଙ୍ଗ ଦେବତାଙ୍କୁ ମଧ୍ୟ ଦଶବର୍ଷ ତଳେ ଓଲଟାଇ ଦିଆଯାଇଥିବାର ସେ ସମୟରେ ସ୍ଥାନୀୟ ଲୋକଙ୍କ କଥାରୁ ଜଣାପଡ଼େ । ପୁନଶ୍ଚ ସେ ସମୟର ଲୋକମତରୁ ଜଣାଯାଇଥିଲା ଯେ, ଏହି ମନ୍ଦିର ଓ ଦେବତାଙ୍କୁ ଓଡ଼ିଶାର ଜଣେ ରାଜା [୨୦] ପ୍ରତିଷ୍ଠା କରି ପୂଜା ଆରାଧନା କରାଯିବାର ବ୍ୟବସ୍ଥା କରିଥିଲେ । ତେଣୁ ଐତିହାସିକ ତଥ୍ୟ ଅନୁସାରେ ସୋମବଂଶୀୟ ରାଜା ମହାଶିବଗୁପ୍ତ ଯଯାତି-୨ୟଙ୍କ ବ୍ୟତୀତ ଅନ୍ୟ କୌଣସି ଓଡ଼ିଶାର ରାଜା ଏଠାକୁ ଆସିଥିଲେ ବି ସାଂସ୍କୃତିକ କାର୍ଯ୍ୟରେ ସଂପୃକ୍ତ ଥିବାର ତଥ୍ୟଯୁକ୍ତ ପ୍ରମାଣ ମିଳିନାହିଁ । ପୁନଶ୍ଚ ଯାଜପୁର ଅଞ୍ଚଳ ପରି ଏଠାରେ ସେହି ତାନ୍ତ୍ରିକ ବୌଦ୍ଧ ଉପାସନାର ନଜିର ଆଜିଯାଏ ମିଳିପାରୁଛି । ତେଣୁ ଯଯାତି-୨ୟଙ୍କ ଶାସନ କାଳରେ ସୁବର୍ଣ୍ଣରେଖା ନଦୀ ମୁହାଣରେ ବିରାଟ ମନ୍ଦିର ନିର୍ମାଣ ହେବା ସହିତ ସେହି ମନ୍ଦିର ମଧ୍ୟରେ ବିଶାଳ ଲିଙ୍ଗ ଦେବତାଙ୍କୁ ପ୍ରତିଷ୍ଠା କରି ପୂଜା ଆରାଧନା କରାଯାଇ ଆସୁଥିବା ସହିତ ଜୟରାମପୁର ଗ୍ରାମରେ ଯେଉଁ ବିରାଟ ଯଜ୍ଞର ଆୟୋଜନ କରି ଯାଇଥିଲେ ତାହା ସେଠାରେ ଦୀର୍ଘକାଳ ଧରି ବସବାସ କରି ଆସୁଥିବା ବ୍ରାହ୍ମଣମାନେ ବ୍ରାହ୍ମଣ୍ୟ ଧର୍ମର ବିକାଶ ପାଇଁ ଉକ୍ତ ସ୍ଥାନରେ ଜାଗଯଜ୍ଞ କରି ଆସୁଥିବା ସମ୍ଭବ । ସେହିପରି ସମୁଦ୍ର କୂଳରେ ଶୋଭା ପାଇ ଆସୁଥିବା ଅତୁ୍ୟଚ୍ଚ ମନ୍ଦିର ସମ୍ଭବତଃ ଖ୍ରୀ ୧୭୩୦ରୁ ଖ୍ରୀ୧୭୩୪ ମସିହା ମଧ୍ୟରେ ଓଡ଼ିଶାର ନାଏବ ନିଜାମ ସୁଜାଉଦ୍ଦିନଙ୍କ ପୁତ୍ର ମହମ୍ମଦ ତକ୍କି ଖାଁଙ୍କ ହିନ୍ଦୁ ବିଦ୍ୱେଷ ନୀତିରେ ଧ୍ୱଂସ ହୋଇଥିବାର ଅନୁମିତ ହୁଏ ।

<u>ପାଦଟୀକା</u>

୧. ସଚିତ୍ର ବିଜୟା, ଜାନୁଆରୀ ୧୯୯୫ ମସିହା, ପ୍ରଥମବର୍ଷ, ଚତୁର୍ଥ ସଂଖ୍ୟା, ପୃ-୭୭

Download Magazine from www.aahwaan.com

୨. Ramesh Chandra Majumdar - History of Bengal, Vol-I-PP-141

୩. ସତ୍ୟନାରାୟଣ ରାଜଗୁରୁ- ଓଡ଼ିଶାର ଇତିହାସ - ପୃଷ୍ଠା - ୫୪୦

୪. Ramesh Chandra Majumdar - History of Bengal, Vol-I-PP-1୩୮

୫. ନିହାର ରଞ୍ଜନ ରାୟ - ବାଙ୍ଗାଲୀର ଇତିହାସ-୨ୟ ଭାଗ - ପୃଷ୍ଠା - ୫୧୨

୬. Ramesh Chandra Majumdar - History of Bengal, Vol-I-PP-148

୭. ସତ୍ୟନାରାୟଣ ରାଜଗୁରୁ- ଓଡ଼ିଶାର ଇତିହାସ - ପୃଷ୍ଠା - ୫୨୪

୮. ସତ୍ୟନାରାୟଣ ରାଜଗୁରୁ- ଓଡ଼ିଶାର ଇତିହାସ - ପୃଷ୍ଠା - ୫୦୧

୯. ସତ୍ୟନାରାୟଣ ରାଜଗୁରୁ- ଓଡ଼ିଶାର ଇତିହାସ - ପୃଷ୍ଠା - ୫୦୧

୧୦. ସତ୍ୟନାରାୟଣ ରାଜଗୁରୁ- ଓଡ଼ିଶାର ଇତିହାସ - ପୃଷ୍ଠା - ୫୦୧

୧୧. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃଷ୍ଠା - ୨୦୮

୧୨. ଡ: ସତ୍ୟନାରାୟଣ ରାଜଗୁରୁ- ଓଡ଼ିଶାର ଇତିହାସ - ପୃଷ୍ଠା - ୪୩୩

୧୩. ଡ: ସତ୍ୟନାରାୟଣ ରାଜଗୁରୁ- ଓଡ଼ିଶାର ଇତିହାସ - ପୃଷ୍ଠା - ୪୫୪

୧୪. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃଷ୍ଠା - ୨୧୦

୧୫. ଡ: ଏକାଦଶୀ ପାଢ଼ୀ - ଯୁଗେ ଯୁଗେ ଯାଜପୁର - ପୃଷ୍ଠା - ୨୧୦

୧୬. ଡ: ସତ୍ୟନାରାୟଣ ରାଜଗୁରୁ- ଓଡ଼ିଶାର ଇତିହାସ - ପୃଷ୍ଠା - ୫୫୬

୧୭. ଇଂ ଦୂର୍ଗାପ୍ରସାଦ ପତି - ପୋର୍ଟ୍ସ ଏଣ୍ଡ ଲ୍ୟାଣ୍ଡମାର୍କ - ପୃଷ୍ଠା - ୦୧

୧୮. ଇଂ ଦୂର୍ଗାପ୍ରସାଦ ପତି - ପୋର୍ଟ୍ସ ଏଣ୍ଡ ଲ୍ୟାଣ୍ଡମାର୍କ - ପୃଷ୍ଠା - ୦୫

୧୯. କ୍ଷେମେନ୍ଦ୍ରନାଥ ଠାକୁର - ତତ୍ତ୍ୱବୋଧିନୀ, ୧୭୮୪ ଶକ ଭାଦ୍ର ସଂଖ୍ୟା - ପୃଷ୍ଠା - ୪୯

୨୦. କ୍ଷେମେନ୍ଦ୍ରନାଥ ଠାକୁର - ତତ୍ତ୍ୱବୋଧିନୀ, ୧୭୮୪ ଶକ ଭାଦ୍ର ସଂଖ୍ୟା - ପୃଷ୍ଠା - ୫୦

Download Magazine from www.aahwaan.com

# ପୁରୀର ପ୍ରାଚୀନ ନାମ



ଶ୍ରୀ ବୈକୁଣ୍ଠନାଥ ଖଟୁଆ

ପୁରୀ ଶବ୍ଦ ପୁରରୁ ଆସିଛି । କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସରୁ ଜଣାଯାଏ । ବାରବେନି ପୁରସାର ମଦନପୁଂସ । ବାର-୧୨, ବେନି ୨ = ୧୪ ପୁର -ଭୁବନ, ସାର- ଶ୍ରେଷ୍ଠ, ମଦନ -କାମଦେବ, ପୁଂସ-ପୁରୁଷ । ୧୪ ଭୁବନର ଶ୍ରେଷ୍ଠ ପୁରୁଷ । ସେତେବେଳେ ବାସସ୍ଥାନ ପାଇଁ ଦୁଇଟି ଶବ୍ଦ ବ୍ୟବହାର ହେଉଥିଲା । ଦୁଇପ୍ରକାରର ବାସସ୍ଥାନ ଥିଲା । ପୁରପଲ୍ଲୀ ବର୍ତ୍ତମାନର ପୁର ପୌର (ପରିଷଦ) ପଲ୍ଲୀରୁ ପଟି ପାଟକ ପାଟଣା, ଗ୍ରାମ ହେଉଛି ସଂସ୍କୃତ ଶବ୍ଦ । ଗ୍ରାମରୁ ଗାଁ ପ୍ରାକୃତ ଶବ୍ଦ ହୋଇଛି । ମୁସଲମାନ୍ ସମୟରେ ଗ୍ରାମରୁ ମୌଜା ହୋଇଗଲା । ସଂସ୍କୃତରେ ମଧ୍ୟ ଜନପଦ ଶବ୍ଦ ଥିବାର ଜଣାଯାଏ । ଯେଉଁଠାରେ ଜନମାନବ ବସତି ସ୍ଥାପନ କରନ୍ତି ତାକୁ ଜନପଦ କହନ୍ତି । ଏହି ଜନରୁ ରାଜନ ଓ ଜନପଦ ହେଲା । According to Tejrat Sharma - Pura is a word of frequent occurrence in the Rugveda x x x Pura, the oldest Sanskrit word denoting city ଏଥିରୁ ଅନୁମାନ ହେଉଛି ପୁରୀ ଏକ ପୌର ବା ସାଇ ସମୂହ ବା କେତେଗୁଡ଼ିଏ ଗ୍ରାମ ଏକତ୍ରିତ ଥିଲା । ଯେଉଁଠାରେ ଅନେକ ଲୋକ ଏକତ୍ରିତ ବାସ କରୁଥିଲେ ତାକୁ ଗ୍ରାମ ନକହି ପୌର କହୁଥିଲେ । ପୁର ଅର୍ଥ ପୁଞ୍ଜ । ଯଥା ଯେଉଁଠାରେ ରାଜାମାନେ ସେମାନଙ୍କର ଉଆସ ନିର୍ମାଣ କରୁଥିଲେ ସେଠାରେ ଅନେକ ଲୋକମାନଙ୍କର ଆବଶ୍ୟକ ରହୁଥିଲା ସେଠାରେ ଅନେକ ଜାତିର ଲୋକେ ବସବାସ କରୁଥିଲେ । ତାକୁ ପୌର କହୁଥିଲେ । ଆଉ ମଧ୍ୟ ଯେଉଁଠାରେ କଳକାରଖାନା ପୋତାଶ୍ରୟ ବସୁଥିଲା ସେଠାରେ ଅନେକ ଲୋକ ରହିବାରୁ ତକୁ ଏକ ପୌର ଗ୍ରାମ

Download Magazine from www.aahwaan.com

କୁହାଯାଉଥିଲା । ତେଣୁ ପୁରୀ ବହୁପୁରାତନ କାଳରୁ ଏକ ପୌର ଗ୍ରାମ ଥିଲା । ଏହାର କାରଣ ଏଠାରେ ଏକ ପୋତାଶ୍ରୟ ଥିଲା । ଏଇଟା ନୌକା ବା ବୋଇତରେ ଯିବା ଆସିବାର ଏକ ଘାଟି ବା ଜାଗାଥିଲା । ମହାନଦୀର ମୁହାଣ ଏହିଠାରେ ଥିଲା । ଏହି ପୁରୀ ଉଭୟ ସ୍ଥଳପଥ ଓ ଜଳପଥ ଦ୍ୱାରା ସଂଯୁକ୍ତ ଥିଲା । ଏହି ବାଟ ମହାନଦୀ ଦ୍ୱାରା ସଂଯୁକ୍ତ ଥିଲା ଆଉମଧ୍ୟ ଜଳପଥ, ସମୁଦ୍ର ସହିତ ସଂଯୁକ୍ତ ଥିଲା । ଏହିଠାରୁ ଦକ୍ଷିଣକୁ ତଥା ଦ୍ୱୀପାନ୍ତର ରାଇଜକୁ ସଂଯୋଗ ଥିଲା ତେଣୁ ପୁରୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଥିଲା । ପାଖରେ ସମତଳ ଅଂଚଳ ଥିଲା । ଏଠାରେ ଭଲ ଚାଷ ହେଉଥିଲା । ଭାରତର ଚାରିଧାମ ବଦ୍ରିନାଥ ଦ୍ୱାରିକା ରାମେଶ୍ୱର ପୁରୀ ଚାରି ଦିଗରେ ଚାରୋଟି ଧାମ ଥିଲା ସ୍ୱୟଁ ଭଗବାନ ବିଷ୍ଣୁ ବଦ୍ରିକାରେ ସ୍ନାନ କରୁଥିଲେ ପୁରୀରେ ଭୋଜନ କରୁଥିଲେ ଦ୍ୱାରିକାରେ ବିଚରଣ କରୁଥିଲେ ଓ ରାମେଶ୍ୱରରେ ଶୟନ କରୁଥିଲେ । ତେଣୁ ପୁରୀ ଭୋଜନପାଇଁ ଉପଯୁକ୍ତ ସ୍ଥାନ ଥିଲା । ଏଠରେ ପରା ଅବଢ଼ା ଆଚାଣ୍ଡାଳ ବ୍ରାହ୍ମଣ ଏକତ୍ର ଭୋଜନ କରନ୍ତି ହାଡ଼ିପାଣ କିଛି ଭେଦଭାବ ନାହିଁ । ଏହି ସୂତ୍ରରେ ପୁରୀର ମାନ୍ୟତା ବଢ଼ି ଯାଇଛି ।

ଏହିଠାରେ ପୁରୀର ଭୌଗୋଳିକ ଅବସ୍ଥିତି ନ ଜଣାଇଲେ ଠିକ୍ ହେବ ନାହିଁ । ପୁରୀ ଜଗନ୍ନାଥଙ୍କ ପୀଠ ଏକ ଉଚ୍ଚ ସ୍ଥାନ । ଏହି ଉଚ୍ଚଜାଗାରୁ ପାଣି ମୁଖ୍ୟତଃ ପୂର୍ବ ଦିଗକୁ ବହିଯାଏ । ପୁରୀର ପଶ୍ଚିମରେ ଦୁଇଟି ହ୍ରଦ ସର ଓ ସମାଗରା ଓ ଦକ୍ଷିଣରେ ଚିଲିକା ଅବସ୍ଥିତ । ଭାର୍ଗବୀ ନଦୀରୁ ଏକ ଧାର ମୂଷା ନଇ ନାମ ଧାରଣ କରି ପରେ ଶରଧା ନଇ ନାମ ଧାରଣ କରି ବାଙ୍କୀମୁହାଣରେ ପଡ଼ିଥିଲା । ବର୍ତ୍ତମାନ ଶରଧା ନଦୀ ନାହିଁ । ମୂଷା ନଇର ଏକ ଧାର ମଙ୍ଗଳା ନାମ ଧାରଣ କରି ସମୁଦ୍ରରେ ଓ ଚିଲିକାରେ ପଡ଼ିଛି । ପୁରୀର ମୁଖ୍ୟ ଜଳସ୍ରୋତ ହେଲା ମୂଷା ନଇ ଓ ବାଙ୍କୀ ମୁହାଣ । ବାଙ୍କୀମୁହାଣରୁ ଜଗନ୍ନାଥଙ୍କ ଦାରୁ

 Download Magazine from www.aahwaan.com

ସଂଗ୍ରହ କରାଯାଇଥିଲା । ତେଣୁ ଏହା ମହାନଦୀର ମୁହାଣ ଥିଲା । ସମୁଦ୍ର ବାଙ୍କୀମୁହାଣ ଜଳପଥର ଉପଯୁକ୍ତ ମାଧ୍ୟମ ଥିଲା ।

ଏହି ପୁରୀ ବିଭିନ୍ନ ସମୟରେ ବିଭିନ୍ନ ନାମ ଧାରଣ କରିଛି । ଜଗନ୍ନାଥଙ୍କ ପ୍ରାଚୀନତ୍ୱ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇପାରିନାହିଁ । ଋଗ୍ବେଦର " ଅଦଃ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍/ ତତାରଭସ୍ୱ ଦୁର୍ଦଣୋ ତେନ ଗଚ୍ଛ ପରାଃ ତରମ୍" ଯେଉଁ ସୂକ୍ତଟି ଅଛି ତାହା ସାୟଣାଚାର୍ଯ୍ୟଙ୍କର ମତରେ ଦାରୁଦେବତାଙ୍କ ପ୍ରତି ଉଦ୍ଦିଷ୍ଟ । ଋଗ୍ବେଦରେ ଓଡ଼ିଶା ନାମ ନଥିବାରୁ ପୁରୀ ବା ଜଗନ୍ନାଥ କ୍ଷେତ୍ର ନଥିବାର ଅନୁମାନ କରାଯାଏ । ଯେଉଁଟା ରାଜା ମହାରାଜାମାନେ ବା ଜନସାଧାରଣ ମୁଖରେ ଉଚ୍ଚାରଣ ହେଉଥିଲା ସେହିନାମରେ ବିଦିତ ହେଉଥିଲା । ମହାଭାରତରୁ ଜଣାଯାଏ ଏହାର ନାମ ଅନ୍ତର୍ବେଦୀ । ମହାଭାରତ ବନପର୍ବରେ ଲେଖା ଅଛି - ଅନ୍ତର୍ବେଦୀମିତିଖ୍ୟାତମ୍ ।

ଖ୍ରୀଷ୍ଟିୟ ୧ମ ଶତାବ୍ଦୀରେ ରାଜା ଇନ୍ଦ୍ରଦ୍ୟୁମ୍ନ ଏଠାକୁ ଆସିଥିଲେ ବାଙ୍କୀମୁହାଣରୁ ଦାରୁ ଉଦ୍ଧାର କରି ବିଗ୍ରହ ନିର୍ମାଣ କଲେ । ନୀଳକନ୍ଦରରେ ମନ୍ଦିର ନିର୍ମାଣ କଲେ । ବିଗ୍ରହ ପ୍ରତିଷ୍ଠା କଲେ । ଖାରବେଳଙ୍କ ପରେ ପରେ ଇନ୍ଦ୍ରଦ୍ୟୁମ୍ନ ଉଡ୍ରପୀଠକୁ ଆସିଥିଲେ ।

ବିଷ୍ଣୁଧର୍ମ ନାମକ ଏକ ଅପ୍ରକାଶିତ ସଂସ୍କୃତ ଗ୍ରନ୍ଥ (ଖ୍ରୀ.ଅ ୨୦୦-୩୦୦) "ଓଡ୍ରେତୁ ପୁରୁଷୋତମମ୍"ର ଉଲ୍ଲେଖ କରିଛନ୍ତି । ଏଥିରୁ ଜଣାଯାଏ ଯେ ତୃତୀୟ ଶତାବ୍ଦୀ ବେଳକୁ ଶ୍ରୀ ଜଗନ୍ନାଥ ବୈଷ୍ଣବ ଦେବତାରୂପେ ପୂଜିତ ଓ ଉପାସିତ ହେଉଥିଲେ । ଖାରବେଳଙ୍କ ଶିଳାଲିପିରେ "ପୁତି" ଶବ୍ଦ "ପୁରୀ" ହୋଇପାରେ ବୋଲି ଡି.ଏନ୍. ବଡୁଆ ଉଲ୍ଲେଖ କରିଛନ୍ତି । କିନ୍ତୁ ଏହାକୁ ଅନ୍ୟ ପଣ୍ଡିତମାନେ ଗ୍ରହଣ କରୁନାହାଁନ୍ତି ।

ସ୍କନ୍ଦପୁରାଣ ଅନୁସାରେ ଏହାକୁ ଶଙ୍ଖକ୍ଷେତ୍ର କହୁଥିଲେ । ଏହାର ଅବସ୍ଥିତି ଦେଖିବାକୁ

 Download Magazine from www.aahwaan.com

ଶଙ୍ଖପରି । ତେଣୁ ଏହାକୁ ଶଙ୍ଖ କ୍ଷେତ୍ର କହୁଥିଲେ । ଦେବୀଭାଗବତ, କାଳୀକାପୁରାଣ ନୀଳତନ୍ତ୍ର ପୁରାଣ ଅନୁସାରେ ଏଠାରେ ସତୀଙ୍କ ପାଦ ପଡିଥିବାରୁ ଏହାକୁ ପାଦପୀଠ ବା ଉଡୀୟାନ ପୀଠ କହୁଥିଲେ । ସ୍କନ୍ଦପୁରାଣ, ବାମଦେବ ସଂହିତା କପିଳ ସଂହିତା ଅନୁସାରେ ଏଠାରେ ଏକ ନୀଳପର୍ବତ ଥିବାରୁ ଏହାକୁ ନୀଳପର୍ବତ ବା ନୀଳାଚଳ କ୍ଷେତ୍ର ଯେଉଁଠାରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରାଯାଇଥିଲା ।

୨ୟ ଶତାବ୍ଦୀରେ ଟଲେମୀ ଭାରତକୁ ଆସିଲେ । ସେ ଗ୍ରୀକ୍ ବୀର ଆଲେକ୍ଜାଣ୍ଡାରଙ୍କ ସେନାପତି ଥିଲେ । ତାଙ୍କ ଭ୍ରମଣବୃତାନ୍ତରେ ପୁରୀକୁ ନନୀଗେନ୍ ବୋଲି ଲେଖିଛନ୍ତି । ବୋଧହୁଏ ନୀଳାଚଳକୁ ନନିଗେନ୍ ବୋଲି ଲେଖିଥାଇପାରନ୍ତି । ପୁରରୁ ଏହା ପୁରୁଷୋତମ କ୍ଷେତ୍ର ବା ପୁରସ୍ତମ ହୋଇଛି । ବିଷ୍ଣୁଙ୍କର କ୍ଷେତ୍ର ଲାଗି ଏହା ଶ୍ରୀକ୍ଷେତ୍ର ହୋଇଛି ।

ଏଠାରେ ବାଲିର ପାହାଡ଼ ବା ଗଦା ଥିଲା । ଏହି ଉଚ ଜାଗାକୁ ନୀଳ କନ୍ଦର କହୁଥିଲେ । ଏହାକୁ ଉଡ଼ିଆନ ପୀଠ କହିବାର ଅର୍ଥ ହେଲା । ବୌଦ୍ଧଧର୍ମ ପ୍ରାବଲ୍ୟ କାଳରେ ଏହାକୁ ଉଡ୍ରପୀଠ କହୁଥିଲେ । ସୋନପୁର ସହିତ ପୁରୀର ସଂଯୋଗ ଥିଲା । ଏଇଟା ଥିଲା ସେତେବେଳର ରାଜମାର୍ଗ । ବୁଦ୍ଧଙ୍କ ମୃତ୍ୟୁପରେ କଳିଙ୍ଗର ରାଜା ଗୁହଶିବ ବୁଦ୍ଧଙ୍କର ଏକ ଦାନ୍ତ ଆଣି ଏଠାରେ ଏକ ବିଶାଳ ସ୍ତୂପ ନିର୍ମଣ କରିଥିଲେ । ଗୁହଶିବଙ୍କର କୌଣସି ପୁଅ ନଥିଲେ ତାଙ୍କର ହେମମାଳା ବୋଲି ଝିଅ ଥିଲା । ଏହି ଝିଅ ସହିତ ଉଜ୍ଜୟିନୀର ରାଜକୁମାର ଦନ୍ତକୁମାର ହେମମାଳାକୁ ବିବାହ କରି ଏଠାରେ ରାଜା ହେଲ । ରାଜ୍ୟ ଶାସନ କଲେ । ସେ ଏଠାରେ ଏକ ବୌଦ୍ଧ ସ୍ତୂପ ନିର୍ମାଣ କରିଥିଲେ । ଏହାକୁ ଦନ୍ତପୁରା କହୁଥିଲେ । ଏହା ୩ୟ ଶତାବ୍ଦୀର କଥା । ସେତେବେଳେ କଳିଙ୍ଗ ମଗଧର ମୁରୁଣ୍ଡ ରାଜା ଅଧୀନରେ ଥିଲା । ପୁରାଣ ଯୁୁଗରେ ଏହାକୁ ଶଙ୍ଖକ୍ଷେତ୍ର କହୁଥିଲେ ।

୮ମ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ଏଠାକୁ ଆସିଥିଲେ । ସେ ନାମକରଣ କଲେ ଗୋବର୍ଦ୍ଧନ ପୀଠ । କିନ୍ତୁ ଏହା ଗୋବର୍ଦ୍ଧନ ଜାଗା ନାମ ନ ରହି ପୀଠ ହିସାବରେ 'ଗୋବର୍ଦ୍ଧନ ପୀଠ'ରହିଗଲା ।

ତୃତୀୟ ଶୁଭକର ଦେବଙ୍କର ଶାସନ କାଳ (୮୩୯-୮୪୩ ଖ୍ରୀ.) । ତାଙ୍କ ହିନ୍ଦୋଳ ତାମ୍ର ଶାସନରେ ପୁରୁଷୋତମ ଶବ୍ଦର ଉଲ୍ଲେଖ ଅଛି । ନେଟଭଞ୍ଜ ୨ୟଙ୍କ (୯୩୩ ଖ୍ରୀ.) ତାମ୍ର ଶାସନରେ ଶ୍ରୀପୁରୁଷୋତମ ବୋଲି ଲେଖା ଅଛି । କିନ୍ତୁ ୯ମ ଶତାବ୍ଦୀ କିମ୍ବା ୧୦ମ ଶତାବ୍ଦୀର ଆରମ୍ଭରେ ଲିଖିତ ଅନର୍ଘ ରାଘବରେ ପୁରୁଷୋତମ କ୍ଷେତ୍ରବୋଲି ଲେଖା ଅଛି ।

୧୧ଶ ଶତାବ୍ଦୀରେ ଚାଲୁକ୍ୟ ରାଜା ରାଜରାଜ ପ୍ରଥମଙ୍କ "କୋରୁମେଲ୍ଲି" ଓ "କାଳିବିନ୍ଦି" ତମ୍ବାପଟା ସନନ୍ଦରେ ଶ୍ରୀଧାମ ପୁରୁଷୋତମ ଲେଖାଅଛି । ପରମାର ରାଜାଙ୍କ ନାଗପୁର ଶିଳାଲେଖରେ ସାଗର ତୀରରେ ପୁରୁଷୋତମଙ୍କ ମନ୍ଦିର ଅଛିବୋଲି ଲେଖାଅଛି । ଅନଙ୍ଗଭୀମ ଦେବଙ୍କ ଦାସଗୋବା ତମ୍ବାପଟାରେ ପୁରୁଷୋତମ ବୋଲି ଲେଖା ଅଛି ।

ଏହି ପୁରୁଷୋତମ କ୍ଷେତ୍ର ୧୮୦୦ ଖ୍ରୀ. ପର୍ଯ୍ୟନ୍ତ ଚାଲି ଆସିଛି । ଇଂରେଜମାନେ ଆସିଲାପରେ ଏହାର ନାମକରଣ ହେଲା ପୁରୀ (Poori) ବର୍ତମାନ ସୁଦ୍ଧା ଏହା ପୁରୀ (Puri) ଭାବରେ ପରିଚିତ ହୋଇଆସୁଛି ।

ଏଲ୍-୨୪୨/ଫେଜ୍-୧, ଡୁମୁଡୁମା ହା.ବୋ.କଲୋନୀ
ଭୁବନେଶ୍ୱର-୭୫୧ ୦୧୯
(ମୋ-୯୭୭୭୧ ୪୩୪୮୫)

Download Magazine from www.aahwaan.com

# ଉଦ୍ଧବ ଗୀତା



ସୁଶାନ୍ତ ପୁରୋହିତ

ସନାତନ ଧର୍ମର ଏକ ଶ୍ରେଷ୍ଠ ପୁରାଣ 'ମହାଭାରତ'ର ମୁଖ୍ୟ ଘଟଣା କୁରୁକ୍ଷେତ୍ର ଯୁଦ୍ଧ, ଯେଉଁଥିରେ ଭଗବାନ ଶ୍ରୀକୃଷ୍ଣ ପାର୍ଥ ବା ଅର୍ଜୁନଙ୍କ ରଥରେ ସାରଥୀ ହେଇ ନିଜେ ଯୁଦ୍ଧରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ ନ କରି ମଧ୍ୟ ସମ୍ପୂର୍ଣ୍ଣ ଯୁଦ୍ଧ ପରିଚାଳନାରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ, ସେଇ ଯୁଗ-ଯୁଦ୍ଧ ଅବସରରେ ଶ୍ରୀକୃଷ୍ଣ ପାର୍ଥଙ୍କୁ ଉପଦେଶ ଛଳରେ ସଂସାରର ନୈ୍ୟଶ୍ୱର ନିୟମ, କ୍ଷତ୍ରିୟର ଦାୟିତ୍ୱ ସହ ସମଗ୍ର ସଂସାରର ଭଲମନ୍ଦ ସବୁ ବିଷୟରେ କହିଥିଲେ । ଶ୍ରୀକୃଷ୍ଣ ଅବତାର ଭାବେ ଥିଲେ ମଧ୍ୟ ଅନ୍ତର୍ଯ୍ୟାମୀ ହେଇଥିବାରୁ ବର୍ତ୍ତମାନ ସହ ଅତୀତ ଓ ଭବିଷ୍ୟର ସମ୍ପୂର୍ଣ୍ଣ ଜ୍ଞାନର ଅଧିକାରୀ ଥିଲେ । ସେ ପାର୍ଥଙ୍କୁ ଯାହା ସବୁ କହିଥିଲେ ସେ ସବୁ 'ଶ୍ରୀମଦ୍ ଭଗବତ୍ ଗୀତା' ନାମରେ ରହି ହିନ୍ଦୁ ମାନଙ୍କ ଏକ ସର୍ବ ଶ୍ରେଷ୍ଠ ଧର୍ମ ଗ୍ରନ୍ଥ ହେବା ସହ ଏବେ ମଧ୍ୟ ତାହାର ଶ୍ଳୋକ ମାନଙ୍କ ଅର୍ଥ ସମଗ୍ର ବିଶ୍ୱ ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ ବିବେଚିତ ହେବା ଯୋଗୁଁ ଅଧିକରୁ ଅଧିକ ଆଦୃତ ହେବାରେ ଲାଗିଛି ବିଶ୍ୱର ବହୁତ ଦେଶରେ । ଗୀତାର ବାଣୀରେ ମନୁଷ୍ୟ ଜୀବନର ସଂଶ୍ଳିଷ୍ଟ ସର୍ବବିଧ ସମସ୍ୟା, ସବୁ କର୍ତବ୍ୟ, ସବୁ ନୀତି, ଅନୀତି ବିଷୟରେ ନିଶ୍ଚିତ ଭାବରେ ଉଲ୍ଲେଖ ଥାଏ । ଏହି ଗୀତାର ସାରଜ୍ଞାନକୁ ମନୁଷ୍ୟ ତାହାର ଜୀବନରେ ଉପଯୋଗ କଲେ ସେ ପବିତ୍ର ଜୀବନଯାପନ କରିବା ସହ ଉତ୍ତମ କର୍ମଫଳ ପ୍ରାପ୍ତ ହେଇ ପର ଜୀବନରେ ମଧ୍ୟ ସୁଖରେ ରହିଥାଏ ।

କୁରୁକ୍ଷେତ୍ର ଯୁଦ୍ଧ ଅନ୍ତେ କୌରବମାନେ ସମୂଳେ ଲୋପ ପାଇଲେ । ଧର୍ମରାଜ ଯୁଧିଷ୍ଠିର ଶାସନ କଲେ । ତେବେ ଏହାର ଅନେକ ସମୟ ଅନ୍ତେ ଭଗବାନ ଶ୍ରୀକୃଷ୍ଣ ମଧ୍ୟ ତାଙ୍କର ଅବତାରର ଆସିଥିବାର କର୍ତବ୍ୟର ସମାପ୍ତି ଘୋଷଣା କରି ତାଙ୍କର ନିଜର ସ୍ଥାୟୀ ଆବାସ

 Download Magazine from www.aahwaan.com

ବୈକୁଣ୍ଠଧାମକୁ ପାଇଁ ପୁନର୍ବାର ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ହେଲେ ।

ଏହି ସମୟରେ ସେ ଏହି ପୃଥିବୀରେ ତାଙ୍କର ନିଜର କେହି ବଂଶଧର ମଧ୍ୟ ନ ରହିବାର ବ୍ୟବସ୍ଥା କରିଥିଲେ । ତେଣୁ କର୍ମଫଳ ସ୍ୱରୂପ ସେମାନେ ଋଷିଙ୍କ ଶାପଗ୍ରସ୍ତ ହେଇ ଯଦୁବଂଶର ସମସ୍ତେ ପରସ୍ପର ମଧ୍ୟରେ ଯୁଦ୍ଧରେ ବ୍ୟାପ୍ତ ରହି ସମୂଳେ ବିନାଶ ପ୍ରାପ୍ତ ହେଲେ । ଏହା ଆଉ ଏକ କାହାଣୀ, ଯାହା ଉପଯୁକ୍ତ ଅବସରରେ ଆମେ ପଢିବା ।

ଭଗବାନ ଶ୍ରୀକୃଷ୍ଣ ଇହଧାମ ତ୍ୟାଗ କରିବା ପୂର୍ବରୁ ତାଙ୍କର ସବୁଠାରୁ ଘନିଷ୍ଠ ସହଚର ତଥା ଶିଷ୍ୟ ଉଦ୍ଧବଙ୍କୁ ତାଙ୍କ ଇଚ୍ଛାନୁସାରେ ବରଦାନ ପାଇଁ କହିଥିଲେ । ଉଦ୍ଧବ ଯାହା କିଛି ମାଗିଥିଲେ ମଧ୍ୟ ଶ୍ରୀକୃଷ୍ଣ ତାଙ୍କ ଦେଇଥାନ୍ତେ । କିନ୍ତୁ ଉଦ୍ଧବ ଶ୍ରୀକୃଷ୍ଣଙ୍କ ସହ ସବୁ ସମୟରେ ତାଙ୍କ ରଥର ସାରଥୀ ଭାବେ ରହି, ତାଙ୍କ ସବୁ କର୍ମ ବେଳେ ପାଖରେ ରହି ପୃଥିବୀର ପାର୍ଥିବ ସମ୍ପତ୍ତି, ସୁଖ ପ୍ରତି ବୈରାଗ୍ୟ ଭାବ ଆହରଣ କରି କେବଳ ଈଶ୍ୱରୀୟ ଚେତନାରେ ଉଦ୍ବୁଧ ହେଇଥିଲେ । ତେଣୁ ଉଦ୍ଧବ ବିନୀତ ଭାବରେ ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ଙ୍କୁ କହିଲେ,

"ପ୍ରଭୁ, ଏତେ କାଳ ଧରି ତୁମ ସହିତ ସବୁ ଘଟଣାରେ ଭାଗ ନେଇ ମହାଭାରତ ପରି ମହନାଟକରେ ତୁମର ଅବଦାନ ଦେଖି ମୋ ମନରୁ ଲୋଭ, ମାୟା, କ୍ରୋଧ, ଆସକ୍ତି ସବୁ ଦୂର ହେଇଯାଇଛି । ଏବେ ମୋର କୌଣସି ପାର୍ଥିବ ଦ୍ରବ୍ୟରେ ଆସକ୍ତି ନାହିଁ । ମୋର କେବଳ ଜିଜ୍ଞାଶା ରହିଛି ଅନେକ କେତେକ ବିଷୟ ଯାହା ଆପଣ କରିଛନ୍ତି ଓ କହିଛନ୍ତି ସେ ବିଷୟରେ ଜାଣିବାକୁ । ସେ ସବୁ ଆପଣ ମୋତେ ବୁଝେଇ କହିଦେଲେ ମୁଁ ମୋର ପ୍ରାପ୍ୟ ପାଇଯିବି ।"

ଉଦ୍ଧବଙ୍କ ଏପରି ଅନୁରୋଧରେ ଶ୍ରୀକୃଷ୍ଣ କିଛିଟା ଆଶ୍ଚର୍ଯ୍ୟ ହେଲେ ହେଁ କହିଲେ, " ହଉ ଉଦ୍ଧବ, ମୁ ଜାଣୁଛି ତୁମେ କଣ ସବୁ ପଚାରିବ । ହେଲେ ତୁମେ ଗୋଟି ଗୋଟି କରି ପଚାରିବ ଓ ମୁଁ ତାହାର ଉତ୍ତର ଦେବି ।"

 Download Magazine from www.aahwaan.com

ମୁଁ କୁରୁକ୍ଷେତ୍ର ଯୁଦ୍ଧ ସମୟରେ ପାର୍ଥ ବା ଅର୍ଜୁନଙ୍କୁ ଯାହା ନୀତି ଓ କର୍ତବ୍ୟ ବିଷୟ କହିଥିଲି ତାହା 'ଶ୍ରୀମଦ ଭଗବତ୍ ଗୀତା' ଭାବରେ ସବୁଦିନେ ରହିବ ଆଉ ମୁଁ ତୁମର ଜିଜ୍ଞାଶାର ଯାହାସବୁ ଉତ୍ତର ଦେବି ସେସବୁ 'ଉଦ୍ଧବ ଗୀତା' ନାମରେ ରହିବ । ଉଭୟ ଗୀତା ଭିନ୍ନ ଓ ପରସ୍ପରର ପରିପୂରକ ରହିବ । "ଏବେ ପଚାର ଉଦ୍ଧବ ତୁମ ମନରେ ଉପୁଜିଥିବା ଦ୍ୱନ୍ଦ ସବୁ ଏକ ଏକ କରି ।"

ଉଦ୍ଧବ ପଚାରିଲେ ,

"ହେ ପ୍ରଭୁ ଶ୍ରୀକୃଷ୍ଣ ଆପଣ ତ ଅନ୍ତର୍ଯ୍ୟାମୀ ରହିବା ସହ ସର୍ବଶକ୍ତିର ଅଧିକାରୀ ଥିଲେ । କିନ୍ତୁ ଆପଣଙ୍କର କେତେକ କର୍ମର କାରଣ ମୋ ସହିତ ଅନେକ ବିଦ୍ୱାନଙ୍କୁ ମଧ୍ୟ ସନ୍ଦିହାନ ଭାବରେ ରଖିଥାସିଛି । ସେହି ମଧ୍ୟରୁ ଗୋଟିଏ ପ୍ରଶ୍ନ ହେଲା, ଆପଣ ଚାହିଁଥିଲେ ଧର୍ମରାଜ ଯୁଧିଷ୍ଠିରଙ୍କୁ ପଶା ଖେଳିବାରୁ ନିବୃତ୍ତ କରି ପାରିଥାନ୍ତେ କିନ୍ତୁ କଲେନାହିଁ । ଦ୍ରୋପଦୀଙ୍କୁ ରାଜସଭାକୁ ଟାଣି ନିଆଯିବାରୁ ନିବୃତ୍ତ କରିପାରିଥାନ୍ତେ କାହିଁକି ଶେଷ ମୁହୁର୍ତ୍ତଯାଏ ଅପେକ୍ଷା କଲେ ତାଙ୍କ ଲଜ୍ୟା ନିବାରଣ ବ୍ୟବସ୍ଥା କରିବାକୁ ?"

ସ୍ମିତ ହାସ୍ୟ କରି ଶ୍ରୀକୃଷ୍ଣ ଉତ୍ତର ଦେଲେ,

"ମୋର ପ୍ରିୟ ଭକ୍ତ ଉଦ୍ଧବ, ଏହି ସଂସାରକୁ ଯିଏ ବି ଆସେ, ତା'ର ଆତ୍ମା ନିଜର ପୂର୍ବ କର୍ମଫଳକୁ ନେଇକି ଆସେ ଏବଂ ଏହି ଜନ୍ମର କୃତକର୍ମ ମଧ୍ୟ ସେଥିରେ ସଂଯୁକ୍ତ ହୁଏ । ସେଇ କର୍ମଫଳ ସେ ଭୋଗ କରିବା ସୃଷ୍ଟିର ଏକ ଅନିବାର୍ଯ୍ୟ ନିୟମ । କିଛି କର୍ମଫଳ ଏଇ ଜନ୍ମରେ ଭୋଗ ନ କଲେ ତାହାକୁ ପରବର୍ତୀ ଜନ୍ମ ଗୁଡିକରେ ନିଶ୍ଚିତ ଭୋଗ କରିବାକୁ ହୁଏ । ମୋର ଏହି ମାନବୀୟ ଅବତାରର ସବୁ ଲକ୍ଷ୍ୟ ମଧ୍ୟରୁ ସେଇ ମହାଭାରତ ଯୁଦ୍ଧରେ ଯିଏ ଯାହାର କର୍ମଫଳ ଠିକ ଭାବରେ ପାଇବାର ବ୍ୟବସ୍ଥା କରିବା ମଧ୍ୟ ଅନ୍ୟତମ ଥିଲା ।"

"କର୍ମଫଳ ସ୍ୱରୂପ ଦୁର୍ଯୋଧନ ଓ ଅନ୍ୟ ମାନଙ୍କ ନିହତ ହେବାର ପ୍ରୟୋଜନ ହେତୁ

 Download Magazine from www.aahwaan.com

କୁରୁଯୁଦ୍ଧ ଅବଶ୍ୟମ୍ଭାବୀ ଥିଲା । ଯୁଧିଷ୍ଠିର ମଧ୍ୟ କର୍ମଫଳ ହେତୁ ସେଇ ପରିସ୍ଥିତିକୁ ଟାଣି ହେଇକି ଯାଇଥିଲେ । ଉଦ୍ଧବ, ଏହା ଏହି ସଂସାରର ନିୟମ ଯେ ଯିଏ ଉପସ୍ଥିତ ସମୟରେ ସଠିକ୍ ନିଷ୍ପତ୍ତି ନେଇଥାଏ ସେହି ସମୟରେ ତାର ହିଁ ବିଜୟ ହେଇଥାଏ । ଶକୁନି ଯେତେବେଳେ ଦୁର୍ଯ୍ୟୋଧନ ଓ ଯୁଧିଷ୍ଠିରଙ୍କ ମଧ୍ୟରେ ପଶା ଖେଳପାଇଁ ପ୍ରସ୍ତାବ ଦେଲେ, ଦୁର୍ଯ୍ୟୋଧନ ତାଙ୍କର ଉପସ୍ଥିତ ବୁଦ୍ଧିର ପ୍ରୟୋଗ କରି ତାଙ୍କ ତରଫରୁ ଶକୁନି ଖେଳିବେ ବୋଲି ପ୍ରସ୍ତାବ ଦେଲେ । ସେହି ସମୟରେ ଯୁଧିଷ୍ଠିର ତାଙ୍କ ତରଫରୁ ମୁଁ ଖେଳିବି ବୋଲି କହିବାର ନ ଥିଲା କି ? ତୁମେ କୁହ ଯଦି ମୁଁ ଖେଳି ଥାଆନ୍ତି, ବିଜୟ କାହାର ହେଇଥାନ୍ତା ? ମୋ ଇଛା ଅନୁସାରେ ଫଳାଫଳ ହେଇ ନଥାନ୍ତା କି ? କିନ୍ତୁ ଧର୍ମରାଜ ଯୁଧିଷ୍ଠିର ଅତ୍ୟଧିକ ଆତ୍ମବିଶ୍ୱାସର ବଶବର୍ତ୍ତୀ ହେଇ ନିଜେ ଖେଳି ଜିତିବି ବୋଲି ଭାବିଲେ ଓ କାଳେ ମୁଁ ସେଥିରେ ହସ୍ତକ୍ଷେପ କରିବି ବୋଲି ମୋତେ ରାଜସଭା କୁଯିବାକୁ ସସର୍ତ୍ତ ବାରଣ ମଧ୍ୟ କଲେ । ଏଥିରେ ମୋର ଆଉ କଣ କରିବାର ଥିଲା । ଯେତେବେଳେ ଦ୍ରୌପଦୀଙ୍କ ବସ୍ତ୍ରହରଣର ଉଦ୍ୟମ ହେଲା ସେ ଆଉ କିଛି ବି ଉପାୟ ନପାଇ, "ତ୍ରାହି କର ହେ ଶ୍ରୀକୃଷ ଡାକରା ଦେଲେ, ଯାହାଦ୍ୱାରା କି ମୁଁ ଯୁଧିଷ୍ଠିରଙ୍କ ସର୍ତ୍ତ ଅନୁସାରେ କୁରୁସଭାକୁ ଯିବାର ଅଧିକାର ପାଇଁ ଦ୍ରୌପଦୀଙ୍କ ଲଜ୍ୟା ନିବାରଣ ବ୍ୟବସ୍ଥା କଲି ।"

(ଉଦ୍ଧବ ଗୀତାର ଅନ୍ୟ ରୋଚକ ତଥା ଉପଦେୟ କଥା କ୍ରମଶଃ ପରବର୍ତୀ ସଂଖ୍ୟା ରେ ) (ତଥ୍ୟ  ସ୍ରୋତ : ଶ୍ରୀମଦ ଭଗବତ୍ ଗୀତା ଓ ମହାଭାରତ )

ଭାବାନୁବାଦ ଓ ଉପସ୍ଥାପନା : ସୁଶାନ୍ତ ପୁରୋହିତ
ଅବସରପ୍ରାପ୍ତ ଅଧ୍ୟକ୍ଷ , ସମ୍ବଲପୁର

Download Magazine from www.aahwaan.com

# ଷାଠିଏ ମହଣ ଘିଅ ବନାମ ରାଧାର ନାଚ



ଡମ୍ବରୁଧର ପଟ୍ଟନାୟକ

ପ୍ରବାଦ ଅଛି, ହଅ.. 'ଷାଠିଏମହଣ ଘିଅ ଆସିବ, ରାଧା ନାଚିବ' । ରାଧାର ନାଚିବାକୁ ଘିଅ ସହିତ କାହିଁକି ଯୋଡି ଦିଆଗଲା ଏକଥା ଆମ୍ଭେ ଜମା ସମଝି ପାରୁନାହିଁ । ରାଧା ତ ଗାନା ବାଜଣା ବା ବଂଶୀ ବାଜିଲେ ବି ନାଚି ପାରନ୍ତେ । କାରଣ କୁଂଜବନରେ କୃଷ୍ଣଙ୍କ ସହ ନାଚିବାରେ ତାଙ୍କର ଢେର୍ ସୁନାମ ଅଛି । ରାଧା ଖାଲି ନିଜେ ନାଚି ଜାଣନ୍ତି ତା' ନୁହେଁ ସେ ବେଳଅବେଳରେ ଅଭିମାନ କରି କୃଷ୍ଣଙ୍କୁ ବି ନଚେଇପାରନ୍ତି (ନାକେଦମ୍ କରିପାରନ୍ତି) ଏକଥା ଆମେ ସମସ୍ତେ 'ରାଧା ପ୍ରେମଲୀଳା' ନାଟକାଦିରୁ ଦେଖିଥିବା । ଲାଜ ମହତ ଛାଡି କୃଷ୍ଣ ପ୍ରେମରେ ବାୟାଣୀ ସାଜିଥିବା ରାଧା ପ୍ରେମ ପାଇଁ ସବୁକିଛି କରିପାରନ୍ତି । କଣା ମାଠିଆରେ ପାଣି ଆଣିପାରନ୍ତି, କଳାରଙ୍ଗ ଉପରେ ଅଭିମାନ କରି ଶାରୀକୁ ମଧ୍ୟ ପଞ୍ଜୁରୀରୁ ଉଡାଇ ଦେଇପାରନ୍ତି । କିନ୍ତୁ ରାଧା କାହା ସହିତ କି ବାଦ କରିଥିଲେ ଯେ ଷାଠିଏମହଣ ଘିଅ ଆସିଲେ ହିଁ ସେ ନାଚିବେ ବୋଲି ଜିଦ୍ ଧରିଲେ ? ନା ଆଉ କିଏ ଏପରି ସର୍ତ୍ତ ରଖିଲା ଯେ ରାଧା ଯଦି ଏତେ ବଡ ଓ କୁଶଳୀ ନୃତ୍ୟଶିଳ୍ପୀ ତାହେଲେ ଷାଠିଏମହଣ ଘିଅ ଉପରେ ନାଚନ୍ତୁ ।

ସୁଧୀବୃନ୍ଦ ! ଚଟାଣରେ ତେଲ ଠିପିଏ ପଡିଗଲେ ଆମେ ଗୋଡ ଖସି, କଚଡା ଖାଉ । ସେତିକିରେ ଚାଲିବା ସମ୍ଭବ ନୁହେଁ । ଅଥଚ ଷାଠିଏମହଣ ଘିଅ ଢଳାହେବ ଓ ରାଧା ନାଚିବେ, ଇଏତ ଆଖିକୁ କାନକୁ ନ ପାଇବା କଥା । ଅବଶ୍ୟ ରାଧା ସବୁ ଅସମ୍ଭବକୁ ସମ୍ଭବ କରପାରନ୍ତି ବୋଲି ଆମ ଭାରତୀୟମାନଙ୍କ ବିଶ୍ବାସ । କିନ୍ତୁ ଆଖି ନ ଦେଖା କଥାରେ ବିଶ୍ବାସ

 Download Magazine from www.aahwaan.com

କରିବା ମୂର୍ଖାମି ବୋଲି ଚାଣକ୍ୟ କହିଯାଇଛନ୍ତି । ଅତଏବ ରାଧାଙ୍କ ଷାଠିଏମହଣ ଘିଅ ଉପରେ ନାଚିବା କଥାଟି ଜମାରୁ ପରତେ ହେଉନାହିଁ । ଭାରତୀୟ ନୃତ୍ୟ ଶାସ୍ତ୍ରରେ ବି ଏମନ୍ତ ନୃତ୍ୟ ଶୈଳୀ କିଛି ଥାଇପାରେ ଏହା ଆମେ ଭାବିପାରୁନାହୁଁ । ତାହେଲେ 'ଷାଠିଏମହଣ ଘିଅ' ପ୍ରସଙ୍ଗ ଉଠିଲା କେମିତି ? ରାଧାଙ୍କ ସ୍ୱାମୀ ଚନ୍ଦ୍ରସେଣା ରାଧାଙ୍କ କେଉଁଠି ନାଚିବା ବିନିମୟରେ ଷାଠିଏମହଣ ଘିଅ ଦାବି କରିଥାଇପାରନ୍ତି । କାରଣ ସେ କାଳରେ ଗଉଡ ଲୋକଙ୍କ ପାଇଁ କ୍ଷୀର ଦହି ଅପେକ୍ଷା ଘିଅର ମୂଲ୍ୟ ଢେର୍ ବେଶୀ । ଆମେ ସମସ୍ତେ ଜାଣୁ ରାଧା ଚନ୍ଦ୍ରସେଣାଙ୍କର ନାମକୁ ମାତ୍ର ସ୍ତ୍ରୀ । ତାଙ୍କ ହାତରନ୍ଧା ଭୋଜନ ମୁଠାଏ ମିଳିଗଲେ ତେଣିକି ରାଧା ଯୁଆଡେ ଯାଆନ୍ତୁ ଯାହା କରନ୍ତୁ ତାଙ୍କର ଆପତ୍ତି ନାହିଁ । ତା' ବୋଲି ସେ ନିଜ କୌଳିକ ବୃତ୍ତି ମାରା କରିବେ ସେକଥା ନୁହେଁ । ଏଣୁ ଗଉଡ ବୁଦ୍ଧିରେ ସେ ରାଧାଙ୍କ ନାଚିବା ବିନିମୟରେ ଷାଠିଏମହଣ ଘିଅ ଦାବି କରିଥିବା ଅନୁମାନ କରାଯାଇପାରେ । କିନ୍ତୁ ଷାଠିଏମହଣ ଘିଅ ଢଳାହେବ ଓ ରାଧା ନାଚିବ ଏକଥା କେମିତି ଅଖାଡୁଆ, ଅସୁନ୍ଦର, ଅଯଥାର୍ଥ ଓ ଅପ୍ରତ୍ୟାଶିତ ମନେହୁଏ । ରାଧାଙ୍କ ନାଚିବା ପାଇଁ ଏତେ ପରିମାଣର ଘିଅ ଆବଶ୍ୟକ ? ହଁ ହେଇପାରେ, ରାଧା କୌଣସି ସାଧାରଣ ଘରର ଝିଅ ନୁହଁନ୍ତି । ସେ ହେଉଛନ୍ତି ବୃଷଭାନୁଙ୍କର ଅଲିଅଳ କନ୍ୟା । କେତେ ଆଦର ଯତ୍ନରେ ବଢିଥିବେ, ଘିଅମହୁରେ ବୁଡିଥିବେ । ତେଣୁ ତାଙ୍କ ପାଇଁ ଷାଠିଏ ମହଣ ଘିଅ ଦରକାର ପଡିଥିବ । ଓଃ ଷାଠିଏ ମହଣ ଘିଅ ! ଆଜିକା ଦିନରେ ଷାଠିଏ ମହଣ ଘିଅର ଦାମ୍ କେତେ ଜାଣିଛନ୍ତି ? ଟିକିଏ ହିସାବ କରିନେବା-

୧୬ ଛଟାଙ୍କି= ୧ ସେର

୪୦ସେର= ୧ ମହଣ

 Download Magazine from www.aahwaan.com

୭୦ ମହଣ=୨୪୦୦ ସେର

୧ ସେର= ୧୧୦୦ଗ୍ରାମ୍

୨୪୦୦ସେର=୨୪୦୦ଙ୍କ୧୧୦୦=୨୬୪୦୦୦୦ଗ୍ରାମ

ବା ୨୬୪୦ କିଲୋଗ୍ରାମ୍

୧କିଲୋଗ୍ରାମ ଗୁଆଘିଅର ଦାମ୍=ଟ.୫୦୦.୦୦ଙ୍କା ହେଲେ

୨୬୪୦ କିଲୋଗ୍ରାମ ଘିଅର ଦାମ୍=ଟ.୧୩,୨୦,୦୦୦.୦୦ଙ୍କା

ଇଲୋ ମୋ ବୋପାଲୋ ! ତେର ଲକ୍ଷ କୋଡିଏ ହଜାର ଟଙ୍କାର ଘିଅ ବିନିମୟରେ ରାଧାକୁ ନଚେଇବା ଏତେ ସହଜ କଥାନୁହେଁ । ବରଂ ରାଧା ନ ନାଚନ୍ତୁ, ହେଲେ ଷାଠିଏ ମହଣ ଘିଅ କିଏ କାହିଁକି ଦେବ ? ଏପରି ଏକ ପ୍ରସଙ୍ଗରୁ ବୋଧେ ଅସମ୍ଭବ ମାର୍କା କାମକୁ 'ଷାଠିଏମହଣ ଘିଅ ଆସିବ ନା ରାଧା ନାଚିବ'ର ଉଦାହରଣ ଦିଆଯାଏ । ଏଠାରେ ଷାଠିଏମହଣ ଘିଅର ଦାମ୍ ଅପେକ୍ଷା ରାଧାଙ୍କ ବୈଶିଷ୍ଟ୍ୟ ବେଶୀ ଗୁରୁତ୍ୱପୂର୍ଣ୍ଣ ବୋଲି ମନେହୁଏ । ତେବେ ରାଧା ବଦଳରେ ଦୂତୀକୁ ନେଇ କାମ ଚଳେଇଦେବାରେ ଆମ ଭାରତୀୟମାନେ କେତେ ଚତୁର ଓ କେତେ ଅକୁଣ୍ଠିତ ତାହା ଆପଣମାନେ ବେଶ୍ ଜାଣନ୍ତି । ତେଣୁ କିଲେ ଘିଅରେ ଯଜ୍ଞାନୁଷ୍ଠାନ ସାରିଦେଇ ଦୂତୀକୁ ନଚେଇଦେଲେ ଗଲା । କାହିଁକିନା ଆମ ଚତୁର ପଣ୍ଡିତମାନେ କହିଯାଇଛନ୍ତି- 'ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍' ତେଣୁ ଶାସ୍ତ୍ରରେ ଯାହାବି କର୍ମକାଣ୍ଡ ଅଛି ସେସବୁ ପାଳିବା ପାଇଁ କେବଳ ଧନିକମାନେ କାହିଁକି ସମର୍ଥ ହେବେ, ବରଂ ଗରିବ ଶ୍ରେଣୀର ଲୋକ ବି ତାହା କରୁ, ଶାନ୍ତି ସନ୍ତୋଷ ପାଉ । ପଣ୍ଡିତେଙ୍କ ସାମ୍ୟଭାବନାର ତାରିଫ୍ କରିବାକୁ ହେବ । ନଚେତ୍ କାହିଁ ରାଧା କାହିଁ ଦୂତୀ ? ରାଧା ଗଉଡଘରର ଝିଅ ହୋଇ ମଧ୍ୟ ତାଙ୍କର ଷାଠିଏମହଣ ଘିଅର କାଟ୍ତି । ସେ ଯଦି

Download Magazine from www.aahwaan.com

ଆଜିକାଲିକା ସହରରେ ଜନ୍ମ ହେଇଥାନ୍ତେ ଓ ସୁନ୍ଦର ନାଚୁଥାନ୍ତେ ତାହେଲେ ରାତିକର ନାଚ ବା ଥରକର ନାଚ ପାଇଁ କୋଟିକୋଟି ଟଙ୍କା ଦାବି କରିଥାନ୍ତେ । ଅବଶ୍ୟ ରାଧାଙ୍କୁ ନାଚବାଲୀର ଆସନରେ ବସେଇଦେବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ରାଧା ହେଉଛନ୍ତି ପରମ ପ୍ରେମିକ ରସରାଜ ରସିକେନ୍ଦ୍ର ଶ୍ରୀକୃଷ୍ଣଙ୍କ ପ୍ରେମିକା । ଯାହାଙ୍କର ପ୍ରେମର ପରାକାଷ୍ଠା ପାଇଁ ସେଇ ଯୁଗଳମୂର୍ତ୍ତିଙ୍କ ମନ୍ଦିରମାନ ଆମ ଭାରତର ବିଭିନ୍ନ ଗ୍ରାମ ଆଉ ସହରରେ ନିର୍ମିତ ହୋଇଛି । ତେବେ ଆମର ମନେହୁଏ କୃଷ୍ଣଙ୍କ ବ୍ୟତୀତ ରାଧା କେବେ ଆଉକାହା ଅନୁରୋଧରେ ନାଚି ନଥିବେ । କାରଣ ଷାଠିଏ ମହଣ ଘିଅ ଖର୍ଚ୍ଚ କରି କିଏ ବା ରାଧାଙ୍କୁ ନଚେଇପାରିବ ? ଅସମ୍ଭବ ବ୍ୟାପାର । ସେଥିପାଇଁ ସେଇ କଥାଟି ପ୍ରବାଦ ହୋଇ ରହିଗଲା । ଅବଶ୍ୟ ଏ ପ୍ରବାଦଟିକୁ ଉଦ୍ଧାର କରି ଅନେକେ ବିକଳ୍ପ ବ୍ୟବସ୍ଥା ଖୋଜି କାମଟି ସାରିଦେବାକୁ ପ୍ରୟାସ କରନ୍ତି । ବହୁ ଆଡମ୍ବର ବା ବହୁ ଯୋଜନା ବି ବେଳେବେଳେ ଫସର ଫାଟିଯାଏ ଯଦି ସାଧାରଣ ଭାବେ କାମଟି ସାରିବାକୁ ଉଦ୍ୟମ କରାନଯାଏ । କିଛି କାମ ବଡବଡିଆଙ୍କ ଦ୍ୱାରା ବି ହୁଏନାହିଁ, ବରଂ ସାନମାନେ ତାକୁ ନିଷ୍ଠାର ସହ ଓ ନିଖୁଣଭାବେ କରିନିଅନ୍ତି । ଏ କ୍ଷେତ୍ରରେ ସାନମାନଙ୍କର ଭୂମିକାକୁ ବରଂ ଅଧିକ ଗୁରୁତ୍ୱ ଦିଆଯିବା କଥା । କିନ୍ତୁ ଅଯଥା ରାଧା ପରି ଚରିତ୍ରଙ୍କ ଠାରୁ କାମର ଆଶା କରିବା ବୃଥା ବୋଲି ପ୍ରବାଦରୁ ପ୍ରମାଣ ହୁଏ । ବିଜ୍ଞଲୋକେ ଏ ପ୍ରବାଦକୁ ଉପସ୍ଥାପନ କରି ସାନମାନଙ୍କ ଦ୍ୱାରା ହିଁ ଗୁରୁତ୍ୱପୂର୍ଣ୍ଣ କାମମାନ କରେଇନେବାକୁ ଉଚିତ ମଣି 'ଷାଠିଏମହଣ ଘିଅ ଆସିବ ନା ରାଧା ନାଚିବ' ଭଳି ପ୍ରବାଦର ପରିକଳ୍ପନା କରିଥିବେ ବୋଲି ମନେହୁଏ । କୃଷ୍ଣଙ୍କ ପ୍ରେମିକା ଶ୍ରୀରାଧାଙ୍କ କଥା ଛାଡନ୍ତୁ । ଏମିତି ବି ହେଇପାରେ ରାଧା ନାମ୍ନୀ ଆଉ କୌଣସି ସ୍ତ୍ରୀର କାମ କରିବାର ତରିକା ଦେଖି, ତା ଗଉଁକୁ ସୂଚେଇବାକୁ ଏପରି ପ୍ରବାଦର ସୃଷ୍ଟି ହୋଇଥାଇପାରେ

Download Magazine from www.aahwaan.com

। ପକ୍ଷାନ୍ତରେ ଏକଥା ବି ମନକୁ ଅଣାଯାଉ । କୋଉ ପୁରାଣ ଯୁଗର ରାଧାଙ୍କୁ କାହିଁକି ଆମେ ପ୍ରବାଦରେ ପୂରେଇବା ? ବରଂ କଳିଯୁଗର ରକ୍ତମାଂସଧାରୀ ରାଧାଟିଏକୁ ନିଆଯାଉ । ଏବର କାମବାଲୀ ରାଧାମାନେ ଏତେ ସହଜରେ ମଣହେବା ମହିଳା ନୁହଁନ୍ତି । ବାର ସର୍ତ୍ତ ଚବିଶ ଫରମାସୀ ପୂରଣ କଲେ ସେମାନେ ତୁମ ଘରେ ନାଚିବେ ମାନେ କାମ କରିବେ, ନଚେତ ସୁବିଧା ବା ମଉକା ଦେଖି ତୁମକୁ ନଚେଇଦେବେ, ଏଥିରେ ସନ୍ଦେହ ନାହିଁ ।

ସୁଧୀବୃନ୍ଦ ! ରାଧା ପରି ଅବାଧ୍ୟ ମହିଳାର ନାଚ ପାଇଁ ଆଗ୍ରହ ରଖିବା କେବଳ ମୂର୍ଖାମି ଛଡା ଆଉ କିଛି ନୁହେଁ । ରାଧାଙ୍କ ନାଚ ଦେଖିବାକୁ ଜିଦି କରି ଯଦି କେହି ପ୍ରମତ୍ତ ପୁରୁଷ ଷାଠିଏ ମହଣ ଘିଅ ଖର୍ଚ୍ଚ କରିବାକୁ ଆଗଭର ହେବେ ତାହେଲେ ଆମର କିଛି କହିବାର ନାହିଁ । ଯଦି କେବେ ଏପରି ଘଟେ ତାହେଲେ ତ ପ୍ରବାଦଟି ମିଥ୍ୟା ପ୍ରମାଣିତ ହେବ, ନା କ'ଣ କହୁଛନ୍ତି ? କିନ୍ତୁ ଏପରି ଏକ ବିଶ୍ୱ ରେକର୍ଡ କରିବାଭଳି ମାୟକା ଲାଲ ଆମ ଭାରତରେ ଜନ୍ମ ହେଇଥିବେ, ଏହା ଆମର ପରତେ ଯାଉନାହିଁ । ହଁ କହିରଖୁଛୁ ଯଦି କେବେ ଏପରି ଘଟିବାର ସୂଚନା ପାଇବେ, ଆମ୍ଭଙ୍କୁ ନିଶ୍ଚୟ ଜଣାଇବେ । କିମଧିକମ୍ ?

-O-

ବାଣିଜ୍ୟକର ବିଭାଗ,

ରାୟଗଡ - ୭୬୫୦୦୧,

ଭ୍ରାମ୍ୟଭାଷ-୯୪୩୮୭୧୦୮୧୧/ ତା.୨୩-୦୧-୨୦୧୮

Download Magazine from www.aahwaan.com

# ସମାଜ ଗଠନରେ ଛାତ୍ରର ଭୂମିକା



ଶ୍ରୀ ରମାକାନ୍ତ ମିଶ୍ର

ସମାଜ ଗଠନରେ ଛାତ୍ରର ଭୂମିକା ଅନେକ । ଆଜିର ଛାତ୍ର ଭବିଷ୍ୟତ ଦେଶର କର୍ଣ୍ଣଧାର ହେବେ ତାହା ହିଁ ସମସ୍ତେ କହିବେ । କିନ୍ତୁ କେଉଁପରି ଛାତ୍ର ଦେଶର କର୍ଣ୍ଣଧାର ହେବେ ତାହାହିଁ ଏଠାରେ ବିଚାର କରା ଯାଉ । ତେବେ ଛାତ୍ର ସମାଜ ସମ୍ବନ୍ଧରେ ଏପରି ଭାବିବାର ପ୍ରଶ୍ନ ଆସିଲା କେଉଁଠାରୁ ? ଆଜି ଛାତ୍ର ଆନ୍ଦୋଳନ, ହରତାଳ, ଜାତୀୟ ସମ୍ପତ୍ତି ନଷ୍ଟ କରିବା, ଆଇନ ଅମାନ୍ୟ କରିବା ଓ ଅନଶନ ଛାତ୍ର ସମାଜର ଦୈନଦିନ ଘଟଣା ରେ ପରିଣତ ହେଲାଣି । ସାମାନ୍ୟ କାରଣରୁ ଗଣ୍ଡଗୋଳ ସୃଷ୍ଟି ହୁଏ, ତାହା ପରେ ହିଂସାତ୍ମକ ରୂପ ଧାରଣ କରେ । ଇଛା ଥାଉ ବା ନ ଥାଉ ଦେଶର ସମ୍ପତ୍ତି ନଷ୍ଟ ହୁଏ । ସ୍କୁଲ, କଲେଜ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହୁଏ । ପୋଲିସ ସହ ସଂଘର୍ଷ ହୁଏ । ଛାତ୍ର ଓ ପୋଲିସ ପରସ୍ପରକୁ ଦୋଷ ଦିଅନ୍ତି । ଏ ସବୁ ଆଜି ଅତି ସାଧାରଣ କଥାରେ ପରିଣତ ହୋଇଛି । ଛାତ୍ର ସମାଜର ପୂର୍ବର ଗୁରୁଭକ୍ତି, ଶିଷ୍ଟତା, ନମ୍ରତା, ଓ ନୈତିକତାର ଅଭାବ ପ୍ରାୟ ସର୍ବତ୍ର ପରିଲକ୍ଷିତ ହୁଏ । ଏହାର ନିରାକରଣ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଚକ୍ର ଆଦି କରା ଯାଉଛି ଓ କେତେକ ପରିମାଣରେ ବ୍ୟବସ୍ଥା ମଧ୍ୟ କରା ଯାଉଛି । ତଥାପି ସମସ୍ୟାର ସମାଧାନ ହୋଇ ପାରୁ ନାହିଁ । ଏହାର କାରଣ କଣ ହୋଇ ପାରେ ? ଦେଶରେ ଆଜି ନେତୃତ୍ୱର ସଙ୍କଟ ଦେଖା ଯାଇଛି । ଛାତ୍ର ମାନଙ୍କ ସମ୍ମୁଖରେ କୌଣସି ଆଦର୍ଶ ଓ ମୂଲ୍ୟବୋଧ ନାହିଁ । ଧର୍ମଘଟର ଐତିହାସିକ ପୃଷ୍ଠଭୂମି ଯାହା ହେଉନା କାହିଁକି ଆଜି ଛାତ୍ର ମାନଙ୍କର ଧାରଣା ହୋଇଛି ଯେ ଆନ୍ଦୋଳନ ହିଁ କାର୍ଯ୍ୟ ସିଦ୍ଧିର ଏକମାତ୍ର ପନ୍ଥା । ସୁଚିନ୍ତିତ

 Download Magazine from www.aahwaan.com

ନୀତି ନିୟନ୍ତ୍ରଣର ଅଭାବ ହିଁ ଏହାର କାରଣ । ଉଚ୍ଚ ସ୍ତରରେ ଆଜି ସର୍ବତ୍ର ନୀତି ହୀନତା ଓ ଅସାଧୁତାର ପ୍ରଭାବ ଦେଖା ଦେଇଛି । ଜଣେ ଜଣେ ବ୍ୟକ୍ତି ଅଳ୍ପ ଦିନ ଭିତରେ ଲକ୍ଷପତି ଏବଂ କୋଟିପତି ହେଉଛନ୍ତି । ଅନ୍ୟପକ୍ଷରେ ଅସଂଖ୍ୟ ଲୋକ ଦାରିଦ୍ର୍ୟରେ ନିଷ୍ପେସିତ ଓ ନିପୀଡିତ । ସ୍ୱାଧୀନତାର ୭୦ ବର୍ଷ ପରେ ମଧ୍ୟ ପ୍ରତ୍ୟେକ ଲୋକ ପେଟପୁରା ଖାଇବାକୁ ପାଉନାହାନ୍ତି । ଅଧିକାଂଶ ଛାତ୍ର ଏହାର ଭୁକ୍ତଭୋଗୀ । ଏ ସାମାଜିକ ଓ ଅର୍ଥନୈତିକ ଦୁରବସ୍ଥା ଯୋଗୁ ସେମାନଙ୍କ ମନ ହିଂସାତ୍ମକ ହୋଇ ଉଠୁଛି ଏବଂ ଏହା ହେବା ସ୍ୱାଭାବିକ ।

ଏ ସମସ୍ତ ହେଲା ଆଧୁନିକ ଛାତ୍ର ସମାଜର ଏକ ନିଛକ ଚିତ୍ର । ବର୍ତ୍ତମାନ ବିଚାର୍ଯ୍ୟ ଯେ ଛାତ୍ର ସମାଜର ଭୂମିକା ସମାଜ ଗଠନରେ କିପରି ହେବା ଉଚିତ ? ସମାଜ ଗଠନରେ ଛାତ୍ର ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶରୀରର ମେରୁହାଡ଼ର ଯେଉଁ ସ୍ଥାନ ସମାଜରେ ଛାତ୍ରର ସେହି ସ୍ଥାନ । ମେରୁହାଡ ବ୍ୟତିରେକ ମାନବ ଯେପରି ସଳଖ ଦଣ୍ଡାୟମାନ ହୋଇ ପାରେ ନାହିଁ, ଶୃଙ୍ଖଳିତ ଛାତ୍ର ବ୍ୟତିରେକ ସମାଜ ମଧ୍ୟ ଅଗ୍ରସର ହୋଇ ନ ପାରେ । ଏ ଦୃଷ୍ଟିକୋଣରୁ ବିଚାରକଲେ ଛାତ୍ର ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ।

ସମାଜରେ ଆଜି ଦୁର୍ନୀତି ଚତୁର୍ଦ୍ଦିଗରେ ପରିବ୍ୟାପ୍ତ । ଏ ଦୁର୍ନୀତିର ନାଗଫାଶ ଆମର ସାମାଜିକ, ଅର୍ଥନୈତିକ, ଶିକ୍ଷା ପ୍ରତ୍ୟେକ ବିଭାଗରେ ପରିବ୍ୟାପ୍ତ । ତେଣୁ ଏ ଦୁର୍ନୀତିକୁ ସମାଜରୁ ଉଚ୍ଛେଦ କରିବାକୁ ହେବ । ଦୁର୍ନୀତି ନିବାରଣରେ ଛାତ୍ରର ଭୂମିକା କ'ଣ ହେବା ଉଚିତ ସେ ବିଷୟରେ ବିଚାର କରାଯାଉ । ସମାଜ ଯେତେବେଳେ ଦୁର୍ନୀତିଗ୍ରସ୍ତ ହୁଏ ସେତେବେଳେ ତାର ପ୍ରତ୍ୟେକ ସ୍ତରରେ ଦୁର୍ନୀତି ପରିବ୍ୟାପ୍ତ ହୁଏ । ସେ ଦୁର୍ନୀତି କୁ ଦୂର କରିବାକୁ ଯାଇ ଯଦି ଛାତ୍ରମାନେ ନିଜେ ଦୁର୍ନୀତି କରି ବସିବେ ତେବେ ସମାଜର ର ସୁ ସଂଗଠନ ହେବ କିପରି ? ଏଠାରେ କେତୋଟି ଉଦାହରଣ ଦେଇ କଥାଟିର ସ୍ପଷ୍ଟୀକରଣ

Download Magazine from www.aahwaan.com

କରାଯାଉ । ଆଜି ଛାତ୍ର ମାନଙ୍କ ମଧ୍ୟରେ ଆନ୍ଦୋଳନ, ଧର୍ମଘଟ, ସମ୍ପତ୍ତି ନଷ୍ଟ ଏକ ସାଧାରଣ କଥାରେ ପରିଣତ ହୋଇଛି । ଯଦିଓ ସମାଜରେ ଘଟୁଥିବା କେତେକ ଦୁର୍ନୀତିର ପ୍ରତିବାଦରେ ସେମାନେ ତାହା କରିଥାନ୍ତି, କିନ୍ତୁ ଏହାଦ୍ୱାରା ଛାତ୍ର ମାନେ ବୁଝନ୍ତି ନାହିଁ ଯେ ଗୋଟିଏ ଦୁର୍ନୀତି କୁ ହଟାଇବାକୁ ଯାଇ ସେମାନେ ଆଉ ଏକ ଦୁର୍ନୀତି କରି ବସିଲେ । ବିଷ ବିଷ କୁ ହରଣ କରେ ଏ କଥା ସବୁ ସମୟରେ ଲାଗୁ ହୁଏ ନାହିଁ । ସରକାରୀ କଳ ଦୁର୍ନୀତିଗ୍ରସ୍ତ ଏ କଥା ଠିକ । କିନ୍ତୁ ସରକାର କାହାକୁ ନେଇ ଗଠିତ ? ଆମ୍ଭମାନଙ୍କୁତ ନେଇ ସରକାର ଗଠିତ । ଆମ୍ଭମାନଙ୍କଠାରୁ ଟ୍ୟାକ୍ସ ଅସୁଲ କରି ସରକାର ନିଜର ସମ୍ପତ୍ତି କରିଛନ୍ତି ଆମ୍ଭମାନଙ୍କର ସୁବିଧା ପାଇଁ । ତେଣୁ ସରକାରୀ ଦୁର୍ନୀତି କୁ ହଟାଇବାକୁ ଯାଇ, ସରକାରଙ୍କର ସମ୍ପତ୍ତି ଜଳାଇବା ନାମରେ ନିଜ ସମ୍ପତ୍ତି ଜଳାଇଲେ ସମାଜର ସୁଧାର ହୋଇ ପାରିବ ନାହିଁ କିମ୍ବା ହୋଇ ପାରିବ ନାହିଁ ସରକାରଙ୍କ ସୁଧାର । ଏ କଥାକୁ ଯେତେଦିନ ପର୍ଯ୍ୟନ୍ତ ଛାତ୍ର ସମାଜ ନ ବୁଝନ୍ତି ସେତେ ଦିନ ପର୍ଯ୍ୟନ୍ତ ସମାଜ ଗଠନରେ ଛାତ୍ରର ଭୂମିକା ଅତୀବ ମାରାତ୍ମକ ହେବ ।

ଦୁର୍ନୀତି ପ୍ରତ୍ୟେକ ସ୍ଥାନରେ ଅଛି । ଦୁର୍ନୀତି ହୁଏ ଏବଂ ତାହା ହେବା ସ୍ୱାଭାବିକ କିନ୍ତୁ ଦୁର୍ନୀତି କାହିଁକି ହେଉଛି, ତାର ମୂଳ କାରଣ କ'ଣ ? ସେ କଥାକୁ ଖୋଜି ବାହାର କରିବା ଆମ ଛାତ୍ର ସମାଜର କର୍ତ୍ତବ୍ୟ । ସେଥିପାଇଁ ଧର୍ମଘଟ ଏକ ମାତ୍ର ପନ୍ଥା ନୁହେଁ । ଏଠାରେ ଗୋଟିଏ ଉଦାହରଣ ଦେଵି - ଦେଖାଯାଉ ଦୁର୍ନୀତି ନିବାରଣରେ ସାହିତ୍ୟର ସ୍ଥାନ କଣ ? ସାହିତ୍ୟ ହିଁ ଦୁର୍ନୀତି ନିବାରଣର ଏକ ପରମ ସାଧନ । ସାହିତ୍ୟ ମାଧ୍ୟମରେ ଯୁଗେ ଯୁଗେ ସମାଜରେ ଦୁର୍ନୀତି ନିବାରଣ ହୋଇ ଆସିଛି । ସମାଜର ଦୁର୍ନୀଟି ନିବାରଣ କଳ୍ପେ ହିଁ ରାମାୟଣ, ମହାଭାରତ ଓ ଭାଗବତର ରଚନା । ଫରାସୀ ବିପ୍ଳବ ପରି ମହାନ ବିପ୍ଳବ ମଧ୍ୟ

 Download Magazine from www.aahwaan.com

ସାହିତ୍ୟ ଜରିଆରେ ସମ୍ଭବପର ହୋଇପାରିଛି । ଆମେରିକାର  ନିଗରୋ ବିବାଦ ମଧ୍ୟ ଗୋଟିଏ ସାଧାରଣ ଉପନ୍ୟାସ "ଟମ କାକାଙ୍କ କୁଟୀର" ଦ୍ୱାରା ଦୂରୀଭୂତ ହୋଇପାରିଛି । ତେବେ ଏ ସବୁ କହିବାର ଉଦ୍ଦେଶ୍ୟ ଏ ଛାତ୍ର ସମାଜ ମଧ୍ୟ ଦୁର୍ନୀତି ନିବାରଣ ମୂଳକ ଲେଖା ଲେଖୁ । ସମାଜରେ ତାର ବିବରଣୀ ହିଁ ଅନ୍ୟ ଆନ୍ଦୋଳନ ଠାରୁ ଯଥେଷ୍ଟ ଅଧିକ ଫଳ ପ୍ରଦାନ କରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ସର୍ବଦା କେବଳ ଗର୍ଜନ ତର୍ଜନ କଲେ ବା ପ୍ରୋସେସନ କଲେ ସମାଜ ସଂଗଠନ ହୋଇ ନ ଥାଏ । କଲମ ମାଧ୍ୟମରେ ଯେପରି ସମାଜ ସଂଗଠନ ସମ୍ଭବପର  ଅନ୍ୟ କୌଣସି ଉପାୟରେ ସେପରି ସମାଜ ସଂଗଠନ ସମ୍ଭବପର ନୁହେଁ । ଅଶୀ ମସୀ ଠାରୁ ବଳବାନ ଏ କଥା ବହୁ ପୂର୍ବରୁ ପ୍ରମାଣିତ ହୋଇ ସାରିଛି । ତେଣୁ ଛାତ୍ର ସମାଜ ନିଜର ମୂଲ୍ୟବାନ ଶକ୍ତିକୁ ଧ୍ୱଂସାତ୍ମକ କାର୍ଯ୍ୟରେ ବିନିଯୋଗ ନ କରି ଗଠନାତ୍ମକ କାର୍ଯ୍ୟରେ ବିନିଯୋଗ କରୁ ।

ଦାୟିତ୍ୱହୀନ ଯୁବକର ସମାଜରେ କୌଣସି ସ୍ଥାନ ନାହିଁ । ଯେ ସମ୍ମାନ ଦିଏ ସେ କେବଳ ସମ୍ମାନ ପାଇବାର ଅଧିକାରୀ । ଯେ ସମ୍ମାନ ଦେଇ ଜାଣେ ନାହିଁ ସେ କେବେ ସମ୍ମାନର ଅଧିକାରୀ  ହୋଇ ନ ପାରେ । ତେଣୁ ଛାତ୍ରମାନେ ଛାତ୍ରାବସ୍ଥାରୁ ଯଦି ନିଜର ଗୁରୁଜନ ମାନଙ୍କୁ ସମ୍ମାନ ନ ଦେବେ ତେବେ ସେମାନେ ମଧ୍ୟ ନିଜ ଭାବି ପୁରୁଷ ଠାରୁ ସେହିପରି ସମ୍ମାନ ପାଇଁ ପାରିବେ ନାହିଁ । ସମାଜ ଗଠନ କରିବାକୁ ହେଲେ ଆଗ ନିଜକୁ ଗଠନ କରିବାକୁ ହେବ . ଆଗେ ନିଜକୁ ଚିହ୍ନ ତା ପରେ ଅନ୍ୟକୁ ଚିନ୍ହିବ  । ଯଦି କେହି ନିଜେ ଆଦର୍ଶ ପଥରେ ନ ଯାଇ ଅନ୍ୟକୁ ଆଦର୍ଶ ପଥରେ ଯିବାକୁ ପ୍ରବର୍ତ୍ତାଏ  ତେବେ ତାର କଥା ଅରଣ୍ୟରୋଦନ ପରି ହୋଇ ଥାଏ । ତେଣୁ ସମାଜ ଗଠନ କରିବାକୁ ହେଲେ ଛାତ୍ର ମାନଙ୍କୁ ପ୍ରଥମେ ନିଜକୁ ଆଦର୍ଶବାଦୀ କରିବାକୁ ହେବ । ଗାନ୍ଧିଜୀ ମହାତ୍ମା ହୋଇ ପାରିଲେ

 Download Magazine from www.aahwaan.com

କେବଳ ଏହି ଗୋଟିଏ ଗୁଣ ଯୋଗୁ । ସେ ନିଜେ ଯାହା କରୁ ନ ଥିଲେ ଅନ୍ୟକୁ ତାହା କରିବା ପାଇଁ କହୁ ନ ଥିଲେ । ତେବେ ଏ ଧରଣର ଶକ୍ତି ଛାତ୍ର ମାନଙ୍କ ମଧ୍ୟରେ ଆଣିବାକୁ ହେଲେ ମହାପୁରୁଷ ମାନଙ୍କ ପଦାଙ୍କ ଅନୁସରଣ କରିବାକୁ ହେବ ।

"ସାଧୁର ଜୀବନ ଦରପଣ ଧରି
ଗଢ଼ିବୁ ଆମ ଜୀବନ
ସେହି ଆଦରସ ମଧୁର ପରଶ
ହେବ ମହତ କାରଣ
ସାଧୁର ପଦାଙ୍କ କାଳମରୁ ବକ୍ଷେ
ଅଟେ ଧ୍ରୁବତାରା ସରି
ଲକ୍ଷ୍ୟ ରଖି ତାରେ ପ୍ରଫୁଲ୍ଲ ଅନ୍ତରେ
ବାହିବୁ ଜୀବନ ତରୀ "

ଛାତ୍ରମାନଙ୍କୁ ଉଦାର ମନୋବୃତ୍ତି ଗ୍ରହଣ କରିବା ଏକାନ୍ତ ଆବଶ୍ୟକ ତା ନ ହେଲେ ସମାଜର ଅସଂଖ୍ୟ କଳଙ୍କ ଦୂର କରିବାକୁ ସେମାନେ ସକ୍ଷମ ହୋଇ ପାରିବେ ନାହିଁ । ଆମର ଆଜିର ସମାଜ ଜାତୀୟତା ବାଦ, ପ୍ରାନ୍ତୀୟତା ବାଦ, ସମ୍ପ୍ରଦାୟିକତାବାଦ ଇତ୍ୟାଦି ସଂକୀର୍ଣ୍ଣ ମନୋବୃତ୍ତିରେ ପୂର୍ଣ୍ଣ ହୋଇ ଯାଇଛି । ଏ ସବୁକୁ ସମାଜରୁ ଅତିଶୀଘ୍ର ଦୂର କରିବା ଆମର ଛାତ୍ରମାନଙ୍କର ପରମ କର୍ତବ୍ୟ ହେବ ଉଚିତ ।

ଭାରତ ଗୋଟିଏ ଏପରି ଦେଶ ଯେଉଁଠାରେ ବିଭିନ୍ନ ଭାଷା, ବିଭିନ୍ନ ଧର୍ମ, ଏବଂ ବିଭିନ୍ନ

 Download Magazine from www.aahwaan.com

ମନୋବୃତ୍ତିର ଲୋକ ବାସ କରନ୍ତି । ସେମାନଙ୍କ ମଧ୍ୟରେ ଏକତା ରକ୍ଷା କରିବା ଏକାନ୍ତ କଷ୍ଟକର ବ୍ୟାପାର । ଆମ ଭାରତର ବିଶେଷତ୍ୱ ଆମେ ବିବିଧତା ମଧ୍ୟରେ ଏକତା ପ୍ରତିଷ୍ଠା କରିଅଛୁ । କିନ୍ତୁ ଏହା ସତ୍ତ୍ୱେ  ମଧ୍ୟ ସମୟେ ସମୟେ କେତେକ ଅସାମାଜିକ ଲୋକଙ୍କ ଦ୍ୱାରା ଆମ ସମାଜରେ ଏପରି କାର୍ଯ୍ୟ ସଂଘଟିତ ହୋଇଥାଏ ଯାହାଦ୍ୱାରା ଆମ ଐକ୍ୟ ଉପରେ ଆଞ୍ଚ ଆସିବା ସଂଗେ ସଂଗେ ଅଶେଷ ଅମଙ୍ଗଳ ସାଧିତ ହୋଇଥାଏ, ଏ ପରିସ୍ଥିତିରେ ଛାତ୍ର ମାନଙ୍କର ପ୍ରଧାନ କର୍ତ୍ତବ୍ୟ ହେଉଛି, ସମାଜର ସେହି ଅସାମାଜିକ ଲୋକଙ୍କୁ ଖୋଜି ବାହାର କରିବା । ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ସମସ୍ତଙ୍କର କର୍ତବ୍ୟ । ସମାଜ ସଂଗଠନ କରିବାକୁ ହେଲେ ଛାତ୍ର ମାନଙ୍କୁ ଏ କାର୍ଯ୍ୟ କରିବାକୁ ହେବ । ବହୁଧା ଦେଖାଯାଏ ଛାତ୍ର ମାନେ ଏପରି ପରିସ୍ଥିତିରେ କାଣ୍ଡ ଜ୍ଞାନ ବିସ୍ମୃତ ହୋଇ ସମାଜର ଆହୁରି ଅମଙ୍ଗଳ କରିଥାନ୍ତି । କିନ୍ତୁ ମନେ ରଖିବାକୁ ହେବ, ଉତ୍ତମ ବ୍ୟବହାର, ଶାନ୍ତି ଶୃଙ୍ଖଳା ପୂର୍ଣ୍ଣ ଜୀବନ ହାସଲ କରିବା ହିଁ ଛାତ୍ରର କର୍ତ୍ତବ୍ୟ । ଗୁଣ୍ଡାମି କରିବା, ଶସ୍ତା ନେତା ହେବାର ସ୍ୱପ୍ନ ଦେଖିବା ଛାତ୍ରର କାମ ନୁହେଁ ବରଂ ସେପରି କର୍ମକର୍ତ୍ତାଙ୍କୁ ଛତରା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏପରି ଛାତ୍ର ମାନେ ସମାଜର ମଙ୍ଗଳ ପରିବର୍ତ୍ତେ ଅମଙ୍ଗଳ କରିଥାନ୍ତି । ତେଣୁ ଏ ସମସ୍ତ କାର୍ଯ୍ୟ ବର୍ଜନ କରି ସମାଜରେ ଶାନ୍ତି ପ୍ରତିଷ୍ଠା କରିବାରେ ଛାତ୍ରର ଭୂମିକା ଅବିସ୍ମରଣୀୟ।

ନିଜର ଚରିତ୍ରର ବିକାଶ ଛାତ୍ରମାନଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । କୌଣସି ସମାଜରେ ସମସ୍ତେ କେବେହେଲେ ଚରିତ୍ରବାନ ହୋଇ ପାରିବେ ନାହିଁ । ତେଣୁ ଚରିତ୍ର ଶିକ୍ଷା ସମସ୍ତଙ୍କୁ ଦେବା ବିଧେୟ । ଏହା ବିନା ସମାଜ ନର୍କରେ ପରିଣତ ହେବ । ଉତ୍ତମ ଚରିତ୍ର ଛାତ୍ର ମାନଙ୍କର ସର୍ବ ପ୍ରଧାନ ଗୁଣ । କବି ମଧୁସୂଦନ କହିଯାଇଛନ୍ତି - "ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର "। ଉତ୍ତମ ଚରିତ୍ର ବ୍ୟତିରେକେ

 Download Magazine from www.aahwaan.com

ସମାଜର ଦୁର୍ଗୁଣ ଦୂର କରିବା ନିମନ୍ତେ ଛାତ୍ର ମାନେ ସକ୍ଷମ ହୋଇ ପାରିବେ ନାହିଁ । ଉତ୍ତମ ଚରିତ୍ର ନିର୍ମାଣ ହିଁ ସମସ୍ତ ଶିକ୍ଷା ର ଶେଷ ପର୍ଯ୍ୟାୟ । ଯଦି ଜଣେ ସାରା ଜୀବନ ଅଧ୍ୟୟନରତ ରହି ମଧ୍ୟ ନିଜର ଚରିତ୍ର ଗଠନ କରି ପାରିଲା ନାହିଁ ତେବେ ସେ ପାଠ ପଢ଼ାର ମୂଲ୍ୟ କଣ ? ଓ ସେ ବା ସମାଜର କି ମଙ୍ଗଳ କରି ପାରିବ ?

ଯୁବଶକ୍ତି ଦେଶ ର ଭବିଷ୍ୟତ । ଯେଉଁ ଯୁବଶକ୍ତି ଧ୍ୱଂସାତ୍ମକ କାର୍ଯ୍ୟରେ ବ୍ୟୟିତ ହେଉଛି ତାହା ଗଠନ ମୂଳକ କାର୍ଯ୍ୟରେ ବ୍ୟୟିତ ହେବ ଉଚିତ । ଆଜିର ଛାତ୍ର ସ୍କୁଲ କଲେଜ ରୁ ବାହାରିବା ମାତ୍ରେ ଅର୍ଥ ଉପାର୍ଜନରେ ମନୋନିବେଶ କରୁଛି । ଏଥିପାଇଁ ଦରକାର ଚାକିରୀ । ଡାକ୍ତରୀ ପାସ କରିଥିଲେ ସେ ଖୋଜୁଛି ସହରର କୌଣସି ଡାକ୍ତରଖାନା । ଇଞ୍ଜିନିଅରିଂ ପାସ କରିଥିଲେ କମ୍ପାନୀ ବ୍ୟତୀତ ଯେପରି ତାଙ୍କର ଶିକ୍ଷାର ଉପଯୁକ୍ତ ବ୍ୟବହାର ହୋଇ ପାରିବ ନାହିଁ ଏପରି ଭାବୁଛନ୍ତି । ସମସ୍ତଙ୍କ ଦୃଷ୍ଟି ସହର ଆଡକୁ । ଏଥିପାଇଁ ଗାନ୍ଧିଜୀ କହିଥିଲେ - " ଯଦି ତମେ ଡାକ୍ତର ହୋଇଥାଅ ତେବେ ତୁମ ର ଦକ୍ଷତାର ପୂର୍ଣ୍ଣ ବିନିଯୋଗ ପାଇଁ ଦେଶରେ ଯଥେଷ୍ଟ ବ୍ୟାଧି ରହିଛି । ଓକିଲଙ୍କ ପାଇଁ ମଧ୍ୟ ଯଥେଷ୍ଟ ମକଦ୍ଦମା ରହିଛି । ଏହି ମନୋମାଳିନ୍ୟ ଓ ତିକ୍ତତାକୁ ନ ବଢ଼ାଇ ମୀମାଂସା କରିଦିଅ । ଇଞ୍ଜିନିଅର ହୋଇଥିଲେ ଲୋକଙ୍କ ଚାହିଦା ଅନୁସାରେ ମଡେଲ ଘର ତିଆରି କର । ତୁମେ ଯାହା ସବୁ ଶିଖିଛ ତଦ୍ୱାରା ଏସବୁ କରିହେବ ।" ସମାଜ ଗଠନରେ ଛାତ୍ରର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପରୋକ୍ତ ଏହି କଥାରୁ ସ୍ପଷ୍ଟ ହୋଇ ଯାଉଛି ।

ଅଧୁନା ଦେଖାଯାଉଛି ଆମ ସମାଜର କେତେକ ବେକାର ଯୁବକ ନିଜର ଶିକ୍ଷାର ସଦୁପଯୋଗ କରିବା ପରିବର୍ତ୍ତେ ଦୁରୁପଯୋଗ କରୁଛନ୍ତି । ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର କର୍ମ ସଂସ୍ଥାନ କରି ନ ପାରି ଶିଳ୍ପପତି ଗୋଷ୍ଠୀ ଉପରେ ଏବଂ ସମାଜର କର୍ଣ୍ଣଧାରଙ୍କ ଉପରେ

Download Magazine from www.aahwaan.com

ବୀତସ୍ପୃହ ହୋଇ ଅନେକ ହିଂସାତ୍ମକ କାର୍ଯ୍ୟ କରୁଛନ୍ତି . ଏଠାରେ ଉଦାହରଣ ସ୍ୱରୂପ ରବି ସିଂଙ୍କ ଗୋଟିଏ କବିତା ଦେବି -

"ଦୁଃସାହସିକ ପଦକ୍ଷେପ ମୁଁ , ନେଇଛିରେ ଆଜି ନେଇଛି ,

ମନ ତଳେ ମୋର ଅତୀତ ଦିନର ବିଦ୍ରୋହ ଖାଲି, ବିପ୍ଳବ ଖାଲି ଚେଇଁଚି,

ମୁଁତ ମରିନାହିଁ, ମରି ପାରେ ନାହିଁ, ମୋର ଜୀବନ ନାଟିକା ସରି ନାହିଁ ସରି ପାରେ ନାହିଁ,

ମୁଁତ ଉଦ୍ଧତ ଖାଲି କ୍ରୁଦ୍ଧ , ମୁଁତ ବୁଦ୍ଧ ନୁହଁରେ ଯୁଦ୍ଧ,

ମୁଁତ ଶାନ୍ତି ନୁହଁରେ କ୍ରାନ୍ତି, ମୋର ମନେ ନାହିଁ ତିଳେ ଭ୍ରାନ୍ତି "

ଏ ଧରଣର ନକ୍ସଲ ବାଦୀୟ କବିତାଦି ରଚନା କରିବା, ଧ୍ୱଂସାତ୍ମକ କାର୍ଯ୍ୟ କରି ଯେଉଁ ଯୁବକ ମାନେ ନିଜର ଶିକ୍ଷା ର ଅବମାନନା କରୁଛନ୍ତି ସେମାନେ ବୁଝିବା ଉଚିତ ଯେ ଧ୍ୱଂସ ଇତ୍ୟାଦି କରିବା ଦ୍ୱାରା ସମାଜ ଗଠିତ ହୋଇ ପାରେ ନାହିଁ । ସମାଜରେ କେବେହେଲେ ସମସ୍ତେ ସମାନ ହୋଇ ପାରିବେ ନାହିଁ । ଭଗବାନ ଯେତେବେଳେ ଜଣଙ୍କ ଠାରୁ ଅନ୍ୟ ଜଣଙ୍କୁ ପୃଥକ କରି ଗଢିଛନ୍ତି  ସେତେବେଳେ ମନୁଷ୍ୟ ପ୍ରକୃତି ବିରୁଦ୍ଧରେ  କାର୍ଯ୍ୟ କରିବାକୁ ସକ୍ଷମ ହୋଇ ପାରିବ ନାହିଁ । ଯେଉଁ ମାନେ କମ୍ୟୁନିଜ୍ମର 'କ' ଅକ୍ଷର ବୁଝି ନ ପାରିଛନ୍ତି ଓ ପାଟି କରୁଛନ୍ତି ସେମାନେ ନିଜେ ଟିକିଏ ଶାନ୍ତ ଚିତ୍ତରେ ବୁଝନ୍ତୁ ସେମାନେ କ'ଣ ? ସମସ୍ତେ ଚାହାନ୍ତି ନିଜେ ସୁଖ ସ୍ୱଚ୍ଛନ୍ଦ୍ୟ  ରେ ରହିବ ପାଇଁ । ଯେତେବେଳେ ମନୁଷ୍ୟ ନିଜେ ନିଜ ଭିତରେ ପୁଞ୍ଜିବାଦ ଧରିଛି ସେତେବେଳେ ତାରି ମୁହଁରେ କମ୍ୟୁନିଷ୍ଟ ହେବା ଏତେ ସହଜ ନୁହେଁ । ଏ କଥା କେବଳ ଏଥିପାଇଁ କୁହାଗଲା ଯେ ଆଜିର ଶିକ୍ଷିତ ବେକାର ଛାତ୍ର ମାନେ ଆତଙ୍କବାଦୀରେ ପରିଣତ ହୋଇ ନିଜ ଶିକ୍ଷା ର ଅବମାନନା କରୁଛନ୍ତି । ସମାଜ ଗଠନରେ

 Download Magazine from www.aahwaan.com

ସେମାନଙ୍କର ଯେଉଁ ମହାନ ଭୂମିକା ଅଛି ତାକୁ ଭୁଲି ଯାଉଛନ୍ତି ।

ଆମ ଭାଷାରେ ନୂତନ ଟେକ୍ନୋଲୋଜି ଉପରେ ଯଥେଷ୍ଟ ପୁସ୍ତକ ଏ ପର୍ଯ୍ୟନ୍ତ ଲେଖା ଯାଇ ପାରି ନାହିଁ । ଶିକ୍ଷିତ ବେକାର ଯୁବଛାତ୍ର ମାନେ ଉପଯୁକ୍ତ ପୁସ୍ତକ ଅନୁବାଦ କରି ପାରନ୍ତେ । ଆମ ସମାଜରୁ ବିଭିନ୍ନ ସଂକୀର୍ଣ୍ଣତା ଦୂର କରି ପାରନ୍ତେ ।

ଏହି ରୂପେ ସମାଜ ଗଠନରେ ଛାତ୍ରର ଭୂମିକ ଅନେକ । ପ୍ରତ୍ୟେକ ଛାତ୍ର ଇଚ୍ଛାକାଲେ ସମାଜର ଗତି ବଦଳାଇଦେଇ ପାରିବେ । ସମାଜକୁ ଉନ୍ନତ ରୁ ଉନ୍ନତ ତର କରି ପାରିବେ ଏବଂ ଏହା କରିବା ପ୍ରତ୍ୟେକ ଛାତ୍ରର ପୁଣ୍ୟ କର୍ତ୍ତବ୍ୟ ହେଉ ଏହାହିଁ ଆଜିର ଦିବସରେ କାମନା ।

ଭି.ଆଇ.ଏମ. – ୨୬୮,

ଶୈଳଶ୍ରୀ ବିହାର, ଭୁବନେଶ୍ୱର – ୭୫୧୦୨୧,

ଭ୍ରାମ୍ୟଭାଷ : ୯୯୩୭୨୬୮୦୧୨

Download Magazine from www.aahwaan.com

# କବି ଦୀପକ ମିଶ୍ର



ଅଧ୍ୟାପିକା ରଞ୍ଜିତା ପାତ୍ର

ଦୀପକ ମିଶ୍ରଙ୍କ କବିତା: ଏକ ଅନ୍ତରଙ୍ଗ ଅନୁଭବର ନକ୍ସା

କେନ୍ଦ୍ରାପଡା ମାଟିର ବରପୁତ୍ର କବି ଦୀପକ ମିଶ୍ର । କବିଙ୍କ କୁଶଳ କର୍ମ, କବିତାର ପୃଷ୍ଠଭୂମିରେ ହୋଇଛି ତରଙ୍ଗାୟିତ । ଦୀର୍ଘ ତିରିଶ ବର୍ଷ (୧୯୭୦-୨000) କବିତା ରଚନା କରିବାରେ ଅତିବାହିତ କରିଛନ୍ତି । ଉତ୍ତର ଷାଠିଏର ପ୍ରୟୋଗବାଦୀ କବିତା ରଚନାରେ ସେ ସିଦ୍ଧିହସ୍ତ । ବିନ୍ଦୁରେ ସିନ୍ଧୁ ଦର୍ଶନର, ପ୍ରେମରେ ମୃତ୍ୟୁ ଦର୍ଶନର, ଭୋଗ-ବିଳାସରେ ମୁକ୍ତି ଦର୍ଶନର ମାର୍ମିକ ଅଭିବ୍ୟକ୍ତି ରହିଛି ତାଙ୍କ କବିତାରେ ।

ସାହିତ୍ୟ ସୃଷ୍ଟି ପାଇଁ ତାଙ୍କୁ ମିଳିଛି ବହୁ ପୁରସ୍କାର ଓ ସମ୍ମାନ । ପ୍ରେମ ଓ ମୃତ୍ୟୁର ପରିଧିରେ ଅଙ୍କିତ କବିତା ସଂକଳନ 'ବୃତ୍ତ' ପାଇଁ ପାଇଛନ୍ତି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । ତାଙ୍କ କବିତାରେ ମିଥ୍, ପ୍ରତୀକ, ଚିତ୍ରକଳ୍ପ, ପ୍ରେମକଳ୍ପ ସହିତ ରହିଛି ଆଧ୍ୟାତ୍ମିକତାର ସ୍ପର୍ଶ । ସେସବୁ କବିତା ସଂକଳନ ହେଲା- 'ଅସମାପିକା', 'ଦୀପକ ମିଶ୍ରଙ୍କ କେତୋଟି କବିତା', 'ଅନୁଷ୍ଟୁପ', 'ନିଷିଦ୍ଧ ହ୍ରଦ', 'ନିର୍ଜନ ନକ୍ଷତ୍ର', 'ସପ୍ତମ ପୃଥିବୀ', 'ଅରଣା ମଇଁଷି', 'ଶୂନ୍ୟତାର ଶୋଷ', 'ବୃତ୍ତ', 'କେମିତି ହୁଅନ୍ତା', 'ମଧ୍ୟାହ୍ନର ଛାଇ', 'କପଟ ସୂର୍ଯ୍ୟାସ୍ତ', 'ରକ୍', 'ନିଦାଘ ଯାତ୍ରା', 'ଧ୍ୱନିର ସିଂହାସନ', 'ନିରବଧି ନାଭିଶ୍ୱାସ', 'ଅନଘା' ଇତ୍ୟାଦି ।

ଆଧୁନିକ କବିତା ସ୍ୱଳ୍ପଭାଷିର ଲୋକପ୍ରିୟତାକୁ ଗ୍ରହଣ କରିଛି । ବୃହତ ମନୋଭାବ, ଚରିତ୍ର, ଅବସ୍ଥା, ବ୍ୟବସ୍ଥା, ପରିସ୍ଥିତି, ପରିବେଶ, ହୃଦୟାବେଗକୁ ସଂକ୍ଷିପ୍ତରେ ଉପସ୍ଥାପନା କରିବାର କୌଶଳକୁ ଆପଣେଇଛି । ତେଣୁ କବିତାରେ ପ୍ରତୀକ, ମିଥ୍, ଚିତ୍ରକଳ୍ପ,

 Download Magazine from www.aahwaan.com

ପ୍ରେମକଳ୍ପର ପ୍ରୟୋଗ ପ୍ରତି ଆଗ୍ରହ ବଢ଼ିଛି । ଶ୍ରୀ ମିଶ୍ରଙ୍କ କବିତାରେ ଏସବୁର ପ୍ରୟୋଗ ଲୋକପ୍ରିୟତାର ଶିର୍ଷରେ ପହଞ୍ଚିଛି । ମିଥ୍, ପ୍ରତୀକ ଓ ଚିତ୍ରକଳ୍ପର ତ୍ରିବେଣୀ ସଂଗମ ଘଟିଛି ତାଙ୍କ କବିତାରେ ।

ଅନ୍ତର୍ନିହିତ ଭାବ, ଅନ୍ତରଙ୍ଗ ଅନୁଭୂତିର ମାର୍ମିକ ଅନୁଭବ ତାଙ୍କ କବିତାରେ ପ୍ରତୀକ ମାଧ୍ୟମରେ ପ୍ରତିଫଳିତ । ପ୍ରତୀକ, ଭାବ ସଂକ୍ଷେପକାରୀ ଏକ ସାହିତ୍ୟ ରସ । କବିର ବକ୍ତବ୍ୟକୁ ପ୍ରତୀକ ମାଧ୍ୟମରେ ଅଧିକ ମାର୍ମିକ ଓ ଶାଣିତ କରିବା ସମ୍ଭବ ହୁଏ ।

"ମୋର ଚୁମ୍ବନର ପଳାତକ ତୀକ୍ଷ୍ଣ ଆଘାତର ଚିହ୍ନ
ଯଥେଷ୍ଟ ଭ୍ରମଣ କଲା ନିଜ ଗ୍ରାମର ଲୋକପରି
ଯେମିତି ପୂର୍ବରୁ ଚିହ୍ନିଥିବା ତୁମ ଦେହର ପ୍ରତେକ ଗଳିରେ"(ପ୍ରବାଦ)

ଏଠାରେ ଯୌନ କାମନାକୁ ପ୍ରତୀକ ଭାବରେ ଗ୍ରହଣ କରାଯାଇଛି । ଶ୍ରୀ ମିଶ୍ରଙ୍କ କବିତାରେ ପ୍ରତୀକର ଘନ ଘନ ପ୍ରୟୋଗ ରହିଛି । ପୁନଶ୍ଚ କେତେବେଳେ ପକ୍ଷୀକୁ ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ମାନବର ସ୍ୱାଧୀନ ଆତ୍ମାର ଅମୃତ ସ୍ପର୍ଶକୁ ପକ୍ଷୀର ପ୍ରତୀକରେ ପ୍ରତୀକାୟିତ କରିଛନ୍ତି ।

ମିଥ୍ ପ୍ରୟୋଗରେ ମଧ୍ୟ ସିଦ୍ଧିହସ୍ତର ପରିଚୟ ଦେଇଛନ୍ତି ଶ୍ରୀ ମିଶ୍ର । 'କାୟା ପ୍ରବେଶ', 'ବନବାସ', 'ଅତିକ୍ରମଣ', 'ସେ ଗଲା ପରେ' ଆଦି କବିତାରେ ମିଥ୍ ପ୍ରୟୋଗ ରହିଛି । 'କାୟା ପ୍ରବେଶ' କବିତାରେ ପିତା ବାସୁଦେବ, 'ବନବାସ' କବିତାରେ ରାମସୀତା ମିଥ୍ର ପ୍ରତୀକ । 'ଅତିକ୍ରମଣ' କବିତାରେ ଶ୍ରୀକୃଷ୍ଣଙ୍କୁ ମିଥ୍ର ପ୍ରତୀକ ଭାବରେ ପ୍ରତିକାୟିତ କରାଯାଇଛି । 'ସେ ଗଲା ପରେ' କବିତାରୁ କାଳିଜାଇ ମିଥ୍‌ଟିକୁ ଗ୍ରହଣ କରାଯାଇ ଲେଖାଯାଇଛି-

"ଘର ବୋଲି ଯାହା ଜନନେତ୍ରେ ଦିଶେ ତାହା

Download Magazine from www.aahwaan.com

ଏକ ନିଷିଦ୍ଧ ନଉକା, ଯାହାର ଅନୁଜ ମଂଗରେ

ମ୍ରିୟମାଣ ମୃତ୍ୟୁ ବସି ଅଛି ତୋ ଶେଷ ବେଳର

ଅକୁଣ୍ଠିତ ଆଶାର ଚେହେରା ନେଇ ଓ ମୋତେ

ଡାକୁଅଛି ଅଭୟ ମୁଦ୍ରାରେ ସ୍ନେହାଧୀନ ବୃଦ୍ଧ"

(ସେ ଗଲା ପରେ)

ଦୀପକ ମିଶ୍ରଙ୍କ କବିତା ଚିତ୍ରକଳ୍ପ ମନସ୍କ । ତାଙ୍କ କବିତାରେ ଚିତ୍ରକଳ୍ପର ସୁନ୍ଦର ପ୍ରୟୋଗ ରହିଛି । ଭାବ ଜଗତକୁ ଆୟତ କରିବାରେ ଚିତ୍ରକଳ୍ପ ସକ୍ଷମ । ନିମ୍ନରେ ସେ ସବୁ କବିତା ପଂକ୍ତି ନିଆଗଲା-

"ଅସମୟ ନିଜେ ଅବୟହୀନ ପଙ୍ଗପାଳ

ଯିଏ ଛଡେଇନିଏ ଶିଶୁ ପକ୍ଷୀର ନିଷ୍ପାପ ଥଣ୍ଟରୁ

ବୀଜର ବିବିକ୍ତ ଯୌବନର ମାୟା

ଓ ତା ପଲକରୁ ନିଗାଡି ନିଏ

କାକର ପରି କିଛି ଲୁହ ଯାହାର ସ୍ପର୍ଶରେ

ଜଳିଯାଏ, ଘାସର ଆଜନ୍ମ ସବୁଜ ମାତୃତ୍ୱ ।"

କବି ଶ୍ରୀ ମିଶ୍ର, ପ୍ରତୀକ-ମିଥ୍-ଚିତ୍ରକଳ୍ପର ପ୍ରୟୋଗରେ ଯେପରି ସଫଳ ହୋଇଛନ୍ତି ସେମିତି ବାସ୍ତବବାଦୀ, ଦେହଧର୍ମୀ, ପ୍ରୟୋଗବାଦୀ ଓ ମୃତ୍ୟୁଧର୍ମୀ କବିତା ରଚନାରେ ପାରଦର୍ଶୀତା ପ୍ରଦର୍ଶନ କରିଛନ୍ତି । ଭାବ, ଭାଷା ଓ ଶବ୍ଦ ସଂଯୋଜନାରେ ମଧ୍ୟ ସେ ସିଦ୍ଧିହସ୍ତ ।

"ରାସ୍ତାରେ ରାସ୍ତାରେ ଖାଲି ଅନ୍ଧାରର ଛାଇ
ସତେକି କୋମଳ ମୃତ୍ୟୁ
ଅସହାୟ ଅବସ୍ଥାରେ ଚାରିଦିଗ ପଡିଛି ବିଛାଇ"

(ନୀଳ ବରଫର ଝଡ)

"ଯେତେବେଳେ ତୁମେ ଏକ ମଧ୍ୟରାତ୍ରିର
ନିଃସଙ୍ଗ ଆବେଗ ହୋଇ ଝୁଲୁଥିଲ ମୋ ଆଖି ଡୋଳାରେ
ଓ ତୁମ ଜଂଘର ଶୁଭ୍ର ନିମନ୍ତ୍ରଣ ବେଳେ
ସେ ମୁହୂର୍ତ୍ତରେ ମୃତ୍ୟୁ କଥା ଉଠାଇବା ଠିକ ନୁହେଁ ।"

(ଜମାନବନ୍ଦୀ)

ଅଳଙ୍କାର ଭୂଷିତ ସୁନ୍ଦର ରମଣୀ ପରି, ପ୍ରତୀକ, ଚିତ୍ରକଳ୍ପ ଓ ମିଥ୍ ପ୍ରୟୋଗ କବିତାକୁ ମୁଗ୍ଧ ଓ ସୁନ୍ଦର କରି ତୋଳିଥାଏ । କବି ଦୀପକ ମିଶ୍ରଙ୍କ କବିତାରେ ସେସବୁର ସଫଳ ପ୍ରୟୋଗ ଘଟିଛି ।

ଅଧ୍ୟାପିକା, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ,
ବାରିପଦା, ମୟୂରଭଞ୍ଜ, ଓଡ଼ିଶା

 Download Magazine from www.aahwaan.com

# ଲଙ୍ଗଳ



ଶ୍ରୀ ବୈକୁଣ୍ଠନାଥ ଖଟୁଆ

ଲଙ୍ଗଳକୁ ନଙ୍ଗଳ ଲୋକେ ଫାଳ ମଧ୍ୟ କହନ୍ତି । କାରଣ ଏହା ମାଟିକୁ ଦୁଇ ଫାଳ କରୁଥିବାରୁ ଏହାକୁ ଫାଳ କହନ୍ତି । ଲଙ୍ଗଳ ଏକ ଦେଶଜ ଶବ୍ଦ । କର୍ଷଣ ଏକ ସଂସ୍କୃତ ଶବ୍ଦ । ତେଣୁ ଆର୍ଯ୍ୟମାନେ ଆସିବା ପୂର୍ବରୁ ଲଙ୍ଗଳର ବ୍ୟବହାର ଏଠାରେ ଥିଲା ବୋଲି କୁହାଯିବ । ଲଙ୍ଗଳର ବ୍ୟବହାର ଅତି ପ୍ରାଚୀନ ଓ ଏହା ପାରମ୍ପରିକ ଭାବରେ ବ୍ୟବହାର ହୋଇ ଆସିଛି । ଲଙ୍ଗଳକୁ ଆମେ ଆଜି ଯେମିତି ଦେଖୁଛେ ବହୁତ ଦିନ ପୂର୍ବେ ତାହା ସେପରି ନଥିଲା । ତାହାର ରୂପ ଭିନ୍ନ ପ୍ରକାରର ଥିଲା । ପରିମାର୍ଜିତ ହୋଇ ଆଜି ବିଭିନ୍ନ ରୂପ ନେଇଛି । ନିଆଁର ବ୍ୟବହାର ଜାଣିବା ପରେ ଖାଦ୍ୟକୁ ରୋଷେଇ କରି ଖାଇବା ଜାଣିବା ପରେ ଜମି ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲା । ପ୍ରଥମେ ବଣ ଜଙ୍ଗଲର ବଣୁଆ ଫଳ ଆଣି ଖାଇଲା ପରେ ସେହି ମଞ୍ଜି ବା ଗଛକୁ ଆଣି ଲଗାଇ ଚାଷକରି ଭଲ ଫଳ ଉତ୍ପନ୍ନ କଲା ।

ମଣିଷ ଜୀବନର ଅନେକ ସମୟ (ମୋଟା ଅଂଶ), ମଣିଷ ଯାଯାବର ଭାବରେ କଟାଇଛି । ସେତେବେଳେ ସେ ଖାଲି ଯେ ମାଂସ ଖଇଛି ତା ନୁହେଁ; ବଡ଼ଜନ୍ତୁ - ମାମଥ, ବାଇସନ ଓ ହରିଣ ଶିକାର କରିଛି । ଏହା ବ୍ୟତୀତ କୋଳି, ଫଳମୂଳ ସଂଗ୍ରହ କରି ଖାଇଛି । ପ୍ରାଗୈତିହାସିକ ମଣିଷ ଖାଦ୍ୟର ଏକ ତୃତୀୟାଂଶ ଥିଲା ସାଂସ, ବାକି ଫଳ ଓ ଚେରମୂଳ । ସେମାନଙ୍କ ଦଳରେ କୋଡ଼ିଏ ପାଖାପାଖି ମଣିଷ ଏକାଠି ଥିଲେ । ଦଶ ହଜାର ବର୍ଷ ପୂର୍ବରୁ କୃଷି ଆବିଷ୍କୃତ ହେଲା । ଏକା ଦିନେ ମଣିଷ ଚାଷ ପଦ୍ଧତି ଶିଖିଗଲା

Download Magazine from www.aahwaan.com

ନାହିଁ । ଲଙ୍ଗଳ ଛଅ ହଜାର ବର୍ଷ ପୂର୍ବେ ଆବିଷ୍କୃତ ହୋଉଛି । ତା'ପୂର୍ବରୁ ମୃଗ ଶିଙ୍ଗରେ ମାଟି ତାଡ଼ି ମଣିଷ ଚାଷ କରୁଥିଲା । ମଣିଷ ଯେଉଁ ପଶୁ ପାଳିଲା ତାହା ଯେପରି ଗୃହପାଳିତ ପଶୁ ନାମରେ ପରିଚିତ, ସେହିପରି ଯେଉଁ ଗଛ ଚଷିଲା, ଲଗାଇଲା ଓ ପୋଷିଲା ତାକୁ ଗୃହପାଳିତ ଗଛ କହିବା ଯୁକ୍ତିଯୁକ୍ତ । ଗୃହପାଳିତ ପଶୁ ଆମେ କହିବା, ଲେଖିବା ବ୍ୟବହାର କରୁ; ଗୃହପାଳିତ ଗଛ ନୁହେଁ । ନିକଟ ପ୍ରାଚ୍ୟ ଅଂଚଳରେ ହଜାର ହଜାର ବର୍ଷ ଧରିକି ବଣୁଆ ଗହମ ଓ ଯବ (ବାର୍ଲି) ଗଛ ଉଠୁଥିଲା, ଏହାର ମଞ୍ଜିକୁ ବିହନ କରି ମଣିଷ ଚାଷ ଆରମ୍ଭ କରିଛି । ବିଭିନ୍ନ ଦେଶରୁ ଫଳମୂଳ ସ୍ଥାନାନ୍ତର ଘଟିଛି । ଯଥା ଆରବିଆନ ଦେଶରୁ ଝୁଡ଼ଙ୍ଗ ଭାରତକୁ ଆସିଛି । ଅମୃତଭଣ୍ଡା ବ୍ରାଜିଲରୁ ଆସିଛି । ଟମାଟୋ ବିଲାତରୁ ଆସିଛି । ବିଲାତି ଆଳୁ ବିଲାତରୁ ଆସିଛି । ଲଙ୍କା ଶ୍ରୀଲଙ୍କାରୁ ଆସିଛି ।

ଚାଷୀମାନେ କେତେକ ପଶୁଙ୍କୁ ପୋଷା ମନେଇଛନ୍ତି । ମଣିଷର ପ୍ରଥମ ପୋଷା ଜୀବ ଅବଶ୍ୟ କୁକୁର । ଶିକାରୀ ମଣିଷ ତାକୁ ପୋଷା ମନେଇଲା; ଚାଷୀ ନୁହେଁ । ଶିକାର କଟା ହେଉଥିବା, ପୋଡ଼ା ହେଉଥିବା ବା ଖିଆ ହେଉଥିବା ସ୍ଥାନରେ କୁକୁର ଯାଇ ଲାଞ୍ଜ ହଲାଏ, ଖଣ୍ଡେ ଖଣ୍ଡେ ପାଏ । ମଣିଷ ଦେଖିଲା, ଜୀବଟା ବେଶ୍ ଦରକାରୀ । ସମସ୍ତେ ଶିକାରକୁ ବାହାରିଗଲେ, ଗୁମ୍ଫା ଜଗୁଛି, ବୋଲ ମାନୁଛି ; ବୋଲ ମାନି କୁକୁର ଶିକାରରେ ସାହାଯ୍ୟ କରୁଛି । ସେହିଦିନୁ ସେ ମଣିଷର ବନ୍ଧୁ ପୋଷା ଜୀବ ।

କୁକୁର ବ୍ୟତୀତ ମଣିଷ ଗାଇ, ଛେଳି,ମେଣ୍ଢା, ଘୁଷୁରି ଓ ବତକ, ହଂସ ପାଳିଲା । ସେମାନଙ୍କ କ୍ଷୀର ପିଇଲା , ମାଂସ ଖାଇଲା, ଚମଡ଼ା ବି ପିନ୍ଧିଲା । ଆଜିଯାଏ ମଣିଷ ଏତିକି ଜୀବ ପୋଷୁଛି । ଚମଡ଼ାକୁ ଯଦିଚ ଲୁଗାପରି ପିନ୍ଧୁନାହିଁ, ଜୋତା କରି ପିନ୍ଧୁଛି । ଚାଷକରି ଓ ପଶୁ ରଖି ମଣିଷ ଗୋଟିଏ ସ୍ଥାନରେ ବାନ୍ଧି ହୋଇ ରହିଲା । ଫସଲ ବୁଣିଲା ଅମଳ କଲା;

 Download Magazine from www.aahwaan.com

ଆଉ ଯିବ କୁଆଡ଼େ ? ସମସ୍ତେ ଏକାଦିନେ ଚାଷୀ ହୋଇଗଲେ, ଏପରି ନୁହେଁ । ଯାଯାବର ମଧ୍ୟ କେତେକ ରହିଲେ । ଚାଷକରି ଗୋଟିଏ ସ୍ଥାନରେ ରହିବାରୁ ଜନସଂଖ୍ୟା ଦ୍ରୁତ ଭାବେ ବଢ଼ିଲା କେତେକେତେ ଗାଁ ବଡ଼-ଗାଁ ହେଲା । ସେଥିରୁ ବାଛି ହୋଇ କେତେକ ବଡ଼-ଗାଁ ନଗର ହେଲା । ରାସ୍ତାଘାଟ ହେଲା, ଜଳନିଷ୍କାସନ ପାଇଁ ନାଳ ହେଲା । କିଣାବିକା ମଧ୍ୟ ଚାଲିଲା । ।

ମୃଗ ଶିଙ୍ଗରୁ ତେଂଟାରେ ମାଟି ଖୋଳିବାକୁ ଆରମ୍ଭ କଲା । ପରେ ବଙ୍କୁଆ କାଠ ଖଣ୍ଡକୁ ଜଣେ ଧରିଲା ଆଉ ଜଣେ ଟାଣିବାକୁ ଆରମ୍ଭ କଲା । ଏଇହେଲା ଲଙ୍ଗଳର ଆଦ୍ୟ ଅବସ୍ଥା । ଚଷା ଜାତି ଏହି ଦିନଠାରୁ ଆରମ୍ଭ ହୋଇଛି । ପୃଥିବୀର ପ୍ରଥମ କୃଷିକର୍ମ ଖ୍ରୀ.ପୂ. ୮୦୦୦ ରେ ମେସୋପଟମିଆରେ ଆରମ୍ଭ ହୋଇଥିଲା । ଏଇ ତେଂଟା ଦ୍ୱାରା ମାଟି ତାଡ଼ିବା କାମ ଆରମ୍ଭ ହୋଇଥିଲା । ରାଜବଂଶ ଆରମ୍ଭ ପୂର୍ବରୁ ମିଶରରେ ହଳ ଥିଲା । କାଠ ମୂନରେ ହଳକାମ ହେଉଥିଲା । ହଳରେ ଗାଈ ବା ବଳଦ ଯୋଚା ହେଉଥିଲେ । ଖ୍ରୀ.ପୂ.୨୭୦୦ରେ ମିଶରର ଗୋଟିଏ କାନ୍ଥରେ ଲଙ୍ଗଳରେ ଜଣେ ହଳକରୁଥିବା ଦୃଶ୍ୟ ଓ ପଛରେ ଜଣେ କାନ୍ଧରେ ଝୁଲାଇ ଥିବା ଥଳିରୁ ବିହନ କାଢ଼ି ବୁଣୁଥିବା ଦୃଶ୍ୟ ଅଙ୍କନ କରାଯାଇଛି । ଆଉ ପଛରେ ଜଣେ ପୋଷା ମେଣ୍ଢାପଲକୁ କ୍ଷେତରେ ଅଡ଼େଇବାର ଦୃଶ୍ୟ ଅଛି । କ୍ଷେତରେ ମେଣ୍ଢା ବୁଲାଇବାର ଅର୍ଥ ମେଣ୍ଢା ଚାଲିଲେ ଭଲ ଫସଲ ଉତ୍ପନ୍ନ ହେବ ଓ ମଞ୍ଜି ସବୁ ମାଟି ଭିତରେ ପଶିଯିବ ଓ ମାଟି ସମାନ ହେବ । ଏଥିରୁ ଅନୁମାନ ହେଉଛି ଖ୍ରୀ.ପୂ. ୨୭୦୦ ବେଳକୁ ଲଙ୍ଗଳ ବାହାରିଲାଣି । ପରେ ଲୁହାର ବ୍ୟବହାର ଜାଣିବା ଦ୍ୱାରା ଲଙ୍ଗଳରେ ଲୁହା ଲଗାଗଲା । ଲୁହାର ବ୍ୟବହାର ଆଜକୁ ୩୮୦୦ ବର୍ଷ ପୁର୍ବେ ବା ଖ୍ରୀ.ପୂ. ୧୮୦୦ରେ ହିଟ୍ଟିମାନଙ୍କଦ୍ୱାରା ହୋଇଥିଲା । ଘୋଡ଼ା ବିଲେଇ କୁକୁର ଛେଳି ମେଣ୍ଢାକୁ

 Download Magazine from www.aahwaan.com

ପୋଷା ମନାଇବା ବିଭିନ୍ନ ସମୟରେ ହୋଉଥିଲା । କୁକୁର ଖ୍ରୀ.ପୂ ୧୧,୦୦୦, ଛେଳି-୮,୫୦୦, ମେଣ୍ଢ-୮,୦୦୦ ଘୁଷୁରୀ-୭,୫୦୦ ଗାଈ/ମଇଁଷି/ ବିରାଡ଼ି-୭,୦୦୦ କୁକୁଡ଼ା-୬,୦୦୦ ଗଧ/ଘୋଡ଼ା-୪,୦୦୦ ଖ୍ରୀ.ପୂରେ ପୋଷା ମନେଇଥିଲେ । କିନ୍ତୁ ଲଙ୍ଗଳ ବାହାରିବା ଦ୍ୱାରା ବଳଦକୁ ଲଙ୍ଗଳରେ ଯୋଚା ଗଲା । ଚକ ବାହାରିବା ଦ୍ୱାରା ଶଗଡ଼ ତିଆରି ହେଲା ଶଗଡ଼ରେ ବଳଦ ଯୋଚା ହେଲା । ଲଙ୍ଗଳରେ ବଳଦ ଯୋଚା ହେଲେ । ସମୟକ୍ରମେ ଏ ସବୁ ଯୋଡ଼ା ହେଲା । ଲଙ୍ଗଳରେ ଲୁହା ପଡ଼ିବା ଏଥିରେ ଈଶ କଂଟି ଲଗା ଯିବା ପରେ ଆରମ୍ଭ ହେଲା । ପ୍ରଥମେ ଖଣ୍ଡିଏ କାଠ ବ୍ୟବହାର ହେଉଥିଲା । ଲୁହା ଲଙ୍ଗଳ ଏବେ ଆରମ୍ଭ ହୋଇଛି । ଆଜି ମଧ୍ୟ କଳ ଲଙ୍ଗଳ ବ୍ୟବହାର ହେଲାଣି । ଥରେ ଗୋଟିଏ ନୂଆ ଜିନିଷ ବାହାରିଲେ ତାହା ସାର ପୃଥିବୀରେ ପହଂଚି ଯାଉଥିଲା । ସେତେବେଳେ ଦେଶଦେଶ ସହିତ ବେପାର ବଣିଜ ଚାଲିଥିଲା । ଏହି ବେପାର ବଣିଜ ଆଦାନପ୍ରଦାନର ମାଧ୍ୟମ ଥିଲା । ଖ୍ରୀ.ପୂ. ୨୭୦୦ରେ ମିଶରରେ ଲଙ୍ଗଳ ବାହାରିବା ଦ୍ୱାରା ଏହା ଚାରିଆଡ଼କୁ ପ୍ରସାରଲାଭ କରିଥିଲା । ମିଶରମାନେ ଭାରତୀୟମାନଙ୍କ ସହିତ ବେପାର ବଣିଜ କରୁଥିଲେ । ସେମାନେ ଭୂମଧ୍ୟସାଗର-ଲୋହିତ ସାଗର ସଂଯୋଗ ସ୍ଥଳ ଦେଇ ଭାରତରେ ପହଂଚୁଥିଲେ । ଏହି ସୂତ୍ରରେ ଲଙ୍ଗଳ ଭାରତରେ ପହଂଚିଲା । ଆର୍ଯ୍ୟମାନେ ଭାରତକୁ ଆସିଲାବେଳକୁ ଲଙ୍ଗଳ ଭାରତକୁ ଆସିସାରିଥିଲା ।

ସୈନ୍ଧବ ସଭ୍ୟତାର ମାଟି ଖନନରୁ ବାହାରିଥିବା ମୃଣ୍ମୟ ମୋହରମାନଙ୍କରେ ଛୋଟ ବିଦା (Toothed Harrow) ଚିତ୍ର ଅଙ୍କା ଯାଇଥିବାରୁ ଜଣା ପଡୁଛି ସିନ୍ଧୁ ସଭ୍ୟତାର ଲୋକେ ଲଙ୍ଗଳର ବ୍ୟବହାର ଜାଣି ଥିଲେ । ଚାଷବାସ କରୁଥିଲେ । ଏହି ଛୋଟ ବିଦା ହେଉଛି ତେଂଟା ଲଙ୍ଗଳର ଆଦ୍ୟାବସ୍ଥା । ଯଜୁର୍ବେଦ ତୈତିରୀୟ ସଂହିତାରେ ଲଙ୍ଗଳଦ୍ୱାରା

 Download Magazine from www.aahwaan.com

ଗଭୀର ଚାଷ ହେଉଥିବାର ଜଣାଯାଏ ।

ଅଥର୍ବ ବେଦର ଭୂମିସୂକ୍ତରେ ପୃଥିବୀକୁ ମାତା ହିସାବରେ ପରିକଳ୍ପନା କରାଯାଇଛି । ମାଆର ସ୍ତନରେ ଯେପରି ସନ୍ତାନ ପାଇଁ ଖାଦ୍ୟ ସଂଚୟ ହୋଇରହିଛି । ସେହିପରି ପୃଥିବୀମାଆର ଛାତିରେ ଆର୍ଯ୍ୟମାନଙ୍କପାଇଁ ପ୍ରଚୁର ଖାଦ୍ୟପଦାର୍ଥ ଭରି ରହିଛି । ମାତା ଭୂମିଃ ପୁତ୍ରୋଽହଂ ପୃଥିବ୍ୟାଃ । ଅଥର୍ବ ବେଦର (୩/୧୭/୩)ରେ ଆମେ ଚାଷ ସମ୍ପର୍କରେ ବର୍ଣ୍ଣନା ଦେଖୁ । ଲଙ୍ଗଳର ରୂପରେଖ ବିଷୟରେ ବର୍ଣ୍ଣନା ଅଛି । ଲଙ୍ଗଳକୁ ସୀର କହୁଥିଲେ । ଏହାର ଆଗରେ ଲୁହା ଲାଗୁଥିଲା ଯାହାର ନାମ ଫାଳ । ହଳରେ ଗୋଟିଏ ଲମ୍ବା ବାଉଁଶ ବନ୍ଧାଯାଉଥିଲା, ଯାହାର ନାମ ଥିଲା ଈଷା ବା ଈଷ । ଏହି ଈଷ ଉପରେ ଯୁଗ ବର ଯୁଆଳି ରହୁଥିଲା । ଯୁଆଳିରେ ବରତ୍ରା ବା ଯୋତ ଲଗାଯାଇ ବଳଦଙ୍କୁ ବନ୍ଧାଯାଉଥିଲା । ହଳିଆ ଲଙ୍ଗଳ ମୁଠିକୁ ଧରି ବଳଦଙ୍କୁ ଅଡ଼ାଉଥିଲା ଏବଂ ଲଙ୍ଗଳ କଂଟିକୁ ଭୂମିକୁ ମାଡ଼ି ଧରି ରଖାଯାଉଥିଲା ଫଳରେ ଚାଷ ହେଉଥିଲା । ।

ବେଦ ଉପନିଷଦ ରାମାୟଣ ମହାଭାରତରେ ଲଙ୍ଗଳର ବ୍ୟବହାର ବିଷୟରେ ଲେଖା ହେଇଥିବା ଜଣାଯାଏ । ଉପନିଷଦ ଯୁଗରେ ଋଷି ଧୌମ୍ୟ ଉପମନ୍ୟୁଙ୍କୁ ଜମିରେ ପାଣି ଦେଖିବାକୁ ପଠାଇଥିଲେ । ଏହି ଉପମନ୍ୟୁ ପରେ ଋଷି ଉଦ୍ଦାଳକ ଭାବରେ ପରିଚିତ ହେଲେ । ତେଣୁ ଉପନିଷଦ ଯୁଗରେ ଲଙ୍ଗଳର ବ୍ୟବହାର ଥିଲା । ରାଜା ଜନକ ଚାଷ କରୁ କରୁ ସୀତାଙ୍କୁ ଲଙ୍ଗଳ ସିଆରରୁ ପାଇଲେ । ତେଣୁ ରାମାୟଣ ଯୁଗରେ ଲଙ୍ଗଳର ବ୍ୟବହାର ଥିଲା । ପରେ ମହାଭାରତ ଯୁଗରେ ବଳରାମ ଲଙ୍ଗଳ ଧାରଣ କରିଥିଲେ । ପାଣ୍ଡବମାନେ ଅଜ୍ଞାତ ବନବାସରୁ ଫେରିବା ପରେ ସେମାନଙ୍କୁ ଅଧେ ଦେବା ପାଇଁ ଅନୁରୋଧ କଲେ । କିନ୍ତୁ ଦେଲେ ନାହିଁ । ସେମାନେ ଇନ୍ଦ୍ରପ୍ରସ୍ଥରେ ରାଜ୍ୟସ୍ଥାପନ କରି ହଳରେ କର୍ଷଣ କରି ରାଜ୍ୟର

 Download Magazine from www.aahwaan.com

ଉନ୍ନତି କଲେ । ତେଣୁ ବୈଦିକ ଯୁଗ ପୂର୍ବରୁ ଲଙ୍ଗଳର ବ୍ୟବହାର ହେଉଥିବାର ଜଣାଯାଏ । ଶ୍ରୀକୃଷ୍ଣଙ୍କ ଭାଇ ବଳରାମ ଲଙ୍ଗଳ ଧାରଣ କରିଥିବାର ମହାଭାରତରୁ ଜଣାଯାଏ । "ନୁହେଁ ବଳରାମ ହାତେ ଲଙ୍ଗଳ, ପୂଜାପାଏ ନିତି ସଂଜସକାଳ ।" ଯିଏ ଯେତେ ଜ୍ଞାନ ଅର୍ଜ୍ଜନ କରିଥାଉ ପଛେ ଯେତେ ପଣ୍ଡିତ ହେଉଥାଉ ପଛେ ଚାଷି ଭାଇଟିଏ ସବୁଠାରୁ ବଡ଼ । କଥାରେ ଅଛି –

"ଦଣ୍ଡି ତରାଜୁ କି କଲମ ପେଷା, ସବୁ କାମଠାରୁ ଚାଷ ସରସା" ।

ବୁଦ୍ଧଦେବଙ୍କ ଜୀବନୀରୁ ଜଣାଯାଏ କପିଳବାସ୍ତୁ ନଗରୀରେ ହଳ ପ୍ରତିଯୋଗିତା ହେଉଥିଲା ।ଏହାକୁ ବପ୍ର ମଙ୍ଗଳ କହୁଥିଲେ ।ଏହି ପ୍ରତିଯୋଗିତାରେ ଅନେକ କ୍ଷତ୍ରିୟ ରାଜା ମହାରାଜାମାନେ ଭାଗ ନେଉଥିଲେ । ଯିଏ ଭଲ ଚାଷ କରିପାରୁଥିଲା ତାକୁ ପୁରସ୍କାର ଦିଆଯାଉଥିଲା । ଏବକାର ଯେମିତି ମାଘସପ୍ତମୀ ମେଳା ହେଉଛି, ମେଳାରେ ବିଭିନ୍ନ କାରିଗରମାନେ ସେମାନଙ୍କର କୃତି ପ୍ରଦର୍ଶନ କରୁଛନ୍ତି, ସେତେବେଳେ ସେମିତି କ୍ଷତ୍ରିୟମାନେ ସେମାନଙ୍କର କୃତି ପ୍ରଦର୍ଶନ କରୁଥିଲେ ।ବୁଦ୍ଧଦେବ ସେହି ହଳ ପ୍ରତିଯୋଗିତା ଦେଖିବାପାଇଁ ଗୋଟିଏ ବଗିଚାରେ ଯାଇ ବସିଥିଲେ । ଦେବଦତ ଏହି ହଳ ପ୍ରତିଯୋଗିତାରେ ଭାଗ ନେଇଥିଲେ ।ଚାଷୀମାନେ ହଳ ପ୍ରତିଯୋଗୀତାରେ ଭାଗ ନେଇଥାନ୍ତି ।ଏହି ଚାଷ କାର୍ଯ୍ୟରେ ରାଜା ସୁଦ୍ଧୋଧନ ଭାଗ ନେଇଥିଲେ । ୬ଷ୍ଠରୁ ୯ମ ଶତାବ୍ଦୀରେ ଶୌଳୋଦ୍ଭବି, ଭୌମ, ନନ୍ଦ ତୁଙ୍ଗ, ଭଞ୍ଜମାନେ ବ୍ରାହ୍ମଣମାନଙ୍କୁ ଆଗ୍ରାହାରା ପାଇଁ ଯେଉଁ ଜମି ପ୍ରଦାନ କରୁଥିଲେ ତାର ମାପ ହଳର ମାଳରେ କରୁଥିଲେ ।ସେତେବେଳେ ଜମି ମାପ ହଳରେ ନିର୍ଦ୍ଧାରଣ କରୁଥିଲେ । ଗୋଟିଏ ହଳ ଯେତିକି ଜମି ଚାଷ କରିପାରିବ ସେତିକି ଜମିକୁ ଗୋଟିଏ ହଳ ଜମି କହନ୍ତି । ତୁଙ୍ଗମାନଙ୍କ ତମ୍ବାପଟାରେ କେତେକ ବ୍ରାହ୍ମଣଙ୍କୁ ହଳ ମାଳ ଆକାରରେ ଜମିପ୍ରଦାନ

 Download Magazine from www.aahwaan.com

କରିଥିବାର ଜଣାଯାଏ । ଅନୁମାନ ହେଉଛି ସେତେବେଳେ ହଳ ଥିଲା ଓ ଲଙ୍ଗଳ ମଧ୍ୟ ଥିଲା । ଗଙ୍ଗମାନଙ୍କ ସମୟରୁ ଜମିର ମାପ ବାଟି ମାଣ ଗୁଣ୍ଠ ବିଶ୍ୱାରେ କରାଗଲା ।

କପିଳେନ୍ଦ୍ର ଦେବଙ୍କ ସମୟରେ ଏହି ପ୍ରାଚୀନ ଭୂଖଣ୍ଡର ନାମ ଓଡ଼ିଶା ହେଲା । ଏହି ସମୟରେ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । କପିଳେନ୍ଦ୍ରଦେବ ଜଣେ ପରାକ୍ରମୀ ରାଜା ଥିଲେ । ତାଙ୍କର ଦେହାନ୍ତ ଏହି ଯୁଦ୍ଧ କ୍ଷେତ୍ରରେ କୃଷ୍ଣା ନଦୀ କୂଳରେ ହିଁ ହୋଇଥିଲା । ଶୂଦ୍ରମୁନି ସାରଳା ଦାସ ଜାତିରେ ଜଣେ ଚାଷି ଥିଲେ । ତାଙ୍କ ନାଁ ଥିଲା ସିଦ୍ଧେଶ୍ୱର ପରିଡ଼ା । ହଳକରୁଥିବା ସମୟରେ ଡାକରା ଆସିଲା ଯୁଦ୍ଧକ୍ଷେତ୍ରକୁ ଯିବାପାଇଁ । ହଳ ବଳଦ ଛାଡ଼ି ଯୁଦ୍ଧ କ୍ଷେତ୍ରକୁ ଗଲେ । ତାମିଲ ଭାଷାର ମହାଭାରତକୁ ଅନୁକରଣ କରି ସାରଳା ଦାସ ଓଡ଼ିଆରେ ମହାଭାରତ ଲେଖିଲେ । କାଶିଆ କପିଳା କଥା ଆମେ ଇତିହାସରେ ପଢ଼ିଛେ । କାଶିଆ ଗାଈ ଚରାଉଥିଲା ଓ କପିଳା ଚାଷ କରୁଥିଲା । ଗଙ୍ଗବଂଶର ଶେଷ ରାଜା ମତଭାନୁ ଅପୁତ୍ରିକ ଥିବାରୁ କପିଳାକୁ କୋଠିଆ ପିଲା ଭାବରେ ରଖାଇଥିଲେ ପରେ ତାକୁ ରାଜା କରାଇଲେ ।

ଓଡ଼ିଶାରେ ଦଣ୍ଡଯାତ୍ରା ଗୋଟିଏ ବଡ଼ ପର୍ବ । ଦଣ୍ଡୁଆମାନେ ଧୂଳି ଦଣ୍ଡ ଖେଳନ୍ତି । ଏଥିରେ ସେମାନେ ହଳ କରନ୍ତି । ଦୁଇଜଣ ଲୋକ ହାତ ଧରନ୍ତି । ଜଣେ ଦୁଇଜଣଙ୍କ ମଝିରେ ହାତ ଉପରେ ଗୋଡ଼ ଭର୍ତି କରି ଦୁଇଜଣଙ୍କ କାନ୍ଧରେ ହାତ ଧରି ବଳଦ ଭଳି ଓଡ଼ାନ୍ତି । ଏହି ହେଉଛି ହଳ କରିବାର ଦୃଶ୍ୟ । ପରେ ଧାନ ବୁଣନ୍ତି । ମଇ ଦିଅନ୍ତି । ଜଣଙ୍କର ହାତ ପଟୁ ଓ ଗୋଡ଼ ପଟୁ ଧରି ମଇ ଦିଅନ୍ତି । ତାପରେ କୂଅ ଖୋଳନ୍ତି । ଦୁଇଜଣ ଲୋକ ସମାନ୍ତରଳ ଭାବ ପୂର୍ବପଶ୍ଚିମରେ ଶୁଅନ୍ତି । ତାଙ୍କରି ଉପରେ ଆଉ ବାଗିଆ ଉତରଦକ୍ଷିଣ ଦୁଇଜଣ ଶୁଅନ୍ତି । ଏହି ପରି ଲୋକଙ୍କ ଉପରେ ଲୋକ ଶୋଇଲେ ମଝିରେ ଗୋଟିଏ ଗାତ ହୁଏ । ଏହାକୁ କୂଅ

 Download Magazine from www.aahwaan.com

କହନ୍ତି । ଏହିପରି ଭାବରେ କୂଅ ଖୋଳନ୍ତି । ସବୁକାମ ସରିଲେ ଗାଧୋଇ ଯାନ୍ତି । ପୁଣି ଆସିଲେ ଠାକୁରଙ୍କର ଭୋଗ ଖିଆ ହୁଏ । ଏହା କେଉଁ କାଳରୁ ଚଳି ଆସୁଛି କହି ହେଉନାହିଁ । ଦଣ୍ଡଯାତ୍ରା ଏକ ଯୁଦ୍ଧଯାତ୍ରାର ଦୃଶ୍ୟ । ଧୂଳିଦଣ୍ଡ ଚାଷର ପ୍ରତୀକ । ରାତିର ନାଚ ମନୋରଞ୍ଜନର ପ୍ରତୀକ । ଏଥିରୁ ଅନୁମାନେ ହେଉଛି ଲଙ୍ଗଳର ବ୍ୟବହାର ନିଶ୍ଚୟ ଥିଲା ।

ଆମ ଓଡ଼ିଶାରେ ଯେତେ ପର୍ବ ସବୁ ସେଇ ଚାଷି ଭିତ୍ତିକ ପର୍ବ । ଚାଷ ଜନଜୀବନରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଥିଲା । ଜଗନ୍ନାଥଙ୍କ ବାରମାସରେ ତେର ଯାତ୍ରା ଯାହା କୁହାଯାଉଛି ସେସବୁ ଚାଷୀ ଭିତ୍ତିକ । ଅକ୍ଷୟ ତୃତୀୟା ହେଲା ବା ଚିତାଲାଗି ବଳଭଦ୍ର ଜନ୍ମ ଚିତାଲାଗି ଅମାବାସ୍ୟା ରଜ ପର୍ବ ଓ ପ୍ରଥମାଷ୍ଟମୀ – ଏ ସବୁ ହେଲା ଚାଷୀ ଭିତ୍ତିକ ପର୍ବ । ଓଡ଼ ଶବ୍ଦର ଅର୍ଥ ହେଉଛି ଚାଷ । ଆମେ କହୁ କେତେ ଓଡ଼ ଚାଷ ହେଲା । ଓଡ଼ ଅର୍ଥ କେତେ ପରସ୍ତ ବା କେତେ ଥର । ଆଉ ଆମ ସାହିତ୍ୟରେ ବ୍ୟବହାର ହେଉଥିଲା ଓଡ଼ାଙ୍କ ଫେଡ଼ାଙ୍କ କଡ଼ା ବୋଡ଼ି କୋଡ଼ି ଯୋଡ଼ା ହଡ଼ା । ଏଇ ଚାଷରୁ ଏଇ ଦେଶର ନାଁ ଓଡ଼ିଶା ହୋଇଛି । କଥାରେ ଅଛି –

ଟାହିଆ ଉପରେ ଟାହିଆ ତିନି ମୁଣ୍ଡ ଦଶଗୋଡ଼
ଦେଖିଲୁ କିରେ ବାୟା

ଏ ହେଉଛି ହଳ କରିବାର ଏକ ଢ଼ଙ୍ଗ । ଏହାକୁ ପିଲାମାନେ ଅତି ମନୋରଞ୍ଜକ ଭାବେ ଗ୍ରହଣ କରି ଗାଇଥାନ୍ତି ।

କଳ ଲଙ୍ଗଳେ କରିଲେ ଚାଷ, ରହିବନାହିଁ ବାଳୁଙ୍ଗା ଘାସ
ଚାଷ ତରତର ବଣିଜ ମଠ

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଲାଲ ବାହାଦୂର ଶାସ୍ତ୍ରୀ ଗୋଟିଏ ନାରା

Download Magazine from www.aahwaan.com

ଦେଇଥିଲେ - ଜୟ ଜବାନ ଜୟ କିଷାନ । ଏ ଦେଶକୁ ଜବାନମାନେ ରକ୍ଷା କରିବେ; ଆଉ କୃଷକମାନେ ଖାଦ୍ୟ ଯୋଗାଇବେ । ଏହି ଦୁଇ କାମ ଚାଷୀମାନେ କରୁଥିଲେ । ମହାଭାରତ କାଳରେ ଶ୍ରୀକୃଷ୍ଣ ବା କୁରୁପାଣ୍ଡବବଂଶୀୟମାନେ କ୍ଷେତ୍ରିୟ ଆଉ ମଧ୍ୟ ଲଙ୍ଗଳରେ ଚାଷ କରୁଥିଲେ । ଏଥିରୁ ଅନୁମାନ ହେଉଛି ଏହି କ୍ଷତ୍ରିୟମାନେ ଚାଷ କରୁଥିଲେ ଓ ଯୁଦ୍ଧ ପରିଚାଳନା କରି ରାଜ୍ୟ ରକ୍ଷାକରୁଥିଲେ ।

ଏସବୁ ଚାଷ ଉପରେ ଢ଼ଗ । ହେଲେ ଆଜି ଲଙ୍ଗଳ ବ୍ୟବହାର ବନ୍ଦ ହେବାକୁ ବସିଲାଣି । ତଥାପି ସେଇ ଲଙ୍ଗଳର ଭିନ୍ନ ରୂପ ଆଜି ହେଉଛି କଳ ଲଙ୍ଗଳ । ଟ୍ରାକ୍ଟର ହେଉଛି ବଳଦର ପ୍ରତୀକ, ଆଉ କଳ ଲଙ୍ଗଳ ହେଲା କାଠ ଲଙ୍ଗଳର ପ୍ରତୀକ । ସେଇ କଥା - କିନ୍ତୁ ଭିନ୍ନ ରୂପ । ଯୁଗ ବଦଳୁଛି କାଠ ଡେଂଟା ବି ଆଜି ବି ନାହିଁ ତା'ର ରୂପ ନେଇଛି କଳ ଲଙ୍ଗଳ । ଯୁଗ ଆସିଲାଣି ଆଉ ବଳଦ ରହିବେନି । ତା'ର ରୂପ ନେବାକୁ ବସିଲାଣି ପାୱାର ଟିଲର ଓ ଟ୍ରାକ୍ଟର ।

ଏଲ୍ - ୨୪୨ / ଫେଜ୍ - ୧, ଡୁମୁଡୁମା ହା.ବୋ.କଲୋନୀ
ଭୁବନେଶ୍ୱର-୭୫୧ ୦୧୯, (ମୋ-୯୭୭୭୧ ୪୩୪୮୫)

Download Magazine from www.aahwaan.com

# ସନ୍ଥ କବୀର ଦୋହା ଗୁଚ୍ଛ - ୨



ଡା ସୁବାସ ଚନ୍ଦ୍ର ରାଉତ

ମାୟା ତ୍ୟାଗରେ କିଛି ହୁଏନାହିଁ, ଗୁମାନ ନ ଗଲା ଯାଏ,

ମାନୀ ମୁନି, ଋଷି କେତେ ଗଲେଣି, ଗୁମାନ ସଭିଙ୍କୁ ଖାଏ ।୧ ।

ସୁଖରେ ସାଙ୍ଗ ହୁଅନ୍ତି ସ୍ୱ ।ର୍ଥୀ, ଦୁଃଖରେ ହୁଅନ୍ତି ଦୂର,

କବୀର କହେ, ପରମାର୍ଥୀ ଯେ, ଦୁଃଖ ସୁଖରେ ହାଜର ।୨ ।

ଲଘୁତା ଅଟେ ସବୁଠୁ ଶ୍ରେଷ୍ଠ, ଲଘୁତାରେ ସିଦ୍ଧି ହୁଏ,

ଆକାଶେ ଯେହ୍ନେ ଦ୍‌ୱିତୀୟା ଜହ୍ନ, ସଭିଙ୍କର ପ୍ରିୟ ହୁଏ ।୩ ।

କ୍ଷମା ବଢ଼ାଏ ବଡ଼ଙ୍କ ଶୋଭା, ଛୋଟ କରନ୍ତି ଉତ୍ପାତ,

ହରିଙ୍କ କିଛି ହେଲାନି କ୍ଷତି, ଖାଇ ଭୃଗୁଙ୍କ ନାତ ।୪ ।

ଯେମିତି ଖାଦ୍ୟ ଖାଇବ ତୁମେ, ସେମିତି ମାନସ ହେବ,

ଯେମିତି ପାନୀୟ ପିଇବ ତୁମେ, କଥା ସେମିତି କହିବ ।୫ ।

କବୀର କହେ ମଣିଷ ଅନ୍ଧ, ଗୁରୁଙ୍କୁ ବୁଝନ୍ତି ନାହିଁ,

ହରି ରାଗରୁ ବଞ୍ଚାନ୍ତି ଗୁରୁ, ଗୁରୁ ରାଗେ ମୁକ୍ତି ନାହିଁ ।୬ ।

ପାଦ ତଳେ ଘାସ ଥିଲେବି କେବେ ନିନ୍ଦା କରନି ତାହାର,

ଆଖିରେ ଯଦି ପଡିଯାଏ ପତ୍ର ଯନ୍ତ୍ରଣା ହୁଏ ଅପାର ।୭।

ଶ୍ରମ ବଳରେ ହୁଏ ସବୁକଥା, ଚେଷ୍ଟା ବିନା କିଛି ନାହିଁ,

ଆଙ୍ଗୁଠି ବଙ୍କା ନକଲେ ବସା ଘିଅ ବାହାରିଛି କାହିଁ ।୮ ।

Download Magazine from www.aahwaan.com

କବୀର, ହାତୀ ଧୈର୍ଯ୍ୟ ସହିତ ସନ୍ତୋଷ ମନରେ ଖାଏ,

ଶ୍ୱାନର ଧୈର୍ଯ୍ୟ ସେ ଭଳି ନାହିଁ, ଘର ଘର ବୁଲୁଥାଏ ।୯ ।

ଘିଅ ଦର୍ଶନ କେବଳ ଭଲ, ତୈଳ ଖିଆ ନୁହେଁ ଭଲ,

ମୂର୍ଖ ସଙ୍ଗତ ନୁହଁଇ ଭଲ, ଗୁଣବାନ ଶତ୍ରୁ ଭଲ ।୧୦ ।

ସାଧୁ ଅଟନ୍ତି ଚନ୍ଦନ ସମ, ସର୍ପ ସମୁହ ସଂସାର,

ଦେହେ ଯେତେ ବି ଗୁଡ଼େଇ ହେଲେ, ହୁଏନି ମନ ବିକାର ।୧୧ ।

ତର୍ଜମା

ମାୟା ତ୍ୟାଗରେ କିଛି ହୁଏନି, ଗୁମାନ ନ ଗଲା ଯାଏ,

ମାନୀ, ମୁନି, ଋଷି କେତେ ଗଲେଣି, ଗୁମାନ ସଭିଙ୍କୁ ଖାଏ ।୧ ।

ମାୟା ମୋହ ତ୍ୟାଗ କଲେ ଭଗବାନଙ୍କ କୃପା ମିଳେ; ସାଧାରଣତଃ ଏହି ଶିକ୍ଷା ସମସ୍ତଙ୍କୁ ଦିଆଯାଏ । ଏହି ମାୟା ମୋହ ଆଦି ତ୍ୟାଗ କଲାପରେ ବି ଆଉ ଗୋଟିଏ ବିକାର ମଣିଷ ମନ ଭିତରେ ଲୁଚି ରହିଥାଏ ଯାହାକୁ ଗୁମାନ ବା ଅହଂକାର ବା ଅତିଶୟ ଆତ୍ମଗର୍ବ କୁହାଯାଏ । ଗୁମାନ ଯୋଗୁ ଅନେକ ମୁନି ଋଷି ଶାପଗ୍ରସ୍ତ ହୋଇଛନ୍ତି ଓ ତାଙ୍କର ତପସ୍ୟା ଫଳ ନଷ୍ଟ ହୋଇଯାଇଛି । ଧନ ଗର୍ବ, ଶିକ୍ଷା ଗର୍ବ, ପଦପଦବୀ ଗର୍ବ ଆଦି ମଣିଷ ମନରେ ଏକ ଲୁକ୍କାୟିତ ଗୁମାନ ସୃଷ୍ଟି କରିଦିଏ ଯାହା ଅନୀତିକୁ ଜନ୍ମ ଦିଏ । ସୁତରାଂ ମଣିଷ ଏହି ଗୁମାନକୁ ତ୍ୟାଗ କରିବା ଆବଶ୍ୟକ ।

ସୁଖରେ ସାଙ୍ଗ ହୁଅନ୍ତି ସ୍ୱ ।ର୍ଥୀ, ଦୁଃଖରେ ହୁଅନ୍ତି ଦୂର,

କବୀର କହେ, ପରମାର୍ଥୀ ଯେ, ଦୁଃଖ ସୁଖରେ ହାଜର ।୨ ।

ସ୍ୱାର୍ଥ ହାସଲ କରିବା ପାଇଁ ସାଙ୍ଗ ହେବା ସାଧାରଣତଃ ସଂସାରରେ ଦେଖାଯାଏ ।

Download Magazine from www.aahwaan.com

ଦୁଃଖ ସମୟ ଆସିଲେ ତଥାକଥିତ ସାଙ୍ଗ ମୁହଁ ମୋଡ଼ି ଚାଲିଯାଆନ୍ତି । ପରମ ତତ୍ତ୍ୱର ଜିଜ୍ଞାସୁ ବା ପରମାର୍ଥୀ ଲୋକ ଉଭୟ ଦୁଃଖ ଓ ସୁଖରେ ସମଭାବାପନ୍ନ ହୋଇ ସାଙ୍ଗ ହୁଏ । ସୁଖ ଓ ଦୁଃଖ କେବେହେଲେ ସ୍ଥାୟୀ ନୁହେଁ । ଦିନ ରାତି ପରି ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ଆସିଥାଏ । ଏହି ଜ୍ଞାନ ଯାହାର ଥାଏ ସେ ସୁଖ, ଦୁଃଖର ସମଭାବାପନ୍ନ ବା ସ୍ଥିତପ୍ରଜ୍ଞ ହୁଏ ।

ଲଘୁତା ଅଟେ ସବୁଠୁ ଶ୍ରେଷ୍ଠ, ଲଘୁତାରେ ସିଦ୍ଧି ହୁଏ,
ଆକାଶେ ଯେହ୍ନେ ଦ୍ୱିତୀୟା ଜହ୍ନ, ସଭିଙ୍କର ପ୍ରିୟ ହୁଏ ।୩ ।

କବୀରଙ୍କ ମତରେ ଲଘୁ ରହିବା ଶ୍ରେଷ୍ଠ । ଛୋଟ ଥିଲେ ବଡ଼ ହେବାର ସୁଯୋଗ ଥାଏ, ବଡ଼ ହେଲେ ନିମ୍ନଗାମୀ ହେବା ସମ୍ଭାବନା ଥାଏ, କାରଣ ବଡ଼ର ବି ଗୋଟିଏ ସୀମା ଥାଏ । ଛୋଟ ପିଲା ସଭିଙ୍କ ପ୍ରିୟ, ଛୋଟ ଦ୍ୱିତୀୟା ଜହ୍ନ ବି ସଭିଙ୍କ ପ୍ରିୟ । ତେଣୁ ଛୋଟକୁ ହେୟ ଜ୍ଞାନ କରିବା ଉଚିତ ନୁହେଁ ।

କ୍ଷମା ବଢ଼ାଏ ବଡ଼ଙ୍କ ଶୋଭା, ଛୋଟ କରନ୍ତି ଉତ୍ପାତ,
ହରିଙ୍କ କିଛି ହେଲାନି କ୍ଷତି, ଖାଇ ଭୃଗୁଙ୍କ ନାତ ।୪ ।

ଏ ସଂସାରରେ ଛୋଟମାନେ ସବୁବେଳେ ଉତ୍ପାତ କରନ୍ତି । ବୟସ, ମାନସମ୍ମାନ, ଧନ, ଜାତି ବା ଅନ୍ୟ ଯେକୌଣସିଥିରେ ବା ଅନ୍ୟ ଯେ କୌଣସି ଅବସ୍ଥାରେ ହେଉ, ଛୋଟମାନେ ଅଧିକାଂଶ ସମୟରେ ଗଣ୍ଡଗୋଳ କରନ୍ତି । ବଡ଼ମାନେ ସର୍ବଦା ସେମାନଙ୍କୁ କ୍ଷମା କରିଦେବା ଉଚିତ । ଏହାଦ୍ୱାରା ବଡ଼ମାନଙ୍କ ମାନ ସମ୍ମାନ ବଢ଼େ । ପୁରାଣରେ ଅଛି, ଭୃଗୁ ମୁନି ଥରେ ଭଗବାନ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କର ସହନ ଶକ୍ତି ପରୀକ୍ଷା କରିବାକୁ ଗଲେ । ବିଷ୍ଣୁ ଶୋଇଥିବା ଅବସ୍ଥାରେ ଥିବା ବେଳେ ତାଙ୍କ ଛାତିକୁ ଲକ୍ଷ କରି ଏକ ନାତ ମାରିଲେ ।

ବିଷ୍ଣୁଙ୍କ ନିଦ୍ରା ଭଙ୍ଗ ହେଲା ଓ ସେ କ୍ରୋଧ ନକରି କହିଲେ, "ଆପଣ ପ୍ରଥମ ଥର ମୋ

ପାଖକୁ ଆସିଛନ୍ତି । ମୁଁ ଆପଣଙ୍କୁ ସ୍ୱାଗତ କରିନି, ମୋତେ କ୍ଷମା କରନ୍ତୁ । ମୋ ଛାତି ବହୁତ ଶକ୍ତ, ଆହା, ଆପଣଙ୍କ ପାଦକୁ କଷ୍ଟ ହେଉଥିବ ନିଶ୍ଚୟ ।" କବୀର ଏହି କ୍ଷମା ଗୁଣକୁ ଶୋଭା ନାମ ଦେଇ କହିଛନ୍ତି; ଏହାଦ୍ୱାରା ବଡ଼ ମଣିଷଙ୍କର ଶୋଭା ବଢେ । ସେଥିପାଇଁ ଗଣ୍ଡଗୋଳକାରୀଙ୍କ ବ୍ୟବହାରକୁ ଅଶୋଭନୀୟ ବ୍ୟବହାର କୁହାଯାଏ ।

ଯେମିତି ଖାଦ୍ୟ ଖାଇବ ତୁମେ, ସେମିତି ମାନସ ହେବ,

ଯେମିତି ପାନୀୟ ପିଇବ ତୁମେ, କଥା ସେମିତି କହିବ ।୫ ।

କବୀର କହେ ମଣିଷ ଅନ୍ଧ, ଗୁରୁଙ୍କୁ ବୁଝନ୍ତି ନାହିଁ,

ହରି ରାଗରୁ ବଞ୍ଚାନ୍ତି ଗୁରୁ, ଗୁରୁ ରାଗେ ମୁକ୍ତି ନାହିଁ ।୬ ।

ସାଧାରଣ ମଣିଷ ଗୁରୁଙ୍କର ମର୍ଯ୍ୟାଦା ବୁଝିପାରନ୍ତିନି । ଏଠାରେ ଗୁରୁ ଶବ୍ଦର ଅର୍ଥ ଶିକ୍ଷକ ନୁହେଁ । ଶିଷ୍ୟକୁ ଗୁରୁ କେବଳ ଶିକ୍ଷା ଦାନ ନକରି ମୋକ୍ଷପ୍ରାପ୍ତିର ପଥ ଦେଖାନ୍ତି । ସଂସାରରେ କିପରି ଭାବରେ ଚଳିବାକୁ ହୁଏ, ସେ ଶିକ୍ଷା ଦିଅନ୍ତି । ପାପ ପଥକୁ ଯାଇଥିଲେ ରକ୍ଷା କରନ୍ତି । ଅତୀତରେ ବିଦ୍ୟା ସହିତ ଅସ୍ତ୍ର ଶସ୍ତ୍ର ଶିକ୍ଷା ମଧ୍ୟ ଦିଆଯାଉଥିଲା । ସେଥିଯୋଗୁ ଗୁରୁର୍ବ୍ରହ୍ମା ଗୁରୁର୍ବିଷ୍ଣୁ ଗୁରୁଦେବୋ ମହେଶ୍ୱର, ଗୁରୁଃ ସାକ୍ଷାତ ପରମବ୍ରହ୍ମ ତସ୍ମୈ ଶ୍ରୀ ଗୁରୁବେ ନମଃ କୁହାଯାଏ । କୌଣସି ପାପ କର୍ମ କଲେ ଯଦି ଜଣେ ଭଗବାନଙ୍କ କ୍ରୋଧର ଶିକାର ହୁଏ, ତେବେ ସେହି କ୍ରୋଧରୁ  ମୁକ୍ତି ପାଇବା ମାର୍ଗ ଗୁରୁ ଦେଖାନ୍ତି । କିନ୍ତୁ ଗୁରୁ କ୍ରୋଧରୁ ବଞ୍ଚିବା ମାର୍ଗ କେହି ଦେଖେଇ ପାରିବେନି, ଭଗବାନ ବି ନୁହେଁ ।

ପାଦ ତଳେ ଘାସ ଥିଲେବି କେବେ ନିନ୍ଦା କରନି ତାହାର,

ଆଖିରେ ଯଦି ପଡିଯାଏ ପତ୍ର ଯନ୍ତ୍ରଣା ହୁଏ ଅପାର ।୭।

ଘାସ ବା ଦୂବ ପଡ଼ିଆରେ ଉଠିଥାଏ । ଆମେ ତା ଉପରେ ଚଲାବୁଲା କରୁ । କିନ୍ତୁ

Download Magazine from www.aahwaan.com

ସେଇ ଘାସ ବା ଦୂବର ପତ୍ରଟିଏ ଆଖିରେ ପଡ଼ିଗଲେ ଅଶେଷ ଯନ୍ତ୍ରଣା ହୁଏ । କବୀର ଏହା କହିବାର ଅର୍ଥ, ସଂସାରରେ କାହାକୁ ଛୋଟ ବୋଲି କଳନା କରନି । ଭଗବାନଙ୍କ ରାଜ୍ୟରେ ସମସ୍ତଙ୍କର ପ୍ରାଧାନ୍ୟ ଅଛି । ଆମେ ଆମ ଚିନ୍ତାଧାରା ଅନୁସାରେ କାହାକୁ ଛୋଟ ବା କାହାକୁ ବଡ କହୁ, କିନ୍ତୁ ଏହା ଉଚିତ ନୁହେଁ । ସେହି ଛୋଟ ବି ସମୟ ପଡିଲେ ତୁମର ସାହାଯ୍ୟ କରିବ ଓ ସମୟ ପଡ଼ିଲେ କ୍ଷତି ବି କରିବ । ଆଖିକୁ ଦେଖା ନଯିବା ଗୋଟିଏ ବ୍ୟାକ୍ଟେରିଆ ମଣିଷର ମୃତ୍ୟୁର କାରଣ ବି ହୋଇପାରେ ।

ଶ୍ରମ ବଳରେ ହୁଏ ସବୁକଥା, ଚେଷ୍ଟା ବିନା କିଛି ନାହିଁ,
ଆଙ୍ଗୁଠି ବଙ୍କା ନକଲେ ବସା ଘିଅ ବାହାରିଛି କାହିଁ ।୮ ।

ଅଳସୁଆ ହୋଇ ବସିରହିଲେ ତୁମର କୌଣସି ଉଦ୍ଦେଶ୍ୟ ସାଧିତ ହେବନାହିଁ । କାମ ଯେତେ କଷ୍ଟସାଧ୍ୟ ହେଉ ପଛେ ଉଦ୍ୟମ ବଳରେ ସାଧନ ହୋଇପାରିବ । ଗୋଟିଏ ଛୋଟ ଉଦାହରଣ ଦେଇ କହିଛନ୍ତି ଗୋଟିଏ ଡବାରେ ବସା ଘିଅ ଅଛି । ତାକୁ ସିଧା ଆଙ୍ଗୁଠିରେ ଆଣିବାକୁ ଚେଷ୍ଟା କଲେ କେବଳ ଆଙ୍ଗୁଠିରେ ଟିକିଏ ଘିଅ ଲାଗିଯିବ ସିନା, କିଛି ଘିଅ ବାହାରକୁ ଆଣିପାରିବନି ଓ ଖାଇବାକୁ ମିଳିବନି । ତେଣୁ ଆଙ୍ଗୁଠି ବଙ୍କା କରି ଘିଅ କଢ଼ାଯାଏ । ଏହି ବଙ୍କା କରିବାଟା ଏକ କାମ ବା ଶ୍ରମ ।

କବୀର, ହାତୀ ଧୈର୍ଯ୍ୟ ସହିତ ସନ୍ତୋଷ ମନରେ ଖାଏ,
ଶ୍ୱାନର ଧୈର୍ଯ୍ୟ ସେ ଭଳି ନାହିଁ, ଘର ଘର ବୁଲୁଥାଏ ।୯ ।

ଆମେ ମଣିଷମାନେ ସବୁବେଳେ ଯାହା ଦେଖୁ ବା ଯାହା ପାଇବାକୁ ଇଛା ହୋଇଯାଏ, ତାହା ସଙ୍ଗେ ସଙ୍ଗେ ନିଜର କରିନେବାକୁ ଇଛା କରୁ । ଏହି ପଦ୍ଧତିରେ ଆମେ ଆମ ନିଜ ପାଖରେ ଥିବା ପଦାର୍ଥକୁ ଅଣଦେଖା କରି କେବେ ଭଲ ପାଇପାରୁନାହିଁ । ଅର୍ଥାତ ଆମର

 Download Magazine from www.aahwaan.com

ମନ କେବେ ସନ୍ତୁଷ୍ଟ ହୁଏନି । ଏହି ବୁଦ୍ଧି କୁକୁର ପାଖରେ ଥାଏ । ଯେଉଁ ଘରେ ଯାହା ପାଇଲା ତାହା ଖାଇଯାଏ । ପାଖରେ ଖାଦ୍ୟ ଥିଲେ ମଧ୍ୟ ଆଉ ଜଣେ ଯଦି ଖାଦ୍ୟ ତା ଆଗରେ ଦେଖାଏ, ତେବେ ନିଜ ଖାଉଥିବା ଖାଦ୍ୟ ଛାଡ଼ି ନୂଆ ଖାଦ୍ୟ ପଛରେ ଦଉଡ଼େ । ଭଲ ମନ୍ଦ ବାଛେନାହିଁ । ଅନ୍ୟ ଦିଗରେ ହାତୀ ଯାହା ପାଏ, ସନ୍ତୋଷ ମନରେ ରହି ରହି ଖାଏ । ସୁତରାଂ ଆମେ ହାତୀ ଭଳି ସର୍ବଦା ମନ ସନ୍ତୋଷ କରି ଭଲ ଜିନିଷ ସଂଗ୍ରହ କରି ରଖିବା ଉଚିତ ।

ଘିଅ ଦର୍ଶନ କେବଳ ଭଲ, ତୈଳ ଖିଆ ନୁହେଁ ଭଲ,
ମୂର୍ଖ ସଙ୍ଗତ ନୁହଁଇ ଭଲ, ଗୁଣବାନ ଶତ୍ରୁ ଭଲ ।୧୦ ।

ସାଧୁ ଅଟନ୍ତି ଚନ୍ଦନ ସମ, ସର୍ପ ସମୁହ ସଂସାର,
ଦେହେ ଯେତେ ବି ଗୁଡ଼େଇ ହେଲେ, ହୁଏନି ମନ ବିକାର ।୧୧ ।

ଏହି ଦୋହାରେ ସାଧୁ ବା ଜ୍ଞାନୀ ମଣିଷକୁ ଚନ୍ଦନ ବୃକ୍ଷ ସହିତ ତୁଳନା କରାଯାଇଛି । ତାଙ୍କ ବ୍ୟତୀତ ସାରା ସଂସାରରେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କୁ ସାପ ସହିତ ତୁଳନା କରାଯାଇଛି । ସାପ ବିଷ ଅତି ମାରାତ୍ମକ । ଥରେ ସାପ କାମୁଡିଲେ ଅବସ୍ଥା ଅତି ଖରାପ ହୁଏ । ସେହି ସାପ ଚନ୍ଦନ ବୃକ୍ଷ ଚାରିପାଖରେ ଗୁଡ଼େଇ ହୋଇ ରହିଲେ ମଧ୍ୟ ବୃକ୍ଷ ବିଷାକ୍ତ ହୋଇଯାଏନାହିଁ । ଲୋକର ଚରିତ୍ର ଭଲ ଥିଲେ ମନ୍ଦ ଲୋକ ତାକୁ ଆଦୌ ପ୍ରଭାବିତ କରିପାରିବ ନାହିଁ । ତୁମେ ଯଦି ଭଲ ହେବାକୁ ଇଚ୍ଛା କରୁଛ ତେବେ ଯାହା ତୁମ ପାଇଁ ଓ ସମାଜ ପାଇଁ ଭଲ କେବଳ ତାହାହିଁ ଗ୍ରହଣ କର । ନିଜ ମନକୁ ଫିଲଟର ଭଳି ତିଆରି କର ଯାହା ମନ୍ଦକୁ ଛାଣି ବାହାର କରିଦେବ ଓ ଭଲକୁ ଗ୍ରହଣ କରିବ ।

ଯେଉଁ ଦୋହା ପଢ଼ିଲେ ବୁଝିହେଉଛି, ସେଗୁଡିକର ତର୍ଜମା ଦିଆଯାଇନାହିଁ ।

Download Magazine from www.aahwaan.com

# କବିତା ବିଭାଗ

Download Magazine from www.aahwaan.com

# ହଜିଲା ଶୈଶବ



ମନୋରଞ୍ଜନ ମୁଦୁଲି

ଖୋଜି ପାଉନାହିଁ ମାଟି ଘର ଝୋଟି ଅଗଣାରେ ବରକୋଳି,
ପୋଖରୀ ହୁଡାର ବର ଓହଳରେ ଖେଳୁଥିଲୁ କେତେ ଦୋଳି ।
ଆମ୍ବ ତୋଟା ନାଳ ପାରିହେଲେ ଦିଶେ ନାଲି ନାଲି କେତେ ବଇଁଚ କୋଳି,
ଆମ ଗାଁ ମୁଣ୍ଡ ପଧାନ ବାଡିରୁ ତୋଳୁଥିଲୁ କେତେ କଞ୍ଚା ତେନ୍ତୁଳି ।
ଖୁଦୁରୁକୁଣୀ ଓଷା କରୁଥିଲା ଉମା ମାଉସୀ ର ସାନ ଭଉଣୀ,
କଇଁଫୁଲ କେତେ ତୋଳି ଦେଉଥିଲୁ ପହଁରି ପହଁରି ଗାଁ ପୋଖରୀ ।
ରଘୁଆ କୁମ୍ଭାର ଦୀପ ଆଣିଦିଏ ଦୀପାବଳି ଆଉ ଜାଗରେ ପୁଣି,
ଶମ୍ଭୁ ବାରିକ ଦଶ'ରା ସକାଳେ ଦେଖାଉ ଥିଲା ତା ଦର୍ପଣ ଆଣି ।
ନିଧି ନନା ଆସେ ଗହ୍ମାପୁନେଇଁରେ ପଇତା ସାଙ୍ଗରେ ରାକ୍ଷୀକୁ ନେଇ,
ଯଜମାନ ହାତେ ବାନ୍ଧି ଦେଉଥିଲା ଆଶୀର୍ବାଦ କେତେ ମନ୍ତ୍ରର ଗାଇ ।
ଚକୁଳିଆ ପଣ୍ଡା ଗୀତ ଗାଉଥିଲା ଗାଁ ଦାଣ୍ଡେ ଧର୍ମ କାହାଣୀ ଗାଇ,
ବୁଢ଼ୀ ମାଆ ମାନେ ଚାଉଳ ପରିବା ଦେଉଥିଲେ ଆଣି ଭୋଜନ ପାଇଁ ।
ରଜ ସଂକ୍ରାନ୍ତି ରେ ପୋଡ଼ପିଠା ପାନ ମକର ଚାଉଳ ଭୋଜି,
ଗହ୍ମାପୁନେଇଁ ର ମଣ୍ଡା ଚକୁଳି ଖୋଜିଲେ ମିଳୁନି ଆଜି ।
ହଜିତ ଯାଇଛି ଶୈଶବ ମୋଅର ସମୟ ସୁଅରେ ଆଜି,
ସାଇତି ରଖଛି ହଜିଲା ଅତୀତ ସ୍ମୃତିରେ ରହିଛି ଆଜି ।

Download Magazine from www.aahwaan.com

# ଲେଖିବାର ମାନେ



ଡା ଅସିତ କୁମାର ସ୍ୱାଇଁ

ଲେଖିବାର ମାନେ ବି କିଛି ହୁଏନା
ଯଦି ନ ଥାଏ କେହି ପାଖରେ ଶୁଣିବାପାଇଁ
ଆଉ ଦେବାକୁ ମତାମତ
ନ ସାଜି ମୁକ ନିରନ୍ତର
ନ ରଖି ଆଶା ପ୍ରତ୍ୟୁତ୍ତରର

ଶୁଣିବାର ବି ନଥାଏ ଅର୍ଥ କିଛି
ଯଦି ଭରି ନହୁଏ ମୋ ଆତ୍ମାର ବିଭୋରତା
ଆଉ ବାରିବାକୁ ଫରକ
ଅବରୁଦ୍ଧ ପୋଖରୀ ଓ ଶୀତଳ ଝରଣାର
ଯାହା ଅବିରତ ଚଳଚଞ୍ଚଳ ଆବାହମାନ କାଳରୁ

ସେ ସ୍ୱାଦ ବି ମୋ' ପାଖରେ ଅର୍ଥହୀନ

Download Magazine from www.aahwaan.com

ଯଦି ନହୁଅନ୍ତି ତୃପ୍ତ ମୋ' ଆତ୍ମ-ପରିଜନ

ଯାହାଙ୍କ ପାଇଁ

ମୁଁ ହିଁ ସବୁ କିଛି

ଆଉ କଳ୍ପନାର ଅଦୂରରେ ମୋର ସର୍ବସ୍ୱ ସେମାନେ

ଆଘ୍ରାଣର ସଂଗାଁ କିବା ସଂଗାଁହୀନ ମୋ' ପାଇଁ

ଯାହା ପାରେନା ଫରକ

କରିବାକୁ ଅଧିକାଂଶତଃ

ଘୁରୁଥିବା ଦୁର୍ଜନ ଓ ସ୍ୱଜନମାନଙ୍କୁ ମୋ' ଚତୁଃପାର୍ଶ୍ୱେ

ଲୋଡାପଡେ ଶକ୍ତି ସେବେ ମୋ' ନୟନ ଯୁଗଳର

ଦେଖିବାର ନିରର୍ଥକତା ବି ହୁଏ ପ୍ରମାଣିତ ବାରମ୍ବାର

ଯଦି ମୁଁ ହୁଏ ଲାଚାର

ଏ ବ୍ୟବସ୍ଥା ପାଇଁ

ଯେଉଁଠି କରି ପାରେନା ମୁଁ କିଛି ଆଉ ପାଲଟି ଯାଏ

ବହ୍ୟମାନ ନିର୍ଝରିଣୀରୁ ଆବଦ୍ଧ ପୁଷ୍କରିଣୀ

Download Magazine from www.aahwaan.com

# ବିତୃଷ୍ଣା ଜୀବନ



ସୁଶ୍ରୀ ମିନତିରାଣୀ ମେଣ୍ଡଲି

ନ ଦିଅ ଆଉ ନ ଦିଅ ଆଉ
ପ୍ରତାରଣା ବେଳ ଆସେ ପଗଡ଼ି
ଅଗ୍ନିଘେରରେ ଜଳୁଅଛି ମୁହିଁ
ଜାଣୁଅଛି ଜଳି ଯିବି ମୁଁ ସରି ।

ନ ଦିଅ କେହି ସମ୍ବେଦନା
ଦରକାର ନାହିଁ ଆଶ୍ୱାସନା
ପ୍ରୀତିନାବେ ନ ପାରି ପହଁରି
ଜାଣିଛି ବିରହେ ଯିବି ତରି ।

ପ୍ରେମର ସକାଳ ସୁଖରେ ଆସେ
ସୁନୀଳ ସପନ ସଜେଇ ପଶେ
ପୂଣ୍ୟ ଶିଢ଼ିରେ ହେବି ମୁଁ ପାରି

ଆରତ ହୃଦୟେ ମିନତି କରି ।

ନେବ ତ ନିଶ୍ଚିତ ନେଇ ଚାଲ ଶୀଘ୍ର

ବିରହ ରହିଛି ହୃଦେ ଭରି

ବିତୃଷ୍ଣା ଲାଗେ ଜୀବନ ଯେମିତି

ଘଣ୍ଟା କଣ୍ଟା ପରି ଯାଏ ଘୁରି ।

ବୀରମହାରାଜପୁର, ସୁବର୍ଣ୍ଣପୁର ଜିଲ୍ଲା, ଓଡ଼ିଶା

# ଶବ୍ଦହୀନ ନିଃଶ୍ୱାସ



ଅଶୋକ ବିଶ୍ୱାଳ

ଶବ୍ଦହୀନ ନିଃଶ୍ୱାସ- (ତାଙ୍ଗାଙ୍ଗ ପର୍ବତର ଆତ୍ମା)-୧

ଜାଣିଥିଲା

ଏକଦିନ ସେ ଚାଲିଯିବ

ଛାଇ ତାର ଲମ୍ବା ହୋଇ ଯାଉଥିଲା

ସଂଜ ପର୍ବତରୁ ଆସୁଥିଲା ତ ଓହ୍ଲାଇ

ତଥାପି ବି କହି ପାରିଲାନି

ଆଗର ରାସ୍ତା ଲୁଚି ତ ଯାଉଛି ।

ଦୂରର ସେହି ଶବ୍ଦ ଭାସି ଆସୁଥିଲା

ସଂନ୍ଧ୍ୟାର ନିଃଶ୍ୱାସ

ଲମ୍ବା ହୋଇ ଯାଉଥିଲା

ଦୂରତା ବଢି ଯାଉଥିଲା ।

Download Magazine from www.aahwaan.com

ବର୍ଷା ପଡୁଥିଲା ଝରି

ସେମିତି ସେ ଠିଆ ହୋଇଥିଲା

କିଛି ହଲୁ ତ ନଥିଲା

ଆଖି ପତା ପଡୁ ବି ନଥିଲା

ଓଠ ଖୋଲିଲାନି ତାର

ବଧିର ହୋଇ ଯାଇଥିଲା

କିଛି ଶୁଣି ପାରୁ ତ ନଥିଲା ।

ଦୁର କୁଟୀରରୁ

ଆଲୁଅ ଭାସି ଆସୁଥିଲା

ସେଇ ଶବ୍ଦ ଆସି ଯାଉ ଥିଲା

ଅସ୍ପଷ୍ଟ ଶବ୍ଦମାନ

ଭଲ ଭାବେ ଶୁଣା ଯାଉଥିଲା ।

ସେମିତି ସେ ଠିଆ ହୋଇଥିଲା

Download Magazine from www.aahwaan.com

ଜଡ ପାଲଟି ଯାଇଥିଲା

କହିଲାନି ପଦେ କଥା

ସେହି ସ୍ୱର ଜାଣିଥିଲା

ଅଛିତ ସେ ତ ସେଇଠି

ସେହି ଶବ୍ଦ ମାନଙ୍କର ସହ

ନୀରବରେ ଠିଆ ହୋଇଅଛି

ପଦେ କହିବନି ।

# ରାତି



ବରୁଣ କୁମାର ଦାସ

ଅଭିମାନରେ

ନିଦ ଭିତରେ

ଡୁବି ସାରି ଥାଏ

ଛୋଟ ଝିଅ ମାନ।

ହାତ ମୁଠାରେ ନେଇ

ବଡ଼ ପ୍ରତୀକ୍ଷାକୁ ।

ଆଉ କାହା ଲାଗି

ଉତୁରି ପଡ଼ିଥାଏ ଇସାରାରେ

ଅକୁହା କଥା ।

ନୀରବ ଇଙ୍ଗିତରେ

ଖୋଲିଯାଇ ଥାଏ

ଭାବନାର ଭୂଗୋଳ ,

ଆଖିରେ ଆଖିଏ

Download Magazine from www.aahwaan.com

ପ୍ରଶ୍ନ ଚିହ୍ନର ଚିତ୍ର ।

ବାହାରେ ଅମାପ ଅନ୍ଧାର

ଲଗାମହୀନ ନୀରବତା

କାୟା ବିସ୍ତାରିଥିବା

ପରସ୍ତ ପରସ୍ତ ଶୁନ୍ୟତା ।

◆ *ପାଳୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର ।*

Download Magazine from www.aahwaan.com

# ଯଥାର୍ଥ



ଶ୍ରୀ ରାଜଶେଖର 'ଚିମା'

ଦିନକୁ ଦିନ ବାଲିପରି ଖସି ଯାଉଛି ସମୟ
ଚେଷ୍ଟା କରୁଅଛି ଖୋଜିବାକୁ ନିଜ ପରିଚୟ ।
ଦେଖା ସାକ୍ଷାତ ହେଲେ ଅନେକ ଲୋକ
ମନେ ପଡ଼ନ୍ତି ପୁରୁଣା ମୁଖ ।
ସମ୍ମୁଖୀନ ହେଉଛି ଅନେକ ପରିସ୍ଥିତି
ବିଚଳିତ ହୁଏ ମନୋସ୍ଥିତି ।
କ୍ଷଣ କ୍ଷଣ କରୁଛି ଅତିବାହିତ
ହୋଇଯିବ ବର୍ତ୍ତମାନ କ୍ଷଣ ଅଭୁଲା ଅତୀତ ।
ରଖିବାକୁ ପଡ଼ିବ ମନକୁ ନିର୍ମଳ
ଲାଭନାହିଁ ହୋଇ ବ୍ୟାକୁଳ ।
ଅଛି କେତେ ଅନୁଭୂତି
ରହିଛି ମନରେ ଅନେକ ସ୍ମୃତି ।
କୋଉଠି ଅଛି ବିକଳ୍ପ
ସବୁ କିଛି ଲାଗେ କିଛି ସମୟ ପରେ ଗଳ୍ପ ।

Download Magazine from www.aahwaan.com

# ନୀରବତା



ଡା ନୀଳମାଧବ କର

ନୀରବତାରେ

ମଳିନ ପଡିଯାଏନା ସମ୍ପର୍କ

ଅମା ଅନ୍ଧାରରେ

ସବୁ କିଛି ହଜିଗଲା ପରେ

ଜଳ ଜଳ ଦିଶୁଥାଏ

ଯେମିତି ହୀରାର ସ୍ଫଟିକ ।

ନୀରବତାରେ

ବରଂ କହିହୁଏ ଅନେକ ବେଶୀ

ବୁଝେଇ ହୁଏ

ବୁଝି ହୁଏ ।

ଆଉ ଟିକେ ଅଧିକ

ଚିହ୍ନି ହୁଏ ନିଜକୁ,

Download Magazine from www.aahwaan.com

ଅପରକୁ ।

ଭରସାକୁ ମାପି ହୁଏ

ନୀରବତାରେ ।

ଦ୍ୱନ୍ଦକୁ ଟିକେ ବିଶ୍ରାମ ଦେଇହୁଏ

ଅଥବା ଇନ୍ଧନ ।

ବିଶ୍ୱାସ ଧରି,

ଅପେକ୍ଷା କରାଯାଇପାରେ,

ଜମିଯିବା ଯାଏ

ଆସ୍ଥା ।

ନୀରବତା ପରଖେ

ସମୟ ।

କଳି ହୁଏ

ବିଶ୍ୱାସର ଗଭୀରତା,

Download Magazine from www.aahwaan.com

ଆସ୍ଥାର ଦୃଢ଼ତା ।

ଅପେକ୍ଷା କରି ହୁଏ

ନୀରବତାରେ,

ଝଡ ଥମିବାଯାଏ

ବଣପୋଡି ପରେ,

ପୁଣି ଗଜୁରିବାଯାଏ ଆଶା ।

ନୀରବତାରେ,

ସଂଯୋଗଟେ ଗଢି ହୁଏ

ଆତ୍ମା ସହ

ନିଜର,

ପରମାତ୍ମାକଂର ।

ଡା: ନୀଳମାଧବ କର

ଓଲଭରହାମ୍ପଟନ, ଇଂଲଣ୍ଡ

nmadhab@yahoo.com

Download Magazine from www.aahwaan.com

# ମା



ସ୍ୱରୂପା ମହାନ୍ତି

ମା,

କେମିତି କହିବି ତୋତେ କେମିତି ବଞ୍ଚିଛି

ଚାରିପାଖେ ଛଳନାର ଭିଡ଼ନେଇ ନିଇତି ଜଳୁଛି

ଆଲୁଅର ଦାଉ ଆଉ ପାରୁନାହିଁ ସହି

ଅନ୍ଧାରର ସାହାରାରେ ଗୁମୁରି କାନ୍ଦୁଛି

ଫୁଲ ଛୁଇଁଦେଲେ ଆଜି କଣ୍ଟା ପାଲଟୁଛି

ଜୀଇଁବାର ବାହାନାରେ ନିଇତି ମରୁଛି

ଏକା ଏକା ଚୁପଚାପ୍ ସ୍ୱପ୍ନ ସାଉଁଟୁଛି

ମରୁମାର୍ଗେ ଜୀବନକୁ ଖୋଜି ମୁଁ ଚାଲିଛି ମା ।

ମୁଁ ଅସହାୟ ସମୟର କୀଟଦ୍ରଷ୍ଟା ଅବୟବ

ପରେ... ସମ୍ପରକର ତାଳିପକା ପ୍ରମାଣ ପତ୍ରକୁ

ନିଜ ଖୁସିପାଇଁ ମନ ମୁତାବକ ରଙ୍ଗଦେଇ

ପାଗଳର ପ୍ରଳାପ କରୁଛି...

ମୁଁ ଆଉ ମୁଁ ହେଇ ନାହିଁ... ସତରେ ମୁଁ

ବଦଳି ଯାଇଛି...

Download Magazine from www.aahwaan.com

# ମୁଁ ଓ ତୁମେ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ମୁଁ କବି ହେଲେ ତୁମେ ମୋ କବିତା

ମୁଁ ସଞ୍ଜ ହେଲେ ତୁମେ ମୋ ସଞ୍ଜସଳିତା

ମୁଁ ସୁର ହେଲେ ତୁମେ ମୋ ସଙ୍ଗୀତା

ମୁଁ ଚାନ୍ଦ ହେଲେ ତୁମେ ମୋ ସବିତା

ମୁଁ ମୌନ ହେଲେ ତୁମେ ନୀରବତା

ମୁଁ ତୃପ୍ତି ହେଲେ ତୁମେ ଚପଳତା

ମୁଁ ଥୟ ହେଲେ ତୁମେ ବ୍ୟାକୁଳତା

ମୁଁ ବ୍ୟଥା ହେଲେ ତୁମେ ଆକୁଳତା

ମୁଁ ନେତ୍ର ହେଲେ ତୁମେ ଆଖିପତା

ମୁଁ ମଧୁ ହେଲେ ତୁମେ ମଧୁମିତା

ମୁଁ ନୀର ହେଲେ ତୁମେ ଖରସ୍ରୋତା

ମୁଁ ଅଭି ହେଲେ ତୁମେ ଇପସିତା

ମୁଁ ଭାନୁ ହେଲେ ତୁମେ ମୋ ରଶ୍ମିତା

ମୁଁ ଅଂଶୁ ହେଲେ ତୁମେ ମୋ ଅସ୍ମିତା ।

Download Magazine from www.aahwaan.com

# ଶୀତ ସକାଳ



ଉମେଶ କୁମାର ବେହେରା

ଶୀତ ସକାଳେ, କୁହୁଡିର ବାଦଲ ତଳେ

ନିରବ ରାସ୍ତାରେ, ଏକା ଏକା ମୁଁ ଚାଲୁ ଥାଏଁ ।

ଗୋଟେ ପଟେ ହିମାଳୟ ପର୍ବତର ଝାପ୍ସା ଛବିଟିଏ

ଆଉ ଗୋଟେ ପଟେ ବାମ୍ଫ ରେ ଭରା ପୋଖରୀ ଟିଏ

ମୋ ଆଗରେ ଅଙ୍କା ବଙ୍କା ରାସ୍ତା ଟିଏ

ଲମ୍ବି ଯାଇଛି ଖଣ୍ଡେ ଦୁରକୁ, ହଜି ଯାଇଛି କୁହୁଡି ଭିତରେ

ଏକାଏକା ମୁଁ ଚାଲୁଥାଏ ସ୍ୱଳ୍ପ ଗତିରେ

ନିରବ ରାସ୍ତାରେ........ ।

ହଠାତ୍ ପଛକୁ ଥରେ ବୁଲି ଚାହିଁ ଦେଲି

ଦୁରବଣ ରୁ ଫୁଲ ଟିଏ ଫୁଟି ଉଠୁଛି

କୁହୁଡି ର ବାଦଲ ଚିରି ଜହ୍ନ ଟିଏ ଉଙ୍କି ମାରୁଛି

ମୁଁ ଦେଖିଲି, ଧିରେ ଧିରେ ଝିଅଟିଏ ଚାଲି ଆସୁଛି.....◌ା

ତାକୁ ଦେଖିଲା ମାତ୍ରେ, ମୋ ଦେହକୁ ମଳୟ ପବନ ଛୁଇଁଦେଲା

 Download Magazine from www.aahwaan.com

ଯେତେବେଳେ ମୋ ସାମ୍ନା ରୁ ଚାଲିଗଲା

ମୋ ମନରେ ଅପାର ଖୁସିର ଜୁଆର ଉଠିଲା

କାହିଁ ଆସିଥିଲ କ୍ଷଣକ ସମୟ ପାଇଁ

ଦେଖୁ ଦେଖୁ କୁଆଡେ ଚାଲିଗଲ କାହିଁ

ହଜିଗଲ କି ଲୁଚିଦେଲ ତୁମେ ଏକୁହୁଡି ଭିତରେ

ଆଜିବି ଖୋଜୁଛି  ଏ ନିରବ ରାସ୍ତାରେ

ଶୀତ ସକାଳେ  କୁହୁଡିର ବାଦଲ ତଲେ  ।ା

ଉମେଶ କୁମାର ବେହେରା

କର୍ଲାବାହାଲି, କଂଟାବାଞ୍ଜି, ବଲାଙ୍ଗିର

ମୋ.୮୭୬୫୮୪୮୪୧୭୭

Download Magazine from www.aahwaan.com

# ବାହାନା



ନିର୍ମଳ କୁମାର ଦଳାଇ

ଆସ

ଟିକେ ବୁଲିଯିବା

ବିସ୍ତୀର୍ଣ୍ଣ ବେଳାଭୂମି ଆଡକୁ ,

ସାନ୍ତ୍ୱନା ଦେବା

ଅହରହ ମଥା ପିଟୁଥିବା ସାଗରକୁ □

ସାଙ୍ଗ ହୋଇ ବାଣ୍ଟିନେବା

ତା ଯନ୍ତ୍ରଣାରୁ ପୁଳେ ,

ଖୁସି ହେବା,ହସି ଦେବା,

ଫୁଲେଇ ଚାହାଣୀ ଦେଇ

ଫେରିଯିବା ବେଳେ □

ଆସ

ସାଙ୍ଗ ହୋଇ ଖୋଜିବା

ଦୁଷ୍ଟ ଜହ୍ନକୁ ,

କଇଁ ଯେ ଗୁମୁରି କାନ୍ଦେ

କହିବା କାହାକୁ □

Download Magazine from www.aahwaan.com

କେତେବେଳେ ଲୁଚିଯାଏ

ଭସା ବଉଦରେ ,

କେତେବେଳେ ଖେଳୁଥାଏ

ତାରାଙ୍କ ମେଳେ ,

ପ୍ରେୟସୀ ତା ଚାହିଁ ଥାଏ

ମଥା ରଖିବାକୁ ତାରି କୋଳେ □

ଆସ

କେତେ ବା ଡାକିବି ତୁମକୁ

ବାହାନା ତ ସେମାନେ ,

ଗୋଟିଏ ମୂହୁର୍ତ୍ତ କୋଟିଏ ମୂଲ

ଖୋଜୁଥାଏ ମନେ ମନେ ,

ଶୟନେ

ସପନେ

ଜାଗରଣେ ।

ପାଇକ ସାହି, ବ୍ରହ୍ମଗିରି, ପୁରୀ

ମୋ ନଂ -୯୦୯୦୦୭୯୩୫୦

Download Magazine from www.aahwaan.com

# ମୋ ପରିବାର



ରୋଜା ପଣ୍ଡା

ମାମାଟି ମୋର ଭାରି ସରଳ କାହାକୁ କିଛି କହେନାହିଁ

ତା ହାତରନ୍ଧା ଅତି ସୁଆଦ ବାସନା ହାତୁ ଯାଏନାହିଁ

ତରତର ହୋଇ ଶେଯରୁ ଉଠେ

ରୋଷେଇ ଘରେ ଯାଇ ସେ ପଶେ

ଉଠିଲା ବେଳକୁ ରୋଷେଇ ସାରି

ମନଜାଣି ଖାଦ୍ୟ ଦିଏ ସେ ବାଢ଼ି

ଭଳି କି ଭଳି ଯେ କେତେ ଦରବ

ରାନ୍ଧେ ସିଏ ସିନା ନାହିଁ ଗରବ

ପୂଜା ଓଷା ହେଲେ ଆରିଶା ଗଢ଼େ

କ୍ଷୀରିପୁରି କରି ଆନନ୍ଦେ ବାଢ଼େ

ନ ଖାଇଲେ ବେଶି ଯାଏ ସେ ରୁଷି

ମୁହଁ ଫୁଲେଇକି କାନ୍ଦଇ ବସି

ହସିଦେଲେ ସିଏ ଭାରି ସୁନ୍ଦର

କାନ୍ଦିଲେ ସେ ମୋ ମନ ହୁଏ ବିକଳ ।

Download Magazine from www.aahwaan.com

ସବା ସାନ ଜେଜିନାନୀଟି ମୋର

କହୁଅଛି ଶୁଣ ତା'ର ଖବର

ମୁହଁଟି ତା'ର ଗୋଲ ଗୋଲ

ପାଟିରେ ଥାଏ ତା ପାନଖିଲ ଟିଏ

ଓଠଟି ତାହାର ଦିଶଇ ଲାଲ

ସକାଳୁ ଉଠି ସେ ଝାଡୁ କରଇ

ଘର ଚାରିପାଖ ସଫା ରଖଇ

ତା'ପରେ ପରିବା କାଟି ବସଇ

ନଡ଼ିଆ ଫଟେଇ କୋରି ଦିଅଇ

ମାମାଙ୍କୁ ସାହାଯ୍ୟ କରିବା ପାଇଁ

ଶାଗ ବିଡ଼ା ବାଛେ ହାତରେ ନେଇ

ଗହମ, ବିରି, ମୁଗ ଯାହା ବି ଥାଏ

ଯତନେ ଶୁଖାଏ ଛାତରେ ସିଏ

ମାମାଙ୍କୁ ଯତନେ ରଖିବା ପାଇଁ

ଦୁନିଆ ସାଙ୍ଗେ ସେ କରେ ଲଢ଼େଇ ।

 Download Magazine from www.aahwaan.com

ଭାରି ନିରିମାଖୀ ଅନୁନାନୀ ମୋର

ରୂପଟି ତାହାର ଭାରି ସୁନ୍ଦର

ଗୋରା ତକତକ ସୂରୁଜମୁଖୀ

ଝଟକୁ ଥାଏ ତା ଫୁଲ ନାକର

ମନଦୁଃଖ ଥିଲେ ଜାଣି ସେ ଦିଏ

ମାଆ ପରି ଆସି କୋଳେଇ ନିଏ

ଦୁଃଖ କହୁଥାଏ ମୋ ଆଗର

ସତେ ଅବା ମୁହିଁ ମାଆ ତାହାର

ହାତ ପାଇଁ ମୋର ଚୁଡ଼ି ସେ ଆଣେ

ଉପହାର ତାର ମନ ମୋ କିଣେ

ଛୋଟ ମମ୍ମି ବୋଲି ଡାକେ ମୁଁ ତାକୁ

ବ୍ୟାଗ୍ କିଣିଦିଏ ଅଫିସ ନେବାକୁ ।

ଟୁକୁଲ୍ ମୁକୁଲ୍ କହ୍ନେଇ ମୋର

ମୋ ଓଠରେ ଟିକେ ହସସ୍ ଦେଖିଦେଲେ

Download Magazine from www.aahwaan.com

ଖୁସିରେ ପୁରଇ ପେଟ ତାହାର

କଣ୍ଟାଟେ ଫୁଟିଲେ ପାଦରେ ମୋର

ରକତ ଝରଇ ଛାତିରୁ ତାର

ମାଆ ପରି ସିଏ ଖୁଆଇ ଦିଏ

ବାପାପରି ପୁଣି ବୁଝାଇ ଦିଏ

ଭଉଣୀ ପରି ସେ ସାଥିରେ ଥାଏ

ଭାଇପରି ମେଳା ବୁଲେଇ ନିଏ

ତା'ଠାରୁ ନିଜର କେହି ତ ନାହିଁ

ଅମୂଲମୂଲ ତ ସିଏ ମୋ ପାଇଁ

ଅତି ଯତନରେ ରଖେ ସେ ମୋତେ

ଦୁଃଖ ଆସିବାକୁ ଦିଏନି ପାଶେ

କହୁଥାଏ ସିଏ ନିଇତି ମୋତେ

ମୁଁ କାଳେ ପରାଣ ତାହାର ସତେ ।

ଭାଇନା ମୋର ତେଲୁଗୁ ହିରୋ

ନିଶଟି ତାଙ୍କର ଭାରି ସୁନ୍ଦର

Download Magazine from www.aahwaan.com

ଦେଖିଲେ ଲାଗନ୍ତି ରାଗୀ, ଗମ୍ଭୀର

ହେଲେ ମନଟା ତାଙ୍କର ଅତି ସରଳ

ବୁଲେଟ୍ ଚଢ଼ି ଯେବେ ଯାଆନ୍ତି ଅଫିସ୍

ଦେଖିଲେ ଡରିବେ ହାକିମ୍ ପୋଲିସ୍

ଆମ ଘର ମେରୁଦଣ୍ଡ ଅଟନ୍ତି

ଭଲମନ୍ଦ କଥା ସବୁ ବୁଝନ୍ତି

ବିପଦ ପଡ଼ିଲେ ଆମ ଉପରେ

ଲୁହ ଆସିଯାଏ ତାଙ୍କ ଆଖିରେ

ଏ କାହାଣୀ ଛୋଟ ପରିବାରର

ନ ଲାଗୁ କେବେ କାହାର ନଜର ।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର

ମଧୁପାଟଣା, କଟକ - ୭୫୩୦୧୦

Download Magazine from www.aahwaan.com

# ଆମେ ଚାଲିଛୁ ତ ଭାଇ ଆଗେଇ



ଡା ସଂଜୀବ କୁମାର ପାଣିଗ୍ରାହୀ

ଆମେ ଚାଲିଛୁ ତ ଭାଇ ଆଗେଇ

ସଭିଏଁ କୁହନ୍ତି ବଢ଼େଇ

ଆମେ ଚାଲିଛୁ ତ ଭାଇ ଆଗେଇ ।

ଜିନିଷପତର ଦରଦାମ୍ ସବୁ

ସୀମାଟପିଯାଏ ପାରେଇ

ଆମେ ଚାଲିଛୁ ତ ଭାଇ ଆଗେଇ ।

ଟେଲିଗ୍ରାମ୍ ଆଉ ଟେପ୍ ରେକର୍ଡର୍

ନେବାକୁ ବିଦାୟ ବସିଲେଣି

ମୋବାଇଲ୍ ଯୁଗ ଆସିଲାଣି

ନୂଆ ବରଷର ଗ୍ରୀଟିଂସ୍ ଆଉ ପୋଷ୍ଟକାର୍ଡ଼

ମନମାରି ପୁଣି ବସିଲେଣି

ଫେସବୁକ୍ ଆଉ ହ୍ୱାଟ୍ସଆପ୍ ଖୋଲି

 Download Magazine from www.aahwaan.com

ତିନି ପାଞ୍ଚିରୁ ପିଲାଏ ଗଲେଣି

କହିବା କାହାକୁ ଶୁଣେଇ

ଆମେ ଚାଲିଛୁ ତ ଭାଇ ଆଗେଇ ।

ଓଡ଼ିଆପାଠ ଭଲ ଲାଗୁନାହିଁ ଆଉ

ଇଂଲିଶ୍ ମିଡ଼ିୟମ୍ ଅଇଲାଣି

ବାପାମା' ଡାକ ଶୁଭୁନାହିଁ ଆଉ

ମମ୍ମି ଡାଡ଼ି ଖାଲି ଶୁଭଇ

ଆମେ ଚାଲିଛୁ ତ ଭାଇ ଆଗେଇ ।

ମଥୁରା ମଙ୍ଗଳ ଭଲ ଲାଗୁନାହିଁ ଆଉ

ଡିଇଜେ ମ୍ୟୁଜିକ୍ ଅଇଲାଣି

ଗୀତାଭାଗବତ ସପନ ତ ହେଲା

ରେକଡ୍ ଡ୍ୟାନ୍ସ ବାଜିଲାଣି ।

ପାଲାମଣ୍ଡପରେ ପାଲା ନ ଶୁଭଇ

ଚଢ଼ିଆଣୀ ଯାଏ ଦୂରେଇ

ଆମେ ଚାଲିଛୁ ତ ଭାଇ ଆଗେଇ ।

Download Magazine from www.aahwaan.com

# ଅଲୋଡ଼ା କି ବାପା ମା’



ଜିତେନ୍ଦ୍ର କୁମାର କହଁର

କେତେ ଜପ ତପ କରିଥିଲୁ ସତେ

ଶୂନ୍ୟ କୋଳ ପୂର୍ଣ୍ଣତା ପାଇଁ,

ବିଧାତା ଦାୟରେ କୁମ୍ଭ ଭରିଥିଲା

ହୃଦରତ୍ନହରା ପାଇ ।

ସାତ ଘେରା ହୋଇ ତୋ ମା' ପଣତ

ରକ୍ଷା କବଚ ସାଜିଥିଲା,

ଉଦରକୁ ତୋର ଦାନା ଦେଇ ଯା'ର

ଭୋକ ଶୋଷ ମେଣ୍ଟୁ ଥିଲା ।

ନାନାଦି ବ୍ୟଞ୍ଜନ ମା' ହାତ ପରଷା

ତୁ ଚାହୁଁଥିଲୁ ବୋଲି,

ପ୍ରକାଶିବା ଆଗୁ ଯାଉଥିଲା ଆସି

 Download Magazine from www.aahwaan.com

ସବୁକୁ କି ତୁ ଗଲୁ ଭୁଲି ।

ହାତ ଯା'ର ଧରି ଶିଖିଲୁ ତୁ ଚାଲି
କେମିତି ପାରିଲୁ ସେ ହାତ ଛାଡି,
କେତେ ଆଶା ଥିଲା ହେବୁ ତୁହି ବୋଲି
ବୃଦ୍ଧ କାଳେ ଆଶା ବାଡି ।

ତୁଣ୍ଡେ ତୋର ଶୁଭେ କାହିଁ ଜରାଶ୍ରମର କଥା
ଆତ୍ମା ହୁଏ ଅଣ ନିଶ୍ୱାସି,
ଗଢିଲି ଯାହାକୁ ଏତେ ଯତନରେ
ଲୋତକେ ମୋ ସେ ପାରୁଛି କେମିତି ହସି ।

ଜାଗ୍ରତ ପ୍ରହରୀ ଚିର ଦିବାନିଶି
ହୋଇ ତୋ ପାଇଁ ରହିଥିଲୁ,
ଦୁଇ ପାଦେ ତୋର ଆଜି ଠିଆ ହେଲୁ ବୋଲି
ଆମେ ଅଲୋଡା କି ହୋଇଗଲୁ ।

Download Magazine from www.aahwaan.com

ବାଳୁତରେ ତୋର ଅଜବ ପ୍ରଶ୍ନର ଉତ୍ତର ଦେବାକୁ
ଥକି ନାହୁଁ ଆମେ କେବେ,
ଆଜି ଆମ ଗୋଟିଏ ପ୍ରଶ୍ନ ର ଉତ୍ତର ପାଇଁ କି
ସମୟ ନାହିଁ ତୋ ପାଶେ ।

ପେଟେ ଦେଇ ଓଦା କନା ସଞ୍ଚି ଚାଲିଥିଲୁ
ତୋ ସୁରକ୍ଷିତ ଭବିଷ୍ୟ ପାଇଁ,
ଆଜି ରତ୍ନ ମହଲେ ବିରାଜିଲୁ ସିନା
ବାପା ମା' ଆଜି ବାର ଦୁଆରେ
ଦାନା ମୁଠେ ପାଇଁ କାହିଁ ।

କଲୁ କଳୁଷିତ ପିତା ପୁତ୍ରର ସମ୍ପର୍କ
ଛାଡି ଗଲୁ ଯମ ଦୁଆରେ,
ଭାବିଲୁନି ଟିକିଏ ବାପା ମା' କଥା
ଭସାଇଲୁ ମଝି ଦରିଆରେ ।

ସେନେହ ଆଦରେ କି ଊଣା କରିଥିଲୁ

ସାଜିଲୁ ନୟନେ ଅଶ୍ରୁର ଧାର,

ଖୁସିର ଜୁଆର ଆଣିବୁ ବୋଲି କହି

ସବୁ କରିଲୁ ପାଣିର ଗାର ।

କେତେ ଅଳି ତୋର କେତେ ଯେ ଅଝଟ

ସବୁତ କରିଥିଲୁ ନିଜର,

ଆଜି କି ବାପା ମା ବୋଝ ହୋଇଗଲେ

କେମିତି ହେଲୁ ଏତେ ସ୍ୱାର୍ଥପର ।

କ୍ଷୁଧା ର ଜ୍ୱାଳା ଦାଉ ସାଧେ ଆଜି

ପୁଣି ଗଲୁ ତୁ ପର କରି,

ଅନ୍ତ ଫାଡି ତୋତେ ଜନମିଲା ଯେ

ଭୁଲି ପାରିଲୁ ତା'କୁ କିପରି ।

 Download Magazine from www.aahwaan.com

ବିବେକ କି ଗଲା ତୋ ପାଖେ ହାରି

ଦିବାଅମାବାସ୍ୟା ଦେଲୁ ଜୀବନେ ଭରି,

ବୁଝିପାରିଲୁନି ମମତାର ମୂଲ

ଲାଗିଲାଣି ଜୀବନ ଭାରି ଠାରୁ ଭାରି ଭାରି ।

ପ୍ରତି ମୂହୁର୍ତ୍ତରେ ଡାକ ଆଜି ମୃତ୍ୟୁର

ଏ କି ପିତା ମାତାର ଋଣ ପରିଶୋଧ,

ଲୁହ ଜାଗାରେ ଆଜି ଲହୁ ଉପନୀତ

ଭୂମିଷ୍ଠ କରିବା ତୋତେ ଥିଲା କି ଅପରାଧ ।

ଭଗ୍ନାବସ୍ଥାରେ ବିଶ୍ୱାସର ବିଶ୍ୱାସ

ଆଉ କି ଯୋଡି ହୋଇବ,

ଦିବସର ଅପରାହ୍ନେ ସବୁକିଛି ଆଜି

ଚାତକର ସ୍ୱପ୍ନ ସତ କି ହୋଇବ ।

କାନ୍ଦିବା ପାଇଁ କି ଲୁହ ଆଉ ନାହିଁ

କହିବା ପାଇଁ କି ଜିହ୍ୱାରେ କଥା,

ବଞ୍ଚିକିବି ମୃତ ପ୍ରାୟ ଆଜି

ସବୁଠୁ ବଳିଗଲା ଏ ବ୍ୟଥା ।

ଚାରି ଦିଗେ ଖାଲି ମରୁବାଲି ଦିଶେ

ରୌଦ୍ର ବି ଦାଉ ସାଧେ,

ମୁଖାଗ୍ନି ପାଇଁକି ଯିବୁନାହିଁ ଆଉ

ଶ୍ମଶାନେ ତୋ'ରି କାନ୍ଧେ ।

ପୁତ୍ର ସୁଖ ଯଦି ଏମିତି ହାଏ

କୋଟି କୋଟି ଗୁଣେ ଭଲ ଅପୁତ୍ରିକ,

ଶବଦ ହୁଏନି ସିନା ଅନ୍ତରୁ ଚିତ୍କାର ମୋ

ଲୋଡା ନାହିଁ ଏମିତି ସନ୍ତକ ।

ଲୋଡା ନାହିଁ ଏମିତି ସନ୍ତକ ।

ଶିକ୍ଷକ(କଲାଡି,ଫୁଲବାଣୀ), ଦୂରଭାଷ-୯୪୩୯୫୪୨୫୨୧

Download Magazine from www.aahwaan.com

# ମୁଁ ଓ ସକାଳ



ରଶ୍ମିତା ମହାନ୍ତ

କଅଁଳ ଘାସ ସବୁ ଚିକମିକ ଝଲସେ
ଅସଂଖ୍ୟ କାକର ବୁନ୍ଦାକୁ ପିଠି ରେ ଥୋଇ ।
ନଡିଆ ସରାଡିର ସୂକ୍ଷ୍ମ ଉଆସରେ
କୁନି ବାଇ ଚଢେଇ ଡେଣାର ତାକତ ମାପେ,
ଥଣ୍ଟ ଝାଡି ଅଣ୍ଟା ସଳଖାଏ ।
ମା' ତାକୁ ପେଟ ତଳକୁ ଟାଣେ ;
ଅଝଟିଆ ଶିଶୁକୁ ବୋଧେ ଶୋଇ ଦିଏ ଗୀତ ଗାଇଗାଇ ।
ପ୍ରଜାପତି ସବୁ କାକର ବୁନ୍ଦାରେ ବଳ ଖେଳନ୍ତି,
ବାଜି ମାରି ରଙ୍ଗୀନ୍ ଡେଣାରେ ତାଳି ମାରନ୍ତି ।
ଦୂରରେ ବସି ସବୁକୁ ନିରେଖୁଥିବା ଏକଲା ମଣିଷ –
ମୁଁ ବି ଭାରି ଖୁସି ହୁଏ ।
ଚା' ଢୋକର ସାମାନ୍ୟ ବିରତିରେ
ସକାଳର ଉପାଦାନଟେ ପାଲଟି ଯାଏ ।
କାକର ବୁନ୍ଦାରେ ପୃଷ୍ଠ ବର୍ଣ୍ଣାଳିରୁ
ମନ ପସନ୍ଦର ରଙ୍ଗ ବାଛି ନିଏ ,
ମୋ ମାନସ ଦୁନିଆକୁ ରଙ୍ଗାଏ
ଆଉ ଜୀବନର ଶୁଷ୍କତା ଦୁରାଏ ।

Download Magazine from www.aahwaan.com

ଭାରି ଭଲ ଲାଗେ

ସକାଳର ସୁନେଲି ଝରା କଅଁଳ ଘାସ ,

ଘାସ ଉପର କାକର ଟୋପା , ପ୍ରଜାପତି ଓ ବାଇ ଚଢେଇର ଗୀତ ।

ବେଶି ଦୁର୍ବଳତା କାକରରେ ଦିଶୁଥିବା ସୂର୍ଯ୍ୟ ରଶ୍ମିର ସାତ ରଙ୍ଗ ପ୍ରତି ।

ଘଡିଟିଏ ଭାବୁଭାବୁ ସୂର୍ଯ୍ୟ ମୁଣ୍ଡକୁ ଚଢେ

ଆଲୋଡିତ କରୁଥିବା ପ୍ରତିଟି କିରଣ ପୁଣି କଣ୍ଟା ଫୋଡେ ।

ପଲକ ପଡୁପଡୁ ଘାସ ସବୁ ଧୂସର ଦିଶନ୍ତି

କାକର ଟୋପା ସବୁ ଠୋ ଠା ଫାଟି ଯାଆନ୍ତି

ରଙ୍ଗ ସବୁ ପବନରେ ମିଳେଇ ଯାଏ ।

ପ୍ରଜାପତି ବି ଫୁଲ ଆଡେ ଧାଏଁ ।

ଖାଲି କୁନି ଚଢେଇର କାନ୍ଦଣା ଶୁଭେ ।

ବୋଧେ ପେଟ ପାଟଣା ପାଇଁ ବସା ଛାଡିଥିବା

ମା' କୁ ଖୋଜୁ ଥାଏ ।

ମୁଁ ବି ତତ୍ପର ହୁଏ – ଏଇ ତ ଜୀବନ ;

ବ୍ୟସ୍ତତା –ଜଞ୍ଜାଳ ଓ ମାୟା

ସୁଖ –ସପନ ।

ସଚିବାଳୟ, ଭୁବନେଶ୍ୱର, ଓଡ଼ିଶା

Download Magazine from www.aahwaan.com

# ପରୀଟିଏ



ବୈଚନ୍ଦ୍ର ମଲ୍ଲିକ

ସହରର ଏକ ନିର୍ଜନ ରାସ୍ତାରେ

ଦେଖାହୁଏ ପରୀଟିଏ,

ରୂପ ଯୌବନ ଆହା ଗୁଣ ଗାରିମାରେ

ପାଖେ ଆସି କହିଯାଏ

ଭଲପାଏ ତୁମକୁ ମୁଁ ସ୍ମିତହାସ୍ୟ ବଦନରେ ।

ସ୍ପନ୍ଦନ ମୋ ଅଟକି ଯାଏ ତା' କଥାର ସୁଅରେ

ଦିପ୍ରହରେ ଅନ୍ଧକାର ହୁଏ,

ମୋ ପାଦତଳର ପୃଥିବୀ ଖସିଗଲା କି ସତରେ !

ଅବା - ମୁଁ ଚକିତ ହୁଏ

ପଡ଼ିନି ତ କେଉଁ କାଉଁରୀ କନ୍ୟାର ପ୍ରେମରେ ! !

ମୋ ମନ ପ୍ରଜାପତି ଉଡୁଥାଏ ପବନରେ

Download Magazine from www.aahwaan.com

ପାଇଯାଏ ପ୍ରେମର ପାଖୁଡ଼ାଟିଏ,

ପ୍ରାଣଭରି ମଧୁମୟ ଶୋଷିବି ନିଶାରେ

ପୁଣି - ହୃଦୟ ମୋ କହିଦିଏ

ନାହିଁ ତ' ସେଠି ଛଦ୍ମ କିଟ ଟିଏ ଝାମ୍ପିବା ଆଶାରେ ।

ସାତଜନ୍ମକୁ କଥା ଦିଅ ପ୍ରିୟା ରହିବି ସାଥିରେ

ଯିବିନାହିଁ ଚାଲି ଥରୁଟିଏ,

ଜନ୍ମଜନ୍ମାନ୍ତରେ ପଥିକ ସାଜିବି ଯାଅ ନାହିଁ ଦୂରେ

ରୂପସୀ ମୁଁ ନୁହେଁ କି ରାକ୍ଷସୀଟିଏ

ଶୁଝିବାକୁ ତୁମ ଋଣ ଛାଇ ପରି ଲାଗିବି ଶରୀରେ ।

କେଉଁ ପୂଣ୍ୟ ଫଳ ପାଇଯାଏ ହାତ ପାପୁଲିରେ

ପରୀଟିଏ ଆସି ଧରାଦିଏ

ଛବିପରି ଲାଖିଯାଏ ମୋ ହୃଦୟ କାନ୍ଥରେ

ରହିଯାଏ ଶୂନ୍ୟ ମନ୍ଦିରେ ସତେ ଦେବୀଟିଏ

ଜାଣେନା ମୁଁ, କେଉଁ ପ୍ରୀତିଫୁଲେ ପୂଜିବି ପୟରେ ।

Download Magazine from www.aahwaan.com

ଲୁଚକାଳି ଖେଳ ଆସି ତୁମେ ମୋ ସୁବର୍ଣ୍ଣ କୁଟୀରେ

ମେଘାକାଶେ ଯେହ୍ନେ ଜହ୍ନଟିଏ,

ଖୋଜେ ମୁଁ ତୁମକୁ ନିଶିର ପ୍ରତିଟି ପ୍ରହରେ

କ୍ଲାନ୍ତ ପ୍ରଜାପତି ପରି ଥକିଯାଏ

ମୁହୂର୍ତ୍ତ ଅନ୍ତରେ ଧରାଦିଅ ଆସି ମୋ ଯୁଗଳ ବାହୁରେ ।

ଆଜି କିମ୍ପା ପାଏନାହିଁ ତୁମକୁ ମୁଁ ଅତି ନିକଟରେ

ଶୁଭେନାହିଁ ପାଦର ଘୁଙ୍ଗୁର ଥରୁଟିଏ

ଶ୍ମଶାନର ଶୂନ୍ୟତା ଘେରେ ଘର ଆଉ ଅଗଣା ବାହାରେ

ମୋ ଡାକର ପ୍ରତିଧ୍ୱନୀ କହିଦିଏ

ନାହିଁ ତ' ଏଠି ! ଅବା ସେଠି କାହିଁଗଲ କାହିଁଗଲ ଦୂରେ ।

ପଚାରେ ମୁଁ ଆମ୍ରତରୁ ତୃଣେ ଆଉ ପର୍ବତ କନ୍ଦରେ

ଦିଏନା କେ ଉତ୍ତରଟେ କେହି ଥରୁଟିଏ,

ଆଶଙ୍କିତ ମନ କହେ ରୋଷେ ଅବା ଦୋଷେ ଗଲି କି ହେ ଦୂରେ

Download Magazine from www.aahwaan.com

କି ପାଲଟିଲ ପଥରଟିଏ

କେଉଁ ସିଦ୍ଧ ସାଧୁ ଅବା ସନ୍ୟାସୀର କର୍କଶ କୋପରେ ।

ସେହି ଅନ୍ଦୋଳିତ ମନ କହେ ଛଦ୍ମବେଶୀ ବ୍ୟାଧର ଫାଶରେ

ପଡିଛ କି ହେ ହୋଇ ପକ୍ଷୀଟିଏ,

ଦୂରେଯାଇ ଦେଇ ଦେବ କେଉଁ ବାଲି କି ବୋର୍ଣ୍ଣିଓ ଦ୍ୱୀପରେ

ଫେରିଆସ ପରୀ ଥରୁଟିଏ

ଶାମୁକାର ମୋତି ସମ ସାଇତିବି ମୋ ପ୍ରୀତି ପାରାବାରେ ।

ମିଛ ପ୍ରେମ ପଞ୍ଜୁରୀକୁ ଭାଙ୍ଗିଦିଅ ପ୍ରିୟା ତୁମ ନିର୍ଘାତ ନାତରେ

ସାଗର କୂଳେ ମୁଁ ବତୀଘରଟିଏ

ଦେବାକୁ ପଡ଼ିବନି ସତୀତ୍ୱର ପରୀକ୍ଷା କେଉଁ ଏକ ସଭାର ମଧ୍ୟରେ

ଛୁଇଁ ପାରିବିନି କାହା ପ୍ରେମର ପାପଟିଏ

ପାଖେ ପାଖେ ଅଛି ମୋ ପ୍ରେମର ତାବିଜ ତୁମ ହୃଦୟ ଅନ୍ତରେ ।

କୋଟିଏ ଯୁଗର ଶେଷ ହୋଇଯାଉ ପରୀ ଡରନାହିଁ ଥରେ

Download Magazine from www.aahwaan.com

ପ୍ରତୀକ୍ଷା କରିବି ହୋଇ ଚାତକଟିଏ

ଜରା ବ୍ୟାଧିର ଦ୍ୱାର ମାଡ଼ିପାରିବନି ମୋ ଅଷ୍ଟାଙ୍ଗ ଶରୀରେ

ବିଶ୍ୱାସ କର ପରୀ ଥରୁଟିଏ,

ନବଯୌବନର ବେଶ ମାଗି ଆଣିବି ମୁଁ ଯାଇ

ଚକାନୟନରେ ଚକାନୟନରେ ଚକାନୟନରେ.... ! ! !

ରାସୁଡ଼ି, ଫୁଲବାଣୀ, କନ୍ଧମାଳ ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୮୭୬୩୭୬୮୯୨୬

Download Magazine from www.aahwaan.com

# ଅବାସ୍ତବ ସ୍ୱପ୍ନ



ଶୁଭଶ୍ରୀ ନାୟକ

"ସ୍ୱପ୍ନ କଣ

କଣ ଏହା କଳ୍ପନା

ରଙ୍ଗୀନ ଅବାସ୍ତବତାର ପରିସୀମା

ନା ପରିରାଇଜରେ ଛନ୍ଦି ହୋଇଥିବା ବୁଢିଆଣୀ "

"କେବେ ନିରବ ପ୍ରେମିକର ଆଶା

ପ୍ରେମର ଗହନ ବନେ ସ୍ୱପ୍ନ ନିରାଶା

ବିଶାଳ ଜୀବନର ବ୍ୟର୍ଥ ଅବକାଶ

ନା ଶିଖରକୁ ଛୁଆଁଇବାର ଅଦ୍ୟମ  ପ୍ରୟାସ "

"କେବେ ବ୍ୟକୁଳ ପିତୃରା ନିର୍ମମ କ୍ରନ୍ଦନ

ଅଭିମାନୀ ଝିଅର ଶୁଭ ଲଗନ

ନାରୀର ଅଶରଣଃଟୁଇ ଲୁହର ବନ୍ୟା

ନା ଯୌତୁକ ଯୁଇର ବିଶ୍ୱ କନ୍ୟା"

Download Magazine from www.aahwaan.com

"କେବେ ଆସିଯାଏ ଜୀବନେ ରେ ଝଡି

ଏ ପାପୀ ମଣିଷ ଟା ଛାଡେ କେତେ ରଡି

କେବେ ପୁଣି ଖୁସିର ଲରାହୀ

ନା ନୟନ୍କୁ ଆସଇ ଲୁହର ଝରି"

" ନିଦ୍ରାରିତ ମଣିଷ ଟା କେତେ ହୁଏ ଖୁସି

ଉଡ଼ୁଥାରେ ଆକାଶରେ କେବେ ହସି ହସି

କେବେ କେତେ ଝର ଝଞ୍ଜା ଯାଏ ପୁଣି ସହି

ଅଙ୍ଗ୍ୟର୍ଥ ଏ ସ୍ୱପ୍ନର ବାସ୍ତବତା ନାହିଁ "

ଶୁଭଶ୍ରୀ ନାୟକ (ମ.ଫିଲ -ହିନ୍ଦୀ,ବିଏଡ଼ )

ଓଡିଶା ଆଦର୍ଶ ବିଦ୍ୟାଳୟ ,

ଗୌଡଗୁଡା ,କୋରାପୁଟ.

Download Magazine from www.aahwaan.com

# ପ୍ରେମପରଶ



କ୍ଷେତ୍ରବାସୀ ଜେନା

"ଆଖୀ ପଲ୍ଲକରେ ଚେହେରା ନାଚୁଛି
ସପନରେ ଆସୁ ତୁହି
ଯେତେ ଚାହିଁଲେ ବି ଭୁଲିବାକୁ ତୋତେ
ପାରେନାହିଁ ଭୁଲି ମୁହିଁ ।
"ତୁମେ ମୋ ଜୀବନ ତୁମେ ମୋ ନୟନ
ତୁମେ ମୋ ହୃଦ ସ୍ପନ୍ଦନ
ଲକ୍ଷେ ଭାବନାର ଗହଳି ଭିତରେ
ତୁମକୁ ଖୋଜଇ ମନ ।
ପ୍ରଭାତର ସେହି ପହିଲି କିରଣେ
ସତେକୀ କରୁଛ ସ୍ପର୍ଶ
ଚାହିଁ ବସିଛି ମୁଁ ତୁମ ଫେରିବା ବାଟକୁ
ବିତି ଯାଉ ବର୍ଷ ବର୍ଷ ।
ତୁମ ବିନା ସାଥୀ କେମିତି ରହିବି
କେଁଉଠି ନଲାଗେ ମନ
ତୁମ ଛାଡିଗଲ ପ୍ରିୟତମା ମୋର
କେମିତି ଧରିବି ଜୀବନ ।

(ଶିଳ୍ପ ସୁରକ୍ଷା ଅଧିକାରୀ ), ଯାଜପୁର, ଓଡିଶା

Download Magazine from www.aahwaan.com

# ଏଇଠି



ଶ୍ରୀ ରମାକାନ୍ତ ମିଶ୍ର

ଏଇଠି ଆନନ୍ଦ ଅଛି, ଏଇଠି ବେଦନା

ଏଇଠି ଚିନ୍ତା ଅଛି, ଏଇଠି ସାନ୍ତ୍ୱନା

ଏଇଠି ବନ୍ଧନ ଅଛି, ଏଇଠି କାମନା

ଏଇଠି ଶାନ୍ତି ଅଛି, ଏଇଠି ଉତ୍ତେଜନା

ଏଇଠି ମୁକ୍ତି ଅଛି, ଏଇଠି ଯାତନା

ଏଇଠି ପୂଜା ଅଛି, ଏଇଠି ଆରାଧନା

ଏଇଠି ସ୍ନେହ ଅଛି, ଏଇଠି ତାଡନା

ଏଇଠି ସ୍ୱପ୍ନ ଅଛି, ଏଇଠି କଳ୍ପନା

ଏଇଠି କୃତି ଅଛି, ଏଇଠି କଳନା

ଏଇଠି ଲାସ୍ୟ ଅଛି, ଏଇଠି ଲଳନା

ଏଇଠି ଭକ୍ତି ଅଛି, ଏଇଠି ଉପାସନା

ଏଇଠି ସିଦ୍ଧି ଅଛି, ଏଇଠି ସାଧନା

ଏଇଠି ପେଟ ଅଛି, ଏଇଠି ଦାନା

Download Magazine from www.aahwaan.com

ଏଇଠି ଦେହ ଅଛି, ଏଇଠି କନା

ଏଇଠି ଛଳ ଅଛି, ଏଇଠି ପ୍ରପଞ୍ଚନା

ଏଇଠି ଦେବତା ଅଛି, ଏଇଠି ବନ୍ଦନା

ଏଇଠି ଅଗରୁ ଅଛି, ଏଇଠି ଗୋରଚନା

ଏଇଠି ଲେଖା ଅଛି, ଏଇଠି ସମ୍ପାଦନା

ଏଇଠି ଭାଷା ଅଛି, ଏଇଠି ରଚନା

ଏଇଠି ଶାଶ୍ୱତ ଅଛି, ଏଇଠି ଅନାବନା

ଏଇଠି ମୁହଁ ଅଛି, ଏଇଠି ଆଇନା

ଏଇଠି ଭଗାରୀ ଅଛି, ଏଇଠି ଭାଇନା

ଏଇଠି ପାପ ଅଛି, ଏଇଠି ଅନୁଶୋଚନା

ଏଇଠି ସୃଷ୍ଟି ଅଛି, ଏଇଠି ସମ୍ଭାବନା

ଏଇଠି କାର୍ଯ୍ୟ ଅଛି, ଏଇଠି ବାହାନା

ଏଇଠି ଜୀବନ ଅଛି, ଏଇଠି ଯନ୍ତ୍ରଣା

ଏଇଠି ଧ୍ୟାନ ଅଛି, ଏଇଠି ଧାରଣା

ଏଇଠି ପଥ ଅଛି, ଏଇଠି ପ୍ରେରଣା

ଏଇଠି ସଂସାର ଅଛି, ଏଇଠି ସମ୍ପୂର୍ଣ୍ଣା

Download Magazine from www.aahwaan.com

ଏଇଠି ଦୟା ଅଛି, ଏଇଠି କରୁଣା

ଏଇଠି ସିଧା ଅଛି, ଏଇଠି ମାରଣା

ଏଇଠି ସତ୍ୟ ଅଛି, ଏଇଠି ଧାରଣା

ଏଇଠି ମନ୍ତ୍ର ଅଛି, ଏଇଠି ମନ୍ତ୍ରଣା

ଏଇଠି ଭୟ ଅଛି, ଏଇଠି ଦୁର୍ଭାବନା

ଏଇଠି କାହ୍ନୁ ଅଛି, ଏଇଠି ପୁତନା

ଏଇଠି ହୀନ ଅଛି, ଏଇଠି ମହାମନା

ଏଇଠି ମନ ଅଛି, ଏଇଠି  ଅମନା

ଏଇଠି ଭାବ ଅଛି, ଏଇଠି ଭାବନା

ଏଇଠି ଇଛା ଅଛି, ଏଇଠି ରସନା

ଏଇଠି ଇନ୍ଦ୍ରିୟ ଅଛି, ଏଇଠି ବାସନା

ଏଇଠି ପତ୍ର ଅଛି, ଏଇଠି ଦନା

ଏଇଠି ଭାଗ୍ୟ ଅଛି, ଏଇଠି ବିଡମ୍ବନା

ଏଇଠି ଖେଳ ଅଛି, ଏଇଠି ଖେଳନା

ଏଇଠି ମନ୍ଦିର ଅଛି, ଏଇଠି ଉଡେ ବାନା

ଏଇଠି ସଂସ୍ଥା ଅଛି, ଏଇଠି ପରିଚାଳନା

Download Magazine from www.aahwaan.com

ଏଇଠି ଆଜ୍ଞା ଅଛି, ଏଇଠି ଅବମାନନା

ଏଇଠି ଦଣ୍ଡ ଅଛି, ଏଇଠି ପାରୁଆନା

ଏଇଠି ଜିହ୍ୱା ଅଛି, ଏଇଠି ଭର୍ତ୍ସନା

ଏଇଠି ଧର୍ମ ଅଛି, ଏଇଠି ପ୍ରାର୍ଥନା

ଏଇଠି ଠକ ଅଛି, ଏଇଠି ପ୍ରବର୍ତ୍ତନା

ଏଇଠି ଦେବତା ଅଛି, ଏଇଠି ଅର୍ଚ୍ଚନା

ଏଇଠି କଷ୍ଟ ଅଛି, ଏଇଠି ନିର୍ଯ୍ୟାତନା

ଏଇଠି ସବୁ ଅଛି, ଏଇଠି ଛଳନା

ଏଇଠି କ'ଣ ନାହିଁ ତୁମେ ଥରେ କୁହନା ?

ଭି.ଆଇ.ଏମ. - ୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର - ୭୫୧୦୨୧

ମୋବାଇଲ - ୯୯୩୭୨୬୮୦୧୨

Download Magazine from www.aahwaan.com

# ଏକ ଭାଙ୍ଗିଥିବା ସ୍ୱପ୍ନ



ସଞ୍ଜୟ ଦାସ

ଅଟ୍ଟାଳିକା ମାନେ ଧୂଳିସାତ ହୋଇପଡନ୍ତି,

ହୁଏତ କିଛି ତଥାକଥିତ ଭଦ୍ରଲୋକଂକ ଆଗମନରେ ।

ସେମାନେ ଖୋଳତାଡ କରି କୋରି ପକାନ୍ତି ଛାତିକୁ ,

ବୋଧେ ଏଟା ହେବାର ଥିଲା ।

ଇଚ୍ଛା ସତରେ ଅନେକ ଥିଲା ;

ବଞ୍ଚିବାର ସାହାରାମାନେ ଦୁରେଇ ଯାନ୍ତି ।

ଲକ୍ଷମାନେ ଦିଗହୀନ ହୋଇପଡନ୍ତି ।

ପଦତଳ ଭୁମୀସ୍ଖଳନ ହୁଏ –

ହୃଦୟର ଗଭୀରତମ ସ୍ଥାନ ରକ୍ତାକ୍ତ ହୋଇଯାଏ ।

ଦୁଃଖମାନଂକର ସରାଘାତରେ ।

ଏଇତ ହେଉଛି ସ୍ୱପ୍ନ ସାତସହ କୋଟି ଲୋକଙ୍କର ।

Download Magazine from www.aahwaan.com

# ଦୁଇ ମୁହାଁ ଦାନବ



ଡା ସହଦେବ ସ୍ୱାଇଁ

ଜଗତର ମା ତୁମେ ଦୂର୍ଗା

ଦୁର୍ଗତି ନାଶିନୀ ତୁମେ ଦୁର୍ଗା

ପ୍ରାର୍ଥନା ଓ ବନ୍ଦନା ମୁଁ କରେ

ନବରାତ୍ରି କାଳେ  ତବ

ସମ୍ମୁଖରେ

ରାସ୍ତାରେ ଚାଲୁଥିବା ମା

ଜାଣେ ନାହିଁ କିସ ତାର ନାଆଁ

ସାଜି ଆଜି ମହିଷା ଅସୁର

ହାତ ମାରେ ବୁକୁରେ ତାହର

ଚୋର ଏବଂ  ଚଣ୍ଡାଳ ହୋଇ

ମା ଝିଅ ମୋ ଘରେ ଥାଇ

ମା ମୋର ହୋଇ ଅବଳା ,

ଲଜ୍ଜ୍ୟା ଆଉ ଦୁଃଖରେ ବାଉଳା ,

କୁଳପତି ପାଶେ ସେ କରନ୍ତି ଗୁହାରି ,

କଥା ତାଙ୍କ ଦୁଃଖ ଆଉ କ୍ରୋଧ ରେ ଭରି ,

ନାହିଂ ଅନୁକମ୍ପା କିମ୍ବା ସହାନୁଭତି

କୁଳପତି ଦେଉଛନ୍ତି ମିଛ ପ୍ରତିଶ୍ରୁତି

ଏଇଟା ତା

ଅତି ସାଧାରଣ କଥା ,

ନିଜେ ନିଜକୁ ରକ୍ଷଣ କରିବାର କଥା ,

ସୂର୍ଯ୍ୟାସ୍ତ ପୂର୍ବରୁ ନିଜ କୋଠରୀକୁ  ଫେରିଯାଅ ,

ନଚେତ ଦୁଃସ୍କୃତଙ୍କ ଅପମାନ ପାଅ ,

ମା ତୁମେ ଦୁର୍ଗତି ନାଶିନୀ

ଅଧର୍ମ ଓ ପାପ ବିନାଶିନୀ ,

ଅନ୍ୟାୟ କୁ କରନାହିଁ ସହ୍ୟ ,

ନାଶ କର ଦୁଇମୁହାଁ ଦାନବର ମୋହ ,

ଧରି ଅସ୍ତ୍ର ଅଧିକାର ଆଉ ନ୍ୟାୟର ,

ସଂଗେ ନେଇ ପାର୍ଶ ଦେବଦେବୀ ଗଣ

ଦାନବର ହତ୍ୟା କର ନେଇ ଏହି ପ୍ରଣ

# ଖିଲ୍‌ଜୀ



ରିଭୁ ଆଭୁଷଣ ପଣ୍ଡା

ଅସୁରରୂପୀ ନର

ରାକ୍ଷସଠାରୁ କ୍ରୁର

ଖଳ ମନ, ଖଳ ବୁଦ୍ଧି ନେଇ

କରିନେଲା ନରସଂହାର ।୧ ।

କୁଚରିତ୍ର ସାଙ୍ଗକୁ ଅସରନ୍ତି କାମନା

ନାରୀଙ୍କୁ ଭାବେ ଖେଳନା

ନିରୀହ ଲୋକଙ୍କୁ ଦିଏ

କଷ୍ଟ, ଦୁଃଖ ଓ ଯନ୍ତ୍ରଣା ।୨ ।

ଭାଙ୍ଗିଗଲା ତା'ର ଗର୍ବର ମହଲ

ଅଜୟ ମେରୁର ରାଜପୁତୀ ରଙ୍ଗ

ବୀର ପୁରୁଷଙ୍କ ଅପୂର୍ବ ତରଙ୍ଗ

 Download Magazine from www.aahwaan.com

ବିଗାଡ଼ି ଦେଲା ତା'ର ସବୁ ଖେଳ ।୩ ।

ରାଣୀ ପଦ୍ମାବତୀଙ୍କ ବଳିଦାନେ

ଗର୍ବିତ ଜଙ୍ଗମ ସ୍ଥାବର

ଖଳ ଖିଲ୍‌ଜୀ ହେଲା ଖଳନାୟକ

ଇତିହାସ ପୃଷ୍ଠାର ।୪ ।

ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ, ବୁର୍ଲା

ସମ୍ବଲପୁର, ଓଡ଼ିଶା

Download Magazine from www.aahwaan.com

# ତୃପ୍ତି



ମାମାଜିନି ପ୍ରଧାନ୍

ସୂର୍ଯ୍ୟ ଉଦୟରୁ ଆରମ୍ଭ କଲି ଯାତ୍ରା,

ଅସ୍ତ ପରେ ଫେରିଲି ।

କେଉଁଠି ଟିକେ,

ଖୋଜି ପାଇଲି ନାହିଁ ତୃପ୍ତି !

ବୁଝିବା ପାଇଁ ଚେଷ୍ଟା କଲି

ସଦ୍ୟଜାତ ଶିଶୁର ଓଠର ଭାଷାକୁ ।

ପଚାରିଲି ଯାଇ ମୃତ୍ୟୁର ବିଛଣାରେ,

ଶୋଇଥିବା ବୃଦ୍ଧକୁ ।

କେଉଁଠି ଟିକେ,

ଖୋଜି ପାଇଲି ନାହିଁ ତୃପ୍ତି !

ସାଙ୍ଗ ମେଳେ କରୁଥିବା ହସଗପ,

କାହାକୁ କରି ଉପହାସ ।

କେବେ ହାରି ଦୁଃଖରେ ମ୍ରିୟମାଣ ହୋଇ.

Download Magazine from www.aahwaan.com

କେବେ ଅନ୍ୟକୁ ଆଶ୍ବସନା ଦେଇ ।

କେଉଁଠି ଟିକେ,

ଖୋଜି ପାଇଲି ନାହିଁ ତୃପ୍ତି !

ମିଛ କହି ଧରା ପଡ଼ିବାରେ,

ସତ କହି ଦଣ୍ଡ ପାଇବାରେ,

ଈର୍ଷାରେ ଜଳିବାରେ,

ଅନ୍ୟ ପାଇଁ ତ୍ୟାଗ କରିବାରେ ।

କେଉଁଠି ଟିକେ,

ଖୋଜି ପାଇଲି ନାହିଁ ତୃପ୍ତି !

ନା ସ୍ବପ୍ନରେ ଶୋଇ,

ନା ବାସ୍ତବରେ ଚେଇଁ,

ନା ପ୍ରତିକ୍ଷା କରି, ନା ଉପେକ୍ଷା ସହି ।

କେଉଁଠି ଟିକେ,

ଖୋଜି ପାଇଲି ନାହିଁ ତୃପ୍ତି !

ଦିନର ସମସ୍ତ କାର୍ଯ୍ୟ ସମ୍ପାଦନ କରି

ରାତ୍ରିରେ କ୍ଲାନ୍ତ ମେଣ୍ଟେଇ ସାରି ।

Download Magazine from www.aahwaan.com

ଅତୀତର ସ୍ମୃତିକୁ ମନେ ପକାଇ,

ଭବିଷ୍ୟତ ପାଇଁ ବ୍ୟସ୍ତ ହୋଇ ।

କେଉଁଠି ଟିକେ,

ଖୋଜି ପାଇଲି ନାହିଁ ତୃପ୍ତି ! !

Download Magazine from www.aahwaan.com

# ତୁମେ ଅଛ ବୋଲି



ସିପ୍ରା ନାମତା

ତୁମେ ଅଛ ବୋଲି,

ଉଷ୍ଣତାର କମ୍ପନ ଅଛି ମୋ ସ୍ନାୟୁରେ

ମନ ଭିତରୁ ଚେଇଁ ଉଠୁଥିବା

ରାକ୍ଷାସ ପଣିଆ ବି ମଉଳିଯାଏ

ଉର୍ଦ୍ଧ୍ୱରେତା ମଣିଷଟି କେତେବେଳେ

ହୋଇଯାଏ ଦେବତାରେ ରୂପାନ୍ତର

ଅବାସ୍ତବ ଅନୁଭବର କାଉଁରୀ ସ୍ପର୍ଶରେ ।

ତୁମେ ଅଛ ବୋଲି,

ଛାତି ତଳେ ସ୍ପନ୍ଦନ ଖେଳୁଛି ହୃଦୟ ଯନ୍ତ୍ରରେ

ସନ୍ଦେହର ଘନ କୁହେଳିକାରୁ ମୁକ୍ତ ହୋଇ

ଭଲପାଇବାର ଗଭୀର ଅନ୍ତର୍ମୁଖୀ ଇଚ୍ଛାରେ

କେତେବେଳେ ପାଲଟି ଯାଏ ମାନବୀରୁ ଦେବୀ

କଳ୍ପନାର ଅମୁହାଁ ଦେଉଳେ ।

Download Magazine from www.aahwaan.com

ତୁମେ ଅଛ ବୋଲି,

ଜଳିବାକୁ ଭଲ ଲାଗେ

ଦୁଃଖର ଦହନରେ

ଅନୁରାଗର ଅଶ୍ରୁସିକ୍ତ ନୟନରେ

ଅନନ୍ତରୁ ଅନନ୍ତ ଯୁଗ ପର୍ଯ୍ୟନ୍ତ

କରିବାକୁ ଚାହେଁ ପ୍ରତୀକ୍ଷା

ସାଜିବାକୁ ପାଷାଣୀ ଏ ଅସରନ୍ତି ପଥେ ।

ତୁମେ ଅଛ ବୋଲି,

ମଧୁସ୍ୱନ ବାଜିଉଠେ

ମନ ବୀଣା ଝଙ୍କାରରେ

ତନ୍ଦ୍ରାୟିତ ମନ ତଳେ

ଶିହରିତ ପୁଲକରେ

ସାନ୍ନିଧ୍ୟର ଆବେଗ ଯେ ତୋଳିଧରେ ମୂର୍ଚ୍ଛନା

ନିର୍ବାଣ ବି ହାରେ ଏଠି,

ମୋକ୍ଷ ଲୋଡ଼ା ହୁଏନା

ଯେତେ ସବୁ ଭଙ୍ଗା ଗଢ଼ା ଖେଳ ଏଠି ହୁଏରେ ।

Download Magazine from www.aahwaan.com

# ମୁଖା



ଦେବସ୍ମିତା ବେହେରା

ଆଜିର ଏଇ ସଭ୍ୟ ସମାଜରେ

ପ୍ରତ୍ୟେକଟି ମଣିଷ କରି ଚାଲିଛନ୍ତି ଛଳନା,

ପିନ୍ଧି ଗୋଟେ ଗୋଟେ ଭଦ୍ରାମୀର ମୁଖା

ମୁଖାର ଏପଟେ ଆଉ ସେପଟେ

ଦୁଇଟି ଅଲଗା ଅଲଗା ଚେହେରା,

ଦୁଇଟି ଅଲଗା ବ୍ୟକ୍ତିତ୍ବ ଆଉ

ଦୁଇଟି ଅସଂଲଗ୍ନ ଭାବନାର ଅଭିବ୍ୟକ୍ତି ।

ମୁଖାର ଏପାଖରେ ଭଦ୍ର ସମାଜରେ

ସଭ୍ୟ ମଣିଷର ପଟ୍ଟଚିତ୍ର,

ଯିଏ ସୃଷ୍ଟିକରେ ପ୍ରହେଳିକା ପ୍ରତି ମୁହୂର୍ତ୍ତରେ

ଅନେକ ଅବ୍ୟକ୍ତ ପ୍ରଶ୍ନର

ଆଉ ଗୋଟିଏ ଦରଦୀ ହୃଦୟ

ଯିଏ ଦେଖାଏ ଅହରହ ନିଜର

Download Magazine from www.aahwaan.com

ସାଧୁତାର ପରାକାଷ୍ଠା ଆଉ ଉଦାରତା

ସଭ୍ୟ ସମାଜ ଆଗରେ ।

ମୁଖାର ସେପାଖରେ କିନ୍ତୁ ଲୁଚି ରହିଥାଏ

ଗୋଟେ ଛଳନାମୟୀ କଳୁଷିତ ବ୍ୟକ୍ତିତ୍ୱ,

ଯାହା ଚରିତାର୍ଥ କରିବାରେ ଲାଗିଥାଏ

ନିଜର ଗୋପନ କରିବାରେ ଲାଳସା

ଆଉ ଭାଙ୍ଗି ଚାଲିଯାଏ ଅନେକ ସ୍ୱପ୍ନ

ନିଜ ପ୍ରିୟଜନଙ୍କର ବିଶ୍ୱାସ ଆଉ ଆନ୍ତରିକତାରେ

ଦେଇ ବିଶ୍ୱାସଘାତ ଆଉ ପ୍ରେମର ବିଷ ଆଉ

ଭାଙ୍ଗି ଚାଲେ ଜୀବନର ସବୁ ଅଧାଗଢ଼ା ସ୍ୱପ୍ନକୁ

ପ୍ରତିକ୍ଷଣ ପ୍ରତି ମୁହୂର୍ତ୍ତରେ ।

୨୧୭, ଭୋଇ ନଗର

ବାୟାବାବା ମଠ ଲେନ୍, ଭୁବନେଶ୍ୱର - ୨୨

Download Magazine from www.aahwaan.com

# ଆଦିବାସୀ



ଏମ୍. ବିଜୟ କୁମାର

କେତେବେଳେ ମାକଁଡ଼ କହୁଛ ତ

କେତେବେଲେ ମୁଢ଼ଫିର୍ କେତେବେଲେ

ଅସୁର୍

କେତେବେଲୁଁ ବନବାସି ବନାଉଛ

ଜଙ୍ଗଲି କହେଲ ବାନର ଭାବଲ

ନାଇ ପାଏଲ କେ ସୋର୍

କନ୍ଧ ମୁରୁଖ୍ ଲଟା ଗିଚେ ପୁରୁକ ପୁରକ

କାହିଁ ଏ ହିନମାନ ଭାବଲ ଯୁଗ ଯୁଗ୍

ନା ଦେଇଛ ମୁନୁଷ୍ ଟିକର ମାଏନ୍ କି

ସନମାନ

ନା ଦେଉଛ ଶିଖବାକେ

ବିବେକ ସତ୍‌ଗିଆନ୍ ।

Download Magazine from www.aahwaan.com

କନ୍ଧ୍ କହେଲ ମୁଣ୍ଡା ବି ଫିର୍ ଡଁଗରିଆ

ଆମକେ ପଶୁ ଭାବଲ କି ମୁନୁସ୍

ମାକଡ଼ିଆ ବାନାରାସାଗିଁଆ ଇ ସଭ

ଘୁରନା କି ମଜାକ ଉପହାସର ଦୁସ

ତମର ଭେଦ ଛଲନା ଚକରନେ

ଆମେ ତ ସବୁ ଜାଗାନୁ ବର୍ଜିତ୍ ଲୋକଆଏଁ

ଭଗବାନ ନିଜକୁ ବଲି ଭାଗ୍ୟ ବିଧାତା

ସଜାଇ କେନତା କରୁଛ ରଗଁ ଟେନକୁଁ କାଏ

ଏକଲବ୍ୟର ବୁଢ଼ା ଆହଡ଼ିକେ କାଟି ପକାଲ

ଧନୁରଧାରୀକେ ଗୁରୁ ଦକ୍ଷିଣାର ବାହାନା

ସଭୁ ଦିନର ଲାଗିଁ କଲଂକ ହେଇଗଲା

ଦ୍ରୋଣାଚାର୍ଯ୍ୟ

ପାତାଲୁ ବାହାଁରେ ସତ କପଟ ଛଲନା

ପହେଲା ମାଟ୍ରିକ୍ ପାସକେ

ରାଷ୍ଟ୍ରପତିକ ସାଗତମ ସନମାନ

ଅନ୍ୟପଟେ ସକାଲୁ ମାକଡ଼ିଆଁର

 Download Magazine from www.aahwaan.com

ଭିକ୍ଷାଥାଳ ଅଭିଯାନ

ନାଇ ପହଁଚେ ତାଲ୍ ସ୍ୱାସ୍ଥ୍ୟ ସେବା

ପୋକ ମାଛି ଭଲି ପୁଷ୍ଟିହୀନତାର ଶିକାର

ଦାନ ମାଝୀ ବୁହେ ଖନ୍ଧେ ମୁରଦାଲ

ଅନାହାରେ ମଲା ଝିନଟୁ ପରିବାର

କଳିଗ ନଗର ବାର ଆଦିବାସୀ ରକତନେ

ଅପରେସନ ଗ୍ରୀନ୍ ହଁଟ୍ କର୍ପୋରେଟ୍

ସ୍ୱାଥନେ

ଝାଳନାଳ ସ୍ୱେଦ କେ ଶୁଷି କୋଟିପତି

ହେଲ

ସରଳ ମୁନୁସ୍ ନିରୀହ ଆମେ କାଏଜେ

କଁଗାଲ୍

ହିନ୍ଦୁ ନାଁରେ ଆମର ଭୋଟ୍ ଜମିନ

ନାଇ ଦେଉ ଭଗାଳି

ଶ୍ରୀରାମ୍ ଶରରେ ନାଇ ମରୁ

ପ୍ରକୃତି ପୂଜକ ଆଦିବାସୀ ମେଳି

ହିନ୍ଦୁ କହିକରି ଆମକେ

ଯେନ୍ ଦେଇଥିଲ

ଇଜତ ମାନ ସନମାନ

ଦରକାର ନାଇ ଫିରାଇ ନେଉ ତୁମର

ଭଗବାନ

ଜଲ-ଜମିନ ଜଁଗଲ୍

ଆମର ଘରୁ ଆମକେ ଖେଦଲେ

ପ୍ରତିରୋଧ କଲେ ଆମକେ କହୁଛ

ଦେଶଦ୍ରୋହ ମାଓ ନକସଲ ବାଦି

ଆପନ କାଣା ଶାସକ କି ଶୋଷକ

ଶିକ୍ଷିତ ନାକେଁ ମାତ୍ର ଭଦ୍ର ଖୋଳପା ମୁଖାପିନ୍ଧି

ହେ ତମେ ତ ଆର୍ଯ୍ୟ ବିଦେଶି ଅଁ

ଇତିହାସ ସାକ୍ଷି ରାନବାସୀ

ବିଗ୍ୟାନ ପ୍ରମାଣ ଆଦିବାସୀ

ଖୁଟକଟା ଭାରତର ମୂଳ ନୀବାସୀ ।

Download Magazine from www.aahwaan.com

# ତୁମେ ଆସୁଛ ବୋଧେ...



ଡା ସଂଧ୍ୟାରାଣୀ ପାଣିଗ୍ରାହୀ

ତୁମେ ଆସୁଛ ବୋଧେ..

ଇସାରାରେ କହିଲାଣି କିଏ ଅଧେ

ଆଉ କିଛି କୁହ.. ଲୁଚନା

ଚୁପ୍ ରହି ଯାଅନା

ଚୁପ୍ ଚାପ୍ ରହୁଥିବା ମୁଖ ଚାନ୍ଦର

ଉଠି ଆସିଲାଣି ଉହାଡ଼ରେ ବାଦଲର

ଚିକମିକ କଲାଣି ତାରା ଭରା ଓଢଣା ତାରି

ଅଭିସାର ନହୁଲୀ  ନବ ବଧୂର ଯୌବନ ପରି

ଗାଢ ଅନ୍ଧାର ବହଳ  ଗାଲିଚା ନେଇ

ଉଭା ହୋଇଛି  ଅଭିନବ ଅନୁଭୂତି ପାଇଁ

ବିଦାୟ ଫଗୁଣର ପୁଣି ଧୀରେ ଧୀରେ ଉପସ୍ଥାପନା

ଉଠି ବସିଲାଣି ମହକ ନେଇ ମହଣ ବଉଳର ବାସ୍ନା

ତୁମେ ଆସିବ ଏ ଲଗ୍ନରେ

Download Magazine from www.aahwaan.com

ବୁଲିବ ଏ ଅଗଣା ମଝିରେ

ପୁଣିଥରେ ଫେରିବ ବେଳା ବେଳି

ସପନର ପରଶରେ ଶିହରଣ ବୋଳି

ତୁମେ ଆସିବ ପୁଣି ଫେରିବ

ମୋ ସବୁ ଶବ୍ଦ ତୁମ ପଛରେ ପଡିବ

ଦେହ  ଦାହ ହେଲା ଯାଏଁ ମୋର

ଖୋଜିବା ହଜିବା ହିଁ ସାର

ହଜିଲା ମଉଳା ମଳୟ ସୁବାସ ଭରୁଛି

ଏ ଅମା ଅନ୍ଧାରରେ ଉଜ୍ଜୀବିତ କରୁଛି

ଛୁଟିରେ ଥିବା ହୃଦୟର ଗତିରେ ସ୍ପନ୍ଦନ ବଢିଲା

ଆଖପାଖର ଚଳଚଞ୍ଚଳରେ ମଧୁରିମା ଭରିଲା

କଥା କଥାରେ ସମ୍ବନ୍ଧ ଗଭୀରତା ହଜୁଛି ହସୁଛି

ହାତର ସାମାନ ହାତରୁ ଖସୁଛି

ଖାଲି ଖାଲିରେ ମନ ଖୁବ୍ ହସୁଛି

ସତରେ ଅତର ମିଶା କିଛି ଅନିଳ ଶୁଂଘିଛି

ନିଶା ଖୁବ୍ ଜୋର ଧରିଛି

Download Magazine from www.aahwaan.com

କିଛିଟା ନ ପିଇ ମାତାଲ ହୋଇଛି

ଏ ଆକାଶର କାକର ପରି

ଚନ୍ଦ୍ରଧୌତ ରାତିରେ ଫିଛା ମୋ କରି

କେତେ ବାଟ ଯିବ କୁହ ମୋ ସାଥିରେ

ରାତି ପାହି ସକାଳର ସୁନେଲି ସୂର୍ଯ୍ୟ ଗୀତିରେ

Download Magazine from www.aahwaan.com

# ଚିଲିକା



ଅନୁସୂୟା ମିଶ୍ର

ଉତ୍ତାଳ ଅସରନ୍ତି ଆମନ୍ତ୍ରଣ ଆସି

ଲେଉଟି ଯାଉଛି

ମୁହାଣର ଶୂନ୍ୟତାରେ ମଥା ପିଟି ପିଟି

କିନ୍ତୁ, ଭାସି ଯାଇ ପାରୁନୁ ତୁ ।

ଆବେଗର ଅନନ୍ତ ବିସ୍ମୃତିରେ

ଆଗ୍ରହ ବି ବାହୁ ମେଲିଅଛି

କିନ୍ତୁ, ନିଜକୁ ମେଲି ଦେଇପାରୁନୁ ତୁ ।

ଭାବର ଅକାତ ଗଭୀରତାରେ

ପ୍ରତୀକ୍ଷାର ପାରାବାରଟିଏ

ନିଜକୁ ସଜାଡ଼ି ରଖିଛି

କିନ୍ତୁ, ବୁଡ଼ି ଯାଇପାରୁନୁ ତୁ ।

ଚାହିଁ ଦେଖ୍ ତ...

କାଳିଯାଇ ଶିଖରେ ଆଜି ବି

Download Magazine from www.aahwaan.com

ଅନୁଢ଼ା ଆତ୍ମାଟିଏ

ଅହରହ ଖୋଜି ହୁଏ

ପୂର୍ଣ୍ଣତାର ତିଳେ ପରିତୃପ୍ତି

ପକ୍ଷୀଙ୍କର କାକଳୀରେ ଶୁଭେ

ସମୟର ସାମୟିକତାର ଗୀତି,

ଭାଲେରୀ ଉହାଡ଼ରେ ନିତି

ସୂର୍ଯ୍ୟ ବି ବାଟ ଜଗି ରହେ,

କିଏ ଜାଣେ, ମୁହାଣର ସ୍ୱର୍ଦ୍ଧିତ ବକ୍ଷରେ

ଆଙ୍କି ହୋଇଯିବ କାଳେ

ମିଳନର ସ୍ୱର୍ଗୀୟ ସ୍ୱାକ୍ଷରଟିଏ ।

କିନ୍ତୁ... ଆତ୍ମଲୀନ ତୁ,

ନିରୁତ୍ସାହ ତୋ ଗତି

ଡେଇଁଯାଇ ପାରେନାହିଁ ନିଜସ୍ୱ ପରିଧି

କାହିଁକି ଏ ନିସ୍ତରଙ୍ଗତା ?

ସନ୍ନିଧ୍ୟାନେ ଥାଇ ମଧ୍ୟ

କାହିଁକି ଅଲୋଡ଼ା ତୋ ଲାଗି

Download Magazine from www.aahwaan.com

ସାଗରର ସାନ୍ନିଧ୍ୟ ?

କାହିଁକି ଏ ନିରାସକ୍ତି ?


କହଲୋ ଚିଲିକା,

କାହିଁକି ବା ନିଜ ମଧ୍ୟେ

ସୀମାବଦ୍ଧ ତୁ ଆଜି ?

Download Magazine from www.aahwaan.com

# ଟୁଲିପ୍




ଓଁକାର ଦାଶ

ଟୁଲିପଟିଏ ତୁମେ
ମୋ ସ୍ୱପ୍ନର ବଗିଚାରେ
ବିଛିଦେଇ ଯାଅ ବାସ୍ନା
ପ୍ରେମର ଅଜଣା ଅଚିହ୍ନା ସହରରେ...
ମହକି ଉଠେ ମୋ ଦିଗ୍‌ବଳୟ
ଚଳଚଞ୍ଚଳ ହୁଏ ମୋ ସକାଳ
ନୂଆ ସ୍ୱନ୍ଦନେ ନାଚେ ମୋ ହୃଦୟ
ଖୁସିର ପସରା ଭରିଯାଏ
ପାରେନାହିଁ କରି ଅଟକଳ...
ଭାବନା ରାଜ୍ୟରେ ଯାଏ ହଜି
ତୁମେ ପାଲଟି ଯାଅ ପରିଚୟ ମୋର
ନିଜକୁ ଆଉ ମୁଁ ପାରେନା ଖୋଜି
ଇଚ୍ଛା ହୁଏ ମୁଁ ହଜାନ୍ତି ନିଜକୁ ଏମିତି
ଥରେ ନୁହେଁ ବାର ବାର ।

Download Magazine from www.aahwaan.com

# ବିଦାୟୀ ବରଷ ୨୦୧୭



କାହ୍ନୁ ଚରଣ ସାହୁ

ହେ ବିଦାୟୀ ବରଷ ୨୦୧୭

ଅଭିମାନ ଆଉ ଜମା କରନାହିଁ

ଆସିଥିଲ ତୁମେ ବରଷକ ପାଇଁ

ଚାଲିଯାଅ ପୁଣି ସବୁ ଦୁଃଖ ନେଇ ।

ତୁମେ ସିନା ଥରେ ଚାଲିଗଲାପରେ

ଫେରିବାର ନାଆଁ ନିଅ ନାହିଁ

ହେଲେ ଯାହା କିଛି ସ୍ମୃତି ଛାଡ଼ିଯାଅ

ସେଥିରେ ପରିବର୍ତ୍ତନ ନିଶ୍ଚେ ଘଟଇ ।

କେତେ ଯେ ସୁଖ ଦୁଃଖର ସାଥୀ

ଉପହାର ସଦୃଶ ଆମକୁ ଦେଇଯାଅ

ଜୀବନର ଚଲାପଥରେ କିଛି ଶିଖେଇ

ସ୍ୱପ୍ନ ସାକାର କରିବାର ଇସାରା ଦିଅ ।

ଜୀବନେ ଅନେକ ହସଖୁସି ଭରିଦିଅ

Download Magazine from www.aahwaan.com

କଷ୍ଟରେ ବଞ୍ଚିବାର ବାଟ ଦେଖାଅ

ମହାନ ଲକ୍ଷ୍ୟ ଅତିକ୍ରାନ୍ତ ପଥିକକୁ

ସଫଳତାର ଝଲକ ତୁମେ ଦେଖାଅ ।

ମହାନ ଉଦ୍ଦେଶ୍ୟ ରଖି ଆସିଥିଲ ତୁମେ

ମହାନ ବ୍ୟକ୍ତିତ୍ୱ ଗଢ଼ିବାର ସ୍ୱପ୍ନ ନେଇ

ସମୟ ସ୍ରୋତେ ଛନ୍ଦିହେଇ ଗଢ଼ିଲ

ଏଇ ସଂସାରକୁ ଆହୁରି ସୁନ୍ଦରତା ଦେଇ ।

Download Magazine from www.aahwaan.com

# ନୂଆ ବରଷ



କାହ୍ନୁ ଚରଣ ସାହୁ

ଆଇଛେ ରେ ବରଷକେ ଥରେ

ନୂଆ ସଜବାଜେ ନୂଆ ବରଷ

ହସି ଖୁସି ସଙ୍ଗେ ଆଇଚେ ଧରି

ନୂଆ ସକାଲର ନୂଆ ସପନ୍ ।

ଗାଆଁନୁ ସହର୍ ଦୁଲ୍କୁ ଛେ

ଡିଜେ ଗାନାର୍ ତାଲେ ତାଲେ

ଝକ୍‌ମକେଇ ଯାଉଛେ ଟାଉନ୍‌ସାରା

ଲିଚୁ ଲାଇଟର୍ ମାଲେ ମାଲେ ।

ଲାଗିଚେ ହୋ ଚାରିକୁତି ବଢ଼େ

ସବ୍‌କର୍ ଘରେ ଗହ୍ ଗହ୍

ମୁନୁଷମାନେ ଆଏ ବଢ଼େଚେ ଉସ୍ତ୍

ଭୋଛଡ଼ା ଛେଲ୍ କୁକ୍ରା କାନ୍ଧୁଛନ୍ ।

ରାଗ୍ ରୁଷାସବୁ ଭୁଲିଯିମା

Download Magazine from www.aahwaan.com

ଯେତ୍‌କି ଥିଲା ଦୁଇ ହଜାର ସତ୍ର ତି

ଭଲ୍ ପାଇ ସବ୍‌କୁ ନିଜର୍ କର୍‌ମା

ଇନୂଆ ବରଷ୍ ଦୁଇ ହଜାର୍ ଅଠର୍ ଥି ।

ପଣ୍ଡକାମାଳ, ମ. ରାମପୁର, କଳାହାଣ୍ଡି

ଭ୍ରାମ୍ୟଭାଷ : ୯୫୫୬୮୨୨୪୪୭

# ଅସରାଏ ଫଗୁଣ



ମୃତ୍ୟୁଞ୍ଜୟ ହୋତା (ଆଲୋକ)

ପୃଥିବୀ ଆଜି ଉତ୍‌ଫୁଲ୍ଲିତ ଚକିତ ରଙ୍ଗର ଆସେ ପସରା,

ନବଦିଗନ୍ତ ଚିକ୍ ଚିକ୍ କରେ ଆସିଛି ଫଗୁଣ ପରା ।

ଉନ୍ମଦିତ ଚଉଦିଗ ସଜା ମୃଣ୍ମୟୀ ଆକାଶ ଦିଶେ,

ପବନ କରି ଅଭିମାନ ସୁଲୁ ସୁଲୁ ହୋଇ ଆସେ ।

ନୂଆ ଉନ୍ମାଦନା ନୂଆ ସପନ ସତେ କି ଆଶାର କିରଣ,

ପଶୁପକ୍ଷୀ ଅବା ଗଛ ଲତା ସଭିଏଁ ଫଗୁଣେ ନମନ ।

ଆମ୍ବ ବଉଳ ବସନ୍ତ ଲକ୍ଷଣ ନବଘନ ରଚିତ,

ହୃଦୟ ଖୋଲି ବ୍ୟକ୍ତ କରେ କୋଇଲି ଚିରା ଚରିତ ।

ପ୍ରକୃତି ବାସନା ଦିବ୍ୟ ଛନ୍ଦନା ଉଠେ ମହ ମହ ହୋଇ,

ଧରଣୀ ଆଜି ଫଗୁଣେ ବିଭୋର ସତେ ନୂଆ ବୋହୁ ହୋଇ ।

ପକ୍ଷୀ ବିଚରଣ ଖୋଲା ଆକାଶରେ ସ୍ୱରର ରାଗିଣୀ ଗାଇ,

ଝରଣା ବହିଯାଏ ଆନନ୍ଦ ମନରେ ଅବା ପାହାଡ଼କୁ ଛୁଇଁ ।

ମଳୟର ଏହି ସୁନ୍ଦର ଅନୁଭୂତି ଗୋଲାପ ଫୁଲଠୁ ବେଶୀ,

Download Magazine from www.aahwaan.com

ତଥାପି ମନ ଅଣାୟତ ହୁଏ ଫେରିଯିବାକୁ ଆସି ।

ସୂରୁଜ ଆସେ ନଇଁ ଜହ୍ନକୁ ସ୍ୱାଗତ କରି,

ଚାରିଆଡ଼େ ଖାଲି ଫଗୁଣ ଆସର ହୃଦୟ ଅଥୟ କରି ।

ରତାଖଣ୍ଡି, ବୌଦ୍ଧ, ଓଡ଼ିଶା

ଭ୍ରାମ୍ୟଭାଷ : ୮୭୫୮୦୯୪୮୧୪

Download Magazine from www.aahwaan.com

# କୋଣାର୍କ



ସ୍ୱାଗତ କୁମାର ପଣ୍ଡା

ଠକ୍ ଠକ୍ ବାଜୁଥାଉ ପାଷାଣେ ନିହାଣ
ଯେଉଁ ଯାଏ ନ ଥମଛି ଛାତିରୁ ସ୍ପନ୍ଦନ
କ୍ଷୀଣତର ହେଉ ଥାଉ ଆୟୁଷର ଶିଳା

ପ୍ରତି ଘଡି, ପ୍ରତିକ୍ଷଣ, ପ୍ରତିଟି ମୁହୂର୍ତ୍ତ
ଛାଡ଼ିଯାଉ ଏକ ଏକ ଅବିସ୍ମର ସ୍ମୃତି
ନିଷ୍ଠୁର ସମୟର ନିହାଣ ମାଡରେ
ଫୁଟି ଉଠୁ ସୁକ୍ଷ୍ମତର ରମ୍ୟ କାରୁକଳା

ଅହର୍ନିଶି ହେଉ ଥାଉ ଦେଉଳ ନିର୍ମାଣ
ଅନୁକ୍ଷଣେ ଚାଲିଥାଉ ପ୍ରସ୍ତର ଖୋଦନ
ଠକ୍ ଠକ୍ ବାଜୁଥାଉ ପାଷାଣେ ନିହାଣ
ଯେଉଁ ଯାଏ ନ ବସିଛି ମୃତ୍ୟୁ ର କଳସ
ଜୀବନ କୋଣାର୍କ ର ଶେଷତମ ଶିଳା....

****************************

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର
ମୋ. 8093444953

Download Magazine from www.aahwaan.com

# ଚିଠି



ଶ୍ରଦ୍ଧାଞ୍ଜଳୀ ମିଶ୍ର

ଚିଠି ଲେଖିବାକୁ ଦରକାର ହୁଏ ଖଣ୍ଡେ କଲମ, ଖଣ୍ଡେ କାଗଜ ଆଉ ଗୋଟେ ମନ,

ଚିଠି ରେ ପ୍ରଥମେ ନ ଲେଖିପାର ପ୍ରିୟତମା ବୋଲି,

ଅକ୍ଷର ସୁନ୍ଦର ନ ହୋଇଥାଉ କିମ୍ବା ବ୍ୟାକରଣଗତ ତ୍ରୁଟି ଥାଉ,

କିନ୍ତୁ ତମେ ଗୋଟାଏ ଚିଠି ଲେଖ ।

ସମ୍ବୋଧନ ନକରି ପାର ମୋ ପ୍ରିୟା ବୋଲି,

ହୃଦୟ ଗ୍ରାହୀ ବୋଲି ଲେଖି କାଟି ଦେଇ ପାର,

ମୁଁ ଦୁଃଖରେ ଅଛି ନା ସୁଖ ରେ ଅଛି ହୁଏତ ନଜାଣିବାକୁ ଚାହଁ,

କିନ୍ତୁ ତମେ ଗୋଟାଏ ଚିଠି ଲେଖ ।

ଚିଠିରେ ନ କହିପାର ତୁମ ପ୍ରେମ ବିଷୟ ରେ

ଅବା

ନ ଲେଖିପାର କେବେ ଦେଖା ହେବ ବୋଲି,

Download Magazine from www.aahwaan.com

ହୁଏତ ନଜାଣିବାକୁ ଚାହଁ ମୋ ହୃଦୟ ର ଠିକଣା ,

କିନ୍ତୁ ତମେ ଗୋଟାଏ ଚିଠି ଲେଖ ।

ଶେଷରେ ନ ଲେଖିପାର, ଚିଠି ପାଇ ଚିଠି ଦେବା ପାଇଁ,

ଚିଠିରେ ନ ଲେଖିପାର ଇତି ତୁମର ପ୍ରିୟତମ ,

ଲେଖିକି କାଟି ଦେଇ ପାର,

କିନ୍ତୁ ତମେ ମୋ ପାଇଁ ଗୋଟାଏ ଚିଠି ଲେଖ ।

କ'ଣ


ତମେ ତମ ମନରୁ ମୋ ପାଇଁ ଚିଠି ଗୋଟିଏ ଲେଖି ପାରିବନି ?

ଇତି,

ତୁମର....

 Download Magazine from www.aahwaan.com

# ପ୍ୟାସା (ଅନୁବାଦ କବିତା)



ସରୋଜ କୁମାର ସାହୁ

ପ୍ୟାସା

ମୂଳ ଉର୍ଦ୍ଦୁଲେଖକ : ଶାହୀର ଲୁଧିଆନଭୀ

ଅନୁବାଦ : ସରୋଜ କୁମାର ସାହୁ

"ସେଇ ରାଜପ୍ରାସାଦ,
ସେଇ ଶାସନ କ୍ଷମତା
ଅବା ରାଜକୁମୁଟର ଦୁନିଆଁ
ସେଇ ମଣିଷତ୍ୱର ଶତ୍ରୁ ସାଜିଥିବା
ଅବା ଐଶ୍ବର୍ଯ୍ୟର ଭୋକିଲା ସମାଜର ଦୁନିଆଁ
କି ଲାଭ ହବ ଯଦି ବା ସେ ଦୁନିଆଁ ମିଳିଲେ ?

ଯେଉଁଠି ପ୍ରତ୍ୟେକ ଶରୀର କ୍ଷତାକ୍ତ
ଓ ଆତ୍ମା ଗୁଡିକ ତୃଷାର୍ତ୍ତ
ଯେଉଁଠି ପ୍ରତ୍ୟେକ ଦୃଷ୍ଟି ଜଟିଳ ଓ
ଅସମ୍ବେଦନଶୀଳ
କି ଲାଭ ହବ ଯଦି ବା ସେ ଦୁନିଆଁ ମିଳିଲେ ?

ଯେଉଁଠି ମନୁଷ୍ୟ ଗୋଟେ କାଠ ପୁତୁଳି
ଯେଉଁଠି ମୃତ ଲୋକଙ୍କ ବସବାସ ଖାଲି

Download Magazine from www.aahwaan.com

ଯେଉଁଠି ମୃତ୍ୟୁ ଶସ୍ତା ଜୀବନର ମୁଲ୍ୟ ଠୁ
କି ଲାଭ ହବ ଯଦି ବା ସେ ଦୁନିଆଁ ମିଳିଲେ ?

ଯେଉଁଠି ଯୁବ ପିଢ଼ି ଘୁରିବୁଲେ ନିରାଶରେ
ଯଉବନ ସଜେଇ ହୁଏ ଦେହର ବଜ଼ାରରେ
ଯେଉଁଠି ପ୍ରେମ ବନିଯାଏ ଏକ ବ୍ୟବସାୟ
କି ଲାଭ ହବ ଯଦି ବା ସେ ଦୁନିଆଁ ମିଳିଲେ ?

ମଣିଷ କିଛି ନୁହଁ ଏ ଦୁନିଆରେ
ବିଶ୍ୱାସ ବୋଲି କିଛି ନାହିଁ, ମିତ୍ରତା ବି ନାହିଁ
ଯେଉଁଠି ପ୍ରେମର ମୂଲ୍ୟ କିଛି ନାହିଁ
କି ଲାଭ ହବ ବା ସେ ଦୁନିଆଁ ମିଳିଲେ ?

ଜଳାଇ ଦିଅ, ଧ୍ୱଂସ କରିଦିଅ ଏ ଦୁନିଆଁ କୁ
ହଟାଇ ଦିଅ ମୋ ସମ୍ନାରୁ ଏ ଦୁନିଆଁ କୁ
ତୁମେ ହିଁ ସମ୍ଭାଳ ତୁମର ସେ ଦୁନିଆଁ କୁ

Download Magazine from www.aahwaan.com

# ତୁମେ ଆଏବ ବଲି



ବିଜୟିନୀ ପଣ୍ଡା

ଗଲା ଫଗୁନ୍ କେ କଥା ଦେଇଥିଲ
ଲେହେଁଟି ଆଏମି ବଲି,
'ଇ' ଫଗୁନେ ଫେର୍ ଟାକି ବସିଛେଁ
ରଙ୍ଗ ଫରୁଆ ଧରି ।

ଦିନ୍ ସରିଗଲା ବରଷ୍ ବିତିଗଲା
ଆଏବ ବଲି କରିଛେଁ ଆଶ୍,
ମନ୍ ଆତ୍ମା ସବୁ ସୁରୁତ୍ ଲାଗସି
ଦୁହେଁ ଥିଲେ ପାଶ୍ ପାଶ୍ ।

ଆମ୍ ବଉଲ୍ ଖିଜେଇ ହେଉଛେ
ମୋର୍ ଏକ୍ଲାପନ୍ କେ ଦେଖି,
ଗଛର୍ ଡାଲେ କୁଇଲି ବସି

Download Magazine from www.aahwaan.com

ଦେଖୁଛେ ହେଇ ସାକ୍ଷୀ ।

ଦର୍ ମରା ଜୀବନେ ମାଉଁସ୍ ପାଉଁଲିତା

ଆଏତ ଯଦି ଥରେ

ଆଁଖଲ୍ ଯେତେ ପର୍ଛା ଶୁଖି ଯାଏତା

ତୁମକୁ ଦେଖ୍ଲା ପରେ ।

ତୁମର୍ ବିନା ସବୁ ଲାଗ୍‌ସି ଛିନା ଛିନା

ତୁମେ ଯେ ମୋର୍ ଉଆଁସ୍ ରାତିର୍ ଜନ୍,

ଯେନ୍ ଦିନୁ ତୁମକୁ ମନ୍ ଦେଲିନ

ହୁର୍ଗୁନି ହେଇ ହେଇ ଯାଉଛେ ଜୀବନ୍ ।

ଘାଏକେ ମରି ଘାଏକେ ଜିଉଁଛେ

ତୁମେ ଆଏବ ବଲି,

ଫେର୍ ନୁଆଁ ଆଶ୍ ଟେ ମନେ ପାଉଁଲୁଛେ

ତୁମର୍ ସିନ୍ଦୁର୍ ଟିକେ କେ ଟାକିଛେଁ ଖାଲି ।

ଆଶ୍ ତ ଅଛେ ଜରୁର୍ ଆଏବ
ଗୁର୍ଦ୍ଦୁ ଟେ ପୀରତି ରଙ୍ଗ ମେଲେଇ,
ବର୍ଷେ ପରେ ମୋର୍ ଏକ୍ଲାପନ
ସାଙ୍ଗେ ସାଙ୍ଗ ଯିବା ପଳେଇ ।

ଶିକ୍ଷୟିତ୍ରୀ
ମହମ୍ମଦପୁର ନୋଡାଲ ହାଇ ସ୍କୁଲ
ସମ୍ବଲପୁର

ଶବ୍ଦାର୍ଥ :-

ଲେହେଁଟି - ଫେରି ଆସିବା, ଫରୁଆ - ଡବା, ଖିଜେଇ - ଖତେଇ ହେବା, ଆଶ - ଆଶା, ସୁରୁତ୍ - ମିଠା ପାଉଁଳିତା - ଜୀବନ୍ତ ହେବା, ଆଁଖଲ - ଆଖି ଲୁହ, ହୁରଗୁନି - ବ୍ୟଥିତ, ଘାଏକେ - କ୍ଷଣିକେ, ଗୁର୍ଦ୍ଦୁ ଟେ - ବହୁତ

Download Magazine from www.aahwaan.com

# ପ୍ରଦୀପ ପଣ୍ଡା ଅମର ରହେ



ସୁଦାମ ଗୌଡ଼

ଧୂଳି ସର ସର ଦେହକୁ ଝାଡ଼ି ଘରକୁ ଦୌଡ଼ି ଆସି ମାଆ କୁ ଭାତ ଖାଇବାକୁ ମାଗିଲେ ।

ମାଆ କହିଲେ ତୁ ଖାଲି ଖାଉଥା ତୋର ଆଉକିଛି କାମନାହିଁ ଯା ଯା ଗାଧୋଇ ସ୍କୁଲ ଯିବୁ ।

ତୋ ସାଙ୍ଗ ମାନେ ପରା ସ୍କୁଲ ପ୍ରତି ଦିନ ଯାଉଛନ୍ତି ।

ହେଲେ ମାଆର କଥାକୁ ଖାତିର ନକରି ପୁଣି ଘରୁ ବାହାରି ଧୂଳିରେ ଯାଇ ପୁଣି ଖେଳିଲେ ।

ମାଆ ଯେତେ ମନା କଲେ ମଧ୍ୟ ମାନିଲେ ନାହିଁ ।

ଶେଷରେ ବାଧ୍ୟ ହୋଇ ମାଆ ଯାଇ ତାଙ୍କ କାନକୁ ମୋଡ଼ି ଧରି ଆଣିଲେ ।

କହିଲେ ଆଜି ଯଦି ସ୍କୁଲ ନ ଯିବୁ ତାହେଲେ ତୋର ଖାଇବା ପିଇବା ବନ୍ଦ ।

ଶେଷରେ ବାଧ୍ୟ ହୋଇ ବାହାରି ପଡ଼ିଲେ ସ୍କୁଲ ଯିବାପାଇଁ ।

ପାଠ ପଢ଼ି ଦେଶର ନା ରଖିଗଲେ ସେ ବୀରସନ୍ତାନ ।

ସେ ପିଲାଟି କିଏ ଆପଣ ମାନେ ଯାଣି ଛନ୍ତି ? ।

ସେ ପିଲାଟି ହେଉଛନ୍ତି ଆମ ମାଆ ମାଟିର ଗୌରବ

ଆମ ଓଡ଼ିଶା ମାଟିର ବୀର ସନ୍ତାନ ।

ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଲିପିଲୋଇ ଗ୍ରାମର ଆଉ କେହି ନୁହନ୍ତି ସେହି ମାଆ ମାଟି ପାଇଁ ହସି ହସି ଜୀବନ ଦେଇଥିବା ପ୍ରଦୀପ କୁମାର ପଣ୍ଡା ।

Download Magazine from www.aahwaan.com

ସେ ସିନା ଆମକୁ ଛାଡ଼ି ଚାଲି ଯାଇଛନ୍ତି ହେଲେ ସେ ଆମ  ପାଇଁ ଅମର ଅଛନ୍ତି  ।

ତାଙ୍କରି କର୍ତ୍ତ୍ୟବ ତାଙ୍କରି ଗୌରବ କିଏ  ଭୁଲିପାରିବ  ।

ସେ ଦିନ ସୋମବାର ଥିଲା ମୁଁ ଏବଂ ମୋ ସାଙ୍ଗ ମାନେ ବାଙ୍ଗାଲୋରରେ ଭୋଜି ଯିବାପାଇଁ ପ୍ରସ୍ତୁତ ହଉଥାଉ  ।

ଠିକ୍ ସାତଟା କୋଡ଼ିଏରେ ମୋ ସାଙ୍ଗ ଦୌଡ଼ି ଆସି ମତେ କହିଲା  ।

ସାଙ୍ଗ ତୁମ ସୁନ୍ଦରଗଡ଼ର କେହି ଜଣେ ସିଆପିଏଫ୍ ଯବାନ ପ୍ରାଣ ହରାଇଛନ୍ତି  ।

ମୁଁ ମୋ ସାଙ୍ଗ କଥା ଶୁଣି ଚୁପ ହୋଇଗଲି  ।

କାହିଁ କିନା ମୋ ଭାଇ ମଧ୍ୟ ସିଆରପିଏଫ୍ ରେ ଅଛନ୍ତି ପୁରା ଡ଼ରିଗଲି  ।

ହେଲେ ଯେତେ ବେଳେ ସମାଚାର ଦେଖିଲି ମୋ ଭାଇ ନଥିଲେ  ।

ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁର ଲିପିଲୋଇ ଗ୍ରାମର ପ୍ରଦୀପ କୁମାର ପଣ୍ଡ୍ତା  ।

ସେ ଗୋଟିଏ ମାଆର ଛୁଆ ନ ହେଲେ କ'ଣ ହେଲା ସେ ମୋ ଭାଇଠୁ କମ ନୁହନ୍ତି  ।

ସେ ମୋ ଭାଇ ସାଙ୍ଗରେ ସମାନ ତାଙ୍କୁ କେମିତି ଭୁଲି ଯିବି  ।

ସେ ଦିନ ମତେ ବହୁତ ବାଧିଲା ହେଲେ କ'ଣ କରିବି ନିଜକୁ ବହୁତ ବୁଝାଇଲି  ।

ସମସ୍ତେକେତେ ଧୁମ ଧାମରେ ନବବର୍ଷ ପାଳନ କରୁଥିଲେ  ।

ଘରେ ଘରେ କୁକୁଡ଼ା ଖାସି କାଟି ଖୁସି ଆନନ୍ଦ ମନରେ ନାଚ ଗୀତ କରୁଥିଲେ  ।

ହେଲେ ମୁଁ ଭୋଜି ଗଲିନାହିଁ କେମିତି ଯାଇଥାନ୍ତି  ।

 Download Magazine from www.aahwaan.com

ଜଣଙ୍କ ପରିବାର ଦୁଃଖରେ ଥିବ ଆଉ ମୁଁ ହସ ଖୁସିରେ କେମିତି ନବବର୍ଷ ପାଳନ କରିଥାନ୍ତି ।

ସେ ସିନା ଆମ ମାନଙ୍କୁ ଛାଡ଼ି ଚାଲିଯାଇ ଛନ୍ତି ହେଲେ ସେ ଅମର ଅଛନ୍ତି ।

ତାଙ୍କ ପାଇଁ ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା କରି କହୁଛି ।

ପ୍ରଦୀପ କୁମାର ପଣ୍ଡା ଅମର ରହେ ।

ସୁଦାମ ଗୌଡ଼

ବୁଡ଼ାବାହାଲ

ଜି : ସୁନ୍ଦରଗଡ଼

୮୭୬୨୩୯୦୦୭୩

Download Magazine from www.aahwaan.com

# ଭଲର ଫଲ୍ ସଭିଁକେ ଭଲ



ଆଶୁତୋଷ ମେହେର

ପରର ଲାଗି ପାରବୁ ଯଦି
ବଏଠା ଗୁଟେ ଦେ ଜାଲି
ମିଟେଇ ଦେବା ରାତିର ଅମା
ଉକିଆ ବି ତୋର ଖୁଲି ।
ଆନର ଗୁଛି ଛେଦବୁ ବଲି
କୁଡବୁ ଯଦି ରେ ଗାତ
ନିଜେ ଢୁକବୁ ହେଜବୁ ବାବୁ
ହେଇ କେ ଉଦୁରମାତ ।
ଭଲର ଫଲ ସଭିଁକେ ଭଲ
ମହକ ଫୁଲର ବାସ
ଧାନ ବୁନଲେ ଦାଏବୁ ଧାନ
ଘାସ ବୁନିଥିଲେ ଘାସ ।
**ଇନେ ସରଲା*

୫୪ ଆର୍ଯ୍ୟପଲ୍ଲୀ
କିଟ୍ଛକ,ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Download Magazine from www.aahwaan.com

# ମାନସୀ ପ୍ରେମିକା



ପଙ୍କଜ ପାଣିଗ୍ରାହୀ

ସଂକ୍ଷିପ୍ତ ମାନସ ର ବିକ୍ଷିପ୍ତ ଚିନ୍ତାରେ

ଆଶା ଓ ଆକାଂକ୍ଷା ର ଅବିରତ ଉଦ୍ବେଗ

ବିରହ ବେଦନା ର ବ୍ୟାକୁଳ ଆବେଗ

ସମ୍ପୂର୍ଣ୍ଣତା ମିଳନ ର ସନ୍ଦିଗ୍ଧ ଜ୍ୱାଳାରେ ।

ଅମାନିଆ ମନ ଏହି ସମୟର ସ୍ରୋତରେ

ଭୁଲିଯାଏ ନିୟମକୁ ନମାନେ କା ପ୍ରଭାବ

ସିଂହରଣ ଉଚ୍ଛୁଳାଏ ଇସାରାରେ ଗନ୍ଧର୍ବ

ଅମାପ ରଜନୀ ର ଅସରନ୍ତି ଆଶାରେ ।

ଗୋଧୂଳି ବିନ୍ୟାସ ରାଜନୀର ଆଗମନ

କଣ୍ଠା ମାରେ ଛୁଇଁ ଶୀତଳ ପବନର ସ୍ୱର

ଚନ୍ଦ୍ରମାର ସ୍ଵଜ୍ଜ୍ୱଳ ହସ ହସ ଲୁଚକାଳି ଖେଳ

Download Magazine from www.aahwaan.com

ନେପଥ୍ୟରୁ ଦିଶେ ସୁସଜ୍ଜିତ ଆପ୍ସରା ର ବଦନ ।

କେତେଯେ ଆଶା କେତେ ଉଦ୍ଧୀପନା

ମନେହୁଏ ସତେ ଯେପରି ମୁ ଏକ ବିଡମ୍ବନା

ଚିତ୍ତ କହେ ତୁମେ ନିମିତ୍ତ ମାତ୍ର

ଏ ହେଉଛି ପ୍ରକୃତିର ବିଚିତ୍ର ରଚନା ।

ଖୋଜି ପାଏନାହିଁ ନିଜକୁ ନିଜ ଭିତରେ

କେଉଁଠି ଥାଏ ମୁ କେବେ କାହା ସାଥିରେ

ଜ୍ୟୋତ୍ସ୍ନା ବିଧୌତ ରଜନୀ ବିହାର

ମୃଦୁ ମୃଦୁ ସୁଗନ୍ଧିତ ସୁସଜ୍ଜିତ ବଗିଚାରେ ।

କିଏ ଆସେ କେତେ ବେଳେ ଜାଣେନା ମୋ ମତି


ବୁଝି ହୁଏନା ସତରେ ସେ ନିଜର ବା ପର

ତଥାପି ମନ କହେ ଅଭୁଲା ଏ ସ୍ମୃତି

ମିଶିବ ସାଗରେ ନଦୀ ନିଶ୍ଚିତ ଏ ରୀତି ।

Download Magazine from www.aahwaan.com

# ପ୍ରେମିକର ରୋଦନ



✍ କୁମାର ଲୋକେଶ୍

ଭୋ ଭୋ କରି କାନ୍ଦୁଥିଲି ବସି
ରାତିର ଅନ୍ଧକାରରେ
ଶୁଭୁନି କାହାକୁ ରୋଦନ ଯେ ମୋର
କଷ୍ଟ ହୁଏ ଛାତି ପରେ,
ଛାତି ଫାଟିଗଲା ଦେଖି ତୋ ଛଳନା
ପାରିଲିନି ପ୍ରୀୟା ସହି
ଓଠ ସିନା ତତେ କହି ପାରିଲାନି
ଲୁହ ମୋ ଦୋଉଛି କହି,
ପ୍ରେମର ଡଙ୍ଗାରେ ବସେଇକି ପ୍ରିୟା
କରିଥିଲି ନଦୀ ପାର
କେଉଁ ଦୋଷ ପାଇଁ ଦୋଷୀ ସଜେଇଲ
ହୃଦୟ କାନ୍ଦୁଛି ମୋର,
ଭଲ ପାଅ ଯଦି ଦୂରେଇ ଯାଅନା
ପାଖକୁ ଟିକିଏ ଆସ
ମିଠା ମିଠା କଥା କହି ପାଖରେ ମୋ ବସି
ଖିଲି ଖିଲି ଟିକେ ହସ ।

ଢେଙ୍କାନାଳ
ଗୋରଡାପାଳ
୭୯୮୧୩୧୦୭୧୯

# କାଳିଆକୁ ଚିଠିଟିଏ



ପ୍ରଣତୀ ମହାପାତ୍ର

ଦେଇଥିଲି ଗୋଟେ ଚିଠିରେ କାଳିଆ

ଏ ଯାଏ ପାଇନି ଉତ୍ତର,

ମଉନେ ରହିଲୁ ବଡ଼ ଦେଉଳରେ

ଭାବିଲୁ କି ଅଟେ ମୁଁ ପର ।

ସବୁଯୁଗେ  ପରା ଭକତ ଆଖିରେ

ଜଗତକୁ ଦେଖୁଥିଲୁ,

ଅସତ୍ୟ,ଅନ୍ୟାୟ,ଅକର୍ମ ଦୂରେଇ

ସତ୍ୟସ୍ଥାପନା କରୁଥିଲୁ ।

ତୁହି ପରା ସେହି ଭାବବିନୋଦିଆ

ଶବରୀ ଅଇଁଠା ଖିଆ,

ଭକ୍ତବତ୍ସଳ ତୁ ଦୀନବାନ୍ଧବ

ମହାପ୍ରଭୁ ନୀଳାଚଳିଆ ।

ହେ ଈଶ୍ୱର, ତୁମେ ନିଶ୍ୱର,

 Download Magazine from www.aahwaan.com

ତୁମେ ଧନୀକର, ତୁମେ ବିଶ୍ୱର,

ତୁମେ ଜୀବନ ବୀଣାର ଝଙ୍କାର,

ତୁମେ ପ୍ରୀତିର ମୂର୍ତ୍ତିର ଓଁକାର,

କାହିଁ ଦିଅ ଏତେ ଯାତନା ?

ଏ କଳି ଯୁଗରେ କିଏ ଫୁଙ୍କି ଦେଲା

ମଣିଷ ମନେ କୁମନ୍ତ୍ରଣା,

ବୟସ ହଟିଲା ବଳ ପରକଲା

ରକ୍ତ ଦିଏ ନିର୍ଯାତନା ।

ବୃଦ୍ଧବୃଦ୍ଧାକାଳେ ପେଟପାଇଁ ଖାଲି

ଆଖରୁ ବହଇ ଲୁହଧାର,

ଘରୁ ତଡି ବାସହରା କରିଦିଏ

ରକତ ଯେ ଗର୍ଭର ।

ଚାଲିବାକୁ ପାଦ ନ ଦିଏ ସାହସ

ତଥାପି ଆଗକୁ ଧାଏଁ,

କାକୁତି କରି ସେ ବୃଦ୍ଧାଶ୍ରମେ କହେ

Download Magazine from www.aahwaan.com

ଦିଅ ହେ ଆଶ୍ରୟ କିଏ ?

ବୃଦ୍ଧାଶ୍ରମେ ନାହିଁ ପରଆପଣାର
ସଭିଁଏ ତ ବନ୍ଧୁ ଭାଇ,
ଶେଷ ଯାଏ ମିଳିମିଶି ରହିଥାନ୍ତି
କାହାର ଆପତ୍ତି ନାହିଁ ।
ଚାତକ ପରି ସନ୍ତାନ ର ବାଟ
ଚାହିଁ ଥାନ୍ତି ବାପା ମାଆ,
ହେଲେ ନିରର୍ଥକ ଆଶା ଯେ ତାଙ୍କର
ଖାଲି ବୃଦ୍ଧାଶ୍ରମ ଶେଷଠିକଣା ।
କାହିଁକି ଏପରି ତୋହରି ଭିଆଣ
ବୁଝି ବି ବୁଝି ପାରେନି,
ପାଇଲେ ଚିଠିର ଉତ୍ତର ଦେବାକୁ
ତୋ ପାଦେ କରେ ଦୟିନୀ ।

ଶିକ୍ଷୟିତ୍ରୀ, ବାଲେଶ୍ୱର, 8984965067

Download Magazine from www.aahwaan.com

# ସମୟ



ଅଶୋକ କୁମାର ସେଠୀ

ସମୟ ସାଇତା ଶାଶ୍ୱତୀର ସତ୍ୟଟିଏ

ଏ ପାଖ କି ସେ' ପାଖର,

ସମୟ ଚପଳ ଛୁଆଁ ର ସ୍ମୃତିଟିଏ

ସୁଖର କି ଦୁଃଖର ।

ଅଫେରା ସୁଅରେ ମୁହଁରେ ମୋହଟିଏ ମଉନେ ମରୁଛେ,

ଫେରି ଚାହିଁବାକୁ ଚାହିଁଲେ ବି ଥରେ ଖାଲି ଯା' ହାରୁଛେ.. !

ଏଇ ଅଛି ଏଇ ନାହିଁ ଏ ମୁହୂର୍ତ୍ତ

କାଲିକୁ ଅତୀତ,

ତା ପରସେ ଲିଭିଛି କେତେ କ୍ଷତ

କରୁଣ ଲୋତକ ।

ଆରମ୍ଭ ଅନ୍ତିମ ସବୁ ତା' ମାୟାର ମାୟା...

କବଳିତ ସବୁକାଳ..ଅଦୃଶ୍ୟ ତା

କାୟା କଳେବର

Download Magazine from www.aahwaan.com

ଅଦୃଶ୍ୟ ତା ଛାୟା  !

ସମୟ କେବେ ଝୁଣ୍ଟେନା କି

ଅଟକେନା ରାଣ କି ଅଭିମାନରେ,

ନିଜ ଜିଦ୍ ରେ ସେ ଅଟଳ, ଅଟକାଇବାର ସବୁ ବଳ ଆତ୍ମ ସମର୍ପଣ,

ତା' ର ସେ ଦରୋଟି ଇଙ୍ଗିତରେ

ଛୁଇଁ ଯାଏ ବୟସ ଅପରାହ୍ନ.. !

ଅଶୋକ କୁମାର ସେଠୀ

କଲ୍ୟାଣପୁର, ନୟାଗଡ଼

Mob.9861060152

Download Magazine from www.aahwaan.com

# ଆପେ ବଞ୍ଚିଲେ ବାପର ନାଁ



ବିନୟ ମହାପାତ୍ର

* ଆପେ ବଞ୍ଚିଲେ ବାପର ନାଆଁ *

ଭାଇ କହିଲେ ଚଢି ଯା,

ଏଇଟା ଲାଷ୍ଟ ଟ୍ରେନ, ଆଉ ମିଳିବନି

ପେଲିଦେଲେ ଜନ ସମୁଦ୍ରକୁ ।

ଖୁନ୍ଦାଖୁନ୍ଦି ଭିଡ, ଶୋରିଷ ବୁଣିଲେ

ଗୋଟିଏ ବି ଭୂମିଷ୍ଠ ହେବନାହିଁ ।

ସହଯାତ୍ରୀଙ୍କ ମୁହଁକୁ ଚାହିଁଲି,

କହିଲି ଭାଇ, ପାଦ ରଖିବାକୁ

ଜାଗା ଟିକେ ଦେବେ !

ଚମକି ଚାହିଁଲେ ଯାତ୍ରୀ,

ସତେ ଅବା ମହାଦାନୀ ବାଳୀଙ୍କୁ

ବାମନ କି ମାଗିଦେଲେ,

ତୃତୀୟ ପାଦ ପାଇଁ ଛଅ ଇଞ୍ଚ ଭୂମୀ !

Download Magazine from www.aahwaan.com

ଯାତ୍ରୀ କହିଲେ ବନ୍ଧୁ, ଆଜିର ଏ ଦୁନିଆରେ

ବିନା ସ୍ୱାର୍ଥେ କେହି କିଛି ଦିଏନା କାହାକୁ !

ଏଠି ମୃତ୍ୟୁ ମାଗିଲେ ବି ପଚାରିବେ

ସେଥିରେ କି ଲାଭ ହେବ ମୋର ?

'ନିଜ ପାଇଁ ଜାଗା' ଏଠି

ନିଜେ ହିଁ ତିଆରି କର, ଅଥବା

ଅପେକ୍ଷା କର 'ନିଜ ପାଳି' ପାଇଁ,

ଅନନ୍ତକାଳ ଯାଏ ।

ଏଠି ଆଗକୁ ଯିବାକୁ ହେଲେ,

ଅନ୍ୟକୁ ପଛକୁ କରି ଧସେଇ ପଶିବାକୁ ହୁଏ,

ଉପରକୁ ଉଠିବାକୁ ହେଲେ

ଅନ୍ୟର କାନ୍ଧେ ଚଢିଯାଅ,

ନହେଲେ ନିଜ କାନ୍ଧ କେହି ସ୍ୱାର୍ଥୀ ପାଇଁ

ସହର୍ଷେ ପତେଇ ଦିଅ ।

ଯଦି କେହି ଆଗେ ବଢିବାକୁ ଚେଷ୍ଟାକରେ,

 Download Magazine from www.aahwaan.com

ଗୋଡ ଟାଣି ତାକୁ ପଛେ କରି ନିଅ ।

ଏଠି ବଡହେବାକୁ ବଡକାମ କରିବାକୁ ହୁଏନା,

ଅନ୍ୟର ଚେର କାଟି ଦିଅ, ଆପେ ବିରାଟ ଦିଶିବ ।

ମନେ ମନେ ଭାବୁଥିଲି,

କାହିଁ ଗଲା ସେ ସମ୍ବେଦନାର ହୃଦୟ ?

ଭେଜାଲ ଖାଇ ଖାଇ ଶୁଖିଗଲା ଅବା

ସରସ ହୃଦୟ ସବୁ, ଭୂଲିଗଲା

"ମୋ ଜୀବନ ପଛେ ନର୍କେ ପଡିଥାଉ,

ଜଗତ ଉଦ୍ଧାର ହେଉ"ର ସେ ବାଣୀ ।

ଏଠି ସମସ୍ତଙ୍କୁ 'ନିଜ ଚିନ୍ତା ନିଜକୁ ବଳୁଛି',

ଅନ୍ୟ ପାଇଁ ଆସିବ କେଉଁଠୁ ?

ବିଚିତ୍ର ଏ ଆଜିର ଦୁନିଆ,


ଭାବୁଥିଲି ଏଇଠି ଓହ୍ଲେଇ ଯିବି, ଅବା

ଏହି ସ୍ୱାର୍ଥପର ଦୁନିଆ ଭିତରେ,

ନିଜକୁ ମିଶାଇ ନେବି ?

କିଟ ସ୍କୋୟାର, ପଟିଆ, ଭୁବନେଶ୍ୱର, ଓଡିଶା

Download Magazine from www.aahwaan.com



# ଜାନୁଆରୀ ଛବିଶି

ସନ୍ତୋଷ ପଟ୍ଟନାୟକ୍

ଜା:- ଜାଗ ବୀରଗଣେ ଧରଣୀ ବକ୍ଷରୁ

ପାପରାଶି କର କ୍ଷୟ

ଅକ୍ଷୟ ହେଉ'ଏ ପୂଣ୍ୟ ଜଗତେ

ଯୁଗେଯୁଗେ ଧର୍ମଜୟ....

ନୂ:- ନୂଆ ଭାବନାକୁ ଜାଗାଦିଅ ମନେ

ବିଦ୍ରୋହ ହେଉ ବୈଶାଖୀ

କର ଅବା ମର ନୀତିକୁ ଆଦର

ଅତୀତକୁ କରି ସାକ୍ଷୀ......

ଆ:- ଆଗାମୀ ଭବିଷ୍ୟ ତୁମଠି ନିହିତ

ଗାନ୍ଧିଙ୍କର ରାମରାଜ୍ୟ

ହାତେ ହାତ ମେଳ ଏକତାହିଁ ବଳ

ନ' ହାର ସାହସ ଧୌର୍ଯ୍ୟ....

ରୀ:- ରୀତିନୀତି ସବୁ କଡ଼ ଲେଉଟିଛି

 Download Magazine from www.aahwaan.com

ଜରାଜୀର୍ଣ୍ଣରେ ଜନନୀ

ପରାଧିନତାର ଆର୍ତ୍ତ ଚିତ୍କାରରେ

ଭିଜାଏ ନୟନ ବେନି....

ଛ:- ଛବିଶି ତାରିଖ ଭଲକି ପରଖ

ପୂର୍ଣ୍ଣ ସ୍ୱରାଜ ଦିବସ

ସ୍ୱାଧିନର ଅର୍ଦ୍ଧ-ଶତାବ୍ଦୀ ପରେ'ବି

ଅସହାୟ ଅବଶୋଷ.....

ବି:- ବିଗତ ଦିନର ବାଜିରାଉତ ସେ

ବାର ବରଷର ଛୁଆ

ଦେଶ ଜାତି ପାଇଁ ଦେଲା ବଳିଦାନ

ହୃଦୟେ ଲଗାଇ ନିଆଁ...

ଶି:- ଶିକ୍ଷା ଦିକ୍ଷା ତୁମ ଅଟଇ ଅନନ୍ୟ

ମୂଳମନ୍ତ୍ର ଅହିଂସାର

ସ୍ୱାଧିନ ସୁରୁଯ ପରାଧିନ ପରାଗେ

ବେଳୁହିଁ ଉଧାର ବୀର.....

Download Magazine from www.aahwaan.com



# ମୁଁ ସେଇ କୁହୁଳୀ ପୀଡ଼ିତା କହୁଛି

ବିକେଶ ସାହୁ

କିଏ କହିଲା ମୁଁ ମରିଯାଇଛି

ସେଇ ଅନ୍ୟାୟି ମାନଙ୍କ ଆଗରେ

ହାରମାନି ଯାଇଛି

ନିଜକୁ ନିଜେ ମାରିଦେଇ ।

ମରି ନି ମୁଁ ଆଜିବି ବଞ୍ଚିଛି

ଲକ୍ଷ ଲକ୍ଷ ହୃଦୟରେ ବିଦ୍ରୋହର ନିଆଁଜାଳି

ଦେଉଛି ମୋ ନିର୍ଦ୍ଦୋଷ ପାଣିଆର ଅଗ୍ନିପରୀକ୍ଷା

ଦେଖି ଯାଅ ଥରେ ଆସି

କେମିତି ହୁଦୁହୁଦୁ ହେଇ ଜଳୁଛି ସେଇ ନିଆଁ

ଆଉ ତା ଭିତରେ ମୋ ଏଇ କଳଙ୍କିତ ଶରୀର

କେମିତି ଯେ ଚକ ଚକ କରୁଛି ।

ମୁଁ ସିନା ଆଜି ଦୁନିଆ ଛାଡ଼ିଦେଇଛି

ହେଲେ ଏ ଯାଏ ମୋ ଆତ୍ମା ବଞ୍ଚିଛି

 Download Magazine from www.aahwaan.com

ତା ପୁଣି ଅତୃପ୍ତ ହୋଇ

ସେଇ ନ୍ୟାୟ ଟିକକ ପାଇବା ପାଇଁ

ଆଉ ରହିଥିବ ମଧ୍ୟ ଆପେକ୍ଷାର ଅନ୍ତ ଯାଏ

ନିଇତି କଳଙ୍କ ଓ ବଦନାମ ରୁପି ନିଆଁ ରେ

ନିଜ କୁ ତିଳ ତିଳ କରି ଜାଳି ।

କେତେ ବା ମୋ ମୃତ ଶରୀର କୁ ନେଇ

ବୃଥା ରାଜନୀତି ଖେଳିବ

ନିଜ ସ୍ୱାର୍ଥ ପାଇଁ କେତେ ଆଉ

କାନ୍ଦିବ କୁମ୍ଭୀର କାନ୍ଦଣା

କୋଉଠି ଥିଲ ସେ ଦିନ

ଯେଉଁଦିନ ମୋତେ ସଜେଇ ଦିଆ ଗଲା ପାଗଳୀ

ଭୟ ଆଉ ମାନସିକ ଚାପ ଭିତରେ

ତଣ୍ଟି ଚିପି ହତ୍ୟା କରିଦିଆ ଗଲା

ମୋ ହୃଦୟର ସବୁ ତକ ଆଶା ଓ ଆକାଂକ୍ଷା

ସେଇ କବର ଭିତରେ ଭରିଦେଇ ।

ମୋ ଶରୀରର ପ୍ରତିଟି ତନ୍ତ୍ରୀ ତନ୍ତ୍ରୀ ରେ

Download Magazine from www.aahwaan.com

ସେଇ ଗୋଟିଏ ସ୍ୱର

ମୋତେ ଦେଇପାରିବ ନ୍ୟାୟ

ପୋଛି ପାରିବ ମୋ ମଥାର କଳଙ୍କ

ପାରିବ ମୋତେ ନିର୍ଦୋଷ ପ୍ରମାଣ କରି

କୁହ ...ନିରବ କାହିଁକି.. ?

ଏତେ ଶଙ୍କା କାହିଁକି

ଜାଣିପାରୁନ ମୁଁ ପରା ତୁମ ସେଇ

କୁହୁଳି ପିଡିତା କହୁଛି.. ।

ଭୁଷଲାଡ଼,ସିନ୍ଧେକେଲା,ବଲାଙ୍ଗୀର

ଦୂରଭାଷ-୭୭୫୨୦୬୬୨୧୭

Download Magazine from www.aahwaan.com

# ହାଟ



ଶୁଭକାନ୍ତ ଦାସ

ସୂର୍ଯ୍ୟାସ୍ତ ର ଆରପାରି

ସମାଜ କୁ ପିଠିକରି, ହାଟ

ଏଠି ଗହଳି,ଚହଳି

ମୂଲଚାଲ୍ ବିକାକିଣା ...

ଭିନ୍ନ ଏକ ବାଘ ସହ

ତମାମ୍ ସଲାସୁତୁରା

ଭୋକ,ଲାଜ,ବିବେକ ର

ସେ ଆଦିମ ଆବଶ୍ୟକତା'ର ....

ଜହ୍ନି ଫୁଲ ଆୟୁଷ ରେ ହାଟ

ଆଖି ଲୁହେ, ମନ ବତରୁ ଥାଏ

ପେଟ ପୁରେନି

Download Magazine from www.aahwaan.com

ଭୋକ ମରେନି

କିନ୍ତୁ, ରାତି ପାହିଯାଏ .... ! ! !

ଦୀପ ଟିଏ ଖତେଇ ହୁଏ

କହେ ଦେଖିଛି ମୁଁ.... ! ! !

ସବୁ ବିକାକିଣା

ଦରପୋଡା, ମନ ର ଠିକଣା...

ଏଠି ଦେବା ନେବା ର ଭାବ

ଆଖି ରେ ଆଖି ଏ ଲୁହ

ସପନ କିଆରୀ ରେ ଚାଷ,

ଦିନ ହେଲେ ଫେରିବାକୁ ହେବ

ସାଙ୍ଗେ ନେଇ ବଳକା ବିଶ୍ୱାସ....

ତଥାପି ଏଠି ହାଟ ବସେ

ଅନ୍ଧାର ର ଡାକରା ରେ

Download Magazine from www.aahwaan.com

ମୁଠା ମୁଠା ଆଶା ସବୁ

ମରିଯାଏ, ଝରିଯାଏ

ସ୍ୱପ୍ନ ର ତକିଆ ରେ...

ଶୁଭକାନ୍ତ ଦାଶ

ଡୁମୁଡୁମା , ଭୁବନେଶ୍ୱର

୯୪୩୮୭୫୮୫୪୭

Download Magazine from www.aahwaan.com

# ପ୍ରେମିକା



ଶୁଭକାନ୍ତ ସାହୁ

ତୁମକୁ ମୁଁ ନିତି ଖୋଜେ ମୋମନ କାନନେ
ପାଇଲେ ସାଇତି ଦେବି ହୃଦୟ କଦମ୍ବ ବନେ ।
ଜାଣେନା କାହିଁକି ଝୁରେ ଏକାନ୍ତ ଗୋପନେ
ତୁମ ସ୍ୱର-ସ୍ୱନ ସଦା ଗୁଞ୍ଜିତ ମୋ କାନେ ।
ହୁଏତ ତୁମେ ମୋ ମନର ମାନସୀ
ଜୀବନ ଫଗୁଣେ ସ୍ୱପ୍ନର ପ୍ରେୟସୀ ।
ତୁମେ ମୋ ପ୍ରେମର ପ୍ରକୃତ ପ୍ରେମିକା
ଜୀବନ ନାଟକର ପ୍ରକୃତ ନାୟିକା ।
ତୁମେ ମୋ ହୃଦୟର ରାଣୀ
ପ୍ରୀତିର ସଂଗୀତ ପୁଣି ଜୀବନ କାହାଣୀ ।
ତୁମେ ଆଖି ଖୋଲିଲେ ମୁଁ ଦୁନିଆ ଦେଖିପାରେ
ମୁଦିଦେଲେ ଅନ୍ଧ ହୁଏ ଗଭୀର ଅନ୍ଧାରେ ।
ମୌନତା ତୁମ ମୋତେ ମୂକ କରଦିଏ
ବାଚାଳତେ ପ୍ରଗଲ୍ଭରେ ବହୁ ଗପିଯାଏ ।
ତୁମେ ହସିଲେ ମୋ ଦୁନିଆ ହସେ
ଦିଟୋପା ଲୁହେ ତୁମ ଅସରନ୍ତି ଲୁହରେ ମୋ ଦୁନିଆ ଭାସେ ।

Download Magazine from www.aahwaan.com

ତୁମ ଦୁଃଖେ ମୋ ମନରେ କୋହ ଉଠେ

ମନ କଷ୍ଟେ ମୋ ଛାତିରେ କଣ୍ଟା ଫୁଟେ ।

ମୋ ମନ ସାହସ ତୁମ ଆଶ୍ୱାସନା

ତୁମ ଇଚ୍ଛା ହୁଏତ ମୋ ସକଳ କାମନା ।

କିମିଆଁ ଚାହାଣି ତୁମ ମୋ ମନକୁ କିଣେ

ରୁଷିଲେ ଅତ୍ୟନ୍ତ ଏକା ନିଜକୁ ମୁଁ ମଣେ ।

ମୋ ମନର ପଦେ କଥା ସବୁ କହିଦିଏ

ନିଜଠୁ ବୋଧେ ତୁମକୁ ବେଶୀ ଭଲପାଏ ।

ଶୁଭକାନ୍ତ ସାହୁ

ଗୋପବନ୍ଧୁ ହାଇସ୍କୁଲ

ପୋଲସରା, ଗଂଜାମ ।

ମୋ:୯୦୪୦୩୨୦୧୮୬

Download Magazine from www.aahwaan.com

# ଅନ୍ତର୍ଦାହ



ଉଦୟନାଥ ଗୌଡ଼

ମୋ ଆବେଗର ଅମିମାଂସିତ

ଅଧ୍ୟାୟ ଗୁଡିକ ଆଜି

ଅଣୁକୈନ୍ଦ୍ରିକ ବାସ୍ତବତାରେ

ପ୍ଲୁତ ଓ ପ୍ଲାବିତ

ସମ୍ମୋହନର ଯାଦୁରେ

ବିମୋହିତ ମୋ କାରୁଣ୍ୟର

ଉଦ୍ଭ୍ରାନ୍ତ ଚେତନ ଶକ୍ତି

ପ୍ରାଣର ପୟୋଧିରେ

ପରିବାହ ସାଜି ଜୀବନକୁ ଦିଏ ଏଠି

ନୂଆରଙ୍ଗ ନୂଆ ସମ୍ଭାବନା !

ସବୁ ହରାଇବାର ଦୁଃଖ କିଛି ପାଇବା

ଭିତରେ ଲୁଚିଗଲା ପରେ

ପୂର୍ଣ୍ଣତାର ପ୍ରଶ୍ନ ଉଙ୍କିମାରେ ଜୀବନର ଚଲାବାଟେ ଶ୍ରାବଣରୁ ଫଗୁଣ ଯାଏଁ

Download Magazine from www.aahwaan.com

ବେଦନାଶିକ୍ତ ଅନୁଭବର ପ୍ରତି ପୃଷ୍ଠା,ପ୍ରତି ପଙ୍କ୍ତି,ପ୍ରତି ପ୍ରବାଦରେ !

ତଥାପି ଜୀବନ ତ ବଞ୍ଚିବାକୁ ହେବ

ଜାତନାର ଜତୁଗୃହେ

ରବର କଣ୍ଡେଇର ଅନୁର୍ଦ୍ଧେଶ

କାହା ଇଶାରାରେ

ମୃତ ଶବ୍ଦ ମାନଙ୍କୁ ଲେଖିବାକୁ ହେବ

ମିଥ,ରୁପକଳ୍ପ,ବ୍ୟଞ୍ଜନା,ବକ୍ରୋକ୍ତି

ଆଉ ଗାଇବାକୁ ହେବପୁଣି

ସୁରହୀନ ତାଳହୀନ

କେତେ କେତେ ବେସୁରା ମେଲୋଡି !

ଏଇତ ଜୀବନ

ମୃତ୍ୟୁର କାଳକଳ୍ପେ


ଜୀବନର ସ୍ଥିରତା ଖୋଜିବା

ପୁଣି ପୁଣି ବଞ୍ଚିବା ମରିବା

ଆଉ ମରିବା ବଞ୍ଚିବା !

Download Magazine from www.aahwaan.com

# ହେ କେଶବ



କାର୍ତ୍ତିକ ପାଣିଗ୍ରାହୀ

ଅନେକ ପଢ଼ିଛି ତୁମ ବିଷୟରେ

ଅନେକ ଶୁଣିଛି ତୁମ ବିପକ୍ଷରେ

କିଛି କଥା କିଛି ବ୍ୟଥା

କିଛି ଆଖ୍ୟାନ କିଛି ଉପାଖ୍ୟାନ

ମା ର ପ୍ରେମରେ ତୁମେ

ଭାଇର ଶାସନରେ ତୁମେ

ସଖାର ହୃଦୟରେ ତୁମେ

ସଖିର ବେଦନାରେ ତୁମେ

ରାଧାର ପ୍ରେମରେ ତୁମେ

ଅଷ୍ଟମହିଷିଙ୍କ ପ୍ରଣୟରେ ତୁମେ

ମହାଭାରତର ଆରମ୍ଭରେ ତୁମେ

ମହାପ୍ରଳୟର ଅନ୍ତ ବି ତୁମେ

ସବୁଥିରେ ତୁମ ନିଷ୍ଠୁରପଣିଆର ବଖାଣ

ହେ କୃଷ୍ଣ, ସତ କୁହ ତ

ସତରେ କଣ ତୁମେ ???

କେବେ କଣ ତୁମ ମନ ଖୋଜିନି

ମା ର ମମତା.... ?

Download Magazine from www.aahwaan.com

କେବେ କଣ ତୁମ ହାତ ଲୋଡ଼ିନି

ବନ୍ଧୁର ବାହୁର ବନ୍ଧନ.... ?

କେବେ କଣ ତୁମ ଦେହ ମାଗିନି

ପ୍ରାଣୟର ଉଷ୍ମ ଆଲିଙ୍ଗନ... ?

କେବେ କଣ ତୁମ ହୃଦୟ ବୀଣାରେ

ଝଙ୍କୃତ ହୋଇନି ରାଧାରାଣୀର କଥା... ?

ହେ କେଶବ...

ଏତିକି ତ କହିଦିଅ...

ଭଲ ପାଇବା ଓ ପ୍ରେମ କରିବାର ଦୋଛକିରେ

ତୁମେ ଦେଇଛ କଣ ଆଉ ପାଇଛ କଣ... ?

ଏତିକି ତ କହିଦିଅ

ସମସ୍ତଙ୍କର ଲୁହକୁ ସାଉଁଟି

କେମିତି ଲୁଚାଇଛ ଆଖିର କୋଣରେ,

ସମସ୍ତଙ୍କର ଦୀର୍ଘଶ୍ୱାସରେ

କେମିତି ଜଳୁଛ ତିଳ ତିଳ ହୋଇ,

ଏତିକି ତ କହିଦିଅ....

ସବୁରି କଳଙ୍କକୁ ନିଜ ଦେହରେ ବୋଳି

ତୁମେ ଆଜି କଳା ହୋଇଯାଇଛ ବୋଲି... ! !

Download Magazine from www.aahwaan.com

# ଗଳ୍ପସ୍ପର୍ଦ୍ଧା ବିଭାଗ

Download Magazine from www.aahwaan.com

# ଦାୟିତ୍ୱ



ସିପ୍ରା ନାମତା

ପ୍ରଶାନ୍ତ ପରି ନରମା ପିଲା ସିନେମା ଦେଖିଯିବା ପାଇଁ ଜିଦ୍ କରିବ ସେ କଥା ବିଶ୍ୱାସ କରିପାରୁନଥିଲେ ସରିତା ଦେବୀ, ପ୍ରଶାନ୍ତର ମାଆ । ଗୃହକର୍ମ ଜଞ୍ଜାଳରେ ବ୍ୟସ୍ତ ରହି, କେଇ ଦିନ ତଳେ କ'ଣ ଗୋଟେ ଖବର କହି କହି ଯାଉଥିବା ଡାକବାଜି ଯନ୍ତ୍ରଟିକୁ ସେ ଠିକ୍ ରୂପେ ଶୁଣି ପାରିନଥିଲେ । ହୁଏ ତ ଏଇ ସିନେମା କଥା ହେଇଥିବ ପରା ! !

ଘରେ ଶାଶୁଶ୍ୱଶୁରଙ୍କ ସହ ଦେଢ଼ଶୁର ଯାଆ, ତେଣେ ପୁଣି ଗାଁରେ ଥିବା ଭାଇ ବନ୍ଧୁ କୁଟୁମ୍ବ ସହିତ ଅନ୍ୟମାନଙ୍କର ଗହଳି ଲାଗି ରହିଥାଏ ସବୁବେଳେ । ଆଜି କୋଉଠି କାହାର ପାଠପଢ଼ା ପାଇଁ କଲେଜ, କାହାର ଦେହ ପା ହେଲାଣି ତ ଡାକ୍ତରଖାନା, କୋଉଠି ବାହାଘର ସାହାଘର ହେଲେ ବଡ଼ ଦୋକାନରୁ କିଣାକିଣି କାମ, ଏ ସବୁ ପାଇଁ ରହଣି ଏଇଠି ।

"ଆମ ଟୁକୁନା ଘର ଅଛି ପରା, ବାହାରେ ଖାଇଲେ କି ରହିଲେ ସେ ଖରାପ ଭାବିବ ନାହିଁ ? ?" ଟୁକୁନା ଓରଫ୍ ସର୍ବେଶ୍ୱର ବାବୁ ସରିତା ଦେବୀଙ୍କ ସ୍ୱାମୀ ସହର ମଝିରେ ଘର ଖଣ୍ଡେ କରି ନାହାନ୍ତି ତ, ସର୍ବସାଧାରଣ ଧର୍ମଶାଳା ଟିଏ ଖୋଲି ଦେଇଛନ୍ତି ଆଉ ସରିତା ଦେବୀଙ୍କୁ ସେବିକା । ଶାଶୁଶଶୁର ବି ବିରକ୍ତ ହୋଇଗଲେଣି, କିନ୍ତୁ ସର୍ବେଶ୍ୱର କାହାକୁ କିଛି କହି ପାରନ୍ତିନି । ବର୍ତ୍ତମାଣର ସମୟରେ ଲୋକେ ଆପେ ଆଏ ବୁଝି ଯିବାକଥା । ଲୋକାଚାର ଦୃଷ୍ଟିରୁ "ଅସୁବିଧା ହେଲେ ଚାଲିଆସିବେ" କହିବାଟା ଖୁବ୍ ବିପଜ୍ଜନକ ହୋଇପଡୁଛି ଧିରେ ଧିରେ । ସରିତା ଦେବୀଙ୍କ ଦେହ ଖରାପ ହେବାପରେ ପରେ ଗହଳି ଟିକେ କମିଛି, କିନ୍ତୁ ଯୌଥ ପରିବାର ଦାୟିତ୍ୱ କମିନି ।

Download Magazine from www.aahwaan.com

ପୁଅ ଝିଅ, ପୁତୁରା ଝିଆରୀ, ଝିଅ ଜ୍ୱାଇଁ, ଇତ୍ୟାଦିଙ୍କ ବନ୍ଧୁଚର୍ଚ୍ଚାରେ ସବୁବେଳେ ଘାଣ୍ଟି ହେଉଥାନ୍ତି ସେ । ବଡ଼ ଯାଆ କେବେ ତାଙ୍କ ଝିଅ ପାଖରେ ତ କେବେ ପୁଅ ପାଖରେ ରହନ୍ତି । ଦେଢ଼ଶୁର ହିଁ ରହନ୍ତି ସବୁବେଳେ । ତେଣୁ ଅଧିକାଂଶ ସମୟ ତାଙ୍କର ବିତେ ରୋଷେଇ ଘରେ । ସେଇଥିପାଇଁ ଅନେକ ବାହାର ଖବର ରଖିପାରନ୍ତି ନି ସେ । ହେଲେ ଆଜି ପ୍ରଶାନ୍ତର ସିନେମା ଯିବାପାଇଁ ପଇସା ମାଗିବା କେମିତି ଅଲଗା ଅଲଗା ଲାଗିଲା ତାଙ୍କୁ । ଗୃହସ୍ଥୀର ସବୁ କର୍ତ୍ତବ୍ୟ ମୁଣ୍ଡାଇ ଥିଲେ ବି ଅର୍ଥ ବିଭାଗଟିକୁ ସେ ବିଲକୁଲ ଆପଣେଇ ପାରିନାହାନ୍ତି । ସେଇଟି ସର୍ବେଶ୍ୱର ବାବୁଙ୍କ ପାଖରେ ହିଁ ନ୍ୟସ୍ତ ଅଛି । ସରିତା ଦେବୀଙ୍କୁ ସେ ଦିଗରେ ଅପାରଗ ଜାଣି ସାଧାରଣ ହାତଖର୍ଚ୍ଚ ବ୍ୟତୀତ ସର୍ବେଶ୍ୱର ବାବୁ ତାଙ୍କୁ ସେ ଦାୟିତ୍ୱ ସମର୍ପି ନାହାନ୍ତି । ପୁଅ ଝିଅଙ୍କର ସମସ୍ତ ଆବଶ୍ୟକତା ସର୍ବେଶ୍ୱର ବାବୁ ବିଧିବଦ୍ଧ ବୁଝିକରି ପୂରଣ କରନ୍ତି । ତେବେ ସେମାନେ କଲେଜ ଗଲେ ସେମାନଙ୍କ ହାତରେ ଦଶ କି କୋଡ଼ିଏ ଟଙ୍କା ଦେଇଥାନ୍ତି । ରାସ୍ତାଘାଟ କଥା ଭାବି, କେତେବେଳେ ସୁବିଧା ଅସୁବିଧା ଥାଏ । ତେଣୁ ପ୍ରଶାନ୍ତ ପରି ଧିର ନମ୍ର ପିଲା ତାଙ୍କୁ ଆଜି ସିନେମା ପାଇଁ ଟଙ୍କା ମାଗିବା ବଡ଼ ଅଡୁଆ ଲାଗୁଛି । "ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ୍ ଦାମ୍ କେତେ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ । ମୁଁ ଏତେ କମ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା, "ବୋଉ ମୋର ଟାଇମ୍ ହେଲାଣି ଟଙ୍କା ଦେ ।" ରୋଷେଇଘରୁ ବୋଉ କହିଲେ, "ମୋ ପାଖରେ କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗରଗର ହେଉଥିବା ବେଳେ ଘର ଭିତରକୁ ପଶି ଆସୁଥିବା

Download Magazine from www.aahwaan.com

ବାପାଙ୍କ ପଦଧ୍ୱନୀ ଶୁଣି ନିରବ ହୋଇଗଲା । ସର୍ବେଶ୍ୱର ବାବୁଙ୍କ ଆସିବା ଦେଖି ସରିତା ଦେବୀ ସେଇ ରୋଷେଇ ଘରେ ଥାଇ କହିଲେ, "ହେଇଟି ଶୁଣୁଶ, ପ୍ରଶାନ୍ତ କଣ କହୁଛି... ତା' କଥା ବୁଝ ।" ସର୍ବେଶ୍ୱର ବାବୁ ପ୍ରଶାନ୍ତଙ୍କୁ ତାର କେତେ ଟଙ୍କା ଦରକାର ବୋଲି ପଚାରିବାରୁ କୁନ୍ଥୁ କୁନ୍ଥୁ ହୋଇ ପ୍ରଶାନ୍ତ ଯାହା କହିଲା ତାକୁ ସେତିକି ଦେଲେ ଏବଂ ସିନେମାଟିକୁ ଭଲ କରି ବୁଝି ଘଟଣା ଗୁଡ଼ିକୁ ହୃଦୟଙ୍ଗମ କରିବା ପାଇଁ ମଧ୍ୟ ଉପଦେଶ ଦେଇ ତାଙ୍କ ରୁମକୁ ଚାଲିଗଲେ ।

ପ୍ରଶାନ୍ତ ଚାଲି ଯାଉଥିଲା ସମୟରେ ବନାନୀ, ତା ସାନ ଭଉଣୀକୁ ସେପଟରୁ ଆସୁଥିବା ଦେଖି କ୍ଷୀପ୍ର ଗତିରେ ବାହାରିଯିବାପାଇଁ ବଡ଼ ବଡ଼ ପାହୁଣ୍ଡ ପକାଇ ମନେ ମନେ କହି ହେଉଥାଏ, "ଓକିଲିଆଣି ଆସିଲାଣି... କେତେ କଥା ବାହାର କରିବ ଏଇନା ଶୀଘ୍ର ପଳେଇଲେ ରକ୍ଷା ।"

ବନାନୀ ତାକୁ ଦେଖି ସରିତା ଦେବୀଙ୍କ ଉଦ୍ଦେଶ୍ୟରେ କହିଲା, "ବୋଉ, ତୋ ପୁଅ ଏଥର ଗଲା..."

ସରିତା ଦେବୀ ସର୍ବେଶ୍ୱର ବାବୁଙ୍କ ବ୍ୟବହାରରେ ତ ଅନେକ ଆଶ୍ଚର୍ଯ୍ୟ ହୋଇଥିଲେ, ଝିଅ କଥା ଶୁଣି ତତୋଧିକ ଆଶ୍ଚର୍ଯ୍ୟ ହେଲେ । ଆଶ୍ଚର୍ଯ୍ୟଜନକ ମୁଖମଣ୍ଡଳରେ ଅସଂଖ୍ୟ ପ୍ରଶ୍ନଚିହ୍ନକୁ ଦେଖି ବନାନୀ କହିଲା, "ତୁ ଘରେ ସମାଜ ସେବୀ ପାଲଟି ଯାଇଛୁ, ଆଉ ତୋ ପୁଅ ବାହାରେ ।" କହି ଖିଲି ଖିଲି ହୋଇ ହସି ଉଠିଲା । ପୁଣି ଗେଲ ହୋଇ କହିଲା, "ଏ ବୋଉ, ଦେ କଣ ଦି'ଟା ଖାଇବି, ଭୋକ ହେଲାଣି ବଡ଼ ।" ସରିତା ଦେବୀ ତାକୁ ଖାଇବାକୁ ବାଢ଼ିଦେଇ ପାଖରେ ବସି ପଚାରିଲେ, "ଏମିତି କଣ କହୁଛି ? ସେ ପରା ତୋ ବଡ଼ ଭାଇ ?" ଖାଉ ଖାଉ ବନାନୀ କହିଲା, "ହଁ... ମୁଁ କେତେବେଳେ ମନା କଲି କି ?"

Download Magazine from www.aahwaan.com

- କଣ ହେଇଛି ଟିକେ ଭଲ କରି କହୁନୁ ?

- ମୋ ସାଙ୍ଗ ରଶ୍ମୀ... ହେଇ ସେଇ ଯେଉଁ ବାଙ୍କ ପାଖରେ ଘରଟା... ମୁଣ୍ଡ ହଲେଇ ଆଙ୍ଗୁଳି ଦେଖାଇ ଦେଖାଇ କହୁଥିଲା ବନାନୀ । ତା ଭାଇ ବି ଭାଇର ସାଙ୍ଗ । ସେମାନେ ସବୁ ମିଶି ଗୋଟେ କଣ କ୍ଲବ୍ ଘର କରିଛନ୍ତି । ସେଇ କ୍ଲବ୍ ଘର ତରଫରୁ କିଛି ଅନାଥ ପିଲାଙ୍କୁ ସିନେମା ଦେଖେଇ ନେବେ... ବୁଝିଲୁ ।

- କି ସିନେମା କି ଲୋ, ତୁ ଜାଣିନୁ ?

- ଏତେ କଥା ଜାଣିଲି ଯେତେବେଳେ ଆଉ ସେଇଟା ଜାଣିବିନି କେମିତି ଯେ ? ଓକିଲାତି ପଢୁଛି ପରା, ତୁ ବି ବୋଉ... ସେମାନେ ଗାନ୍ଧୀ ସିନେମା ଦେଖିବାକୁ ଯିବା କଥା ମୁଁ ଶୁଣିଛି ।

- ଗାନ୍ଧୀ ?

- ଆରେ ବାବା, ତୁ ବି ନା ସବୁ ଭୁଲି ଯାଉଛୁ । ସେଇ ରୋଷେଇଘରେ କାମ ଆଉ ଲୋକଙ୍କ ସେବା କରି କରି ତୋ ମଥାରେ ଆଉ କିଛି ପଶୁନି । ଆମ ଦେଶ ସ୍ୱାଧୀନ ହେବାର କାହାଣୀ, ସେଇ ମହାନ ଜନନାୟକ ମହାତ୍ମା ଗାନ୍ଧୀଙ୍କ ସଂଗ୍ରାମର କଥା । ଦେଶ କେମିତି ଇଂରେଜ ମାନଙ୍କ ପାଖରୁ ମୁକ୍ତିଲାଭ କଲା ସେଇ ସିନେମା । ତୋ ପୁଅ ଯା ଭିତରେ ମହାନ ଦେଶପ୍ରେମୀ ବନି ଯାଇଛି । ବୁଝିଲୁ... ! ! ! ତା'ର ଏଇଟା ବିଏସ୍‌ସି ଫାଇନାଲ୍ ନା ? ପଢ଼ା ଛାଡ଼ିଦେଇ କେମିତି ଜନସେବାରେ ଲାଗିଛି ଦେଖ । ଏ ବୋଉ କହନା, ବାପା ଭାଇକୁ କେତେ ପଇସା ଦେଲେ ? ତା ସମ୍ମାନ ରହିବ ତ ? ଆମ କଲେଜରେ ବି ତ ଆନୁଆଲ୍ ଫଙ୍କ୍‌ସନ୍ ହେବ । ମୁଁ ଏଥର ପ୍ରୋଗ୍ରାମରେ ମିଶିଛି । ମୋ ପାଇଁ ଡ୍ରେସ୍ କିଣିଦେବୁ ବାପାଙ୍କୁ କହିକି, ଦେଖ୍ ଆଗରୁ କହି ରଖୁଛି ଆଉ ପନ୍ଦର ଦିନ ରହିଲା ।

Download Magazine from www.aahwaan.com

ସନ୍ଧ୍ୟା ହେବା ଉପରେ । ସେପଟୁ ସର୍ବେଶ୍ୱର ବାବୁ ଆସୁଥିଲା ବନାନୀ କଥା ଗୁଡ଼ିକ ଶୁଣା ଯାଉଥିଲା ତାଙ୍କୁ । "କଣ ହେଉଛି ବନି ?" ଗମ୍ଭୀର କଥା ଶୁଣି ବନାନୀ ନିରବୀ ଗଲା । ସରିତା ଦେବୀ ବନାନୀକୁ ଠାକୁର ଘରେ ସନ୍ଧ୍ୟା ଦୀପ ଦେବାପାଇଁ ପଠାଇ ଦେଇ ସ୍ୱାମୀଙ୍କୁ ଚା' କପଟିଏ ବଢ଼ାଇ ଦେଉ ଦେଉ କହିଲେ, "ବନି କଣ କହୁଥିଲା ଶୁଣିଲ ତ ?"

ସର୍ବେଶ୍ୱର ସରିତାଙ୍କୁ ସମ୍ପୂର୍ଣ୍ଣ କଥା ବୁଝାଇ ଦେଲେ । ଆଜି ସକାଳେ ମୋର ଅନାଥାଶ୍ରମ ମ୍ୟାନେଜରଙ୍କ ସହ ଦେଖା ହୋଇଥିଲା । ସେ ମୋତେ ଆନନ୍ଦରେ କୁଣ୍ଢାଇ ପକାଇଲେ । ହଠାତ୍ ମୁଁ କିଛି ବୁଝିପାରିଲି ନାହିଁ । ପରେ ପରେ ଜାଣିଲି ଯେ ଆମ ପ୍ରଶାନ୍ତ ଏବଂ ତା'ର କିଛି ସାଙ୍ଗ ମିଶି ଏକ ଯୁବକ ସଂଘ ଗଠନ କରିଛନ୍ତି । ଆଉ ପ୍ରଶାନ୍ତର ନେତୃତ୍ୱରେ ସେମାନେ ମିଶି ଅନାଥାଶ୍ରମର ପିଲାମାନଙ୍କୁ ଗାନ୍ଧୀ ଚଳଚ୍ଚିତ୍ର ଦେଖାଇ ଆଣିବାକୁ ସ୍ଥିର କରିଛନ୍ତି । ସେ ବାବଦରେ ମ୍ୟାନେଜର ଏବଂ ପିଲାମାନେ ସିନେମା ହଲର ପରିଚାଳକଙ୍କ ସହିତ ପରାମର୍ଶ ମଧ୍ୟ କରିଥିଲେ । କାଳେ ମୁଁ ରାଗିବି ବୋଲି ସବୁ ସତ କଥା କହି ପାରିନି ।

- ଆଉ ତା ପାଠ ପଢ଼ା ?

- ଆରେ ସେ କଣ ସବୁଦିନ ସିନେମା ଯିବ ନା କଣ ? ମୁଁ ପରା ସେଇଥିପାଇଁ ତା ଟ୍ୟୁସନ୍ ସାରଙ୍କୁ ସବୁବେଳେ ଆଉ କଲେଜର ସାର ମାନଙ୍କୁ ମଝିରେ ମଝିରେ ତା ପାଠପଢ଼ା ବିଷୟରେ ବୁଝାବୁଝି କରୁଛି । ସେ ତ ଭଲ ପଢୁଛି ବୋଲି ସବୁ କହୁଛନ୍ତି, ଆଉ କଣ ଦରକାର ?

ଯା ହେଉ ସରିତା ପ୍ରଶାନ୍ତ ପାଇଁ ମୁଁ ବହୁତ ଆନନ୍ଦିତ । କାରଣ ଏଇ ବୟସର ପିଲାମାନେ କେତେକଣ ଖରାପ କାମ କରି ପକାଉଛନ୍ତି । କିନ୍ତୁ ଆମ ପୁଅ ସେମିତି ନୁହଁ ।

Download Magazine from www.aahwaan.com

ଆରେ ତୁମେ ପିଲାବେଳେ ଗାନ୍ଧୀ ସିନେମା ଦେଖିଛ ନା ନାହିଁ ?

- ହଁ... ଦେଖିଥିବି ବୋଧହୁଏ । ଆଉ କଣ ମନେ ଅଛି ?

- ଜାଣିଛ । ଏ ଚଳଚ୍ଚିତ୍ରରେ ସବୁଠାରୁ ମଜା କଥାଟି ହେଉଛି, ଯେଉଁ ଭାରତୀୟମାନେ ଇଂରେଜ ବିରୁଦ୍ଧରେ ମୁକ୍ତି ସଂଗ୍ରାମ ଚଳାଇ ଦେଶ ସ୍ୱାଧୀନ କଲେ ସେଇ ଭାରତୀୟ ମାଣଙ୍କ ମଧ୍ୟରେ ଗାନ୍ଧୀ ଚରିତ୍ର ପାଇଁ ଅଭିନେତାଟିଏ ମିଳିଲେ ନାହିଁ । ଶେଷରେ ଇଂରେଜ ଅଭିନେତାଙ୍କ ଦ୍ୱାରା ଚଳଚ୍ଚିତ୍ରଟି ପ୍ରସ୍ତୁତ ହେଲା । କିନ୍ତୁ ଭାବିଲେ ଦୁଃଖ ଲାଗେ, ଯେଉଁ ସୁନାର ଭାରତ ଦେଖିବାପାଇଁ ସେମାନେ ସ୍ୱପ୍ନ ଦେଖୁଥିଲେ ଇୟେ କଣ ସେଇ ସ୍ୱର୍ଣ୍ଣପ୍ରସୂ ଭାରତ ଭୂଇଁ ? ନିଜକୁ ଧିକ୍କାର ଲାଗୁଛି କହିବାକୁ ଆମେ ସେଇ ମହାନ ସଂଗ୍ରାମୀଙ୍କ ଦାୟାଦ ବୋଲି । ଚାରିଆଡ଼େ ଅରାଜକତା... କେତେ ଖବର ପଢ଼ିବ ଆଉ ଶୁଣିବ ମଣିଷ... ସରକାର ତ ନିଷ୍କ୍ରିୟ । ଆଉ ନିହାତି ଅପାରଗ ହୁଁ...

ଏହି ସମୟରେ ଫୋନ୍ ରିଂ ହେବାରୁ ସେ ବାହାରକୁ ଚାଲିଗଲେ ।

ସରିତା ଦେବୀଙ୍କୁ ଏଇ ଦୀର୍ଘ ପଚିଶି ବର୍ଷର ଗୃହସ୍ଥ ଜୀବନରେ ସ୍ୱାମୀଙ୍କୁ ଯେମିତି ଆହୁରି ଜାଣିବା ବାକି ରହିଯାଇଛି ପରି ଲାଗୁଥିଲା ।

ବନାନୀ ଦାଣ୍ଡଘରୁ କହୁଥିଲା, "ବୋଉ ତୋ କାମ ସରିଲାନି ଏ ଯାଏଁ? ବନ୍ଦାପନା ଥାଳୀଟା ସଜାଡ଼ି ରଖିଥା, ତୋ ପୁଅ ଆସିବା ବେଳ ହେଲାଣି ପରା... ! !"

- ଓହଃ, ତୋ ଜିଭଟାକୁ ଟିକେ ଲଗାମ ଦେ, କଣ ମନେ ପକାଇବା ଦେବାକୁ ହେବ ଯେ ସେ ତୋ ବଡ଼ ଭାଇ ବୋଲି....

ସେତିକି ବେଳେ ପ୍ରଶାନ୍ତ ଆସି ପହଞ୍ଚିଲା ।

- ଭାଇ ଏତେ ଡେରୀ ଯେ ... ମ୍ୟାଟିନି ସୋ ତ କେତେବେଳୁ ସରିବଣି ।

Download Magazine from www.aahwaan.com

- ତୋର ସବୁ କଥାରେ ଜେରା ନା... ଜା ହଉ ଭଲ ଓକିଲିଆଣୀଟେ ହେବୁ । ଆରେ ବାବା ସେ ସୋ ସରିଲା ସିନା ହେଲେ ପିଲାମାନଙ୍କୁ ନେଇ ସେମାନଙ୍କ ସ୍ଥାନରେ ପହଞ୍ଚାଇବାକୁ ପଡ଼ିବ ନା । ତା'ପୂର୍ବରୁ ସେମାନଙ୍କ ସହିତ ତ୍ରିରଙ୍ଗାର ଫଟୋ ନିଆଗଲା । ସେଥିପାଇଁ ଟିକେ ସମୟ ଲାଗିଗଲା ।

- ଫଟୋ କଣ ହେବ ? ସରିତା ଦେବୀଙ୍କ ପ୍ରଶ୍ନର ଉତ୍ତରରେ ବନାନୀ ଚଟାପଟ୍ କହି ପକାଇଲା, ଆଲୋ ବୋଉ ତୁ ଜାଣିନୁ, ଆଜିକାଲି ବିନା ଫଟୋରେ କିଛି କାମ ନାହିଁ । କାଲିର ଖବର କାଗଜରେ କେମିତି ପଢ଼ିବୁ ଯେ ତ୍ରିରଙ୍ଗା କ୍ଲବର ସମାଜ ସେବା ଖବର ବିନା ଛବିରେ ? ହୁଁ... ଏଥର ପଢ଼ାପଢ଼ି କରିବାକୁ ଦେ ବୋଉ... ନହେଲେ ବାପା ବିଶ୍ୱରୂପ ଦେଖେଇବେ । ତା'ପାଇଁ ମୁଁ ବି ଗାଳି ଖାଇବି ।

ସେହି ସମୟରେ ସର୍ବେଶ୍ୱର ବାବୁ ତାଙ୍କ ବଡ଼ଭାଇ ବ୍ରଜେଶ୍ୱର ବାବୁ ଓ ଅଧ୍ୟାପକ ବିଜୟ ବାବୁ ଆସି ଉପସ୍ଥିତ ହେଲେ । ସରିତା ଦେବୀ ଯଥାମାନ୍ୟ କରି ରୋଷେଇଘରକୁ ଚାଲିଗଲେ । ପ୍ରଶାନ୍ତର ଖୁବ୍ ପ୍ରଶଂସା କରିବା ସହିତ ସେମାନେ ବର୍ତ୍ତମାନ ପଢ଼ାପଢ଼ିରେ ମନୋନିବେଶ କରିବାକୁ ଉପଦେଶ ହେଲେ ।

ରାତିରେ ଖାଇବା ଟେବୁଲରେ ବାପା ବୁଝାଇଲେ, "ଜୀବନର ପ୍ରକୃତ ଲକ୍ଷ୍ୟ ଓ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରଖିବା ଶିଖ । ପ୍ରତ୍ୟେକ ଘଟଣା ସହିତ ଜଡ଼ିତ ରହ । ତାକୁ ତୁଲେଇ ନେଇ ଯିଏ ଆଗେଇ ନ ପାରେ ସେ ହାରିଯାଏ । ପଛରେ ରହିଯାଏ । କିନ୍ତୁ ଯିଏ ପାରେ ସେ ସଫଳତାର ଶିଡ଼ି ଚଢ଼ି ଚଢ଼ି ଆଗକୁ ଆଗକୁ ବଢ଼ିଯାଏ । ସବୁ ଭଲକାମ ଭିତରେ ବି ତୁ ଏକ ବହୁତ ବଡ଼ ଭୁଲ କାମ ଟିଏ କରିଛୁ, ଆମକୁ କୌଣସି କଥା ନ ଜଣାଇ । ମୁଁ ବାହାରୁ ସେ କଥା ଶୁଣିବାଟା କେତେଦୂର ଠିକ୍ ହେଲା ଓ ସୁନ୍ଦର ହେଲା ସେ କଥା ନିଜେ ଚିନ୍ତା କରି

Download Magazine from www.aahwaan.com

ଦେଖ... । ତୋ ଭିତରେ ପ୍ରକୃତ ମଣିଷର ଭାବନା ନିହିତ ଥିବାର ଗୁଣକୁ ମୁଁ ପ୍ରତିହତ କରିବାକୁ ଚାହେଁନାହିଁ । କିନ୍ତୁ ସମୟ ଓ ସୁବିଧା ସୁଯୋଗର ଉଚିତ ସନ୍ତୁଳନ ରକ୍ଷା କରିବା ନିହାତି ଜରୁରୀ । କଣ ବୁଝିଲୁ ?

ପ୍ରଶାନ୍ତ ଧିର ଓ ନମ୍ର ସ୍ୱରରେ ହଁ ବାପା କହି ମନେ ମନେ କୃତଜ୍ଞ ହେଉଥିଲା, ଏଇ ପ୍ରଥମ କରି ବାପା ତା'ପତି ଅନେକ ସାହାସ ଓ ସଦିଚ୍ଛା ଦେଖାଇଥିବାରୁ । ଆଉ ମଧ୍ୟ ସେଥି ସହିତ ବାପା, ମାଆ, ଘର ପରିବାର ଓ ସମଗ୍ର ଯୁବପୀଢ଼ିଙ୍କ ପ୍ରତି ଯେଉଁ ଦାୟିତ୍ୱ ଅଛି ତାକୁ କେବେ ବି କ୍ଷୁର୍ଣ୍ଣ ହେବାକୁ ନ ଦେବାର ସଂକଳ୍ପଟିଏ ଉଠି ଆସୁଥିଲା ଛାତି ଭିତରୁ... ।

Download Magazine from www.aahwaan.com



# ସ୍ୱପ୍ନ

ବୈଚନ୍ଦ୍ର ମଲ୍ଲିକ

ସେଦିନ ରବିବାର ଥିଲା । ହୋଟେଲରୁ ଘରକୁ ଫେରୁ ଫେରୁ ଦେବାନନ୍ଦଙ୍କର ରାତି ସାଢ଼େବାର । ରବିବାର ଥିବାରୁ ହୋଟେଲରେ ଟିକେ ଗହଳି ତେଣୁ ହୋଟେଲ୍ ମାଲିକ ଆଗତୁରା କହିଦେଲେ ଯେ ଆଜି ଟିକେ ଦୋକାନ ବନ୍ଦ କରିବାକୁ ଲେଟ୍ ହେବ । ତେଣୁ ସେହି କଥାକୁ ସମର୍ଥନ କରିବାକୁ ଯାଇ ଦେବାନନ୍ଦ ଆଉ କିଛି ବ୍ୟସ୍ତ ହେଲେ ନାହିଁ । କିନ୍ତୁ ପୁଅ ପ୍ରଶାନ୍ତ କଥା ମନେ ପକାଇ ପୁଣି ବ୍ୟସ୍ତ ଏବଂ ବିରକ୍ତ ହେଲେ । ପୁଅ ବାରମ୍ବାର କହିଥିଲା, "ବାପା, ମୋ ପାଇଁ ତମ ହୋଟେଲରୁ ନାନ୍ ରୁଟି ଆଉ ଚିଲ୍ଲିଚିକେନ୍ ଆଣିଦେବ ।" ହୋଟେଲ୍ ଗହଳି ଥିବାରୁ ସେଦିନ ମଧ୍ୟ ଚିଲ୍ଲି ଚିକେନ୍ ସରିଗଲା । ତେଣୁ ଦେବାନନ୍ଦ ବାବୁ ତା' ପୁଅପାଇଁ ତ ହୋଟେଲ୍ ମାଲିକଙ୍କୁ କହି ଆଉ ଚିକେନ୍ ମଗାଇନଥାନ୍ତେ ! ତେଣୁ ନିଜ ମନକୁ ବୁଝାଇ ଦେଲେ । ହେଲେ ବି ନିଜକୁ ଦୋଷୀ ଭଳି ଅନୁଭବ କରୁଥାନ୍ତି । ପୁଅର ଅନେକ ଇଚ୍ଛାକୁ ସେ ପୂରଣ କରିଛନ୍ତି ଆଗରୁ । ସେ ଅନେକ ଥର ପୁଅ ପାଇଁ ଚିଲ୍ଲି ଚିକେନ୍ ଓ ନାନ୍ ରୁଟି ନେଇଛନ୍ତି । କିନ୍ତୁ ପୁଅ ଆଜି ବଡ଼ ହୋଇ ଯାଇଥିବାରୁ ତା'କଥାକୁ ଅଣଦେଖା କରିବା ମଧ୍ୟ ନିଜକୁ ଠିକ୍ ମନେ କରୁନାହାନ୍ତି । ତଥାପି ମଧ୍ୟ ବଳିଥିବା କେତୋଟି ନାନ୍ ରୁଟି ଆଉ କିଛି ସାଧା ତରକାରୀ ଧରି ଘରେ ପହଞ୍ଚିଲେ ସେ ।

ଘରେ ପହଞ୍ଚି କବାଟ ଠକ୍ ଠକ୍ କରୁ କରୁ ପ୍ରଶାନ୍ତ ମା' ବୀଣାଦେବୀ ଆସି କବାଟ ଖୋଲିଲେ । ଅବଶ୍ୟ ଅନ୍ୟଦିନ ଅପେକ୍ଷା ସେ ଦିନ ଟିକେ ବିଳମ୍ବ ହେଲା କବାଟ ଖୋଲିବାରେ । ଅବଶ୍ୟ ସାରା ଦିନର କର୍ମବ୍ୟସ୍ତତାରେ ସେ ବି ଥକି ପଡ଼ି ଟିକେ ଢୁଳେଇ

 Download Magazine from www.aahwaan.com

ପଡିଥିବେ ବୋଲି ଚିନ୍ତା କଲେ ଦେବାନନ୍ଦ । ବୀଣାଦେବୀଙ୍କ ପ୍ରଶ୍ନିଳ ନୟନର ଉତ୍ତର ସାଙ୍ଗେ ସାଙ୍ଗେ ଦେଇପକେଇଲେ ସେ, "ଏଇ ଜାନୁଆରୀ ମାସଟା ଟିକେ ଅଧିକ ଗହଳି ରହିବ, ତେଣୁ ଏମିତି ବିଳମ୍ବ ହେବ ହିଁ ହେବ । ଆଉ ରବିବାର ଦିନମାନଙ୍କରେ ଗହଳି ବଢ଼ିବ ମଧ୍ୟ ।"

ଘର ଭିତରେ ପଶୁ ପଶୁ ଦେଖେ ତ ଖଟ ଉପରେ ଘୁଙ୍ଗୁଡ଼ିମାରି ଶୋଇଛି ଆଇଁଷ ରଙ୍କୁଣା ପୁଅ ପ୍ରଶାନ୍ତ । ଏବଂ କାନ୍ଥପାଖକୁ ତକିଆ ଧରି ଶୋଇଛି ଗେହ୍ଲି ଝିଅ ପ୍ରିୟା । ତେଣୁ ସେ ପୁଅ ପ୍ରଶାନ୍ତର ପ୍ରଶ୍ନକୁ ଆଉ ସାମ୍ନା କଲେନାହିଁ । ହୋଟେଲରୁ ଆଣିଥିବା ବ୍ୟାଗଟିକୁ ପ୍ରଶାନ୍ତ ବୋଉକୁ ଦେଉ ଦେଉ ଜଣାଇଦେଲେ, "ଆଜି ଏତେ ଭିଡ଼ ଥିଲା ଯେ ଚିଲ୍ଲି ଚିକେନ୍ ପ୍ଲେଟଟିଏ ବି ବଞ୍ଚିଲାନି । ପ୍ରଶାନ୍ତ କହିଥିଲା..." ପ୍ରଶାନ୍ତ ବୋଉ ବ୍ୟାଗକୁ ନେଇ କହିଲା, "ସେ ତ ଶୋଇଲାଣି । ଆଣିଥିଲେ ବି କୋଉ ଖାଇଥାନ୍ତା ଏବେ ? ଆର ରବିବାରକୁ କିନ୍ତୁ ମନେ ପକେଇ ଆଣିଦେବ । ତମ ଭଉଣୀ ଆଉ ତା ମାଉସୀପୁଅ ଅମରକୁ ବି ଡାକିଦେବ ସେ ଦିନ । ବେଗେ ବେଗେ ସେ ରୋଷେଇଘରେ ପଶିଯାଇ ଖାଇବା ଜିନିଷ ଆଣି ଟେବୁଲ ଉପରେ ଥୋଇଲେ । ଦେବାନନ୍ଦ ସଫାସୁତରା ହୋଇ ବସିଲେ । ଏଇ କିଛି ସମୟ ତ ମିଳେ ଭଲମନ୍ଦ କଥା ହେବାପାଇଁ ଘରର ସଉଦା, ଭଲ, ମନ୍ଦ, ସୁଖ ଦୁଃଖ ଇତ୍ୟାଦି ଇତ୍ୟାଦି ।

ସକାଳୁ କଥା ହେବାପାଇଁ ବେଳ କାହିଁ ? ଦେବାନନ୍ଦ ବାବୁ ଟିକେ ବିଳମ୍ବ ଯାଏଁ ଶୋଇବେ । ଆଉ ବୀଣାଦେବୀ ସକାଳୁ ସକାଳୁ ଉଠି ପିଲାମାନଙ୍କ ପାଇଁ ରୋଷେଇରେ ଲାଗିଯିବେ । ରାତିରେ ବି ସବୁଦିନ କଥା ହେବା ସମ୍ଭବ ହୁଏନି । ଯେଉଁଦିନ ଦେବାନନ୍ଦ ବାବୁ ମଦଟିକେ ପକେଇ ଦେଇ ଆସନ୍ତି ସେ ଦିନ ଘରେ ନିରବତା ଲାଗିରହେ । ତେଣୁ ସେ ହୋଟେଲରେ ଖାଇଦେଇ ଆସନ୍ତି । ଅବଶ୍ୟ ହୋଟେଲ୍ ମାଲିକ ସବୁଦିନ ହୋଟେଲରେ ଖାଇବାକୁ କହନ୍ତି, କିନ୍ତୁ ଦେବାନନ୍ଦ ବାବୁ ଖାଆନ୍ତି ନାହିଁ । ଦେବାନନ୍ଦ ବାବୁଙ୍କ ଛୋଟିଆ

 Download Magazine from www.aahwaan.com

ପରିବାର, ସ୍ୱାମୀସ୍ତ୍ରୀ ଓ ଦୁଇ ପିଲା । ଅବଶ୍ୟ ଗାଁରେ ବାପାମା ସହିତ ସାନଭାଇ ଓ ତା ପରିବାର ରହନ୍ତି । କିନ୍ତୁ ସେମାନେ ଗାଁ ଛାଡ଼ି ଫୁଲବାଣୀ ସହର ଆସି ରହିବାର ବାଇଶି ବର୍ଷ ହୋଇଗଲାଣି ।

ନୂଆ ନୂଆ ବାହା ହେବାପରେ ଗାଁରେ ରହୁଥିବା ସମୟର କଥା, ଦିନେ ବୀଣାଦେବୀ କାକୁତିମିନତି ହୋଇ କହିଲେ, "ତମେ ଯଦି ପ୍ରକୃତରେ ମୋର ଭଲ ଚାହୁଁଥାଅ, ତେବେ ମୋତେ ଏ ଘରଠାରୁ ଦୂରକୁ ନେଇଯାଅ, ମୁଁ ଏ ଘରେ ଗୋଟିଏ ମୁହୂର୍ତ୍ତ ରହିବାକୁ ଚାହୁଁନାହିଁ ।" ଏହିପ୍ରକାର କଥା ଶୁଣି ଦେବାନନ୍ଦ ହତ୍‌ଚକିତ ହୋଇ ଯାଇଥିଲେ । ସତେକି ଆକାଶଟା ମୁଣ୍ଡ ଉପରେ ଛିଣ୍ଡି ପଡ଼ିଥିଲା । ବାପାମା'ଙ୍କୁ ସବୁବେଳେ ଖୁସିରେ ରଖିବାର ସ୍ୱପ୍ନ ସେ ସବୁବେଳେ ଦେଖୁଥିଲେ । ଘରର ବଡ଼ପୁଅ ହେବାର ଦାୟିତ୍ୱ ! ହେଲେ ଏମିତି କହିବାର କାରଣ ବିଷୟରେ ପଚାରିବା ପରେ ଅଶ୍ରୁପୂର୍ଣ୍ଣ ନୟନରେ ବୀଣାଦେବୀ ଜଣେଇଲେ ଯେ, ସେ କାଳେ ଜଣେ ବନ୍ଧ୍ୟା ସ୍ତ୍ରୀ ଲୋକ ଆଉ ତାଙ୍କୁ ଦେଖି ଶାଶୁଙ୍କର ଅଶୁଭ ହେଉଛି ବୋଲି ବାରମ୍ବାର କହୁଛନ୍ତି । ତେଣୁ ସେ ଏଠାରୁ ଦୂରକୁ ଯିବାକୁ ଚାହୁଁଛନ୍ତି । ସେହିଦିନ ରାତିରେ ହିଁ ନିଷ୍ପତ୍ତି ନେଇଥିଲେ ଦେବାନନ୍ଦ ଆଉ ପରଦିନ ଫୁଲବାଣୀ ସହରରେ ପାଦ ଦେଇଥିଲେ ।

ଆଜି ବୀଣାଦେବୀ ଆଉ ବନ୍ଧ୍ୟା ନୁହନ୍ତି । ଦୁଇ ଦୁଇଟି ସନ୍ତାନର ଜନନୀ । ଫୁଲବାଣୀ ସହରରେ ନୂଆ ନୂଆ ଆସି ରହିଥିବା ସମୟରେ ଭବିଷ୍ୟତରେ ନିଜ ପାଇଁ ଘରଖଣ୍ଡେ କରିବା ଆଶାରେ ଦେବାନନ୍ଦ ବାବୁ ଜାଗାଖଣ୍ଡେ କିଣିଥିଲେ, ଯେନତେନ ପ୍ରକାରେ ଏବେ ଘର ଖଣ୍ଡେ ଟେକିଲେଣି । ଫୁଲବାଣୀ ଆସିବାର ବର୍ଷେ ପରେ ପ୍ରଶାନ୍ତ ଆଉ ତା ଦୁଇ ବର୍ଷପରେ ଝିଅ ପ୍ରିୟା ଜନ୍ମ ହୋଇଥିଲେ । ଉଣାଅଧିକେ ସବୁ ସ୍ୱପ୍ନ ପୂରଣ ହୋଇଯାଇଥିଲା ସେମାନଙ୍କର ।

 Download Magazine from www.aahwaan.com

ଫୁଲବାଣୀ ଆସିବା ବେଳେ ହୋଟେଲରେ ହେଲ୍‌ପର୍ ହୋଇଥିଲେ ସେ । ଅଳ୍ପ ପଇସା ଅର୍ଜୁଥିଲେ ହେଲେ ହାତଗୁଣ ଦିନକୁ ଦିନ ବ୍ୟାପୀଲା ଆଉ ଏବେ ସେ ନାମୀ ଖାନସମା । ବଡ଼ ବଡ଼ ଭୋଜିଭାତର ଆୟୋଜନକୁ ସେ ଏକା ଏକା କରି ଦେଇ ପାରୁଛନ୍ତି । ମାସକୁ ଦଶହଜାର ଆୟ କରୁଛନ୍ତି । ମୋଟା ମୋଟି ଭାବରେ ତାଙ୍କ ସଂସାର ଭଲରେ ଚାଲିଛି । ପୁଅ ପ୍ରଶାନ୍ତ ଉପରେ ଅନେକ ଆଶା ତାଙ୍କର । କିନ୍ତୁ ଟୋକାଟା ଚଗଲା । ମାଡୁଆଟାଏ ବି ହୋଇଛି । ଅନେକ ଥର ମାଡ଼ ଖାଏ । ତେଣୁ ବାପା କହିଲେ ତାର ଟିକେ ଭୟ । ସବୁ କଥା ସେ ବୋଉକୁ କହେ ।

ପ୍ରଶାନ୍ତ ଯେବେ ଦଶମ ପାସ କରିଥିଲା ସେଦିନ ଦେବାନନ୍ଦ ବହୁତ ଖୁସି ହୋଇଥିଲେ । ହୋଟେଲ ମାଲିକଙ୍କୁ ମିଠା ଖୁଆଇ କହିଥିଲା, "ଆପଣଙ୍କ ପୁଅପରି ମୋ ପୁଅକୁ ବ୍ୟାଙ୍କ୍ ମେନେଜର୍ କରିବି ବୋଲି ଭାବିଛି ଆଜ୍ଞା ।" ମାଲିକ ବହୁତ ଖୁସି ହୋଇଥିଲେ । ତାଙ୍କ ପାଇଁ ବ୍ୟାଙ୍କ ମେନେଜର୍ ଚାକିରୀ ଏକ ବହୁତ ଭଲ ଚାକିରୀ ଥିଲା । ତେଣୁ ତାଙ୍କ ଉପଦେଶମାନି ପ୍ରଶାନ୍ତକୁ କମର୍ସ୍ ରେ ନାମ ଲେଖାଇଥିଲେ ସେ । ସେହିବର୍ଷ ଭଉଣୀର ପୁଅ ଅମର ମଧ୍ୟ ଆସି ଫୁଲବାଣୀରେ ପହଞ୍ଚି ଥିଲା ଅଧିକ ପଢ଼ିବାପାଇଁ । ସେ ଆଉ ପ୍ରଶାନ୍ତ ଏକାଠି ପଢୁଥିଲେ । ଅମର ବିଜ୍ଞାନରେ ଛାତ୍ର ଥିଲା ଆଉ ଖୁବ୍ ମେଧାବୀ ମଧ୍ୟ ଥିଲା । ସେ ଦୁଇବର୍ଷ ଦେବାନନ୍ଦଙ୍କ ଘରେ ରହି ପଢ଼ିଲା । ପ୍ରିୟା ନବମ ଶ୍ରେଣୀରେ ପଢୁଥିଲା । ତାର କିନ୍ତୁ ପାଠପଢ଼ାରେ ଏତେ ମନ ନାହିଁ । ସବୁବେଳେ ନାଚଗୀତରେ ମନ । ଗାୟିକା ହେବ କହି ଘର ଫଟାଇ ଗୀତ ଗାଏ ହେଲେ ଘରେ ହିଁ ରହିଯାଏ ।

ଅମର ଦୁଇବର୍ଷ ବଡ଼ମା' ଘରେ ରହିବାପରେ ଏବେ ନିଜ ମା ସହ ଅଲଗା ରହୁଛି । ବେଳେ ବେଳେ ଘରକୁ ବୁଲି ଆସେ । କିନ୍ତୁ ଯୁକ୍ତ ଦୁଇପରୀକ୍ଷା ଫଳ ଆସିବାପରେ ହଠାତ

 Download Magazine from www.aahwaan.com

ବୀଣାଦେବୀ ନିଜେ ଫୋନ କରି ଅମରର ମା'ଙ୍କୁ ଜଣାଇ ଦେଇଥିଲେ ପୁଅକୁ ନେଇ ଯିବାପାଇଁ । ସେ କାହିଁକି ଏମିତି କଲେ କେହି ବୁଝିପାରିଲେ ନାହିଁ । ପ୍ରିୟା ମନ ଊଣା କରିଥିଲା କାନ୍ଦିଲା ମଧ୍ୟ, କିନ୍ତୁ ବୀଣାଦେବୀ ବୁଝେଇଦେଲେ ସେମାନେ ଏହି ସହରରେ ହିଁ ରହିବେ ଏବଂ ବେଳେ ବେଳେ ଯିବା ଆସିବା କରିବେ ।

ଅତୀତ କଥାକୁ ମନେ ପକାଇ ଦେବାନନ୍ଦ ବାବୁ ବେଳେ ବେଳେ ଲୁହ ଗଡ଼ାନ୍ତି । ଫୁଲବାଣୀରେ ରହୁଥିବା ସମୟରେ ସେ ପ୍ରଥମେ ଯେତେବେଳେ ଢାବା ହୋଟେଲରେ କାମ କରୁଥିଲେ ସେଇ ସମୟରେ ସେ ନିଶା ସେବନର ଶିକାର ହୋଇଗଲେ । ଢାବା ହୋଟେଲରେ ଗ୍ରାହକ ମାନଙ୍କୁ ମଦ ଦେଉ ଦେଉ ନିଜେ ନିଶାରେ ପଡ଼ିଗଲେ । ଅବସ୍ଥା ଏମିତି ହେଲା ଯେ ବିନା ମଦରେ ଦିନ ରାତି ବିତିଲାନି । ଘରେ ଅନେକ ଅଶାନ୍ତି ହେଲା । କିନ୍ତୁ ସେ ସୁଧୁରିଲେନାହିଁ । ଦିନ ଆସିଲା ସେ ସମ୍ପୂର୍ଣ୍ଣ ଭାବେ ଅସୁସ୍ଥ ହୋଇଗଲେ । ଡାକ୍ତରୀ ପରାମର୍ଶରେ ସମ୍ପୂର୍ଣ୍ଣ ଭାବେ ମଦ୍ୟପାନ ତ୍ୟାଗ କରିବାକୁ ପରାମର୍ଶ ଦିଆଗଲା ଏବଂ କିଛି ଅଂଶରେ ସେ ସୁସ୍ଥ ହୋଇଗଲେ ସୁଦ୍ଧା ଅତ୍ୟଧିକ ମଦ୍ୟପାନ ହେତୁ କିଡ଼ନୀରେ ରୋଗ ହୋଇଗଲା ଯାହା ରହି ରହି ଅନେକ ସମୟରେ ଅସୁବିଧା ସୃଷ୍ଟି କରୁଛି । ଏଥିପାଇଁ ଅନେକ ଅର୍ଥ ଶ୍ରାଦ୍ଧ ହେଲାଣି । ସେହି ଚିନ୍ତାରେ ବେଳେ ବେଳେ ସେ ଭାବେ ଯଦି ତା'ର କିଛି ହୋଇଯାଏ ତ ପିଲାମାନଙ୍କର କଣ ହେବ ? ସେଥିପାଇଁ ସେ ନିଜକୁ ଦୋଷୀ ମନେକରେ । ପ୍ରଶାନ୍ତ ବି ପାଠପଢ଼ାରେ ଆଦୌ ମନ ଦେଉନାହିଁ । ସେ ନିଜେ ଘରେ ରହୁନାହାନ୍ତି । ଅମର ଥିବା ବେଳେ ଅନ୍ତତଃ ଏକାଠି ବସୁଥିଲା ବହିଧରି ଏବେ ସେ ସବୁ ବି ନାହିଁ ।

ଗତ ଶନିବାର କଥା ପ୍ରଶାନ୍ତ ତା' ବୋଉକୁ କହିଲା, "ବୋଉ, ମୋତେ ଫିଲ୍ମ ଦେଖିଯିବାପାଇଁ ପଇସା ଦେ ।" ଗୋଟେ ଐତିହାସିକ ଫିଲ୍ମ ପଡ଼ିଛି ହଲରେ, 'ପଦ୍ମାବତ୍' ।

 Download Magazine from www.aahwaan.com

ପ୍ରଶାନ୍ତ କଲେଜ ଯିବାପୂର୍ବରୁ ଏହା ଜଣାଇଦେଇ ଚାଲିଯାଇଥିଲା । କଲେଜରୁ ଫେରି ଖାଇବା ପାଇଁ ବସିଥିବା ବେଳେ ବୋଉ ଟେବୁଲ୍ ଉପରେ ଆଣି କିଛି ଟଙ୍କା ଦେଇ ବଢ଼ାବଢ଼ିରେ ଲାଗିଥିବା ବେଳେ ପ୍ରଶାନ୍ତ ତା' ବୋଉକୁ କହିଲା, "ମୁଁ ସିନେମା ଦେଖିବାକୁ ଯିବି ପରା, ଏତିକି ଟଙ୍କାରେ କଣ ହେବ ? ପ୍ରଶାନ୍ତ ଅଭିଯୋଗ କରି କହିଲା, ଟିକେଟ୍ ଦାମ କେତେ ଜାଣିଛୁନା ? ଆଉ ସାଙ୍ଗମାନେ ଥିବେ, ମୁଁ ଏତେ କମ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ କିଛି ଅଛି କି ନାହିଁ? ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଯିବାପରେ ପୁଣି କହିଲା, ବୋଲି ମୋର ଟାଇମ୍ ହେଇଗଲାଣି, ଟଙ୍କା ଦେ । ରୋଷେଇ ଘରୁ ବୋଉ କହିଲେ, ମୋ ପାଖରେ କିଛି ନାହିଁ । ତୁ ବାପାଙ୍କୁ ମାଗି ନେଇଯା । ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହେଉଥିବା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦଧ୍ୱନୀ ଶୁଣି ନିରବ ହୋଇଗଲା । ଏବଂ ସେତକ ଟଙ୍କା ଧରି ସେ ସିନେମା ଗଲା ।

ଏଠି ଗୋଟିଏ ଘରେ ରହିଲେ ମଧ୍ୟ ସମସ୍ତଙ୍କ ସ୍ୱପ୍ନ ଅଲଗା । ତେଣୁ ବୀଣାଦେବୀଙ୍କ ସ୍ୱପ୍ନ ମଧ୍ୟ ଟିକେ ଅଲଗା । ସେ ଯେଉଁଦିନ ତା ଭଉଣୀକୁ ଅମରକୁ ତାଙ୍କ ଘରକୁ ନେଇ ଯିବାପାଇଁ କହିଲେ ତାର ପନ୍ଦର ଦିନ ପୂର୍ବର ଘଟଣା, ସେଦିନ ନିଘୋଡ଼ ନିଦରେ ଶୋଇଥିଲେ ବୀଣାଦେବୀ ଏକ ଅଜବ ସ୍ୱପ୍ନ ଦେଖିଲେ । ସେହି ସ୍ୱପ୍ନରେ ଥିଲା ଯେ କାଳେ ତୁଳସୀ ଚଉଁରାରେ ଥିବା ଗଛ ମଉଳି ଯାଇଥିବା ବେଳେ ପାଖରେ ଥିବା ଗେଣ୍ଡୁଫୁଲ ଗଛ ଦାଉ ଦାଉ ଦିଶୁଛି । ସ୍ୱପ୍ନ ଭାଙ୍ଗିବାପରେ ସେ ଯାଇ ଦେଖନ୍ତି ତ ସତରେ ସେମିତି ହିଁ ଦେଖାଯାଉଥିଲା । ଏହାକୁ ନିଜ ପରିବାର ସହ ଯୋଡ଼ି ସେ ଦେଖୁଥିଲା, ଅମରର ପ୍ରଭାବରେ ପ୍ରଶାନ୍ତ ମାନ୍ଦା ପଡ଼ି ଯାଉନି ତ ? ତେଣୁ ସେ ତୁଳସୀ ଓ ଗେଣ୍ଡୁ ଫୁଲ ଗଛକୁ ଅଲଗା ଅଲଗା

Download Magazine from www.aahwaan.com

ଯାଗାରେ ପୋତିବା ପରେ ସୁଫଳ ଦେଖି ନିଷ୍ପତ୍ତି ନେଇଥିଲେ ଏବଂ ଅମରକୁ ଅଲଗା ରହିବାକୁ କହିଥିଲେ । ଦେଖାଯାଉ କାହାର ସ୍ୱପ୍ନ ସାକାର ହେଉଛି । ଏ କଥା ସମୟ କହିବ ।

ରାସୁଡ଼ି, ଫୁଲବାଣୀ

ଭ୍ରାମ୍ୟଭାଷ : ୮୭୬୩୭୬୮୯୨୬

Download Magazine from www.aahwaan.com

# ପଶ୍ଚାତାପ



ବିଜୟ କୁମାର ପଣ୍ଡା

ବୋଉ , ସିନେମା ଦେଖି ଯିବି ପରା ? ଏତିକି ଟଙ୍କାରେ କଣ ହେବ ? ପ୍ରଶାନ୍ତ ଅଭିଯୋଗ କରି କହିଲା । ଟିକେଟ ଦାମ କେତେ ଜାଣିଛୁ ? ଆଉ ସାଙ୍ଗ ମାନେ ଥିବେ, ମୁଁ ଏତେ କମ ଟଙ୍କାରେ କଣ ଧରି କେମିତି ଯିବି ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ? ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନୀରବ ହୋଇଗଲା ପରେ ପୁଣି କହିଲା, "ବୋଉ ମୋର ଟାଇମ ହେଲାଣି ଟଙ୍କା ଦେ ।" ରୋଷେଇ ଘରୁ ବୋଉ କହିଲେ, ମୋ ପାଖରେ କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇଯା । ପ୍ରଶାନ୍ତ ଗର ଗର ହେଉଥିଲାବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦଧ୍ୱନି ଶୁଣି ନୀରବ ହୋଇଗଲା ।

ମା ତା ପସନ୍ଦର ଶାଗ, ବଡି ଭଜା ,ସୋରିଷ ଦିଆ ମାଛ ତରକାରୀ କରିଛନ୍ତି । ବହୁତ ଦିନ ପରେ ମା ହାତ ରନ୍ଧା ସୁସ୍ୱାଦୁ ଖାଦ୍ୟ ମିଳିଛି, ଅତି ଖୁସିରେ ଖାଇସାରି ହାତ ଧୋଇଲା ପ୍ରଶାନ୍ତ । ବାପାଙ୍କୁ ଭାରି ଡର ତାର । ସାଙ୍ଗମାନଙ୍କ ସହ ମିଶି ସିନେମା ଯିବାର କାର୍ଯ୍ୟକ୍ରମ କରିଥିଲା ସେ କିନ୍ତୁ ବାପାଙ୍କୁ ସିନେମା ପାଇଁ ଟଙ୍କା ମାଗିବାକୁ ସାହସ ଯୁଟେଇ ପାରେନି । ଭଲ ପାଠ ପଢେ ବୋଲି ବାପା ତାର କିଛି ଦୃଷ୍ଟାମିକୁ ଅଣଦେଖା କରନ୍ତି ସତ କିନ୍ତୁ ବାପାଙ୍କର ଗେଲ୍‌ହା ପୁଅ ହେବାର ସୌଭାଗ୍ୟ ପାଇଲାନି ପ୍ରଶାନ୍ତ ତାର ନିଜ ଔଦ୍ଧାତମୀ ପାଇଁ । ନିରାକାର ବାବୁଙ୍କ ବଡ ପୁଅ ପ୍ରଶାନ୍ତ ।ଗାଁ ସ୍କୁଲ ରେ ଶିକ୍ଷକତା କରନ୍ତି ନିରାକାର ବାବୁ ।ବହୁତ ସଚ୍ଚୋଟ ଓ ନିଷ୍ଠାପର ଲୋକ ସେ, ଗାଁ ରେ ବହୁତ ଖାତିର ତାଙ୍କର

 Download Magazine from www.aahwaan.com

।ସମସ୍ତ ଅଭିଭାବକ, ଯେତେ ଛାତ୍ର ଛାତ୍ରୀ ଏମିତି କି ସ୍କୁଲ ର ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ନିରାକାର ବାବୁଙ୍କ ଶିକ୍ଷକତା, ଛାତ୍ର ମାନଙ୍କ ପ୍ରତି ସ୍ନେହ ପ୍ରେମ, ଦାୟିତ୍ଵ, ସମୟାନୁବର୍ତୀତା, ନିଷ୍ଠାପରତା ଆଦି ଗୁଣ ର ଭୁଇୟସୀ ପ୍ରଶଂସା କରନ୍ତି କିନ୍ତୁ ନିରାକାର ବାବୁଙ୍କର ଦୁଃଶ୍ଚିନ୍ତା ଥିଲା ତାଙ୍କର ବଡ ପୁଅ ପ୍ରଶାନ୍ତ ର ଉଦ୍ଧତାମି ଓ ସାନ ପୁଅର ସ୍ମୃତି ।ରେଭେନ୍ସା କଲେଜରେ ଯୁକ୍ତ ଦୁଇ ପରୀକ୍ଷା ଶେଷ ବର୍ଷ ପରୀକ୍ଷା ଦେଇ ସାରି କାଲି ଘରକୁ ଆସିଛି ଦୀର୍ଘ ଛ ମାସ ପରେ ।ପ୍ରଶାନ୍ତ ମଦ୍ୟପାନ କରେ ଆଉ ଝିଅ ମାନଙ୍କୁ କମେନ୍ଟ ବି କରେ, ସେଥିପାଇଁ କେତେଥର ନିରାକାର ବାବୁଙ୍କ ମୁଣ୍ଡ ତଳକୁ ହେଇଛି ।ପ୍ରଶାନ୍ତକୁ ଯେମିତି ବାପଙ୍କର ମାନ ସମ୍ମାନ ର କିଛି ଫରକ ପଡେନି ।ତାର ଏଇ ଦାୟିତ୍ଵହିନତା ପାଇଁ ପରିବାରକୁ କେତେ କଷ୍ଟ ସେ ନଦେଇଛି ।ଗାଁ ନଇରେ ପହଁରିବାରେ ତାର ବହୁତ ଖୁସି ।ପିଲା ଦିନ ସାଙ୍ଗ ମାନଙ୍କ ମେଳ ରେ ଏ ନେଇ କେତେ ପ୍ରତିଯୋଗୀତା ହୁଏ, ବଢି ନଇ ପାଣି ରେ ଏକୂଳ ରୁ ସେକୂଳ ରୁ କିଏ କେତେ କମ ସମୟ ମଧ୍ୟରେ ପାର ହେଇ ପାରିବ । ଆଓ ପ୍ରଶାନ୍ତ ସେଥିରେ ସବୁବେଳେ ପ୍ରଥମ ।

କାଲି ପୁଣି ଦୁଇ ବରଷ ବିତି ଗଲାଣି, ସେଦିନ ପ୍ରଥମ ରଜ ଥାଏ ।କାଉଂଳିଆ ପାଗ,ସୁଲୁସୁଲିଆ ପବନ ବହୁଥାଏ, ଆକାଶରେ ବଦଳ ମାଳ ମାଳ ।ନାନା ରକମର ପିଠା ପଣା ହୋଇଥାଏ ଘରେ ।ପ୍ରଶାନ୍ତ ର ମ୍ୟାଟ୍ରିକ୍ ପରୀକ୍ଷା ଫଳ ବାହାରିଥାଏ ପୂର୍ବଦିନ, ପ୍ରଥମ ଶ୍ରେଣୀରେ ଅଶି ପ୍ରତିଶତ ନମ୍ବର ରଖୀ ପାସ ହେଇଥାଏ ପ୍ରଶାନ୍ତ ।ସେଥିପାଇଁ ନିରାକାର ବାବୁ ସ୍କୁଲ ପିଲା ମାନଙ୍କୁ ମିଠା ବାଣ୍ଟିଲେ।ପ୍ରଥମ ରଜ, ବହୁତ ଆନନ୍ଦ ଓଲ୍ଲାସ ର ଦିନ ।ନୂଆ ଲୁଗା , ରଜ ପାନ , ନଇ କୂଳେ ଲାଗି ଥିବା ଦୋଳିରେ କୁନି କୁନି ପିଲା ଓ ଝିଅ ବୋହୁ ମାନଙ୍କ ଦୋଳି ଖେଳ, ଗାଁ ମୁଣ୍ଡ ବରଗଛ ମୂଳେ ତାସ ଖେଳ ଇତ୍ୟାଦିରେ ଦିନ ସରି ସନ୍ଧ୍ୟା

Download Magazine from www.aahwaan.com

ହେଲା । ସାନଭାଇ ଓ ସାଙ୍ଗ ମାନଙ୍କ ଗହଣରେ ଦିନ କେମିତି କଟିଗଲା ଯେ ପ୍ରଶାନ୍ତ କୁ ଜଣାପଡିଲାନି ।ସନ୍ଧ୍ୟାଠୁଁ ଆରମ୍ଭ ହେଲା ବର୍ଷା ।ସକାଳ ଭିତରେ ଗାଁ ନଈରେ ବନ୍ୟା ପାଣି ଆସିଯାଇଥାଏ ।ଉଚ୍ଛୁଳା ନଈର ପାଇଁ ଏକୁଳ ସେକୁଳ ଖାଉଥାଏ ।ସକାଳୁ ନଈ କୁଳ ଆଡେ ବୁଲି ଆସିଲାପରେ ପ୍ରଶାନ୍ତର ଖୁସି କହିଲେ ନସରେ ।ଆଜି ନଈ ପହଁରା ହେବ, ରାଜା ପାଗକୁ ପରୀକ୍ଷା ଫଳର ଖୁସି, ତାକୁ ଯେମିତି ଆକାଶରେ ଉଡିଲା ପରି ଲାଗୁଥାଏ ।ନଈ ପହଁରିବା କଥା ଶୁଣିଲେ ବାପାଙ୍କଠୁ ଗାଳି ଶୁଣିବାକୁ ମିଳେ ।ସେଥିପାଇଁ ସକାଳୁ ସକାଳୁ ରଜ ପିଠା ଖାଇ, ସାଙ୍ଗ ମାନଙ୍କୁ ନେଇ ବାହାରିଲା ନଈ କୁଳକୁ ଦୋଳି ରେ ଝୁଲିବା ବାହାନା କରି ।ସାନ ଭାଇ ବି ଜିଦ ଧରିଲା ମୋତେ ବି ନେଇଚାଲ ଦୋଳି ଝୁଲେଇ ଦେବୁ ।ସଣଭୟ କୁନାକୁ ନେଇ ଦୋଳି ଖେଳି ଆସୁଛି ବୋଲି ମା କୁ କହି ପ୍ରଶାନ୍ତ ଆସି ପହଞ୍ଚିଲା ନଈ କୂଳରେ ।

କୁନାକୁ ଦଶ ମିନିଟ ଦୋଳି ଖେଳେଇ ଦେଇ ପ୍ରଶାନ୍ତ କହିଲା ତୁ ଏଇଠି ଖେଳୁଥା, କୁଆଡେ ଯିବୁନି ,ମୁଁ ପାଞ୍ଚ ମିନିଟରେ ଯାଇ ଆସୁଛି ନଈକୁଳ ଆଡୁ ।ଏତିକି କହି ସାଙ୍ଗ ମାନଙ୍କ ସହ ମିଶି ନଈକୁଳ ଆଡକୁ ଛୁ ମନ୍ତର ହେଇଗଲା ପ୍ରଶାନ୍ତ ।କୁନାକୁ ଏକୁଟିଆ କିଛି ଭଲ ଲାଗିଲାନି ।ବଡଭାଇ କୁ ଖୋଜି ସେ ବି ହାଜର ହେଇଗଲା ନଈକୁଳରେ ।ସେତେବେଳେ ପ୍ରଶାନ୍ତ ଆଉ ତାର ସାଙ୍ଗ ମାନେ ନଈ ପହଁରା ରେ ବ୍ୟସ୍ତ ଥାନ୍ତି ।କୁନା ଭାଇ ଭାଇ ଡାକି ଡାକି, ଯାଇ ନଈ କୂଳରେ ବସି ପାଣି ରେ ଚବ ଚବ ହେଉଥାଏ ।ବଢି ପାଣିର ସୁଅ ଏକୁଳ ସେକୁଳ ଖାଉଥାଏ, ଏମିତି ପାଣି ସହ ଖେଳୁ ଖେଳୁ ଗୋଡ ଖସିଗଲା କୁନାର ।ଅଥଳ ପାଣିରେ ଉବୁଟୁବୁ ହେଉଥାଏ କୁନା,କଣ ହୋଟେ ପାଣିରେ ପଡିଗଲା ବୋଲି ପ୍ରଶାନ୍ତ ଆଉ ଟାରେ ସାଙ୍ଗ ମାନେ ଫେରି ଚାହିନବାରୁ ଦେଖିଲେ କୁନାକୁ ବଢିପାଣିର ସୁଅ ଭସେଇ

 Download Magazine from www.aahwaan.com

ନେଇଯାଉଛି ।ପ୍ରାଣବିକଳରେ ଡାକ ଛାଡିଲେ ସମସ୍ତେ,ଗାଁ ଲୋକ ଯିଏ ଯୁଆଡେ ଥିଲେ ସବୁ ନାଇକୂଳେ ହାଜର ହେଲେ ।କାହା ହାତରେ ଦଉଡି ତ କାହା ହାତରେ କାତ ବାଡି, ନାଉରି ବି ନା ନେଇ ହାଜର ହେଲା କିନ୍ତୁ ବଢି ପାଣିର ସୁଅ ଏତେ ପ୍ରଖର ଥିଲା ଯେ ପାଞ୍ଚ ମିନିଟ ରେ କୁନା କୁ ଭସେଇ ନେଲା ଆଖି ନପାଇବା ଦୂରତାକୁ ।ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ କୁନାର ମୃତଦେହ ମିଳିଲା କିଛି ଦୂରରେ ।ନିରାକାର ବାବୁ, ତାଙ୍କ ସ୍ତ୍ରୀ ଭାଗ୍ୟବତୀ କାନ୍ଦି କାନ୍ଦି ଧରାଶାୟୀ ହୋଇଯାଉଥିଲେ ।ସାନଭାଇର ମୃତ୍ୟୁକୁ ବିଶ୍ଵାସ କରି ପାରୁନଥାଏ ପ୍ରଶାନ୍ତ ,ତାର ଦାୟିତ୍ଵହିନତା ଯୋଗୁଁ ତାରି ଆଖି ଆଗରେ ନିଜର ଭାଇକୁ ହରେଇଲା ପ୍ରଶାନ୍ତ ।ଶବଦାହ କରି ସମସ୍ତେ ଘରକୁ ଫେରିଲେ ।ନିର୍ଦ୍ଧାରିତ ତାରିଖ ଓ ସମୟରେ ଶୁଦ୍ଧିକ୍ରିୟା ସମ୍ପନ୍ନ ହେଲା ।

ନିରାକାର ବାବୁ ଯେମିତି ପୂରାପୂରି ଭାଙ୍ଗି ପଡିଥିଲେ, ସବୁବେଳେ ଅନ୍ୟମନ୍ସ୍କ ରୁହନ୍ତି ।ପ୍ରଶାନ୍ତର କଲେଜ ଏଡମିଶନ କଥା କିଛି ଚିନ୍ତା କରୁନଥିଲେ ନିରାକାର ବାବୁ କିନ୍ତୁ ପ୍ରଶାନ୍ତକୁ ଆଉ ଗାଁ ରେ ରହିବାକୁ ଇଚ୍ଛା ନଥାଏ ।ସନଭାଇ ର ସେ ନିରୀହ ଚେହେରା ଟି ସବୁବେଳେ ତା ଆଖିଆଗରେ ନାଚି ଯାଉଥାଏ ।ତାର ମୃତ ଦେହକୁ ଧରିଥିବାର ସ୍ମୃତିକୁ ସେ ଭୁଲେଇ ପାରୁନଥାଏ ।ପଶ୍ଚ୍ୟତାପରେ ତା ହୃଦୟ ତା ସବୁଦିନ କାନ୍ଦି ଉଠେ, ରାତି ରାତି ନିଦ ହୁଏନା ।ହୁଏତ ବାପା ମନକ ଠାରୁ ବେଶୀ କଷ୍ଟ ହେଉଥାଏ ତାକୁ ।ଆଉ ନଇକୂଳକୁ କେବେବି ଯିବନି ବୋଲି ଶପଥ ନିଏ ।

ଇତି ମଧ୍ୟରେ ରେଭେନ୍ସା କଲେଜରେ ନାମଲେଖାଇ ଛାତ୍ରାବାସରେ ରହି ପଢିବା ପାଇଁ ମାକୁ ବହୁତ ଅନୁରୋଧ କରେ ପ୍ରଶାନ୍ତ ।ସାନପୁଅ ଗଲା ପରେ , ଗୋଟିଏ ବୋଲି ପିଲା ପ୍ରଶାନ୍ତକୁ ଛାତ୍ରାବାସରେ ରଖୀ ପାଠ ପଢାଇବାକୁ ଇଚ୍ଛା ନଥାଏ ନିରାକାର ବାବୁ କିମ୍ବା ତାଙ୍କ

 Download Magazine from www.aahwaan.com

ସ୍ତ୍ରୀ ଭାଗ୍ୟବତୀର କିନ୍ତୁ ପ୍ରଶାନ୍ତର ଭବିଷ୍ୟତ ପାଇଁ ସେମାନେ ବାଧ୍ୟ ହେଲେ ।ଶେଷରେ ନିରାକାର ବାବୁ ପ୍ରଶାନ୍ତକୁ ନେଇ ଛାଡି ଆସିଲେ ରେଭେନ୍ସା କଲେଜ ଛାତ୍ରାବାସରେ ।

ଛାତ୍ରାବାସରୁ ଆରମ୍ଭ ହେଲେ ପ୍ରଶାନ୍ତର କୁଅଭ୍ୟାସ ସବୁ ।ସାନଭାଇ ମୃତ୍ୟୁର ଦୁଃଖ ଓ ଅନୁତାପକୁ ଏଡାଇବା ପାଇଁ ମଦ୍ୟପାନ ଆରମ୍ଭ କରେ କିଛି ସାଙ୍ଗ ମାନଙ୍କ ସହ ମିଶି ।ସାଙ୍ଗ ମାନଙ୍କ ସହ ମିଶି କଲେଜ ରେ ଝିଅ ମାନଙ୍କୁ ଅଶ୍ଳୀଳ ମନ୍ତବ୍ୟ ବି ଦିଏ ।ଏସବୁ କଥା ନିରାକାର ବାବୁଙ୍କ କଣରେ ପଡେ ।ନିରାକାର ବାବୁ ଆହୁରି ଭାଙ୍ଗି ପଡିଥିଲେ ।

ଆଜି ପ୍ରଶାନ୍ତ କୁ କୁଆଡେ ଯିବାର ପ୍ରସ୍ତୁତି ଦେଖି ଭାଗ୍ୟବତିକୁ ପଚାରିଲେ ନିରାକାର ବାବୁ, ପୁଅ କୁଆଡେ ବାହାରିଛି କି ?କଲେଜ ତ ଏବେ ବନ୍ଦ, କାଲି ହିଁ ଆସିଛି ଘରକୁ ।ଆଉ ଏତେ ଖରାରେ କୁଆଡେ ଯିବା କଣ ଦରକାର କି ? ପୁଅର ସିନେମା କଥା ଲୁଚିଇ ବାକୁ ଯାଇ ଭାଗ୍ୟବତି କହିଲେ ସେ ତାର ସାଙ୍ଗ ଘରକୁ ଯାଉଛି ,ବେଳଉଳିକୁ ଫେରି ଆସିବନିକି ! ଭାଗ୍ୟବତୀ ପ୍ରଶାନ୍ତର କୌଣସି କଥାକୁ ମନା କରନ୍ତିନୀ ,କୁନା ଗଲାପରେ ପ୍ରଶାନ୍ତ ହିଁ ସାହା ଭରସା ବୃଦ୍ଧକାଳକୁ ।

ପ୍ରଶାନ୍ତ ଫେରିବା ବାଟକୁ ଚାହିଁ ରହିଥାଏ ଭାଗ୍ୟବତୀ... ।।

ମୋବାଇଲ : 9739591816

ବିନାୟକ ନଗର ଏ ବ୍ଲକ , ବାଙ୍ଗାଲୋର, ୫୬୦୦୧୭

ଇମେଲ : bijaykumar.mail@gmail.com

Download Magazine from www.aahwaan.com

# ଗୋଲାମଗିରି



ଦୀପକ ଷଡ଼ଙ୍ଗୀ

ବୟସର ସାୟାହ୍ନରେ ଉପନୀତ ହୋଇ ବି ଡକ୍ଟର ପ୍ରଶାନ୍ତ ମିଶ୍ରଙ୍କ ସିନେମା ଦେଖା ନିଶା ଜମା ଛାଡି ପାରୁ ନଥିଲେ । ପୁଅ ଝିଅ ବଡ ହେଇ ବାହାସାହା ହେଇ ପ୍ରଶାନ୍ତ ବାବୁ ଆସି ନାତିନାତୁଣୀ ଖେଳେଇଲେଣି ତଥାପି ଟିଭିରେ କୌଣସି ଗୋଟେ ନୂଆ ସିନେମା ଦେଲେ ସବୁ କାମ ଛାଡି ବସିଯିବେ ଟିଭି ଆଗରେ । ପତ୍ନୀ ଶୋଭା ଦେବୀଙ୍କୁ କଡା ତାଗିଦ, “ଦେଖ ମୁଁ ସିନେମା ଦେଖିଲା ବେଳେ ମୋତେ ଜମା ଡିଷ୍ଟର୍ବ କରିବନି  ଯାହା କାମ ଅଛି ମୋତେ ଏବେ କହିଦିଅ  କରିଦେବି ।” ଶୋଭା ଦେବୀ ମଧ୍ୟ ସ୍ୱାମୀଙ୍କର ଏହି ଝୁଙ୍କ୍ କୁ ଭଲ ଭାବେ ଜାଣନ୍ତି । ଟିଭିରେ ନୂଆ ସିନେମାର ଆଡ୍ ଆସିଲା ମାନେ ପ୍ରଶାନ୍ତ ବାବୁ ୫ ଦିନ ଆଗରୁ ଘର ସାରା ଲୋକଙ୍କୁ କହି ବୁଲୁଥିବେ ଜାଣିଛ ଅମୁକ ଦିନ ରାତି ୮ଟାରେ ସୋନି ମାକ୍ସରେ ଅମୁକ ସିନେମା ଦବ, ଏବେ ପରା ହଲରେ ରିଲିଜ ହେଇଥିଲା, ବଢିଆ ଫିଲ୍ମଟା ।

ପ୍ରଶାନ୍ତ ବାବୁଙ୍କର ସିନେମା ଦେଖାରେ କୌଣସି ଗୋଟେ ଧରାବନ୍ଧା ନିୟମ ନଥାଏ । ହିନ୍ଦୀ, ବଙ୍ଗଳା, ଇଂରାଜୀ, ତେଲୁଗୁ, ତାମିଲ ଡବିଂ ଆଦି ଯେଉଁ ସିନେମା ଦେଖିବାକୁ ବସିଯିବେ ମାନେ ସିନେମାର ନାଁ ବାହାରିବା ଠାରୁ ଆରମ୍ଭ କରି ନାଁ ଶେଷ ହେବା ପର୍ଯ୍ୟନ୍ତ ସେମିତି ଚାତକ ଭଳିଆ ଟିଭି ଆଗରେ ବସିଥିବେ । ଏମିତିକି ପରିଶ୍ରା ଲାଗିଲେ ମଧ୍ୟ କେବଳ ଯେତେବେଳେ ଆଡ୍ କିମ୍ବା ଗୀତ ଦେଲେ ହିଁ ଯାଆନ୍ତି ନହେଲେ କାଳେ କୋଉ ସିନ୍ ଟା ମିସ୍ ହେଇଯିବ  । କିନ୍ତୁ ପ୍ରଶାନ୍ତ ବାବୁଙ୍କର ଓଡିଆ ଫିଲ୍ମର ପ୍ରଶାନ୍ତ ନନ୍ଦଙ୍କର ଫିଲ୍ମ ଗୁଡିକ ଭାରି ପସନ୍ଦ । ପ୍ରଶାନ୍ତ ନନ୍ଦଙ୍କର ସବୁ ଫିଲ୍ମ ସେ ପ୍ରାୟ ୧୦/୧୧ ଥରରୁ ଉର୍ଦ୍ଧଥର ଦେଖିଛନ୍ତି ।

 Download Magazine from www.aahwaan.com

ତା ମଧ୍ୟରୁ ଗୋଲାମଗିରି ହେଉଛି ଅନ୍ୟତମ ଏବଂ ଟିକେ ନିଆରା ମଧ୍ୟ । କଣ ପାଇଁ ନିଆରା ତା ପଛରେ ଗୋଟେ  କାହାଣୀ ମଧ୍ୟ ଅଛି ।

ଆଜ୍ଞା ହଁ ! ସୁଧୀ ପାଠକବୃନ୍ଦଙ୍କ ଅବଗତି ନିମନ୍ତେ ମୁଁ ଏଠି ଜଣାଇ ରଖେ ଯେ ଇଏ ହେଉଛନ୍ତି ମୋର ଅନ୍ତରଙ୍ଗ ବନ୍ଧୁ ସର୍ଜରି ସ୍ପେଶାଲିଷ୍ଟ ଡକ୍ଟର ପ୍ରଶାନ୍ତ ମିଶ୍ର । ଜଣେ ଡକ୍ଟର ହେଇ କି ବି ବାବୁଙ୍କର ସିନେମା ନିଶା ପ୍ରବଳ ।  ମୁଁ ବାବୁଙ୍କର ସିନେମା ପ୍ରୀତି ଉପରେ ଆଉ ଟିକେ କହିଦିଏ ।  ତା'ପରେ ଆମେ ମୁଖ୍ୟ କାହାଣୀକୁ ଯିବା ।

ପ୍ରଶାନ୍ତ ବାବୁଙ୍କର ସିନେମା ଦେଖାରେ କାଳେ ବ୍ୟାଘାତ ନ ଘଟିବ ସେଥିପାଇଁ ମଧ୍ୟ ସବୁ ବନ୍ଦୋବସ୍ତ ସେ ଘରେ କରି ରଖିଛନ୍ତି । ଗୋଟେ ବଡ ଇନ୍‌ଭର୍ଟର ଖାସ୍ କରି ଟିଭି ସହିତ କନେକ୍ସନ ଦିଆଯାଇଛି, ଯଦି କରେଣ୍ଟ ପଳାଏ ତେବେ କମ ସେ କମ ୮ ରୁ ୯ ଘଣ୍ଟା ପର୍ଯ୍ୟନ୍ତ ଟିଭି ଚାଲିପାରିବ । ସିନେମା ଦେଖିବାର ଅସଲି ମଜା ଲୁଟିବା ପାଇଁ ମଧ୍ୟ ପ୍ରଶାନ୍ତ ବାବୁ ସବୁ ବ୍ୟବସ୍ଥା କରି ଦେଇଛନ୍ତି । ସୋନି କମ୍ପାନୀର ୧୦୦ ଇଞ୍ଚିଆ ବଡ ଏଲଇଡ଼ି ଟିଭି ତା ସହିତ ହୋମ ଥିଏଟର ସଂଯୁକ୍ତ ହୋଇଛି । ଘରେ କିଏ କାଳେ ବ୍ୟାଘାତ କରିବ ସେଥି ପାଇଁ ନିଜେ ଅଲଗା ଗୋଟେ ଟାଟା ସ୍କାଏର  କନେକ୍ସନ ନେଇଛନ୍ତି, ଯେଉଁଥିରେ ସବୁ ସିନେମା ଚ୍ୟାନେଲର ଏଚ୍‌ଡ଼ି ଭର୍ଶନ ଏକ୍ଟିଭେଟ କରାଯାଇଛି । ସିନେମା ଦେଖା ପାଇଁ ସ୍ୱତନ୍ତ୍ର ନିଜର ବେଡ୍‌ରୁମ ବନେଇଛନ୍ତି ସେ । ଟିଭି ଲଗା ଯାଇଛି କାନ୍ଥରେ । ଆଗରେ ଏକ ବିଶାଳ ୩ ଜଣିଆ ସୋଫା ସେଟ୍ । ଆରାମ୍ ରେ ଗୋଡ ରଖିବା ପାଇଁ ସୋଫା ଆଗରେ ଗୋଟେ ଟି ପୟ୍ । ସିନେମା ଆରମ୍ଭ ହେଲା ମାନେ ଶୋଭାଦେବୀ ଚା, ବିସ୍‌କୁଟ, ମିକ୍ସଚର ଓ ପାଣି ବୋତଲ ଆଣି ରଖି ଦେଇ ଯାଆନ୍ତି  ଟି ପୟ୍ ଉପରେ ।

ଏବେ ଆସନ୍ତୁ ଜାଣିବା ପ୍ରଶାନ୍ତର ସିନେମା ପ୍ରୀତି । ମୋର ପ୍ରଶାନ୍ତ ସହ ବନ୍ଧୁତା

 Download Magazine from www.aahwaan.com

କଟକର ରେଭେନସା କଲିଜିଏଟ ସ୍କୁଲରୁ । ତା'ର ମୋର ଦଶମ ଶ୍ରେଣୀରେ ଗୋଟିଏ ସେକ୍ସନ ଥିଲା । ମାଟ୍ରିକ ପରେ ରେଭେନସା କଲେଜ ଓ ତା'ପରେ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଏଡମିଶନ ସବୁ ଏକା ସାଙ୍ଗରେ । ପ୍ରଶାନ୍ତର ଦଶମ ପର ଠାରୁ ଏ ସିନେମା ଦେଖା ନିଶା ଲାଗିଲା । ମୋର ମନେ ଅଛି ରାଜ୍ କପୁରଙ୍କ ବବି ସିନେମା ଦେଖାଠାରୁ ଆରମ୍ଭ ହୋଇଥିଲା ତା'ର ଏ ସିନେମାପ୍ରୀତି । କଲେଜରେ ଯେତେବେଳେ ଦେଖିବ ସାଙ୍ଗମାନଙ୍କ ସହ ସିନେମା ଷ୍ଟାଇଲରେ ଗପିବ । ଅମିତାଭ, ରାଜେଶ ଖାନ୍ନା, ଦେବ ଆନନ୍ଦ୍‌ଙ୍କ ପରି ମିମିକ୍ରୀ କରି ସାଙ୍ଗମାନଙ୍କୁ ହସେଇବ । ଏମିତି ଥରେ ଥଟା ମଜାରେ ଆମର ଗୋଟେ ସାଙ୍ଗ ପ୍ରଭାତ ତାକୁ କହିଦେଲା, "ଆବେ ଏ ପ୍ରଶାନ୍ତ ତୁ ତ ପୁରା ଆମ ଓଡିଆ ହୀରୋ ପ୍ରଶାନ୍ତ ନନ୍ଦଙ୍କ ଭଳିଆ ଦେଖା ଯାଉଛୁ, ତୁ ଟିକେ ନିଶ ରଖି ଦେ ଆଉ ଚୁଟି ଟିକେ ବାଗେଇ ଦେ ଦେଖିବୁ ପୁରା ପ୍ରଶାନ୍ତ ନନ୍ଦଙ୍କୁ ଲୁଚେଇବ ଆଉ ତତେ ଦେଖିବ ଏକଦମ ସମାନ ତ ଆଉ ।" ତୋ ନାଁ ଆଉ ପ୍ରଶାନ୍ତ ନନ୍ଦଙ୍କ ନାଁ ବି ସମାନ ଅଛି ଖାଲି ଯାହା ସାଙ୍ଗିଆରେ ତୁ ମିଶ୍ର । ବାସ୍ ସେହିଦିନଠାରୁ ବାବୁଙ୍କର ଗୋଡ ଆଉ ତଳେ ଲାଗିଲାନି । ପ୍ରଶାନ୍ତ ନନ୍ଦଙ୍କର ଯେତେ ସବୁ ଫିଲ୍ମ ଥିଲା ଶେଷ ଶ୍ରାବଣ ଠାରୁ ଆରମ୍ଭ କରି ସେତେବେଳକାର ସବୁ ଫିଲ୍ମ ଗୋଡେଇ ଗୋଡେଇ ଦେଖିଲା । ତାଙ୍କରି ଭଳି କେଶ ସଜେଇଲା, ନାକ ତଳେ ନିଶ ରଖିଲା, ସାର୍ଟ, ପ୍ୟାଣ୍ଟ ଏମିତିକି ବେଳେ ବେଳେ କଲେଜରେ ପ୍ରଶାନ୍ତ ନନ୍ଦଙ୍କ ଫିଲ୍ମର ଡାୟଲଗ୍ ଗୁଡା ବି କହିଲା ଆଉ ମିମିକ୍ରୀ ବି କଲା । ତାକୁ ଦେଖି ଝିଅପିଲା ମାନେ ବଡ ମଜା ନଉଥିଲେ କିନ୍ତୁ ସେ କାହାରିକୁ ଖାତିର କରୁ ନଥିଲା ତାକୁ ସିନେମା ଓ ପ୍ରଶାନ୍ତ ନନ୍ଦଙ୍କ ଫ୍ୟାନ୍ ହବା ନିଶା ଘାରିଥିଲା । ସେ ତା ନିଜ ଦୁନିଆରେ ହିଁ ଖୁସି ଥିଲା ।

Download Magazine from www.aahwaan.com

ମୋର ଠିକ୍ ମନେ ଅଛି ସେତେବେଳେ କଟକର ହିନ୍ଦ୍ ସିନେମା ହଲରେ(ଏବେ ଅବଶ୍ୟ ବନ୍ଦ ହୋଇଗଲାଣି) ପଡିଥାଏ ପ୍ରଶାନ୍ତ ନନ୍ଦ ଓ ମହାଶ୍ୱେତାଙ୍କ ଅଭିନୀତ ଲୋକପ୍ରିୟ ଚଳଚିତ୍ର ଗୋଲାମଗିରି । ପ୍ରାୟ ଏକ ମାସ ହବ ସିନେମା ହାଉସ୍ ଫୁଲ ଚାଲିଥାଏ । ଆମେ ସାଇକେଲରେ କଲେଜ ଗଲା ବେଳେ ପ୍ରଶାନ୍ତ ହଲ୍ ଆଗରେ ଛିଡା ହୋଇ ୫/୧୦ ମିନିଟ୍ ପୋଷ୍ଟର ଦେଖିବ ଆଉ ତାପରେ ଆସିବ । ମତେ ବଡ ବିରକ୍ତ ଲାଗେ ମୁଁ କହେ "ତୁ ଏଇଠି ଠିଆ ହେଇ ପୋଷ୍ଟର ଦେଖୁଥା ମୁଁ ଚାଲିଲି, ସେପଟେ କ୍ଲାସ ଡେରି ହେଇ ଗଲେ ସାର ଆଉ କ୍ଲାସରେ ପୁରେଇ ଦେବେନି ଯେ ।" ମୋ କଥାକୁ ତାର ତିଳେ ମାତ୍ର ଖାତିର ନ ଥାଏ । ସେ ସବୁ ବେଳେ ଗୋଟାଏ କ୍ଲାସ ପରେ ହିଁ କଲେଜ ଆସେ । ଦିନେ ଗୋଟେ ରବିବାର ଦିନ ପ୍ରଶାନ୍ତ ମତେ କହିଲା "ଚାଲ ଆଜି ଯିବା ଯାହାହେଲେ ଗୋଲାମଗିରି ଦେଖିବାକୁ । ତମର କାହାର ପଇସା ଦବା ଦରକାର ନାହିଁ ସମସ୍ତଙ୍କ ଟିକେଟ ମୁଁ ଦେବି ।" ମୋର ସିନେମା ଯିବାକୁ ଏତେ ଇଚ୍ଛା ନଥାଏ । ତଥାପି ଶୁଣିଥିଲି ଯେ ସିନେମାଟି ଭଲ ହେଇଛି ବୋଲି ଆଉ ପ୍ରଶାନ୍ତ ତ ତା ଖର୍ଚ୍ଚରେ ନଉଛି ମୁଁ କାଇଁ ଏ ସୁଯୋଗ ହାତ ଛଡା କରିବି । ମାଟିନୀ ଶୋ ସିନେମା ଯିବା ପାଇଁ ସ୍ଥିର ହେଲା । ମୁଁ ଓ ପ୍ରଭାତ ଦୁଇ ଜଣ ଜାକ ତାଙ୍କ ଘରେ ଦିନ ୧.୩୦ରେ ଯାଇ ପହଞ୍ଚିଗଲୁ । ଘରେ ତାଙ୍କର ବୁଢା ଜେଜେବାପା, ଜେଜେମା ସାନ ଭଉଣୀ ମିନୁ ଓ ପ୍ରଶାନ୍ତକୁ ମିଶାଇ ଛଅ ପ୍ରାଣୀ କୁଟୁମ୍ବ । ତା ବାପା ଜଣେ ଅଧସ୍ତନ ସରକାରୀ କର୍ମଚାରୀ ଦରମା ମଧ୍ୟ ବେଶୀ ନୁହେଁ ଆଉ ପରିବାରର ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି । ଆମେ ଦୁଇ ଜଣ ତାଙ୍କ ଘରେ ପହଞ୍ଚି ଯିବାରୁ ତାଙ୍କ ମା ଆମକୁ ମେଲା ଘରେ ବସିବାକୁ କହି ଭିତରକୁ ଚାଲି ଗଲେ । ଘର ଭିତରୁ ପ୍ରଶାନ୍ତର ପାଟି ଶୁଣାଯାଉଥାଏ, "ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହବ ? ପ୍ରଶାନ୍ତ ଅଭିଯୋଗ କରି ତା ମା'ଙ୍କୁ

 Download Magazine from www.aahwaan.com

କହୁଥାଏ । ଟିକେଟ୍ କେତେ ଦାମ ଜାଣିଛୁ ନା ? ଆଉ ସାଙ୍ଗ ମାନେ ବି ଥିବେ, ମୁଁ ଏତେ କମ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସନମାନ ବୋଲି କିଛି ଅଛି ନା ନାହିଁ ? ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନୀରବ ହୋଇଗଲା ।  ପରେ ପୁଣି କହିଲା, "ବୋଉ ମୋର ଟାଇମ୍ ହେଇଗଲାଣି ଟଙ୍କା ଦେ ।" ରୋଷେଇ ଘରୁ ଥାଇ ତାଙ୍କ ମା କହିଲେ ମୋ ପାଖରେ କିଛି ନାହିଁ ତୁ ବାପାଙ୍କୁ ମାଗି ନେଇ ଯା । ପ୍ରଶାନ୍ତ ବିରକ୍ତ ହୋଇ ଗରଗର ହଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦ ଧ୍ୱନି ଶୁଣି ନୀରବ ହୋଇଗଲା ।

ତା ବାପା ତାକୁ ପଚାରିଲେ "କଣ ହେଲା ? କାହିଁକି ପାଟି କରୁଛୁ ? ଆଉ ତୋ ସାଙ୍ଗ ମାନେ ଆସି କାହିଁକି ମେଲା ଘରେ ବସିଛନ୍ତି ?" ସେପଟୁ ତା ମା' ଉତ୍ତର ଦେଲେ "ସାଙ୍ଗ ମାନଙ୍କୁ ନେଇ ସିନେମା ଯିବ ବୋଲି ବାହାରିଛି । ୨୦ ଟଙ୍କା ଥିଲା ଦେଲି, କହୁଛି ଆହୁରି ପଇସା ଦେ ।" ଆମ ଆଗରେ ତା ବାପା ବେଶୀ କିଛି ଉଚବାଚ ନକରି ପକେଟରୁ ୫୦ ଟଙ୍କାଟେ କାଢି ତାକୁ ଦେଇ ଦେଲେ । ତାଙ୍କ ମୁହଁ କାହିଁକି ଏକ ପ୍ରକାର ମଳିନ ଓ ଭାବ ଗମ୍ଭୀର ଦେଖା ଯାଉଥିଲା । ପ୍ରଶାନ୍ତ କିନ୍ତୁ ବାପାଙ୍କର କଣ ହେଇଛି ବୋଲି ଶୁଣିବାକୁ ଧୈର୍ଯ୍ୟ ନଥିଲା, ଯେମିତି ୫୦ ଟଙ୍କା ପାଇଛି ଆମକୁ ଆଖିରେ ଠାରି ଦେଲା ଯେ "ତମେ ମାନେ ସବୁ ବାହାରକୁ ଯାଅ ।" ଆମେ ବି ତା ଇଶାରା ଠିକ ସେ ବୁଝି କି ବାହାରକୁ ପଳେଇ ଆସିଲୁ । ଆଉ ସାଇକେଲ ଧରି ସିଧା ଚାଲିଲୁ ହିନ୍ଦ୍ ସିନେମାରେ ପଡିଥିବା ଗୋଲମଗିରି ଫିଲ୍ମ ଦେଖିବାକୁ । ବାଲକୋନୀ ଟିକେଟରେ ବସି ସିନେମା ଦେଖିଲୁ । ଫିଲ୍ମ ସନ୍ଧ୍ୟା ୬.୩୦ରେ ଭାଙ୍ଗିଲା । ଆମେ ସମସ୍ତେ ଘରକୁ ଫେରିଲୁ । କିନ୍ତୁ ତା ପରଦିନ ଠାରୁ ମାସେ ଆଉ ମୁଁ ପ୍ରଶାନ୍ତକୁ କଲେଜ ଆସିବାର ଦେଖି ପାରିଲିନି । ମୁଁ ଦିନେ ବ୍ୟସ୍ତ ହେଇ କି ତାଙ୍କ ଘରକୁ

 Download Magazine from www.aahwaan.com

ଗଲି, ଦେଖିଲି ତାଙ୍କ ଘର ଆଗରେ ତାଲା ପଡିଛି । ଫେରିକି ଆସିଲା ବେଳକୁ ପ୍ରଶାନ୍ତ ସହ ବାଟରେ ମୋର ଭେଟ ହେଇଗଲା । ମୁଁ ପଚାରିଲି "ଆରେ କଣ ହେଲା ? କଲେଜ କଣ ପାଇଁ ଆସୁନୁ ?" ମତେ ଦେଖି ପ୍ରଶାନ୍ତ ଭୋ ଭୋ ହୋଇ କାନ୍ଦି ଉଠି କହିଲା । ମୋ ଭଉଣୀ ମିନୁ ଆଉ ଏ ଦୁନିଆରେ ନାହିଁରେ । ମୁଁ ତାକୁ ଟିକେ ଧୈର୍ଯ୍ୟ ଦେଇ କହିଲି "ଆରେ କଣ ହେଲା ମିନୁର ଟିକେ ଠିକ୍ ସେ କହ ? ତା'ପରେ ସେ କହିଲା "ମିନୁ ମୋ ନିଜ ଭଉଣୀ ନଥିଲା । ମୋ ବାପା ତାକୁ ଆମ ଗାଁ ମନ୍ଦିର ପାଖରୁ  ପରିତ୍ୟକ୍ତ ଅବସ୍ଥାରେ ପାଇଥିଲେ, କିନ୍ତୁ ମିନୁ ଆମ ଘରେ ସବୁଠାରୁ ଗେଲହୀ ଥିଲା, ଆମେ ଯୋଉ ଦିନ ସିନେମା ଦେଖିବାକୁ ଯାଇଥିଲେ ସେହିଦିନ ସକାଳେ ମିନୁର ରକ୍ତ ବାନ୍ତି ହୋଇ ନାକରୁ ରକ୍ତ ପଡିଥିଲା, ବାପା ତାକୁ ନେଇ ହସ୍ପିଟାଲ ଯାଇଥିଲେ ସେଇଦିନ । ଆଉ ସେଦିନ ସେଇଥି ପାଇଁ ତମମାନଙ୍କ ଆଗରେ ମୋ ସହ ବେଶୀ କିଛି ଯୁକ୍ତି ତର୍କ ନକରି ସିଧା ପଇସା ଦେଇ ଦେଇଥିଲେ । ଆଉ  ମିନୁ ତା ପର ଦିନ ସକାଳେ ଆମ ସମସ୍ତଙ୍କୁ ଛାଡି ଚାଲିଗଲା । ତାର କ୍ରିୟା କର୍ମ ପାଇଁ ଆମେ ସମସ୍ତେ ଗାଁରେ ଥିଲୁ । ଏତିକି କହି ପ୍ରଶାନ୍ତ ମୋ ଛାତି ଉପରେ  କାନ୍ଦି କାନ୍ଦି ନୟାନ୍ତ ହୋଇ ପଡିଲା । ମୁଁ ତାକୁ ବୁଝାଇ ସୁଝାଇ ଆମ ଘରକୁ ନେଇଗଲି ।

ସେହିଦିନ ଠାରୁ ପ୍ରଶାନ୍ତ କେମିତି ଏକ ସ୍ଥାଣୁ ପାଲଟି ଯାଇଥିଲା ତା'ର ସବୁ ଫିଲ୍ମି କାର୍ଯ୍ୟକଳାପ ବନ୍ଦ ହୋଇ ଯାଇଥିଲା । ସେହିଦିନ ଠାରୁ ମୁଁ ତା ମୁହଁରୁ କେବେ ବି  ହଲ୍ କୁ ସିନେମା ଯିବା କଥା ଆଉ ଶୁଣିନି । ସେ ବହୁତ ମନ ଲଗାଇ ପଢିଲା ଆଉ ସର୍ଜରିରେ ପିଜି କଲା । ସେ ଦେଖିଥିବା ଗୋଲମଗିରି ଫିଲ୍ମର କାହାଣୀକୁ ମଧ୍ୟ କିଛି ମାତ୍ରାରେ ତା ଜୀବନରେ ପ୍ରୟୋଗ କଲା । କଟକ ମେଡିକାଲର ସରକାରୀ ଡାକ୍ତରୀ ଚାକିରିକୁ ଅବସର ନେବା ବୟସର ୧୦ ବର୍ଷ ପୂର୍ବରୁ ସେ ଛାଡି ଦେଲା । ସରକାରୀ କଳର ଗୋଲମଗିରିରୁ ସେ

 Download Magazine from www.aahwaan.com

ଚାହୁଁଥିଲା ସ୍ୱାଧୀନତା । କିଛି କରିବାପାଇଁ ଦୁସ୍ଥ, ଅନାଥ, ଗରିବ ଲୋକ ମାନଙ୍କ ପାଇଁ । ଗରିବ, ଅନାଥ, ଅସହାୟ ଲୋକଙ୍କ ପାଇଁ ସେ ନିଜେ ତା ହାତରୁ ପଇସା ଖର୍ଚ କରି ଏକ କର୍କଟ ରୋଗ ଦାତବ୍ୟ ଚିକିତ୍ସାଳୟ ଖୋଲିଲା । ଯେଉଁଠାରେ ମାଗଣାରେ ସେ ଅନାଥ ଓ ଅସହାୟ ଲୋକ ମାନଙ୍କର ମାଗଣାରେ ଚିକିତ୍ସା କରୁଥିଲା । ଆଉ ଏହି କାମରେ ଗୋଲାମଗିରିର ମହାଶ୍ୱେତାଙ୍କ ଭଳି ଶୋଭା ଦେବୀ ମଧ୍ୟ ତାକୁ ଖୁବ୍ ସାହାଯ୍ୟ କରୁଥିଲେ । ତା ପୁଅ ଅବିନାଶ ମଧ୍ୟ ବାପାର ପଦାଙ୍କ ଅନୁସରଣ କରି ଡକ୍ଟର ହେଇଛି, ଆଉ ହସ୍ପିଟାଲ କାମରେ ତା ବାପାକୁ ସାହାଯ୍ୟ କରୁଛି । ମଝିରେ ମଝିରେ ଝିଅ/ଜ୍ୱାଇଁ ବି ଦିଲ୍ଲୀରୁ ଆସି ହସ୍ପିଟାଲ କଥା ବୁଝାବୁଝି କରନ୍ତି । ହସ୍ପିଟାଲ ଖୋଲା ହବା ୧୦ ବର୍ଷରୁ ଊର୍ଦ୍ଧ ହୋଇଗଲାଣି, ତେଣୁ କିଛି ସରକାରୀ ସାହାଯ୍ୟ ମଧ୍ୟ ମିଳୁଛି । ବହୁତ ଗରିବ, ଅନାଥ ଅସହାୟ ଲୋକଙ୍କୁ ଖୋଜି ଖୋଜି ଆଣି ପ୍ରଶାନ୍ତ ମାଗଣାରେ ଚିକିତ୍ସା କରାଏ । ମୋତେ ବେଳେବେଳେ ତାକୁ ଦେଖିଲେ ଲାଗେ ବୋଧେ ଗୋଲାମଗିରି ଫିଲ୍ମ ତା ଜୀବନକୁ ଗୋଟେ ନୂଆ ରାହା ଦେଖାଇଲା । ସେ ସେହିଦିନ ଠାରୁ ଆଉ ଫିଲ୍ମ ହଲକୁ ସିନା ଯାଉନି କିନ୍ତୁ ବାବୁଙ୍କର ଫିଲ୍ମ ଦେଖା ନିଶା ଏବେ ମଧ୍ୟ ଯାଇନି । ପଚାରିଲେ କୁହେ "ଆଉ କାଇଁ ସିନେମା ହଲକୁ ଯିବି ଫିଲ୍ମ ରିଲିଜ୍ ହବାର ମାସେ/ଦି ମାସ ଭିତରେ ତ ଟିଭିରେ ଆସି ଯାଉଛି ।" ପୁଅ ଯେବେଠାରୁ ହସ୍ପିଟାଲ ଦେଖାଶୁଣା କଲାଣି ପ୍ରଶାନ୍ତ ଏବେ ନିଶ୍ଚିନ୍ତରେ ବସି ସବୁ ଫିଲ୍ମ ଟିଭିରେ ଦେଖୁଛି ।

"ଆରେ ହେଇ ତୁ ଏଇଠି ବସିଛୁ ମୁଁ ତତେ ସେଆଡେ କେତେ ଖୋଜିଲିଣି ?" ପ୍ରଶାନ୍ତର ଡାକରେ ମୁଁ ଭାବନା ରାଇଜରୁ ଫେରି ଆସିଲି । "ଆସେ ଯିବା ସେ ନିଆଳିରୁ ଯେଉଁ ଦୁଇ ମାସ ତଳେ ଛୋଟ ଝିଅଟି ଆସିଥିଲା ସେ ଆଜି ଡିସ୍‌ଚାର୍ଜ ହବ ପରା । ଠିକ୍ ସମୟରେ ତା ବାପାମା ତାକୁ ମୋ ପାଖକୁ ନେଇ ଆସିଥିଲେ, ମେଡିସିନରେ ହିଁ କ୍ୟାନସରଟା ମୋଟାମୋଟି

Download Magazine from www.aahwaan.com

ଦବିଗଲା । ବାପା ମା' ତାର କି ଖୁସି, ଝିଅ ଭଲ ହେଇଯାଇଛି ବୋଲି ।" ପ୍ରଶାନ୍ତର ଆଖିରେ ମୁଁ ଦେଖି ପାରୁଥିଲି ଗୋଟେ ଅଫୁରନ୍ତ ଶାନ୍ତି ଓ ଆନନ୍ଦ । ତା'ପରେ ସେ କହିଲା ହଁ ଶୁଣୁ ଆଜି ସନ୍ଧ୍ୟାରେ ଇଟିଭି ଓଡିଆରେ ମୋ ଫେବରିଟ୍ ଫିଲ୍ମ ଗୋଲାମଗିରି ଅଛି ଆସିବୁ ମିଶିକି ଦେଖିବା । ମୁଁ କହିଲି "ଭାଇ ଆଉ କେତେଥର ଦେଖିବୁ ଏଇ ସିନେମାଟା ? ମୋ ଆଡକୁ ଟିକେ ଅନେଇ ହସି ଦେଇ ଦେଇ ଚାଲିଗଲା ପ୍ରଶାନ୍ତ ୱାର୍ଡ ବୁଲିବା ପାଇଁ, ଆଉ ମୁଁ ତା ପଛରେ ହସିହସି  ଚାଲୁଥାଏ ।

ସହକାରୀ ଅଧ୍ୟାପକ

ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ

ଖୋଡାସିଙ୍ଗୀ,ବ୍ରହ୍ମପୁର-୧୦

Download Magazine from www.aahwaan.com

# ବାପା



ପ୍ରଶାନ୍ତ କୁମାର ନାଥ

ପ୍ରଶାନ୍ତର ବାପା ଥିଲେ ଜଣେ ଦିନ ମଜୁରିଆ । କେତେବେଳେ କାମ ମିଳିଲେ କରନ୍ତି ନହେଲେ ସେମିତି ବସି ରୁହନ୍ତି । ପୁଅକୁ କିନ୍ତୁ ଏକ ଭଲ ମଣିଷ କରିବା ଆଶାରେ, ତାର ସବୁ ଅଭାବକୁ ପୂରଣ କରୁଥାନ୍ତି । ବାପା ତାର ଦିନ ମଜୁରିଆ ବୋଲି ପ୍ରଶାନ୍ତ କେବେ ବାପାଙ୍କ ଉପରେ ରାଗେ ତ କେତେବେଳେ ବସି ଭାବେ ବାପା ତାପାଇଁ କେତେ କଷ୍ଟ କରୁଛନ୍ତି । ବେଳେ ବେଳେ ତାର ଆଖିରେ ମଧ୍ୟ ଲୁହ ଆସିଯାଏ । କିନ୍ତୁ ତାର ସାଙ୍ଗ ମାନେ ସମସ୍ତେ ଧନୀ ଘରର । ସେମାନଙ୍କ ସହିତ ମିଶିବାକୁ ପଡେ ନହେଲେ ସମସ୍ତଙ୍କ ଆଗରେ ସିଏ ଛୋଟ ହୋଇ ଯିବ । ବହୁତ ଥର ସାଙ୍ଗ ମାନେ ପାର୍ଟି ଆଉ ମଉଜ ମସ୍ତି କରନ୍ତି । ପ୍ରଶାନ୍ତ ସେମାନଙ୍କ ସହ ମିଶେ । ବାପାଙ୍କୁ କିଛି କହିପାରେନି ପଇସା ଦରକାର ପଡ଼ିଲେ ମା' ପାଖରେ ଅଳି କରେ ଆଉ ମା' ବାପାଙ୍କୁ କହି ପଇସାର ବନ୍ଦୋବସ୍ତ କରି ଦିଅନ୍ତି । କିନ୍ତୁ କେଜାଣି କାହିଁକି ତାକୁ ସେହି ପାର୍ଟି ଆଉ ମଉଜମସ୍ତି ଖୁସି ଦେଇ ପାରେନା । ସାଙ୍ଗ ମାନଙ୍କ କଥା ରଖି ସେଥିରେ ସାମିଲ ହୁଏ ସତ କିନ୍ତୁ ତାର ଆଖି ଆଗରେ ନାଚିଯାଏ ବାପାଙ୍କର ସେହି ଦୁଃଖଦ ମୁହଁ । ଏହି ଟଙ୍କା ପାଇଁ ବାପା ତାର କେତେ ଖରା ବର୍ଷା ଶୀତ କାକରକୁ ନ ମାନି ଝାଳ ବୁହାଇ ଖଟୁଛନ୍ତି । କିନ୍ତୁ ସେହି ପଇସାକୁ ମୁଁ ଆଣି ଏମିତି ନଷ୍ଟ କରୁଛି ଏମିତି ଅନେକ ଭାବନା ଆସେ ତାର ମନକୁ  ଭାବେ ଆଉ କେବେବି ଏମିତି ପଇସା ଗୁଡିକ ନଷ୍ଟ କରିବନି । ବାପାଙ୍କ କଷ୍ଟକୁ ବୁଝି ପାରେ ସିନା କିନ୍ତୁ ତାର ସମାଧାନ କରି ପାରେନା ।

 Download Magazine from www.aahwaan.com

ବାପା ତାକୁ ଅନେକ ଥର କହିଛନ୍ତି । ମୁ ପାଠଶାଠ ନପଢ଼ି ଆଜି ଏତେ ହୀନସ୍ତା ହେଉଛି । ତୁ ମନ ଦେଇ ପାଠ ପଢିବୁ ଭଲ ଚାକିରି କରିବୁ ଏମିତି ମୋ ପରି ଦୁଃଖ କଷ୍ଟରେ ରହିବୁନି । ଗୋଟେ କଥା ମନେ ରଖିଥିବୁ ଧନ । ଜଣେ ଗରିବ ହୋଇ ଜନ୍ମ ହେବା ତାର ଭୁଲ୍ ହୋଇ ନପାରେ କିନ୍ତୁ ସେହି ଗରିବ ଅବସ୍ଥାରେ ଜୀବନ ବିତେଇବା ଆଉ ଗରିବ ହୋଇ ମରିବା କେବଳ ତାରି ହିଁ ଭୁଲ୍ । ତେଣୁ ଚେଷ୍ଟା ଜାରି ରଖିବୁ ସଫଳତା ନିଶ୍ଚିତ ମିଳିବ । କୌଣସି କାର୍ଯ୍ୟ କରିବା ଆଗରୁ କେବେ ହାର ମାନି ଯିବୁନି । କାହିଁକିନା ଚେଷ୍ଟା ନକରିବା ଅପେକ୍ଷା ଚେଷ୍ଟା କରି ବିଫଳ ହେବା ଅନେକ ଗୁଣରେ ଭଲ । ମଣିଷ ଭୁଲରୁ ହିଁ ଶିକ୍ଷା ପାଇଥାଏ । ବିଫଳତା ହିଁ ସଫଳତାର ପଥ ପ୍ରଦର୍ଶକ । ନିଜକୁ କେବେ ଛୋଟ ବୋଲି ଭାବିବୁନି । ମଣିଷ ଛୋଟ ରୁ ହିଁ ବଡ଼ ହୋଇ ଥାଏ । ଜଣେ ଦିନ ମଜୁରିଆର ପୁଅ ବୋଲି କେବେ ଭାଙ୍ଗି ପଡ଼ିବୁନି । ତୁ ଚେଷ୍ଟା କଲେ ଦିନେ ତୋରି ପାଖରେ କେତେ ମଜୁରିଆ କାମ କରିବେ ।

ବାପାଙ୍କର ଏହି ମହତ ବାଣୀ ଗୁଡିକ ତାକୁ ଅନେକ ପ୍ରୋତ୍ସାହନ ଯୋଗାଉଥାଏ । ଏମିତି ଏକ ବାପାର ସନ୍ତାନ ହୋଇ ତାକୁ ବହୁତ ଖୁସି ଲାଗୁଥାଏ । ବେଳେ ବେଳେ ଭଗବାନଙ୍କୁ ଦୋଷ ଦିଏ  କଣ ପାଇଁ ତା ବାପାକୁ ଏମିତି ଗରିବ କରି ରଖିଛନ୍ତି ।

ଦୁଇ ଦିନ ହେଲା ବାପା କାମକୁ ଯାଇ ନଥିଲେ । ତେଣେ ସାଙ୍ଗ ମାନେ ଠିକ୍ କରିଥିଲେ ସିନେମା ଦେଖି ଯିବା ପାଇଁ । ସାଙ୍ଗ ମାନେ ଡାଇନିଂଗ ଟେବୁଲ ଉପରେ ବସି ଖାଉଥିଲା ବେଳେ ପ୍ରଶାନ୍ତ ପାଇଁ ଖାଇବା ଟେବୁଲ ସାଜିଥିବା ଏକ ଭଙ୍ଗା ବେଞ୍ଚ ଉପରେ ବସି ଖାଉ ଖାଉ ବୋଉକୁ କହିଥିଲା, ବୋଉ ଆସନ୍ତା ରବିବାର ଦିନ ସାଙ୍ଗ ମାନେ ସିନେମା ଦେଖି ବାହାରିଛନ୍ତି ମୋତେ ଡାକୁଛନ୍ତି । ନଗଲେ ସେମାନେ ମୋତେ ଚିଡ଼େଇବେ । ବୋଉ

Download Magazine from www.aahwaan.com

କହିଥିଲେ ହୋଉ ତୁ ସେମାନଙ୍କ ସହିତ ଯିବୁ ସେମାନେ ଚିଡ଼େଇବେ କାହିଁକି ।

ସେଦିନ ଥିଲା ସାବିତ୍ରୀ ଅମାବାସ୍ୟା । ବୋଉ ସାଇତି ରଖିଥିବା ପଚାଶ ଟଙ୍କିଆ ଖଣ୍ଡେ ପ୍ରଶାନ୍ତକୁ ଦେଲେ  "ବୋଉ ମୁଁ ସିନେମା ଦେଖି ଯିବି ପରା ? ଏତିକି ପଇସାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା "ଟିକେଟ ପଇସା କେତେ ଜାଣିଛୁନା ?" ଆଉ ସାଙ୍ଗ ମାନେ ଥିବେ ମୁଁ ଏତେ କମ ପଇସା ନେଇ କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛିନା ନାହିଁ ?" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତେକ ନେଇ ନିରବ ହୋଇଗଲା ପରେ ପୁଣି କହିଲା,"ବୋଉ ମୋର ଟାଇମ ହେଲାଣି ଟଙ୍କା ଦେ ।" ରୋଷେଇ ଘରୁ ବୋଉ କହିଲେ,"ମୋ ପାଖରେ କିଛି ନାହିଁ, ତୁ ବାପାକୁ ମାଗି ନେଇଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦଧ୍ୱନି ଶୁଣି ନିରବ ହୋଇଗଲା । ବାପା କିନ୍ତୁ ବାହାରୁ ଥାଇ ପ୍ରଶାନ୍ତର ସବୁ କଥା ଶୁଣି ସାରିଥିଲେ । ଅଣ୍ଟାରେ ଖୋସିଥିବା ଶହେ ଟଙ୍କିଆ ନୋଟ ଖଣ୍ଡିକୁ ପ୍ରଶାନ୍ତର ହାତକୁ ବଢ଼େଇ ଦେଇ ଶୋଇବା ଘରକୁ ଚାଲିଗଲେ । ପ୍ରଶାନ୍ତ ମନ ଖୁସିରେ ସିନେମା ଯିବାକୁ ବାହାରି ପଡ଼ିଲା । ଶୋଇବା ଘରକୁ ଘଣ୍ଟା ଆଣିବାକୁ ଯାଉଥିଲା । ତାର କାନରେ ବାଜିଲା  ବାପା କାନ୍ଦି କାନ୍ଦି ବୋଉକୁ କହୁଥିଲେ ମୁଁ  ଏମିତି ହାତଭାଗା ସ୍ୱାମୀଯେ ସାବିତ୍ରୀ ଅମାବାସ୍ୟା ରେ ସୁଧା ତୁମକୁ ଶାଢ଼ୀ ଖଣ୍ଡେ ଦେଇ ପାରୁନି । ଆଜିକାଲିତ ମେସିନ ସବୁ କାମ କରିଦେଉଛି । ଆମକୁ କାମ ମିଳୁନି ପଦନା ସାର୍ କହୁଥିଲେ ତାଙ୍କର କଣ ଗୋଟେ ଟାଙ୍କି ସଫା କରିବାର ଥିଲା । ଯାଇଥିଲି,କହିଲେ ଆମେ ଆଜି ବହାରକୁ ଯାଉଛୁ  କାଲି ଆସି ସଫା କରିଦେବ । ତେଣୁ ତାଙ୍କ ପାଖରୁ ଶହେ ଟଙ୍କା ମାଗି ଆଣିଥିଲି । ଭାବିଥିଲି

 Download Magazine from www.aahwaan.com

ସେହି ଶହେ ଟଙ୍କାରେ କିଛି ନହେଲେ ତୁମ ପାଇଁ ଖଣ୍ଡେ ଶାଢ଼ୀ ନେଇ ଆସିବି । କିନ୍ତୁ ପିଲାଟା ସିନେମା ବାହାରିଛି ଆଜିକାଲି ବଜାର ରେଟ ଯାହା ହେଲାଣି । ତୁମେ ତାକୁ ପଚାଶ ଟଙ୍କା ଦେଇଥିଲ ସେତକ କଣ ହୋଇଥାନ୍ତା ? ସେଥିପାଇଁ ତାକୁ ସେ ଶହେ ଟଙ୍କା ଦେଇଦେଲି । ଠାକୁରଙ୍କୁ ଡାକୁଛି ଭଗବାନ କୋଉ ସ୍ତ୍ରୀକୁ ମୋ ପରି ଗୋଟେ ହାତଭାଗା ସ୍ଵାମୀ ହାତରେ ନ ଦିଅନ୍ତୁ ।" ବୋଉ କହୁଥାଏ ମୁଁ ଭଗବାନଙ୍କ ପାଖରେ ଗୁହାରି କରୁଛି ସବୁ ଜନ୍ମରେ ମୋତେ ତୁମ ପରି ଗୋଟେ ସ୍ଵାମୀ ଦିଅନ୍ତୁ । ପ୍ରକୃତ ଭଲ ପାଇବା ଟଙ୍କା ପଇସା କି ଉପହାର ରେ ନଥାଏ । ଥାଏ ସ୍ନେହ ମମତାରେ ।

ପ୍ରଶାନ୍ତ ଏତକ ଶୁଣି ନିଜକୁ ଆଉ ସମ୍ଭାଳି ପାରିଲାନି ବାହାରକୁ ଯାଇ ଭୋ ଭୋ ହୋଇ କାନ୍ଦି ପକେଇଲା । କହିଲା ମୋର ବାପା ବୋଉ କେତେ ଦୁଃଖ କଷ୍ଟରେ ରହୁଛନ୍ତି । ନିଜର ଦୁଃଖକୁ ନିଜ ଭିତରେ ଚାପି ମୋତେ ସୁଖ ଦେଉଛନ୍ତି । ଅଥଚ ମୁଁ ତାଙ୍କର ଦୁଃଖକୁ ଆହୁରି ଅଧିକ କରିଦେଉଛି । ତାଙ୍କ ଆଖିରେ ଲୁହ ଦେଇ ମୁଁ ସିନେମା ଦେଖି ବାହାରିଛି ।

ଶେଷରେ ମନକୁ ଦମ୍ଭ କରି ନିଜର ସାଇକେଲ ଧରି ବଜାରକୁ ଗଲା । ଆଉ ସେହି ଶହେ ପଚାଶ ଟଙ୍କାରେ ନିଜ ବୋଉ ପାଇଁ ଗୋଟେ ଶାଢ଼ୀ ଆଉ କିଛି ଫଳ ଧରି ଘରକୁ ଫେରିଲା । ଆଉ ଯାଇ ନିଜର ବାପାକୁ ଦେଇ ବାପାଙ୍କ ଛାତିରେ ମୁଣ୍ଡ ରଖି କାନ୍ଦି ପକେଇଲା । କହିଲା ବାପା ସତରେ ତୁମେ ମହାନ । କେମିତି ନିଜର ସବୁ ଦୁଃଖକୁ ନିଜ ଛାତିରେ ଚାପି ରଖି ମୋ ପାଇଁ ଏକ ଖୁସିର ପାହାଡ଼ ଠିଆ କରାଉଛ ।

ତୁମ ପରି ଏକ ବାପା ଭାଗ୍ୟରେ ଥିଲେ ମିଳେ □ ବାପାର ଦୁଃଖକୁ ବୁଝି ପାରୁଥିବା ଏମିତି ଏକ ପୁଅ ପାଇ ବାପା ମଧ୍ୟ ଖୁସି ହୋଇଗଲେ । ଆଉ ପ୍ରଶାନ୍ତ ବାପାଙ୍କ ଦୁଃଖ ଦୂର କରିବାକୁ ମନ ଦେଇ ପାଠ ପଢି ଏକ ବଡ଼ ମଣିଷ ହେବା ସହିତ ଭଲ ମଣିଷ ହୋଇ ବାପାଙ୍କ

 Download Magazine from www.aahwaan.com

ସ୍ୱପ୍ନକୁ ସାକାର କରିବାକୁ ଶପଥ କରିଥିଲା ।

ପ୍ରଶାନ୍ତ କୁମାର ନାଥ

ସୁନ୍ଦରପୁର, ପ୍ରୀତିପୁର, ଉତ୍ତରକୂଳ ହାଟ, ଯାଜପୁର

ଭ୍ରାମ୍ୟଭାଷ : ୦୮୩୧୦୩୨୮୩୪୫

Download Magazine from www.aahwaan.com

# ଜାଗ୍ରତ ପ୍ରହରୀ



ଜିତେନ୍ଦ୍ର କୁମାର କହଁର

ଅନନ୍ତର ଅଫିସ ଯିବା ବାଟରେ ପଡ଼େ ନରସିଂହପୁର ସ୍ୱୟଂଶାସିତ ମହାବିଦ୍ୟାଳୟ । ବହୁତ ସୁନାମ ରହିଛି ସେ କଲେଜର । କେତେ ଯେ ଡାକ୍ତର, ଇଞ୍ଜିନିୟର ସମାଜକୁ ଭେଟି ଦେଇଛି ତା'ର ହିସାବ ନାହିଁ । ପୁଅ ପ୍ରଶାନ୍ତ ତା'ର ସେଠି ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର । ଭାରି ଭଲ ପାଠ ପଢ଼େ ସେ । ସେଥିପାଇଁ ବାପାବୋଉ ବି ଭାରି ଖୁସି । କାଳେ ପୁଅ ପ୍ରଶାନ୍ତ ଅବାଟକୁ ଚାଲିଯିବ ଭାବି ବାପା ତା'କୁ ସବୁବେଳେ ଆଖିରେ ରଖିଥାନ୍ତି । ବାପାଙ୍କୁ ସିନା ଟିକେ ପ୍ରଶାନ୍ତ ଭୟ କରେ ହେଲେ ବୋଉ ପାଖରେ ସେମାନେ ଦୁହେଁ ଦୁଇ ସାଙ୍ଗ ଭଳି । ଯେତେବେଳେ ବି କିଛି ଦରକାର ହୁଏ ସେ ବୋଉକୁ ଆସି କୁହେ । ଅଫିସ ଆସିବା ସମୟରେ ବାପା ଅନନ୍ତ ସବୁବେଳେ ପୁଅ ପ୍ରଶାନ୍ତକୁ କଲେଜରେ ଛାଡ଼ିଦେଇ ଆସନ୍ତି ।

ଶନିବାର ସକାଳୁଆ ଅଫିସ ଥାଏ । ତେଣୁ ସକାଳୁ ସକାଳୁ ଅଫିସରେ ପହଞ୍ଚି ଯାଇଥିଲେ ଅନନ୍ତ ବାବୁ । ପିଓନ କୁଞ୍ଜବିହାରୀ ହାତରୁ ଚା' କପଟା ନେଇ ଖବର କାଗଜର ପୃଷ୍ଠା ଓଲଟାଉ ଓଲଟାଉ ଅନନ୍ତ ବାବୁଙ୍କ ନଜର ଅଟକି ଯାଏ ଅଶୀ ବର୍ଷର ବୁଢ଼ା ବାପାମା'ର ଆତ୍ମହତ୍ୟା ଖବର ପାଖରେ । କିପରି ପାଞ୍ଚ ପାଞ୍ଚଟା ପୁଅଝିଅ ଥାଇ ମଧ୍ୟ ବୃଦ୍ଧକାଳେ ବୁଢ଼ା ବାପାମା' ବେସାହାରା ହୋଇ ଯାଇଥିଲେ ଆଉ ଶେଷରେ ଭୋକର ଜ୍ୱାଳା ଆଗରେ ହାରିଯାଏ ସେମାନେ ଆତ୍ମହତ୍ୟାର ବାଟକୁ ଆପଣେଇ ନେଇଥିଲେ । ଖବରଟି ଅନନ୍ତ ବାବୁଙ୍କର ମନକୁ ଭାରାକ୍ରାନ୍ତ କରିଦିଏ । କାରଣ ତା'ର ମନେ ପଡ଼ିଯାଏ, ନିଜର ସୁଦୂର ମଫସଲ ଗାଁରେ ସ୍ତ୍ରୀ କଥାରେ ପଡ଼ି ପର କରି ଆସିଥିବା ନିଜ ବାପାମା'ଙ୍କ କଥା ।

Download Magazine from www.aahwaan.com

ଅତୀତରେ ବାପାମା'ଙ୍କ ଗହଣରେ ବିତାଇଥିବା ସବୁ ମୁହୂର୍ତ୍ତ ତା ଆଖି ଆଗରେ ସ୍ୱପ୍ନ ଭଳି ଖେଳିଯାଏ । କେତେ ଯେ ତ୍ୟାଗ କରିଥିବେ ବାପାମା' ତା ପାଇଁ । ସର୍ବଦା ଜାଗ୍ରତ ପ୍ରହରୀ ହୋଇ ରହିଥିଲେ । ନିଜର ସବୁ ସ୍ୱପ୍ନକୁ ଜଳାଞ୍ଜଳୀ ଦେଇ ପୁଅ ଆହିରେ ଦେଖିବାକୁ ଚାହିଁଥିଲେ ତାଙ୍କର ପ୍ରତ୍ୟେକଟି ସ୍ୱପ୍ନ । ବାପା ବସନ୍ତ ଆଉ ମା ବାସନ୍ତୀ ପାଇଁ ଅନନ୍ତ ଥିଲା ଗର୍ବ ଆଉ ଗୌରବ, କାରଣ ବାହାଘରର ପାଞ୍ଚବର୍ଷ ପର୍ଯ୍ୟନ୍ତ କୋଳରେ ସନ୍ତାନସୁଖ ଜୁଟି ନଥିବାରୁ କେତେ ଯେ ଟାହିଟାପରା ଶୁଣିଥିଲେ ସେମାନେ । ବାର ଓଷା, ତେର ବ୍ରତ କରି ପୁଅ ପରି ପୁଅଟିଏ ପାଇଥିବାରୁ ସବୁବେଳେ ଭଗବାନଙ୍କ ପାଖରେ ହାତ ଟେକନ୍ତି । କଲେଜରେ ପାଠପଢ଼ା ଶେଷ ପରେ ଯେତେବେଳେ ଅନନ୍ତ ପାଖ ସହରରେ ସରକାରୀ ଚାକିରୀଟିଏ ପାଇଯାଏ ସେତେବେଳେ ପୁଅ ଚାକିରୀ ପାଇବା ଜାଣି ବାପାମା ଭାରି ଖୁସି ହୋଇଯାଇଥିଲେ । ଛାତିକୁ ଚଉଡ଼ା କରି ଗାଁ ସାରା ଡିଣ୍ଡିମ ପିଟି କହିଥିଲେ ପୁଅ ତା'ର ଚାକିରୀ କରିଛ ବୋଲି । ତିନି ପ୍ରାଣୀ କୁଟୁମ୍ବର ସଂସାର ବହୁତ ହସ ଖୁସିରେ ଗଡ଼ିଚାଲେ ।

ବାପାମା ଚାହାନ୍ତି ପୁଅର ହାତକୁ ଦି ହାତ କରିବାପାଇଁ । ନିଜ ପାଇଁ ଗୋଟିଏ ସୁନାନାକି ବୋହୁଟିଏ ଆଣିବାପାଇଁ । ଝିଅ ଖୋଜା ଜୋର ସୋରରେ ଚାଲେ । ହେଲେ ବାପା ମା' କୌଣସି ସୂତ୍ରରୁ ଜାଣି ନିଅନ୍ତି ଅନନ୍ତ ଭଲ ପାଉଥିବା ଝିଅଟି ବିଷୟରେ । କଲେଜରେ ପଢୁଥିବା ସମୟରେ ଅନନ୍ତ ଭଲ ପାଉଥାଏ ଅନ୍ୟ ଏକ ଜାତିର ଝିଅକୁ ଯା'ର ନା' ସୁମିତ୍ରା । ବାପା ମା'ଙ୍କର ପସନ୍ଦ ନ ଥିଲେ ମଧ୍ୟ ଅନନ୍ତର ଖୁସି ପାଇଁ ସେହି ବାହାଘରରେ ସେମାନେ ରାଜି ହୋଇଯାଇଥିଲେ । କାରଣ ଅନନ୍ତ ଥିଲା ସେମାନଙ୍କ ପାଇଁ ଅନ୍ଧର ଲଉଡି, ବୃଦ୍ଧ କାଳର ଏକ ମାତ୍ର ସାହାରା । ଭଲରେ ଭଲରେ ବିବାହ କାର୍ଯ୍ୟ ସମାପନ ହୁଏ । ସମୟ କ୍ରମେ ସୁମିତ୍ରା ଗୋଟିଏ ପୁତ୍ର ସନ୍ତାନର ଜନନୀ ହୁଏ । ସମସ୍ତେ ଖୁସିରେ ତା'ର ନା' ରଖନ୍ତି

 Download Magazine from www.aahwaan.com

ପ୍ରଶାନ୍ତ । ଅନନ୍ତ ଆଉ ସୁମିତ୍ରା ସହ ବାପା ମା' ରୁ ଜେଜେ ବାପା ଜେଜେ ମା' ହୋଇଥିବା ବସନ୍ତ ଓ ବାସନ୍ତିର ଖୁସିର ସୀମା ରହୁ ନ ଥାଏ । ସମୟର ସୂଅରେ ହାତ ଗଣତି କିଛିଟା ବର୍ଷ ବହୁତ ଭଲରେ କଟେ...ହେଲେ...ସେଦିନ ???

ସେଦିନ ସ୍ତ୍ରୀ ସୁମିତ୍ରା ଆଉ ବାପା ମା' ଙ୍କ ମଧ୍ୟରୁ ଅନନ୍ତ ପରାଜିତ ହୋଇଥିଲା ନିଜ ସ୍ତ୍ରୀ'ର ଜିଦ ଆଗରେ । ସୁମିତ୍ରାର ଏକା ଜିଦ ଥିଲା ପୁଅ ପ୍ରଶାନ୍ତକୁ ନେଇ ଅଲଗା ରହିବ । ସେ ଆଉ ବୁଝି ପାରିବନି ଶାଶୁ ଶଶୁରଙ୍କ ଗଞ୍ଜଣା । ପୁଅ ପ୍ରଶାନ୍ତ ତା'ର ଏବେ ବଡ ହେଲାଣି, ଖର୍ଚ୍ଚ ବାର୍ଚ୍ଚ ବି ବଢିଲାଣି । ତେଣୁ ସେ ରୋକଠୋକ୍ ଶୁଣାଇ ଦେଇଥିଲା ନିଜ ଅନ୍ତରର କଥା । ପରଦିନ ସ୍ତ୍ରୀ ସୁମିତ୍ରା ସହ ପୁଅ ପ୍ରଶାନ୍ତକୁ ନେଇ ଅନିଚ୍ଛା ସତ୍ତ୍ୱେ ଅନନ୍ତ ବାହାରି ଯାଇଥିଲା ସହର ଅଭିମୁଖେ ସେହି ହାତକୁ ଛାଡି ଦେଇ ଯେଉଁ ହାତ ଦିନେ ତା'କୁ ଚାଲିବା ଶିଖାଇ ଥିଲା । ସେହି ଚଳନ୍ତି ଠାକୁରଙ୍କୁ ଗୋଡରେ ଆଡେଇ ଚାଲି ଯାଇଥିଲା ଯିଏ ନିଜ ପେଟରେ ଓଦା କନା ରଖି କୌଣସି ଗୋଟିଏ ଦିନ ତା'ର ଉଦରକୁ ଭୋକିଲା ରଖି ନ ଥିଲା । ପୁଅ ବୋହୁ ଆଉ ନାତି ପୁଅର ଚାଲିଯିବାର ବାଟକୁ ନିର୍ବାକ ହୋଇ ଚାହିଁ ରହିଥିଲେ ଅନନ୍ତର ବାପା ମା'... ନୟନରେ ତାଙ୍କର ଛାପ ଦେଇ ବୋହି ଚାଲିଥିଲା ଅବାରିତ ଅଶ୍ରୁର ଧାର । ଧିରେ ଧିରେ ତାଙ୍କ ଆଖି ଆଗରୁ ଉଭାନ ହୋଇ ଯାଉଥିଲେ ଅନନ୍ତ, ସୁମିତ୍ରା ଆଉ କୁନି ପୁଅ ପ୍ରଶାନ୍ତ । ଲାଗୁଥାଏ ଯେମିତି ଶରୀରରୁ ଆତ୍ମା ଅଲଗା ହୋଇ ହୋଇ ଯାଉଥାଏ । ବାପା ମା'ଙ୍କର ଆର୍ତ୍ତ ଚିତ୍କାର ଯେପରି ଅନନ୍ତର କର୍ଣ୍ଣେ ଶିହରି ଉଠୁଥାଏ । ବାରମ୍ବାର ପ୍ରତିଧ୍ୱନିତ ହେଉଥାଏ, "ଏ କି ତୋ'ରି ପାଇଁ ଚିର ଜାଗ୍ରତ ପ୍ରହରୀ ସାଜିବାର ଶାସ୍ତି । ଏ କି ତୋ'ର ପିତା ମାତାର ଋଣ ପରିଶୋଧ ।"

"ଆଜ୍ଞା.. ଆଜ୍ଞା ଶୀଘ୍ର ଆସନ୍ତୁ, ବଡ ବାବୁ ଡକେଇ ପଠେଇଛନ୍ତି ପରା", କୁଞ୍ଜ ପିଅନର

 Download Magazine from www.aahwaan.com

ଚଢା ଗଳାର ଡାକରେ ଭାବନାରୁ ବାସ୍ତବତାକୁ ଫେରି ଆସନ୍ତି ଅନନ୍ତ ବାବୁ ଆଉ କୁହନ୍ତି, "ଆରେ କୁଞ୍ଜ କଣ ହେଲା କାହିଁ ପାଟିଟା କରୁଛୁ ।" ମଥା ନତ କରି କୁଞ୍ଜ କହିଲା, "ଆଜ୍ଞା ଦୁଇ ଦୁଇ ଥର ଡାକିକି ଗଲିଣି ହେଲେ ଆପଣ..." କୁଞ୍ଜ ପାଟିରୁ କଥା ନ ସରୁଣୁ ଅନନ୍ତ ବାବୁ କହିଲେ ହଉ ତୁ ଯା.. ମୁ ଯାଉଛି । କୁଞ୍ଜ ଯିବା ପରେ ପରେ ଅନନ୍ତ ବି ବଡ ବାବୁଙ୍କୁ ଦେଖା କରିବା ପାଇଁ ଚାଲିଗଲା । ହେଲେ ଏ କ'ଣ.. ଅନନ୍ତର ଟେବୁଲ ଉପରେ ଥୁଆ ହୋଇଥିବା ଏକ କାଗଜ ଉପରେ ଲୁହର ସ୍ପର୍ଶ ! ବୋଧହୁଏ ଅନନ୍ତ ଜାଣି ପାରିନି କେତେବେଳେ ଦୁଇ ଧାର ଅଶ୍ରୁ ତା' ଆଖିରୁ ବୋହି ଆସି ଟେବୁଲ ଉପରେ ଥିବା କାଗଜ ଉପରେ ନିଜର ସନ୍ତକ କରି ଦେଇ ଯାଇଛି । ଅଫିସ କାମରେ ଅନନ୍ତର ମନ ଜମା ଲାଗେନି । ବାପା ମା'ଙ୍କର କଥା ଭାବି ଭାବି ଭିତରଟା ତା'ର ଗୋଳାଇ ଘାଣ୍ଟି ହୁଏ । ଏପଟେ ସୁମିତ୍ରାର ଥିବା ଶାଶୁ ଶଶୁରଙ୍କ ପ୍ରତି କଡା ଆଭିମୁଖ୍ୟ । ତଥାପି ସେ ମନେ ମନେ ନିଷ୍ପତ୍ତି କରେ ଯେ ଏଇ ରବିବାର ଗାଁ କୁ ଯାଇ ବାପା ମା'ଙ୍କୁ ନିଜ ପାଖକୁ ନେଇ ଆସିବ ଆଉ ସୁମିତ୍ରାକୁ ବୁଝାଇବା ଦାୟିତ୍ୱ ହେଉଛି ତା'ର ।

ସଂଧ୍ୟାରେ ଅଫିସ କାମ ସାରି ଘରକୁ ଫେରିଲେ ଅନନ୍ତ ବାବୁ । ହାତରେ ତାଙ୍କର ସକାଳର ଖବରକାଗଜ ଖଣ୍ଡିଏ । ଦୀର୍ଘ ନିଶ୍ୱାସରେ ବାରମ୍ବାର ଛନ୍ଦି ହୋଇ ଯାଉଥା'ନ୍ତି । କାରଣ ସ୍ତ୍ରୀ ସୁମିତ୍ରାକୁ ସାମ୍ନା କରି ବାପାମା'ଙ୍କ କଥା କହିବା ତା'ପାଇଁ କୌଣସି ବିଶ୍ୱଯୁଦ୍ଧ ଠାରୁ କମ୍ ନ ଥିଲା । ସାହାସ ସଞ୍ଚୟ କରି ସ୍ତ୍ରୀ ଆଗକୁ ଖବର କାଗଜଟି ବଢେଇ ଦେଇ କହିଲେ, "ହେଇଟି ସୁମି ଶୁଣୁଛ ଆଜିର ଖବର କାଗଜଟିକୁ ଦେଖିଲ କେତେ ଦୁଃଖଦ ଖବର ଟିଏ ବାହାରିଛି ।" "କ'ଣ ଖବର ଅଛି କହୁନ, ଏଇ ସଂଧ୍ୟା ସମୟରେ ମୁ ଖବର କାଗଜ ପଢିବି ନା ମୁ ମୋ କାମ କରିବି ?" ରୁକ୍ଷ ସ୍ୱରରେ କହିଲେ ସୁମିତ୍ରା । ଅନନ୍ତ ସୁମିତ୍ରା ଆଗରେ

 Download Magazine from www.aahwaan.com

ବଖାଣି ଗଲେ ଖବର କାଗଜରେ ପ୍ରକାଶିତ ସେହି ହୃଦୟ ବିଦାରକ ଘଟଣାବଳୀ । ସୁମିତ୍ରା ଅନୁମାନ କରି ନେଇଥିଲା ଯେ ଅନନ୍ତ ନିଜର ବାପା ମା'ଙ୍କ କଥା କହିବାକୁ ଯାଉଛି ତେଣୁ ଅନନ୍ତର ମୁହଁରୁ କଥା ଛିଣ୍ଡାଇ ଆଣି ସେ କହିଲା, "ଦେଖ ତୁମେ ଯଦି ପୁଣି ନିଜ ବାପାମା'ଙ୍କ କଥା କହିବାକୁ ଚାହୁଁଛ ତେବେ ମୋ ଠାରୁ ଖରାପ କେହି ହେବେନି କହି ଦେଉଛି ।" ଅନନ୍ତ ନିର୍ବାକ ହୋଇଯାଇଥିଲା ଆଉ ପୁଣି ଥରେ ସୁମିତ୍ରା ଆଗରେ ନିଜକୁ ପରାଜିତ ମନେ କରୁଥିଲା ।

ଅନନ୍ତ ବାବୁ ବୋଧହୁଏ କିଛି ସମୟ ଏକୁଟିଆ ବିତାଇବାକୁ ଚାହୁଁଥିଲେ ତେଣୁ ବାହାରି ପଡିଲେ ପାଖ ମାର୍କେଟ କଡରେ ଥିବା ଏକ ନିର୍ଜନ ସ୍ଥାନକୁ । ସଂଧ୍ୟା ଟିଉସନ ସାରି ପ୍ରଶାନ୍ତ ଘରକୁ ଫେରେ ତ ଦେଖେ ବାପା ନାହାନ୍ତି ଘରେ । ବୋଉ ବାପା କ'ଣ ଆଜି ଅଫିସରୁ ଏଯାଏଁ ଆସି ନାହାନ୍ତି କି ? ପଚାରିଲା ପ୍ରଶାନ୍ତ । ନା' ବାପା ଆସି ମାର୍କେଟ କେଉଁ ଏକ କାମରେ ଯାଇଛନ୍ତି, ଏଇନେ ଆସୁଥିବେ । ତୁ ହାତ ମୁହଁ ଧୋଇ ବସି ପଡେ ମୁଁ ତୋ ପାଇଁ ଖାଇବା ନେଇ ଯାଉଛି । ରୋଷେଇ ଘର ଭିତରକୁ ଯାଉ ଯାଉ ଉତ୍ତର ଦେଲା ମା' ସୁମିତ୍ରା । ପ୍ରଶାନ୍ତ ହାତ ମୁହଁ ଧୋଇ ଖାଇବା ଟେବୁଲରେ ବସି ପଡିଲା । ମା' ସୁମିତ୍ରା ଖାଇବା ବାଢି ଦେଉ ଦେଉ ପ୍ରଶାନ୍ତ କହିଲା, "ବୋଉ କିଛି ପଇସା ଦରକାର ଥିଲା ।" "କି ପଇସା କିରେ ?" ପ୍ରଶ୍ନୀଳ ଢଙ୍ଗରେ ପଚାରିଲା ମା' ସୁମିତ୍ରା । କାଲି ରବିବାର ତ ସାଙ୍ଗ ମାନଙ୍କ ସହିତ ସିନେମା ଦେଖିବାକୁ ଯିବୁ" ଉତ୍ତରରେ କହିଥିଲା ପ୍ରଶାନ୍ତ । ଲୁଗା କାନିରେ ବାନ୍ଧି ରଖିଥିବା କିଛି ଟଙ୍କାକୁ କାଢି ପ୍ରଶାନ୍ତର ପକେଟରେ ପୁରାଇ ଦେଇଥିଲେ ମା' ସୁମିତ୍ରା । ଏହି ସମୟରେ ଅନନ୍ତ ଘରକୁ ଫେରିବାର ଦେଖି ସୁମିତ୍ରା ଖାଇବା ପାଇଁ ଡାକ ଦେଲେ ହେଲେ ସେ ଜାଣି ନ ଶୁଣିଲା ପରି ହୋଇ ଶୋଇବା ରୁମ ଭିତରକୁ ଚାଲିଗଲେ । ସୁମିତ୍ରା ବି ତାଙ୍କ ପଛେ ପଛେ

Download Magazine from www.aahwaan.com

ରୁମକୁ ଚାଲିଗଲେ । ପ୍ରଶାନ୍ତ ଖାଇ ସାରି ଦେଖେତ ବୋଉ ତା' ପକେଟରେ ମୋଟେ ଷାଠିଏ ଟଙ୍କା ପୁରାଇ ଦେଇଛନ୍ତି । ତା'ର ମନ ଊଣା ହୋଇଯାଏ ଏତେ କମ୍ ଟଙ୍କା ନିଜ ପକେଟରେ ଦେଖି । ହେଲେ ବାପାଙ୍କ ଉପସ୍ଥିତିରେ ସେ ଅଧିକ ପଇସା ପାଇଁ ବୋଉଙ୍କୁ କହିପାରେନି । ସକାଳୁ ସୁଯୋଗ ଦେଖି ବୋଉକୁ ଆଉ କିଛି ପଇସା ମାଗି ନେଇଯିବ ଭାବି ଶୋଇ ପଡିଲା । ସେପଟେ ସୁମିତ୍ରା ନିଜ ଜିଦରେ ଅଟଳ । ଏପଟେ ଅନନ୍ତ ରାତି ସାରା ଭଲରେ ଟିକିଏ ଶୋଇ ପାରିନି ବାପାମା'ଙ୍କ କଥା ଭାବି ଭାବି । ରାତି ପାହୁ ପାହୁ ଅନନ୍ତ ସଅଳ ଉଠି ସବୁଦିନ ପରି ମର୍ଣିଂ ୱାକରେ ବାହାରି ପଡିଲା କିନ୍ତୁ ମୁଣ୍ଡରେ ଥାଏ ବାପାମା'ଙ୍କୁ ଘରକୁ ଆଣିବା ଚିନ୍ତା । ପୂର୍ବ ଦିନ ସକାଳୁ ପଢିଥିବା ଦୁଃଖଦ ଖବରଟି ଅନନ୍ତକୁ ବ୍ୟତିବ୍ୟସ୍ତ କରି ପକାଉଥାଏ । ସୁମିତ୍ରା କିଛି ସମୟ ପରେ ଉଠି ନିଜ ପାଇଟିରେ ଲାଗିଗଲା । ପ୍ରଶାନ୍ତ ଉଠିଲା ବେଳକୁ ଆଠଟା ବାଜିଲାଣି । ସେ ଧଡପଡ ହୋଇ ଉଠି ବାଥରୁମ୍ କୁ ଧାଇଁଲା । ବାଥରୁମ୍ ରୁ ଆସି ଜଲଦି ଜଲଦିରେ ସିନେମା ଯିବା ପାଇଁ ବାହାରି ପଡିଲା । ଦେଖିଲା ବାପା ମର୍ଣିଂ ୱାକରୁ ଫେରି ନାହାନ୍ତି । ବୋଉଙ୍କୁ ପଇସା ମାଗିବାକୁ ତା'କୁ ସୁଯୋଗ ମିଳିଗଲା । "ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କ'ଣ ହେବ ? ପ୍ରଶାନ୍ତ ଅଭିଯୋଗ କରି କହିଲା । ଟିକେଟ ଦାମ କେତେ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ ମୁଁ ଏତେ କମ ଟଙ୍କା କେମିତି ଧରି ଯିବି କହିଲୁ । ମୋର ମାନ ସମ୍ମାନ ବୋଲି କିଛି ଅଛି କି ନାହିଁ ।" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନୀରବ ହୋଇଗଲା ପରେ ପୁଣି କହିଲା, "ବୋଉ ମୋର ଟାଇମ ହେଲାଣି ଟଙ୍କା ଦେ ।" ରୋଷେଇ ଘରୁ ବୋଉ କହିଲେ ମୋ ପାଖରେ କିଛି ନାହିଁ । ତୁ ବାପାଙ୍କୁ ମାଗି ନେଇ ଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗରଗର ହେଉଥିବା ବେଳେ ଘର ଭିତରକୁ ପଶି ଆସୁଥିବା

 Download Magazine from www.aahwaan.com

ବାପାଙ୍କର ପଦଧ୍ୱନି ଶୁଣି ନୀରବ ହୋଇଗଲା । ତା'ପରେ ସେ ଟେବୁଲ ଉପରେ ବୋଉ ପ୍ରସ୍ତୁତ କରି ରଖିଥିବା ଜଳଖିଆ ଖାଇବାରେ ଲାଗିଗଲା । ଏତେ ସକାଳୁ ସକାଳୁ ସଜବାଜ ହୋଇ କୁଆଡେ ବାହରିଛୁ କିରେ ପ୍ରଶାନ୍ତ ଜିଜ୍ଞାସା ଜାହିର କରି ପଚାରିଲେ ବାପା ଅନନ୍ତ । ବାପା ସାଙ୍ଗ ମାନଙ୍କ ସହ ସିନେମା... ଭୟରେ ଧିର ସ୍ୱରରେ କହିଲା ପ୍ରଶାନ୍ତ । ବୋଉଙ୍କୁ କହିଛୁ ତ ? ? ପଚାରିଥିଲେ ବାପା ଅନନ୍ତ । ପ୍ରଶାନ୍ତ ଉତ୍ତର ଦେବା ଆଗରୁ ମା' ସୁମିତ୍ରା ସେ ସିନେମା ଯିବା କଥା ଜାଣିଛନ୍ତି ବୋଲି କହିଦେଲେ । ହଉ ନେ ଏ ଶହେ ଟଙ୍କାଟି ଖର୍ଚ୍ଚ କରିବୁ ଆଉ ହଁ ଶୀଘ୍ର ଫେରି ଆସିବୁ... ବାପାଙ୍କ ପାଟିରୁ ଏତିକି କଥା ଶୁଣି ପ୍ରଶାନ୍ତ ଆଶ୍ଚର୍ଯ୍ୟ ସହ ଖୁସି ହୋଇ ଯାଇଥିଲା କାରଣ ସେ ସବୁବେଳେ ବୋଉଙ୍କ ଠାରୁ ପଇସା ନିଏ । ବାପାଙ୍କୁ କିଛି କହିବାକୁ ସବୁବେଳ ଭୟ କରେ । ବାପାଙ୍କ ହାତରୁ ଶହେ ଟଙ୍କା ନେଇ ମନ ଖୁସିରେ ପ୍ରଶାନ୍ତ ବାହାରି ଯାଏ ସିନେମା ଦେଖିବାକୁ । ଏହାର କିଛି ସମୟ ପରେ ଅନନ୍ତକୁ ବାହାରକୁ ଯିବାକୁ ଦେଖି ସ୍ତ୍ରୀ ସୁମିତ୍ରା ପଚାରିଲା, "ଆରେ ଏଇନେ ଆସିଲ...ପୁଣି ଆଜି ଛୁଟି ଦିନଟାରେ କୁଆଡେ ବାହାରିଲ ? କ'ଣ ଦି'ଟା ଖାଇକି ତ ଯାଅ । ନା ମୋର ଗୋଟିଏ ଜରୁରୀ କାମ ଅଛି... ମୁ ବାହାରେ ଖାଇ ନେବି...ଏତକ କହି ଏକ ଅଜଣା ରାସ୍ତାରେ ସୁମିତ୍ରାର ଆଖି ସାମ୍ନାରୁ ଉଭେଇ ଗଲେ ଅନନ୍ତ ।

ସକାଳ ଯାଇ ଅପରାହ୍ନ ହେବାକୁ ବସିଲାଣି ହେଲେ ନା ଅନନ୍ତ ଘରକୁ ଫେରିଛି ନା ପ୍ରଶାନ୍ତ । ବାରମ୍ବାର ଦୁହିଁଙ୍କ ମୋବାଇଲ୍ କୁ ସୁମିତ୍ରା ଫୋନ କରି ଚାଲିଥାଏ ହେଲେ କେହିବି ଫୋନ ରିସିଭ କରିବାର ନାଁ ନେଉ ନଥାନ୍ତି । ସୁମିତ୍ରାର ମନକୁ ପାପ ଛୁଁଥାଏ । କ'ଣ କରିବ କିଛି ଜାଣି ପାରୁ ନ ଥାଏ । କାନ୍ଥ ଘଣ୍ଟାର ଟିକ ଟିକ ଶବ୍ଦର ଧ୍ୱନୀ ଯେମିତି ଧିରେ ଧିରେ ବଢି ଚାଲିଥାଏ ଆଉ ସୁମିତ୍ରାର ମନରେ ଅନେକ ଅଶୁଭ ଘଟଣା ସବୁକୁ ରୋମନ୍ଥିତ କରୁଥାଏ ।

Download Magazine from www.aahwaan.com

ଠିକ ସେତିକି ବେଳକୁ ହଠାତ ରୋଷେଇ ଘର ଭିତରୁ ବାସନ କୁସନ ଗୁଡିକ ତଳେ ପଡିଯିବାର ଶବ୍ଦ ଶୁଣି ଚମକି ପଡିଲା ସୁମିତ୍ରା । ଯାଇ ଦେଖେତ ବିରାଡି ଟିଏ ସୁମିତ୍ରାକୁ ଦେଖି ରୋଷେଇ ଘରୁ ବାହାରକୁ ଦୌଡି ପଳାଇ ଯାଉଛି । ଟିକେ ମନକୁ ଆଶ୍ଵସ୍ତି କରିଛି କି ନା ମୂଖ୍ୟ ଦ୍ଵାରରେ କାହାର ଠକ୍ ଠକ୍ ଶବ୍ଦ ସୁମିତ୍ରା ଆଗରେ ଅସମାହିତ ପ୍ରଶ୍ନ ସବୁ ଆଣି ଠିଆ କରିଦିଏ । କବାଟ ଖୋଲି ଦେଖେତ ସାମ୍ନାରେ ଠିଆ ହୋଇଛନ୍ତି ଅନନ୍ତ । ଅନନ୍ତକୁ ଦେଖି ସୁମିତ୍ରାର ମନକୁ ଟିକେ ଆଶ୍ଵସ୍ତି ଲାଗେ । କେତେ ଯେ ଅଶୁଭ କଥା ତା' ମୁଣ୍ଡରେ ବସା ବାନ୍ଧି ଥିଲାଣି ସତେ । ଖୁସିର ଲହରୀ ଟିଏ ତା' ମନରେ ଖେଳିଯାଏ । କିଛି କହିବା ଆଗରୁ ଅନନ୍ତର ପଛକୁ ଠିଆ ହୋଇଥିବା ନିଜ ଶାଶୁ ଶଶୁରଙ୍କୁ ଦେଖି ତା' ମୁହଁର ରଙ୍ଗ ବଦଳିଯାଏ । 'ଏଇଟା ଥିଲା ତାହେଲେ ତୁମ ଜରୁରୀ କାମ ନୁହେଁ' ରାଗିକି କୁହେ ସୁମିତ୍ରା । ତା'ପରେ ମୁହଁ ବୁଲାଇ ଜୋରରେ ପାଦ ଥାପି ଥାପି ସେ ଘର ଭିତରକୁ ଚାଲିଆସେ ।

ଅନନ୍ତର ବାପା ମା'ଙ୍କୁ ସୁମିତ୍ରାର ବ୍ୟବହାର ବହୁତ ଖରାପ ଲାଗେ । ସେମାନେ ଦୁଆର ମୁହଁରୁ ପୁଣି ଥରେ ନିଜ ଗାଁକୁ ଫେରିଯିବାକୁ ଭାବନ୍ତି କିନ୍ତୁ ଅନନ୍ତର କଥା ରଖି ଘର ଭିତରକୁ ପ୍ରବେଶ କରନ୍ତି । ଅନନ୍ତ ପଣ କରିଥିଲା ଯେ ବାପା ମା'ଙ୍କୁ ପର କରି ଯେଉଁ କଷ୍ଟ ଦେଇଛି ତାର ପ୍ରାୟଶ୍ଚିତ ସେ ନିଶ୍ଚୟ କରିବ । ସୁମିତ୍ରା ରାଗ ତମ ତମ ହୋଇ ପୁଣି ଅନନ୍ତକୁ କିଛି କହିବାକୁ ଭାବିଲା ବେଳକୁ ହଠାତ ବାଧକ ସାଜି ବାଜି ଉଠିଲା ସୁମିତ୍ରାର ମୋବାଇଲ୍ ଫୋନ । ଫୋନ କରିଥିଲା ପ୍ରଶାନ୍ତ । ତୋତେ କ'ଣ ସମୟ ଜଣା ପଡୁନି...ସକାଳୁ ଯାଇଛୁ ଯେ ଯାଇଛୁ...ଏ ଯାଏଁ ତୋର ଦେଖା ନାହିଁ...ନା ଫୋନ ରିସିଭ କରୁଛୁ ନା ନିଜେ ଫୋନ କରୁଛୁ... ଫୋନ ଉଠାଇ ଏକ ସ୍ଵରରେ କହି ଚାଲିଥିଲେ ସୁମିତ୍ରା । ହେଲେ ଏ କ'ଣ ଫୋନର ଅପରପାର୍ଶ୍ଵରୁ ଭାସି ଆସୁଥିଲା କେଉଁ ଏକ ଅଜଣା ବ୍ୟକ୍ତିର କଣ୍ଠ ସ୍ଵର,'ଆଜ୍ଞା ମୁ ପ୍ରଶାନ୍ତ

 Download Magazine from www.aahwaan.com

ନୁହେଁ... ଏହି ଫୋନଟି ଯାହାର ତାଙ୍କର ଆକ୍ସିଡେଣ୍ଟ ହୋଇ ଯାଇଛି । ଆମେ ତା'କୁ ମେଡିକାଲ ନେଇ ଯାଉଛୁ । ତାଙ୍କ ଅବସ୍ଥା ବହୁତ ସଙ୍କଟାପନ୍ନ ରହିଛି । ଆପଣ ଶୀଘ୍ର ବଡ ଡାକ୍ତରଖାନାକୁ ଆସନ୍ତୁ । ସୁମିତ୍ରାର ପାଦ ତଳୁ ଯେପରି ମାଟି ଖସି ଯାଇଥିଲା । ସଙ୍ଗେ ସଙ୍ଗେ ବାପା ମା' ସହ ଅନନ୍ତ ଆଉ ସୁମିତ୍ରା ଡାକ୍ତରଖାନା ଅଭିମୁଖେ ବାହାରି ପଡିଲେ । ହସ୍ପିଟାଲରେ ପହଞ୍ଚି ଜାଣିବାକୁ ପାଇଲେ ପୁଅ ପ୍ରଶାନ୍ତ I.C.U ରେ । 'ଅପରେସନ ହେବ...ସେଥିପାଇଁ ଯେତେ ଶୀଘ୍ର ସମ୍ଭବ ଦେଢ ଲକ୍ଷ ଟଙ୍କା ଦରକାର । ନ ହେଲେ ତା' ଜୀବନ ବଞ୍ଚାଇବା ଅସମ୍ଭବ...' ଡାକ୍ତର ଙ୍କ ମୁହଁରୁ ଏମିତି କଥା ଶୁଣି ଅନନ୍ତର ମୁଣ୍ଡରେ ଚଡକ ପଡିଯାଏ । ତେଣୁ ସେ କାଳ ବିଳମ୍ବ ନ କରି ଟଙ୍କା ଯୋଗାଡ ପାଇଁ ବାହାରି ପଡେ । ସୁମିତ୍ରାର କ୍ରନ୍ଦନରେ ଫାଟି ପଡୁଥାଏ ସମଗ୍ର ହସ୍ପିଟାଲ । ଏହି ଦୁଃଖଦ ପରିସ୍ଥିତି ପାଇଁ ସୁମିତ୍ରା ନିଜ ଶାଶୁ ଶଶୁରଙ୍କୁ ଦାୟୀ କରେ । 'ତୁମେ ମାନେ ଗାଁରୁ ଆସିଲନି ଯେ ମୋ ପୁଅର ମୃତ୍ୟୁକୁ ସାଥିରେ ନେଇ ଆସିଛ...' ରାଗ ଆଉ କୋହ ଭରା କଣ୍ଠରେ ଚିତ୍କାର କରି କହିଲା ସୁମିତ୍ରା । ନିଜ ବୋହୂ ମୁହଁରୁ ଏପରି କଥା ଶୁଣି ବସନ୍ତ ଆଉ ବାସନ୍ତିକୁ ବହୁତ କଷ୍ଟ ଅନୁଭବ ହୁଏ । କିନ୍ତୁ ନିଜ ନାତି ପୁଅର ଏମିତି ଅବସ୍ଥା ସେମାନଙ୍କ ପାଇଁ ଅଧିକ କଷ୍ଟ ଦାୟକ ସାଜିଥାଏ । ସୁମିତ୍ରା ସର୍ବ ସମ୍ମୁଖରେ ଶାଶୁଶଶୁରଙ୍କୁ ଗାଳି କରି ଡାକ୍ତରଖାନାରୁ ଚାଲିଯିବାକୁ କହିଦେଲେ । ସେମାନେ ମଧ୍ୟ ପ୍ରଶାନ୍ତର ଏପରି ଅବସ୍ଥା ପାଇଁ ନିଜକୁ ସତରେ ଦୋଷୀ ଦୋଷୀ ଅନୁଭବ କଲେ ଆଉ ଅନନ୍ତ ଆସିବା ଆଗରୁ ଗାଁକୁ ଫେରିଯିବାକୁ ନିଷ୍ପତ୍ତି ନେଲେ । ଯିବା ପୂର୍ବରୁ କହିଗଲେ... ବୋହୁ ତୁ ଜମା ଚିନ୍ତା କରେନି... ନାତି ପୁଅର ମୋର କିଛି ହେବନି । ସେ ନିଶ୍ଚିତ ଭଲ ହୋଇ ଉଠିବ । ଆମ ଆଶୀର୍ବାଦ ତା' ସାଥିରେ ସବୁବେଳେ ଅଛି । ସୁମିତ୍ରା ଶାଶୁ ଶଶୁରଙ୍କ ଠାରୁ ମୁହଁ ବୁଲାଇ ହସ୍ପିଟାଲର ଅନ୍ୟ ପାଖକୁ ଚାଲିଗଲା ।

 Download Magazine from www.aahwaan.com

ଅନନ୍ତ ପଇସା ଯୋଗାଡ କରି ହସ୍ପିଟାଲରେ ପହଞ୍ଚି ଦେଖେତ ବାପା ମା' ନାହାନ୍ତି । ସୁମିତ୍ରାକୁ ପଚାରିବାକୁ ଗଲା ବେଳକୁ ଡାକ୍ତର ବାବୁ ଆସି କହିଲେ , 'ଯଥା ଶୀଘ୍ର 'A' Negative ରକ୍ତ ଗୋଟିଏ ବୋତଲ ଯୋଗାଡ କରନ୍ତୁ । ରକ୍ତ ଭଣ୍ଡାରରେ ବି 'A' Negative ରକ୍ତର ଅଭାବ । ନ ହେଲେ ଅପରେସନ ହୋଇ ପାରିବନି ।" ଅନନ୍ତ ଆଉ ସୁମିତ୍ରାର ବୁଦ୍ଧି ବାଟ ବଣା ହୋଇ ଯାଉଥାଏ । ଏତେ କମ୍ ସମୟରେ କେଉଁଠୁ ରକ୍ତ ଯୋଗାଡ କରିବେ । କ'ଣ କରିବେ କିଛି ଜାଣି ପାରୁ ନ ଥାନ୍ତି । ହଠାତ୍ ଅନନ୍ତର ମନେ ପଡିଯାଏ ଯେ ତା' ବାପାଙ୍କର Blood ଗୃପ୍ 'A' Negative ବୋଲି । ବାପା କାହାନ୍ତି ସୁମିତ୍ରା, ବାପାଙ୍କର 'A' negative Blood ଗୃପ୍ । ଭଗବାନ ଭାରି ଦୟାବାନ ସୁମିତ୍ରା... ଭଗବାନ ଭାରି ଦୟାବାନ୍ । ଆମ ପୁଅର ଜୀବନ ବଞ୍ଚାଇବା ପାଇଁ ବାପା ମା' ଙ୍କୁ ଆମ ପାଖକୁ ନେଇ ଆସିଛନ୍ତି । ମୁଁ ତ କେବଳ ମାଧ୍ୟମ ମାତ୍ର । ଅନନ୍ତ ପାଖରୁ ଏତିକି କଥା ଶୁଣୁ ଶୁଣୁ ସୁମିତ୍ରା ଚେତାଶୂନ୍ୟ ହୋଇ ତଳେ ପଡିଯାଏ । ଅନନ୍ତ ସୁମିତ୍ରାର ମୁହଁରେ ପାଣି ଛାଟି ଚେତା ଫେରାଇ ଆଣିବାକୁ ଚେଷ୍ଟା କରେ । ଚେତା ଫେରୁ ଫେରୁ ସୁମିତ୍ରା କାନ୍ଦି କାନ୍ଦି କୁହେ, “ହତଭାଗିନୀଟେ ମୁଁ, ଭଗବାନ ସ୍ୱରୂପ ପିତା ମାତାଙ୍କୁ ତଡି ଦେଇଛି । ତୁମେ ଶୀଘ୍ର ଯାଇ ବାପା ମା' ଙ୍କୁ ନେଇ ଆସ । ମୋରି ପାଇଁ ପୁଣି ଥରେ ସେମାନେ ଗାଁ କୁ ଯିବାକୁ ବାହାରି ଯାଇଛନ୍ତି । ଏ କ'ଣ କଲ ତୁମେ ସୁମିତ୍ରା !ଗର୍ଜି ଉଠିଲେ ଅନନ୍ତ । ନିଜ ରାଗକୁ ନିୟନ୍ତ୍ରଣର ରଖି ବିଜୁଳି ବେଗରେ ଧାଇଁ ଗଲେ ବସ ଷ୍ଟାଣ୍ଡ ଆଡକୁ ।

ବସ୍ ଷ୍ଟାଣ୍ଡରେ ବସ୍ କୁ ଅପେକ୍ଷା କରି ରହିଥାନ୍ତି ବାପା ବସନ୍ତ ଆଉ ମା' ବାସନ୍ତି । ଅନନ୍ତ ଠାରୁ ସବୁ କଥା ଶୁଣି ପୁଣି ଥରେ ହସ୍ପିଟାଲ ଅଭିମୂଖେ ବାହାରି ଗଲେ । ଠିକ ସମୟରେ ରକ୍ତ ପାଇ ପ୍ରଶାନ୍ତର ଜୀବନ ବିପଦ ମୁକ୍ତ ହୋଇ ଯାଇଥିଲା । ଏ ଖବରଟି ପୁଅର

 Download Magazine from www.aahwaan.com

ସ୍ୱାସ୍ଥ୍ୟବସ୍ଥାକୁ ନେଇ ବ୍ୟସ୍ତ ବିବ୍ରତ ଥିବା ସୁମିତ୍ରାର ମନକୁ ଟିକେ ଶିଥିଳତା ପ୍ରଦାନ କରିଥିଲା । ନିଜ ଶାଶୁ ଶଶୁରଙ୍କ ପ୍ରତି କରିଥିବା ଦୁର୍ବ୍ୟବହାର ପାଇଁ ସେ ଅନୁତାପର ବହ୍ନିରେ ଜଳି ନିଜର ଭୁଲ ବୁଝି ସାରିଥାଏ । ଶାଶୁ ଶଶୁରଙ୍କ ପାଦ ଛୁଇଁ କ୍ଷମା ପ୍ରାର୍ଥନା କରିବାକୁ ଭାବିଲା ବେଳକୁ ଏ କ'ଣ ଶାଶୁ ଶଶୁର ଆଉ ହସ୍ପିଟାଲରେ ନାହାନ୍ତି । ଚାରିଆଡେ ସୁମିତ୍ରା ର ଅନୁତପ୍ତ ଆଖି ନିଜ ଶାଶୁ ଶଶୁରଙ୍କୁ ଖୋଜିବାକୁ ଲାଗେ ।

ଦୂରରୁ ଦେଖିପାରେ ତା' ଶାଶୁ ଶଶୁର କାହାକୁ କିଛି ନ କହି ପୁଣି ନିଜ ରାସ୍ତାରେ ଆଗକୁ ଆଗକୁ ମାଡି ଚାଲିଯାଉଛନ୍ତି । ସୁମିତ୍ରା ଦୌଡି ଯାଇ ସେମାନଙ୍କର ପାଦ ତଳେ ପଡିଗଲା ଏବଂ ନିଜର ଅକ୍ଷମଣିୟ ଭୁଲ ପାଇଁ କ୍ଷମା ପ୍ରାର୍ଥନା କରିବାକୁ ଲାଗିଲା । ସନ୍ତାନ ବିଚ୍ଛେଦର ଦୁଃଖକୁ ଅଙ୍ଗେ ନିଭାଇଲା ପରେ ସୁମିତ୍ରା ଅନୁଭବ କରିପାରିଥିଲା ଯେ ତା'ର ଶାଶୁ ଶଶୁର ନିଜ ପୁଅ ଅନନ୍ତ ବିନା ଏତେ ବର୍ଷ କେତେଯେ କଷ୍ଟରେ ରହି ନ ଥିବେ । ବୋହୁ ସୁମିତ୍ରାର ବଦଳି ଯାଇଥିବା ରୂପକୁ ଦେଖି ଶାଶୁ ଶଶୁରଙ୍କ ଆଖିରେ ବସା ବାନ୍ଧି ରହିଥିବା ଦୀର୍ଘ ଦିନର ବିଷାଦର ଅଶ୍ରୁ କେତେବେଳେ ଯେ ଆନନ୍ଦାଶ୍ରୁରେ ପରିଣତ ହୋଇ ଯାଇଥିଲା ସେମାନେ ଜାଣି ପାରିନଥିଲେ । ପାଖରେ ଠିଆ ହୋଇ ଏସବୁ ଦୃଶ୍ୟକୁ ଦେଖୁଥିବା ଅନନ୍ତ ଧିରେ ଧିରେ ହଜିଯାଉଥିଲା ତା' ଆଗରେ ତା'କୁ ଅପେକ୍ଷା କରି ରହିଥିବା ଏକ ସୁନ୍ଦର ଆଉ ଖୁସି ଭରା ଦୁନିଆ ଭିତରେ.... ।

ଶିକ୍ଷକ, କଲାଡି, ଫୁଲବାଣୀ

ଦୂରଭାଷ- ୯୪୩୯୫୪୨୫୨୯

# ପିତୃତ୍ୱ



ଅରବିନ୍ଦ ଆଚାର୍ଯ୍ୟ

ପ୍ରଶାନ୍ତ ସବୁଦିନ ପରି ନିଜ ଅଫିସକୁ ବାହାରିପଡିଲା । କେତେବେଳୁ ଡ୍ରାଇଭର ଗାଡି ଆଣି ଘରସାମନାରେ ଠିଆ କରିଥିଲା । ଯେତେ ଶୀଘ୍ର ଉଠିଲେ ମଧ୍ୟ କେମିତି କେଜାଣି ସବୁ ସମୟ ନିଅଣ୍ଟ ପଡେ । ସକାଳୁ ସକାଳୁ ଗୁଡାଏ ଫୋନ କଲ ଆଟେଣ୍ଡ କଲା । ଆସ୍ଥା ଚ୍ୟାନେଲର ଯୋଗ ପ୍ରାଣାୟାମ ତ ସିଏ ଛାଡ଼ିପାରିବ ନାହିଁ । ତେଣୁ ସେଥିପାଇଁ ଘଣ୍ଟେ ସମୟ ସବୁଦିନ ଦିଏ । ପଛପଟରୁ ଘରଣୀ ସିପ୍ରା କାନେ କାନେ କହିଦେଉଥିଲେ, ”ମନେ ରହିଲା ଟି ! ଫେରିଲା ବେଳକୁ ଗୋଟେ ଦଶ କେଜିଆ ବାସୁମତି ଚାଉଳ ପ୍ୟାକେଟ ଧରି ଆସିବ, ଭୁଲିବନି । ଆଜି ପୁରୁଣା ଚାଉଳ ବସ୍ତାରେ ଅଳ୍ପ ଅଛି । ଦିନେ କି ଦି ଦିନ ଯିବ । ମୁଁ ଆଉ କାହା ହାତରେ ମଗେଇ ପାରିବିନି, ବୁଝିଲ ?”

“ହଉ ହଉ , ଆଣିବି ।କେତେ ଥର ସେଇ କଥା କହୁଛ ।”

“ତୁମେ ଯେଉଁ ଭୋଳା ଲୋକ , ଏବେ କଥା ଆଉଟିକେ କୁ ମନେ ନଥିବ ପରା ?”

ଘରଣୀଙ୍କ କଥାକୁ ଶୁଣୁ ଶୁଣୁ ଗାଡି ଷ୍ଟାର୍ଟ ହେଇଯାଇଥିଲା । ଗାଡି ଗଡିଚାଲିଲା କଲେକ୍ଟରଙ୍କ ଅଫିସ ଆଡେ । ପ୍ରଶାନ୍ତ ହେଲା କଲେକ୍ଟର । ପୂର୍ବରୁ ମାଲକାନଗିରିରେ ଥିଲା । ଏବେ ବଦଳିହୋଇ ଆସିଛି ସମ୍ବଲପୁରକୁ । ଏଇ କେତେଦିନ ହେଲା ବହୁତ କାମ ତାକୁ ଅଥୟ କରି ଦଉଛି ।ନିଜ ଘରକଥା ସବୁ ଭୁଲିଯାଉଛି ।ସରକାରଙ୍କ ନୂଆ ଦରମା ପାଇବା ପାଇଁ ସବୁ ଅଫିସ ପରି ତା ଅଫିସ ରେ ମଧ୍ୟ କାମ ଉପରେ କାମ ।ସମସ୍ତେ ଖାଲି ତହଳ ବିକଳ କେବେ ନୂଆ ବଢା ଦରମା ପାଇବେ ।ଦିନ ରାତି ଚବିଶ ଘଣ୍ଟା କେବଳ

 Download Magazine from www.aahwaan.com

ସେଇ ଗୋଟିଏ କଥା ଆଲୋଚନା । କାହାର କେତେ ଦରମା ବଢିବ । କିଏ କେତେ ଅଧିକ ପାଇବ ।

ଏସବୁ କଥା ଶୁଣି ଶୁଣି ପ୍ରଶାନ୍ତ ମନେ ମନେ ଭାବେ ଯେ, ସବୁ ଚାକିରିଆ ଭାବନ୍ତି ଦରମା ବଢିଗଲେ ଦୁଃଖ ଯିବ । କିନ୍ତୁ ସତରେ କଣ ସେୟା ହୁଏ ? ଯଦି ସେମିତି ହେଉଥାନ୍ତା, ତା ଚାକିରି ଆରମ୍ଭରୁ ଏ ପର୍ଯ୍ୟନ୍ତ କେତେଥର ଦରମା ବଢିଛି କିନ୍ତୁ କାଇଁ ତା ଜୀବନରେ ସେମିତି କିଛି ବିରାଟ ପରିବର୍ତ୍ତନ ଆସିନି ତ ? ଯାହା ଦରମା ବଢୁ ବଢୁ ସାଙ୍ଗେ ସାଙ୍ଗେ ଜିନିଷପତ୍ରର ଦାମ ବଢିଯାଏ । ତେଣୁ ବଢିଲା ଦରମାଟି ପୁଣି ବ୍ୟବସାୟୀଙ୍କ ମାଧ୍ୟମରେ ପୁଞ୍ଜିପତିଙ୍କ ପାଖକୁ ଚାଲିଯାଏ । ଚାକିରିଆ ଯେମିତିକୁ ସେମିତି । କିଛି ଆଖିଦୃଶିଆ ପରିବର୍ତ୍ତନ ହୁଏନି ସେମାନଙ୍କ ଜୀବନରେ ।

ଅଫିସରେ ପହଞ୍ଚି ଫାଇଲ ଭିତରେ ନିଜକୁ ନିୟୋଜିତ କଲା ପ୍ରଶାନ୍ତ । ଫାଇଲ ପରେ ଫାଇଲ ଖେଳେଇ ଚାଲିଥିଲା ।ଦସ୍ତଖତ କରିବାକୁ ପକେଟରୁ କଲମଟି କାଢିଲା । ଏଇ ସେଇ କଲମ, ତାକୁ ତା ବାପା ବହୁତ ଦିନ ପୂର୍ବରୁ ଦେଇଥିଲେ । ଆଜିଯାଏ ସିଏ ସେଇ କଲମଟିକୁ ବହୁତ ଭଲପାଏ । ସବୁବେଳେ ନିଜ ପାଖରେ ରଖିଥାଏ । ଆଜି ବାପା ବୋଉ ତା ପାଖରେ ନାହାନ୍ତି କିନ୍ତୁ ତାଙ୍କ ସ୍ମୃତିର ସନ୍ତକ କିଛି କିଛି ଅଛି । ସେ ଭିତରୁ ଏ କଲମଟି ଅନ୍ୟତମ । କାମ କରୁ କରୁ ହଜିଯାଉଥିଲା ସେ, ପୁରୁଣା କଥା ସବୁ ମନେ ପଡିଯାଉଥିଲା ........

ବାପା ଦୀନବନ୍ଧୁ ବିଶ୍ୱାଳ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ, ବୋଉ କନକଲତା ଦେବୀ, ସୁଗୃହିଣୀ । ତାଙ୍କର ଏକମାତ୍ର ସନ୍ତାନ ପ୍ରଶାନ୍ତ । ବହୁତ ଗେଲବସରରେ ପିଲାଦିନ କଟିଥିଲା ପ୍ରଶାନ୍ତର । ତା ପାଟିରୁ କଥା ନ ସରୁଣୁ , ସବୁ ଫର୍ମାଇସ ପୂରଣ କରିଦେଉଥିଲେ ତା ବୋଉ । ବହୁତ ଭଲ ପାଉଥିଲେ । ବାପା ଟିକେ କଡା ମିଜାଜର ଥିଲେ । ସବୁବେଳେ

 Download Magazine from www.aahwaan.com

ପାଠ ପଢା କଥା ତାଗିଦ କରୁଥିଲେ ।ପିଲା ବେଳେ ପ୍ରଶାନ୍ତ ଭାବୁଥିଲା ପାଠ ପଢି କଣ ସ୍ୱର୍ଗକୁ ଯିବ କି ? ସବୁବେଳେ ପାଠ ପାଠ କଣ ? ମଝିରେ ମଝିରେ ଖାଠ ବି ଦରକାର ।କିନ୍ତୁ ବାପା ଙ୍କୁ କିଛି କହିପାରେନି ।ତାଙ୍କ ଗମ୍ଭୀର ମୁହଁ କୁ ଆଖି ଉଠେଇ ଚାହିଁ ବି ପାରେନି ସିଏ ।ଯାହା କୁହନ୍ତି ଶୁଣେ ।କିନ୍ତୁ ସବୁବେଳେ ସବୁକଥା ମାନି ପାରେନି ।ବେଳେ ବେଳେ ତା ବାପା ତାକୁ ପାଖରେ ବସେଇ ବହୁତ କଥା ବୁଝାନ୍ତି ।କେମିତି ତାଙ୍କ ପଢିଲା ବେଳେ ତାଙ୍କ ଗାଁ ରେ ସ୍କୁଲ ନଥିଲା ।କେତେ କଷ୍ଟ ରେ ଦଶ କିଲୋମିଟର ଚାଲିଚାଲି ଅନ୍ୟ ଗାଁ ରେ ଥିବା ସ୍କୁଲ କୁ ତା' ବାପା ପଢିବାକୁ ଯାଉଥିଲେ ।ଘରୁ ଲୁଣ ଲଙ୍କା ସହିତ ବାସି ତୋରାଣି ପିଇ ଦିନ ସାରା ରହିବାକୁ ପଡୁଥିଲା ।ଯେତେ କଷ୍ଟ ପଡୁ ପଛେ ପାଠ କୁ କିଏ ଆଗ ବୁଝି ଅବଧାନ (ଗାଁ ଚାଟଶାଳୀ ର ଶିକ୍ଷକ )ଙ୍କୁ ଠିକ ଠିକ ଉତ୍ତର କହିବ , ସେଇଥିରେ ପ୍ରତିଯୋଗିତା ହେଉଥିଲା ।ପଣକିଆ, ଜ୍ୟାମିତି ସୂତ୍ର , ଗଣିତ ର ସୂତ୍ର ସବୁ ମୁଖସ୍ଥ ଥିଲା ।

ସବୁ ଶୁଣି ପ୍ରଶାନ୍ତ ଭାବୁଥିଲା , କାହିଁକି ଏତେ କଷ୍ଟ କରୁଥିଲେ କେଜାଣି ? ଏତେ ପରିଶ୍ରମ କରି ମଧ୍ୟ ଶିକ୍ଷକ ହେଲେ ।ତା ସାଙ୍ଗ ମାନେ ଯେତେବେଳେ ନିଜ ନିଜ ବାପା ଆଉ ମା ଙ୍କ ଚାକିରି କଥା କୁହନ୍ତି ସେତେବେଳେ ତାକୁ ବହୁତ ଲାଜ ମାଡେ ।କାହା ବାପା ବ୍ୟାଙ୍କ ମ୍ୟାନେଜର ତ କାହା ମା କଲେଜ ପ୍ରିନ୍ସିପ୍ୟାଲ ।ସେଇ ସାଙ୍ଗ ମାନେ ମଉଜ ମଜଲିସ କଲାବେଳେ ସେ ନିଜକୁ ତାଙ୍କଠୁ ଅଲଗା ଭାବେ ।ତାକୁ ସେମାନେ କେତେଥର ନିଜ ଖର୍ଚ୍ଚ ରେ ବଡ ବଡ ହୋଟେଲ ରେ କେତେ କଥା ଖୁଆଇଛନ୍ତି ।କିନ୍ତୁ ସିଏ କେବେ ବି କିଛି କରି ପାରିନଥିଲା ।ସେଦିନ ଯେତେବେଳେ ସିଏ ମନକରି ପରୀକ୍ଷା ସରିଲା ପରେ ସମସ୍ତଙ୍କ ସହ ସିନେମା ଦେଖିଯିବା କୁ ବାହାରିଥିଲା ,ଆଉ ବୋଉ କୁ ସେଥିପାଇଁ ପଇସା ମାଗିଥିଲା , ତା' ବୋଉ ପଚାଶ ଟଙ୍କା ବଢେଇଦେଇଥିଲେ , ଖାଇବା ବେଳେ ।

 Download Magazine from www.aahwaan.com

"ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କା ରେ କଣ ହେବ ?"ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ କେତେ ଦାମ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ ମୁଁ ଏତେ କମ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲ ରେ ବସିଥିବାବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା , "ବୋଉ ମୋର ଟାଇମ ହେଲାଣି ଟଙ୍କା ଦେ |" ରୋଷେଇଘରୁ ବୋଉ କହିଲେ, "ମୋ ପାଖରେ କିଛି ନାହିଁ , ତୁ ବାପାଙ୍କୁ ମାଗି ନେଇଯା |"

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହେଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପା ଙ୍କ ପଦଧ୍ଵନି ଶୁଣି ନିରବ ହୋଇଗଲା |

ଭିତରକୁ ଆସି ଚପଲ କୁ ଚପଲଥାକ ରେ ରଖି ବାପା ତା ଆଡକୁ ଚାହିଁ ପଚାରିଥିଲେ , " କଣ ହେଇଛି ? କୁଆଡେ ଯିବ ସିଏ ?"

ବୋଉ କହିଥିଲା , "ପରୀକ୍ଷା ସରିଛି ତ , ସବୁ ସାଙ୍ଗ ମାନେ ମିଶି ସିନେମା ଦେଖିଯିବେ ।ଯାଉ ପିଲାଟା , ମୋ ପାଖରେ ଯାହା ଥିଲା ଦେଇଛି ।ସିଏ କହୁଛି ହବନି ବୋଲି ।ତା କଥା ଟିକେ ବୁଝିଲ !"

ବାପା ପାଖକୁ ଆସି ମୁଣ୍ଡ ରେ ହାତ ବୁଲେଇ ଦେଇଥିଲେ ।ଆଉ ପଚାରିଥିଲେ " କେତେ ଟଙ୍କା ହେଲେ ହବ କିରେ ? "

ପ୍ରଶାନ୍ତ କୁ ସେ ଦିନଟି ବହୁତ ମନେ ପଡେ , ବାପାଙ୍କ ହାତ ତା ମୁଣ୍ଡଉପରେ ବୁଲେଇନେଲା ପରେ ତାକୁ ସ୍ଵର୍ଗ ସୁଖ ମିଳିଯାଇଥିଲା ।ସେଦିନ ବାପା ବି ତା ସାଙ୍ଗରେ ସିନେମା ଦେଖି ବାହାରିଥିଲେ । ତା'ର ସବୁ ସାଙ୍ଗ, ତାକୁ ଆଉ ତା ବାପା ଙ୍କୁ ଏକାଠି

 Download Magazine from www.aahwaan.com

ଦେଖି ବହୁତ ଆଶ୍ଚର୍ଯ୍ୟ ହେଇଯାଇଥିଲେ ।କିନ୍ତୁ ତା ବାପା ସବୁ ଠାରୁ ଅଧିକ ସେ ଦିନ ତାକୁ ଖୁସି କରେଇଥିଲେ ।ତା ସାଙ୍ଗ ମାନଙ୍କ ପାଖରେ ତା ସମ୍ମାନ ବହୁତ ବଢେଇ ଦେଇଥିଲେ ।ସିଏ ନିଜକୁ ବହୁତ ଗର୍ବିତ ମନେକରୁଥିଲା ।ସିନେମା ଦେଖି ଫେରିବା ବାଟରେ ତା ପାଇଁ କଲମ ଟିଏ କିଣି ଦେଇଥିଲେ ।ଆଉ ତାକୁ କହିଥିଲେ ମୁଁ ଜାଣିଛି ତୋର ସ୍ମରଣ ଶକ୍ତି ବହୁତ ପ୍ରଖର ।ତୁ ଯାହା ଚାହିଁବୁ ତାହା ହାସଲ କରିପାରିବୁ , ମୁଁ ଚାହେଁ ତୁ ଗୋଟେ ଦକ୍ଷ ପ୍ରଶାସନିକ ଅଫିସର ହୋ ।ସମାଜର ମଙ୍ଗଳ କର ।ଲୋକେ ତୋ କାମକୁ ମନେ ରଖନ୍ତୁ ।ତା ପରଠାରୁ ସେ ସଂକଳ୍ପ କରିନେଇଥିଲା ବାପାଙ୍କ ସ୍ଵପ୍ନ କୁ ସାର୍ଥକ କରିବ ।ପାଠ ପଢା ରେ ସିଏ ବି ଆଗରୁ ଭଲ ଥିଲା ।କିନ୍ତୁ ନିଜ ଶ୍ରେଣୀ ରେ ୨ୟ ହେଉଥିଲା ।କେବେ ବି ୧ମ ସ୍ଥାନ ଅଧିକାର କରି ପାରିନଥିଲା । ସେ ଘଟଣ । ପରଠାରୁ ତାକୁ ନିଜ ଜୀବନ ର ଲକ୍ଷ ମିଳିଯାଇଥିଲା ।ତା ପାଇଁ ସ୍ଵପ୍ନ ଦେଖୁଥିବା ବାପା ଓ ବୋଉ ଙ୍କ ସ୍ଵପ୍ନ ରେ ସିଏ ନିଜକୁ ଆବିଷ୍କାର କରିଥିଲା ।ତାକୁ ଆଉ କେହି କେବେ ୨ୟ ହେବାର ଦେଖିନାହାନ୍ତି ।

ବାପା ବୋଉଙ୍କ କଥା ମାନି ପ୍ରଶାସନିକ ଅଫିସର ହେବାକୁ ମାନପ୍ରାଣ ଦେଇ ଲାଗିପଡିଲା ।କିନ୍ତୁ ଭଗବାନ ଙ୍କ ଖେଳ ବିଚିତ୍ର , ତା' ର ପ୍ରଶାସନିକ ଅଫିସର ହେବାର ଦିନକେଇଟା ଭିତରେ ବାପା ଓ ବୋଉ ଡକା ହକା ହେଇ ଆରପାରିକୁ ଚାଲିଗଲେ ।ନାତି ନାତୁଣୀ ର ମୁହଁ ଦେଖି ପାରିଲେ ନଥିଲେ ।ଅବଶ୍ୟ ସିପ୍ରା କୁ ବାପା ବୋଉ ହିଁ ପସନ୍ଦ କରି ଆଣି ତା ସହିତ ବିଭା ଦେଇଥିଲେ ।ସିପ୍ରା ବି ବହୁତ ମନ ଦୁଃଖ କରେ ଯେ , ନାତି ନାତୁଣୀ ଙ୍କ ସୁଖ ପାଇପାରିଲେନି ବାପା ବୋଉ ।ପ୍ରଶାନ୍ତ ଓ ସିପ୍ରା ଙ୍କର ଝିଅ ଟିଏ ।ନାଟି ତା' ର ସୀମା ।ସିଏ ବି ଛୁଆଦିନୁ ନିଜ ଜେଜେବାପା , ଜେଜେମା ଙ୍କୁ କେବଳ ଫଟ ରେ ଦେଖିଛି ।ବେଳେ ବେଳେ ସୀମା କୁ ପ୍ରଶାନ୍ତ ତା ନିଜ ଛୋଟ ବେଳ ର କଥା ସବୁ କୁହେ

Download Magazine from www.aahwaan.com

।କିନ୍ତୁ ବ୍ୟସ୍ତ ଜୀବନରେ ତା ପାଇଁ ସମୟ ଦେଇପାରେନି ।ତାକୁ କୁଆଡେ ବୁଲେଇ ନେଇ ପାରେନି ।ସେଥି ପାଇଁ ସୀମା ଆଉ ସିପ୍ରା ଦୁହେଁ ମୁହଁ ଫୁଲାଇ ବସନ୍ତି ।ସବୁବେଳେ କୁହନ୍ତି କି କଲେକ୍ଟର ହେଲ କେଜାଣି , ପରିବାର ବୋଲି କିଛି ନାହିଁ ?

ଏତିକିବେଳେ ଫୋନ ବାଜିଉଠିଲା ....... ପ୍ରଶାନ୍ତ ପ୍ରକୃତିସ୍ଥ ହେଲା । ତା ଅଜାଣତରେ ଲୁହ ଟୋପେ ଗଡିଆସିଥିଲା ତା ଗାଲ ଉପରକୁ ।ଚାରି ଆଡକୁ ଚାହିଁଲା ।ନାଁ ସିଏ ଏକୁଟିଆ ତା କେବିନ ଭିତରେ ।ଲୁହ ପୋଛିଲା ।ସିପ୍ରା ଙ୍କ ଫୋନ ଆସିଥିଲା ସେପଟ ରୁ ସିପ୍ରା କହୁଥିଲେ ....

"ଶୁଣୁଛ ! ଆମ ଝିଅ ଆଜି multiplex କୁ ସିନେମା ଦେଖିଯିବ କହୁଛି ।ତା ସାଙ୍ଗ ମାନ ଙ୍କ ସହିତ , କଣ କହୁଛ ?"

ତର ତର ହେଇ ପ୍ରଶାନ୍ତ କହିଲା ,

"ମୁଁ ବି ଜିବି ! ତୁମେ ବି ବାହାରୁନ ......ସମସ୍ତେ ଯିବା ।ତାକୁ କୁହ ନେଟ ରେ ଆମପାଇଁ ବି ଟିକେଟ ବୁକ କରିଦେଉ ।ଆଉ ତୁମ ଚାଉଳ ବସ୍ତା ମଧ୍ୟ ନେଇକି ଯିବି ... ଭୁଲିବିନି ।"

ସିପ୍ରା ହସୁଥିଲେ ....

ମୋବାଇଲ : ୭୦୦୮୬୬୭୭୮୫

www.molekhaa.wordpress.com

 Download Magazine from www.aahwaan.com

# ବାପା



ରାଧାକାନ୍ତ ଦାଶ

ହାତରେ ଗୋଟେ ଭଙ୍ଗା ଝୁଡ଼ି ଧରି ଆଗେଇ ଚାଲିଛି ମଙ୍ଗୁ । କିଛି ବାଟ ଗଲା ପରେ ଦେଖିଲା ସାହୁ ଘର କଣ ଗୋଟେ କାମ ଚାଲିଛି, କେତେ ଲୋକ ଲାଗିଛନ୍ତି । କିଛି ପାଚେରୀ ତିଆରି ଚାଲିଛି ବୋଧେ । ସେ କାଳ ବିଳମ୍ବ ନକରି ସାହୁବାବୁଙ୍କୁ ଯାଇ କହିଲା, "ବାବୁ କିଛି କାମ ଅଛି କି ? ମୁଁ କରନ୍ତି ।" ସାହୁ ବାବୁ କହିଲେ, "ନାଁ ଆଉ ଲୋକ କଣ ହେବ ପାଞ୍ଚ ଜଣ ତ ଲାଗିଛନ୍ତି ।" ମଙ୍ଗୁ କହିଲା, "ବାବୁ କେତେ ଆଡୁ ଫେରିକି ଆସିଲିଣି ଆଉ ଅପଣ ମନା କରନ୍ତୁନି । ଯାହା କହିବେ ମୁଁ କରିବି । " ସାହୁ ବାବୁ ମଙ୍ଗୁର ମୁହଁଟାକୁ ଚାହିଁଲେ । ମୁହଁରେ ଭୋକ ଓ ଅଭାବ ଅନଟନର ପ୍ରତିଛବି । କହିଲେ, " ହଉ ତୁ ସେ ଘର ପଛପଟେ ଯେଉଁ ଗଛ ଗୁଡା ଅଛି ତାକୁ ଟିକେ ବାଗେଇ ଦେ । " କହି ଘର ଭିତରକୁ ଚାଲିଗଲେ ସାହୁ ବାବୁ ।

ବାଡିପଟ ଗଛ କାମରେ ବ୍ୟସ୍ତଥାଏ ମଙ୍ଗୁ । ଗଛର ଶୁଖିଲା ଓ ଭାଙ୍ଗି ଯାଇଥିବା ଡାଳ କାଟିବା, ଗଛ ମୂଳରୁ ଘାସ ବାଛି ସଫାକରିବା ଇତ୍ୟାଦି କାମ କରୁଥାଏ ମଙ୍ଗୁ । କାମ କରିବା ସମୟରେ କିଛି ରାମାୟଣ ଗୀତ ମନେ ମନେ ବୋଲୁଥାଏ । ହଁ ବୋଲିବନି କେମିତି ଆଗକୁ ପରା ଗାଁ ରେ ରାମଲୀଳା । ପିଲାଦିନୁ ମଙ୍ଗୁ ରାମଲୀଳାରେ ଅଭିନୟ କରେ । ଛୋଟ ଥିଲା ବେଳେ ପିଲା ଲକ୍ଷ୍ମଣ ହେଉଥିଲା । ଆଉ ଏବେ ସୁଗ୍ରୀବ, ଜାମ୍ବବ ଯାହା ମିଳେ ସେ କରିନିଏ ବହୁତ ଭକ୍ତି ଓ ଶ୍ରଦ୍ଧାରେ । ବହୁତ ଆନନ୍ଦ ଦିଏ ରାମଲୀଳା । ଏଇ ରାମଲୀଳା ପାଇଁ କେତେ ରାତି ଅନିଦ୍ରା ହେଇଛି , ସେକଥା ସେ ହିଁ ଜାଣେ । ସମୟ ହେଲାଣି ଅନ୍ୟ ଲୋକ ମାନେ କାମ ବନ୍ଦ କରି ଧୁଆଧୋଇ ହେଉଥାନ୍ତି । ମଙ୍ଗୁ ବି ଉଠିଲା ଛୋଟ ଛୋଟ ଫୁଲ ଗଛରେ

Download Magazine from www.aahwaan.com

ପାଣି ଦେଇ ନିଜେ ଧୁଆଧୋଇ ହେଲା । ମଙ୍ଗୁ ଯିବାକୁ ବାହାରିଲା । ସାହୁବାବୁଙ୍କୁ ଦେଖାହୋଇ କହିଲା ," ମୁଁ ସବୁ ଗଛ ସଜାଡି ଦେଇଛି ଆଉ ଦିଇଟା ଗଛ ରହିଗଲା ପାଣି ବି ଦେଇ ଦେଇଛି । " ମଙ୍ଗୁ କଥା ଶୁଣି ସାରି ସାହୁବାବୁ କହିଲେ ," ହଉ କେତେ ଟଙ୍କା ଦେବି କହ ? " ମଙ୍ଗୁ ଧୀର ସ୍ୱରରେ କହିଲା ,"ଦେବେ ଯାହା ଦେବେ ମୁଁ ଆଉ କହିବି କଣ । " ଦୁଇଶହ ଟଙ୍କା ବଢ଼େଇ ଦେଲେ ସାହୁ ବାବୁ । ସାହୁ ବାବୁଙ୍କଠୁ ଦୁଇଶହ ଟଙ୍କା ନେଇ ଫେରିଲା ମଙ୍ଗୁ ।

ମଙ୍ଗୁର ସ୍ତ୍ରୀ ବାସନ୍ତୀ । ସବୁ ଦୁଃଖକୁ ସୁରୁଖୁରୁରେ ଚଳେଇ ନେ ସେ । ମଙ୍ଗୁ ଓ ବାସନ୍ତୀଙ୍କ ଗୋଟେ ପୁଅ ପ୍ରଶାନ୍ତ । ଗାଁ କଲେଜରେ ପଢେ । ଭଲ ପାଠ ବି ପଢେ । ତାକୁ ଭଲ ଅଫିସର କରିବା ପାଇଁ ବାପାମାଆଙ୍କ ଆଶା । ପ୍ରଶାନ୍ତ ର ସାଙ୍ଗମାନେ ସବୁ କଥା ହେଉଛନ୍ତି କି , ଅମିର ଖାନର ସିନେମା ପଡିଛି ଆମ ଗାଁ ହଲରେ ।ସବୁ ସାଙ୍ଗ ମାନେ ଏକାଠି ହୋଇ ସେ ସିନେମା ଦେଖିବାକୁ ଯିବେ । ପ୍ରଶାନ୍ତ ବୋଉକୁ କହିଛି ସିନେମା ଯିବି ଟଙ୍କା ଦେବାପାଇଁ । ବୋଉ କୋଡିଏ ଟଙ୍କା ଦେଇଛି । "ବୋଉ ମୁଁ ସିନେମା ଯିବି ପରା ? ଏତିକି ଟଙ୍କାରେ କଣ ହେବ ? " ପ୍ରଶାନ୍ତ ଅଭିଯୋଗ କରି କହିଲା । " ଟିକେଟ କେତେ ଦାମ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ ଆଉ ମୁଁ ଏତେ କମ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲ ରେ ବଡିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା , " ବୋଉ ମୋର ଟାଇମ ହେଲାଣି ଟଙ୍କା ଦେ । " ରୋଷେଇ ଘରୁ ବୋଉ କହିଲେ ," ମୋ ପାଖେ କିଛି ନାହିଁ , ତୁ ବାପାଙ୍କୁ ମାଗି ନେଇଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହୋଇ ହେଉଥିଲା ବେଳେ ଘର ଭିତରକୁ ପଶି

ଆସୁଥିବା ବାପାଙ୍କ ପ୍ରତିଧ୍ୱନି ଶୁଣି ନିରବ ହୋଇଗଲା । କିଛି ସମୟ ଚୁପ ରହିଲା ପରେ ବାପାଙ୍କୁ ଯାଇ କହିଲା, " ବାପା ମୋ ସାଙ୍ଗ ମାନେ ସିନେମା ଯାଉଛନ୍ତି । ମୁଁ ବି ଯିବି ବୋଉ କୁ ଟଙ୍କା ମାଗିଲି , ସେ ମୋତେ କୋଡିଏ ଟଙ୍କା ଦେଲା । କୋଡିଏ ଟଙ୍କାରେ କଣ ହେବ କି ......... ?" ମୋ କଥା ନସରୁଣୁ ବାପା ମୋତେ ପକେଟରୁ ଶହେ ଟଙ୍କା ବଢ଼େଇ ଦେଲେ । ଆଉ ମୋତେ କହିଲେ , " ସିନେମା କେମିତି ଲାଗିଲା ମୋତେ କହିବୁ । ଜଲଦି ଘରକୁ ଫେରିଆସିବୁ ହେଲା ଯା । " ବାପାଙ୍କଠୁ ଟଙ୍କା ପାଇଁ ମୁଁ ବହୁତ ଖୁସି ହେଲି ଓ ଚାଲିଲି । ମୋ ବାପା ହେଉଛନ୍ତି ଦୁନିଆର ସବୁଠୁ ଭଲ ବାପା କାହିଁକିନା ମୁଁ ଯେତେବେଳେ ତାଙ୍କ ମାଗେ ସେ ମୋତେ ନ ପଚାରି ଟଙ୍କା ବଢ଼େଇ ଦିଅନ୍ତି । ମୁଁ ଜଣେ ସେ କେତେ କଷ୍ଟରେ ଟଙ୍କା ରୋଜଗାର କରନ୍ତି । ଆଜି ବି ସେ ମୋତେ ନ ପଚାରି ଟଙ୍କା ବଢ଼େଇ ଦେଲେ । ସେମୋତେ ବହୁତ ଭଲ ପାଆନ୍ତି । ସେଦିନ ମୁଁ ସିନେମା ଦେଖିବା ପାଇଁ ବାହାରିଗଲି । ସିନେମା ଦେଖି ସେଦିନ ମୁଁ ଫେରିଆସିଲି ଘରକୁ । ଘରକୁ ଆସିଲା ପରେ ବୋଉ କହିଲା କି ," ସିନେମା ଦେଖା ସରିଲା ? " ମୁଁ କିଛି ନକହି ଘରକୁ ଚାଲି ଯାଇଥିଲି । ଏମିତିରେ ମୁଁ ଗାଁ କଲେଜରେ +୨ ପାସ କଲି । ଭଲ ପଢୁଥିଲି ସେଥିପାଇଁ ପାଷ୍ଟ ଡିଭିଜନ ବି ହେଲା । ମୋ ସାଙ୍ଗ ମାନେ କିଏ କଣ ପଢ଼ିବା ପାଇଁ ବାହାରକୁ ପଳେଇଗଲେ । କିନ୍ତୁ ମୁଁ ଯାଇପାରିଲି ନାହିଁ । ବାପାଙ୍କୁ କହି ଗାଁଠୁ ଟିକେ ଦୂରରେ ଥିବା କଲେଜରେ +୩ ପଢ଼ିଲି । ବହୁତ କଷ୍ଟରେ ବାପା ମୋତେ ପଢ଼ଉଥିଲେ । ମୁଁ ଯେତେବେଳେ ଯାହା ମାଗେ ସେ ମୋତେ ଦିଅନ୍ତି । ଧୀରେ ଧୀରେ ମୁଁ ଜାଣିଲି ବାପା କେମିତି ରୋଜଗାର କରନ୍ତି ଆଉ କେତେ କରନ୍ତି ସେଥିପାଇଁ ମୁଁ ମଧ୍ୟ ରୋଜଗାର ଆରମ୍ଭକଲି ଛୋଟ ଛୋଟ ଟ୍ୟୁସନ କଲି । କିଛି ଟଙ୍କା ମଧ୍ୟ ରୋଜଗାର କଲି । +୩ ସରିଲା ବେଳକୁ ମୁଁ ଗୋଟେ ଭଲ ଟ୍ୟୁସନ ମାଷ୍ଟରର ଆଖ୍ୟା

Download Magazine from www.aahwaan.com

ପାଇସାରିଥିଲି । କଣ କରିବି ଭାବିଲି । ସରକାରଙ୍କ ଚାକିରି କୁ ଆଶା କରି ବସିଲି । କିଛି ବର୍ଷ ବିତିଯାଇଥିଲେ ମଧ୍ୟ କିଛି ହେଲା ନାହିଁ । କାହିଁକିନା ଆମ ଦେଶରେ ବେକାର ଯୁବକ ଓ ଯୁବତୀଙ୍କ ସଂଖ୍ୟା ଏତେ ଯେ ଗୋଟେ ପୋଷ୍ଟ ବାହାରିଲେ କେତେ ପିଲା ଆସନ୍ତି ।

ଦିନେ ମୁଁ ଟ୍ରେନ ରେ ଭୁବନେଶ୍ୱର ଯାଉଥାଏ । ମୋ ପାଖରେ ବସିଥିବା ଜଣେ ଲୋକ (ତିରିରୁ ଚାଳିଶ ବର୍ଷ ହେବ ) ମୋତେ ପ୍ରଶ୍ନ କଲେ ," କଣ କରୁଛ ପୁଅ ? " ମୁଁ ଏ ପ୍ରଶ୍ନରେ ନିରୁତ୍ତର ହୋଇଗଲି । କହିଲି , " କିଛି ନାଇଁ , ଗାଁରେ କିଛି ପିଲାଙ୍କୁ ପଢାଏ । " ଟ୍ରେନ ସହ ତାଳ ଦେଇ ଆମ କଥା ବି ଆଗେଇ ଗଲା । ଶେଷରେ ସେ କହିଲେ , " ଭୁବନେଶ୍ୱର ରେ ମୋର ଗୋଟେ ସ୍କୁଲ ଅଛି । ତୁମେ ସେଠିକି ଆସ । " କହି ତାଙ୍କ ଭିଜିଟିଙ୍ଗ କାର୍ଡ ମୋ ହାତକୁ ବଢେଇଦେଲେ । ମୁଁ ବହୁତ ଖୁସି ହେଇଯାଇଥିଲି । କାରଣ ମୋତେ କେହିଜଣେ ବ୍ୟକ୍ତି ମୋ କଥା ଶୁଣି ତାଙ୍କ ସ୍କୁଲକୁ ଡାକିଥିଲେ । କିଛି ଦିନ ପରେ ମୁଁ ଭୁବନେଶ୍ୱର ବାହାରିଲି । ବାପା କହିଲେ , " ଦେହ ର ଯତ୍ନ ନେବୁ । ଠିକ ସମୟରେ ଖାଇବୁ । " ବାପା ମାଙ୍କୁ ପ୍ରଣାମ କରି ମୁଁ ଭୁବନେଶ୍ୱର ଆସିଲି । ସେ ସ୍କୁଲଟି ଇଂଗ୍ଲୀସ୍ ମିଡ଼ିୟମ ଥିଲା । ସେଠି ମୁଁ ପିଲାଙ୍କୁ ପଢେଇବାକୁ ଲାଗିଲି । ଯାହାକିଛି ପଇସା ମିଳେ ମୋ ଖର୍ଚ୍ଚ ରଖି ବାକି ଘରକୁ ପଠେଇ ଦିଏ । ଏହାରି ଭିତରେ କେତେ ବର୍ଷ ମଧ୍ୟ ବିତିଗଲାଣି । ଦିନେ ଅପରାହ୍ନରେ ରାୟବାବୁ ( ଟ୍ରେନରେ ଦେଖା ହୋଇଥିବା ବ୍ୟକ୍ତି ) ମୋତେ କହିଲେ , " ପ୍ରଶାନ୍ତ ଦେଖ ଆମ ସ୍କୁଲ କେତେ ବଡ ହେଲାଣି । ଆଗ ଅପେକ୍ଷା ପିଲା ମଧ୍ୟ ବଢ଼ିଛନ୍ତି । ଭଲ ସ୍କୁଲ ମାନଙ୍କ ଭିତରେ ଆମ ସ୍କୁଲ ମଧ୍ୟ ସାମିଲ । ମୁଁ ଭାବିଛି ଆମେ ରାଉରକେଲା ରେ ମଧ୍ୟ ଆଉ ଗୋଟେ ସ୍କୁଲ ଖୋଲିବା । ଆଉ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ତୁମର । କଣ କହୁଛ ? " ମୁଁ କଣ କହିବି ଭାବିପାରୁ ନଥାଏ । ସେ ମୋ ଆଗରୁ ଚାଲିଯାଇଥିଲେ । ମୁଁ ମନେ ମନେ ଭାବୁଥିଲି

 Download Magazine from www.aahwaan.com

ସେ କାହିଁକି ଏତେ ବଡ଼ ପଦବୀ ମୋତେ ଦେବାକୁ ଭାବିଲେ । ତାଙ୍କ ସ୍କୁଲ ରେ ଆହୁରି କେତେ ଲୋକ ଅଛନ୍ତି ହେଲେ ସେ ମୋତେ ..... ? ଏ ପ୍ରଶ୍ନ କୁ ମୁଁ ଦିନେ ରାୟବାବୁଙ୍କ ଆଗରେ ରଖିଲିବ । ରାୟସାର ମୋତେ କହିଲେ ," ଦେଖ ତୁମେ ମୋର ସାନ ଭାଇ ଭଳିଆ ହେବ । ମୁଁ ତମକୁ ବହୁତ ଭଲରେ ଚିହ୍ନେ ।ତମ ଉପରେ ମୋର ପୁରା ବିଶ୍ଵାସ ଅଛି । ତୁମେ ହିଁ ଏ ଦାୟିତ୍ଵ କୁ ଠିକରେ ତୁଲେଇ ପାରିବ । " ମୁଁ ନିଜର ପ୍ରଶଂସା ଶୁଣି ମନେ ମନେ ଗର୍ବ ଅନୁଭବ କରୁଥିଲି ।

କିଛି ଦିନ ପରେ ଛୁଟି ନେଇ ଗାଁକୁ ଆସିଲି । ଗାଁ ମଧ୍ୟ ଆଗ ଅପେକ୍ଷା ବଦଳି ଗଲାଣି । ଗାଁ ଏବେ ଏଲିଡ଼ି ଲାଇଟ ରେ ସଜିତ । ମୋଦିଙ୍କ ସ୍ଵଚ୍ଛ ଭାରତ ଅଭିଯାନ ପରେ ଆମ ଗାଁ ଆଗ ଅପେକ୍ଷା ସ୍ଵଚ୍ଛ । ରାଉରକେଲା ଯିବା କଥା ଶୁଣି ବାପା କହିଲେ , " ତୁ ତ ଭୁବନେଶ୍ଵର ରେ ଥିଲୁ ଭଲ ରେ ଥିଲୁ । ଯାହା ଟଙ୍କା ଆସୁଥିଲା ଆମେ ଭଲରେ ଚଳିଯାଉଥିଲେ । ଭୁବନେଶ୍ଵର ରହିଲୁ ଯେ ଘରକୁ ଆସୁନଥିଲୁ । ଆଉ ରାଉରକେଲା ଯିବୁ ଯେ ତୁ ତ ଆଉ ଆସିବୁନି ? " ମୁଁ କହିଲି ," ନାଇଁ ବାପା ମୁଁ ଆସିବି । " ଭୁବନେଶ୍ଵର ରେ ମିଳୁନଥିବା ଶୁଖୁଆ ଭଜା ଓ ବାସି ପଖାଳ ବୋଉ ବାଢ଼ି ଥୋଇ ଦେଇଥିଲା । ମୁଁ ତାକୁ ବହୁତ ଖୁସିରେ ଖାଇଥିଲି । କାରଣ ସେ ଥିଲା ମୋର ପ୍ରିୟ ଖାଦ୍ୟ । ଦୁଇଦିନ ରହି ଫେରିଲି ଭୁବନେଶ୍ଵର । ଏଥର ହୋଲିରେ ରାଉରକେଲା ରେ ଉଦଘାଟନ ହେବ ସ୍କୁଲ । ରାୟ ବାବୁ ମୁଁ ସମସ୍ତେ ରାଉରକେଲା ଗଲୁ । କିଛି ମାନ୍ୟ ଗଣ୍ୟ ଲୋକଙ୍କ ହାତରେ ଉଦଘାଟିତ ହେଲା ସ୍କୁଲ । ରାୟ ବାବୁ ମୋତେ ସେ ସ୍କୁଲ୍ ରେ ପ୍ରିନିସିପାଲ ଦାୟିତ୍ଵ । କେତେ ଟେନସନ ନେବାକୁ ପଡୁଥିଲା । ଧୀରେ ଧୀରେ ଗାଁରେ ଥିବା ଚାଳ ଘର ଛାତ ହେଲା । ବହୁତ ଦାୟିତ୍ଵ ଥିବା ହେତୁ ମୁଁ ଆଉ ଘରକୁ ଯାଇପାରୁନଥିଲି । ଏ ଭିତରେ ଦୁଇ ତିନିବର୍ଷ ହେଇଗଲାଣି । ଆଜି ବାପା ଆସୁଛନ୍ତି ବୋଲି ବୋଉ କହିଲା । ମୁଁ ବହୁତ ଖୁସି ହୋଇଯାଇଥିଲି । ମୁଁ ମୋର

 Download Magazine from www.aahwaan.com

ଚ୍ୟମ୍ବର ରେ ଥାଏ । ବାପା ଆସିଥିଲେ । ବାପାଙ୍କୁ ପ୍ରଣାମ କରି ବହୁତ କଥା ହେଲି । ବୋଉ କେମିତି ଅଛି , ଗାଁ ରେ ସମସ୍ତେ କେମିତି ଅଛନ୍ତି ଏମିତି ବହୁତ କଥା । ଶେଷରେ ବାପା ମୋ ପାଖକୁ ଆସି ମୋ ମୁଣ୍ଡରେ ହାତ ରଖି କହିଲେ , " ବାପାରେ ମୁଁ ଏତେ ପାଠ ପଢି ନଥିଲି । ଯାହା ହେଉ ତୁ ଏତେ ବଡ଼ ଆସନରେ ବସିଲୁ ସେଥିପାଇଁ ମୁଁ ବହୁତ ଖୁସି । ଦୁନିଆରେ କେବେହେଲେ କାହାକୁ ଅପମାନ ଆଉ କଷ୍ଟ ଦେବୁନି । କାହାରି ସହିତ ଝଗଡା ବି କରିବୁନି । ଆଉ ................" ବାପାଙ୍କ କଥା ନସରୁଣୁ ମୁଁ କହିଲି ," ବାପା ମୁଁ ବଡ ହେଇଗଲିଣି । " ଏଇ ପଦ କଥା ଯେମିତି ବାପାଙ୍କୁ ଆଘାତ ଦେଇଥିଲା । ସେ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ । ସାଙ୍ଗରେ ଆଣିଥିବା ଚୁଡା ଭଜା ମୋତେ ଦେଇ ବାହାରି ଗଲେ । ବାହାରୁ ବାହାରୁ କବାଟ ପାଖେ ଠିଆ ହୋଇ ମୋତେ ପୁଣି ପ୍ରଶ୍ନ କଲେ ," ପ୍ରଶାନ୍ତ ତୁ କଣ ସତରେ ବଡ଼ ହୋଇ ଗଲୁଣି ?" ମୁଁ ସଂଗେ ସଂଗେ କହିଥିଲି ,"ନା ।" କାହିଁକି କେଜାଣି ବାପାଙ୍କ ଆଗଉ ଥିବା ପାଦ ରହିଯାଥିଲା । ଆଉ ସେ ପୁଣି କହିଲେ ," ତୁ ତ ଏବେ କହିଲୁ ତୁ ବଡ଼ ହେଇଗଲୁଣି । ଏତେ ବଡ଼ ଚାକିରୀ କରିଛୁ । ହେଲେ ...................... □ " ମୁଁ ଚେୟାର ରୁ ଉଠିଯାଇ ବାପାଙ୍କ ଆଡ଼େ ଯାଇ କହିଥିଲି ," ବାପା ମୁଁ ସେତେବେଳେ ବଡ ଥିଲି , ଯେତେବେଳେ ତୁମ ହାତ ମୋ ମୁଣ୍ଡରେ ଥିଲା । ଆଉ ଯେ ପର୍ଯ୍ୟନ୍ତ ଗୋଟେ ବାପାଙ୍କର ହାତ ତା ସନ୍ତାନ ମୁଣ୍ଡରେ ଥାଏ , ସେ ପୁଅ ଏଠି କାହିଁକି ସାରା ଦୁନିଆ ରେ ବଡ଼ ।" ବାପାଙ୍କ ଆଖି ଛଳଛଳ ହେଇଯାଇଥିଲା । ବାପା ଯାଉ ଯାଉ କହିଲେ , " ଦେହର ଯତ୍ନ ନେବୁ ଆଉ ଠିକ ଟାଇମ ରେ ଖାଇବୁ । ଏ ଦଶହରା ଛୁଟିରେ ଘରକୁ ଆସିବୁ ।" ବାପାଙ୍କ ଆଖିକୁ ଦେଖି ମୋ ଆଖି ମଧ୍ୟ ଛଳଛଳ ହେଇଯାଇଥିଲା ।

ରତନପୁର ଶାସନ , କୁହୁଡ଼ି , ଖୋର୍ଦ୍ଧା , ଓଡିଶା (୭୫୨୦୨୭)

ଇମେଲ - rkdash1996@gmail. Com , ମୋ - ୮୯୦୮୮୫୯୭୯୭

Download Magazine from www.aahwaan.com

# କୌତୁହଳ



ଶୁଭକାନ୍ତ ସାହୁ

ଶିକ୍ଷକ - ବାପାଙ୍କ କଡ଼ା ନିର୍ଦ୍ଦେଶ ପଦ୍ମାବତ୍ ପରି ଇତିହାସ-ବିକୃତ ଚଳଚ୍ଚିତ୍ର ଦେଖିବାର କୌଣସି ଆବଶ୍ୟକତା ନାହିଁ । ଯେଉଁ ନାରୀ ସମଗ୍ର ହିନ୍ଦୁସ୍ଥାନର ଆତ୍ମସମ୍ମାନର ପ୍ରତୀକ, ଯାହାର ଚରିତ୍ରକୁ ନେଇ ଏବେବି ଭାରତୀୟ ନାରୀ ଗର୍ବିତ, ତାର କଳଙ୍କିନି ଚିତ୍ରଣକୁ ଦେଖି ଆମେ ଶିଖିବା କ'ଣ ? ସେ ଶିକ୍ଷକତାରେ ପ୍ରବେଶ କରିବା ଦିନଠୁଁ ପିଲାଙ୍କୁ ପଢ଼ାଇ ଆସୁଛନ୍ତି ଭାରତୀୟ ବୀରା ରମଣୀ ପଦ୍ମାବତୀଙ୍କ ବିଷୟରେ । ଆକ୍ରମଣକାରୀ, କ୍ରୁର ଆଲ୍ଲାଉଦ୍ଦିନ୍ ଙ୍କ ଲୋଲୁପ ଦୃଷ୍ଟିରୁ ନିଜକୁ ରକ୍ଷା କରିବା ପାଇଁ ପଦ୍ମାବତୀ ଆପ୍ରାଣ ଉଦ୍ୟମ କରିଥିଲେ । କଳଙ୍କିନୀର ଶରବ୍ୟ ଶୁଣିବା ପୂର୍ବରୁ ପତିବ୍ରତା ସତୀ ପଦ୍ମାବତୀ ନିଜ ସତୀତ୍ୱ ରକ୍ଷା ପାଇଁ ଜୋହର୍ ବ୍ରତ ପାଳନ ପୂର୍ବକ ଜୀଇଁ ଥାଉ ଥାଉ ଅଗ୍ନିରେ ଝାସ ଦେଇ ଆତ୍ମ ବିସର୍ଜନ କରିଥିଲେ । ଆଜି ସେଇ ମାଟିର ଦାୟାଦ ସେଇ ପୂଣ୍ୟାତ୍ମାର ଚରିତ୍ର କିପରି ସଉଦା କରିବାକୁ ବସିଛି ! ରାଣୀ ପଦ୍ମାବତୀଙ୍କୁ ଆଲ୍ଲାଉଦ୍ଦିନଙ୍କ ପ୍ରେମିକା ସଜାଇ ଅର୍ଥ ଉପାର୍ଜନ କରିବାକୁ କାହାଣୀକାରଙ୍କୁ ଅନ୍ତତଃ ଜଣେ ଭାରତୀୟ ଭାବରେ ଲଜ୍ଜାବୋଧ ହେଲାନି କିପରି ? ଆଜି ଚଳଚ୍ଚିତ୍ରର ନାମ ପଦ୍ମାବତୀରୁ ପଦ୍ମାବତ୍ ହୋଇଗଲେ କଣ କାହାଣୀ ବଦଳିଯିବ !

ପ୍ରଶାନ୍ତ କିନ୍ତୁ ଆଧୁନିକ ପିଲା । ସବୁ କଥାକୁ ସେ ଏକ୍ସପେରିମେଣ୍ଟ ଭାବେ ନିଏ । ଯେଉଁ ସିନେମା ପାଇଁ ସାରା ଦେଶରେ ତୁମ୍ବି ତୋଫାନ, ସେଥିରେ ଏମିତି କେଉଁ ବିଷୟ ଅଛି, ଥରେ ଦେଖିଲେ ଅସୁବିଧା କଣ ? ସିନେମାଟି ଦେଖିବା ପାଇଁ ମନର କୌତୁହଳକୁ ସେ ଚାପି

 Download Magazine from www.aahwaan.com

ପାରୁନଥାଏ ହେଲେ ଖାଲି ୟାଙ୍କର କାହିଁକି, ସବୁ ପରିବାରରେ ଏବେ ସମଦଶା । ତେଣୁ ତ ସାଙ୍ଗମାନେ ସିନେମା ଦେଖିବାକୁ ଭରସା କରିଛନ୍ତି ପ୍ରଶାନ୍ତ ଉପରେ । ଏ ବାହାପିଆ ବି କଥା ଦେଇ ସାରିଛି । ହେଲେ ବାପାଙ୍କ ମିଜାଜ୍ ଦେଖି ଟଙ୍କା ମାଗିବାକୁ ସାହସ ହେଉନି । ଆଜି ରବିବାର । ତେଣେ ସାଙ୍ଗମାନେ ଅପେକ୍ଷାରେ ଥିବେ । ବାପା ଘରେ ନାହାନ୍ତି । ବୋଉଠୁ ଟଙ୍କା ଝଡାଇବାର ଏଇଟା ହିଁ ହେଉଛି ସୁବର୍ଣ୍ଣ ସୁଯୋଗ ।

"ବୋଉ, ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ୍ କେତେ ଦାମ୍ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ ମୁଁ ଏତେ କମ୍ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତିକ ନେଇ ନୀରବ ହୋଇଗଲା ପରେ ପୁଣି କହିଲା, "ମୋର ଟାଇମ୍ ହେଲାଣି, ଟଙ୍କା ଦେ ।" ରୋଷେଇ ଘରୁ ବୋଉ କହିଲେ, "ମୋ ପାଖରେ କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହେଉଥିବା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦଧ୍ୱନୀ ଶୁଣି ନୀରବ ହୋଇଗଲା । ସେ ଧୀରେଧୀରେ ଛାତ ଉପରକୁ ଯାଇ ସାଙ୍ଗ ମାନଙ୍କୁ ଫୋନରେ ବକିଲା, "ଶଳେ, ମୁଁ ମୋ ମାଆଙ୍କୁ ପଟେଇ ମୋ ପାଇଁ ସିନା ଟଙ୍କା ଯୋଗାଡ଼ କରିଦେଲି ହେଲେ ତମ ମାନଙ୍କ ପାଇଁ ହେଇପାରିଲା ନାହିଁ । ତୁମେମାନେ ବି ତୁମ ମାଆଙ୍କୁ ମାଗି ଆଣି ପାରିଲନି ? ତୁମ ମାନଙ୍କ ପାଇଁ ଆଜି ପ୍ଲାନଟା ବେକାର । ହଉ ଏବେ ସମସ୍ତେ ନିଜ ମନର କୌତୁହଳକୁ ଆର ରବିବାର ଯାଏଁ ନିଜ ମନ ଭିତରେ ଚାପି ହଲ୍ ପାଖରୁ ଚାଲି ଆସ ।"

ଶୁଭକାନ୍ତ ସାହୁ, ଗୋପବନ୍ଧୁ ହାଇସ୍କୁଲ, ପୋଲସରା, ଗଂଜାମ । ମୋ:୯୦୪୦୩୨୦୧୮୬

Download Magazine from www.aahwaan.com

# ଅଭିଳାଷର ଅନ୍ତରାଳେ



ବିଜୟିନୀ ପଣ୍ଡା

ସମୟ ରାତି ୮ ଟା । ଟେଲିଭିଜନରେ ନିଉଜ ଚେନାଲରୁ ଭାସି ଆସୁଛି ମୁଖ୍ୟ ସମ୍ବାଦ । ଶ୍ରୀମାନ ଦୀନବନ୍ଧୁ ମିଶ୍ର ଶ୍ରେଷ୍ଠ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆରାମ ଚେଆରରେ ବସିଥିବା ଦୀନବନ୍ଧୁ ବାବୁ କିନ୍ତୁ ନିଶ୍ଚଳ । ଆଖି ଲୁହରେ କୋହଲା ପଡିଯାଇଛି ମୋଟା ଫ୍ରେମ ଚଷମାର କାଚ ଦୁଇଟି । କାନ୍ଧରେ ପଡିଥିବା ଦେଉଳି ଗାମୁଛାର ଗୋଟିଏ କୋଣରେ କାଚ ଦୁଇଟାକୁ ପୋଛୁଥିବା ସମୟରେ ପ୍ରବେଶ କଲେ ଅନୁପମା । ବିସ୍ମିତ ହୋଇ ପଚାରିଲେ "କଣ ହେଲା, ଆଖି ଦୁଇଟା ଓଦାଳିଆ କାହିଁକି ?" "କିଛି ନାଇଁ ତ, ଏଇ ଆଖିରେ କଣ ଗୋଟେ ପଡିଗଲା । ଟେଲିଭିଜନକୁ ନିରେଖି ଚାହିଁଲେ ଅନୁପମା୍ । ହେଡଲାଇନ ଦେଖି ଚକିତ ହୋଇପଡିଲ । ଭିନ୍ନ ପରିସ୍ଥିତିରେ ସେ ହୁଏତ ଖୁସିରେ ଆତ୍ମହରା ହୋଇଯାଇଥାନ୍ତେ, ତେବେ ସେ ଦୀନବନ୍ଧୁ ବାବୁଙ୍କ ଗମ୍ଭୀର ଚେହେରା କୁ ଦେଖି ନିରବରେ ଚାଲିଗଲେ । ସବୁ ବୁଝିଲେ ବି କିଛି ନ ବୁଝିବାର ଅଭିନୟ କରି ।

ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା ଦୀନବନ୍ଧୁ ବାବୁଙ୍କ ହୃଦୟ ଭିତରେ । ହଜାରେ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ, ସେ ନିଜେ ଏକ ପ୍ରଶ୍ନବାଚୀ ପାଲଟି ଯାଇଥିଲେ ।

ଯେଉଁ କର୍ତବ୍ୟନିଷ୍ଠା, ସମାୟାନୁବର୍ତିତା, ଆଦର୍ଶବାଦ ପାଇଁ ଆଜି ସେ ସରକାରଙ୍କ ପାଖରେ ଶ୍ରେଷ୍ଠ ବିବେଚିତ ହୋଇପାରିଛନ୍ତି, ସେ ଆଦର୍ଶରୁ କାଣିଚାଏ ସୁଦ୍ଧା ପୁଅକୁ ଦେଇପାରି ନାହାନ୍ତି । ଆତ୍ମଗ୍ଲାନିରେ ବିଦାରି ହେଉଥାଏ ତାଙ୍କ ହୃଦୟଟା । ଭାବି ଚାଲିଥିଲେ

 Download Magazine from www.aahwaan.com

ସେ ଅତୀତ କୁ .............

ବାହାଘରର ଦୀର୍ଘ ବାରବର୍ଷ ପର୍ଯ୍ୟନ୍ତ ପିତୃତ୍ୱ ଲାଭ କରି ପାରି ନ ଥିଲେ ଦୀନବନ୍ଧୁ । "ମାତୃତ୍ୱ ର ଆକାଂକ୍ଷା ଯେ ନାରୀ ମନର ମୌଳିକ ଅଭିଳାଷ ।" ହେଲେ ଅନୁପମାଙ୍କ କୋଳ ଶୁନ୍ୟ । କେତେ ବ୍ରତ ଉପବାସ, ଓଷାବଳା କରି ମହାଦେବ ମନ୍ଦିରରେ ଅଖିଆ ଅପିଆ ଦୁଇଦିନ ଧରି ଅଧିଆ ପଡି ଥିଲେ ଅନୁପମା, ଶେଷରେ ଭଗବାନଙ୍କ ପ୍ରସାଦ ସ୍ୱରୂପ ବାରବର୍ଷ ପରେ ଗର୍ଭବତୀ ହେଲେ ସେ ।

ସବୁ ପ୍ରତିକ୍ଷା ର ଅନ୍ତପରେ ହେଲେ ପୁତ୍ର ସନ୍ତାନ ର ଜନନୀ । ଅତ୍ୟଧିକ ଗେଲବସର ରେ ଚନ୍ଦ୍ରକଳା ପରି ବଢିଉଠିଲା ପିଲାଟି । ଯେତେବେଳେ ଯାହା କହିଲେ ହୁକୁମ କୁ ହାଜ଼ର । ଆଜି ଖେଳଣା ପାଇଁ ଅଝଟ ତ କାଲି ଜୋତା ପାଇଁ, ପୁଣି କେତେବେଳେ ସ୍କୁଲ ବ୍ୟାଗ, ଜାମାପଟା ଇତ୍ୟାଦି । ସବୁଥିରେ ଅଝଟ । ପାଖ ପଡୋଶୀ, ସମ୍ପର୍କୀୟ ସମସ୍ତେ ଭୀତତ୍ରସ୍ତ ପିଲାଟି ପାଇଁ । ଅଭିଯୋଗ ଶୁଣି ଶୁଣି ଦିନବନ୍ଧୁଙ୍କ ଦେହସୁହା ହେଇଗଲାଣି । ସେ ଜାଣୁଥିଲେ ଯେ ପ୍ରତକ୍ଷ ରେ ନ ହେଲେ ବି ପିଲାଟି ବିଗିଡିବାର ପଛରେ ଅନୁପମା ହିଁ ଦାୟୀ । ତଥାପି ଅନୁପମା ଙ୍କୁ ସେ କେବେହେଲେ କିଛି କହି ନ ଥିଲେ, କାରଣ ବୟସର ଛାଇ ଲେଉଟାଣି ବେଳରେ "ପ୍ରଶାନ୍ତ" ଥିଲା ଏକୋଇ ର ବଳା ବିଶିକେଶନ । ହେଲେ ଆଜି ସବୁକିଛି ଥାଇ ବି ଦୀନବନ୍ଧୁ ସମ୍ପୂର୍ଣ ନିଃସ୍ୱ । ସାଗର ର ମଧ୍ୟ ଗର୍ଭରେ ରହି ମଧ୍ୟ ସେ ତୃଷାର୍ତ୍ତ । ଅନୁପମାଙ୍କ ଡାକରେ ପ୍ରକୃତିସ୍ଥ ହେଲେ ଦୀନବନ୍ଧୁ । ତାଙ୍କ ବିଶାଦଗ୍ରସ୍ଥ ଚେହେରା ଦେଖି ଅନୁପମା ବି ଆଖି କୋଣରେ ଲହଡା ଭାଙ୍ଗୁଥିବା ବନ୍ୟା କୁ ପାରୁ ପର୍ଯ୍ୟନ୍ତେ ଅବରୋଧ କରିବାର ଚେଷ୍ଟା କରୁଥିଲେ ।

ଦୀନବନ୍ଧୁ ଶେଯ କୁ ଗଲା ପରେ ଅନୁପମା ତାଙ୍କରି ବଳକା କାମକୁ ସାରିଦେଇ ଗଲେ

Download Magazine from www.aahwaan.com

ଶୋଇବା ପାଇଁ । ତାଙ୍କୁ ଡିଷ୍ଟର୍ବ ନ କରି ଧୀରେ ଧୀରେ ପାଖରେ ଶୋଇଗଲେ । ଅଳ୍ପ ଅଳ୍ପ ଶୀତ ମିଶା ରାତିରେ ବି ତାଙ୍କୁ ପ୍ରବଳ ଗରମ ଲାଗୁଥିଲା । ଦେହଟା ଝାଳରେ ଭିଜି ଯାଉଥିଲା । ବିଛଣାରେ ପଡି ଘଡ଼ଘଡ ଆବାଜ୍ ଦେଉଥିବା ସିଲିଂ ଫେନ କୁ ଚାହିଁରହିଥିଲେ । ବାରମ୍ବାର କଡ଼ ଲେଉଟିଲେ ବି ନିଦ ଆସିବାର ନାଁ ଧରୁ ନ ଥିଲା । ଆଜି କାହିଁକି କେଜାଣି ପ୍ରଶାନ୍ତ ଟା ଖୁବ ମନେ ପଡୁଛି । ତାର ସେହି ସରୁଧାର ଚେହେରା, ପ୍ରତ୍ୟେକ ଜିଦ, ସମସ୍ତ କାର୍ଯ୍ୟକଳାପ ଅନୁପମାଙ୍କ ଦେହର ପ୍ରତ୍ୟେକ ଶିରା ପ୍ରଶିରା କୁ ଛୁଞ୍ଚି ଫୋଡିଲା ପରି ଆଘାତ ଦେଉଥିଲା । ପ୍ରଶାନ୍ତ ର ପିଲାବେଳର ସବୁ ଦୁଷ୍ଟାମୀ କୁ ଗୋଟି ଗୋଟି କରି ସ୍ମୃତିପଟ କୁ ଓଟାରି ଆଣୁଥିଲେ ସେ ।

ପ୍ରତ୍ୟେକ ବାପା ବୋଉ ନିଜ ପିଲାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସ୍ୱପ୍ନ ଦେଖିଥାଆନ୍ତି । ଦୀନବନ୍ଧୁ ମଧ୍ୟ ଅଳ୍ପ ଦରମା ଯୋଗୁଁ ଗାଁରେ ଭାଗ ପାଇଥିବା ଚାଷ ଜମିକୁ ବିକ୍ରି କରି ପ୍ରଶାନ୍ତ ପାଠପଢ଼ାରେ ଅର୍ଥ ବାଧକ ନ ସାଜିବ ସେ ପ୍ରତି ସଚେତନ ହୋଇଥିଲେ । କେବେ ନିଜ ପାଇଁ ଭଲ ପୋଷାକ ଖଣ୍ଡିଏ କରି ନାହାନ୍ତି । ଆଜି ବି ସେ ଭଙ୍ଗା ସାଇକିଲରେ ପାଡାଲ ମାଡି ସ୍କୁଲ ଯାଉଛନ୍ତି, ବାରମ୍ବାର ପୁରୁଣା ଟିଭି କୁ ସଜାଡି ଦେଖୁଛନ୍ତି ପଛେ ପ୍ରଶାନ୍ତ ର କୌଣସି ଅଭାବ କରି ନାହାନ୍ତି । ତାଙ୍କର ଗୋଟିଏ ଅଭିଳାଷ, ପୁଅ IAS କି OAS ଟିଏ ନିଶ୍ଚୟ ହେବ । ଆଉ ସେ ସ୍ୱପ୍ନକୁ ଭାଙ୍ଗି ଚୁରମାର କରିଦେଇଛି ପ୍ରଶାନ୍ତ । ନିଜ ଜୀବନର ନିଷ୍ପତ୍ତି ନିଜେ ନେଇ ଦୀନବନ୍ଧୁ ବାବୁଙ୍କ ମୁଣ୍ଡ ତଳକୁ କରିଦେଇଛି । ଆଦର୍ଶବାଦ ର କଥା କହି ଅନେକ ପିଲାର ଭବିଷ୍ୟତ ସଜାଡୁ ଥିବା ଦୀନବନ୍ଧୁ ନିଜ ପିଲାର ଭବିଷ୍ୟତ ଗଢିପାରି ନାହାନ୍ତି ।

ଏମିତି ଦିନେ ସହର ରେ ନୁଆଁ ମଲ୍ଟିପ୍ଲେକ୍ସ ସିନେମା ହଲ ଟେ ଖୋଲିଲା । ପ୍ରଶାନ୍ତ ର

Download Magazine from www.aahwaan.com

ସାଙ୍ଗମାନେ ଯୋଜନା କରିଥିଲେ, ସେମାନେ ସିନେମା ଦେଖିବାକୁ ଯିବେ । ପ୍ରଶାନ୍ତ ଖାଇବା ବେଳେ ଜିଦ କରି ପଇସା ମାଗିଲା । ଅନୁପମା ରୋଷେଇ ଘରେ ରଖିଥିବା ଶହେ ଟଙ୍କିଆ ନୋଟ ତା ହାତରେ ଦେଇ ରୋଷେଇ ଘର କୁ ଚାଲିଗଲେ ।

"ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ କେତେ ଦାମ ଜାଣିଛୁ ନା ? ଆଉ ସାଙ୍ଗ ମାନେ ଥିବେ ମୁଁ ଏତେ କମ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲ ରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା "ବୋଉ ମୋର ଟାଇମ ହେଲାଣି, ଟଙ୍କା ଦେ ।" ରୋଷେଇ ଘରୁ ବୋଉ କହିଲେ "ମୋ ପାଖରେ କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇ ଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗରଗର ହେଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦଧ୍ୱନି ଶୁଣି ନିରବ ହୋଇଗଲା । ଦୀନବନ୍ଧୁ ବାବୁ ପଶି ଆସୁ ଆସୁ ପ୍ରଶାନ୍ତର କଥା କିଛି ଶୁଣି ଘଟଣା ଟି ବୁଝିଗଲେ ଓ ତାପରେ ବାପ ପୁଅ ଙ୍କ ମଧ୍ୟରେ ବେଶ କିଛି କଥା କଟାକଟି ହେଇଗଲା । ତାପରେ ପ୍ରଶାନ୍ତ ଆଉ ଘରେ ନ ରହି ସହରରେ ପଢିବ ବୋଲି ଜିଦ ଧରି ପଳେଇଲା ଓ ହଷ୍ଟେଲ ରହି ପଢିଲା । ଘର କୁ ଆଉ ନ ଆସିଲେ ମଧ୍ୟ ଦୀନବନ୍ଧୁ ବାବୁ ରୀତିମତ ତା ବ୍ୟାଙ୍କ ଖାତାରେ ପଇସା ଜମା କରିବାରେ ଲାଗିଲେ ପ୍ରତିମାସରେ ।

କଲେଜ ରେ ପ୍ରଶାନ୍ତର ଦେଖା ହୁଏ "ଜିତା" ସାଥିରେ । ମିସ ଅପରାଜିତା ମହାନ୍ତି । ସେ ବି ପ୍ରଶାନ୍ତ ର ଡିପାର୍ଟମେଂଟ ରେ ଏଡ଼ମିଶନ ନେଇଛି । ଦେଖିବାକୁ ଭାରି ସୁନ୍ଦରୀ । ଗୋରା ତକ ତକ ଦେହ ସାଙ୍ଗକୁ ଷ୍ଟେପ କଟ ଚୁଟି ତାକୁ ବେଶ ମାନେ । ଅତ୍ୟାଧୁନିକ ପୋଷାକ, ଜିନ୍ସ, ଟପ, ବ୍ୟାଗ, ସ୍ୟାଣ୍ଡଲ, ଦାମୀ ହାତ ଘଂଟା, ଗଗଲସ ର ପ୍ରାଚୁର୍ଯ୍ୟ ରେ

 Download Magazine from www.aahwaan.com

ଭରପୁର । କଲେଜ ଯାକ ପୁଅ ପିଲାଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ମିସ ଜିତା ମହାନ୍ତି । ମାତ୍ର ଜିତା ର ଆକର୍ଷଣ ର କେନ୍ଦ୍ର ଯେ ପ୍ରଶାନ୍ତ । ସେଦିନ କଲେଜ ଫଙ୍କସନ ରେ ହଷ୍ଟେଲ ସାଙ୍ଗମାନଙ୍କ ର ବାଧ୍ୟବାଧକତାରେ ପ୍ରଶାନ୍ତ ଷ୍ଟେଜ ରେ ଲଭ ସଙ୍ଗ ଗୋଟିଏ ଶୁଣାଇଥିଲା । ତାପରେ କେତେ ଝିଅଙ୍କର ଲାଇନ ପ୍ରଶାନ୍ତ ର ପଛପଟେ, ସେ ନିଜେ ସୁଦ୍ଧା ଜାଣି ପାରୁ ନ ଥିଲା । ହେଲେ ଜିତା ପ୍ରତି କେମିତି ଏକ ଆକର୍ଷଣ ର ବଳୟ ଭିତରେ ଛନ୍ଦି ହେଇଯାଉଥିଲା ପ୍ରଶାନ୍ତ । ତାପରେ ବହିପତ୍ର, ନୋଟ୍ସ ର ଆଦାନ ପ୍ରଦାନ, ଜିତା ର ଆସିବା ବାଟକୁ ପ୍ରଶାନ୍ତ ଚାତକ ପରି ଚାହିଁ ରହିଥିବା ଇତ୍ୟାଦି ଇତ୍ୟାଦି । ଜିତା ବି ଯତ୍ନବାନ ରହେ ପ୍ରଶାନ୍ତ ର ସବୁ ଇଛା ଓ ଅନିଛା କୁ । ସେଦିନ କଲେଜ ଫଙ୍କସନ ରେ ଜିତା କଳାରଙ୍ଗ ର ଏକ ସମ୍ବଲପୁରୀ ଶାଢ଼ୀ ପିନ୍ଧିଥିଲା । ସମ୍ବଲପୁରୀ ଶାଢୀ ସହିତ ଦୁଇ ଭୃଲତା ର ମଧ୍ୟ ଭାଗରେ ଲାଗିଥିବା ଛୋଟ ବିନ୍ଦୀ ଟି ବେଶ ଆକର୍ଷଣ କରିଥିଲା ପ୍ରଶାନ୍ତ କୁ ।

ଏମିତି ଦେଖୁ ଦେଖୁ କଲେଜ ରେ ଦୁଇ ବର୍ଷ କଟି ଯାଇଛି । ଏଇ ଦୁଇ ବର୍ଷ ଭିତରେ କେତେ ସ୍ମୃତି, କେତେ ଅନୁଭୂତି, ସ୍ନେହ ପ୍ରେମ, ରାଗରୁଷା, ଅଭିମାନ କୁ ସାଉଁଟି ଆଣିଛି ପ୍ରଶାନ୍ତ । ଫାଇନାଲ ଇଅର ର ଶେଷ ସେମିଷ୍ଟାର ବେଳକୁ ତାଙ୍କ ଡ଼ିପାର୍ଟମେଂଟ ର ଷ୍ଟଡ଼ି ଟୁର ପଡିଲା କୋରାପୁଟ ର ଏକ ଘଞ୍ଚ ଅରଣ୍ୟ ଘେରା ପ୍ରକୃତି କୋଳକୁ । ଜିତା ଆଉ ପ୍ରଶାନ୍ତ ଙ୍କ ପ୍ରସ୍ତୁତି ପର୍ବ ସରିଛି । ଫିକ୍ସ ହୋଇଥିବା ତାରିଖ ଅନୁସାରେ ଗାଡି ଗଡି ଚାଲିଲା କୋରାପୁଟ ଅଭିମୁଖେ ।

ଏମିତି ଏକ ପରିବେଶ ହୁଏତ ପ୍ରଶାନ୍ତ ଆଉ ଜିତା କୁ ଆହୁରି ନିବିଡ଼ତର କରୁଥିଲା । ଦିନ ସାରା ଫିଲଡ଼ କାମ ସରିବା ପରେ ରାତିର ଚନ୍ଦ୍ରଲୋକରେ କେମ୍ପ ଫାୟାର । ଶୀତ ରାତିରେ ନାଚ, ଗୀତର ଆସର ବେଶ ମତୁଆଲା କରୁଥିଲା ଦୁଇ ଜଣଙ୍କୁ । ଶୀତ ରାତିର

Download Magazine from www.aahwaan.com

ସେ ଦଲକାଏ ପବନରେ ଜିତା ର ହୃଦୟ ଯେମିତି ଖୋଜୁଥିଲା ପ୍ରଶାନ୍ତର ସାନିଧ୍ୟ । ଅନୁରୂପ ଭାବେ ପ୍ରଶାନ୍ତ ର ଆବେଗ ଭରା ହୃଦୟ ମଧ୍ୟ ଖୋଜୁଥିଲା ଜିତା ର ପରଶ ର ଉଷ୍ମତା । ଆସ୍ତେ ଆସ୍ତେ ସମସ୍ତେ ଗୋଟି ଗୋଟି ହୋଇ ତମ୍ବୁ ଭିତରକୁ ପ୍ରାୟତଃ ଚାଲିଗଲେଣି । କେବଳ ଭାବନାରେ ମସଗୁଲ ହୋଇଯାଇଥିଲେ ଦୁଇ ପ୍ରେମୀ ଯୁଗଳ । ନିରବ ନିରବ ରେ ଜିତା ର ଆଖି ଅନେକ କିଛି ଅବ୍ୟକ୍ତ ଭାଷା କୁ ବ୍ୟକ୍ତ କରୁଥିଲା ଆଉ ପ୍ରଶାନ୍ତ ସେ ସବୁକୁ ପୁରା ଠିକ ଠିକ ପଢି ପାରୁଥିଲା ।

ନିଜ ଶକ୍ତ ପାପୁଲିରେ ପ୍ରଶାନ୍ତ ଜାବୁଡି ଧରିଥିଲା ଜିତା ର ନରମ ପାପୁଲି ଟାକୁ, ଆଉ ସେ ସ୍ପର୍ଶ ର ଉଷୁମ ଉତ୍ତେଜନାରେ ଶିହରି ଉଠୁଥିଲା ଜିତା ର ସର୍ବାଙ୍ଗ । ଆଖିରେ ଆଖିରେ ସମର୍ଥନ କରି ପ୍ରଶାନ୍ତ ର ହାତ ଧରି ଟାଣି ନେଇଥିଲା ପାଖରେ ଥିବା ଏକ ଚାଷଜମି ର ପତ୍ର କୁଡ଼ିଆ କୁ । ଜହ୍ନରାତିର ଜୋଛନା ରେ ପ୍ରେମାଶିକ୍ତ ହୋଇ ପଡୁଥିଲେ ସେ ଦୁହେଁ । ଅନ୍ତସ୍ୱର ବିଳାପ କରୁଥିଲା କିଛି ଗୋଟେ ପ୍ରାପ୍ତି ନିମନ୍ତେ । ପ୍ରଶାନ୍ତ ତାର ଦୁଇ ହାତ ପାପୁଲିରେ ଜିତା ର ସୁନ୍ଦର ଚେହେରା କୁ ଯେତେବେଳେ ତୋଳି ଧରିଲା, ଜିତା ଲାଜକୁଳୀ ଲତା ପରି ଅପସରି ଯାଉଥିଲା ସେ ସ୍ପର୍ଶରେ । ସୁନ୍ଦର ଚନ୍ଦ୍ରମା ସଦୃଶ ମୁଖ ମଣ୍ଡଳରେ ହରିଣୀ ଆଖି ଦି'ଟା ଆପେ ଆପେ ମୁଦି ହୋଇ ଯାଉଥିଲା । ପ୍ରଶାନ୍ତ ଅନୁଭବ କରୁଥିଲା ସତେ ଯେମିତି ଏଇ ଆଖି ଖୋଲିଲେ ଉଦୟ ଭାନୁ ର ଏକ ନୂତନ ସକାଳ ହସିହସି ପସରା ମେଲିଛି, ଆଉ ବନ୍ଦ ହେଉଥିବା ଆଖିରେ ରାତ୍ରିର ନିସ୍ତାବଧତା । ସୁନ୍ଦର ଆଖି ପତା ଉପରକୁ ଆପେ ଆପେ ଅମାନିଆ ଓଠ ଟା ଆଗକୁ ତାର ବଢି ଯାଇଥିଲା । ଜିତା ର ମୁକୁଳା କେଶରେ ନିଜକୁ ହଜାଇ ଦେଇଥିଲା । ଆଉ ଜିତା ବି ସୁନା ପିଲା ଟେ ପରି ପ୍ରଶାନ୍ତ ର ଗଭୀର ଛାତି ଉପରେ ମୁଣ୍ଡଟିକୁ ଆଉଜି ଦେଇ ଜୀବନର ସକଳ ସୁଖ କୁ ଅନୁଭବ କରୁଥିଲା

 Download Magazine from www.aahwaan.com

। ହଠାତ କାହାର ଡାକରେ ଦୁଇଜଣ ଚଳଚଞ୍ଚଳ ହୋଇ ପଡିଲେ । ଅନେକ ବେଳୁ ତମ୍ଭୁ କୁ ନ ଫେରିବାରୁ ଆବାଜ ଦେଉଥିଲା ବାନ୍ଧବୀ ସୁପ୍ରଭା ।

ତା' ପରଦିନ ଲେଉଟାଣି ବେଳ । ସମସ୍ତେ ପରସ୍ପର ଠୁ ବିଦାୟ ନେଇ ଚାଲିଲେ ଘରକୁ । କିଛିଦିନ ପରେ ସେମିଷ୍ଟାର ର result ବାହାରିଲା । ପ୍ରଶାନ୍ତ ଆଉ ଜିତା ଉଭୟେ ବଢିଆ result କରି ଡିପାର୍ଟମେଂଟ କୁ ଗୌରବ ଆଣି ଦେଇଛନ୍ତି ।

ଦୀନବନ୍ଧୁ ବାବୁ କହିଲେ ପ୍ରଶାନ୍ତ ପୁଣି ଗୋଟିଏ ମେସ ରେ ରହି ଆଗକୁ ପ୍ରସାଶନିକ ସେବା ଚାକିରୀ ପାଇଁ ପ୍ରିପିଆରେସନ କରିବ । ହେଲେ ଜିତା ତା ବାପାଙ୍କ ଗୋଟିଏ ମାତ୍ର କନ୍ୟା ସନ୍ତାନ । ପୁଣି ମାତୃହରା । ଏଣୁ ବାପା ଜିଦ କରି ବସିଲେ ତାର ବିବାହ ପାଇଁ । କାରଣ ଏତେ ସୁନ୍ଦର ସୁନ୍ଦର ପ୍ରସ୍ତାବ ଗୁଡିକ ହାତଛଡା କରିବା ପାଇଁ ସେ ଛାହୁଁ ନ ଥିଲେ । ମାତ୍ର ଜିତା ସବୁ ପ୍ରସ୍ତାବ କୁ ପ୍ରତ୍ୟାଖ୍ୟାନ କରୁଥିଲା । ପ୍ରଶାନ୍ତ କୁ ଆଦୌ ଭୁଲି ପାରୁ ନ ଥିଲା । ଯଦିଓ ପ୍ରେମର ନିବିଡ଼ତା ଭିତରେ ତାର କୁମାରୀତ୍ୱ ପ୍ରତି କୌଣସି ଆଞ୍ଚ ଆସି ନ ଥିଲା । ତଥାପି ସେ ପ୍ରଥମ ଦେଖା, ପ୍ରଥମ ଛୁଆଁ ରେ ସେ ଆଜି ବି ରୋମାଂଚିତ ହେଉଥିଲା । ସମ୍ପୂର୍ଣ ସମର୍ପଣ ର ଭାବ ଥିଲା ତା' ପ୍ରେମରେ । ତନୁମନ, ବିବେକ, ଆତ୍ମା ସବୁକୁ ସେ ସମର୍ପି ଦେଇଥିଲା ପ୍ରଶାନ୍ତକୁ । ବାକି ରହିଲା ହୃଦୟ!!! !!! ହୃଦୟ ଟା କଣ ଏକ ପଣ୍ୟଦ୍ରବ୍ୟ ର ସାମଗ୍ରୀ ଯେ ତାକୁ ବାରମ୍ବାର ବିକ୍ରି କରି ହେବ ?

ଶେଷରେ ବାପା ଅନିଚ୍ଛା ସତ୍ତ୍ୱେ ରାଜି ହେଲେ ।

ନିଜର ମସ୍ତିଷ୍କ ର ନିକିତି ରେ ତଉଲୁ ଥିଲେ, ଗୋଟେ ପଟେ ଜିତା ର ଖୁସି ଆଉ ଗୋଟେ ପଟେ ଆଭିଜାତ୍ୟ ର ମୁଖାପିନ୍ଧା ଷ୍ଟାଟସ । ଶେଷରେ ମସ୍ତିଷ୍କର କଥା ଛାଡ଼ିଦେଇ ହୃଦୟ ର କଥା ଶୁଣିଲେ ଓ ଅନୁଭବ କରିଥିଲେ, ଦୁନିଆଁ ରେ ସନ୍ତାନ ର ଖୁସି ଠାରୁ ବଳି

Download Magazine from www.aahwaan.com

ଆଉ କୌଣସି ଜିନିଷ ମୂଲ୍ୟବାନ ନୁହେଁ ।

ପ୍ରଶାନ୍ତ ବି ରାଜି ହୋଇଥିଲା ଓ ବାପାଙ୍କ ସାମ୍ନାରେ ଛିଡା ହୋଇ ଜିତା ପ୍ରସଙ୍ଗ ଉତ୍ଥାପନ କରିଥିଲା । ତାପରେ ମନ୍ଦିରରେ ସାଙ୍ଗ ସାଥୀଙ୍କ ଉପସ୍ଥିତିରେ ଫୁଲମାଳ ଦେଇ ଏକ ନିରାଡମ୍ବର ବିବାହ ସୂତ୍ରରେ ବାନ୍ଧି ହେଲେ ଦୁହେଁ ।

ପ୍ରଶାନ୍ତ ଟା ବି ଭାରି ସ୍ୱାଭିମାନୀ । ସେ ଜିତା ଆଗରେ ସର୍ତ୍ତ ରଖିଲା ଯେ, ଶ୍ୱଶୁର ଙ୍କ ଠାରୁ ସେ କିଛି ବି ଯୌତୁକ ସୂତ୍ରରେ ଗ୍ରହଣ କରିବ ନାହିଁ କି ଶ୍ୱଶୁର ଘରେ ଯାଇ ରହିବ ନାହିଁ । ତାର କେବଳ ଜିତା ଦରକାର । ନିଜ ବାହାଘର ର ନିଷ୍ପତ୍ତି ନିଜେ ନେଇ ସେମିତି ବି ବାପାଙ୍କର ଆଦର୍ଶ କୁ ତଳ କରିଛି ସେ । ଆଉ ଆଘାତ ଦେବା ପାଇଁ ଚାହୁଁ ନ ଥିଲା । ବାହାଘର କେତେଦିନ ପୂର୍ବରୁ ଭଡାଘର ଟିଏ ସାଙ୍ଗମାନେ ଠିକ କରିଦେଇଥିଲେ । ସେଇ ଭଡାଘରେ ନୁଆଁ ବୋହୁଟିଏ ହୋଇ ପ୍ରଥମ ପାଦ ଦେଲା ଅପରାଜିତା । ଏଇଟା ବୋଧହୁଏ ସେ ଦୁହିଁଙ୍କ ପାଇଁ ଭିନ୍ନ ଏକ ଦୁନିଆଁ । ଯେଉଁଠି କେବଳ ସ୍ନେହ, ପ୍ରେମ, ଭଲପାଇବା ନ ଥିଲା, ବରଂ ରହଥିଲା ଆଞ୍ଜୁଳା ଆଞ୍ଜୁଳା ସ୍ୱପ୍ନ ଓ ସେ ସ୍ୱପ୍ନକୁ ବାସ୍ତବତା ର ରୂପ ଦେବା ପାଇଁ ମୁଠା ମୁଠା ସଂଘର୍ଷ । ପ୍ରଶାନ୍ତ ର ଗୋଟିଏ ଲକ୍ଷ୍ୟ, ବାପାଙ୍କ ସ୍ୱପ୍ନ କୁ ସେ ନିଶ୍ଚୟ ସାକାର କରିବ । ଆଉ ପ୍ରଶାନ୍ତ କୁ ପ୍ରତିଷ୍ଠିତ ମଣିଷ ଟେ କରିବା ପାଇଁ ଜିତା ସଂଘର୍ଷ କରୁଥିଲା ନିଜ ଜୀବନ ସହିତ । ଜିତା ନିଜେ ଜଣେ ଭଲ ମେଧାବୀ ଛାତ୍ରୀ । ହେଲେ ନିଜ ସ୍ୱପ୍ନ ଯେ ପ୍ରଶାନ୍ତ ସହିତ ଏକ ଡୋରୀ ରେ ବନ୍ଧା, ଏଣୁ ସହର ଭିତରେ ଏକ ପବ୍ଲିକ ସ୍କୁଲରେ ଶିକ୍ଷୟିତ୍ରୀ ଭାବରେ ରହିଥିଲା ସେ । ଦିନସାରା ସ୍କୁଲର ପାଠ ପଢ଼ାଇବାର ଦାୟିତ୍ୱ ସହ ପବ୍ଲିକ ସ୍କୁଲର ହାରାସମେଣ୍ଟ କୁ ହସିହସି ସହ୍ୟ କରି ନେଉଥିଲା, କେବଳ ପ୍ରଶାନ୍ତ ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ । ବାରମ୍ବାର ଏକ ସ୍ୱପ୍ନିଲ ଦୁନିଆଁ ରେ ଜିତା ଡେଣା ଝାଡ଼ି ନିରବ ଇଗଲ ଟେ ପରି ଉଡି

ବୁଲୁଥିଲା ଖୁବ ଉଚ୍ଚ କୁ, ଉଚ୍ଚ ରୁ ଆହୁରି ଉଚ୍ଚ କୁ । ସେ ଠିକ ଅନୁଭବ କରି ପାରୁଥିଲା ଶୋଇଥିବା ବେଳେ ଦେଖୁଥିବା ସ୍ୱପ୍ନ କେବେ ସଫଳ ହୁଏ ନାହିଁ । ସେହି ସ୍ୱପ୍ନ ସଫଳ ହୁଏ, ଯେଉଁ ସ୍ୱପ୍ନ ନିଜକୁ ଶୋଇବାକୁ ଦିଏନାହିଁ । ଏମିତି ଏକ ସ୍ୱପ୍ନ ରେ ବିଭୋର ଜିତା ଆଉ ପ୍ରଶାନ୍ତ ରାତିସାରା ଅନିଦ୍ରା ରହନ୍ତି, କେବଳ ନିଜ ଲକ୍ଷ୍ୟ ରେ ପହଂଚିବା ପାଇଁ । ପ୍ରଶାନ୍ତ ର ଯେଉଁଠି ଅସୁବିଧା ହୁଏ, ଜିତା ତା'ର ସମାଧାନ କରେ । ଟିଉସନ, କୋଚିଂ, ନେଟ ରୁ ବିଭିନ୍ନ ତଥ୍ୟ ସଂଗ୍ରହ କରେ ପ୍ରଶାନ୍ତ ପାଇଁ ।

ଜିତା ଠିକ ହୃଦୟଙ୍ଗମ କରିଥିଲା ବ୍ୟକ୍ତି ଏକା ଥାଏ କିନ୍ତୁ ସଫଳ ହେବାପରେ ଦୁନିଆଁ ତା ସହିତ ଗୋଡାଏ । ଯେଉଁ ମାନଙ୍କୁ ବୁଝି ନ ପାରି ଦୁନିଆଁ ହସେ, ନିଜ ଲୋକମାନେ ପର କରିଦିଅନ୍ତି, ସେହିମାନେ ହିଁ ଇତିହାସ ରଚନା କରନ୍ତି । ଏତେ ସଂଘର୍ଷରେ ବି ଜିତା ବିଜୟର ଆତ୍ମତୃପ୍ତି ଟେ ଅନୁଭବ କରୁଥିଲା । କାରଣ ଯେଉଁଠି ଆତ୍ମତୃପ୍ତି ନାହିଁ ସେଠି ବିଜୟ ର ସ୍ୱାଦ କାହିଁ ???

ଜାନୁଆରୀ ୨୬ ଆଉ ଚାରିଦିନ ବାକି । ସରକାର ଙ୍କ ପାଖରୁ ଚିଠି ଆସିଗଲାଣି । ୨୬ ତାରିଖ ପ୍ୟାରେଡ଼ ପରେ ରାଜ୍ୟପାଳ ନିଜେ ପୁରସ୍କାର ଦେବେ ତାଙ୍କୁ ରାଜଧାନୀ ଭୁବନେଶ୍ୱର ରେ । ସ୍କୁଲ ରୁ ଫେରି ସେ ବସି ପଡିଲେ ତାଙ୍କ ଆରାମ ଚେଆର ରେ, ଟିଭି ଟା ଅନ କରି । ଅନୁପମା ପାଣି ଗ୍ଲାସ ଓ ଚା' ଧରି ତାଙ୍କରି ପାଖରେ ବସିଗଲେ । ହଠାତ ଟିଭି ପରଦାରେ ଆସିଲା ବ୍ରେକିଙ୍ଗ ନିଉଜ । ଏଥର ଓଡିଶା ରୁ ଚଉଦ ଜଣ IAS ପାଇଛନ୍ତି ଓ ଓଡିଶା ମାଟିକୁ ଗର୍ବିତ କରିଛନ୍ତି ।

......ଅପରାଜିତା ମହାନ୍ତି - ରେଙ୍କ ୨୩୫

.......ପ୍ରଶାନ୍ତ ମିଶ୍ର - ରେଙ୍କ ୩୧୦

 Download Magazine from www.aahwaan.com

ଚମକି ପଡିଲେ ଦୀନବନ୍ଧୁ, ନାଁ ଟି ପଢି । ବିଶ୍ୱାସ ହେଲାନାହିଁ ଆଖିକୁ । ତା' ପରେ ବିସ୍ତୃତ ସମ୍ବାଦ ରେ ସେ ଯେତେବେଳେ ଶୁଣିଲେ " ପ୍ରଶାନ୍ତ ମିଶ୍ର" ରାଜ୍ୟପାଳ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଆଦର୍ଶ ଶିକ୍ଷକ ଦୀନବନ୍ଧୁ ମିଶ୍ର ଙ୍କ ସୁପୁତ୍ର ବୋଲି, ରୋକି ପାରିଲେନି ନିଜର ଆବେଗ କୁ ।ଛୋଟ ପିଲାଟି ପରି କଇଁ କଇଁ ହୋଇ କାନ୍ଦି ଉଠିଲେ । କୁଣ୍ଢେଇ ଧରିଲେ ଅନୁପମା ଙ୍କୁ । ଅନୁପମା ଙ୍କ ଧୈର୍ଯ୍ୟ ର ବନ୍ଧ ଭୁଶୁଡି ପଡିଲା । ସେ ଦୀନବନ୍ଧୁ ଙ୍କ ଛାତି ରେ ମୁଣ୍ଡ ରଖି ଦୀର୍ଘ ଦିନର ସଞ୍ଚିତ କୋହ କୁ ଉଦ୍ଗାରି ପକଉଥିଲେ ,ନବାଗତ ବସନ୍ତ ର ଆଗମନ କୁ ସ୍ୱାଗତ କରିବା ଆଶା ରେ , ବିଗତ ଶ୍ରାବଣ କୁ ଝୁରି ହୋଇ ନୁହେଁ । ଅନୁରୂପ ଭାବେ ଦୀନବନ୍ଧୁ ମଧ୍ୟ ପୁଲକିତ ହେଉଥିଲେ ହଜିଯାଇଥିବା ସେଇ "ଅଭିଳାଷ ର ପୂର୍ଣ୍ଣତା ରେ " ।

ଠିକ ଏହି ସମୟରେ ଘଡଘଡ଼ ଶବ୍ଦ କରି ଅଟୋଟିଏ ଘର ସାମନାରେ ଅଟକିଲା । ଘର ଭିତରୁ ବାହାରି ଆସୁଥିଲା ସେଇ ଅଝଟ, ଅମାନିଆ ଜିଦଖୋର ପ୍ରଶାନ୍ତ ଆଉ ତାର ନବବଧୁ । ଅଗଣିତ ପ୍ରତିଯୋଗୀ ଙ୍କୁ ପରାଜିତ କରିଥିବା 'ଅପରାଜିତା' । ଅଟୋ ରୁ ବାହାରି ଦୁହେଁ ଗୋଟିଏ ସ୍ଥାନରେ ଅଟକି ଯାଇଛନ୍ତି । ବାପା, ବୋଉ, ଭୋଳା କାକା ସମସ୍ତେ ଖୁସିରେ ଆତ୍ମହରା ହୋଇ ଦଉଡି ଆସିଲା ବେଳକୁ ପ୍ରଶାନ୍ତ ର ପାଦ ସ୍ଥିର ହୋଇଯାଇଛି ଏବଂ ମୁଣ୍ଡପାତି ଅପରାଧୀ ଭଳି ଛିଡା ହୋଇ ପ୍ରତୀକ୍ଷା କରିଛି ବାପାଙ୍କ କାନମୁଣ୍ଡା ଆଉ ସରୁ ବେତ ବାଡ଼ି କୁ । ଦୀନବନ୍ଧୁ ଆଉ ରୋକି ପାରିଲେନି ନିଜକୁ । ବାହୁ ଦୁଇଟି ତାଙ୍କର ସ୍ୱତସ୍ଫୃତ ଭାବେ ପ୍ରସାରିତ ହୋଇଗଲା ପ୍ରଶାନ୍ତ ର ଉଦେ୍ୟଶ ରେ । ପ୍ରଶାନ୍ତ ବି ଆଉ ଏରୁଣ୍ଡି ନ ଡେଇଁବାର ପ୍ରତିଶୃତି କୁ ଭୁଲି ଦଉଡି ଆସିଥିଲା ବାପାଙ୍କର ସେଇ ବଳିଷ୍ଠ ବାହୁ ବନ୍ଧନରେ ଆବଦ୍ଧ ହେବାକୁ । ହେଲେ ଅପରାଜିତା ? ? ? ତାର ସ୍ଥାନ କେଉଁଠି ? ? ? ଛିଡା ହୋଇଛି

 Download Magazine from www.aahwaan.com

ସ୍ଥାଣୁ ଭଳି, ଆଗକୁ ବଢିବାର ସାହାସ ନାହିଁ । ନିଜେ ଦୀନବନ୍ଧୁ ବଢିଲେ ଆଗକୁ । ପାଦ ତଳେ ପଡୁଥିବା ଜିତା କୁ କୋଳେଇ ନେଲେ । ଏତେ ଦିନ ପରେ କନ୍ୟା ସନ୍ତାନର ଅଭାବ କୁ ଆଶ୍ଲେଷି ନେଉଥିଲେ ।

ଭଗବାନଙ୍କ ଉଦ୍ଦେ୍ୟଶରେ ମନେ ମନେ ହାତ ଯୋଡୁଥିଲେ, ଦୀନବନ୍ଧୁ । ନାରୀ ମନର ଆତ୍ମବିଶ୍ୱାସ କୁ ସଲାମ କରୁଥିଲେ । ସେ "ଅପରାଜିତା" । ଜୀବନ ଠୁ ଯିଏ କେବେ ହାରିବାର ପରିଭାଷା ଶିଖିନି । ନିଜ ନାମ ର ସାର୍ଥକତା ପ୍ରତିପାଦନ କରିପାରିଛି ।

ପ୍ରେମିକା ଠାରୁ ସହଧାର୍ମିଣୀ ସାଜି ନିଜେ ସ୍ୱପ୍ନ ଦେଖିବା ସହ ପ୍ରଶାନ୍ତ କୁ ସ୍ୱପ୍ନ ଦେଖାଇଛି ଆଉ ସେସବୁକୁ ସାକାର କରିବାର ସାମର୍ଥ୍ୟ ମଧ୍ୟ ପ୍ରତିପାଦନ କରିଛି । ନାରୀ ର ଏହି ପ୍ରେମିକା ରୂପଟି ଅପୂର୍ବ ଦୀପ୍ତି ଓ ଦ୍ୟୁତି ର ଅଧିକାରିଣୀ । ନାରୀ ପ୍ରେମ ର ଏହି ଚିରନ୍ତନ ଆଦର୍ଶ ମହାସମୁଦ୍ର ପରି ଗଭୀର । ତାର ସେ ଗଭୀରତା ଭିତରେ ପ୍ରଶାନ୍ତ ହଜିଯାଇଛି । ଆଉ ସେ ହଜିବା ହଜେଇବା ଭିତରେ ଦୀନବନ୍ଧୁ ପାଇଯାଇଛନ୍ତି ଅନେକ କିଛି.......

ବିଜୟିନୀ ପଣ୍ଡା

ଶିକ୍ଷୟିତ୍ରୀ

ମହମ୍ମଦପୁର ନୋଡାଲ ହାଇ ସ୍କୁଲ

ସମ୍ବଲପୁର

Download Magazine from www.aahwaan.com

# ସବୁରାତିର ସକାଳ ହୁଏନାହିଁ



ପାରମିତା ମିଶ୍ର

ସବୁ ରାତିର ସକାଳ ହୁଏ କିନ୍ତୁ ଏମିତି ବି କିଛି ରାତି ଥାଏ ଯାହାର ସକାଳ ଆସେନି । ସୁଖ ର ଦିନ କାଳେ ବଡ ଜଲଦି ବିତିଯାଏ କିନ୍ତୁ ଦୁଃଖର ସମୟ କେତେ କଲେ ବି ବିତେନି । ରୋହିଣି ଓ ନିଶିକାନ୍ତ ଙ୍କ ପାଇଁ ଆଜି ସେହି ରାତି ।

"ପୃଥିବୀରେ ଯେତେ ପ୍ରକାର ହତଭାଗ୍ୟ ଲୋକ ଅଛନ୍ତି, ସେମାନଙ୍କର ଯଦି ଶ୍ରେଣୀବିଭାଗ କରାଯାଏ, ଏକପୁଅ ବାପ ମା' ନିଶ୍ଚୟ ପ୍ରଥମ ଶ୍ରେଣୀର ପ୍ରଥମରେ ପଡ଼ିବେ- ଏକଥା ଲେଖକ ତମ୍ବା ତୁଳସୀ ଶାଳଗ୍ରାମ ଛୁଇଁ ଦୃଢ଼ରୂପେ ବୋଲିବାକୁ ପ୍ରସ୍ତୁତ ଅଛି । ପୁଅ ଖାଇନାହିଁ, ବାପମା'ଙ୍କର ଉପାସ- ପୁଅଟିର ବେରାମ, ଆଖିରେ ନିଦ ନାହିଁ, ପେଟରେ ଭୋକ ନାହିଁ । ଦିନରାତି ବିଛଣା ପାଖରେ ଜଗି ବସିଛନ୍ତି । ପୁଅଟି କାହିଁରେ ସୁଖରେ ରହିବ, ଦିନ ରାତି ଭାବନା । ଆପଣାର ତିନିସିଆଁ ଲୁଗା, ପୁଅ ସକାଶେ ଜଥା କିଣା ଲାଗିଛି । ଦେହର ରକ୍ତ ପରି ଟଙ୍କାଗୁଡ଼ିକ ପୁଅ ପାଇଁ ଅକାରଣ ବା ସକାରଣ ପାଣି ପରି ଖରଚ କରିବାକୁ ଟିକିଏ ହେଲେ ହାଲିଆ ହୋଇ ପଡ଼ିବେ ନାହିଁ ।"

ଫକୀର ମୋହନ ସେନାପତିଙ୍କ ଏହି ଉକ୍ତିଟି ଯେ ଅକ୍ଷରେ ଅକ୍ଷରେ ସତ୍ୟ. ନିଶିକାନ୍ତ ଓ ରୋହିଣୀ ଦୁହେଁ ଛୁଆଟିଏ ପାଇଁ କେତେଯେ ଯତନ କରିଛନ୍ତି ତାହା ସେଇ ଇଶ୍ବର ହିଁ ଜାଣନ୍ତି । ଏମିତି କୋଉ ଦେବତା ନଥିବେ ଯାହା ଆଗରେ ସେମାନେ ଅଧିଆ ପଡିନଥିବେ । ଶେଷରେ ବାରବର୍ଷର ତପସ୍ୟାର ଫଳ ମିଳିଲା ପ୍ରଶାନ୍ତ ରୂପେ ।

କିନ୍ତୁ ଆଜି ଡାକ୍ତରଖାନାର କାନ୍ଥରେ ଥିବା ଫଟୋଟି ଯୀଶୁ ନା ରାମଙ୍କ ନଦେଖି ତାରି

 Download Magazine from www.aahwaan.com

ଆଗରେ ରୋହିଣୀ ଆଖିମୁଜି ପଡିରହିଛନ୍ତି ଆଉ ନିଶିକାନ୍ତ ଡାକ୍ତରଖାନାରେ ପୁଅର ଟିକେ ଝଲକ ପାଇବା ପାଇଁ ଏତଡୁ ସେତଡ ଦୌଡ଼ି ବାରେ ଲାଗିଛନ୍ତି ।

କିନ୍ତୁ କାହିଁକି ?

ପ୍ରଶାନ୍ତର ଜନ୍ମ ପରେ ସତେ କି ରୋହିଣି, ନିଶିକାନ୍ତ ଙ୍କୁ ହଜିଲା ଧନ ମିଳିଗଲା. ଫୁଲ ପରି କଅଁଳିଆ କୁନି ଛୁଆ ଟିକୁ ଦୁହେଁ ତଳେ ବି ରଖନ୍ତିନି । ତାକୁ ପାଇ ବାପା ମାଆ ଦୁହେଁ ଧନ୍ୟ ହୋଇଗଲେ ।ଶଶିକଳା ପରି ବଢିବାକୁ ଲାଗିବାକୁ ଲାଗିଲା ପ୍ରଶାନ୍ତ ।ତାର ଚଞ୍ଚଳ ଆଖି ବହୁତ୍ କିଛି କହୁଥିଲା. ପିଲା ଟି ବେଳୁ ହିଁ ଭାରି ଚଗଲା ।ଏତେ ଗେଲ ଆଦର ପାଇ ବଡହୋଇଥିବା ପ୍ରଶାନ୍ତ କୁ କେବେ କିଛି ମାଗିବାକୁ ପଡିନଥିଲା । ସେ ଯେଉଥିରେ ଆଙ୍ଗୁଠି ରଖେ ବାପା ତାକୁ ଆଣି ଦେଇଦିଅନ୍ତି ।

ପ୍ରଶାନ୍ତ ସବୁଦିନ କିଛି ନା କିଛି ବଦମାସୀ କାମ କରି ଆସେ । ବଡ ହେଉହେଉ ନାହିଁ ନଥିବା ଦୁଃସାହସିକ କାମ ସବୁ କରିବାକୁ ଲାଗିଲା ସେ । କିଛି ଲୋକ ଅଭିଯୋଗ କରନ୍ତି ତ କିଛି ଗୁଣ ଗାନ ବି କରନ୍ତି କିନ୍ତୁ ରୋହିଣି ଓ ନିଶିକାନ୍ତ ଙ୍କ ର ରକ୍ତ ଶୁଖିଯାଏ ପୁଅର ଟିକେ ଖଣ୍ଡିଆ ହେଲେ ।

ଥରେ ଘର ଠାରୁ କିଛି ଦୂରରେ ଏକ ଭଙ୍ଗା ଅଟ୍ଟାଳିକା ଥିଲା ଯାହା କୁ ଭୂତ ଘର କହି କେହି ତା ର ତଡ ବି ଯାଆନ୍ତିନି. ରାନୁ ପଡ଼ିଶା ଘର ବାପା ମାଆ ଛେଉଣ୍ଡ ଛୋଟ ଛୁଆଁ ଟି ଏ ତା ଜେଜିମା ସହ ରହେ, କେମିତି କେଜାଣି ସମସ୍ତଙ୍କ ଅଗୋଚରରେ ସେହି ଭୂତ୍ କୋଠି କୁ ଚାଲିଯାଇଛି. ବାହାରେ ଠିଆ ହୋଇ ସମସ୍ତେ ହଉ ଯାଉ ହେଉଛନ୍ତି ବୁଢୀ ମା ମୁଣ୍ଡ ବାଡ଼େଇ କାନ୍ଦୁଛି କିନ୍ତୁ ଭିତରକୁ ଯିବାର ଯୁ କାହାର ନାହିଁ. ଭିଡ ଭିତରୁ କିନ୍ତୁ ଜଣେ ପିଲା ବାହାରିଲା. ହା ହା କରୁ କରୁ ଅଟ୍ଟାଳିକା ର ଭଙ୍ଗା ଝରକା ପଟେ ସେ ଭିତରକୁ ପଶିଗଲା. ଏ ଖବର ପାଇ

Download Magazine from www.aahwaan.com

ନିଶିକାନ୍ତ କାମ ଛାଡି ଦୌଡ଼ି ଆସିଲେ ଆଉ ରୋହିଣୀ ବସିବା ଜାଗାରେ ହିଁ ଚେତା ଶୂନ୍ୟ ହୋଇ ପଡିଗଲେ. ବହୁତ୍ ସମୟ ପରେ ପ୍ରଶାନ୍ତ ଛୋଟ ଛୁଆ ଟିକୁ ଧରି ବାହାରକୁ ଆସିଲା. ତା ଜେଜେ ମା କୁ ଦେଉଦେଉ ସେଇଠି ମୂର୍ଚ୍ଛା ହୋଇ ପଡିଗଲା. ସମସ୍ତେ ମିଶି ତାକୁ ମେଡିକାଲ କୁ ନେଇ ଗଲେ. କିଛି ବିଷାକ୍ତ ଜୀବ କାମୁଡି ତା ଦେହ ସାରା ବିଷ ଚରି ଯାଇଥିଲା. ତେବେ ଭଗବାନ ଙ୍କ ଦୟା ରୁ ଠିକ୍ ସମୟ ରେ ଚିକିତ୍ସା ପାଇଁ ସେ ଠିକ୍ ହୋଇ ଗଲା. ବାପା ମାଆ ଙ୍କ ର ଏୟା ଭାବି ଭାବି ଦେହ ର ରକ୍ତ ଶୁଖି ଯାଉଥିଲା ଯେ ଯଦି ଆଜି ପ୍ରଶାନ୍ତ ର କିଛି ହୋଇ ଯାଇ ଥାନ୍ତା ତେବେ.........

କିନ୍ତୁ ପୁଣି ଗର୍ବ ବି କରନ୍ତି ଯେ ଦୁଷ୍ଟ ହେଲେ ବି ଆମ ପୁଅର ହୃଦୟ ସତରେ କେତେ ବଡ ।

ଧିରେ ଧିରେ ସମୟ ଗଡ଼ିବା ସହ ପ୍ରଶାନ୍ତ ବି ବଡ଼ ହେଉଥିଲା । ଏବଂ ତା ସହ ତା ପାଠ ମଧ୍ୟ । ବାପା ମାଆ ଆଖିରେ ଆଖିଏ ସ୍ୱପ୍ନ ଯେ, ଲକ୍ଷେ ଶିବ ପୂଜି ଯୋଉ ପୁଅ ନିଶ୍ଚୟ ତାଙ୍କ ନା ରଖିବ । କିନ୍ତୁ ପୁଅ ଯେ ପାଠରେ ବହୁତ୍ ଦୁର୍ବଳ ।

ପ୍ରଶାନ୍ତ ବହୁତ୍ ଚେଷ୍ଟା କରି ଯେମିତି ସେମିତିରେ ଦଶମ ଶ୍ରେଣୀରେ ପାସ୍ ହୋଇଗଲା । କିନ୍ତୁ ବାପାଙ୍କର ଶକ୍ତ ନିର୍ଦ୍ଦେଶ ଥିଲା ଯେ ତାକୁ ଆଗକୁ ବାପା ଯାହା କହିବେ ତାହା କରିବାକୁ ହେବ ଏବଂ ସେୟା ହେଲା । ବାପା ପ୍ରଶାନ୍ତକୁ ଘର ଠୁ କିଛି ଦୂରର ଏକ ନାମି କଲେଜରେ ନା ଲେଖିଦେଲେ । ଏବଂ ପ୍ରଶାନ୍ତକୁ ଗାଁର ପରିବେଶ ଠୁ ଦୂରରେ ରଖିବା ପାଇଁ ହଷ୍ଟେଲ୍ ରଖିବା ବନ୍ଦୋବସ୍ତ କରିଦେଲେ । ରାଗ କରି ସିନା ସେଠି ଛାଡି ଆସିଲେ । ପ୍ରଶାନ୍ତ ବି ଘର ଛାଡି ଏଠିକି ଆସିବାକୁ ବିଲକୁଲ ଇଚ୍ଛା ନଥିଲା ।

ମାଆର ଛାତି ଫାଟିଗଲା ପୁଅକୁ ଘରୁ ଯିବା ଦେଖି । ପ୍ରଥମେ କିଛିଦିନ ଫୋନ କଲେ

 Download Magazine from www.aahwaan.com

ପ୍ରଶାନ୍ତକୁ ଫୋନ କଲେ ଖାଲି କାନ୍ଦେ କିନ୍ତୁ ଧିରେ ଧିରେ ତାର ହାବଭାବ ବଦଳିବାରେ ଲାଗିଲା । ନିଶିକାନ୍ତ ଭାବିଲେ ସେଠିକା ମାହୋଲରେ ରହିଗଲେ ସବୁ ଠିକ୍ ହୋଇଯିବ । ଆଉ ବାରମ୍ବାର ତାକୁ ଘରକୁ ଆଣିଲେ ସେ ଠିକ୍ ରେ ପାଠ ପଢ଼ିବନି । ତେଣୁ ବାପା, ମାଆ ଦୁହେଁ ଯାଇ ତାକୁ ସ୍କୁଲରେ ହିଁ ମିଶି ଆସନ୍ତି ।

ମାଆ ମନ କିନ୍ତୁ ଗୋଳେଇ ଘାଣ୍ଟି ହେଉଥାଏ କିନ୍ତୁ ପିଲା ର ଜୀବନ୍ ସୁଧୁରି ଯାଉ ଭାବି ସେ ନିଜ ଲୁହ ସବୁ ନିଜେ ପିଇଗଲେ. ଏମିତି ରେ କିଛି ଦିନ ବିତିଗଲା.କିଛି ଦିନ ପରେ ନିଶିକାନ୍ତ ଯାଇ ପ୍ରଶାନ୍ତ କୁ କିଛିଦିନ ପାଇଁ ଘରକୁ ଆଣିଲେ. କିଛି ଛୁଟିର ଅବସର ଥିଲା. ଘରେ ତାର ବନ୍ଧୁ ବାନ୍ଧବ ସବୁ ଥାଇ ବି ପ୍ରଶାନ୍ତ ତା ରୁମ୍ ଭିତରେ କବାଟ କିଳି ହିଁ ରହିଲା. ବାପା ମାଆ ଭାବିଲେ ପୁଅ ତାଙ୍କର ରାଗିଛି କିଛି ଦିନ ଘରେ ରହିଲେ ତା ରାଗ ଚାଲିଯିବ । କିନ୍ତୁ ବର୍ତ୍ତମାନ ପ୍ରଶାନ୍ତ ର ହାବଭାବ ବହୁତ୍ ଅଲଗା । ଘରେ ତ କାହ୍ ସହ କଥା ହୁଏନି କିନ୍ତୁ କୋଉଠୁ ଫୋନ ଆସେ ଆଉ ସେ ସଂଗେ ସଂଗେ ବାହାରିଯାଏ । ରାତି ରାତି ଘରକୁ ଫେରେନି ପୁଣି କେତେବେଳେ ଆସେ କିଏ ଜାଣେ ।?

ହଠାତ୍ ସେଦିନ ସକାଳୁ ଉଠି ବରଣ୍ଡା ରୁ ଘର, ଓ ଘର ରୁ ବରଣ୍ଡା ର କେତେଯେ ଚକର କାଟିଲା । ପୁଣି ଖଟରେ ପଡି ରହିଲା ମାଆ କେମିତି ବୁଝିଲେ କେଜାଣି ରନ୍ଧା ଘରେ ଥାଇ କହିଲେ ଆରେ ବାବା ଶୁଣିଲୁ, କାନି ମଙ୍ଗ ରେ ପାଞ୍ଚଶହ ଟଙ୍କା କାଢ଼ି ଦେଉ ଦେଉ କହିଲେ ଟଙ୍କା ନାହିଁ ବୋଲି ଏମିତି ବାଡ଼େଇ ପିଟି ହେଉଛୁ ତୁ କେବେଠୁ ଏମିତି ହେଲୁଣି ଯେ ମାଆ କୁ ମାଗି ପାରୁନୁ ।

"ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କା କଣ ହେବ ? " ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ୍ କେତେ ଦାମ୍ ଜାଣିଛୁ ନା ? ଆଉ ସାଂଗମାନେ ଥିବେ ମୁଁ

 Download Magazine from www.aahwaan.com

ଏତେ କମ୍ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନେଇ ନିରବ ହୋଇଗଲା ଫେର ପୁଣି କହିଲା, "ବୋଉ ମୋର ଟାଇମ୍ ହେଲାଣି , ଟଙ୍କା ଦେ ରୋଷେଇ ଘରୁ ବୋଉ କହିଲେ , "ମୋ ପାଖରେ କିଛି ନାହିଁ, ତୁ ବାପା,ଠୁ ମାଗି ନେଇଯା ।

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହେଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପା, ପଦଧ୍ୱନି ଶୁଣି ନିରବ ହୋଇଗଲା ।

ସେଇ ଟଙ୍କା ତକ ନେଇ ଆଉ କିଛି ନକହି ବାହାରକୁ ଚାଲିଗଲା ପ୍ରଶାନ୍ତ ଆଉ ମାଆ ରୋହିଣି ତା ଜିବା ରାସ୍ତା କୁ ଏକା ଲୟ ରେ ଚାହିଁ ରହିଲେ. ବାପା ପଚାରି ଚାଲି ଥିଲେ ଆରେ କଣ ହୋଇଛି, କଣ ହେଲା କୁହ ତ. କିନ୍ତୁ ରୋହିଣୀ ନିର୍ବିକାର ଭାବେ ଚାହିଁ ରହିଲେ. ଯେମିତି ସେ ବହୁତ କିଛି ହରାଇ ଦେଇଛନ୍ତି କିନ୍ତୁ କଣ ହୋଇଛି ବୋଲି ପଚାରିବେ କେମିତି ।

ମାଆ ର ଆଖିର ତାରା ସେ, ଯେତେ ଦୁଷ୍ଟ ହେଲେ, ଯେତେ ଗାଳି କଲେବି କେବେ ପଲଟି ଜବାବ ଦେଇନି ସେ ହେଲେ ଏବେ ଯେ ତାର କଣ ହୋଇଛି. । ଏଠି ରହି ପୁଣି ଦୁଷ୍ଟାମି କରିବ ତେଣୁ ଯଥାଶୀଘ୍ର ତାକୁ ନେଇ ପୁଣି ହଷ୍ଟେଲ ରେ ଛାଡିଦେବା ପାଇଁ ସ୍ଥିର ହେଲା । ରାତିରେ ମାଆ ସବୁ ସାମାନ ସଜାଡି ଦେଲେ, ମାଆ କୁ ଦେଖି କିଛି କହିବ କହିବ ହେଉଥିଲା ପ୍ରଶାନ୍ତ କିନ୍ତୁ ଆଖିର ଝରି ଆସୁଥିବା ଲୁହକୁ ଲୁଚାଇବାକୁ ଚେଷ୍ଟା ବି କରୁଥିଲା । ଭାବୁଥିଲା କାହିଁକି ଆଜି ମାଆ କିଛି ବୁଝୁନି । ଟିକେ ଜୋରରେ ପଚାରିଲେ ସବୁ କହିଦିଅନ୍ତି ମୁଁ । କିନ୍ତୁ ନା ମାଆ ମଉନ ଅଛି କାରଣ ଏଇଟା ତା ପୁଅ ର ଭବିଷ୍ୟତ ର କଥା । ରାତି ପାହି ସକାଳ ହେଲା । ଗାଡି ଆସି ଦୁଆର ମୁହଁରେ ଠିଆ ହେଲାଣି । ବାପା ଗାଡିରେ ଜିନିଷ

 Download Magazine from www.aahwaan.com

ରଖୁଥିଲେ । ଜିବା ସମୟ ଆସିଲା ଆଉ ପ୍ରଶାନ୍ତ ଜଲଦି ଜଲଦି ପାଦ ବଢ଼ାଇ ମୁଣ୍ଡ ତଳକୁ କରି ଚାଲିଗଲା କିନ୍ତୁ ଗାଡିର ଦୁଆର ଖୋଲୁ ଖୋଲୁ କଣ ଭାବିଲା କେଜାଣି ପୁଣି ଥରେ ପଛକୁ ଫେରି ମାଆ କୁ ପ୍ରଣାମ ହୋଇ ଭିଡି ଧରିନେଲା ମାଆ କୁ । କହିଲା ମତେ କ୍ଷମା କରିବୁ ବୋଉ ତତେ କଷ୍ଟ ଦେଇଛି । ହେଲେ ସେଥିପାଇଁ ନିଜଠୁ ମତେ ଦୁରେଇ ଦେଉଛୁ । ବୋଉ ମୁଁ କଣ ଏତେ ଖରାପ ?

ବାସ ରୋହିଣି କିଛି କହିବା ପୂର୍ବରୁ ହିଁ ସେ ଯାଇ ଗାଡିରେ ବସିଗଲା । ଗାଡି ଗଡିବାକୁ ଲାଗିଲା ଆଉ ରୋହିଣି ଚାହିଁ ରହିଥିଲେ ଗାଡି ଟିକୁ ଆଖିରୁ ଅଦୃଶ୍ୟ ହେଲା ଯାଏଁ ।

ଗାଡି ଆସି ସିଧା ହଷ୍ଟେଲ ଆଗରେ ରହିଲା । ଭିତରକୁ ନଯାଇ ଦୁଆରୁ ଦୁଆରୁ ବିଦା କଲେ ନିଶିକାନ୍ତ । ବାସ ପୁଅକୁ ଛାଡିବାର ଗୋଟେ ସପ୍ତାହ ବି ହୋଇନି ହଠାତ କଲେଜ ରୁ ଫୋନ ଆସିଲା ପ୍ରଶାନ୍ତ ମେଡିକାଲ ରେ ।

ଆଉ ଆଜିର ଦିନ, ପ୍ରଶାନ୍ତ ମେଡିକାଲରେ ମୃତ୍ୟୁ ସହ ଲଢୁଛି କାଳେ...

ମେଡିକାଲରେ ପୋଲିସ ଆସି ପଚରାଉଚରା ଚଳାଇଛି । ନିଶିକାନ୍ତ ଆଉ ରୋହିଣୀ ଙ୍କ ର ମୁଣ୍ଡରେ କିଛି ପଶୁନି. ପୋଲିସ କହୁଚି ରାଗିଗଂ କେସ୍ । ବୋଧେ ପ୍ରଶାନ୍ତ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିଲା ପୁଣି ହତ୍ୟା ବି ହୋଇଥାଇପାରେ ।ରାଗିଗଂ ! ନିଶିକାନ୍ତ ଆଉ ରୋହିଣି ପରସ୍ପର କୁ ଚାହୁଁଥାନ୍ତି । ରାଗିଗଂ ର ଅର୍ଥ କଣ ? ଆମେ ତ ପୁଅ ର ଉଜ୍ୱଳ ଭବିଷ୍ୟତ ପାଇଁ ପଠେଇଥିଲୁ ପାଠ ପଢିବା ପାଇଁ । ଏଠି ପୁଣି ରାଗିଗଂ କୋଉଠୁ ଆସିଲା ।

ରୋହିତ ପ୍ରଶାନ୍ତର ବନ୍ଧୁ । ଗୋଟିଏ ରୁମ୍ ରେ ରହୁଥିଲେ । ପୋଲିସ ଭୟରେ ସେ ସତ କହିଲା କିନ୍ତୁ ନାଁ ଅଚିହ୍ନା ରଖି । କହିଲା ଯେ ବଡ କକ୍ଷ ର ପିଲା ମାନେ ନୂଆ ଆସିଥିବା ପିଲାଙ୍କ ସହ ରାଗିଗଂ ନା ରେ ଅମାନବୀୟ ଅତ୍ୟାଚାର କରନ୍ତି । ପ୍ରଶାନ୍ତ ସହ ବି ସେୟା

Download Magazine from www.aahwaan.com

ହେଲା. ସେ ପ୍ରତିବାଦ କରିଥିଲା ତେଣୁ ସେମାନେ ପ୍ରଶାନ୍ତ ଛାତ ଉପରକୁ ନେଇ ତାକୁ ପାଶବିକ ଅତ୍ୟାଚାର କରି ତାର କିଛି ଫୋଟ ବାହର କରି ରଖି ନେଇଥିଲେ. ଏବଂ ତାକୁ ଭାଇରାଲ୍ କରିବା ଭୟ ଦେଖାଇ ପ୍ରଶାନ୍ତ କୁ ଟଙ୍କା ମାଗୁଥିଲେ. ପ୍ରଶାନ୍ତ ଘର କୁ ଗଲା ବେଳେ ଏଠି ମତେ କୁ କହି ଯାଇଥିଲା ଯେ ସେ ଆଉ ଫେରିବନି ବୋଲି. କିନ୍ତୁ ସେମାନେ ତାକୁ ସେଠି ବି ଯାଇ ଚେତାବନୀ ଦେଇଥିଲେ କାହାକୁ କିଛି ନ କହିବାକୁ.

ରୋହିତ୍ କହୁ କହୁ କାନ୍ଦି ଉଠିଲା,ମୁଁ ବି ଆଉ ବଞ୍ଚି ବାକୁ ଚାହେଁନି, ମୋ ପାଇଁ ପ୍ରଶାନ୍ତ ସେହି ଖରାପ ପିଲାମାନଙ୍କ ସହ ଝଗଡା କରିଥିଲା । ଆଜି ମୋ ପାଇଁ ତିର ଏ ଅବସ୍ଥା । ପୁଣି ପୋଲିସ କୁ ଚାହିଁ କହିଲା, ସର ପ୍ରଶାନ୍ତ ହାରିବା ପିଲା ନୁହେଁ. ସେ ମତେ ଧର୍ଯ୍ୟ ଦେଇଥିଲା ଆଉ ଆଜି ସେ ନିଜେ କେବେବି ଏମିତି କରି ନଥିବ. ନିଶ୍ଚୟ କଥା ଆଉ କିଛି ଆପଣ ଖୋଜ୍ ତାଡ଼ କରନ୍ତୁ.ଆଉ ଜୋର ଜୋର ରେ କାନ୍ଦି ଉଠିଲା ରୋହିତ ।

ନିର୍ବିକାର ଭାବେ ନିଶିକାନ୍ତ କେବଳ ଶୁଣୁଛନ୍ତି ରୋହିତ୍ ର କଥା.ତାକୁ ଭିଡି ଧରି ରାଗି କି କହି ଉଠିଲେ କିଛି ଆବଶ୍ୟକ ନାହିଁ କିଛି ଖୋଜତାଡ କରିବା । ମୋ ପୁଅ କୁ ଧରି ମୁଁ ଏବେ ଏଠୁ ଚାଲିଯିବି । ଟିକେ ସେ ଉଠିଯାଉ । ସେ ପଟେ ରୋହିଣୀ ଙ୍କ ଅବସ୍ଥା ଆହୁରି ଖରାପ ସେ ସ୍ଥାଣୁ ହୋଇ କେବଳ ଚାହିଁ ରହିଛନ୍ତି ।କାନରେ ବାଜୁଛି କେବଳ ପ୍ରଶାନ୍ତ ର ଶେଷ ରେ କହିଥିବା କଥା "ବୋଉ ମୁଁ କଣ ଏତେ ଖରାପ" ?

ଭିତରେ ଡାକ୍ତର ନାଡି ପରିକ୍ଷା କରି ନର୍ସ କୁ କହୁଥିଲେ ଯେ ବୋଧେ ମେଡିକାଲ ଆସିବା ଆଗରୁ ହିଁ ପିଲାଟି  ମରିସାରିଛି । ତା ଘର ଲୋକଙ୍କୁ କହିଦିଅ.........

ବାହାରେ ଆହୁରି ରାତି ଅଛି । ନିଶିକାନ୍ତ ଓ ରୋହିଣୀ ଙ୍କ ପାଇଁ ବୋଧେ ଏ ରାତି କେବେ ପାହିବନି ।।।।

Download Magazine from www.aahwaan.com

# ତୁଳନା



ବଳବନ୍ତ ସାହୁ (ବବଲୁ)

ଅନାୟତ ପରିସ୍ଥିତିର ଝାଞ୍ଜିମାଡ଼ରେ ଶିରାପ୍ରଶିରାର ଯେଉଁ ତାଜାରକ୍ତ ସବୁ ଶୁଖି ଆସୁଥିଲା ଖୁବଶୀଘ୍ର ଚଳଚଞ୍ଚଳ ହେବ , ଲୋଚକୋଚା ମାଂସପେଶୀ ସବୁ ସକ୍ରିୟ ହୋଇଉଠିବ , ପୂର୍ବପରି । ହଁ , ପୂର୍ବପରି ମାନେ ତା' ଯୁବାବସ୍ଥା ପରି । ମହ ମହ ବାସରେ ମହକି ଉଠିବ ତା' ଚତୁଃପାର୍ଶ୍ୱ । ଏମିତି କିଛି ଆଶାକୁ ଏକତ୍ରିତ କରି ତା' ସିଦ୍ଧାନ୍ତକୁ ପରିବର୍ତ୍ତନ କରିଛି ଶୁଭଶ୍ରୀ । ପୁଅ ରାଜୁ ସହ ଯିବା ପାଇଁ ରାଜି ହୋଇଛି ।

ନିକଟ ଭବିଷ୍ୟତର ନୂତନ କିଛି ସ୍ୱପ୍ନକୁ ଦେଖି ମନ ରାଇଜରେ ସେ ସାଜିଯାଇଛି ଧନୀ , ମାନି ବ୍ୟକ୍ତିତ୍ୱ ଟିଏ । ମଚାତଳର ହାଣ୍ଡିକୁ ଉଠାଇ ଆଣିଛି ବାହାରକୁ... । ଚାରି-ପାଞ୍ଚ ଥର ପରୀକ୍ଷା ପରେ ନିଶ୍ଚିତ ହୋଇଛି ଯେ , ଶାଢୀରେ ଚିରା , ଫଟା କଳଙ୍କ କିଛି ନାହିଁ । ହଳଦିଆ ରଙ୍ଗର ଶାଢୀ , ସମ୍ବଲପୁରୀ କାନି , ଚପା ଲେଖେ ଫୁଲ ଗୋଟେ ଗୋଟେ ପଡିଛି ମଝିରେ... ମଝିରେ... । ଦାମ୍ ଦୁଇ ହଜାରରୁ ବଢିବ , ହେଲେ କମିବାର ନାଁ ନାହିଁ । ଇସ୍ତ୍ରୀର ପୋଡା ଦାଗ ଯୋଗୁ ପାଇଛି ସେ ତିନି ବର୍ଷ ପୂର୍ବେ । ଖୁବ ଭଲ ଲୋକ ଥେଲେ ବାବୁ, ବାବୁଆଣି । ଯେ ଶାଢ଼ୀ କୁ ଦେଇଥିଲେ ଶୁଭଶ୍ରୀର ବ୍ୟବହାର ଓ କର୍ତ୍ତବ୍ୟନିଷ୍ଠାକୁ ହୃଦୟଙ୍ଗମ କରି । ବେଳେବେଳେ ଶୁଭଶ୍ରୀ ଭାବେ ଏଇଟା ପରା ତା' ପରିଶ୍ରମ ପ୍ରତି ସମ୍ମାନ । ଖୁବ ଯତ୍ନରେ ରଖିଥେଲା । ଆଜି ପିନ୍ଧିବ । ଯଦିବା କାହିଁ କେତେଦିନୁ ହାଣ୍ଡିରେ ରହିଥିବାରୁ ଲୋଚକୋଚା ଟିକେ ହୋଇଯାଇଛି ତଥାପି ବେଶ ଭଲ ଅଛି ତ । ତା' ଅନ୍ୟ ଶାଢ଼ୀମାନଙ୍କ ତୁଳନାରେ... ।

Download Magazine from www.aahwaan.com

ଶାଢ଼ୀପିନ୍ଧି ଅଟୋ ପାଇଁ ଟଙ୍କା ଯୋଗାଡ଼ କରିଛି । ଧାଇଁ ଯାଇ ଦେଖିଛି ଚୂଳି ପାଖର ସେ କାନ୍ଥ ଉପର ଥାକକୁ । ପାଇଛି ଦୁଇଟା ଦଶଟଙ୍କା ଆଉ ହଳଦୀଲଗା ପାଞ୍ଚ ଟଙ୍କା ଟିଏ । କାଳେ ପଡିଯିବ ଭାବି ଗଣ୍ଠି ପକାଇଛି । ପୁଅର ପ୍ରଥମ ଡାକରେ ବାହାରି ପଡିଛି ହଁ... ହାଁ... କରୁ କରୁ । ଦେଖିଛି ରିକ୍ସା ଲାଗିଛି ... ଆଜି କୁଆଡେ ଓଡିଶା ବନ୍ଦ , ସେ କୁହୁଳି ପୀଡିତା ସକାଶେ । "ଆଃ... ବିଚାରି ଟା..., କେତେ ହେଲେ ସହତା ଆରୁ ଯେ..." ଖୁବ ସମ୍ବେଦନଶୀଳ ହୋଇ କହିଉଥିଲା ଶୁଭଶ୍ରୀ । ପୁଣି ଦେଖିଛି ନାତି ଟୋକାଟା ବସି ପଡିଛି , କାହିଁ କେତେବେଳୁ ଆସି । ଭାରି ଜିଦିଆ ସେ...ଥରେ ମନ କରିଛି ମାନେ ଅଲବତ୍ ଯିବ ସେ । ବାପାକୁ ଟିକେ ଟିକେ ଡରେ , ହେଲେ ଆଉ କାହାରିକୁ ପଚାରେ ନାହିଁ ... । ଶୁଭଶ୍ରୀ ନାତିଆ'ଟାକୁ କିଛି ନ କହି ବସି ପଡିଛି । ରାଜୁ ଆସି ବାରମ୍ବାର ମନା କରିଛି ପ୍ରଶାନ୍ତକୁ , ହେଲେ ସେ କ'ଣ ବୁଝିବା ପୁଅ ? ସମସ୍ତେ ବସି ଚାଲିଛନ୍ତି ସେହି ରାଜ୍ୟସ୍ତରୀୟ ସଭା ଅଭିମୁଖେ ।ରିକ୍ସା ଗଡ଼ିବା ଆରମ୍ଭ କରୁ କରୁ ମନେ ପଡି ଆସୁଛି ଶୁଭଶ୍ରୀର ରଙ୍ଗୀନ ଅତୀତ । ଅର୍ଦ୍ଧ ଦୃଶ୍ୟମାନ ଆକାରରେ ଝିଲ ମିଲ କରି ଦେଖାଯାଉଛି ତା' ରଙ୍ଗୀନ ଅତୀତ । ସେ ବସିପଡ଼ିଛି ରିକ୍ସାର ମଝି ସିଟରେ , ଆଗରେ ରାଜୁବାପା । ଖୁବ ମିଠା ମିଠା କଥାରେ ବିତୁଥିଲା ସେ ମୁହୂର୍ତ୍ତ ଗୁଡିକ । ଗୁଡ଼ ଠାରୁ ମିଠା ଥିଲା ତା' ମର୍ଦ ର ସେ କଥା । ହେଲେ ଏ ସ୍ୱାର୍ଥପୂର୍ଣ୍ଣ ଦୁନିଆରେ କେବେ କ'ଣ କେହି ଚିରସ୍ଥାୟୀ ହୋଇ ରହିପାରିଛି ? ନା ରହିବ ? କାହାର ସ୍ୱାର୍ଥ ଜାଲରେ ଛନ୍ଦି ହୋଇପଡିଛି ରାଜୁବାପା । ଶୁଭଶ୍ରୀର ଶତ ବାରଣକୁ ବେଖାତିର୍ କରି ଚାଲିଯାଇଛି । ଯାଇଛି ଯେ...ଯାଇଛି.....ସେ । ମୋଟା ମୋଟା ଟଙ୍କାର ଆଶା ଓ ଲୋଭରେ ଫସିଯାଇଛି ତା' ମର୍ଦ ଟା । ଛଅ ଫୁଟର ମଣିଷ ଟା , ଏକା ପାଞ୍ଚ ଜଣର କାର୍ଯ୍ୟ କରିବାରେ କେବେ ଥକିନାହିଁ । ଯେତେ ଘାଟି(ଉଠାଣି) ଆସୁ ସେ ଓହ୍ଲାଇ ନାହିଁ ତା'

 Download Magazine from www.aahwaan.com

ରିକ୍ସାରୁ , ଥରେ ଚଢିଲେ ଗନ୍ତବ୍ୟସ୍ଥଳକୁ ପହଂଚିଲେ ଯାଇ କଥାବାର୍ତ୍ତା ।

ହେଲେ , ଆନ୍ଧ୍ର ଯାଇକି ଆସୁ ଆସୁ କର୍ପୂର ଉଡିଯାଇଛି , କନା ରହିଯାଇଛି । କୁଆଡେ ଛୁ ହୋଇଯାଇଛି ତା' ମରଦପଣିଆ । ଯେଉଁଠି ବସିଲେ ବସିପଡୁଥାଏ । କଣ କେମିତି କାମ ଗୋଟେ କରିବାକୁ କହିଲେ ହଁ... ହଁ... କରି ଶେଷରେ ବାରଣ କରିଦିଏ । ହେଲେ ପୁଣିଥରେ ଗୋଡ଼ କାଢ଼ିଛି ତା'ରୋଜଗାର ଟଙ୍କା ସବୁ ଆଣିବା ପାଇଁ । ଶୁଭଶ୍ରୀର ବାରଣକୁ ଖାରଜ କରି କହିଛି - "ଆଜିର ଯୁଗେ ଟଙ୍କା ପଇସାରେ ବିଶ୍ୱାସ ନେଇ କାହାକେ " ଶୁଭଶ୍ରୀ ମଧ୍ୟ ମନେ ମନେ ହଁ ଭରିଛି । ହେଲେ ସେ ଯାଇଛି ଯେ..ଯାଇଛି.... । ଆଉ ଆସିବ ନାହିଁ ମଧ୍ୟ । ଥରେ ଖବର ଆସିଥିଲା , ସେ କଣ ହଇଜାରେ ହରିଗଲା ଆଉ ଚାଲିଗଲା ଅଫେରା ଦୁନିଆକୁ । ତା' ସୁପ୍ତ ଲୋମ ଗୁଡିକ ଉଠିପଡିଛି ସତେକି ପ୍ୟାରେଡ଼ କରିବ ବୋଧେ , ତା' ମର୍ଦ ପ୍ରତି । ଅନାୟତରେ ବହି ଆସିଛି ଦୁଇ ଧାର ଉଷ୍ଣ ଲୁହ ଧାର ।

ଏତିକିରେ ଭାବନା ରାଇଜରୁ ପ୍ରସ୍ଥାନ କରୁ କରୁ ଲୁହଧାରକୁ କାନିରେ ପୋଛିହୋଇ ପ୍ରବେଶ କରି ତେଲଲୁଣର ବାସ୍ତବ ରାଇଜକୁ । ତା'ମତରେ- "କି ରାଇଜ..ଲୋ...ମାଆ.. ତାଙ୍କ କଲାଧଳା ଯୁଗ ତୁଳନାରେ ଏତ ବେଶ୍ ଆଗରେ...ମନ କଲେ....ହେଲୋ... ପୁଣି ମନ କଲେ ଗାଡ଼ି ଧରି ଫୁର୍ । ଆମେରିକାର କଥାବାର୍ତ୍ତା ଟିଭିରେ ସଙ୍ଗେସଙ୍ଗେ ଦଉଛି....ପ୍ରଶାନ୍ତ କୁଆଡେ କହୁଥେଲା ଏବେ ପୁଣି ମଙ୍ଗଳ ଗ୍ରହରେ ବସା ବାନ୍ଧୁଛି ବାପ୍ ରେ ଯୁଗ ଉନ୍ନତି କରୁଛି ଲୋ....ଲୋକେ ରୋଗ-ବେମାରରେ ବି ଆଉ ମରୁ ନାହାନ୍ତି..." । ରାଜୁ ଯେତେବେଳେ ମାଆ.. ବୋଲି ଡାକ ଦେଇଛି । ସାଙ୍ଗେ ସାଙ୍ଗେ କାନିରେ ଆଉଥରେ ଆଖିଲୁହକୁ ପୋଛି ହସି ଦେଇଛି ସ୍ମିତ ହସ ଟେ , କେବଳ ରାଜୁ ପାଇଁ । ଜାହିର୍ କରିଛି ସେ ଆଜି ଖୁସିରେ ଅଛି ।

 Download Magazine from www.aahwaan.com

ଏତିକିରେ ରିକ୍ସା ପହଂଚିଯାଇଛି ଗନ୍ତବ୍ୟସ୍ଥଳରେ । ଓହ୍ଲେଇ ପଡିଛି ରିକ୍ସାରୁ । ଦେଖୁଛି ତା ଆଖି ସାମ୍ନାରେ କେତେ ବଡ଼ ବଡ଼ କୋଠା ନାଲି , ନେଳି, ବିରଙ୍ଗୀ ନାନା ପ୍ରକାରର.. । ଛନ୍ଦାଛନ୍ଦି ହୋଇ ମୁଣ୍ଡ ଟେକିଛନ୍ତି ସତେକି ସହରର ଗର୍ବ ସକାଶେ । ଆଖି ପାହୁନାହିଁ ଶୁଭଶ୍ରୀର । ରାଜୁ ସାଥେ ସାଥେ ଆଗକୁ ଯାଇ ବସିପଡିଛି ଚଉକିରେ । ତା 'ଜୀବନ କାଳରେ କେବେ ଏତେ ବଡ଼ ଆୟୋଜନର ଭାଗି ହୋଇନାହିଁ । ଯଦିବା ହୋଇଛି ବାବୁଆଣୀର ବାହାଘରେ , ତା'କାମ ଥିଲା ବାସନକୁସନ ମଜା । ଏମିତି ସିଧା ସିଧା କେବେ ଦେଖିନାହିଁ ସେ, ଚାକଚକ୍ୟ କାର୍ଯ୍ୟକ୍ରମକୁ ।

ଶୁଭଶ୍ରୀ ତା'ଜୀବନର ଅପରାହ୍ଣରେ ଉପସ୍ଥିତ ହୋଇଥିଲେ ମଧ୍ୟ କେବେ ଦେଖିନଥିଲା ଏତେ ବଡ଼ ବଡ଼ ଲୋକ । ତା ଭାଷାରେ ଭାବନାରେ- " କଳା କୋଟ , ବୋଟ ସୁଟ ,ହାତରେ କେଡେଟାଏ ମୋବାଇଲ ଗୋଟେ ଗୋଟେ । ପାଖରୁ କେହି କେହି ଚାଲିଗଲେ କି ବାସ୍ନା ଲୋ..ମାଆ । ତା'ସହିତ ବୁଟର କଡ଼ପ.. କଡ଼ପ..ଶବ୍ଦରେ ସତେକି ଜାହିର୍ କରୁଥାନ୍ତି ତାଙ୍କ ବଡ଼ପଣକୁ । ଏମାନେ ବେଶ୍ ଆଗରେ ଆମ ପରି ପୁତଲା ତୁଳନାରେ.. । ହଁ ପୁତଲା , ଜୀବନ ଥିଲେ ବି ମୁକ , ବଧୀର ପରି କେବଳ ଦେଖୁଛୁ ସେମାନଙ୍କୁ.. ।"

ସେମାନେ କେତେ ବଡ଼ । କେହି ଜଣେ ତ ଆସି ବସିଥିଲା ଆଉ ତାକୁ ଦେଖି କୁଆଡେ ଘୁଞ୍ଚିପଳାଇଲା ଅନ୍ୟ ସିଟ୍ କୁ । ତା ' ପରେ ଆରମ୍ଭ ହୁଏ କାର୍ଯ୍ୟକ୍ରମ । ଆସନ୍ତି ଆହୁରି ବଡ଼ ବଡ଼ ଲୋକ । ଫୁଲତୋଡା ଦେଇ , ଉପାଢୋକନ ଦେଇ ପୁଷ୍ପବୃଷ୍ଟି ସହ ସ୍ୱାଗତ କରାଯାଏ ତାଙ୍କୁ । ଏମାନେ ହିଁ ଜୀବନରେ ସଫଳ ହୋଇଛନ୍ତି ବୋଧେ ? ପୁଣି କଣ ଗୋଟେ ଗୋଟେ ପକେଟ୍ ପାଖରେ ଖୋସୁଥାନ୍ତି...କେଜାଣି ଲୋ...ମାଆ । ଏମିତି ଭାବିନିଏ ଶୁଭଶ୍ରୀ । ସାତ

Download Magazine from www.aahwaan.com

ଜଣ ବାବୁ ଆସି ବସିଲେଣି , ଆଉ ସେମାନଙ୍କ ମଧ୍ୟରୁ ସେ ଧୋବ ଫର୍ ଫର୍ ଢ଼ିଲା ପିନ୍ଧା , ସଫେଦ୍ ବାଳ ଥିବା ବାବୁଙ୍କୁ ତାର ନଜର । ବେଶ୍ ଶାନ୍ତ , ନମ୍ର , ଭଦ୍ର ଜଣାପଡୁଥାନ୍ତି ଅନ୍ୟ ବାବୁ ମାନଙ୍କ ତୁଳନାରେ । ଶୁଭଶ୍ରୀ ଭାବିଛି ଏ ବାବୁ ବୁଝିପାରୁଥେବେ ଦୁଃଖୀ ହୃଦୟର ଦରଦକୁ , ଭୋକିଲା ଉଦରର ଜ୍ୱାଳା କୁ । ହେଲେ ତା ଆଶାରେ ପାଣି ଫାଟିଯାଏ ଲୋ...ମାଆ.. । ସେ ବାବୁଙ୍କ ଭାଷଣ ଶୁଣି ବୁଢ଼ୀ ଆଁ.... । ଏ କି ଭାଷଣ ଲୋ ମାଆ ? ତାହାକୁ ଜଣା । ବଡ଼ ଲୋକମାନଙ୍କ ଭାଷା ହୋଇଥିବ କାଳେ ? ଏତିକିରେ ପୁରସ୍କାର ବିତରଣ ସଭା ଆରମ୍ଭ ହୋଇଛି । ପ୍ରଥମେ ପ୍ରଥମେ ନାଁ ପଡିଛି ତା ପୁଅର- "ରାଜକୁମାର ହଂସ" । ତା' ଛାତି ଫୁଲିଉଠିଛି ଗର୍ବରେ , ସୁପ୍ତ ଲୋମଗୁଡିକ ସମ୍ବେଦନ ହୋଇ ଚେଇଁ ଉଠିଛନ୍ତି ଉତ୍ସାହ ଆଉ ଦୁଃଖରେ । କେତେ ଖୁସି ହୋଇଥାନ୍ତେ ରାଜୁବାପା ଥିଲେ ? ପୁଅ ଯାଇଛି । ସେଇ ବାବୁ ଠାରୁ ପୁରସ୍କାର ଗ୍ରହଣ କରିଛି । ତା ପରେ ଅନୁରୋଧ କରିଛି କିଛି କହିବା ପାଇଁ । ବାବୁ ମାନଙ୍କ ମୁଣ୍ଡ ହଲିବା ପରେ କହିଛି- "ସଭାର ଭଦ୍ରମଣ୍ଡଳୀକୁ ମୋର ଆନ୍ତରିକ ପ୍ରଣାମ । ଆଜି ମୁଁ ଏଠାରେ ଛିଡା ହୋଇଛି କେବଳ ମୋ ମାଆ ପାଇଁ , ନହେଲେ ମୁଁ ଏଠାରେ ମୁଁ ନଥାନ୍ତି । ଦିସ ଇଜ ଡ଼େଡିକେଟେଡ ଟୁ ମାଇ ମଦର । ମାଆ ଏହା ତୋ ପାଇଁ । ସେ ଦିନର ସେ ବହିହାଟର ଘଟଣା ଆଜିବି ି ମୋ ଆଖି ଆଗରେ ନାଚି ଉଠେ । ଯାହାକି ମୋ ଜୀବନର ଗତିପଥ ବଦଳାଇ ଦେଇଥିଲା... ଆସିଛି ବୋଲି ଆସିଛି ଆଜି ଏ ପର୍ଯ୍ୟନ୍ତ ।"

ଏତିକି ଯଥେଷ୍ଟ ଥିଲା ଶୁଭଶ୍ରୀ ପାଇଁ , ତା ମନର ପରଦାରେ ସେ ଦେଖୁପାରୁଥିଲା ସେ କ୍ଷୁଦ୍ର ତଥା ହୃଦୟସ୍ପର୍ଶୀ ଚଳଚ୍ଚିତ୍ରଟି । ପ୍ରଥମେ ପ୍ରଥମେ ବହି ହାଟ ଆସିଥାଏ ରାଧାପାଟପୁରକୁ । ଗାଁ ଠାରୁ ଚାରି କିଲୋମିଟର ହେବ । ରାଜୁ ସେତେବେଳେ ନୂଆ ନୂଆ

 Download Magazine from www.aahwaan.com

ପାଦ ଦେଉଥାଏ ସାହିତ୍ୟ ଜଗତକୁ । ନାଟକ ଲେଖିବା , ନାଟକ ଦେଖିବା , ନାଟକ ପଢିବା ସତେ କି ତା'ପେଶା । ପେଶା ତ ନିଥଲା , ଥିଲା ନିଶା । ବହୁତ ନିବେଦନ କରି ମାଗିଥିଲା ପଚାଶ ଟଙ୍କାଟେ । ତାକୁ , ତା' ବାପାକୁ । ହେଲେ ପ୍ରତ୍ୟାଖ୍ୟାନ ହିଁ ପାଇଥିଲା । ଓଡ଼ିଶାର ପ୍ରଖ୍ୟାତ ନାଟ୍ୟକାର ଆସିଥିଲେ । ଟିକଟ ଥିଲା ସେ ସମୟର ପଚାଶ ଟଙ୍କା । ସେ ବହୁତ ଦୁଃଖରେ ଘରେ ବସିପଡ଼ିଲା । ଭାବିଲା ଆଉ ନାଟକ ଲେଖାଲେଖି ଦେଖାଦେଖି ବନ୍ଦ । ଏହା ଭାବି ତା' ଲେଖିଥିବା କାଗଜକୁ ଦେଇଦେଇଛି ରଘୁଆ ଦୋକାନରେ । ତା ପ୍ରତିବଦଳରେ ରଘୁଆ ପାଞ୍ଚ ଟଙ୍କାଟେ ଦେଇଛି ରାଜୁକୁ । ଭାବବିହ୍ୱଳ ହୋଇ ସାଇତିରେ ରଖିଛି ତାକୁ ।

ସମୟ ତା ସ୍ୱାଭାବିକ ଗତିରେ ଚାଲିଛି , ଦିନେ ଜଣେ ବ୍ୟକ୍ତି ଆସିଦେଖା କରିଛନ୍ତି ରାଜୁକୁ । ଆଉ ତା'ଲେଖିଥିବା ନାଟକ କିଛି ଦେଖାଇବାକୁ କହିଛନ୍ତି । ହେଲେ ପ୍ରଶାନ୍ତ ମନା କରି କହିଦେଇଛି । ଆଉ କହିଛି ଯେ ସେ ଲେଖିବା ଛାଡିଦେଇଛି । ସେଇ ବ୍ୟକ୍ତିଙ୍କ ବାରମ୍ବାର ଅନୁରୋଧ କ୍ରମେ ସେ ଗୋଟିଏ ନାଟକ ଦେଲା । ଯାହାକି ସେଦିନ ଦୋକାନରେ ଦେବା ପାଇଁ ଭୁଲିଯାଇଥିଲା । ସେ ନେଇକି ଚାଲିଯାଇଛନ୍ତି । କିଛି ଦିନ ପରେ ରାଧାପାଟପୁର ମହୋତ୍ସବ ହୋଇଛି । ସେଠାକୁ ରାଜୁକୁ ଡାକରା ଆସିଛି । ସେ ଯାଇଛି । ତାକୁ ତା ନାଟକ କ୍ଷେତ୍ରରେ ଥିବା ଅଭିଜ୍ଞତାକୁ ଦେଖି ପୁରସ୍କୃତ କରାଯାଇଛି । ଆଉ ସବୁଠୁ ଖୁସିର କଥା ଯେ , ତା'ନାଟକ ସେଠାରେ ପରିବେଷଣ କରାଯାଇଛି । ସେହି ଦିନଠୁ ଆରମ୍ଭ ତାର ଏ ଯାତ୍ରା । ଯାହାଦ୍ୱାରା ଆଜି ରାଜ୍ୟ ସରକାରଙ୍କ ଠାରୁ ପୁରସ୍କୃତ ହେଉଛି । ଶୁଭଶ୍ରୀ ଆଜି ବହୁତ ଖୁସି ତା 'ପୁଅ ନାଁ କରିଛି , ରାଜ୍ୟ ସରକାରଙ୍କ କାନକୁ ଗଲାଣି ତା ପୁଅ ନାଁ.. । ତା'ପରେ ଘରକୁ ଆସିଛନ୍ତି ସମସ୍ତେ ।ସମୟ ତା ବାଟରେ ଆଜି ବହୁତ ଦୂର ଚାଲିଆସିଛି

 Download Magazine from www.aahwaan.com

।

*ଦଶ ବର୍ଷ ପରେ....ଆଜି..*

"ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ କେତେ ଦାମ୍ ଜାଣିଛୁ ନା ?" ଆଉ ସାଙ୍ଗମାନେ ଥିବେ ମୁଁ ଏତେ କମ୍ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା, " ବୋଉ ମୋର ଟାଇମ ହେଲାଣି ,ଟଙ୍କା ଦେ ।" ରୋଷେଇ ଘରୁ ବୋଉ କହିଲେ - "ମୋ ପାଖରେ କିଛି ନାହିଁ , ତୁ ବାପାଙ୍କୁ ମାଗି ନେଇଯା ।'

ପ୍ରଶାନ୍ତ ବିରକ୍ତ ହୋଇ ଗରଗର ହେଉଥିବା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦଧ୍ୱନି ଶୁଣି ନିରବ ହୋଇଗଲା ।

ବୁଢ଼ୀ ଖୁବ ପ୍ରାଞ୍ଜଳ ଭାବେ ନିରୀକ୍ଷଣ କରୁଥାଏ ଏସବୁକୁ , ସେ ଭାବିଛି ରଙ୍ଗୀନ ଇତିହାସକୁ । କିପରି ଭାବେ ରାଜୁର ପ୍ରତିଭା ଲୁଚିବାକୁ ବସିଥିଲା । ପ୍ରଶାନ୍ତ ନାଚ , ଗୀତ , ଅଭିନୟରେ ବେଶ୍ ଆଗ୍ରହୀ ଓ ପାରଦର୍ଶୀ ମଧ୍ୟ । ସେଥିପାଇଁ ତା'ସିନେମା ଯିବା ପାଇଁ ମନ ।

"ରାଜୁ ଏ କଣ ସିନେମା ଯିବ ? ଦେଇଦେ କଣ କେତେ ମାଗୁଛି ।" ପୁଅକୁ ନିର୍ଦ୍ଦେଶଟେ ଦେଇଦେଲା ଶୁଭଶ୍ରୀ ।

"ତୁ ଜାଣିନୁ ମାଆ , ଏ ବୁଲିବ..ଯେ.. ବୁଲିବ ସହର ସାରା ,ପୁଣି ଶହେ ଟଙ୍କା ତ ଦେଇଛି । ପାଠ ନାହିଁ କି ସାଠ ନାହିଁ କହୁଛି କଣ ନା ସିନେମା...ଯିବ... ?"

"ଯିବ ନାହିଁ..."

"ହଁ..ଯେ, ମନାକଲା କିଏ ଯାଉ । ପାଠ ସାଠ କିଛି...." ଗର ଗର ହୋଇ ।

 Download Magazine from www.aahwaan.com

"ହଁ.. ହଁ... ତୁ ବଜାର ଯାଉଛୁ ନା.. ?ଯା.."

"ହଁ ମୁଁ ଆସୁଛି । ପରୀକ୍ଷା ପାଖେଇ ଆସିଲାଣି ପଢ଼ାରେ ଧ୍ୟାନ ଦେ..." ପୁଅକୁ କହିଦେଇ ଚାଲିଗଲେ ।

ବୁଢୀଟା ମନେ ମନେ ତୁଳନା କରିଛି ଦୁହିଁଙ୍କୁ । ଗୋଟିଏ ପଟେ ପୁଅ ରାଜୁ ଆଉ ଅନ୍ୟ ପଟେ ନାତି ଟୋକା ପ୍ରଶାନ୍ତ । ସାଉଁଟିଛି ଅତୀତର ସ୍ମୃତିଗୁଡିକୁ । ତା ପରେ କରିଛି ଯୋଗ , ବିୟୋଗ , ଗୁଣନ , ହରଣ ..କେତେ କେତେ । ଶେଷରେ ସିଦ୍ଧାନ୍ତ ରେ ପହଂଚିଛି ଯେ- ପ୍ରଶାନ୍ତ ଠାରେ ମଧ୍ୟ ରହିଛି ଈଶ୍ୱର ଦତ୍ତ ଶକ୍ତି । ଠିକ୍ ଯେପରି ରହିଥିଲା ରାଜୁର । ନାତିଆ ମଧ୍ୟ ତାଙ୍କ ନାଁ କରିବ । ଏସବୁ ଭାବି ଖୁବ ଉତ୍‌ଫୁଲିତ ହୋଇଯାଉଥାଏ ସେ । ତା'ପରେ ପ୍ରଶାନ୍ତକୁ ଡାକି ଥାଏ । ଆଉ ସେ ରଖିଥିବା ଦୁଇ ଶହ ଟଙ୍କା ଦେଇ କହେ-"ଯା.. ତୋ ବାପା ଆସୁ ଆସୁ ଚାଲିଆସିବୁ ."

" ଥ୍ୟାଙ୍କ ୟୁ..ଗ୍ରାଣ୍ଡ ପା.." ଏତିକି କହି ସ୍କୁଟି ଧରି ବାହାରିଲା ସିନେମା ହଲ ଅଭିମୁଖେ ।

ଯିଏ ଯାହା କହୁ ମୋ ନାତି ଟା ପରା...ବାପା ଯେମିତିିକୁ ପୁଅ ସେମିତି "

"ନାଇଁ ଲୋ..ମାଆ । ତୁଳ'ନା ତୁଳ'ନା ଏ ଦୁହିଁଙ୍କୁ । ଇଏ ଇଏ ଆଉ ସେ ସେ । " ଡାଇନିଂ ଟେବୁଲକୁ ପୋଛୁ ପୋଛୁ ପ୍ରଶାନ୍ତର ମାଆ ଉତ୍ତର ରଖିଲେ ।

ଆଜି ସଂକ୍ରାନ୍ତି । ବୁଢ଼ୀ ମନ୍ଦିର ଯିବ । ସେ ବି ବାହାରିଲା ପାଖ ଜଗନ୍ନାଥ ମନ୍ଦିର ଅଭିମୁଖେ । ଏ କଣ ପ୍ରଶାନ୍ତ ତ ସିନେମା ଯାଉଥିଲା । ସେ ତ ଏଇ ଆଇସକ୍ରିମ ଖାଉଛି । ମାଆ ଲୋ..ସେଇ ଝିଅ ଟା କିଏ ତା ଉପରେ ବସିଛି ଯେ । ଛି ଏତେ ଗହଳି ଅଛି । ଲାଜ ଲାଗୁନି ତାକୁ ? ପ୍ରସାନ୍ତକୁ ମନ୍ଦିର ସାମ୍ନାରେ ଦେଖି ସେ ଭାବିଛି । ଆଉ ଭାବିଛି - ରହ ଯାଉଛି ତୋତେ...ମୋ ଠାରୁ ଟଙ୍କା ମାଗିଲୁ..ମୁଁ କେତେ ଆଶା ଟେ ରଖି ଦେଇ ,ଦେଲି..ଆଉ

 Download Magazine from www.aahwaan.com

ତୁ ଏଠାକୁ...ରହ ..ରହ..ଯାଉଛି । ଗରଗର ହୋଇ ପ୍ରଶାନ୍ତ ପାଖକୁ ଯାଉଥାଏ ।

"ହଇରେ... ପ୍ରଶାନ୍ତ ! ତୁ କଣ କରୁଛୁ ? ଆଉ ଇଏ ଭୁତୁଣୀ ଟା କିଏ ?" ପ୍ରଶାନ୍ତ କୁ ପ୍ରଶ୍ନ କଲା ।

ଆପଣ କିଏ ? ମୁଁ ଜାଣିନି ,ଚିହ୍ନିନି ? କାହାକୁ ଖୋଜୁଛନ୍ତି ? ରୁମାଲରେ ମୁହଁ ପୋଛୁ ପୋଛୁ ରୋକଠୋକ ଭାବେ ମନା କରିଦେଲା ।

"କିଂ କର୍ତ୍ତବ୍ୟ ଏ କଳିଯୁଗେ" ବୁଢ଼ୀ ଠିକ୍ ବୁଝିପାରୁଥିଲା ଯେ- " ସେ ସେ ଆଉ ଇଏ ଇଏ" । କେତେ ଲୋକଙ୍କ ଠାରୁ କେତେ କଥା ଶୁଣିଥିଲା । ପ୍ରଶାନ୍ତ ସିଗାରେଟ ଟାଣୁଛି , ମଦ ପିଉଛି , କଲେଜ ବାହାନାରେ ବୁଲୁଛି ଆଉ କେତେ କ'ଣ ? ହେଲେ ବିଶ୍ବାସ କରୁନଥିଲା ସେ । କେତେ କଣ ହେବ ଭାବୁଥିଲା । ହିରୋ ହେବ । ନାଚିବ , ଗାଇବ , ନାଁ କରିବ କେତେ କ୍'ଣ ? ହେଲେ ଭାବନା ଷ୍ଟେରିଂ ମୋଡିଛି ଆଉ ଏବେ ଏବେ ଭାବୁଛି- ସତରେ..ମୁଁ ଭୁଲ ବୁଝୁଥିଲି ଲୋ.. ମାଆ.. ତୁଳ'ନା..ତୁଳ'ନା... ଦୁହିଁଙ୍କୁ । ସେ.. ସେ.. ଆଉ ଇଏ...ଇଏ... ।

Download Magazine from www.aahwaan.com

# ପରିଚୟ



ବିକେଶ ସାହୁ

କଳା ଝିମ ଝିମ ସେଇ ଅମାବାସ୍ୟା ରାତିଟା ସତରେ କେତେ ଭୟାନକ ଲାଗୁଥିଲା । ଚାରିଆଡ଼େ ସୁନସାନ କେହି କୋଉଠି ଦେଖାଯାଉ ନଥାନ୍ତି । ଏପଟେ ବନ୍ୟ ଜୀବଜନ୍ତୁ ମାନଙ୍କର ଛାତି ଥରା ଆବାଜ ସହ ତାଳ ମିଳାଉ ଥାଏ ଝିଙ୍କାରୀର ଝଙ୍କାର । କେତେବେଳେ ଘାସ ବୁଦା ଭିତର ସରସାର କରି ଉଠୁଥାଏ ତ ଆଉ କେତେବେଳେ ପବନରେ ଡୋହଲୁ ଥିବା ଗଛର ପତ୍ର ଆଉ ଗୋଟିଏ ପତ୍ର ସହ ଘଷି ହୋଇ ଭୟର ତାଣ୍ଡବ ସୃଷ୍ଟି କରୁଥାଏ । ଏତିକି ବେଳେ ଅନତି ଦୂରରେ ହଟାତ ନିଆ ଜଳିବାରେ ଲାଗିଲା । ହୁଦୁହୁଦୁ ନିଆଁର ଶବ୍ଦରେ ସାରା ଜଙ୍ଗଲଟା ପ୍ରକମ୍ପିତ ହୋଇ ଉଠୁଥାଏ । ହଟାତ ସେଇ ନିଆଁ ଭିତରୁ ଗୋଟେ ମୁଣ୍ଡ ନ ଥିବା ମଣିଷ ଶରୀରଧାରୀ ଜୀବ ବାହାରି ଜୋରରେ ସାମନ୍ତ ବାବୁଙ୍କ ଆଡକୁ ମାଡ଼ି ଆସୁଛି । ତା ହାତରେ ଦୁଇହାତ ଲମ୍ବର ଗୋଟିଏ ତଲବାର । ହଟାତ ପାଖକୁ ଆସି ସାମନ୍ତ ବାବୁଙ୍କ ଗଣ୍ଡିରୁ ମୁଣ୍ଡଟାକୁ ଅଲଗା କରିଦେଇଛି......... ସାମନ୍ତ ବାବୁ ଚମକି ପଡି ସାଙ୍ଗେ ସାଙ୍ଗେ ଉଠିପଡିଛନ୍ତି । ତାଙ୍କ ନିଦ ଭାଙ୍ଗିଯାଇଛି । ମୁଣ୍ଡଟାକୁ ଭଲରେ ହାତରେ ଅଣ୍ଡାଳିଛନ୍ତି ପୁଣି ଭୟରେ ଦେହ ହାତ ଥରୁଥାଏ । ଲାଇଟଟା ଅନ କରି ଟେବୁଲ ଉପରେ ଥୁଆ ହୋଇ ଥିବା ଗ୍ଲାସେ ପାଣିକୁ ଏକା ନିଶ୍ୱାସରେ ପିଇଯାଇ କିଛି ସମୟ ଆରାମ ଚେୟାରରେ ବସି ଯାଇଛନ୍ତି । ଏପଟେ ତାଙ୍କ ଘରଣୀ ସାରଦା ଦେବୀ ନିଘୋଡ଼ ନିଦରେ ଶୋଇଯାଇଛନ୍ତି । କିଛି ସମୟ ଗଲାପରେ କାନ୍ଥ ଘଣ୍ଟାଟା ରାତ୍ରି ୧୨ଟା ହେବାର ସୂଚନା ଦେଇ ବାଜିଉଠିଲା । କିନ୍ତୁ ସାମନ୍ତ ବାବୁ ଙ୍କୁ ଆଉ ନିଦ ହେଉନଥାଏ ବାବା ରେ କେତେ ଭୟାନକ ସ୍ୱପ୍ନ । ଭାବିଦେଲେ

 Download Magazine from www.aahwaan.com

ଦେହ ଶୀତେଇ ଉଠୁଥାଏ । ଏମିତି କିଛିସମୟ ଗଲାପରେ ସେଇ ମଧ୍ୟରାତ୍ରିର ନୀରବତାକୁ ଭଙ୍ଗ କରି ଗୁଣୁଗୁଣୁ ହୋଇ ଭାଷି ଆସୁଥାଏ ଅସ୍ପଷ୍ଟ ସ୍ୱର । ସାମନ୍ତବାବୁ ଟିକିଏ ଉତଣ୍ଠିତ ହୋଇ ଶବ୍ଦ ଗୁଡିକୁ ଶୁଣିବା ପରେ ଜାଣିପାରିଲେ ସେ ହେଉଛି ମଣିଷର ସ୍ୱର । ଆଉ ତାକୁ ଆବିଷ୍କାର କରିବା ପାଇଁ ସେଇ ଶବ୍ଦ ଭାଷି ଆସୁଥିବା ସ୍ଥାନ ଆଡକୁ ଆଗେଇ ଚାଲିଥାନ୍ତି । ଶେଷ କୁ ଯାଇ ଦେଖିଲେ ସେଇ ଶବ୍ଦ ପ୍ରଶାନ୍ତର ଶୋଇବା ଘରରୁ ଆସୁଛି । ସାମନ୍ତ ବାବୁ ଟିକିଏ ବିସ୍ମିତ ହୋଇ ପାଖକୁ ଯାଇ ଝରକା ବାଟେ ଦେଖନ୍ତି ତ ପ୍ରଶାନ୍ତ ଏ ପର୍ଯ୍ୟନ୍ତ ଶୋଇନାହିଁ । ପୁଣି ଫୋନଟାକୁ କାନରେ ଦେଇ କାହାସହ ଗପୁଛି । ଏଇ ସବୁ ଦେଖିଲା ପରେ ସାମନ୍ତ ବାବୁ କିଛି ସମୟ ନିରବ ହୋଇ ସେଇଠୁ ପୁଣି ନିଜ ଶୟନ କକ୍ଷକୁ ଚାଲିଗଲେ । ଏଇ ସବୁ ଘଟଣା ତାଙ୍କ ମନରେ ଗଭୀର ପ୍ରଭାବ ଆଣି ଦେଲା । ପ୍ରଶାନ୍ତକୁ ନେଇ ମନରେ ଅନେକ ଗୁଡିଏ ସନ୍ଦେହ ତାଙ୍କୁ ବ୍ୟତିବ୍ୟସ୍ତ କରିପକାଉଥାଏ । ସେ ହେଉଛି ତାଙ୍କ ଗୋଟିଏ ବୋଲି ପୁଅ । କେତେ ଦାନ ଧର୍ମ ପରେ ସେ ପୁଅଟିଏ ପାଇଛନ୍ତି । ସେ ପୁଣି ଏଇ ବଳିଆର ସିଂହ ପରିବାରର ଉତ୍ତର ଦାୟାଦ । ସେ ଯଦି କିଛି ଓଲଟ ପଲଟ କରି ଦିଏ ତା ହେଲେ ଏ ଖାନଦାନର ଇଜ୍ଜତ ସବୁ ମାଟିରେ ମିଶିଯିବ । ସେ କଣ ଆଉ ମୁଣ୍ଡ ଟେକି ବାଟ ଚାଲିପାରିବେ । ଆଜକୁ ପଚାଶ ବର୍ଷ ହେଇଗଲା ଏ ଯାଏ ତାଙ୍କ ଉପରେ କଳଙ୍କର ଛାଇ ବି ପଡ଼ିପାରିନାହିଁ । ଜଣେ ସଚ୍ଚୋଟ ନାମଜାଦା ମଣିଷ ଭାବେ ଏ ସହର କାହିଁକି ଆଖ ପାଖ ପଚାଶ ଖଣ୍ଡ ଗାଁର ଆବାଳବୃଦ୍ଧ ବନିତା ଜାଣନ୍ତି ।ଯେ କୌଣସି ସ୍ଥାନରେ ଯେ କୌଣସି ଧର୍ମ କାର୍ଯ୍ୟ ପୂଜାପାର୍ବଣ, ଯଜ୍ଞ ଯାହାବି ହେଉ ତାଙ୍କୁ ନ ଡାକିଲେ ତାହା ସମ୍ପନ୍ନ ହୁଏନି । ଜଣେ ଏମିତି ବ୍ୟକ୍ତିତ୍ୱ ସେ । ନିଜ ଧର୍ମକୁ ଛାଡି ଦେଲେ ଅନ୍ୟ କୌଣସି ଧର୍ମର ଲୋକଙ୍କୁ ସେ ପସନ୍ଦ କରନ୍ତି ନି । ବରଂ ଭରିରହିଛି ତାଙ୍କ ମନରେ କେବଳ ଘୃଣା । ସେମାନଙ୍କ ପାଖ

 Download Magazine from www.aahwaan.com

ମାଡିବା ତ ଦୂରର କଥା ସେ ମାନଙ୍କ ଛାଇ ଟିକିଏ ପଡିଲେ ବି ସେ ଗୋବର ପାଣି ପିଇ ଗଙ୍ଗା ନଦୀ ଜଳ ମିଶ୍ରିତ ପାଣିରେ ଗାଧୋଉଥିଲେ । ଯଦି ତାଙ୍କ ପୁଅ ଏମିତି କିଛି ଭୁଲ କରିଦିଏ ତା ହେଲେ କଣ ଏଇ ମାନ ସମ୍ମାନ ତାଙ୍କ ରହିବ । ଏମିତି ଅନେକ କିଛି ଭାବିଲେ । ଆଉ ଭାବୁ ଭାବୁ କେତେବେଳେ ଯେ ନିଦ ଆସିଗଲା ସେଇ ଆରାମ ଚେୟାର ଉପରେ ସେ ଜାଣିପାରିଲେ ନାହିଁ ।

ସକାଳ ହେଇଛି । ଧୀରେ ଧୀରେ ପୃଥିବୀ ପୃଷ୍ଠରୁ ବିଦାୟ ନେଇଛନ୍ତି ନିଦ୍ରା ଦେବୀ । ପୂର୍ବ ଆକାଶରେ ନୂତନ ଚିନ୍ତା ଓ ଚେତନା ନେଇ ନିଜର ଆଧିପତ୍ୟ ବିସ୍ତାର କରିବା ଆରମ୍ଭ କରିଦେଇଥାନ୍ତି ସୂର୍ଯ୍ୟ ଦେବତା । ତା ସଙ୍ଗରେ ମୁଖରିତ ହେଇ ଉଠୁଥାଏ ପକ୍ଷୀ ମାନଙ୍କର କଲରବ । ସାରଦା ଦେବୀ ଉଠିପଡ଼ି ଦେଖନ୍ତି ସାମନ୍ତ ବାବୁ ଶେଜ ଉପରେ ନାହାନ୍ତି । ସେ ଟିକିଏ ବିସ୍ମିତ ହୋଇ ଦେଖନ୍ତି ଆରାମ ଚେୟାର ଉପରେ ସେ ଶୋଇପଡିଛନ୍ତି । ତାଙ୍କୁ ମଧ୍ୟ ଉଠେଇ ଦେଇଛନ୍ତି । ସାମନ୍ତ ବାବୁ ଉଠି ପଡି ଚେୟାର ଉପରେ ନିଜକୁ ଦେଖି ଚମକି ପଡିଛନ୍ତି । ସଂଗେ ସଂଗେ ଉଠିପଡ଼ି ନିତ୍ୟକର୍ମ ସାରି ବାହାରି ପଡିଛନ୍ତି ଡେଲି ମାର୍କେଟ ଆଡକୁ । ଏପଟେ ସାରଦା ଦେବୀ ନିତ୍ୟକର୍ମ ସାରି ଚା' କପ ଧରି ପ୍ରଶାନ୍ତ ବେଡ଼ରୁମକୁ ଯାଇ ଦେଖନ୍ତି ସେ ନିଘୋଡ଼ ନିଦରେ ଶୋଇ ଯାଇଛି । ଚା'କପ ଟେବୁଲ ଉପରେ ରଖିଦେଇ । ତାକୁ ଉଠେଇ ଦେଇ ସକାଳ ଜଳଖିଆ ତିଆରିରେ ଲାଗିପଡ଼ିଥାନ୍ତି । ଏପଟେ ପ୍ରଶାନ୍ତ ଉଠିପଡ଼ି ନିତ୍ୟକର୍ମ ସାରି ସମ୍ପୂର୍ଣ ପ୍ରସ୍ତୁତ ହେଇ ଖାଇବା ଟେବୁଲରେ ଆସି ପହଂଚି ଯାଇଛି । ସାରଦା ଦେବୀ ତାକୁ ଜଳଖିଆ ବାଢି ଦେଇ ପଚାରିଲେ -"କୁଆଡେ ଯାଉଛୁ କିରେ ନୂଆ ପୋଷାକ ପିନ୍ଧିଛୁ ଯେ ? " ମା ଙ୍କ ପ୍ରଶ୍ନ ଶୁଣି ପ୍ରଶାନ୍ତ ଟିକିଏ ନିରବ ରହି ସିନେମା ଦେଖିବାକୁ ଯାଉଛି କହି । ଜଳଖିଆ କରିବାରେ ବ୍ୟସ୍ତ ରହିଲା । କିଛି ସମୟ ପରେ ପୁଣି କହିଲା -

Download Magazine from www.aahwaan.com

"ବୋଉ ତୋ ପାଖରେ ଯଦି କିଛି ଟଙ୍କା ଅଛି ତା ହେଲେ ଦେଲୁ ।" ସାରଦା ଦେବୀ ଶୟନ କକ୍ଷକୁ ଯାଇ ଟଙ୍କା ଦୁଇଶହ ଧରି ଆସି ଖାଇବା ଟେବୁଲ ଉପରେ ରଖି ଦେଇ ରୋଷେଇ ଘରକୁ ଚାଲିଗଲେ । କିଛି ସମୟ ଗଲାପରେ ପୁଣି ଥରେ ପ୍ରଶାନ୍ତ କହିଲା- "ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ କେତେ ଦାମ୍ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ ମୁଁ ଏତେ କମ୍ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା, "ବୋଉ ମୋର ଟାଇମ୍ ହେଲାଣି, ଟଙ୍କା ଦେ ।" ରାଷେଇଘରୁ ବୋଉ କହିଲେ, "ମୋ ପାଖେର କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହେଉଥିବା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ, ପଦଧ୍ୱନୀ ଶୁଣି ନିରବ ହୋଇଗଲା ।ବାପାଙ୍କୁ ପ୍ରଶାନ୍ତର ଭାରି ଡର । ଆଜକୁ ୨୨ ବର୍ଷ ହେଇଗଲାଣି ତଥାପି ବାପାଙ୍କ ପ୍ରତି ଥିବା ଭୟ ଏ ଯାଏ ମନରୁ ଯାଇନି ।

ସାମନ୍ତ ବାବୁ ଆସି ଖାଇବା ଟେବୁଲ ଉପରେ ବସି ପଡିଲେ କିଛି ସମୟ ନିରବ ହୋଇ । ପ୍ରଶାନ୍ତର ସାହସ ପାଉନ ଥାଏ ବାପାଙ୍କୁ କହିବା ପାଇଁ । କିଛି ସମୟ ଗଲା ପରେ ସାମନ୍ତ ବାବୁ ପ୍ରଶାନ୍ତକୁ କହିଲେ -"ନାଇରେ କୁଆଡେ ବହାରିଛୁ କି ? ଏତେ ସକାଳୁ ସକାଳୁ.... ? ସାମନ୍ତ ବାବୁଙ୍କ ପ୍ରଶ୍ନ ଶୁଣି ପ୍ରଶାନ୍ତ ଟିକିଏ ଖନେଇ ଯାଇ କାମରେ ଯାଉଛି କହି ଉଠି ପଡିଛି ଖାଇବା ଟେବୁଲରୁ । ଆଜି ପୁଣି କି କାମ ? ସାମନ୍ତ ବାବୁ ପୁଣି ଥରେ ପଚାରିଲେ । ଏତିକି ବେଳେ ପ୍ରଶାନ୍ତ ଘରୁ ବାହାରି ସାରିଥାଏ । ଅଟୋଟିଏ କହି ପହଂଚି ଗଲା ସେଇ ରାମ ମନ୍ଦିର ପାଖରେ । ଆଜି ଆନିସା ସହ ତାର ବାହାଘର । କେମିତି ବା

 Download Magazine from www.aahwaan.com

ବାପାଙ୍କୁ କହିଥାନ୍ତା ସେ ଗୋଟେ ମୁସଲମାନ ଝିଅ କୁ ବିବାହ କରୁଛି । ଯେଉଁଥି ପାଇଁ ମା ଙ୍କୁ ସିନେମା ଯିବା ବାହାନା କରିବାକୁ ପଡିଲା । ପୁଣି ବାପା କେବେବି ତାଙ୍କୁ ସ୍ୱୀକାର କରିନଥାନ୍ତେ । ତେଣୁ ବାଧ୍ୟ ହୋଇ ତାକୁ ମନ୍ଦିର ରେ ବିବାହ କରିବାର ଆୟୋଜନ କରିବାକୁ ପଡିଲା । ଯାହାକୁ ଦୀର୍ଘ ପାଞ୍ଚ ବର୍ଷ ଧରି ପ୍ରେମ କରୁଛି କେମିତି ବା ତାକୁ ଆଉ କାହା ହାତରେ ଟେକିଦେବ । ସେଇ ସାହସ ତାର ନ ଥିଲା । ମା ବାପା ଛେଉଣ୍ଡ ଆନିସା ବି ପ୍ରଶାନ୍ତକୁ ନିଜ ଜୀବନ ଭାବି ନେଇଛି । ଏପଟେ ତା ସାଙ୍ଗ ବସନ୍ତ ବାହାଘର ପାଇଁ ସବୁ ପ୍ରସ୍ତୁତି କରିଦେଇଥିଲା । ଠିକ ସମୟରେ ବାହା ସମ୍ପୂର୍ଣ ହେଲା । ପ୍ରଶାନ୍ତ ଓ ଆନିସା ସବୁଦିନ ପାଇଁ ଗୋଟିଏ ଆତ୍ମା ହେଇଗଲେ । ପ୍ରଶାନ୍ତ ଘରକୁ ଯିବା ପାଇଁ ଇଛା ପ୍ରକାଶ କରୁନଥିଲା କିନ୍ତୁ ଆନିସା ତାକୁ ବାଧ୍ୟ କଲା । ବାପା ମା'ଙ୍କ ଆଶୀର୍ବାଦ ନେବାପାଇଁ ।

ଶେଷରେ ଦୁହେଁ ଘରେ ପହଁଚିଲେ । ଏପଟେ ସାମନ୍ତବାବୁ ବଗିଚାରେ ପାଣି ଦେଉଥାନ୍ତି । ପ୍ରଶାନ୍ତକୁ ବରବେଶରେ ଦେଖି ସେ ଚମକି ପଡିଲେ । ପାଣି ପାଇପଟାକୁ ଛାଡ଼ିଦେଇ ସେ ଦଉଡି ଆସିଲେ ଫାଟକ ପାଖକୁ । ବାପାଙ୍କୁ ଦେଖି ପ୍ରଶାନ୍ତ ଓ ଆନିସା ପାଦ ଛୁଇଁ ପ୍ରଣାମ କଲେ । ସାମନ୍ତ ବାବୁ କିଛି ବୁଝି ପାରୁ ନଥାନ୍ତି । ଏହାପରେ ପ୍ରଶାନ୍ତ ସବୁ କଥା ଖୋଲିକି ତାଙ୍କ ଆଗରେ କହିଦେଲେ । ଆନିସା ଜଣେ ମୁସଲମାନ, ଜାଣିବା ପରେ ସାମନ୍ତ ବାବୁ ସମ୍ପୂର୍ଣ୍ଣ ଭାବେ ରାଗିଗଲେ । ଆଉ ଦୁଇ ଜଣଙ୍କୁ ସେଇଠୁ ତଡି ଦେଲେ । ପ୍ରଶାନ୍ତ ବାପାଙ୍କୁ ବହୁତ ବୁଝାଇଲା ହେଲେ ସେ ବୁଝିଲେନି । ସେହି କ୍ଷଣି ବାପପୁଅର ସମ୍ପର୍କ ସବୁଦିନ ପାଇଁ ତୁଟେଇ ଦେଲେ ସାମନ୍ତ ବାବୁ । ସଂଗେ ସଂଗେ ଫାଟକଟାକୁ ବନ୍ଦ କରିଦେଇ ଘର ଭିତରକୁ ଚାଲି ଆସିଲେ । କଣ ବା ଆଉ କରନ୍ତା ପ୍ରଶାନ୍ତ । ସେଇଠୁ ସେମାନେ ଚାଲିଯାଇ ଅନ୍ୟଏକ ସହରରେ ପ୍ରଶାନ୍ତର ଜଣେ ସାଙ୍ଗ ପାଖରେ କିଛି ଦିନ ରହିଲେ । ସେଇଠି ଗୋଟେ

 Download Magazine from www.aahwaan.com

ଘର ଭଡାରେ ନେଇ ପ୍ରଶାନ୍ତ ଛୋଟିଆ ଚାକିରୀଟିଏ ଠିକ କଲା । ଭାଗ୍ୟକୁ ଚାକିରୀଟିଏ ବି ମିଳିଗଲା । ସେମିତି ସୁଖରେ ଦୁଃଖରେ ଦୁହେଁ ଆରାମରେ ରହୁଥିଲେ ।

ଗୋଟିଏ ବର୍ଷ ପରେ.....

ବିବାହକୁ ଗୋଟିଏ ବର୍ଷ ବିତି ସାରିଥାଏ । ଧୀରେ ଧୀରେ ପ୍ରଶାନ୍ତର ଆର୍ଥିକ ସ୍ଥିତି ବି ସ୍ୱଚ୍ଛଳ ହେଇ ସାରିଥାଏ । ଆଉ ଆନିସା କୋଳରେ ଆସି ସାରିଥିଲା ତାଙ୍କର ସମ୍ପର୍କର ପ୍ରଥମ ସଂକେତ । ଘରଟା କୁଆଁ କୁଆଁ ଶବ୍ଦରେ ପୁରି ଉଠୁଥିଲା । ତା'ରି ମୁହଁକୁ ଦେଖି ସେମାନେ ଆରାମରେ ବଂଚି ଯାଉଥିଲେ ।

ସେମିତି ଗୋଟେ ଦିନର କଥା ପ୍ରଶାନ୍ତ ଓ ଆନିସା ସହ ତାଙ୍କ ନବଜାତ ପୁଅ ମିଶି ବସନ୍ତ ରହୁଥିବା ତାଙ୍କ ସେଇ ସହରକୁ ଆସିଥାନ୍ତି ବସନ୍ତଙ୍କୁ ଭେଟିବାକୁ । କିନ୍ତୁ ଘଟି ଯାଇଛି ରାସ୍ତାରେ ଏକ ଦୁର୍ଘଟଣା । ଯେଉଁଥିରେ ପ୍ରଶାନ୍ତ ସବୁଦିନ ପାଇଁ ଦୁନିଆ ଛାଡି ଚାଲି ଯାଇଛି ସେଇ ଦୁର୍ଘଟଣା ସ୍ଥାନରେ । କିନ୍ତୁ ଆନିସାର ଶରୀରରେ ଏ ଯାଏ ପ୍ରାଣଥିଲା ଆଉ ନିଜ ଜନ୍ମ କଲା ଛୁଆକୁ ସେ ବଞ୍ଚେଇ ପାରିଛି । ସଂଗେ ସଂଗେ ସେମାନଙ୍କୁ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ଖବର ପାଇ ବସନ୍ତ ପହଂଚି ଗଲା ଡାକ୍ତରଖାନାରେ । ଶେଷରେ ଆନିସା ବି ସେଇ ଶିଶୁ ପୁତ୍ରଟିକୁ ତା ଜେଜେକୁ ଦେଇ ଦେବା ପାଇଁ କହି ସବୁଦିନ ପାଇଁ ଦୁନିଆ ଛାଡି ଚାଲି ଯାଇଛି । ରହିଯାଇଛି ସେଇ ନିରୀହ ନିଷ୍ପାପ ଶିଶୁ । ସେ ବା କି ପାପ କରିଥିଲା ।

ବସନ୍ତ ଦୁହିଁଙ୍କ ଅନ୍ତିମ ସଂସ୍କାର କରି ଫେରିବା ପରେ ଆନିସା କହିବା ମୁତାବକ ସେଇ ଶିଶୁଟିକୁ ନେଇ ସାମନ୍ତ ବାବୁଙ୍କ ପାଖକୁ ଗଲା । ଏତିକି ବେଳେ ସାମନ୍ତ ବାବୁ ଆରାମ ଚେୟାରରେ ବସି ଚିନ୍ତାମଗ୍ନ ଅବସ୍ଥାରେ ଥାଆନ୍ତି । ପୁଅ ଗଲାପରେ ଭାଙ୍ଗି ପଡିଛନ୍ତି ସତ । ହେଲେ ଏ ଯାଏ ତାଙ୍କ ମନରୁ ଧର୍ମ ଧର୍ମ, ଜାତି ଜାତି ଭିତରେ ପାତର ଅନ୍ତର ମନରୁ

Download Magazine from www.aahwaan.com

ଯାଇନଥିଲା । ବସନ୍ତ ଘର ଭିତରକୁ ଯାଇ ସାମନ୍ତ ବାବୁଙ୍କୁ ସବୁ କଥା କହି ଦେଇଛି । କିନ୍ତୁ ଏବେ ବି ସେ ରାଜି ହୋଇନାହାନ୍ତି ସେଇ ଶିଶୁଟିକୁ ନିଜର କରିବାକୁ । ସାରଦା ଦେବୀ ଏଇ ସବୁ ଶୁଣି ମର୍ମାହତ ହୋଇପଡିଛନ୍ତି । ସେ ବା ଆଉ କଣ କରିପାରନ୍ତେ ।

ଶେଷରେ ବସନ୍ତ ସେଇ ଚଟାଣ ଉପରେ ଶିଶୁଟିକୁ ରଖିଦେଇ ଚାଲିଯାଇଛି । ଆଉ ସେଇ ଶିଶୁର କାନ୍ଦରେ ଥରି ଉଠୁଥାଏ ସେଇ ଘରର ସବୁ କାନ୍ଥ । ସତେକି ସେ ପରିଚୟ ମାଗୁଛି ମୋତେ କହି ପାରିବ ମୁଁ କେଉଁ ଧର୍ମର..? ଦେଇ ପାରିବ କି ମୋତେ ମୋ ପରିଚୟ..? ମୁଁ ହିନ୍ଦୁ ନା ମୁସଲମାନ..? କୁହ ମୋ ପ୍ରଶ୍ନର ଉତ୍ତର ଦିଅ.... ? ? ? ? ?

ଭୁଷଲଡ଼, ସିନ୍ଧେକେଲା, ବଲାଙ୍ଗୀର
ଦୂରଭାଷ-୭୭୫୨୦୬୬୨୧୭

Download Magazine from www.aahwaan.com

# ବଡ଼ ହେଲେ ମୁଁ ହାକିମ ହେବି...



ସରସୀ ଆଚାର୍ଯ୍ୟ

"ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । ଟିକେଟ୍ କେତେ ଦାମ୍ ହେଲାଣି ଜାଣିଛୁ ନାଁ ? ଆଉ ସାଙ୍ଗମାନେ ବି ଥିବେ ମୁଁ ଏତେ କମ୍ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ କିଛି ଅଛି ନା ନାହିଁ ? ଖାଇବା ଟେବୁଲ ରେ ବସିଥିବା ବେଳେ ବୋଉ ଯାହା ଦେଇଥିଲା ସେତକ ନେଇ ନିରବ ହେଇଗଲା ପରେ ପୁଣି କହିଲା, "ବୋଉ ମୋର ଟାଇମ୍ ହେଲାଣି ଟଙ୍କା ଦେ" । ରୋଷେଇ ଘରୁ ବୋଉ କହିଲା,"ମୋ ପାଖରେ କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇଯା ।'"

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହେଉଥିବାବେଳେ ଘର ଭିତରକୁ ପଶିଆସୁଥିବା ବାପାଙ୍କ ପଦଧ୍ୱନୀ ଶୁଣି ନିରବ ହେଇଗଲା । ଭାବିଲା ଏବେ ଯଦି ବାପା ତା ସିନେମା ଯିବା କଥା ଜାଣିବେ ତାହେଲେ ଘରେ ପ୍ରଳୟ ଆସିପାରେ । ତେଣୁ ଚୁପ୍ ଚାପ୍ ଛୋଟ ପିଲାଟେ ପରି କଲେଜ ବ୍ୟାଗ ଧରି ରୁମ୍ ରୁ ବାହାରି ଯିବାକୁ ଉଦ୍ୟତ ହେଲା । ହେଲେ ବାପା ତ 'ବାପା' ! ତାଙ୍କୁ ସବୁ ଜଣା । ସେ ତା ଯିବା ବାଟକୁ ଅଟକାଇ ଦେଇ ପଚାରିଲେ, "କଣ ଦରକାର ବୋଲି ବୋଉକୁ କହୁଥିଲୁ ?" ନା ସେ କିଛି ନୁହଁ ବାପା, ଏମିତି ସାଙ୍ଗ ସାଥୀ..... ! "କଣ ପିକ୍ - ନିକ୍ ଯିବ ବୋଲି ବାହାରିଛ କି ?" ପ୍ରଶାନ୍ତ ନିରବ ରହିଲା, ସିନେମା କଥା ଟି ତା' ମୁହଁ ରୁ ବାହାରୁନଥିଲା । କାରଣ ବାପାଙ୍କର ଏସବୁ ଜମା ବି ପସନ୍ଦ ନୁହେଁ ।

ସେତିକି ବେଳକୁ ବୋଉ ବି ଆସି ଠିଆ ହେଲା । ସୁଯୋଗ ଦେଖି କହିଲା, "ପିଲାଟା କଣ ତା ସାଙ୍ଗ ମାନଙ୍କ ସହ ବୁଲିଯିବ, ତାକୁ କିଛି ଟଙ୍କା ଦେଉନା ।" ଏତକ କହି ବୋଉ

Download Magazine from www.aahwaan.com

ଲୁଗା କାନିରେ ମୁହଁ ପୋଛିଲା ।

ଆଦିକନ୍ଦ ବାବୁ କ୍ଷଣିଏ ପ୍ରଶାନ୍ତ କୁ ଆଉ କ୍ଷଣିଏ ସୁଜାତା ଦେବୀଙ୍କୁ ପ୍ରଶ୍ନିଳ ଆଖିରେ ଚାହିଁଲେ । କିଛି କହିବାକୁ ଚାହୁଁଥିଲେ ହେଲେ ନକହି ଦୀର୍ଘଶ୍ୱାସ ନେଇ ଶୋଇବା ଘରକୁ ପଶିଗଲେ । କିଛି ସମୟ ପରେ ସାର୍ଟ୍ ପକେଟରୁ ଶହେ ଟଙ୍କିଆ ନୋଟ ଖଣ୍ଡେ ଆଣି ସୁଜାତା ଦେବୀଙ୍କୁ ଦେଲେ । ସୁଜାତା ଦେବୀ ମୁରୁକି ହସା ଦେଇ ପ୍ରଶାନ୍ତ ହାତରେ ଗୁଂଜି ଦେଲେ ଦୁଇ ଭାଙ୍ଗ ହେଇଥିବା ନୋଟଟିକୁ ।

ପ୍ରଶାନ୍ତ ଖୁସି ମନରେ ଘରୁ ବାହାରିଗଲା । ଘର ଠାରୁ ତା' କଲେଜ ପନ୍ଦର କିଲୋମିଟର । ଛ' କିଲୋମିଟର ସାଇକେଲରେ ଯାଏ, ପୁଣି ସେଠୁ ବସରେ । ସାଙ୍ଗରେ ଆଉ ତିନିଜଣ ବି ଥାଆନ୍ତି, ପବନା, ମୋହନ ଓ ହରି । ସେମାନେ ଆଗରୁ ତା'କୁ ଗାଁ ଛକ ପାଖେ ଅପେକ୍ଷା କରି ରହିଥିଲେ, ପ୍ରଶାନ୍ତକୁ ଦେଖି ଏକବାରେ ଝାମ୍ପି ଗଲେ ଯ୍ଣା' ଉପରକୁ ।

"କିରେ ଏତେ ଡେରିରେ ଘରୁ ବାହାରୁଛୁ କଣ, ଶୋଇ ପଡିଥିଲୁ କି ? ଏବେ ଟାଇମ୍ରେ ଷ୍ଟାଣ୍ଡରେ ନପହଁଞ୍ଚିଲେ ଚକାଆଖି ବସ୍ ମିଳିବ ଟି ? ?" ପୁଣି ଫାଷ୍ଟ ପିରିୟଡରେ ଡେରିରେ ପହଁଞ୍ଚିଲେ ମନୋଜ ସାର୍ ଇଂଲିଶ କ୍ଲାସ୍ ରୁ ବାହାର କରିଦେବେ ଯେ....

ପ୍ରଶାନ୍ତ ହଉ ହଉ ଚାଲ ଚାଲ କହି ସାଇକେଲରେ ଜୋର୍ ପେଡ଼େଲ୍ ମାରିଲା । ହରି ଗପିଚାଲିଥାଏ କେମିତି କୋଉ କ୍ଲାସ୍ ପରେ ସିନେମା ଯିବା, ପର କ୍ଲାସର ନୋଟସ୍ କାହା ଠାରୁ ଆସି ଟିପା ହେବ, ଏମିତି ଅନେକ କିଛି । ମୋହନ କହିଲା, 'ମୁଁ ତ ବାପାଙ୍କୁ ମିଛ କହି ପଇସା ଆଣିଛି କି ପ୍ରୋଜେକ୍ଟ ଫି ଦେବି ।' ତା'ପରେ ସମସ୍ତେ ହସି ଉଠିଲେ । ହେଲେ କାହିଁକି କେଜାଣି ପ୍ରଶାନ୍ତ ସେ ହସରେ ତାଳ ଦେଇ ହସି ପାରିଲାନି ।

ପବନା ସିନେମା ହଲ୍ ବିଷୟରେ ସବିଶେଷ ବିବରଣୀ ଦେଉଥାଏ । କଲେଜ ଠାରୁ

Download Magazine from www.aahwaan.com

ହଲ୍ ଟି ଦଶ କିଲୋମିଟର । ଆଗରୁ ହଲ୍ ଟି ଅସନା ମସନା ହେଇ ପଡ଼ିଥିଲା, ବେଶି ଲୋକ୍ ଯାଉନଥିଲେ । ହେଲେ ଗତବର୍ଷ ହଲଟିକୁ ଜଣେ ତରୁଣ ବ୍ୟବସାୟୀ କିଣିନେଲେ । ତା'ପରେ ହଲ୍‌ଟିର ପୁରା ରଙ୍ଗରୁପ ବଦଳି ଗଲା । ଭିତର ବାହାର ସବୁ ବିଭିନ୍ନ ରଙ୍ଗରେ ଚକାଚକ୍ । ଏ.ସି ବି ଲାଗିଯାଇଛି । ସିଟ୍ ଗୁଡ଼ିକ ବି ନୂଆ, ପୂର୍ବର ପାନଛେପ ମୁତୁରା ଗନ୍ଧ ଆଉ ନାହିଁ । ଆଜିକାଲି ତ ଇଣ୍ଟର୍ନେଟ ଯୁଗ ହେଲାଣି ହାତ ପହାଁନ୍ତାରେ ଯେତେବେଳେ ଚାହିଁଲେ ଫିଲ୍ମ ଦେଖି ହେବ । ହେଲେ ଆମ ପରି ନୂଆ ନୂଆ କଲେଜ ଆସୁଥିବା ପିଲାଙ୍କୁ ହଲ୍ ଯାଇ ସିନେମା ଦେଖିବାରେ ଭାରି ଆନନ୍ଦ ।

ସହର ଠାରୁ ପ୍ରାୟ ପଇଁଚାଳିଶ କିଲୋମିଟର ଦୂରରେ ତା' ଗାଁ । ବେଶି ମଫସଲ ନହେଲେ ମଧ୍ୟ ଏତେଟା ଯାତାୟାତର ସୁବିଧା ନାହିଁ । ସେଥିପାଇଁ ତ ଘର ଠାରୁ ଛ' କିଲୋମିଟର ସାଇକେଲ ରେ ଆସିଲା ପରେ ଯାଇ କଲେଜକୁ ବସ୍ ମିଳେ । ଦଶମ ଶ୍ରେଣୀ ଯାଏଁ ବିତିଲା ଗାଁ ସ୍କୁଲ ରେ । ଘରୁ କଂସାଏ ପଖାଳ, ଆଳୁ ବଡ଼ି ଚକଟା ଖାଇଦେଇ ଯାଏ ଯେ ଫେରେ ଚାରିଟା ବେଳ କୁ । ପୂର୍ବ ବର୍ଷ ଯୁକ୍ତ ଦୁଇ ପଢିବା ପାଇଁ ଏଇ କଲେଜ କୁ ଆସିବାକୁ ପଡ଼ିଲା । ଇଚ୍ଛା ତ ଥିଲା ସହରରେ ରହି ପଢିବାକୁ । ହେଲେ ବାପା ଙ୍କ ପାଖେ ଏତେ ସମ୍ବଳ ନଥିଲା । ସହର ରେ ରହିବା,ଖାଇବା, ପାଠ ପଢ଼ା, ଭଲ ମନ୍ଦ ପାଇଁ ଏତେ ଟଙ୍କା କୋଉଠୁ ଆସିବ ଯେ । ବାପା ଆଦିକନ୍ଦ ବାବୁ ଜଣେ ରିଟାୟଡ଼ ପୋଷ୍ଟ ପିଅନ । ଦୁଇ ଝିଅ ପରେ ପ୍ରଶାନ୍ତ । କେତେ ଯେ ସଞ୍ଚୟ କରିହେବ ଏ ଅଭାବୀ ସଂସାର ରୁ । ବଡ଼ ଝିଅ ରିତାର ବାହାଘର ତିନି ବର୍ଷ ତଳେ କରିଛନ୍ତି । ସବୁ ନେଇ ଦେଇ ବିଭା ପରେ ବି ଶାଶୁଘରେ ସବୁବେଳେ ଗଞ୍ଜଣା ଶୁଣୁଛି, "ବାପା ତୋର କଣ ଏମିତି ଦେଇ ପକେଇଛି କି.. ?" ସାନଝିଅ ଗୀତା ଦଶମ ପାସ୍ କଲା ପରେ ଆଉ ପଢିବନି କହି ଘରେ ରହିଲା । ତୃତୀୟ ଚତୁର୍ଥ ପିଲାଙ୍କୁ

 Download Magazine from www.aahwaan.com

ଟିଉସନ୍ କରୁଛି । ସେଇଥିରୁ ଯାହା ପାଉଛି ନିଜ ଖର୍ଚ୍ଚ କରି ଘରକୁ ସଉଦା ପତ୍ର ଆଣେ । ତାଙ୍କର ଗୋଟିଏ ଆଶା ପ୍ରଶାନ୍ତ ପାଠପଢ଼ି ବଡ଼ ଅଫିସର ହେବ, ନିଜ ଗୋଡ଼ରେ ନିଜେ ଛିଡା ହେବ ।

ପ୍ରଶାନ୍ତ ଧୀରେ ଧୀରେ ହଜିବାକୁ ଲାଗିଛି ତା' ପିଲା ଦିନରେ । ଆସ୍ତେ ଆସ୍ତେ ସ୍ମୃତିର ଦଦରା ପୃଷ୍ଠା ଗୁଡିକୁ ଲେଉଟାଇବାକୁ ଲାଗିଲା.. କେମିତି ଛୋଟବେଳେ ବାପା କେବେକେବେ ତାକୁ ସାଇକେଲ ଆଗରେ ବସେଇ ନେଇଯାନ୍ତି ଚିଠି ବାଣ୍ଟିବାକୁ । ପୁରୁଣା ରାଲେ ସାଇକେଲ ଟିଏ, ସେଇଟା ତାଙ୍କ ଶଶୁର ମାନେ ପ୍ରଶାନ୍ତର ଅଜା ତାଙ୍କୁ ଯୌତୁକ ରେ ଦେଇଥିଲେ । ପୁରୁଣା ହେଲେ ବି ସେ ତାକୁ ଯତ୍ନରେ ରହିଥିଲେ । ବଢିଆ ଗଡୁଥିଲା । ପ୍ରତି ରବିବାରରେ ସେ ସାଇକେଲ ରେ ତେଲ ଦେଉଥିଲେ, ଚେନ୍ ସଫା କରୁଥିଲେ । ପ୍ରଶାନ୍ତ ବି ତାଙ୍କ ସହ ମିସି ମଡ୍ ଗାଡ୍ ଓ ସ୍ପୋକ୍ ସବୁ ସଫା କରୁଥିଲା । ହାତ ସାରା କଳା ହେଇଯାଉଥିଲା ଯେ ବୋଉ ତା'ର ଭାରି ଚିଡୁଥିଲା । ସେ କୁଆଡେ ତାଙ୍କର ଗୋରା ତକତକ ରାଜକୁମାର !! କଳା ଲାଗିଗଲେ ଅସନା ହେଇଯିବ ।ଦୁଇ ଭଉଣୀ ପରେ ପ୍ରଶାନ୍ତ ବୋଲି ବୋଉ ତାକୁ ବେଶୀ ଗେହ୍ଲା କରେ ବୋଧେ । ବାପା ଙ୍କ ସହ ଖାଲଖମା  ରାସ୍ତା ଦେଇ ଯିବାବେଳେ କେତେ ସ୍ୱପ୍ନ ଦେଖାନ୍ତି ସେ ତାକୁ । ପ୍ରଶାନ୍ତ ଯେବେ କହେ ଏ ଖାଲ ରାସ୍ତାରେ ସାଇକେଲରେ ଗଲେ ତା ପିଚା ଦରଜ ହେଇଯାଉଛି, ବାପା ସେବେ ତାକୁ କୁହନ୍ତି, 'ତୁ ଜଲଦି ବଡ଼ ହେଇ ପାଠ ପଢ଼ି ଅଫିସର ହେଇଯା ଏ ରାସ୍ତା ସବୁକୁ ପକ୍କା କରିଦେବୁ, କରିବୁ ଟି.. ?' ସେବେ ପ୍ରଶାନ୍ତ ମୁଣ୍ଡ ଟୁଙ୍ଗାରି ହଁ ଭରେ । କେବେକେବେ ଛୋଟ ଛୋଟ ଜୋର ଡ଼େଇଁ ଆର ଗାଁ କୁ ଯିବାକୁ ପଡେ । ବାପା ଆଗ ତାକୁ କାନ୍ଧରେ ବସେଇ ଆର କଡ଼େ ଛାଡ଼ି ଦେଇ ଆସିଲା ପରେ ସାଇକେଲ କୁ ବୋହି ନିଅନ୍ତି । ଜୋର ପାର ହେଲାବେଳେ କୁହନ୍ତି, 'ଏଠି ଛୋଟିଆ ପୋଲ

 Download Magazine from www.aahwaan.com

ଟିଏ ହେଲେ ଭଲ ହୁଅନ୍ତାନି ପ୍ରଶାନ୍ତ ? ?' ଏତିକି କହୁ କହୁ ପ୍ରଶାନ୍ତ ବି ହସ ହସ ମୁହଁରେ କହିଯାଏ,'ତୁମେ ବ୍ୟସ୍ତ ହୁଅନି ବାପା ମୁଁ ବଡ଼ ହେଲେ ସବୁ ଠିକ୍ କରିଦେବି...'

ଧୀରେ ଧୀରେ ବାପା ବୁଢା ହେବାକୁ ଲାଗିଲେ, ଶ୍ୱାସ ରୋଗ ବି ବାହାରିଲା । ସାଇକେଲ ଚଲେଇ ଗାଁ ଗାଁ ବୁଲି ଚିଠି ବାଣ୍ଟି ପାରିଲେନି ଆଉ । ହେଲେ ପୋଷ୍ଟ ମାଷ୍ଟର ସାର୍ ଭାରି ଦୟାଳୁ ଲୋକ ଥିଲେ । ଆଦିକନ୍ଦ ବାବୁଙ୍କର ସଚ୍ଚୋଟ ପଣିଆ ଆଉ ସାଧାସିଧା ସରଳ ପ୍ରତିମୂର୍ତ୍ତି ତାଙ୍କୁ ନିଆରା ଲାଗିଥିଲା । ସେଥିପାଇଁ ତାଙ୍କୁ ଚାକିରୀରୁ ବାହାର ନକରି ଆଉ ଜଣଙ୍କୁ ନିଜ ହାତରୁ ଟଙ୍କା ଦେଇ ଚିଠି ଦେବାକୁ ରଖିଥିଲେ ।

ଏମିତି ଭାବୁ ଭାବୁ ପ୍ରଶାନ୍ତ ଯେ କେତେବେଳେ ବସ୍ ଷ୍ଟପ୍ ପାଖେ ପହଞ୍ଚି ସାରିଥିଲା ତାକୁ ଜଣା ନଥିଲା । ତା' ସାଙ୍ଗମାନେ ବି କଣ ସବୁ ଗପୁଥିଲେ ତାକୁ କିଛି ଜଣା ନଥିଲା, ସେ ତ ହଜି ଯାଇଥିଲା ତା' ଅତୀତର ମହକିତ ସ୍ମୃତି ଫୁଲର ବାସ୍ନାରେ.. ଖାଲି ଯାହା ଯନ୍ତ୍ର ଚାଳିତ ପରି ସାଇକେଲରେ ପେଡ଼େଲ୍ ମାରି ଚାଲିଥିଲା । ତାକୁ ଖାଲି ତା' ବାପାଙ୍କର ଶୁଖିଲା ମୁହଁ ଓ ପେଜୁଆ ସ୍ୱପ୍ନ ଭରା ଆଖି ଦିଶି ଯାଉଥିଲା । ସାଇକେଲ ରଖୁ ରଖୁ ହରି ଦେଖିଲା ଚକାଆଖି ବସ୍ ଛାଡିବା ଛାଡିବା ଉପରେ ହେଲାଣି । ଚାବି ପକେଇ କଲେଜ ବ୍ୟାଗକୁ କାଖରେ ଜାକି ସମସ୍ତେ ବସ୍ ଆଡେ ଦୌଡ଼ିବାକୁ ଲାଗିଲେ । ମୋହନ ପ୍ରଶାନ୍ତର ହାତ ଧରି ଏକ ରକମ ଭିଡ଼ିନେଲା ବସ୍ ଭିତରକୁ । କହିବା ବାହୁଲ୍ୟ ଯେ କଲେଜ ଟାଇମରେ କଲେଜ ପିଲାରେ ଭର୍ତ୍ତିଥିବା ବସ୍ ଟିର ଦ୍ୱିତୀୟ ପାହାଚରେ ବି ଛିଡା ହେବାକୁ ଯାଗା ନଥିଲା । ଅଗତ୍ୟା ବସ୍‌ର ପ୍ରଥମ ପାହାଚରେ ଏକରକମ୍ ଝୁଲିଲା ପରି ଯିବାକୁ ପଡ଼ିଲା । ଏମିତି ସବୁଦିନ ହୁଏ, ସେଥିପାଇଁ ସେମାନେ ବସ୍ ଉପରେ ବସିକି ଯାଆନ୍ତି । ଆଜି ତରତରରେ ଏମିତି ହିଁ ଯିବାକୁ ପଡ଼ିବ । କୋଡିଏ ପଚିଶ ମିନିଟ୍ ପରେ କଲେଜ ଛକରେ ବସ୍ ଟି ପହଂଚିଗଲା । ମୋହନ,

Download Magazine from www.aahwaan.com

ପବନା ବସ୍ ରୁ ଓହ୍ଲେଇ ସିଧା ଧାଇଁଲେ କ୍ଲାସରୁମ୍ ଆଡେ, ଆଉ ହରି ବି ପ୍ରଶାନ୍ତ କାନ୍ଧରେ ହାତ ପକେଇ ଘୋଷାରି ଘୋଷାରି ନେଇଗଲା । ମନୋଜ ସାର୍ କ୍ଲାସ ରୁମ୍ ପାଖାପାଖି ହେଇଯାଇଥିଲେ, ହେଲେ ଲକ୍ଷ୍ମୀଧର ସାର୍ ଦେଖା ହେଇଗଲେ ଯେ ସେ ତାଙ୍କସହ କଥା ହେବାରେ ଲାଗିଲେ । ସେଇ ସୁଯୋଗ ନେଇ କ୍ଲାସର ପଛ ପଟ ଦରଜା ଦେଇ ଚାରି ସାଙ୍ଗ ରୁମ୍ ଭିତରକୁ ଗଲେଭାରି । ପ୍ରଶାନ୍ତର କାହିଁକି କେଜାଣି ଆଉ କୌଣସିଥିରେ ମନ ଲାଗୁନଥିଲା । ମୁଣ୍ଡ ଭିତରର ଶିରା ସବୁ ଯେମିତି ଅଡୁଆ ସୂତା ପରି ଗଣ୍ଠି ହେଇଯାଉଥିଲା । ରହି ରହି ତାର ଖାଲି ତା' ବାପା ଙ୍କ ସ୍ୱପ୍ନ ସବୁ ମନେ ପଡ଼ି ଯାଉଥିଲା ।

ସମସ୍ତଙ୍କ ଆଗୋଚର ରେ ପକେଟରୁ ସେଇ ବୋଉ ହାତରେ ଗୁଂଜି ଦେଇଥିବା ଶହେ ଟଙ୍କିଆ ନୋଟ୍ ଟିକୁ ବାହାରକଲା, ହାତରେ ମୁଠା କରି ଧରିଲା । ଭାବିଲା ଏତିକି ଟଙ୍କା ପାଇଁ ବାପା କେତେ କେତେ ଗାଁ ବୁଲୁଥିଲେ, କେତେ ବର୍ଷା ଶୀତ କାକରରେ ଭିଜୁଥିଲେ । ଏଇ ଟଙ୍କା ପାଇଁ  ରିତା ଦେଇକୁ ତା' ଶାଶୂଘର ଲୋକ କେତେ ଖୁଣ୍ଟା ଦେଉଛନ୍ତି, ଏଇ ଟଙ୍କା ପାଇଁ ଗୀତା ଦେଇ ପଢିବାକୁ ଇଚ୍ଛା ନାହିଁ ବୋଲି ମିଛ କହି ଘର ଘର ଯାଇ ଟିଉସନ୍ କରୁଛି । ଟଙ୍କା ନଥିଲା ବୋଲି ସେ ବି ତ ଭଲ ନମ୍ବର ରଖି ସୁଧା ସହର ଯାଇ ପାଠ ପଢ଼ିପାରିଲାନି । ତା' ଅଜାଣତରେ କେଇ ବୁନ୍ଦା ଲୁହ ଆଖିରୁ ଗଡ଼ି ଆସି ହାତ ମୁଠାରେ ପଡ଼ିଲା । ସେ ପ୍ରକୃତିସ୍ଥ ହେଲା,ୟା ଭିତରେ ଯେ ଇଂଲିଶ କ୍ଲାସ ସରିବାକୁ ବସିଲାଣି ସେ ଯାଣିପାରିନଥିଲା । ଏବେ ଗୋଟେ କ୍ଲାସ ଫାଙ୍କା ତାପରେ ଯାଇ ମାଧବ ସାର୍ ଙ୍କ ମ୍ୟାନେଜମେଣ୍ଟ କ୍ଲାସ । ପବନା ତାକୁ କମନ୍ ରୁମ୍ ଆଡେ ଯିବାକୁ ଡାକିଲା, ହେଲେ ସେ ଇଚ୍ଛା ନାହିଁ କହି ଯିବାକୁ ମନାକଲା । ପବନା ଯିବା ପରେ ସେ ଯାଇ କ୍ଲାସ୍ ର ଶେଷ ଧାଡିରେ ଝରକା ପାଖେ ବସିଲା । ହାତରେ ନୋଟ୍ ଟିକୁ ସେମିତି ଜାବୁଡ଼ି ଧରିଥାଏ । ଝରକା ଦେଇ

Download Magazine from www.aahwaan.com

ବାହାରକୁ କ୍ଷଣିଏ ନିଘା କଲା, ଆଖି ଆଗଟା ତା'ର ଧୂଆଁଳିଆ ଦିଶିଲା । ପ୍ରାଚୀ ନଦୀ କୂଳେ ତା' କଲେଜ । ଝରକା ଦେଇ ଦେଖିଲେ ନଦୀ ପଠାର କାଶତଣ୍ଡି ଫୁଲ ଖୁବ୍ ସୁନ୍ଦର ଦିଶେ । ପ୍ରଶାନ୍ତ ମନ କୁ ଟିକେ ଶୋଭାବିକ କରିବା ପାଇଁ ଆଖିମଳି ପୁଣି ଚାହିଁଲା । ସ୍କୁଲ ପିଲାମାନେ ସାଙ୍ଗ ହେଇ ସବୁ ସ୍କୁଲ୍ ଯାଉଥାନ୍ତି, ସବୁଦିନ ପରି ଦହିବରା ବାଲା ନିର ମଉସା ଠେଲା ଗାଡି ଧରି କଲେଜ ଆଡେ ମୁହାଁଉଥିଲା । ହେଲେ ଆଖି ତାର ଲାଖି ରହିଗଲା ସେଇ ଛୋଟ ପିଲାଟି ଉପରେ ଯିଏ ତା' ବାପା ହାତ ଧରି ବଜାର ଆଡେ ଯାଉଥିଲା ବୋଧେ । ପିଲାଟିକୁ ଦେଖି ତା'ର ବାପାଙ୍କ କଥା ଖୁବ୍ ମନେପଡ଼ିଲା, ମନଟା ଭାରି ଭାରି ଲାଗିଲା । ହାତରେ ଥିବା ନୋଟ ଟିକୁ ଧୀରେ ଧୀରେ ମୁହଁ ପାଖକୁ ଆଣୁଥିଲା ଚୁମିବା ପାଇଁ, ହେଲେ ନୋଟ ଭିତରୁ ଛୋଟ ପତଳା କାଗଜ ଖଣ୍ଡେ ବାହାରିଗଲା ପରି ଲାଗିଲା । ସଯତ୍ନେ କାଢି ଆଣିଲା ସେଇଟିକୁ, ସୁନ୍ଦର ମାଛ ମଞ୍ଜି ପରି ଅକ୍ଷରରେ ଦୁଇ ଧାଡି ଲେଖା ଯାଇଛି । ଅକ୍ଷରରୁ ଚିହ୍ନିବା ବାକି ନଥିଲା ଯେ ସେଇଟି ତା ବାପାଙ୍କର ହାତଲେଖା ବୋଲି । ପିଲାବେଳେ କେତେଥର ତାଙ୍କ ଅକ୍ଷର ଦେଖି ପ୍ରଶାନ୍ତ ନିଜକୁ ନିଜେ କହିହୁଏ, 'ହେ ପ୍ରଭୁ ମୋର ଏମିତି ସୁନ୍ଦର ଅକ୍ଷର ହୁଅନ୍ତାନି, ତାହେଲେ ଆଉ ସୁବାସ ସାର୍ ଙ୍କ ଠୁ ଆଙ୍ଗୁଠି ମୋଡ଼ା ଖାଇବାକୁ ପଡନ୍ତାନି ।'

ଏମିତି ଭାବି କାଗଜଟିକୁ ପଢିବାକୁ ଲାଗିଲା, ବାସ୍ ଏତିକି ଲେଖାଥିଲା-

ଗେହ୍ଲାରେ,

ଅନ୍ଧାର ଭିତରେ ନିଜ ସ୍ୱପ୍ନକୁ କେବେ ଭୁଲି ଯିବୁନି..

ବାସ୍ ସେତିକି ଯଥେଷ୍ଟ ଥିଲା ପ୍ରଶାନ୍ତକୁ ନିଜ ଭୁଲ ବୁଝିବାକୁ । ସେ ଯେ ଏତେ କଷ୍ଟ କରି ଏଠି ପହଂଚିଛି ପାଠ ପଢ଼ି ହାକିମ ହେବ, ବାପା ମା' ଙ୍କ ସ୍ୱପ୍ନ ପୁରା କରିବାକୁ । ହେଲେ କଣ କରୁଛି ସେ..... ! ! ସାଙ୍ଗସାଥିରେ ମିଶି ନିଜ ବାପା ଭଉଣୀ ଙ୍କ କଷ୍ଟ ଉପାର୍ଜିତ୍ ଧନରେ

Download Magazine from www.aahwaan.com

ସିନେମା ଦେଖି ଯାଇଥାନ୍ତା... ହୃଦୟ ରୁ ସ୍ୱତଃ ବାହାରି ଆସିଲା ନାଁ' କେବେ ନୁହେଁ ।

କାଗଜଟିକୁ ଭାଙ୍ଗି ମୁଣ୍ଡରେ ମାରି ନୋଟ ସହ ପର୍ସରେ ରଖିଲା । ଏଥର ତା ମନ ଆଉ ଭାରି ଭାରି ଲାଗୁନଥିଲା । ମୁହଁ ଉଜ୍ୱଳିତ ଦିଶୁଥିଲା । ଜମାଟ ବାନ୍ଧିଥିବା ରକ୍ତ ଯେମିତି ଶିରାରେ ମିଶି ସାରିଥିଲା, ଅଡୁଆ ସୁତାର ଗଣ୍ଠି ଫିଟି ଯାଇଥିଲା । ସେ କ୍ଲାସ୍ ରେ ମନ ଦେଲା । ଆଉ ଦୁଇଟି କ୍ଲାସ୍ ସରିଲା ପରେ ହରି ଆସି ଡାକିଲା, 'ଚାଲ୍ ! ସମସ୍ତେ ରେଡ୍ଡୀ ହେଇ ଗେଟ୍ ଆଡେ ଗଲେଣି, ଖାଲି ତତେ ଅପେକ୍ଷା ।'

ପ୍ରଶାନ୍ତ ହରି ଆଡେ ଚାହିଁଲା ଆଉ କହିଲା, 'ନାଇଁ ସାଙ୍ଗ ମୋର୍ ସିନେମା ଦେଖି ଯିବାର ନାହିଁ, ମୁଁ ଏବେ ହାକିମ ହେବି ସ୍ୱପ୍ନ ପୁରା କରିବି ।' ହରି କିଛି ବୁଝି ପାରୁନଥିଲା । ଏମାନଙ୍କର ଡେରି ହେବା ଦେଖି ମୋହନ ବି ଆସି ପାଖେରେ କେତେବେଳୁ ଛିଡା ହେଲାଣି । ହରି ଆବାକାବା ହେଇ ଚାହିଁ ମୁଣ୍ଡରେ ହାତ ମାରି କହିଲା, 'ଧେତ୍ ତୁ କଣ ନିଦରେ ଅଛୁ କିରେ... ?'

ପ୍ରଶାନ୍ତ ଆଗପରି ସୋମ୍ୟ ଭାବେ ଉତ୍ତର ଦେଲା, 'ନା ହରି, ମୁଁ ନିଦରେ ନୁହେଁ ଖୋଲା ଆଖିରେ ସ୍ୱପ୍ନ ଦେଖୁଛି କେମିତି ଜଲଦି ପୁରା କରିବି । ତମେ ଯାଅ...'

ହରି ନିଜ କଥାର ସନ୍ତୁଷ୍ଟ ଉତ୍ତର ନପାଇ ମୋହନ ଆଡେ ଚାହିଁଲା । ମୋହନର ବି କିଛି ମୁଣ୍ଡରେ ପଶୁନଥିଲା ଯେ ହଠାତ୍ ପ୍ରଶାନ୍ତର ଏ କି ପରିବର୍ତନ ! ! ତେଣୁ ସେ ହରିକୁ ଆଖିରେ ଠାରିଲା ଯିବା ପାଇଁ ।

ପ୍ରଶାନ୍ତ ସବୁ କ୍ଲାସ୍ ସାରି ଦିନ ତିନିଟା ପରେ ଘରକୁ ବାହାରିଲା, ତା' ମନ ଖୁବ୍ ଖୁସି ଥାଏ । ଫେରିଲା ବାଟରେ ଦକ୍ଷିଣେଶ୍ୱରଙ୍କୁ ମୁଣ୍ଡିଆଟିଏ ମାରି କହିଲା, 'ପ୍ରଭୁ ତୁମ କୃପା ମୋ ଉପରେ ଏମିତି ଥାଉ, ମୁଁ ଯେମିତି ବାଟ ହୁଡ଼ି ମୋ ଲକ୍ଷରୁ ଦୂରକୁ ନଯାଏ ।'

 Download Magazine from www.aahwaan.com

ଘରକୁ ଫେରି ସାଇକେଲ ଥୋଇଲା ବେଳକୁ ବୋଉ ତାର ଲୁଗା ତୋଲୁଥିଲା । ପ୍ରଶାନ୍ତକୁ ଦେଖି ଏତେ ଜଲଦି ଫେରି ଆସିଲୁ ବୋଲି ପଚାରିଲେ । 'ସିନେମା ଗଲୁନି କି' ବୋଲି ପାଖକୁ ଆସି ଆସ୍ତେ କହିଲେ । ପ୍ରଶାନ୍ତ ମିରୁକୀ ହସା ଦେଇ ବୋଉ ଦେଇଥିବା ଟଙ୍କା ତାରି ହାତେ ଗୁଂଜି ଦେଲା । ଆଉ କହିଲା, 'ବୋଉଲୋ ତୋ ପୁଅ ବଡ଼ ହେଇଗଲାଣି.. !' ଏତିକି କହି ଘର ଭିତରକୁ ପଶିଗଲା । ସୁଜାତା ଦେବୀ କିଛି ବୁଝିନପାରି ହାଁ କରି ପୁଅର ଯିବା ବାଟକୁ ଚାହିଁରହିଲେ । ପ୍ରଶାନ୍ତ ଭିତରକୁ ଯାଇ ବାପାଙ୍କ ଶୋଇବା ଘରକୁ ଗଲା । ଆଦିକନ୍ଦ ବାବୁ ତାଙ୍କ ପଢା ଟେବୁଲ୍ ପାଖେ ବସି କିଛି ଲେଖୁଥିଲେ । ପ୍ରଶାନ୍ତ ସିଧା ଯାଇ ତାଙ୍କ ଗୋଡ଼ଧରି ତଳେ ବସିଗଲା । 'ବାପା ମୁଁ ସବୁ ବୁଝିଯାଇଛି...ସବୁ ବୁଝିଯାଇଛି...' କହି କାଗଜ ଖଣ୍ଡିକୁ ଟେବୁଲ ଉପରେ ରଖିଦେଲା । ତା' ଲୁହ ଭିଜା ଆଖି ଦେଖି ବାପା ପ୍ରଶାନ୍ତକୁ ତଳୁ ଉଠେଇ ଆଣିଲେ । କାନ୍ଧରେ ସାବାସୀର ହାତ ଥାପୁଡ଼େଇ ଧୀରେ ହସି କହିଲେ, "ତୁ ପରା ହାକିମ ହେବୁ, ପିଲାଟିଏ ପରି କାନ୍ଦୁଛୁ କଣ.. ? କଲେଜରୁ ଆସିଛୁ ଯା' ବୋଉକୁ କହିବୁ ଖାଇବାକୁ ଦବ ।"

ପ୍ରଶାନ୍ତ ଦୁଇ ପାପୁଲିରେ ମୁହଁ ପୋଛି ଆତ୍ମସନ୍ତୋଷ ସହ ବିଜୟର ନୂଆ ରାହା ନେଇ ବାପାଙ୍କ ଶୋଇବା ଘରୁ ବାହାରି ଆସୁଥିଲା......

ସରସୀ ଆଚାର୍ଯ୍ୟ

ଖଣ୍ଡଗିରି, ଭୁବନେଶ୍ୱର

Download Magazine from www.aahwaan.com

# ସମୟ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

"ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କାରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । "ଟିକେଟ୍ କେତେ ଦାମ୍ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ ମୁଁ ଏତେ କମ୍ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ ?" ଖାଇବା ଟେବୁଲରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା, "ବୋଉ ମୋର ଟାଇମ୍ ହେଲାଣି, ଟଙ୍କା ଦେ ।" ରୋଷେଇଘରୁ ବୋଉ କହିଲେ, "ମୋ ପାଖରେ କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗର ଗର ହେଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପଦଧ୍ୱନୀ ଶୁଣି ନିରବ ହୋଇଗଲା ।

ନିଜ ଖାଇବାରେ ଧ୍ୟାନ ଦେବାକୁ ଚେଷ୍ଟା କରୁ କରୁ ପ୍ରଶାନ୍ତ ଗର ଗର ହେଉଥିଲା, "ସିନେମା ଦେଖିବାପାଇଁ ଟଙ୍କା ଦେଇପାରୁନଥିଲ ଯଦି ଜନ୍ମ କାହିଁକି କରୁଥିଲ ? ମୋର ସବୁ ସାଙ୍ଗ ସିନେମା ଯାଉଛନ୍ତି ନା ନାହିଁ ? ତାଙ୍କ ବାପା ମା କଣ ଟଙ୍କା ଦେଉନାହାନ୍ତି ?" ବାପା ବୈଠକଘରୁ ବାହାରି ଅନ୍ୟ କୋଠରୀକୁ ପଶିଯିବାପରେ ପ୍ରଶାନ୍ତର ସ୍ୱର ପୁଣିଥରେ ଉଚ୍ଚ ହେଇ ଆସୁଥିଲା । ଖାଇବାକୁ ବାଢୁଥିବା ବୋଉ ତରକାରୀଟିଏ ପ୍ରଶାନ୍ତର ଥାଳିରେ ଦେବାପାଇଁ ପକାଇବା ବେଳେ ଅନ୍ୟମନସ୍କ ପ୍ରଶାନ୍ତ ହାତ ଦେଖାଉଥିବା ବେଳେ ହାତ ଉପରେ ପଡ଼ିଗଲା । ତାତିଲା ତରକାରୀ ହାତରେ ପଡୁ ପଡୁ... "ଆହ୍... ମରିଗଲି ଲୋ..." କହି ହାତକୁ ଛାଟି ଦେଉ ଦେଉ ଚାଉଁକିନା ପ୍ରଶାନ୍ତର ନିଦ ଭାଙ୍ଗିଗଲା ।

 Download Magazine from www.aahwaan.com

ଆଖି ମଳି ମଳି ଦେଖିଲା । ବୈଠକରେ ସୋଫା ଉପରେ ସେ ଶୋଇଛି । ବାହାରେ ପିଲାମାନେ ଖେଳାଖେଳି କରୁଛନ୍ତି । କାନ୍ଥଘଣ୍ଟାକୁ ଦେଖିଲା, ସମୟ ଅପରାହ୍ନ ସାଢ଼େ ଚାରିଟା । ଅଳସ ଭାଙ୍ଗି ଉଠି ବସିବା ବେଳେ ସ୍ତ୍ରୀ ରଶ୍ମୀ ଚା' କପଟିଏ ଧରି ଆସି ପହଞ୍ଚି ଗଲେ । ପ୍ରଶାନ୍ତ ଚା' କପଟିକୁ ନେଉ ନେଉ କହିଲା, "ଜାଣିଛ ଆଜି କଣ ହେଲା ?" ରଶ୍ମୀ ହସିଦେଇ ପଚାରିଲା, "ବୋଉ ଟଙ୍କା ଦେଲେ ନା ନାହିଁ ?" ପ୍ରଶାନ୍ତ ଚମକି ପଡ଼ିଲା । "ଟଙ୍କା ? ବୋଉ ?"

"ଶୋଇ ଶୋଇ ଚିଲ୍ଲେଉଥିଲ ନା, ବୋଉ ଟଙ୍କା ଦେ ଟଙ୍କା ଦେ ?" ରଶ୍ମୀ ହସି ହସି କହିଲା । ପ୍ରଶାନ୍ତ ମୁରୁକି ହସିଦେଇ କହିଲା, "ଓଃ, ମୁଁ ବିଳିବିଳେଇ ହେଉ ସବୁ କହିଦେଲି ବୋଧହୁଏ ।"

- କୋଉ ପ୍ରଥମଥର କି ? ଏମିତି ଅନେକଥର ହେଇଛି । ସବୁବେଳେ ବୋଉ ଟଙ୍କା ଦେଉନାହାନ୍ତି ଆଉ ତମ ନିଦ ଭାଙ୍ଗି ଯାଉଛି । ଆଚ୍ଛା ସତ କୁହ କୋଉ ସିନେମା ଦେଖିଯିବ ବୋଲି ଟଙ୍କା ମାଗୁଥିଲ ? ଆଉ ବୋଉ ତୁମକୁ ଟଙ୍କା ଦେଇଥିଲେ ନା ନାହିଁ ?

ପ୍ରଶାନ୍ତ ଚା' ପିଉ ପିଉ ହସିଦେଇ କହେ, ଯେଉଁଦିନ ସିନେମା ଦେଖିବି ସେଇଦିନ କହିବି । ପଚାଶ ବର୍ଷରେ ପାଦ ଦେଇଥିବା ପ୍ରଶାନ୍ତ ଯେ କେବେ ସିନେମା ଦେଖି ଯାଉଥିବ ବୋଲି ଭାବିବା ଅସମ୍ଭବ ବୋଲି ରଶ୍ମୀ କୁହେ । ବାହାଘର ପରଠାରୁ କେବେ ବି କୌଣସି ସିନେମା ସେ ଦେଖିବାକୁ ଯାଇ ନାହାନ୍ତି । ସିନେମା କଥା କହିଲେ, ଟଙ୍କା ଦେଇ କହନ୍ତି ନିଜେ ସାଙ୍ଗସାଥୀ ହୋଇ ଯାଅ । ଘରେ ଅନେକ ପୁତୁରା ଝିଆରୀ, ଭଣଜା ଭାଣିଜୀ ଅଛନ୍ତି, ତମକୁ ସାଙ୍ଗ ମିଳିଯିବେ । ମୋତେ ସିନେମାରେ ସଉକ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟ କଥା ଅନେକ ବର୍ଷ ହେଲାଣି ପ୍ରଶାନ୍ତ କିନ୍ତୁ ସେଇ ଗୋଟିଏ ସ୍ୱପ୍ନ ହିଁ ଦେଖୁଛନ୍ତି । ବୋଉଙ୍କୁ ଟଙ୍କା ମାଗୁଛନ୍ତି

 Download Magazine from www.aahwaan.com

ମାତ୍ର ଟଙ୍କା ପାଇବା ପୂର୍ବରୁ ନିଦ ଭାଙ୍ଗି ଯାଉଛି । ବିଶେଷକରି ରବିବାରର ଅପରାହ୍ଣ ଗୁଡ଼ାକରେ ଯେତେବେଳେ ପ୍ରଶାନ୍ତ କିଛି ସମୟ ପାଇଁ ଶୋଇଯାଆନ୍ତି ଏମିତି ସ୍ୱପ୍ନ ଦେଖି ଉଠିପଡ଼ନ୍ତି । କିନ୍ତୁ କେବେ ବି କୁହନ୍ତି ନାହିଁ ସେ କେଉଁ ସିନେମା ଦେଖିବାକୁ ଯିବେ ବୋଲି ବୋଉଙ୍କୁ ଟଙ୍କା ମାଗୁଥିଲେ ଆଉ କେତେ ଟଙ୍କା ମାଗୁଥିଲେ ।

ସନ୍ଧ୍ୟା ଦୀପ ଜାଳିଦେଇ ରଶ୍ମି ରୋଷେଇ ଘରେ ପଶିଗଲାପରେ ପ୍ରଶାନ୍ତ ଟିଭି ସାମନାରେ ବସିଯାଇ ଚ୍ୟାନେଲ ଏପାଖ ସେପାଖ ବୁଲାଇ ଦେଖୁଥିବା ବେଳେ ହଠାତ୍ ଅଟକି ଗଲା । ସାଧାରଣତଃ ସେ ଟିଭି ସାମନାରେ ବସିଲେ କେହି ପାଖତଡ଼ ମାଡ଼ନ୍ତି ନାହିଁ । କେବଳ ଖବର ଦେଖିବେ ନ ହେଲେ ବିଜିନେସ୍ ଚାନେଲ ଦେଖିବେ । ହେଲେ ଆଜି ସେ ଦେଖୁଥିଲେ ସିନେମା ଚାନେଲ୍ । ଟିଭିର ସାଉଣ୍ଡ ବି ସେମିତି ଅଧିକ ନଥିଲେ ସୁଦ୍ଧା ରୋଷେଇଘରେ ଥାଇ ରଶ୍ମି କିଛି ସମୟ ଟିଭିକୁ ଚାହିଁବା ପରେ ନିଜ କାମରେ ଲାଗିଗଲା । ପୁଅଝିଅ ବାହାରୁ ଫେରିଲେଣି । ବାପାଙ୍କୁ ଟିଭିରେ ସିନେମା ଦେଖୁଥିବାର ଦେଖି ପୁଅ ବି କିଛି ସମୟ ସେଠି ଅଟକି ଗଲାପରେ କହିଲା, “ବାପା କଣ ଏ ସବୁ କଳାଧଳା ସିନେମା ଦେଖୁଛ ? ଷ୍ଟାର ମୁଭି ଲଗାଅ ନୂଆ ସିନେମା ଗୋଟେ ଆସୁଛି ଦେଖିବ । ଭିଏଫ୍ଏକ୍ସ ଟେକ୍ନୋଲୋଜୀରେ ବଢ଼ିଆ କାମ ହେଇଛି । ସାଢ଼େ ଚାରିଶହ କୋଟି ଟଙ୍କା ଖର୍ଚ୍ଚ ହେଇଛି ସେ ସିନେମାରେ ।”

ପ୍ରଶାନ୍ତ ପୁଅକୁ ଚାହିଁ କହିଲା, “ଏତେ ଟଙ୍କା କାହିଁକି ସିନେମାରେ ଖର୍ଚ୍ଚ କରୁଛନ୍ତି କେଜାଣି ? ସେଇ ଟଙ୍କାରେ ଅତି କମରେ ଦୁଇଟା କି ତିନିଟା ବଡ଼ କାରଖାନା ତିଆରି ହେଇ ପାରନ୍ତା, ଅନେକ ଲୋକଙ୍କୁ ରୋଜଗାର ମିଳନ୍ତା । ଦୁଇ ଘଣ୍ଟାର ସିନେମା ପାଇଁ ସାଢ଼େ ଚାରିଶହ କୋଟି ! !”

 Download Magazine from www.aahwaan.com

ପୁଅ କିଛି ବୁଝିଲାନି । କହିଲା, "ବାପା, ତମ ସମୟର ସିନେମା ଆଉ ଆମ ସମୟର ସିନେମାରେ ଆକାଶ ପାତାଳ ଫରକ ବୁଝିଲ ?" ପ୍ରଶାନ୍ତ ହସିଦେଇ କହିଲା, "ହଁ, ଆମ ସମୟରେ କାହାଣୀ ଥିଲା ଯାହା କିଛି କିଛି ସତ ଭଳି ଲାଗୁଥିଲା । ଆଜିକାଲି ତ ସବୁକିଛି ଅବାସ୍ତବ ଲାଗୁଛି । ଏତେ ଟଙ୍କା ଖର୍ଚ୍ଚକରି ସିନେମା କଲେ କଣ ହେବ ? କାହାଣୀ କାହିଁ ?"

ବାପାପୁଅଙ୍କ ବାର୍ତ୍ତାଳାପକୁ ଦେଖୁ ଥିବା ରଶ୍ମୀ ରୋଷେଇଘରେ ଥାଇ କହିଲା, "ବୁନା ଯା ହାତଗୋଡ଼ ଧୋଇ ଆ । ବାହାରୁ ଆସିଛୁ, ଆଉ ଆସୁ ଆସୁ ଟିଭି ଆଗରେ ବସି ପଡିଛୁ ?"

ବୁନା, ସେଠାରୁ ଉଠି ନିଜ କୋଠରୀକୁ ଯାଉ ଯାଉ ବୋଉ କାନରେ କହିଦେଇ ଗଲା, "ଆଜି ବାପାଙ୍କ ଦେହପା ଭଲ ଅଛି ତ ? ସିନେମା ଦେଖୁଛନ୍ତି ?" ରଶ୍ମୀକୁ ବିଶ୍ୱାସ ହେଲାନାହିଁ । ରୋଷେଇଘରେ ଚୁଲ୍ହା ବନ୍ଦ କରିଦେଇ ସେ ବାହାରି ଆସିଲା ବୈଠକଘରକୁ । ସତରେ ତ ବାବୁ ଆଜି ବସି ଟିଭିରେ ସିନେମା ଦେଖୁଛନ୍ତି ! ଏହା କଣ ସତରେ ସମ୍ଭବ ? ଅନେକ ସମୟ ହେଲାଣି ସେ ଦେଖୁଛନ୍ତି ମଧ୍ୟ । ଭଲକରି ଦେଖିବାପରେ ରଶ୍ମୀ ଦେଖୁଥିଲା ପ୍ରଶାନ୍ତ ଆଖିରେ ଲୁହର ଧାରଟିଏ । ସିନେମାରେ ପୁରା ମଜ୍ଜି ଯାଇଛନ୍ତି ବାବୁ । ରଶ୍ମୀ କିଛି ନ କହି, ନିଜ କାମକୁ ଫେରି ଆସିଲା ।

ଡାଇନିଂ ଟେବୁଲ ଉପରେ ପୁଅ ବୁନାପାଇଁ ଖାଇବାକୁ ବାଢ଼ିଦେଉଥିବା ବେଳେ ବୁନା କହୁଥିଲା, "ବୋଉ ମୋତେ କିଛି ଟଙ୍କା ଦେବୁ । ସିନେମା ଦେଖିବାକୁ ଯିବି ।" ରଶ୍ମୀ ହସିଦେଲା । ବୋଉକୁ ହସିବାର ଦେଖି ବୁନା ପଚାରିଲା, "କଣ ହେଲା ବୋଉ ହସିଲୁ ଯେ ?" ରଶ୍ମୀ ହସିଦେଉ ଦେଉ କହିଲା, "କିଛି ନାହିଁ । ଏଇ ଘଡ଼ିଏ ଆଗରୁ ବାପା ତୋର ସ୍ୱପ୍ନରେ ବୋଉଙ୍କୁ ଟଙ୍କା ମାଗୁଥିଲେ ସିନେମା ଯିବାପାଇଁ ।"

 Download Magazine from www.aahwaan.com

ବୁନା ଆଁ କରି ଚାହିଁଲା ଆଉ କହିଲା, "ବାପା ସିନେମା ଯିବେ ବୋଲି ପଇସା ମାଗୁଥିଲେ ଜେଜେମା'ଙ୍କୁ ? କୋଉ ସିନେମା ? କେବେ ? କେତେ ଟଙ୍କା ମାଗୁଥିଲେ ?" ରଶ୍ମି ହସିଦେଇ କହିଲା, "ଯା ବାପାଙ୍କୁ ପଚାରିବୁ । ମୁଁ ପଚାରିଲେ କିଛି କହୁନାହାନ୍ତି ।"

ବୁନା ଖାଇବା ଥାଳି ଧରି ବାପାପାଖରେ ଯାଇ ବସି ପଡ଼ିଲା । ଟିଭିରେ ସେଇ କଳାଧଳା ସିନେମା ଚାଲିଛି । ଖାଉ ଖାଉ ପଚାରିଲା, "ବାପା, ତମେ କୋଉ ସିନେମା ପାଇଁ ଟଙ୍କା ମାଗୁଥିଲ ଜେଜେମା'କୁ ? କେତେ ଟଙ୍କା ମାଗୁଥିଲ ? କେବେ ?"

ଟିଭିକୁ ଦେଖୁଥିବା ବେଳେ ପ୍ରଶାନ୍ତ ବୁଲିପଡ଼ି ବୁନାକୁ ଚାହିଁଲା ଆଉ କହିଲା, "ଏଇ ସିନେମାଟା ଦେଖିବାପାଇଁ ଟଙ୍କା ମାଗୁଥିଲି । ଦେବାନନ୍ଦ ହିରୋ ଥିଲା ଏଇ ସିନେମାରେ । ମୁଁ ସେତେବେଳେ ପଞ୍ଚମ କି ଷଷ୍ଠ ଶ୍ରେଣୀରେ ପଢୁଥିଲି । ସିନେମା ଆସିଥିଲା । ଆମ ସାଙ୍ଗମାନେ ସବୁ ମିଶି ସିନେମା ଯିବାପାଇଁ ନିଷ୍ପତ୍ତି ନେଇଥିଲୁ । ସେଇଥିପାଇଁ ମୁଁ ବି ସିନେମା ଦେଖିଯିବାପାଇଁ ବୋଉକୁ ପଇସା ମାଗୁଥିଲି । ସେତେବେଳେ ସିନେମା ଟିକେଟ ସାଢ଼େ ପାଞ୍ଚଟଙ୍କା ହେଉଥିଲା ।"

"ବାପା ତମେ ସିନେମା ବି ଦେଖୁଥିଲ ? କାହିଁ ଆଜିକାଲି ତ ଦେଖୁନ ?" ବୁନା ପଚାରିଲା । ହସିଦେଇ ପ୍ରଶାନ୍ତ କହିଲା, "ଶୁଣ, ଏଇ ସିନେମା ଦେଖିଯିବି ବୋଲି ବୋଉକୁ କହିବାକୁ ବୋଉ ମୋତେ ଦୁଇଟଙ୍କା ଦେଇଥିଲା । ହେଲେ ମୋତେ ଦରକାର ଥିଲା ଛଅଟଙ୍କା । ବାପାଙ୍କୁ ମାଗିଲେ ସେ ଦେବେନି ବୋଲି ଜାଣିଥିଲି । ତେଣୁ ବୋଉକୁ ହିଁ ବାରମ୍ବାର କହୁଥିଲି ଟଙ୍କା ଦେବାପାଇଁ । ବୋଉ ମୋ ପାଇଁ ବ୍ୟସ୍ତ ବିକଳ ହେଇ ଯାଉଥିଲା, ଆଉ ଅନ୍ୟମନସ୍କ ହୋଇ ମୋ ହାତରେ ତତଲା ତରକାରୀ ଢାଳିଦେଇଥିଲା । ବାପା ସେଇଥିପାଇଁ ବୋଉ ଉପରେ ବହୁତ ରାଗିଥିଲେ । ବାସ୍, ମୋ ପାଇଁ ମୋ ବୋଉକୁ ଏତେ

 Download Magazine from www.aahwaan.com

କଥା ଶୁଣିବାକୁ ପଡ଼ିଲା ବୋଲି ମୋତେ ବହୁତ ଖରାପ ଲାଗିଲା । ଆଉ ସେଇଦିନୁ ସିନେମା ଯିବାକଥା ଭୁଲିଗଲି ।"

"ଏଇ ଛୋଟିଆ କଥାରେ ସିନେମା ଦେଖିବାକୁ ପୁରା ମନା କରିଦେଲ ?" ବୁନା ପଚାରିଲା ।

ପ୍ରଶାନ୍ତ ହସିଦେଇ କହିଲା, "ଆମ ସମୟ ଆଉ ତୁମ ସମୟ ଭିତରେ ଏଇତ ଫରକ । ତୋ ପାଇଁ ଏଇଟା ଗୋଟିଏ ଛୋଟିଆ କଥା, ହେଲେ ମୋ ପାଇଁ ମୋ ବୋଉର ଆଖିର ଲୁହର ମୂଲ୍ୟ ସିନେମାଠାରୁ ଢେର୍ ବେଶୀ ଥିଲା ।"

ପାଖରେ ଠିଆ ହୋଇଥିବା ରଶ୍ମୀ ଆଁ କରି ଚାହିଁଥିଲା । ପ୍ରଶାନ୍ତକୁ ଚାହିଁ ପଚାରିଲା, "ତା ହେଲେ ସିନେମା ଦେଖିଯିବି ବୋଲି ଟଙ୍କା କାହିଁକି ମାଗୁଛ ସ୍ୱପ୍ନରେ ?"

ପ୍ରଶାନ୍ତ ହସିଦେଇ କହିଲା, "ମୋ ପାଇଁ ମୋ ବୋଉ କେତେ ବିକଳ ହେଉଥିଲା ତାହା ଏହି ସ୍ୱପ୍ନରେ ଦେଖୁଛି, ସେଇଥିପାଇଁ ଏଇ ସ୍ୱପ୍ନ ଟା ହିଁ ମୋ ଜୀବନ ହେଇ ଯାଇଛି ।"

ବୀମାନଗର, ଦ୍ୱିତୀୟ ଗଳି

ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୭୦୦୮୫୬୭୦୮୫

Download Magazine from www.aahwaan.com

# ଜୀବନର ମୋଡ଼



ସୁବଳ ମହାପାତ୍ର

ଆଗରେ ବିଶାଳକାୟ ନଈ, ପାଣି ଗୁଡିକ କୁଳୁକୁଳୁ ନାଦ କରି ବହି ଯାଉଥାନ୍ତି । ସାମ୍ନାରେ ପାହାଡ, କେତେ ବୃକ୍ଷ ଲତା, ଜଣେ ଅନ୍ୟ ଜଣଙ୍କୁ ଅନେଇ ଠିଆ ହୋଇଥାନ୍ତି । ମଝିରେ ମଝିରେ ବାଦୁଡ଼ି ସବୁ ଉଡି ବୁଲୁଥାନ୍ତି, କିନ୍ତୁ ପ୍ରଶାନ୍ତ କୁ ଲାଗୁଥାଏ ଯେମିତି ସମସ୍ତେ ତାକୁ ଖତେଇ ହେଉଛନ୍ତି । ସେ ବେକାର ବୋଲି.. ନା ନା .... ଶିକ୍ଷିତ ବେକାର ବୋଲି ସମସ୍ତେ ତାକୁ ହୀନ ଦୃଷ୍ଟି ରେ ଦେଖୁଛନ୍ତି, କାହାର ବି ସ୍ନେହ ନାହିଁ ତା ପ୍ରତି, କାହାର ବି ଆଦର ନାହିଁ ତା ପ୍ରତି, ଅନ୍ୟ ମାନଙ୍କ କଥା ଛାଡ..  ଘରେ ବାପା ବୋଉ ଆଉ ଭଉଣୀ ବି କଡା କଥା କହିବା ପୂର୍ବରୁ ତିଳେ ଭାବୁ ନାହାନ୍ତି ଯେ.. ମୋ ମନ ର ଅବସ୍ଥା କଣ ? ମୁଁ କେମିତି ବଞ୍ଚିଛି ? ମୋତେ କଣ ଭଲ ଲାଗୁଛି ସବୁବେଳେ ପଇସା ପାଇଁ ବୋଉ ଆଗରେ ହାତ ପତେଇବାକୁ ? ଯେଉଁ ବୟସ ରେ ସାଙ୍ଗ ସାଥି ସବୁ ଚାକିରୀ କରି, ବାହାହୋଇ , କାର କିଣି ସ୍ତ୍ରୀ ପିଲା ଛୁଆଙ୍କୁ ଧରି ଲଙ୍ଗ ଡ୍ରାଇଭ ରେ ଯାଉଛନ୍ତି ସେଠି ସବୁଦିନ ସାଇକେଲ ଖଣ୍ଡେ ଧରି ଗାଁ ଛକ ବାବୁଲା ଦୋକାନ ଆଗରେ ଠିଆ ହେବା ଟା କ'ଣ ମୋତେ ଭଲ ଲାଗୁଛି ? ଆଉ କିଛି ରାସ୍ତା ନାହିଁ, ମରି ଯିବାଟା ସବୁଠୁ ଭଲ । କେହି କହିବାକୁ ନଥିବେ କି କେହି ଶୁଣିବାକୁ ନଥିବେ । ଏ ଜୀବନରେ ଦହଗଞ୍ଜ ହୋଇ ବଞ୍ଚିବା ଅପେକ୍ଷା ମରିଯିବା ଶତ ଗୁଣ ରେ ଶ୍ରେୟସ୍କର । କାହିଁକି ଏ ହୀନ ଜୀବନ ଧରି ପଡି ରହିବ ମଣିଷ ? ଇଞ୍ଜିନିଅରିଂ ପାସ କରିବାର ୫ ବର୍ଷ ହୋଇଗଲା କିନ୍ତୁ ଏବେ ଯାଏ ଚାକିରୀ ଖଣ୍ଡେ ମିଳିଲାନି, ମୁଁ ତ ଭଲ ପଢୁଥିଲି, କିନ୍ତୁ କାହିଁକି ମିଳୁନି ଚାକିରୀ ? ହଁ, ଲାଞ୍ଚ ଦେବାର କ୍ଷମତା ବାପାଙ୍କର ନାହିଁ, ନେତା ମନ୍ତ୍ରୀ କେହି ଚିହ୍ନା

 Download Magazine from www.aahwaan.com

ନାହାନ୍ତି, ଫେକ ସିଭି ତିଆରି କରି ଅନ୍ୟକୁ ଠକି ଚାକିରୀ କରି ପାରିବନି... ତେବେ ଚାକିରୀ ମିଳିବ କେଉଁଠି ? ହୁଁ...

ଦୀର୍ଘ ନିଶ୍ୱାସ ଟିଏ ଛାଡି ସେ କହି ଉଠିଲା ... "ଛାଡ...."

ମରିବା ପୂର୍ବରୁ ସବୁ ଆଡକୁ ଆଉ ଥରେ ଚାହିଁଲା ସେ.... ଗଛ, ପତ୍ର, ଜଙ୍ଗଲୀ ରାସ୍ତା, ମାଟି ଗୋଡି , ସବୁ କୁ ଥରେ ଥରେ ଛୁଇଁଗଲା ସେ... ଏବେ ହେବ କଣ ? ତା ପୁରୁଣା ପ୍ରେମିକା ଲତା, ଆଉ ସାଙ୍ଗ ସୁଶ୍ରୀ ଓ ରମଣ ତାକୁ ଖୋଜି ଖୋଜି ଆସିବେ ଆଉ ପାଇବେନି । ଘରକୁ ଫେରି ଘର ଲୋକଙ୍କୁ ତା' ହଜିବା ଖବର ଜଣେଇ ଦେବେ । ପୋଲିସ ରେ ଦିଆଯିବ ତା ନିଖୋଜ ଖବର.. ଆଉ ? ଯଦି ତା ଲାସ ନ ମିଳିଲା ତ ସେ ହେଇଯିବ ସବୁଦିନ ପାଇଁ ନିଖୋଜ..ହା.. ହା... ନିଖୋଜ ପ୍ରଶାନ୍ତ ....

ଆଉ ଯଦି ଲାସ ମିଳିଯାଏ ତେବେ ? ପୋଲିସ ତା ଲାସ କୁ ଚିହ୍ନଟ କରିବାକୁ ତା ବାପା ବୋଉ ଙ୍କୁ ଡ଼ାକିବ । ସେମାନେ କ'ଣ କରିବେ ଲାସ କୁ ଦେଖି ? କାନ୍ଦିବେ ? କେଜାଣି ? ଖୁସିହେବେ ? ଯାହା ହଉ ଗୋଟେ କୁଳାଙ୍ଗାର ଏ ପୃଥିବୀ ରୁ କମ ହୋଇ ଗଲା ...

ବୋଉ ତ ନିଶ୍ଚିତ ଭାବରେ ମନଦୁଃଖ କରିବେ ଆଉ ବାପା ?... ବାପାଙ୍କ କଥା ଭାବୁ ଭାବୁ ଅଜାଣତରେ ତା' ହାତ ବାମ ଗାଲ ଉପରକୁ ଚାଲିଗଲା...

ବାପାଙ୍କୁ ପ୍ରବଳ ଡର ତା' ର... ବାପାଙ୍କ ଚଟକଣୀ ଆଜିବି ମନେ ଅଛି ତା' ର...ଏ ୨୭ ବର୍ଷ ବୟସ ରେ ମାତ୍ର ଦୁଇଥର ଚଟକଣୀ ଖାଇଥିଲା ବାପାଙ୍କ ପାଖରୁ ...

ଥରେ ତୃତୀୟ ଚତୁର୍ଥ ରେ ପଢିଲା ବେଳେ ସନ୍ଧ୍ୟା ରେ ସାହିତ୍ୟ ବହିଟି ଧରି ଢୁଳାଉ ଢୁଳାଉ ବାପା ପଚାରିଦେଲେ ଏକ ପ୍ରଶ୍ନ ସାହିତ୍ୟ ବହି ରୁ..ଆଚ୍ଛା କହିଲୁ, " ଶୀତରେ ପୌଷ

 Download Magazine from www.aahwaan.com

ମାଘ ମାସ, ଦେହରେ ରଖ ଶୀତବାସ... ଏହାର ଅର୍ଥ କଣ ?" ହଡ଼ବଡ଼େଇ ଯାଇ ସେ ଉତ୍ତର ଦେଇଥିଲା, "ପୌଷ ଓ ମାଘ ଦୁଇମାସ ଶୀତ ହୁଏ, ଏହି ଦୁଇ ମାସକୁ ଶୀତ ଋତୁ ବୋଲି କୁହନ୍ତି । ଦେହରେ ରଖ ଶୀତବାସ...ମାନେ ଦେହରେ ଶୀତକୁ ବାସ କରିବାକୁ ଦିଅ ।".... ଠୋ... ସଟାକ କରି ଚଟକଣୀ ଟିଏ ବସିଲା ତା ବାଁ ଗାଲ ରେ ଆଉ ପାଞ୍ଚ ଆଙ୍ଗୁଳି ବସିଗଲା ଗାଲ ରେ...

ଆଉ ଥରେ ନବମ ଶ୍ରେଣୀ ପଢିଲା ବେଳେ ତାକୁ ସଂସ୍କୃତ ରୁ ଧାଡ଼ିଏ ପଚାରି ଥିଲେ । ସଂସ୍କୃତ ପାଠ କୁ ତା'ର ପ୍ରାଣେ ଭୟ, ସଂସ୍କୃତ ର ଶବ୍ଦରୁପ, ଧାତୁରୁପ ଜମା ହୁଏନି ତା'ର, ସେଥିପାଇଁ ସେ ସଂସ୍କୃତ ନେବାପାଇଁ ଚାହୁଁ ନଥିଲା । କିନ୍ତୁ ସଂସ୍କୃତ ରେ ବେଶୀ ମାର୍କ ଆସେ ବୋଲି ସାର ଙ୍କ ସହ ସବୁ ସାଙ୍ଗ ମାନେ ବି କହିଥିଲେ । ବାପା ପଚାରିଥିଲେ "ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ ଦୁଃଖ ଭାଗ ଭଜ୍ଞେତ" ର ଅର୍ଥ । ସେ ବି ବଡ ଦୃଢ଼ତା ର ସହ ଉତ୍ତର ଦେଇଥିଲା, " ସମସ୍ତେ ସୁଖ ରେ ରୁହନ୍ତୁ, ସମସ୍ତେ ମାୟା ମୋହ ଠାରୁ ଦୁରେଇ ରୁହନ୍ତୁ ବା ସମସ୍ତେ ନିରାଡ଼ମ୍ବର ଜୀବନ ଯାପନ କରନ୍ତୁ, ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମାନେ ସମସ୍ତେ ଭଦ୍ର ଲୋକଙ୍କ ଘରେ ପଶି ଯାଆନ୍ତୁ, ମା କଶ୍ଚିତ... କହୁ କହୁ ଆଉ ଥରେ ଠୋ... କରି ଚଟକଣୀ ଟିଏ ବାଜିଥିଲା ଗାଲରେ ଆଉ ତାର ମନେ ପଡିଯାଇଥିଲା, " ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମାନେ ସମସ୍ତେ ଭଦ୍ର ଲୋକଙ୍କ ଘରେ ପଶି ଯାଆନ୍ତୁ" ଏହି ବାକ୍ୟ ଟି ସେ ସାଙ୍ଗ ମାନଙ୍କ ଠାରୁ ଟାହି ଟାପରା ବେଳେ ଶୁଣିଥିଲା ....

ସେଦିନୁ.. "ବାପା" କହିଲେ (ବାପା ଙ୍କ ନାଁ ଶୁଣିଲେ) ତା'ର ପେଣ୍ଟ ଓଦା ହେବା ଅବସ୍ଥା...

ଆଉ ଆଜି ? ତିନିଜଣ ସାଙ୍ଗ ଠିକ କରିଥିଲେ ସିନେମା ଦେଖିଯିବା ଲାଗି । ହେଲେ ତା

 Download Magazine from www.aahwaan.com

ପାଖରେ ପଇସା କାହିଁ ? ବୋଉଙ୍କୁ କହିଥିଲା ଆଗରୁ ପଇସା ପାଇଁ । ବୋଉ କିନ୍ତୁ ଅଳ୍ପ କିଛି ପଇସା ଦେଲେ । "ବୋଉ ମୁଁ ସିନେମା ଦେଖିବାକୁ ଯିବି ପରା ? ଏତିକି ଟଙ୍କା ରେ କଣ ହେବ ?" ପ୍ରଶାନ୍ତ ଅଭିଯୋଗ କରି କହିଲା । " ଟିକେଟ ଦାମ କେତେ ଜାଣିଛୁ ନା ? ଆଉ ସାଙ୍ଗମାନେ ଥିବେ, ମୁଁ ଏତେ କମ ଟଙ୍କା ଧରି କେମିତି ଯିବି କହିଲୁ ? ମୋର ମାନ ସମ୍ମାନ ବୋଲି କିଛି ଅଛି ନା ନାହିଁ? ଖାଇବା ଟେବୁଲ ଉପରେ ବସିଥିବା ବେଳେ ବୋଉ ଯାହା ଦେଇଥିଲେ ସେତକ ନେଇ ନିରବ ହୋଇଗଲା ପରେ ପୁଣି କହିଲା , "ବୋଉ, ମୋର ଟାଇମ ହେଇ ଗଲାଣି ଟଙ୍କା ଦେ ।"

ରୋଷେଇ ଘରୁ ବୋଉ କହିଲେ , " ମୋ ପାଖରେ କିଛି ନାହିଁ, ତୁ ବାପାଙ୍କୁ ମାଗି ନେଇଯା ।"

ପ୍ରଶାନ୍ତ ବିରକ୍ତ ହୋଇ ଗରଗର ହେଉଥିଲା ବେଳେ ଘର ଭିତରକୁ ପଶି ଆସୁଥିବା ବାପାଙ୍କ ପାଦ ଧ୍ୱନି ଶୁଣି ନିରବ ହୋଇଗଲା । ବାପାଙ୍କ ଆଗରେ ତ ଚଞ୍ଚୁ ଖୋଲିବନି ଅଗତ୍ୟା ସେତକ ପକେଟ ରେ ଭର୍ତି କରି ସାଇକେଲ ଟି ଧରି ସେ ବାହାରି ଗଲା ଛକ କୁ । ଏତିକି ପଇସା ରେ କଣ ହେବ ? ସେ ଆଜି ତିନିଜଣଙ୍କ ପାଇଁ ଟିକେଟ କରିବାକୁ କହିଥିଲା । ସୁଶ୍ରୀ ଓ ରମଣ, ସେମାନେ ଆସିଲେ ପଇସା ଦେବେ କିନ୍ତୁ ଏବେ ତ ଟିକେଟ କରିବାକୁ ପଡିବ । ରମଣ ଚଳିବ, କିନ୍ତୁ ସୁଶ୍ରୀ ଆଗରେ ହିନସ୍ତା ହେବାକୁ ସେ ଚାହୁଁ ନଥିଲା । ଦିନ ୨ ଟା ହେଲାଣି.. ୩ ଟା ରୁ ସୋ ଆରମ୍ଭ । ଛକରେ ଦୋକାନ ଗୁଡିକ ବି ବନ୍ଦ । ନହେଲେ ଅବା କାହାଠୁ ଧାର ଆଣି ଚଳେଇ ଦେଇଥାନ୍ତା । କଣ କରିବ ବୁଦ୍ଧି ଦିଶୁ ନଥିଲା । ବାଧ୍ୟ ହୋଇ ରମଣ କୁ ଫୋନ କରି ଡାକିଲା ସେ, ଆଉ ତା'ଠୁ ତିରସ୍କାର ଭରା ଭାଷଣ ଗୁଡିଏ ଶୁଣି ତା ଠୁ ପଇସା ନେଇ, ମନ ଦୁଃଖରେ ତିନୋଟି ଟିକେଟ ଆଣିଲା ବେଳେ ରମଣ କହିଲା ଆଉ

 Download Magazine from www.aahwaan.com

ଗୋଟେ ଆଣେ, ମୋର ଜଣେ ସାଙ୍ଗ ଆସିବାର ଅଛି ।

କିଛି ସମୟ ପରେ ହଠାତ ସୁଶ୍ରୀ ସହ ଲତା କୁ ଦେଖି ସେ ଚମକି ପଡିଥିଲା । ଲତା ତା'ର ପୁରୁଣା ପ୍ରେମିକା । ଇଞ୍ଜିନିଅରିଂ ସମୟ ରେ ଦୁଇଜଣ ଦୁଇଜଣଙ୍କ ସହ ଏତେ ମିଶି ଯାଇଥିଲେ ଯେ ଜଣେ ଅନ୍ୟ ଜଣଙ୍କ ବିନା ରହିବା ମୁସ୍କିଲ ଥିଲା କିନ୍ତୁ ଇଞ୍ଜିନିଅରିଂ ପରେ ଲତା ତା ବାପାଙ୍କ ସାଙ୍ଗ ର କମ୍ପାନୀ ରେ ଚାକିରୀ ପାଇଗଲା ବାଙ୍ଗାଲୋର ରେ ଆଉ ସେ ରହିଗଲା ଗୋଟେ ଶିକ୍ଷିତ ବେକାର ହୋଇ । ଏବେ ଲତା ତାର ଏକ୍ସ....ନିଜେ ହିଁ ସମ୍ପର୍କ ରଖିନି ଲତା ସହ । କେଉଁ ମୁହଁ ରେ ରଖିଥାନ୍ତା ? ନା ଚାକିରୀ ଅଛି ନା ପଇସା ? କାଲି ସକାଳୁ ଲତା ର ବାପା ତା ପାଇଁ ପ୍ରସ୍ତାବ ଖୋଜିବେ, ସେତେବେଳେ ଲତା କୁ ସେ ନା ବାହା ହେଇ ପାରିବ ନା ଆଉ କାହାକୁ ବାହା ହେବାକୁ କହି ପାରିବ । ସେଥିପାଇଁ ଦୁରେଇ ଯାଇଛି ନିଜେ ନିଜେ....

ଟିକେଟ ଆଣିଲା ବେଳକୁ ରମଣ ଠାରୁ ତିରସ୍କାର ଶୁଣି ସହି ଯାଇଥିଲା କିନ୍ତୁ ଲତା ଆସିଲା ପରେ ତା ଶାଣଦିଆ କଥାଗୁଡ଼ିକ ଶୁଣି ଆଉ ଧୈର୍ଯ୍ୟ ଧରି ରହି ପାରି ନଥିଲା । ଏମାନେ କାହିଁକି ଆସନ୍ତି କେଜାଣି । ବାହାରେ ଚାକିରୀ କରି ପାଞ୍ଚ ଅଙ୍କରେ ଦରମା ପାଇ ଏମାନେ ଦେଖେଇହୁଅନ୍ତି ଜଣେ ଜଣେ ଦୟାଵାନ ବ୍ୟକ୍ତି ଆମ ପରି ଟଙ୍କାଟେ ରୋଜଗାର ନ ଥିବା ଜଣେ ଶିକ୍ଷିତ ବେକାର ପାଖରେ । ଏଇ ପାଞ୍ଚ ବର୍ଷ ଭିତରେ ସେ ଚାହିଁଛି କିଛି ବ୍ୟବସାୟ କରିବାକୁ ହେଲେ ନାଁ ଅଛି ପଇସା, ନା ସାହାର୍ଯ୍ୟ କରିବାକୁ କେହି । ଚାକିରୀ ପଛରେ ଧାଇଁ ଧାଇଁ ସେ ହାଲିଆ ଏବେ । ସାଙ୍ଗ, ସାଥି, ବନ୍ଧୁ, ବାନ୍ଧବ, ସାହି, ପଡିଶା, ଶେଷରେ ନିଜ ବାପା ବୋଉ ଓ ଭଉଣୀ ଠୁ ଶୁଣି ଶୁଣି ସେ ଏବେ ଜଣେ ନିର୍ଜୀବ । ନା ଅଛି ଜୀବନ, ନା ଅଛି ଆଉ କିଛି ସହିବାର ଶକ୍ତି । ମନ ଭିତରୁ ଭାବ ସବୁ ମରି ହଜି ଗଲେଣି ।

Download Magazine from www.aahwaan.com

ବଞ୍ଚିବାର ସ୍ପୃହା ବି ଆଉ ନାହିଁ । ହୃଦୟ କଥା ପଚାରେ କିଏ....

ସିନେମା ଟି ଦେଖିଲା ପରେ ସେମାନେ ତିନିଜଣ ମିଶି ଆଗରୁ ପ୍ଲାନ କରିଥିବା ଅନୁସାରେ ଆଜି ସନ୍ଧ୍ୟା ରେ one night in jungle ପ୍ୟାକେଜ ଟୁର ରେ ଯିବାର ଥିଲା । କିନ୍ତୁ ଏସବୁ ସେମାନେ ଜଣେଇ ନଥିଲେ ପ୍ରଶାନ୍ତ କୁ । ଆଉ ସିନେମା ଦେଖା ସରୁ ସରୁ ରମଣ ଫୋନ କରି କହିଦେଲା ପ୍ରଶାନ୍ତ ର ଘରେ, " ମାଉସୀ, ଆଜି ଆମେ ଭୋଜି କରୁଛୁ । ପ୍ରଶାନ୍ତ ଆଜି ମୋ ପାଖରେ ରହିବ, କାଲି ଫେରିବ ଘରକୁ " । ସେପଟରୁ କଣ ଉତ୍ତର ଆସିଲା ଜଣାନାହିଁ କିନ୍ତୁ ପ୍ରଶାନ୍ତ ର ଅନିଚ୍ଛା ସତ୍ତ୍ୱେ ବହୁ ବାଧ୍ୟ ବାଧକତା ପରେ ଚାରିଜଣ ଯାକ ବାହାରି ଆସିଲେ । ଆସିଲା ପରେ ଜାଣିବାକୁ ଚାହିଁଲା ଯେ ସବୁ ପଇସା ଲତା ତା ଦରମା ରୁ ଖର୍ଚ୍ଚ କରୁଛି । ଜଣକା ୫୫୦୦ ଟଙ୍କା, ରାତି ରହିବେ କ୍ୟାମ୍ପ ରେ ଟେଣ୍ଟ ତଳେ, କ୍ୟାମ୍ପ ଫାୟାର, ଖାଇବା, ପିଇବା, ରହିବା, ସକାଳ ଜଳଖିଆ ଓ ଯିବା ଆସିବା ସବୁ ଅନ୍ତର୍ଭୁକ୍ତ । ଯେତେ ଯାହା ହେଲେ ବି ପ୍ରଶାନ୍ତ ଜମାରୁ ବି enjoy କରିପାରୁ ନଥିଲା । ଆଉ କ୍ୟାମ୍ପ ଫାୟାର ରେ, ପେଟରେ ଦୁଇ ପେଗ (ମଦ) ପଡିଗଲା ପରେ ହସ, କାନ୍ଦ, ଚିନ୍ତା ଓ ଖୁନ୍ଦି ହୋଇଥିବା ଭାବନା ଗୁଡିକ ଧକେଇ ହୋଇ ବାହାରି ଆସୁଥିଲେ । ମୁଣ୍ଡ ତା'ର ଜାମ ହୋଇଯାଉଥିଲା । ଦୁନିଆଁ ଯାକର ନେଗେଟିଭ ଚିନ୍ତା ସବୁ ମୁଣ୍ଡ ଭିତରେ ଗୋଳେଇ ଘାଣ୍ଟି ହେବାପରେ ସେ ନିଶ୍ଚିତ କରିଥିଲା ଆଜି ହିଁ ଆତ୍ମହତ୍ୟା କରିବ.... ଏଇଠି... ଆଉ କିଛି ଦେଖା ଯାଉନଥିଲା ତାକୁ । ପରିସ୍ରା ଯିବା ବାହାନା ରେ ସେ ଚାଲି ଆସିଲା ରିସୋଟ ପାଖରେ ଥିବା ନଦୀକୁ ଡେଇଁବା ପାଇଁ ।

ହେଃ... ମରିବ ତ ମରିବ... କିଏ କଣ ଭାବିବ କାହିଁକି ଚିନ୍ତା କରିବ ? ସେମାନେ ମୋ ବିଷୟ ରେ କଣ ଚିନ୍ତା କରୁଛନ୍ତି କି ? ଶଳା ଜୀବନ .. ଫୁଦ୍‌ଃ.... ଗୋଟେ ମିନିଟ ରେ ଶେଷ ।

Download Magazine from www.aahwaan.com

ପ୍ରଳାପ କରି ଜୋର ଜୋର ରେ ସେ ହସିବାକୁ ଲାଗିଲା .... ହାଃ...ହାଃ... ହାଃ...ହାଃ...

ଓ....ବାବୁ... ସିଆଡେ ସମସ୍ତେ ଖାଇବାକୁ ଡାକୁଛନ୍ତି ଯା ଖାଇବ.. ୧୧.୩୦ ରେ କିଚେନ ବନ୍ଦ, ତା ପରେ ଆଉ ଖାଇବାକୁ ମିଳିବନି । ଚମକି ପଡି ସେ କଥା ଆସୁଥିବା ଆଡକୁ ଚାହିଁଲା । ପିଲାଟିଏ, ବୟସ ୨୦ ଭିତରେ ହେବ । ରିସୋଟ ରେ କାମ କରୁଛି ବୋଧେ, ଗୋଟେ ଗୋଡ ଛୋଟା, ଛୋଟେଇ ଛୋଟେଇ ନଦୀ ଆଡକୁ ଯାଉ ଯାଉ ପିଲାଟି କହି କହି ଯାଉଥିଲା । ହଠାତ ଆତ୍ମହତ୍ୟା କଥାଟା ତା ମୁଣ୍ଡରୁ ଓହରି ଯାଇ ଅନ୍ୟ ଆଡେ ପଳେଇଲା.... ଛୋଟା ହେଇ ଚାକିରୀ କରିଛି ଆଉ ମୁଁ ? ଶିକ୍ଷିତ ବେକାର... ନା, ଯାଉଛି କୁଆଡେ ପଳେଇବି କିଛି ନହେଲେ କେଉଁଠି ମାଳି ହୋଇ କି ହୋଟେଲ ରେ ରହିବି । ଏମାନେ ଶଳା କିଛି ନ ଦେଇ ଜଣଙ୍କ ପାଇଁ ୫୫୦୦ ଟଙ୍କା ନେଉଛନ୍ତି, କେତେ ଖର୍ଚ୍ଚ ହେଉଥିବ ଏମିତି ? ଯିବା ଆସିବା ଖର୍ଚ୍ଚ ଜଣଙ୍କ ପିଛା ପଚାଶ ଟଙ୍କା କି ଶହେ ଟଙ୍କା, ଜଙ୍ଗଲ ରୁ କାଠ ମାଗଣା, ଖାଇବା ଜଣଙ୍କ ପିଛା ଶହେ କି ଦୁଇଶହ ଅତି ବେଶୀ ହେଲେ ତିନିଶହ । ପିଇବା ଖର୍ଚ୍ଚ ଚାରିଶହ କି ପାଞ୍ଚଶହ ଅତି ବେଶୀ ରେ, ଶୋଇବା ତ ଟେଣ୍ଟ ରେ ଥରେ କିଣିଲେ ଜୀବନ ଯାକ ଚାଲିବ । ୟେ ତ ଫୋଲଡିଂ ଟେଣ୍ଟ । ହଜାରେ ଟଙ୍କା ଭିତରେ ଆସିଯିବ, ଯୁଆଡେ ଚାହିଁବ ନେଇ ପାରିବ । ସେଥିଲାଗି ଜଣକା ୫୫୦୦ ? ଖର୍ଚ୍ଚ ଅତି ବେଶୀ ହେଲେ ଟଙ୍କା ହଜାରେ ଭିତରେ । ବାକି ପଇସା ? ? ତା ମୁଣ୍ଡରେ କିଛି ଢୁକିଲା ପରିକା ଆଖି ଦୁଇଟି ବଡ ହୋଇ ଆସିଲେ ।

ଏତିକି ଭିତରେ ରିସୋଟ ର ପିଲାଟି ଫେରିଯାଇଥାଏ ଓ ପିଲା ଠାରୁ ଖବର ପାଇ ପ୍ରଶାନ୍ତ କୁ ଖୋଜି ଖୋଜି ଲତା, ସୁଶ୍ରୀ ଓ ରମଣ ଆସିଯାଇଥିଲେ ତା ପାଖକୁ । ଲତା ର ଇସାରା ରେ ସୁଶ୍ରୀ ଓ ରମଣ ପୁଣି ଫେରିଗଲେ । ପ୍ରଶାନ୍ତ, କାନ୍ଧରେ କାହା ହାତର ସ୍ପର୍ଶ ପାଇ

Download Magazine from www.aahwaan.com

ଫେରିଲା ଭାବନା ରୁ ନିଜସ୍ୱ ଜୀବନ କୁ ....

– କଣ କରୁଛ ଏଠି ?

– କିଛି ନାହିଁ ।

– ଏକୁଟିଆ ଅନ୍ଧାର ରେ ବସିବାକୁ କଣ ଆମ ସାଙ୍ଗରେ ଆସିଥିଲ ?

– ନା, ମରିବାକୁ ଆସିଥିଲି ।

– (ରାଗରେ) ତେବେ ?

– ଏ ହାତର ସ୍ପର୍ଶ ପୁଣି ଥରେ ଜୀବନ ଫେରେଇ ଦେଲା । (ପୁଅ ମାନେ ସବୁ ବେଳେ ସେମିତି :-P)

– କିଛି କହିବି ? (ନିଆଁ ରେ ପାଣି ପଡିବା ପରି ଲତା ଥଣ୍ଡା ହୋଇ ଯାଇଥିଲା)

– କୁହ ! !

– ମୋ ପାଖରେ କିଛି ପଇସା ଅଛି । ତାକୁ ନେଇ ଯଦି କିଛି ବ୍ୟବସାୟ ଆରମ୍ଭ କରିପାରିବ...

– ଥାଉ, କାହାର ଦୟା ମୋତେ ଦରକାର ନାହିଁ ।

– ଦୟା କରୁନି.. ସବୁ ସୁଧ ମୂଳ ସହ ଆଦାୟ କରିବି ତୁମକୁ ବାହାହୋଇ । (ଅନ୍ଧାର ରେ ଲତା ର ମୁହଁଟା ଆହୁରି ଉଜ୍ଜ୍ୱଳ ଦେଖାଗଲା ପ୍ରଶାନ୍ତ କୁ )

ଲତା କହିଚାଲିଥାଏ, " ବାପାଙ୍କ ପଇସା ଦେଇଥିଲେ ସେଟା ଯୌତୁକ କିମ୍ବା ଦୟା ହୋଇଥାନ୍ତା । ବାଙ୍ଗାଲୋର ରେ ରହି ମଧ୍ୟ ମୁଁ ଗୋଟିଏ ଗୋଟିଏ ଟଙ୍କା ସଂଚୟ କରେ, ଆମ ପାଇଁ । ତମେ ତ, ମୋ ଫୋନ ରିସିଭ କରିବା ବନ୍ଦ କରିଦେଲ ହେଲେ ମୁଁ ରଖୁଛି ତମ ଖବର, ସବୁବେଳେ । ଆଜି ବି ମୁଁ ତୁମକୁ ଭଲପାଏ ଜଣେ ଅଂଧୁଣି ଭାବେ । ହେଲେ ... "

ଲତା କୁ ଆଉ କିଛି କହିବାକୁ ନ ଦେଇ କୁଣ୍ଢେଇ ପକେଇଲା ପ୍ରଶାନ୍ତ ।

 Download Magazine from www.aahwaan.com

ଏବେ ସେମାନେ ଫେରୁଥିଲେ ରିସୋଟ କୁ ।

କିଛି ବର୍ଷ ପରେ....

ଆଜି ପ୍ରଶାନ୍ତ ଓ ଲତା ର ଦଶମ ବିବାହ ବାର୍ଷିକୀ । ସେଥିପାଇଁ ସେମାନେ ବାଛିଥିଲେ ଏଇ ରିସୋଟ କୁ । ବାପା ବୋଉ, ତାଙ୍କ ରୁମ ରେ ଶୋଇ ସାରିଲେଣି । ପୁଅ ଝିଅ ଦି ଜଣଙ୍କୁ ରିସୋଟ ରେ ଶୁଆଇ ଦେଇ ପ୍ରଶାନ୍ତ ଓ ଲତା ବସିଥିଲେ ଠିକ ସେଇ ଜାଗାରେ ଓ ମନେ ପକାଉଥିଲେ ସେଦିନ ର ଘଟଣା କୁ .... ରିସୋଟ ରୁ ଘରକୁ ଫେରିଲା ପରେ ପ୍ରଶାନ୍ତ ଆରମ୍ଭ କରିଥିଲା ଖୋଜିବା, ତା ପରି ଶିକ୍ଷିତ ବେକାର ଥିବା ପିଲା ମାନଙ୍କୁ । କିଛି ପିଲାଙ୍କୁ ଏକାଠି କରି ଆରମ୍ଭ କରିଥିଲା adventurous camp । ଲତା ର କିଛି ପଇସା କୁ ପୁଞ୍ଜି କରି ସେ ଆଗେଇ ଯାଇଥିଲା । ସହର ର ବିରକ୍ତି ଭରା ଜୀବନ ରୁ ଲୋକ ମାନଙ୍କୁ ସେ ନେଇଯାଏ ଜଙ୍ଗଲ ର ଏକ କୋଣ କୁ ଯେଉଁଠି ପୂର୍ବରୁ ପ୍ରସ୍ତୁତ ଥାଏ ଗୋଟେ ଛୋଟ ଘର ଆଉ କିଛି ଲୋକ । ରହିବା, ଖାଇବା ପରି ନିମ୍ନତମ ଆବଶ୍ୟକତା ର ସୁବିଧା ସୁଯୋଗ ଦେଇ, ମୋବାଇଲ ରୁ ଦୂର, ବିରକ୍ତି ଭରା ଜୀବନ ରୁ ଦୂର ଓ ପ୍ରକୃତି ର କୋଳ ରେ ଲୋକ ମାନେ କେମିତି ଶାନ୍ତି ରେ ରହିବେ ସେସବୁ ସୁବିଧା ଦେଇ ଏକ ଆଶ୍ଚର୍ଯ୍ୟଜନକ ଅନୁଭବ ଟିଏ ଦିଏ ସେମାନଙ୍କୁ । ପ୍ରକୃତି କୋଳ ରେ, ଖୋଲା ଆକାଶ ତଳେ, ତାରା ମେଳରେ, ଫୋଲଡିଂ ଟେଣ୍ଟ ରେ ଶୋଇ ଲୋକମାନେ ପାଆନ୍ତି ଏକ ଅଦ୍ଭୁତ ଅନୁଭବ । ଏହାକୁ ପସନ୍ଦ କରିଛନ୍ତି ହଜାର ହଜାର ଲୋକ । ଅଳ୍ପ ପଇସା ରେ ଏପରି ସେବା ଓ ଅନୁଭବ ପ୍ରାୟ କେହି ଦିଅନ୍ତି ନାହିଁ, ସେଥିପାଇଁ ପ୍ରାୟ ସବୁ ବର୍ଗ ର ଲୋକ, ଛାତ୍ର, କଲେଜ ପିଲା ଓ ବୁଢା ବୁଢ଼ୀ ବି ପସନ୍ଦ କରନ୍ତି । ସବୁ ବୟସ ର ଲୋକଙ୍କ ପାଇଁ ସେମାନଙ୍କୁ ସୁହାଇଲା ପରି ବ୍ୟବସ୍ଥା । ଲୋକଙ୍କ ପାଖରେ ପଇସା ଅଛି, କିନ୍ତୁ ଜଣେ ଆଉ ଜଣଙ୍କୁ ଦେବା ପାଇଁ ସମୟ ଟିକେ ନାହିଁ । ଘରେ ବାପା, ମା,

Download Magazine from www.aahwaan.com

ପୁଅ, ଝିଅ ଚାରିଜଣ କିନ୍ତୁ ଚାଟ କରନ୍ତି whatsapp ରେ ଲାଇକ କରନ୍ତି facebook ରେ ଓ କଥା ହୁଅନ୍ତି jio ଫୋନ ରେ । ଏଠି ନା ମିଳେ ମୋବାଇଲ ର ଟାୱାର ନା ମିଳେ ଇଣ୍ଟରନେଟ । ସେଥିଲାଗି ଏ ବ୍ୟବସାୟ ଆରମ୍ଭ କରିବାର କିଛି ବର୍ଷ ଭିତରେ ସେ ହୋଇ ପାରିଛି ଏକ ଧନୀ ବ୍ୟକ୍ତି । ତା ପରି ଶିକ୍ଷିତ ବେକାର ମାନଙ୍କୁ ଭଲ ଦରମା ରେ କାମ ଦେଇ ଅଧସ୍ତନ କର୍ମଚାରୀ ମାନଙ୍କର ମଧ୍ୟ ପ୍ରିୟ ଭାଜନ ହୋଇ ପାରିଛି । ସେଦିନ ତା' ଜୀବନ ରେ ମୋଡ ଆଣିଥିବା ଛୋଟା ଏବେ ତା କ୍ୟାମ୍ପ ର ମ୍ୟାନେଜର ।

ବହୁତ ସମୟ ବସିବା ପରେ ପ୍ରଶାନ୍ତ କହିଲା, "ଆଛା !! ସେଦିନ ତୁମେ ଆସିବା ପୂର୍ବରୁ ଯଦି ମୁଁ ସତରେ ଆତ୍ମହତ୍ୟା କରି ଦେଇଥାନ୍ତି ?" ଲତା ପ୍ରଶାନ୍ତ ର ମୁହଁରେ ହାତ ଦେଇ ତାକୁ କୋଳକୁ ଟାଣିନେଲା ବେଳକୁ ପଛରୁ ଶୁଭିଲା , "ଓ....ବାବୁ... ଯା ଖାଇବ.. ୧୧.୩୦ ରେ କିଚେନ ବନ୍ଦ, ତା ପରେ ଆଉ ଖାଇବାକୁ ମିଳିବନି । "

ପ୍ରଶାନ୍ତ ଓ ଲତା, ତା' ଆଡେ ଚାହିଁ ଦେଇ, ହସିଦେଲେ ....

ଲତା, ପ୍ରଶାନ୍ତ କୁ ଆଉ ଟିକେ ଭିଡି ଧରି କୋଳକୁ ଆଉଜେଇ ନେଉଥିଲା....

ଏମାନଙ୍କୁ ଦେଖି, ଚନ୍ଦ୍ର ବି ଲାଜ କରି ମେଘ ଆଢୁଆଳରେ ଲୁଚି ଯାଉଥିଲେ....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯

ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

Download Magazine from www.aahwaan.com

# ଜାନୁଆରୀ ୨୦୧୮ ମସିହାର ସଂସ୍କରଣରେ ପ୍ରକାଶିତ ଗଳ୍ପସ୍ପର୍ଦ୍ଧାରେ ସଫଳ ହୋଇଥିବା ପ୍ରତିଯୋଗୀ :







ପ୍ରଥମ :

ଶ୍ରୀମତି ବିଜୟିନୀ ପଣ୍ଡା

ଦ୍ୱିତୀୟ :

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ତୃତୀୟ :

ଶ୍ରୀ ସୁବଳ ମହାପାତ୍ର

ଆପଣ ମଧ୍ୟ ଚାହିଁଲେ ଆମର ଏହି ଗଳ୍ପସ୍ପର୍ଦ୍ଧା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ପାରିବେ । ଏଥିପାଇଁ ବିଶେଷ ସୂଚନା ପରବର୍ତ୍ତୀ ପୃଷ୍ଠାରେ ଦିଆଯାଇଛି । ଯଦି ଆପଣ ଆମର ଚଳିତ ସଂସ୍କରଣରେ ଦିଆଯାଇଥିବା ସମସ୍ତ ପ୍ରତିଯୋଗୀଙ୍କ ଗଳ୍ପକୁ ପଢ଼ି ନିଜସ୍ୱ ମତାମତ ଦେବାକୁ ଚାହୁଁଥାନ୍ତି ତେବେ ଆମର ହ୍ୱାଟ୍ସଆପ୍ ନମ୍ବର (୭୦୦୮୫୬୭୦୮୫)ରେ ଯୋଗାଯୋଗ କରି ପାରିବେ ଏବଂ ଆମର ଆହ୍ୱାନ ଇ-ପତ୍ରିକାର ହ୍ୱାଟ୍ସଆପ୍ ଗ୍ରୁପରେ ଯୋଗ ଦେଇ ପାରିବେ । ପ୍ରତ୍ୟେକ ମାସର କୃତୀ ପ୍ରତିଯୋଗୀ ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ଆହ୍ୱାନ ଇ-ପତ୍ରିକା ତରଫରୁ ମାନପତ୍ର ଦ୍ୱାରା ସମ୍ମାନିତ କରାଯିବାର ବ୍ୟବସ୍ଥା ରହିଛି ।

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Download Magazine from www.aahwaan.com

# ମାର୍ଚ୍ଚ ମାସ ପାଇଁ ଗଳ୍ପ ସ୍ପର୍ଦ୍ଧା

ଆହ୍ୱାନରେ ବିଗତ କିଛି ମାସ ହେବ ଆମେ ଆରମ୍ଭ କରିଛୁ ଏକ ନୂତନ ବିଭାଗ । ପତ୍ରିକାରେ ପ୍ରକାଶନ ଯୋଗ୍ୟ କାହାଣୀ ନିବେଦନ କରାଯାଉଛି କିନ୍ତୁ ସେଥିପାଇଁ ଯେଉଁ ଲେଖା ପଠାଇବାକୁ ହୁଏ ତାହାର ସମ୍ୟକ କଥନ ଆମେ ଏଠାରେ ଦେଇଥାଉ ଏବଂ ତାହାକୁ କାହାଣୀରେ ସ୍ଥାନ ଦେଇ ଗୋଟିଏ କାହାଣୀ ସୃଷ୍ଟି କରିବାକୁ କୁହାଯାଏ । ଆପଣ ମଧ୍ୟ ଚାହିଁଲେ ନିମ୍ନରେ ଦିଆଯାଇଥିବା କାହାଣୀର ଅଂଶକୁ ନେଇ ନିଜେ ଗୋଟିଏ ସୁନ୍ଦର କାହାଣୀ ଲେଖି ଆମ ନିକଟକୁ ପଠାଇ ପାରିବେ । ମନେ ରଖନ୍ତୁ ଆପଣଙ୍କ କାହାଣୀରେ ଆମେ ଦେଇଥିବା କାହାଣୀର ଅଂଶ ନିଶ୍ଚୟ ଭାବରେ ରହିଥିବ ।

ଘରକୁ ପଶି ଆସୁଥିବା ବେଳେ ବାଟ ଓଗାଳି ଛିଡ଼ା ହୋଇଗଲା ସ୍ମିତା । ମୁହଁ ଲାଲ ଦେଖାଯାଉଥିଲା । “କୋଉଠି ଥିଲ ଏତେବେଳ ଯାଏଁ ? ଏଇଟା ଘର ନା ଆଉ କିଛି ? ତମର ଯେବେ ଇଚ୍ଛା ହେବ ଆସିବ ଆଉ ଯିବ ? ଆଉ କାହା ପ୍ରତି ତମର କିଛି ଦାୟିତ୍ୱ ଅଛି ବୋଲି ଜାଣିଛ ନା ନାହିଁ ?” ପିନ୍ଧିଥିବା ସାର୍ଟକୁ ଖୋଲିଦେଇ ସ୍ମିତାକୁ ଧକ୍କାଦେଇ ଘର ଭିତରକୁ ପଶିଗଲା ପ୍ରଶାନ୍ତ । ସ୍ମିତା ସେମିତି ବିରକ୍ତ ହେଉଥିବା ବେଳେ କହିଲା, “ମୋତେ ଭୋକ ଲାଗିଲାଣି, ଜଲଦି ଖାଇବାକୁ ବାଢ଼ ।”

ସ୍ମିତା ଅବାକ୍ ହେଇ ଚାହିଁ ରହିଥିଲା । କି ଅଦ୍ଭୁତ ମଣିଷ ଇଏ? ଏତେ ବିରକ୍ତ ହୋଇ ଗାଳି କରିଲେ ବି କିଛି ଫରକ୍ ପଡୁନି ? ନା, ଆଜି ଯାହା ବି ହେଉପଛେ ଏହାର କିଛି ଗୋଟେ ସମାଧାନ କରିବାକୁ ପଡ଼ିବ । ସବୁବେଳେ ଏମିତି ବିଳମ୍ବରେ ଘରକୁ ଆସିବା ଚଳିବ ନାହିଁ । ଆଜି ଖାଇବାକୁ ମିଳିବ ନାହିଁ ବୋଲି ସ୍ମିତା ଘୋଷଣା କରିଦେଲା ।

ମନେ ରଖନ୍ତୁ ଏହି ପାରାଗ୍ରାଫଟି ଆପଣଙ୍କ କାହାଣୀରେ ରହିବା ଅନିବାର୍ଯ୍ୟ । ଆପଣ ଏହାକୁ କାହାଣୀରେ ଯେ କୌଣସି ଭାଗରେ ରଖିପାରିବେ । କାହାଣୀ ଆମ ନିକଟକୁ ୨୦୧୮, ମାର୍ଚ୍ଚ ମାସ ସାତ ତାରିଖ ପୂର୍ବରୁ ପହଞ୍ଚିଯିବା ଆବଶ୍ୟକ । ଆମ ଇମେଲ୍ ଠିକଣା : aahwaan@gmail.com

Download Magazine from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ମାର୍ଚ୍ଚ ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୭ ମାର୍ଚ୍ଚ ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Article for MARCH 2018 Edition: YOURNAME (ନିଜ ନାଁ ଲେଖିବେ)

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com